# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୨୪/୨୦୨୨ (୧୮ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, September 24/2022 Page 18 ₹ 7.00 ★★★★★★

୪୮ଶ ଭାଗ ୩୦୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 48 ISSUE 300 ମୂଲ୍ୟ₹୭/-





## ମହିଳାଙ୍କୁ ୩୬ ଦିନ ଗଣବଳାତ୍କାର

ହରିୟାଣାର ନୁହରେ ଜଣେ ୪୫ ବର୍ଷୀୟା ମହିଳାଙ୍କୁ ଅପରହରଣ ପରେ ୩୬ ଦିନ ଧରି ଗଣବଳାତ୍କାର କରାଯାଇଛି। ଅଭିଯୁକ୍ତମାନେ ଗଣବଳାତ୍କାର ବେଳର ଦୃଶ୍ୟ ମୋବାଇଲରେ ଶୁଟିଂ କରି ପୀଡ଼ିତାଙ୍କୁ ବ୍ଲାକ୍‌ମେଲିଂ କରିଥିଲେ। ପୀଡ଼ିତାଙ୍କ ପରିବାର ଅଭିଯୁକ୍ତଙ୍କୁ ଭିଡିଓ ଡିଲିଟ୍ କରିବା ପାଇଁ ୩ଲକ୍ଷ ଟଙ୍କା ଦେବାପରେ ସେମାନେ ତାଙ୍କୁ ମୁକ୍ତ କରିଛନ୍ତି।



### ସଂକ୍ଷେପରେ

## କର୍ନାଟକରେ ପିଏଫ୍‌ଆଇ ବ୍ୟାନ୍

**ନୂଆଦିଲ୍ଲୀ,୨୩।୯:** ଇସ୍‌ଲାମୀୟ ସଂଗଠନ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ) କର୍ନାଟକରେ ବ୍ୟାନ୍‌ର ସମ୍ମୁଖୀନ ହୋଇଛି। ଗୁରୁବାର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ୧୧ଟି ରାଜ୍ୟରେ ଚଢ଼ାଉ କରି ପିଏଫ୍‌ଆଇ ନେତାଙ୍କ ସମେତ ୧୦୬ ଜଣଙ୍କୁ ଗିରଫ କରିଥିଲା। ଏହି ଚଢ଼ାଉ ବିରୋଧରେ ପିଏଫ୍‌ଆଇ ୧୨ ଘଣ୍ଟିଆ ବନ୍ଦ ଡାକରା ଦେଇଥିବାବେଳେ କେରଳ ହାଇକୋର୍ଟ ନିଜ ଆଡୁ ମାମଲା ଶୁଣାଣି ପାଇଁ ଗ୍ରହଣ କରିଥିଲେ। ବନ୍ଦକୁ ପୂର୍ବରୁ ବେଆଇନ ଘୋଷଣା କରାଯାଇଥିବାରୁ ନିର୍ଦ୍ଦେଶନାମାର ଉଲ୍ଲଂଘନ କରୁଥିବା ପିଏଫ୍‌ଆଇ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୭ ଦିନ ପୂର୍ବରୁ ନୋଟିସ ନ ଦେଇ ରାଜ୍ୟରେ ପ୍ରତିବାଦ ବନ୍ଦ ଡାକରା ଦିଆଯାଇପାରିବ ନାହିଁ ବୋଲି ଗତ ଜାନୁୟାରୀରେ କେରଳ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କର୍ନାଟକରେ ପିଏଫ୍‌ଆଇକୁ ନିଷେଧ କରିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଥିବା ରାଜ୍ୟ ଗୃହମନ୍ତ୍ରୀ ଅରଗ ଜ୍ଞାନେନ୍ଦ୍ର କହିଛନ୍ତି।

## ଅବସର ନେଲେ ଜଷ୍ଟିସ୍ ଇନ୍ଦିରା ବାନାର୍ଜୀ



**ନୂଆଦିଲ୍ଲୀ,୨୩।୯:** ସୁପ୍ରିମକୋର୍ଟର ବରିଷ୍ଠ ମହିଳା ବିଚାରପତି ଜଷ୍ଟିସ୍ ଇନ୍ଦିରା ବାନାର୍ଜୀ ଶୁକ୍ରବାର ଅବସର ଗ୍ରହଣ କରିଛନ୍ତି। ଆଗାମୀ ଦିନରେ ସର୍ବୋଚ୍ଚ ଅଦାଲତରେ ଅଧିକ ମହିଳା ବିଚାରପତି ନିଯୁକ୍ତି ଲାଗି ଏହି ଅବସରରେ ସେ ଆଶାବ୍ୟକ୍ତ କରିଛନ୍ତି। ସୁପ୍ରିମକୋର୍ଟରେ ନିଯୁକ୍ତ ହେବାରେ ଜଷ୍ଟିସ୍ ବାନାର୍ଜୀ ଥିଲେ ଅଷ୍ଟମ ମହିଳା। ତାଙ୍କ ଅବସର ପରେ ଏବେ ସର୍ବୋଚ୍ଚ ଅଦାଲତରେ ମହିଳା ବିଚାରପତିଙ୍କ ସଂଖ୍ୟା ୩ ରହିଛି। ସୁପ୍ରିମକୋର୍ଟ ସ୍ଥାପନ ହେବାର ୭୨ ବର୍ଷ ମଧ୍ୟରେ ଏପର୍ଯ୍ୟନ୍ତ ମାତ୍ର ୧୧ ଜଣ ମହିଳା ବିଚାରପତି ନିଯୁକ୍ତ ହୋଇଛନ୍ତି। ଜଷ୍ଟିସ୍ ଏମ୍. ଫତିମା ବିବି ପ୍ରଥମ ମହିଳା ବିଚାରପତି ଭାବେ ୧୯୮୯ରେ ନିଯୁକ୍ତି ପାଇଥିଲେ।

### ମହିଳା କର୍ମଚାରୀଙ୍କୁ ହତ୍ୟା

## ଭାଜପା ନେତାଙ୍କ ପୁଅ ଗିରଫ

**ହରିଦ୍ୱାର,୨୩।୯:** ଉତ୍ତରାଖଣ୍ଡ ହରିଦ୍ୱାର ଜିଲାରେ ଏକ ରିସର୍ଟର ମହିଳା କର୍ମଚାରୀଙ୍କୁ ହତ୍ୟା ଅଭିଯୋଗରେ ବରିଷ୍ଠ ଭାଜପା ନେତା ବିନୋଦ ଆର୍ଯ୍ୟଙ୍କ ପୁଅ ପୁଲକିତ ଆର୍ଯ୍ୟଙ୍କୁ ଗିରଫ କରାଯାଇଛି। ଜିଲାର ଋଷିକେଶ ଅନ୍ତର୍ଗତ ଯମକେଶ୍ୱରଠାରେ ପୁଲକିତଙ୍କର ଏକ ରିସର୍ଟ ରହିଛି। ସେଠାରେ କାମ କରୁଥିବା ପୌରି ଗଡ଼୍ୱାଲ ଅଞ୍ଚଳର ଜଣେ ୧୯ ବର୍ଷୀୟା ଯୁବତୀ ସୋମବାର ନିଖୋଜ ହୋଇଯାଇଥିଲେ। ତାଙ୍କୁ ରିସର୍ଟର ଦୁଇଜଣ କର୍ମଚାରୀଙ୍କ ସହାୟତାରେ ହତ୍ୟା କରାଯାଇଥିବା ଜଣାପଡ଼ିଥିଲା। ପୋଲିସ ୨ କର୍ମଚାରୀଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ହତ୍ୟାରେ ରିସର୍ଟ ମାଲିକ ପୁଲକିତ ସମ୍ପୃକ୍ତ ଥିବା ଅଭିଯୋଗ ପରେ ତାଙ୍କୁ ଗିରଫ କରାଯାଇଛି।

## ମ୍ୟାନ୍‌ମାର ଗଲେ ମୃତ୍ୟୁ ଭୟ



**ଗ**ତବର୍ଷ ଥାଇଲାଣ୍ଡର ଏକ ସୁନ୍ଦରୀ ପ୍ରତିଯୋଗିତା ମଞ୍ଚରେ ମ୍ୟାନ୍‌ମାର ସାମରିକ ଶାସକଙ୍କୁ ସମାଲୋଚନା କରି ଚର୍ଚ୍ଚାକୁ ଆସିଥିଲେ ମଡେଲ ଥାଓ୍ୱ ନନ୍ଦାର ଅଙ୍ଗ୍। ହାନ୍ ଲେ ନାମରେ ପରିଚିତ ଏହି ମ୍ୟାନ୍‌ମାର ସୁନ୍ଦରୀଙ୍କୁ ଥାଇଲାଣ୍ଡ ଏବେ ସ୍ୱଦେଶକୁ ପ୍ରତ୍ୟର୍ପଣ କରିପାରେ ବୋଲି ସେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଆସୋସିଏଟେଡ୍ ପ୍ରେସ୍‌କୁ ଫୋନ୍ କରି ହାନ୍ ଲେ କହିଛନ୍ତି, ସେ ବ୍ୟାଙ୍କକ୍‌ର ସୁବର୍ଣ୍ଣଭୂମି ଏୟାରପୋର୍ଟରେ ଫସିରହିଛନ୍ତି। ସେ ଥାଇଲାଣ୍ଡରେ ରହୁଛନ୍ତି, କିନ୍ତୁ ସେଠାରୁ ବାହାରି ନିଜ ରହଣି ସମୟ ବୃଦ୍ଧି ପାଇଁ ପୁଣି ଫେରିଥିଲେ। ଭିଏଟ୍‌ନାମ ଗସ୍ତ ସାରି ବୁଧବାର ରାତିରେ ଥାଇଲାଣ୍ଡରେ ପହଞ୍ଚିଥିବାବେଳେ ବିମାନବନ୍ଦର କର୍ତ୍ତୃପକ୍ଷ ପୁନଃ ପ୍ରବେଶ ପାଇଁ ଅନୁମତି ଦେଉନାହାନ୍ତି। ଏଥିପାଇଁ ହାନ୍ ଲେ ଜାତିସଂଘ ଶରଣାର୍ଥୀ ସଂସ୍ଥାଠାରୁ ସହାୟତା ଲୋଡ଼ିଛନ୍ତି। କାରଣ ମ୍ୟାନ୍‌ମାରକୁ ପ୍ରତ୍ୟର୍ପଣ କରାଗଲେ ଦେଶର ସାମରିକ ସରକାର ତାଙ୍କୁ କଠୋର ଦଣ୍ଡ ଦେଇପାରନ୍ତି। ପ୍ରକାଶ ଯେ, ୨୦୨୧ ଫେବୃୟାରୀରେ ମ୍ୟାନ୍‌ମାର ସେନା ତତ୍କାଳୀନ ଷ୍ଟେଟ୍ କାଉନ୍‌ସେଲର ଅଙ୍ଗ୍ ସାନ୍ ସୁ୍ୟ ଚୀଙ୍କୁ ଗାଦିଚ୍ୟୁତ କରି ସାମରିକ ଶାସନ ଚଳାଇଛି। ସେବେଠୁ ଗଣତନ୍ତ୍ର ସପକ୍ଷରେ ସ୍ୱର ଉତ୍ତୋଳନ କରିଥିବା ବହୁ ଲୋକଙ୍କୁ ସେନା ଗୁଳିକରି ହତ୍ୟା କରିସାରିଲାଣି।



ବୁର୍ଖା ପରିଧାନ ନ କରିବାରୁ ଇରାନର ଧର୍ମୀୟ ବ୍ୟାପାର ପୋଲିସ ହାଜତରେ ୨୨ ବର୍ଷୀୟା ମହସା ଆମିନିଙ୍କ ମୃତ୍ୟୁ ପରେ ଦେଶରେ ମୁଣ୍ଡ ଟେକିଛି ବଡ଼ ଆନ୍ଦୋଳନ। ଏହି ଆନ୍ଦୋଳନ ବିରୋଧରେ ତେହରାନରେ ଶୁକ୍ରବାର ନମାଜ ପାଠ ପରେ ସରକାର ସପକ୍ଷବାଦୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

# ୟୁକ୍ରେନ୍‌ର ୪ ଅଞ୍ଚଳରେ ଗଣଭୋଟ

**କିଭ୍/ମସ୍କୋ,୨୩।୯**

ମସ୍କୋ ଦଖଲରେ ଥିବା ୪ ଅଞ୍ଚଳ ଡୋନେସ୍କ, ଲୁହାନ୍‌ସ୍କ, ଖେରସୋନ ଓ ଜାପୋରିଝିଆ ରୁଷିଆରେ ସାମିଲ ହେବ ନା ପୂର୍ବବତ୍ ୟୁକ୍ରେନ୍‌ରେ ରହିବ ତାହା ହେଉଛି ବର୍ତ୍ତମାନ ସବୁଠୁ ବଡ଼ ପ୍ରଶ୍ନ। ଏହାର ଉତ୍ତର ପାଇବା ପାଇଁ ଏହି ୪ ୟୁକ୍ରେନୀୟ ଭୂଖଣ୍ଡରେ ଶୁକ୍ରବାରଠାରୁ ଗଣଭୋଟ ଆରମ୍ଭ ହୋଇଛି, ଯାହାକି ୫ ଦିନ ଧରି ଚାଲିବ। ଗଣଭୋଟ ମସ୍କୋ ସପକ୍ଷରେ ଗଲେ ୟୁକ୍ରେନ୍‌ର ୧୫% ଭାଗ ଆସୁଥିବା ଏହି ଅଞ୍ଚଳର ମିଶ୍ରଣ ରୁଷିଆ ଭୂଖଣ୍ଡ ସହ ହେବ। ତେଣୁ କିଭ୍ ପକ୍ଷରୁ ଗଣଭୋଟକୁ ବିରୋଧ କରାଯାଇଛି। ଏହି ବେଆଇନ ତଥା ଅବୈଧ ମତଦାନ ପ୍ରକ୍ରିୟା ଯୋଗୁ ଆଗକୁ ଉତ୍ତେଜନା ଆହୁରି ବୃଦ୍ଧି ପାଇବ ବୋଲି ୟୁକ୍ରେନ୍, ଆମେରିକା ଓ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ସମେତ ଜାତିସଂଘ ମଧ୍ୟ ନିନ୍ଦା କରିଛି।

ରୁଷିଆ ୭ ମାସ ଧରି ଯୁଦ୍ଧକରି ୟୁକ୍ରେନ୍‌ଠାରୁ ୪ ଅଞ୍ଚଳ ଛଡ଼ାଇନେଇଛି। ସେହି ଅଞ୍ଚଳଗୁଡ଼ିକରେ ଗଣଭୋଟ କରାଉଛି। ଯେଉଁମାନେ ଏହି ମତଦାନରେ ସାମିଲ ହେଉନାହାନ୍ତି ଦଣ୍ଡିତ ହେବେ ବୋଲି ମସ୍କୋ ପକ୍ଷରୁ ଧମକ ଦିଆଯାଇଛି। ଲୁହାନ୍‌ସ୍କ ଗଭର୍ନର ସେର୍ହି ଗଇଡାଇ କହିଛନ୍ତି, ଷ୍ଟାରୋବିଲ୍‌ସ୍କରେ ରୁଷୀୟ ଅଧିକାରୀମାନେ ଲୋକଙ୍କୁ ସହର ଛାଡ଼ି ଯିବାକୁ ଦେଉ ନାହାନ୍ତି। ସଶସ୍ତ୍ର ଗୋଷ୍ଠୀ ଘର ଘର ଯାଇ ଲୋକଙ୍କୁ ରୁଷିଆ ସପକ୍ଷରେ ଭୋଟ ଦେବାକୁ ବାଧ୍ୟ କରୁଛନ୍ତି। ଯୁଦ୍ଧ ପୂର୍ବ ଜନସଂଖ୍ୟାର ଅଧିକାଂଶ ଗଣପଳାୟନ କରିଥିବାରୁ କୌଣସି ଅନ୍ତର୍ଜାତୀୟ ସଂସ୍ଥା ପକ୍ଷରୁ ଏହି ୪ ଅଞ୍ଚଳରେ ପର୍ଯ୍ୟବେକ୍ଷକ ମଧ୍ୟ ନିଯୁକ୍ତ କରାଯାଇ ନାହିଁ। ନିର୍ବାଚନଗୁଡ଼ିକୁ ନିରୀକ୍ଷଣ କରୁଥିବା ଅର୍ଗାନାଇଜେଶନ୍ ଫର୍ ସିକ୍ୟୁରିଟି ଇନ୍ ୟୁରୋପ(ଓଏସ୍‌ସିଇ) ପକ୍ଷରୁ କୁହାଯାଇଛି ଯେ, ଏହି ରେଫରେଣ୍ଡମ୍‌ର ପରିଣାମ ଯାହା ଆସୁନା କାହିଁକି, ତାହା ବୈଧ ହେବ ନାହିଁ। ଅନ୍ୟପକ୍ଷେ ସ୍ଥାନୀୟ ଲୋକଙ୍କୁ ନିଜ ମତ ପ୍ରକାଶ ପାଇଁ ଏହା ଏକ ସୁଯୋଗ ବୋଲି ମସ୍କୋ କହିଛି। ପ୍ରକାଶ ଯେ, ଡୋନେସ୍କ, ଲୁହାନ୍‌ସ୍କ, ଖେରସୋନ ଓ ଜାପୋରିଝିଆ ଦଖଲ ପରଠାରୁ ସେଠାରେ ମସ୍କୋ ନିଜ ପ୍ରଶାସକମାନଙ୍କୁ ନିଯୁକ୍ତ କରିଛି। ୨୦୧୪ରେ ମଧ୍ୟ ରୁଷିଆ କ୍ରିମିଆ ଦଖଲ କରିବା ପୂର୍ବରୁ ସେଠାରେ ଗଣଭୋଟ କରାଇଥିଲା, ଯାହାର ପରିଣାମକୁ କୌଣସି ଅନ୍ତର୍ଜାତୀୟ ସଙ୍ଗଠନ ସ୍ୱୀକୃତି ଦେଇନାହିଁ।



ୟୁକ୍ରେନ୍‌ର ଲୁହାନସ୍କସ୍ଥିତ ଏକ ପୋଲିଂ ବୁଥ୍‌ରେ ଜଣେ ବ୍ୟକ୍ତି ମତଦାନ କରୁଛନ୍ତି।

## ପୁଟିନ୍‌ଙ୍କୁ ରୁଷିଆରେ ବିରୋଧ



୩ ଲକ୍ଷ ରିଜର୍ଭ ସୈନ୍ୟଙ୍କୁ ୟୁକ୍ରେନ୍ ବିରୋଧରେ ଯୁଦ୍ଧ ପାଇଁ ପଠାଇବାକୁ ଘୋଷଣା କରିଥିବା ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ନିଜ ଦେଶରେ ଘୋର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି। ଜୋରଜବରଦସ୍ତ ସେନାରେ ସାମିଲ କରାଯିବା ଭୟରେ ଯୁବପିଢ଼ି ଦେଶ ଛାଡ଼ି ଅନ୍ୟତ୍ର ପଳାୟନ କରିବାରେ ଲାଗିଛନ୍ତି। ଏହି ପରିପ୍ରେକ୍ଷୀରେ ୧୮ରୁ ୫୫ ବର୍ଷୀୟଙ୍କୁ ରୁଷିଆରେ ବିମାନ ଟିକେଟ ଦିଆଯାଉ ନାହିଁ। ଡାକ୍ତର, ଶିକ୍ଷକ ଓ ବ୍ୟାଙ୍କ କର୍ମଚାରୀମାନଙ୍କୁ ଯୁଦ୍ଧ ପାଇଁ ପ୍ରସ୍ତୁତ ହେବାକୁ ମସ୍କୋ ପକ୍ଷରୁ କୁହାଯାଇଛି। ଫଳରେ ସେମାନେ ସୀମା ଦେଇ ଖସିଯିବାକୁ ଉଦ୍ୟମ କରୁଛନ୍ତି। ଏଥିଯୋଗୁ ରୁଷିଆ ସୀମାଗୁଡ଼ିକରେ ଟ୍ରାଫିକ୍ ଜାମ ହୋଇଛି। ପୁଟିନ୍‌ଙ୍କ ନିଷ୍ପତ୍ତି ପ୍ରତିବାଦରେ ରୁଷିଆର ୩୦ ସହରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବହୁ ବିକ୍ଷୋଭକାରୀଙ୍କୁ ରୁଷିଆ ପୋଲିସ ଗିରଫ କରିଛି।

## ଜାତିସଂଘ ବୈଠକରୁ ଉଠିଗଲେ ଲାଭ୍ରୋଭ୍

**ନ୍ୟୁୟର୍କ,୨୩।୯**



ଜାତିସଂଘର ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) ବୈଠକ ଗୁରୁବାର ଚାଲିଥିବାବେଳେ ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭ୍ରୋଭ୍ ଉଠି ଚାଲିଯାଇଥିଲେ। ୟୁକ୍ରେନ୍ ଆକ୍ରମଣକୁ ଆମେରିକା ସମେତ ଅନ୍ୟ ଦେଶଗୁଡ଼ିକ କଡ଼ାଭାଷାରେ ନିନ୍ଦା କରିଥିବାରୁ ସେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେଇ ନ ଥିବା କୁହାଯାଉଛି। ବୈଠକରେ ଉପସ୍ଥିତ ଥିବା ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଅନ୍ୟ କୂଟନୀତିଜ୍ଞମାନଙ୍କୁ ରୁଷିଆ ବିରୋଧରେ ସତର୍କ କରାଇ କହିଥିଲେ, ରାଷ୍ଟ୍ରପତି ପୁଟିନ୍‌ଙ୍କୁ ଆମେ ଏମିତି ଛାଡ଼ିଦେବା ଅନୁଚିତ ହେବ। କାରଣ ସେ ଚଳାଇଥିବା ଯୁଦ୍ଧ ଜାତିସଂଘ ଦ୍ୱାରା ପ୍ରତିଷ୍ଠିତ ସମସ୍ତ ଅନ୍ତର୍ଜାତୀୟ ସଂସ୍ଥାର ନିୟମଗୁଡ଼ିକୁ ଉଲ୍ଲଂଘନ କରୁଛି। ବ୍ଲିଙ୍କେନ୍‌ଙ୍କ ଏହି ମନ୍ତବ୍ୟ ପରେ ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ଲାଭ୍ରୋଭ୍ ନିଜ ଚାୟରରୁ ଉଠି ପଳାଇଥିଲେ।



ବେଙ୍ଗାଲୁରୁରେ ଦୁର୍ଗାପୂଜା ପୂର୍ବରୁ ଶୁକ୍ରବାର ଦେବୀଙ୍କ ମୂର୍ତ୍ତିରେ ଶେଷସ୍ପର୍ଶ ଦେଉଛନ୍ତି ଜଣେ ଶିଳ୍ପୀ।

## କାନାଡ଼ାରେ ବଢୁଛି ଘୃଣା ଅପରାଧ

**ନୂଆଦିଲ୍ଲୀ,୨୩।୯**

କାନାଡ଼ାରେ ଘୃଣିତ ଅପରାଧ, ସାମ୍ପ୍ରଦାୟିକ ହିଂସା ଏବଂ ଭାରତ ବିରୋଧୀ କାର୍ଯ୍ୟକଳାପ ଦ୍ରୁତ ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ସେଠାରେ ଥିବା ଭାରତୀୟ ଏବଂ ପାଠ ପଢ଼ିବାକୁ ଯାଇଥିବା ଛାତ୍ରୀଛାତ୍ର ସତର୍କ ରହିବା ଲାଗି ନୂଆଦିଲ୍ଲୀ ପକ୍ଷରୁ ଶୁକ୍ରବାର ପରାମର୍ଶ ଦିଆଯାଇଛି। ଉପରୋକ୍ତ ଅପରାଧ ସମ୍ପର୍କରେ ଭାରତ କାନାଡ଼ା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏହାର ଉପଯୁକ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ହିଂସା ପଛରେ ଥିବା ଅପରାଧୀମାନଙ୍କୁ ଏପର୍ଯ୍ୟନ୍ତ ଆଇନର କାଠଗଡ଼ା ମଧ୍ୟକୁ ଅଣାଯାଇ ନ ଥିବା ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି।

ଶିଖ୍‌ମାନଙ୍କ ଲାଗି ସ୍ୱତନ୍ତ୍ର ରାଜ୍ୟ ଦାବି କରୁଥିବା ଖଲିସ୍ତାନୀ ସପକ୍ଷବାଦୀମାନଙ୍କର ତଥାକଥିତ ଗଣଭୋଟକୁ ନେଇ କୂଟନୈତିକ ବିବାଦ ଲାଗିରହିଥିବାବେଳେ ଭାରତ ଏଭଳି ଆଡଭାଇଜରି ଜାରି କରିଛି। ଉକ୍ତ ଗଣଭୋଟ ଉଗ୍ରପନ୍ଥୀ ଓ କଠୋରପନ୍ଥୀ ତତ୍ତ୍ୱମାନଙ୍କର ଏକ ଫାର୍ସ ବୋଲି ଗୁରୁବାର ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ କହିଥିଲେ। ଏକ ବନ୍ଧୁ ରାଷ୍ଟ୍ରରେ ଏଭଳି ଗଣଭୋଟକୁ ଅନୁମତି ଦିଆଯିବା ଅତ୍ୟନ୍ତ ଆପତ୍ତିଜନକ ବୋଲି ସେ ମତ ଦେଇଥିଲେ। କାନାଡ଼ାରେ ଏବେ ୧୬ ଲକ୍ଷ ଭାରତୀୟ ବଂଶୋଦ୍ଭବ ଏବଂ ପ୍ରବାସୀ ଭାରତୀୟ ରହିଛନ୍ତି। ଚଳିତ ବର୍ଷ ସେଠାରେ ଥିବା ଦୁଇଟି ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ ହୋଇଥିଲା। ଗତ ୧୫ ତାରିଖରେ ଭାରତ ବିରୋଧୀ ବ୍ୟକ୍ତିମାନେ ଏକ ମନ୍ଦିରକୁ ବିକୃତ କରିଦେଇଥିଲେ।




### ନାଗରିକଙ୍କୁ ସତର୍କ କରାଇଲା ଭାରତ

## ଧର୍ମାନ୍ତରୀକରଣ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆବେଦନ: କେନ୍ଦ୍ରକୁ ନୋଟିସ

**ନୂଆଦିଲ୍ଲୀ,୨୩।୯(ପି.ଟି.)**

ଧମକ ଦେଇ କିମ୍ବା ପ୍ରଲୋଭନ ଦେଖାଇ ବଳପୂର୍ବକ ଧର୍ମାନ୍ତରୀକରଣ କରାଯାଉଥିବାରୁ ଏହା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଲାଗି ନିର୍ଦ୍ଦେଶ ଦେବାକୁ ଦାଏର ପିଟିଶନ ଉପରେ ସୁପ୍ରିମକୋର୍ଟ ଶୁକ୍ରବାର କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। ଜଷ୍ଟିସ୍ ଏମ୍.ଆର୍. ଶାହା ଏବଂ କ୍ରିଷ୍ଣା ମୁରାରୀଙ୍କ ଖଣ୍ଡପୀଠ ଏନେଇ ସ୍ୱରାଷ୍ଟ୍ର ଏବଂ ଆଇନ ମନ୍ତ୍ରଣାଳୟକୁ ନୋଟିସ ଜାରି କରି ନଭେମ୍ବର ୧୪ ସୁଦ୍ଧା ଜବାବ ଦାଖଲ କରିବାକୁ କହିଛନ୍ତି। ବଳପୂର୍ବକ ଧର୍ମାନ୍ତରୀକରଣ ବିରୋଧରେ କେନ୍ଦ୍ର ଓ ରାଜ୍ୟ ସରକାର କଠୋର ପଦକ୍ଷେପ ନେବା ଲାଗି ନିର୍ଦ୍ଦେଶ ଦେବାକୁ ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ଧର୍ମାନ୍ତରୀକରଣ ଏକ ଦେଶବ୍ୟାପୀ ସମସ୍ୟା ହୋଇଥିବାରୁ ତୁରନ୍ତ ଏହାକୁ ରୋକାଯିବା ଆବଶ୍ୟକ ବୋଲି ସେ ଯୁକ୍ତି ଦର୍ଶାଇଥିଲେ। ଏଥିରୁ କୌଣସି ଗୋଟିଏ ବି ଜିଲା ମୁକ୍ତ ନୁହେଁ। ଏଥିପାଇଁ ନାଗରିକମାନେ ଗୁରୁତର କ୍ଷତିଗ୍ରସ୍ତ ହେଉଛନ୍ତି। ଜୋର୍‌ଜବରଦସ୍ତ ଧର୍ମାନ୍ତରୀକରଣ କରାଯାଉଥିବା ନେଇ ସାରା ଦେଶରୁ ପ୍ରତି ସପ୍ତାହରେ ଖବର ଆସୁଛି। ଏହାକୁ ବନ୍ଦ କରିବା ଦିଗରେ କେନ୍ଦ୍ର ଏବଂ ରାଜ୍ୟ ସରକାର ପଦକ୍ଷେପ ନେଉ ନ ଥିବା ଉପାଧ୍ୟାୟ ତାଙ୍କ ଆବେଦନରେ ଦର୍ଶାଇଥିଲେ।

## ଅଳ୍ପ ମଦ ସ୍ୱାସ୍ଥ୍ୟ ପାଇଁ ଭଲ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୩।୯(ପି.ଟି.)**

### ମଦ ବୋତଲରେ ସତର୍କ ସୂଚନା ଲାଗି ପିଆଇଏଲ୍‌ରେ ହସ୍ତକ୍ଷେପ କରିବାକୁ ମନାକଲେ

ସ୍ୱଳ୍ପ ପରିମାଣର ମଦ ପିଇବା ସ୍ୱାସ୍ଥ୍ୟ ପାଇଁ ଭଲ। ଅନେକ ଏଭଳି ପ୍ରସ୍ତାବ ଦେଇଥାନ୍ତି ବୋଲି ସୁପ୍ରିମକୋର୍ଟ ଖଣ୍ଡପୀଠ ଶୁକ୍ରବାର ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ବେଳେ କହିଛନ୍ତି। ତମାଖୁ ସେବନ ସ୍ୱାସ୍ଥ୍ୟ ପାଇଁ ହାନିକାରକ। ସେଥିପାଇଁ ତମାଖୁ ପ୍ୟାକେଟରେ ଫଟୋଚିତ୍ର ସହ ବୈଧାନିକ ସତର୍କ ସୂଚନାକୁ ବାଧ୍ୟତାମୂଳକ କରାଯାଇଛି। ସେହିଭଳି ମଦ ବୋତଲଗୁଡ଼ିକରେ ବୈଧାନିକ ସତର୍କ ସୂଚନା ରଖିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଥିଲା। ତେବେ ଏଥିରେ ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଏହା ସରକାରଙ୍କ ନୀତିଗତ ନିଷ୍ପତ୍ତି ପରିସରରେ ଆସୁଥିବାରୁ, ଅଦାଲତ ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ପ୍ରଧାନ ବିଚାରପତି ଉଦୟ ଉମେଶ ଲଳିତ, ଜଷ୍ଟିସ୍ ଇନ୍ଦିରା ବାନାର୍ଜୀ ଏବଂ ଏସ୍. ରବୀନ୍ଦ୍ର ଭଟ୍ଟଙ୍କ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।



ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ ଦାଏର କରିଥିବା ପିଆଇଏଲ୍‌ରେ ଉଲ୍ଲେଖ କରିଥିଲେ, ସିଗାରେଟ୍ ତୁଳନାରେ ମଦ ୧୦ ଗୁଣ ଅଧିକ ହାନିକାରକ। କୋର୍ଟ ନିର୍ଦ୍ଦେଶ ବଳରେ ସିଗାରେଟ୍ ପ୍ୟାକେଟଗୁଡ଼ିକରେ ସତର୍କ ସୂଚନାକୁ ବାଧ୍ୟତାମୂଳକ କରାଯାଇଛି। ମଦ କ୍ଷେତ୍ରରେ ସେଭଳି ନିର୍ଦ୍ଦେଶ ଦେବା ଲାଗି ଆବେଦନକାରୀ ଅଦାଲତଙ୍କୁ ନିବେଦନ କରିଥିଲେ। ଏଥିସହିତ କୌଣସି ମଦକୁ ମାନବ ବ୍ୟବହାର ଲାଗି ଉପଯୁକ୍ତ ଘୋଷଣା କରିବା ପୂର୍ବରୁ ସ୍ୱାସ୍ଥ୍ୟ ପ୍ରଭାବ ଆକଳନ (ଏଚ୍‌ଆଇଏ)କୁ ବାଧ୍ୟତାମୂଳକ କରିବା ଲାଗି ମଧ୍ୟ ଉପାଧ୍ୟାୟ ତାଙ୍କ ପିଟିଶନରେ ପ୍ରାର୍ଥନା କରିଥିଲେ।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୨୪/୨୦୨୨ | Bhubaneswar, Saturday, September 24/2022





ପରିବେଶ ଓ ଜଳବାୟୁ ସୁରକ୍ଷା ଆନ୍ଦୋଳନ 'ଫ୍ରାଇଡ଼େ ଫର୍ ଫ୍ୟୁଚର'ର ସମର୍ଥନରେ ଶୁକ୍ରବାର ନୂଆଦିଲ୍ଲୀରେ ସାମାଜିକ କର୍ମୀମାନେ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଯୁଦ୍ଧ ଅପରାଧ ଘଟାଇଛି ରୁଷିଆ

### ପ୍ରମାଣ ଦେଲା ଜାତିସଂଘ ମାନବାଧିକାର ଟିମ୍

**ଜେନେଭା, ୨୩।୯**

ୟୁକ୍ରେନ୍ ଆକ୍ରମଣ ପରଠାରୁ ରୁଷିଆ ସେଠାରେ ଯୁଦ୍ଧ ଅପରାଧ ଘଟାଇଚାଲିଛି। ପ୍ରାଥମିକ ତଦନ୍ତରୁ ଆପାତତଃ ଏହାର ପ୍ରମାଣ ମିଳିଛି ବୋଲି ଜାତିସଂଘର ସର୍ବୋଚ୍ଚ ମାନବାଧିକାର ସଂସ୍ଥା ପକ୍ଷରୁ ନିଯୁକ୍ତ ଏକ ଟିମ୍ ଶୁକ୍ରବାର ସ୍ପଷ୍ଟ କରିଛି। ମାନବାଧିକାର ପରିଷଦର 'କମିଶନ ଅନ୍ ଇନ୍‌କ୍ୱାରି ଅନ୍ ୟୁକ୍ରେନ୍' ବିଶେଷଜ୍ଞମାନେ ୟୁକ୍ରେନ୍‌ର ୪ଟି ଅଞ୍ଚଳ କିଭ୍, ଚେର୍ନିହିଭ୍, ଖର୍‌କିଭ ☞ପୃଷ୍ଠା-୨

# ସ୍ଲଟ୍ ମିଳୁନି, ଜରିମାନା ଭୟ

### ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ୍

### ■ ମନଇଚ୍ଛା ଦର ନେଉଥିବା ଅଭିଯୋଗ

**ଭୁବନେଶ୍ୱର, ୨୩।୯ (ବ୍ୟୁରୋ)**

ନମ୍ବର ପ୍ଲେଟ୍‌ର ଶେଷ ଅଙ୍କ ୧, ୨,୩ ଓ ୪ ଥିବା ପୁରୁଣା ଗାଡ଼ିଗୁଡ଼ିକରେ ହାଇ୍ ସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ (ଏଚ୍‌ଏସ୍‌ଆର୍‌ପି) ଲଗାଇବା ଅବଧି ସେପ୍ଟେମ୍ବର ୩୦ରେ ଶେଷ ହେବ। ଏହାପରେ ଏଚ୍‌ଏସ୍‌ଆର୍‌ପି ଲାଗି ନ ଥିବା ଉକ୍ତ ବର୍ଗର ଗାଡ଼ି ମାଲିକଙ୍କଠାରୁ ୫ରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯିବ। ହାତରେ ଆଉ ୬ ଦିନ ଥିବାବେଳେ ବହୁ ଗାଡ଼ିମାଲିକ ଶତଚେଷ୍ଟା କରି ମଧ ଏଚ୍‌ଏସ୍‌ଆର୍‌ପି ଲଗାଇବାକୁ ସମର୍ଥ ହୋଇପାରୁନାହାନ୍ତି। ଏଚ୍‌ଏସ୍‌ଆର୍‌ପି ପାଇଁ ଇଣ୍ଟରନେଟ୍ ଜରିଆରେ ବୁକିଂ କରିବାକୁ ପଡୁଛି। ପ୍ରବଳ ଭିଡ଼ ରହିଥିବାରୁ ୨ ମାସ ପୂର୍ବରୁ ସ୍ଲଟ୍ ବୁକିଂ ହେଉନାହିଁ। ଗୋଟିଏ ପଟେ ସ୍ଲଟ୍ ମିଳୁ ନ ଥିବାବେଳ ଅନ୍ୟପଟେ ବଡ଼ଧରଣର ଜରିମାନା ଭୟ ଗାଡ଼ିମାଲିକଙ୍କୁ ଘାରୁଛି। ଅନ୍ୟପକ୍ଷରେ ଡିଲରମାନେ ଅବଧି ଶେଷ ହେଉଥିବା ଡର ଦେଖାଇ ଗାଡ଼ିମାଲିକଙ୍କଠାରୁ ମନଇଚ୍ଛା ଦର ଭିଡ଼ିବା ଅଭିଯୋଗ ହେଉଛି। ଦର ଧାର୍ଯ୍ୟ କରାଯାଇ ନ ଥିବାରୁ ଡିଲରମାନଙ୍କୁ ମନଇଚ୍ଛା ଫି' ଆଦାୟ କରିବା ନେଇ ଏକପ୍ରକାର ସୁଯୋଗ ସୃଷ୍ଟି କରାଯାଇଛି। ଏଥିଯୋଗୁ ଗାଡ଼ି ମାଲିକ ଶୋଷଣର ଶିକାର ହେବାର ବାଟ ଖୋଲିଯାଇଛି।

ପରିବହନ ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଯେଉଁ ଗାଡ଼ିଗୁଡ଼ିକର ପଞ୍ଜୀକରଣ ନମ୍ବରର ଶେଷ ଅଙ୍କ ୧ ଓ ୨ ରହିଛି ସେହି ଗାଡ଼ିଗୁଡ଼ିକ ଅଗଷ୍ଟ ୩୧ ମଧ୍ୟରେ ଏଚ୍‌ଏସ୍‌ଆର୍‌ପି ଲଗାଇବେ। ସେହିପରି ଶେଷ ଅଙ୍କ ୩ ଓ ୪ ପାଇଁ ସେପ୍ଟେମ୍ବର ୩୦, ଶେଷ ଅଙ୍କ ୫ ଓ ୬ ପାଇଁ ଅକ୍ଟୋବର ୩୧, ଶେଷ ଅଙ୍କ ୭ ଓ ୮ ପାଇଁ ନଭେମ୍ବର ୩୦ ଏବଂ ୯ ଓ ୦ ପାଇଁ ଡିସେମ୍ବର ୩୧ ଧାର୍ଯ୍ୟ କରାଯାଇଛି। ଯେଉଁମାନେ ଏଚ୍‌ଏସ୍‌ଆର୍‌ପି ବ୍ୟବହାର କରିବେ ନାହିଁ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରି କି ମୋଟର ଯାନ ଆଇନ-୧୯୮୮ର ସେକ୍ସନ ୧୯୨ ଅନୁଯାୟୀ ୫ରୁ ୧୦ ହଜାର ଟଙ୍କା ଯାଏ ଜରିମାନା କରାଯିବ। ନମ୍ବର ପ୍ଲେଟ୍ ବଦଳାଇବା କାମ ଗାଡ଼ି ନିର୍ମାଣକାରୀ ସଂସ୍ଥା ହାତକୁ ଟେକି ଦିଆଯାଇଛି। ୪ଟି ସଂସ୍ଥା ରାଜ୍ୟରେ ପ୍ରତି ମାସରେ ୭ରୁ ୮ ଲକ୍ଷ ନୂଆ ଗାଡ଼ିର ନମ୍ବର ପ୍ଲେଟ୍ ଲଗାଉଛନ୍ତି। ଏଥିସହିତ ପୁରୁଣା ଗାଡ଼ିର ନମ୍ବର ପ୍ଲେଟ୍ ବଦଳାଇବାକୁ ହେବ। ଏ ନେଇ ସେହି ସଂସ୍ଥାଗୁଡ଼ିକ ପାଖରେ କି ☞ପୃଷ୍ଠା-୨

## ଦିଲୀପ ତିର୍କୀ ହକି ଇଣ୍ଡିଆ ସଭାପତି



**ଭୁବନେଶ୍ୱର, ୨୩।୯ (କ୍ରୀଡ଼ା ପ୍ରତିନିଧି)**

ଆଉ ମାତ୍ର କିଛି ମାସ ପରେ ରାଜ୍ୟରେ ଦ୍ୱିତୀୟ ଥର ପାଇଁ ହକି ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଥିବା ବେଳେ ଶୁକ୍ରବାର ଓଡ଼ିଶା ପାଇଁ ଆସିଛି ଏକ ଖୁସି ଖବର। ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ତଥା ଅଲିମ୍ପିଆନ ଦିଲୀପ ତିର୍କୀ ହକି ଇଣ୍ଡିଆର ନୂଆ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଅକ୍ଟୋବର ୧ରେ ହକି ଇଣ୍ଡିଆ ନିର୍ବାଚନ ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା। ମାତ୍ର ତାଙ୍କର ଦୁଇ ପ୍ରତିଦ୍ୱନ୍ଦ୍ୱୀ ☞ପୃଷ୍ଠା-୨

## ୩୦ ଜିଲ୍ଲାର ଯୋଜନା କମିଟି ପୁନର୍ଗଠିତ

### ୧୧ ବିଧାୟକ, ୧୯ ମନ୍ତ୍ରୀଙ୍କୁ ଅଧ୍ୟକ୍ଷ ଦାୟିତ୍ୱ

**ଭୁବନେଶ୍ୱର, ୨୩।୯ (ବ୍ୟୁରୋ)**

ପ୍ରାୟ ୩ ମାସର ବ୍ୟବଧାନ ପରେ ରାଜ୍ୟ ସରକାର ଜିଲା ଯୋଜନା କମିଟିଗୁଡ଼ିକର ଶୁକ୍ରବାର ପୁର୍ନଗଠନ କରିଛନ୍ତି। ୧୧ ବିଧାୟକ, ୧୯ ମନ୍ତ୍ରୀଙ୍କୁ ୩୦ ଜିଲାର ଯୋଜନା କମିଟି ଅଧ୍ୟକ୍ଷ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଶାସକ ବିଜେଡି ଦଳୀୟ ସଙ୍ଗଠନକୁ ସୁହାଇଲା ଭଳି ନିଯୁକ୍ତି ଦେଇଥିବା ଦେଖିବାକୁ ମିଳିଛି। ୧୧ ଜିଲାର ଯୋଜନା କମିଟି ଅଧ୍ୟକ୍ଷ ଭାବେ ମନ୍ତ୍ରୀମଣ୍ଡଳରେ ସାମିଲ ହୋଇ ନ ଥିବା ବିଧାୟକଙ୍କୁ ଥଇଥାନ କରି ସିଧାସଳଖ ସେମାନଙ୍କୁ ସନ୍ତୁଷ୍ଟ କରିବାକୁ ପ୍ରୟାସ କରାଯାଇଥିବା ଚର୍ଚ୍ଚା ହେଉଛି। ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଏବଂ ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କୁ ବାଦ୍ ଦେଲେ ପୂର୍ବରୁ ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦାୟିତ୍ୱ ତୁଲାଉଥିବା ବିଧାୟକଙ୍କୁ ପୁଣିଥରେ ସୁଯୋଗ ମିଳିଛି। ଏହି ବିଧାୟକମାନେ ଏଣିକି ରାଷ୍ଟ୍ରମନ୍ତ୍ରୀ ପାହ୍ୟାର ସୁବିଧା ସୁଯୋଗ ପାଇବେ।

ବିଧାୟକ ଅନନ୍ତ ଦାସ ବାଲେଶ୍ୱର ଜିଲା ଯୋଜନା କମିଟି ଅଧ୍ୟକ୍ଷ ଭାବେ ଥଇଥାନ ହୋଇଥିବା ବେଳେ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ବରଗଡ଼ ଜିଲା ଯୋଜନା କମିଟି ଅଧ୍ୟକ୍ଷ ପଦବୀ ପାଇଛନ୍ତି। ବିଧାୟକ ବ୍ୟୋମକେଶ ରାୟଙ୍କୁ ଭଦ୍ରକ, ବିଧାୟକ ମହୀଧର ରଣାଙ୍କୁ ବୌଦ୍ଧ, ବିଧାୟକ ପ୍ରମୋଦ ମଲ୍ଲିକଙ୍କୁ କଟକ, ବିଧାୟକ ଜଗନ୍ନାଥ ନାୟକଙ୍କୁ କେନ୍ଦୁଝର, ବିଧାୟକ ରାଜେନ୍ଦ୍ର ସାହୁଙ୍କୁ ଖୋର୍ଦ୍ଧା, ବିଧାୟକ ରଘୁରାମ ପଡ଼ାଲଙ୍କୁ କୋରାପୁଟ, ବିଧାୟକ ମନୋହର ରାନ୍ଧାରୀଙ୍କୁ ନବରଙ୍ଗପୁର, ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କୁ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** | ଭାକେନ୍ସି ବଢ଼ିଛି

# ୫୯ ବର୍ଷ ପରେ ନିକଟତର ହେବ ବୃହସ୍ପତି

### ୨୬ ତାରିଖରେ ଦେଖିପାରିବେ ପୃଥିବୀବାସୀ

**ୱାଶିଂଟନ୍**

ସମୟକ୍ରମେ ଗ୍ରହ ଓ ଉପଗ୍ରହମାନଙ୍କ ଚଳନ ହୋଇଥାଏ। ମାଇଲ, ମାଇଲ ଦୂରରେ ଥିବା ଗ୍ରହ ଅନେକ ସମୟରେ ପୃଥିବୀ କିମ୍ବା ଅନ୍ୟ ଗ୍ରହମାନଙ୍କ ନିକଟତର ହୋଇଥାନ୍ତି, ଯାହାକୁ ସୌରମଣ୍ଡଳରେ ଗ୍ରହମାନଙ୍କ ଐତିହାସିକ ମୁହୂର୍ତ୍ତ ବୋଲି କୁହାଯାଇପାରିବ। ପୃଥିବୀଠାରୁ ୬୦୦ ମିଲିୟନ୍ ମାଇଲ୍ ଦୂରରେ ଥିବା ବୃହସ୍ପତି ଆସନ୍ତା ୨୬ ତାରିଖରେ ପୃଥିବୀର ନିକଟତର ହେବାକୁ ଯାଉଛି। ଅର୍ଥାତ୍ ସୌରମଣ୍ଡଳର ସବୁଠାରୁ ବଡ଼ ଗ୍ରହ ପୃଥିବୀଠାରୁ ୩୬୭ ମିଲିୟନ୍ ମାଇଲ୍ ଦୂରରେ ଅବସ୍ଥାପିତ ହେବାକୁ ଯାଉଛି। ତେବେ ୫୯ ବର୍ଷ ପରେ ବୃହସ୍ପତି



ପୃଥିବୀର ନିକଟତର ହେବାକୁ ଯାଉଛି। ୨୬ ତାରିଖ ରାତିତମାମ୍ ବୃହସ୍ପତିକୁ ସ୍ପଷ୍ଟଭାବେ ପୃଥିବୀବାସୀ ଦେଖିପାରିବେ ବୋଲି ନାସା ପକ୍ଷରୁ କୁହାଯାଇଛି। ସୂର୍ଯ୍ୟ ପଶ୍ଚିମ ଦିଗରେ ଅସ୍ତ ହେବା ପରେ ବୃହସ୍ପତି ପୂର୍ବ ଦିଗରେ ଦୃଶ୍ୟମାନ ହେବ। ସୋମବାର ବୃହସ୍ପତି, ସୂର୍ଯ୍ୟ ମଧ୍ୟରେ ପୃଥିବୀ ରହିବ। ପ୍ରତି ୧୩ ମାସରେ ଥରେ ବୃହସ୍ପତି ପୃଥିବୀର ନିକଟତର ହୋଇଥାଏ। ସେ ସମୟରେ ବୃହସ୍ପତି ଅତି କ୍ଷୁଦ୍ର ଆକାରରେ ଦେଖାଯାଉଥିଲେ ହେଁ ୨୬ ତାରିଖରେ ବୃହସ୍ପତି ସ୍ପଷ୍ଟ ଭାବେ ଦେଖାଯିବ। ଏକ ଭଲ ବାଇନାକୁଲାରରେ ବୃହସ୍ପତିକୁ ଦେଖିବା ସମ୍ଭବପର ହେବ ବୋଲି ବିଶେଷଜ୍ଞ କହିଛନ୍ତି। ଉଚ୍ଚ ସ୍ଥାନରେ ରହି ମଧ ଏହି ମହାଜାଗତିକ ଦୃଶ୍ୟକୁ ଉପଭୋଗ କରାଯାଇପାରିବ।













ଯେଉଁଠି ସୁଖଦ ବନ୍ଧନ ଏବଂ ସୁନ୍ଦର ଘରର କାହାଣୀ ଜୀବନ୍ତ ହୋଇଥାଏ

Raymond Home

ବେଡ୍ ଶୀଟ୍‌ସ । ଟାୱେଲ୍‌ସ । ବାଥରୋବ୍‌ସ । ପିଲୋଜ୍ । ଦୋହାର୍ସ । କାର୍ପେଟ୍‌ସ । କର୍ଟେନ୍‌ସ । କୁଶନ୍‌ସ । ବ୍ଲାଙ୍କେଟ୍‌ସ । କ୍ୱିଲ୍ଟସ । ଶାଲ୍‌ସ

**The Raymond Shop:** Angul • Balasore • Bargarh • Baripada • Berhampur • Bhadrak • Bhubaneswar • Cuttack • Jajpur Road • Jatni • Jharsuguda • Paralakhemundi • Rourkela • Sambalpur

**Available At: All Leading Furnishing Outlets And Bed & Bath Stores**

**Angul:** Aavaran • Navyam Retails • Nupur • Snk Royale• Shiv Supply Agency • Sajawat • **Balanda:** Garg Handloom & Textiles • **Balangir:** Dindayal & Co. • **Balasore:** Hariyana Handloom • Haryana Handloom Interiors & Decors • Rajasthani Handlooms • Srimandir Garments • Hariyana Handloom • Haryana Handloom Interiors & Decors • Rajasthani Handlooms • Sri Mandir Garments • Hariyana Handloom • Haryana Handloom Interiors & Decors • Rajasthani Handlooms • Sri Mandir Garments • **Balichandrapur:** Shankarlal Mahavir Prasad • **Bargarh:** Bombay Cut Piece Centre • M. G. Fashion • Prakash Store • **Baripada:** Bombay Store • Hariyana Handloom • Navyam Retails • Radhika • **Berhampur:** Nageswar Textile • Newharyana Handloom • Queens Collection Nx • Himalaya Handloom • **Bhadrak:** Jagdamba Garments • Lokpriya • Maa Tarini • Jaga Kalia Textiles • Suvadra Textiles • Haryana Handlooms • **Bhanjanagar:** Panchanana Saree House & Sagar Dresses • Tripathy Fabrics • **Bhawanipatna:** Jain Cloth Emporium • Pooja Cloth • Sajawat • **Bhuban:** Sri Krishna • Rajhans • **Bhubaneswar:** Bichhona Ct • Chinmaya Traders • Choudhury Enterprises • Furnishing House • Handloom House • Hariyana Home Furnishing • Opulent Décor• Haryana Handlooms Emporium • Jhilimili Textile Pvt. Ltd. • Kalamandir Patia • Kalamandir Royale (BNB) • Kara Retail • Khadi Mandir • Maa Tarini Bastralaya • Narula Sarees & Readymade • New Haryana Handloom • Pearl Furnishings • Prustyfashion • V.B. & Sons • Urban Furnishers • Amber • **Chhatia:** Ashoka Garments • **Cuttack:** Anshika • Balmukund Hargovind • Bhagabat Enterprises • Bhartia Distributors Private Ltd. • Brm Furnishing World • Care Point • Gaurav • Genx • Himalaya Handloom House • Home Decor Supply Mart • Mohini • Queens Collections Nx • Raghav Textile • Renu Store • **Daspalla:** Chandini • **Deogarh:** Rajhans Textiles • **Dhenkanal:** Haryana Handloom House • Sagarsaree Centre • **Jagatsinghpur:** Khuntia& Khuntia • Khuntia Enterprises • Suryamandir Fashion Bazar • **Jarka:** Shreeman Shreemati • Shyam Sundar • Fancy Store • Shreeman Shreemati • Shyam Sundar Fancy Store • **Jatni:** Shreemandir • **Jeypore:** Sangeeta • **Jharsuguda:** Fashion Clothing • Punjabcloth Store • Grihalaxmi • Mundra Vastralaya • The Bharat Super Market • **Junagarh:** Poonams Cloth Store • **Kantabanjhi:** S K Kishanlal & Co. • **Karanjia:** Mangilal Gourishankar • **Kendrapara:** Fashion Mayur Saree • Fashion Mayuri Nx • Jayashree Saree Center • Mayuri Décor • **Keonjhar:** Anita Textiles • Haryana Handloom & Co. • Paradise Textiles • Haryana Handloom & Co. • Paradise Textiles • Radhika • **Khelar:** Managovinda • **Koraput:** Mayuri Silk House • **Madhuban:** Chandan Cloth Store • **Nabarangpur:** Parasnath Emporium • **Nayagarh:** Ashoka • Guru Fashion • **Nichintakoili:** Kanha Agency • **Nimapara:** Sardar Fancy Cloth House • **Paradeep:** Khuntia & Khuntia • **Paralakhemundi:** Baratam Shopping Mall • **Phulbani:** Ashok Cloth Store • Shreemandir Cloth Store • **Puri:** Cityfashion • **Rahama:** Gajalaxmi Enterprises • **Rayagada:** Krishnamohan Enterprises • **Rayagadarayagada:** I. N. Sahoo & Co. • **Rourkela:** Gharsansar Mart • **Salepur:** Mayuri • **Salipur:** Shibani Saree Emporium • **Sambalpur:** Manjit Cloth Store • Silkocot • **Singhpur:** Dhal Brothers • **Soro:** Mangaldeep • **Talcher:** My Style

**Authorised Distributor – M/S Shankar Textile Jaunliapatty, Cuttack-753009** • Cell: 9437022811/9338004111

**ଆଜିର ମନ୍ତବ୍ୟ**

"ଭାରତ ସମେତ ବିଭିନ୍ନ ଦେଶରେ ଧର୍ମକୁ ଅସ୍ୱଭାବେ ବ୍ୟବହାର କରାଯାଉଛି। ଲିସେଷ୍ଟରରେ ଯାହା ଘଟିଛି ତାହା ସମ୍ପୂର୍ଣ୍ଣ ଅସହିଷ୍ଣୁତା। ଭାରତରେ ବାସ୍ତବ ସମସ୍ୟା ହେଉଛି, ଘୃଣିତ ବକ୍ତବ୍ୟ ଦେଉଥିବା ଲୋକେ ନିର୍ଦ୍ଦିଷ୍ଟ ନୀତିର ସମର୍ଥକ, ଯେଉଁମାନଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାହେଁ ନାହିଁ। -କପିଲ ଶିବଲ, ରାଜ୍ୟ ସଭା ସଦସ୍ୟ



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନୂଆ ନୂଆ ବେଳେ କେତେ ଆଦର
ପୁରୁଣା ହୋଇଲେ ଚୁଠ ପଥର।**

ନୂଆ ନୂଆ ଦରବ ବା ଜିନିଷ ସଭିଙ୍କ ମନକୁ ଆକୃଷ୍ଟ କରିଥାଏ। ତା' ପ୍ରତି ସମସ୍ତଙ୍କ ମନରେ ଆଦର ଭାବ ରହିଥାଏ। ତେବେ ଏହା ଯେତେବେଳେ ପୁରୁଣା ହୋଇଯାଏ ସେତେବେଳେ ତାଠାରୁ ମନ ଛାଡ଼ିଯାଇଥାଏ। ପୁରୁଣା ପ୍ରତି ଆଦର ହ୍ରାସ ହେବା ମଣିଷର ଏକ ସହଜାତ ପ୍ରବୃତ୍ତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନଈ ଶୁଖିଲେ କି କରେ ନାଆ
କ୍ଷୀର ଛାଡିଲେ କି କରେ ମାଆ।।**

ନଈ ଶୁଖିଗଲେ ଡଙ୍ଗା ବା ନାହା ଯାଇପାରି ନ ଥାଏ। ନଈରେ ପାଣି ନ ଆସିବା ଯାଏ ଗୋଟିଏ ଜାଗାରେ ପଡ଼ିରହିଥାଏ। ଶିଶୁ ମା'ର ସ୍ତନରୁ କ୍ଷୀର ପାନ ଛାଡ଼ିବା ପରେ ମା' ପ୍ରତି ଆଉ ଅଧିକ ବୋଝ ହୋଇ ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲିଃ

# ଦୁର୍ଘଟଣାଗ୍ରସ୍ତ ଭ୍ୟାନ୍‌ରୁ ବୋହିନେଲେ ବତକ



ଲୋକମାନେ ବତକ ବୋହି ନେଉଛନ୍ତି ।

ପାପଡ଼ାହାଣ୍ଡି,୨୩।୯(ଡି.ଏନ୍.ଏ.)

ଯାନ୍ତ୍ରିକ ତ୍ରୁଟି ଯୋଗୁ ଓଲଟି ପଡିଲା ବତକ ବୋଝେଇ ଭ୍ୟାନ୍। ଏହାପରେ ଭ୍ୟାନ୍‌ରୁ ବତକ ବୋହିନେଲେ ପଥଚାରୀ। ଏପରି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ସେମଳାରେ। ଶୁକ୍ରବାର ଆନ୍ଧ୍ରରୁ ଝାଡ଼ଖଣ୍ଡ ଯାଉଥିବା ଏକ ଭ୍ୟାନ୍ ଯାନ୍ତ୍ରିକ ତ୍ରୁଟି ଯୋଗୁ ସେମଳାଠାରେ ଓଲଟି ପଡିଥିଲା। ଏଥିରେ ବସିଥିବା କେ. ଶ୍ରୀନୁ ଓ ମହମ୍ମଦ ରହିମ ଗୁରୁତର ହୋଇଥିଲେ। ସେମାନଙ୍କୁ ପ୍ରଥମେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଖବରପାଇ ପାପଡାହାଣ୍ଡି ପୋଲିସ ପହଞ୍ଚି ଭ୍ୟାନକୁ ଉଠାଇଥିଲା। ଏହା ମଧ୍ୟରେ କେତେଜଣ ଲୋକ ବତକ ବୋହି ନେଇଯାଇଛନ୍ତି, ଯାହାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଉକ୍ତ ଦୁର୍ଘଟଣାଗ୍ରସ୍ତ ଭ୍ୟାନରେ ପ୍ରାୟ ୩ହଜାରରୁ ଊର୍ଦ୍ଧ୍ୱ ବତକ ଥିଲା। ୧୦୦ରୁ ଊର୍ଦ୍ଧ୍ୱ ବତକ ଲୋକେ ନେଇ ଯାଇଥିବା ଅନୁମାନ କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ସ୍ଲଟ୍ ମିଳୁନି, ...

ଭିତ୍ତିଭୂମି ରହିଛି ସେ ନେଇ ପରିବହନ ବିଭାଗ ପକ୍ଷରୁ କୌଣସି ଯାଞ୍ଚ କରାଯାଇ ନାହିଁ। ନମ୍ବର ପ୍ଲେଟ୍ ବଦଳାଇବା ପାଇଁ କେତେ ଟଙ୍କା ଦେବାକୁ ହେବ ସେ ନେଇ ମଧ୍ୟ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କିଛି କୁହାଯାଇ ନାହିଁ। ମିଳିଥିବା ସୂଚନା ଅନୁଯାୟୀ, ଦୁଇଚକିଆ ଯାନ ବିକ୍ରି କରୁଥିବା ଡିଲରମାନେ ନୂଆ ଗାଡ଼ି ପାଇଁ ହାଇ ସକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ୍ ବାବଦରେ ୩୫୦ରୁ ୫୦୦ ଟଙ୍କା ନେଉଥିବା ବେଳେ ଚାରିଚକିଆ ପାଇଁ ୬୦୦ରୁ ୧ହଜାର ନେଉଛନ୍ତି। ପୁରୁଣା ୨ ଚକିଆ ଗାଡ଼ି ପାଇଁ ୩୦୦ରୁ ୫୦୦ ଓ ୪ ଚକିଆ ପାଇଁ ୧୫୦୦ ଟଙ୍କା ନେଉଥିବା ଭୁବନେଶ୍ୱରରେ ଦୁଇ ଓ ଚାରିଚକିଆ ଯାନ ବିକ୍ରି କରୁଥିବା ଏକ ସଂସ୍ଥାର ମୁଖ୍ୟ ସୂଚନା ଦେଇଛନ୍ତି। ପୁରୁଣା ଗାଡ଼ି ପାଇଁ କୌଣସି ଦର ଧାର୍ଯ୍ୟ ହୋଇ ନ ଥିବାରୁ ଗାଡ଼ିମାଲିକଙ୍କୁ ଦେଢ଼ରୁ ଦୁଇଗୁଣା ଦେବାକୁ ପଡୁଛି। ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ୍ ପ୍ଲେଟ୍ ତିଆରି କରୁଥିବା କମ୍ପାନୀଙ୍କ କହିବା କଥା, ଅକ୍ଟୋବରରୁ ନିୟମକୁ କଡ଼ାକଡ଼ି କରିବା ଲାଗି ରାଜ୍ୟ ପରିବହନ କର୍ତ୍ତୃପକ୍ଷ ସ୍ପଷ୍ଟ କରିବା ପରେ ଆବେଦନ ବଢ଼ିଛି। ଏହାକୁ ଦୃଷ୍ଟିରେ ରଖି ଏହି ନମ୍ବର ପ୍ଲେଟ୍ ଉତ୍ପାଦନ ବଢ଼ାଯାଇଛି। ଆଗକୁ ପାର୍ବଣ ଥିବାରୁ ଡିଲରମାନେ ଗାଡ଼ି ବିକ୍ରିରେ ବ୍ୟସ୍ତ ରହିବେ। ଏହାଛଡ଼ା ଅନେକ ଛୁଟିଦିନ ରହିବ। ଏଥିଯୋଗୁ ଏଚ୍ଏସ୍ଆର୍‌ପିର ଯୋଗାଣର ଏକ ସପ୍ତାହ ୱେଟିଂ ପିରିୟଡକୁ ୧୫ ଦିନ ଯାଏ ବଢ଼ାଯାଇଛି। ଅନ୍ୟପକ୍ଷରେ ପରିବହନ ବିଭାଗ ପକ୍ଷରୁ କୁହାଯାଇଛି ଯେ ଶେଷ ଅଙ୍କ ୧ ଓ ୨ ଥିବା ଗାଡ଼ ପାଇଁ ଅଗଷ୍ଟ ୩୧ ଯାଏ ସମୟ ଦିଆଯାଇଥିଲା। କିନ୍ତୁ ଗତ ମାସରେ ବନ୍ୟା କାରଣରୁ ଏ ଅବଧିକୁ ସେପ୍ଟେମ୍ବର ଯାଏ ବଢ଼ାଯାଇଛି। ଆଗକୁ ଆଉ ଡେଡ୍‌ଲାଇନ୍ ବଢ଼ିବନି। କିନ୍ତୁ ୱେଟିଂ ପିରିୟଡ ବଢୁଥିବାରୁ ଜରିମାନା ଆଦାୟ କରାଯିବ କି ନାହିଁ ସରକାର ଉପଯୁକ୍ତ ସମୟରେ ନିଷ୍ପତ୍ତି ନେବେ। ସୂଚନା ଅନୁସାରେ, ପୁରୁଣା ନମ୍ବର ପ୍ଲେଟ୍ ବଦଳାଇବା ପାଇଁ ଏବେ ଦିନକୁ ୫୦ ହଜାରରୁ ଅଧିକ ଆବେଦନ ଆସୁଛି। ପ୍ରତିଦିନ ୧୩ ହଜାରରୁ ଅଧିକ ପ୍ଲେଟ୍ ଲାଗୁଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୧୨ ଲକ୍ଷ ୬୦ ହଜାରରୁ ଅଧିକ ଆବେଦନ ଆସିଥିବା ବେଳେ ୬ ଲକ୍ଷ ୫୧ ହଜାର ଗାଡ଼ିରେ ଏଚ୍ଏସ୍ଆର୍‌ପି ଲାଗି ସାରିଲାଣି। ପରିବହନ କମିଶନର ଅରୁଣ ବୋଥ୍ରା କହିଛନ୍ତି ଯେ ରାଜ୍ୟର ସମସ୍ତ ଗାଡ଼ି ଡିଲରଙ୍କ ପାଖରେ ନମ୍ବର ପ୍ଲେଟ ବଦଳାଯାଇପାରିବ। ନିଜର ସୁବିଧା ଦେଖି ଲୋକମାନେ କେଉଁଠି ଓ କେତେବେଳେ ଲଗାଇବେ ତାହା ନିଷ୍ପତ୍ତି ନେବେ। ନମ୍ବର ପ୍ଲେଟ୍ ପାଇଁ କୌଣସି ମୂଲ୍ୟ ଧାର୍ଯ୍ୟ କରାଯାଇ ନାହିଁ। କେଉଁ ଡିଲର କେତେ ଟଙ୍କା ନେଉଛନ୍ତି ତାହା ୱେବ୍‌ସାଇଟରେ ଉପଲବ୍ଧ ରହୁଛି। ଲୋକମାନେ ମୂଲଚାଲ କରି ଯେ କୌଣସି ଡିଲର ପାଖରେ ଲଗାଇ ପାରିବେ। ସରକାର ଏହି ମୂଲ୍ୟ ଧାର୍ଯ୍ୟ କରିପାରିବେ ନାହିଁ। ନୂଆ ଗାଡ଼ିରେ ନମ୍ବର ପ୍ଲେଟ୍ ପାଇଁ ଯେତିକି ଟଙ୍କା ଦେବାକୁ ପଡୁଛି ପୁରୁଣା ଗାଡ଼ିରେ ସେତିକି ଦେବାକୁ ପଡ଼ିବ। ଯଦି ଧାର୍ଯ୍ୟ ସମୟରେ ନମ୍ବର ପ୍ଲେଟ୍ ଲାଗିବାରେ ସମସ୍ୟା ହେବ ତେବେ ଜନସାଧାରଣଙ୍କ ହିତକୁ ଦେଖି ସରକାର ନିଷ୍ପତ୍ତି ନେବେ। ତେବେ ଏ ନେଇ ଏବେ ସୁଦ୍ଧା କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ଗାଡ଼ିମାଲିକ ସୁଦର୍ଶନ ରାଉତ କହିଛନ୍ତି ଯେ ମୋର ୭ ଖଣ୍ଡ ଗାଡ଼ି ରହିଛି। ମାସେ ହେଲା ସ୍ଲଟ୍ ବୁକିଂ କରିଥିଲେ ମଧ୍ୟ ସବୁ ନମ୍ବର ଆଉ ୬ ଦିନରେ ବଦଳାଇବା ସମ୍ଭବ ନୁହେଁ। ସରକାର ଏହାର ଅବଧି ଆଉ ୩ ମାସ ବଢ଼ାଇ ଦେଲେ ସହଜରେ ନମ୍ବର ପ୍ଲେଟ୍ ଲାଗିଯିବ।

### ଯୁଦ୍ଧ ଅପରାଧ ...

ଓ ସୁମିରେ ତନାଘନା କରିଥିଲେ। ରୁଷିଆ ଦ୍ୱାରା ଅନେକ ଅଟକ, ବିଦ୍ୟୁତ୍ ଆଘାତ ସହିଥିବା, ବାଧହୋଇ ଉଲଗ୍ନ ହୋଇଥିବା ଓ ବର୍ବରତାର ଶିକାର ବ୍ୟକ୍ତିମାନଙ୍କଠାରୁ ହସ୍ତଗତ ଅଦ୍ୟାବଧି ସର୍ବାଧିକ ବିସ୍ତୃତ ପ୍ରମାଣକୁ ଏହି ଏକ୍ସପର୍ଟ ଟିମ୍ ହ୍ୟୁମାନ୍ ରାଇଟ୍ସ କାଉନ୍‌ସିଲ ନିକଟରେ ଉପସ୍ଥାପନ କରିଛି। କମିଶନ ଅଧ୍ୟକ୍ଷ ଏରିକ୍ ମୋସ୍ କହିଛନ୍ତି, ଆମେ ପରିଦର୍ଶନ କରିଥିବା ଅଞ୍ଚଳରେ ରୁଷିଆ ପକ୍ଷରୁ ମୃତ୍ୟୁଦଣ୍ଡ ଦିଆଯାଇଥିବା ଲୋକଙ୍କ ସଂଖ୍ୟା ଦେଖି ଆମେ ସ୍ତବ୍ଧ ହୋଇଯାଇଥିଲୁ।

### ଦିଲୀପ ତିର୍କୀ ହକି ..

ରାକେଶ କାଟ୍ୟାଲ (ଉତ୍ତର ପ୍ରଦେଶ) ଓ ଭୋଳାନାଥ ସିଂ (ଝାଡ଼ଖଣ୍ଡ) ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବାରୁ ନିର୍ବିବାଦରେ ହକି ଇଣ୍ଡିଆର ମୁଖ୍ୟ ପଦ ହାସଲ କରିଛନ୍ତି ପଦ୍ମଶ୍ରୀ ଦିଲୀପ। ପ୍ରଥମ ଓଡ଼ିଆ ଭାବେ ଦିଲୀପ ହକି ଇଣ୍ଡିଆର ସଭାପତି ଭାବେ ନିର୍ବାଚିତ ହୋଇ ରାଜ୍ୟକୁ ଗର୍ବିତ କରିଛନ୍ତି। ସମସ୍ତ ପଦ ପାଇଁ ନିର୍ବିବାଦରେ ପ୍ରାର୍ଥି ଚୟନ ହୋଇଥିବାରୁ ନିର୍ବାଚନର ଆବଶ୍ୟକ ପଡ଼ିନାହିଁ। ଏହାକୁ ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍ଆଇଏଚ୍) ମଧ୍ୟ ଅନୁମୋଦନ କରିଛି। ଏହି କ୍ରମରେ ଭୋଳାନାଥ ହକି ଇଣ୍ଡିଆ ମହାସଚିବ ନିର୍ବାଚିତ ହୋଇଛନ୍ତି। ତାଙ୍କର ଦୁଇ ପ୍ରତିଦ୍ୱନ୍ଦ୍ୱୀ ହିତେଶ ସିନ୍ଧୱାନୀ (ଦିଲ୍ଲୀ) ଓ ମନୋଜ ଭି. ଭୋରେ (ମହାରାଷ୍ଟ୍ର) ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନେଇଥିଲେ। ଅସୀମା ଅଲୀ (ଜମ୍ମୁ-କଶ୍ମୀର) ଓ ଏସ୍.ଭି.ଏସ୍. ସୁବ୍ରମଣ୍ୟ ଗୁପ୍ତା (କର୍ଣ୍ଣାଟକ) ଦୁଇ ଉପସଭାପତି, ସେକର ଜେ. ମନୋହରନ (ତାମିଲନାଡୁ) କୋଷାଧ୍ୟକ୍ଷ ଏବଂ ଆରତି ସିଂ (ରାଜସ୍ଥାନ) ଓ ସୁନୀଲ ମଲିକ (ହରିୟାଣା) ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବାବେଳେ ଅରୁଣ କୁମାର ସାରସ୍ୱତ (ରାଜସ୍ଥାନ), ଆଶ୍ରିତା ଲାକ୍ରା (ଝାଡ଼ଖଣ୍ଡ), ଗୁରପ୍ରୀତ୍ କୌର (ଦିଲ୍ଲୀ), ଭି. ସୁନୀଲ କୁମାର (କେରଳ) ଓ ତପନ କୁମାର ଦାସ (ଆସାମ) କାର୍ଯ୍ୟକାରିଣୀ କମିଟି ସଦସ୍ୟ ହୋଇଛନ୍ତି।

ଜଣେ ଖେଳାଳି ଓ ଅଧିନାୟକ ଭାବେ ଅନେକ ସଫଳତା ସ୍ୱାଦ ଚାଖିଥିବା ଦିଲୀପ ଏବେ କ୍ୟାରିୟରର ଏକ ନୂଆ ଇନିଂସ ଆରମ୍ଭ କରିବାକୁ ଯାଉଛନ୍ତି। ଦୀର୍ଘ ୧୫ ବର୍ଷର କ୍ୟାରିୟରରେ ସେ ୪୧୨ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ସେ ୩ଟି ଅଲିମ୍ପିକ୍ସରେ ଭାରତକୁ ପ୍ରତିନିଧିତ୍ୱ କରିଛନ୍ତି, କେବଳ ସେତିକି ନୁହେଁ ୨୦୦୪ ଏଥେନ୍ସ ଅଲିମ୍ପିକ୍‌ରେ ସେ ଦଳର ନେତୃତ୍ୱ ମଧ୍ୟ ନେଇଥିଲେ। ୨୦୧୨ରୁ ୨୦୧୮ ପର୍ଯ୍ୟନ୍ତ ସେ ରାଜ୍ୟ ସଭା ସଦସ୍ୟ ଥିଲେ। ହକି ଆସୋସିଏଶନ ଅଫ୍ ଓଡ଼ିଶାର ସଭାପତି ଭାବେ ହକି ଇଣ୍ଡିଆର ସର୍ବୋଚ୍ଚ ପଦବୀ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିଲେ। "ତୃଣମୂଳ ସ୍ତରରୁ ହକିର ବିକାଶ ମୁଖ୍ୟ ଲକ୍ଷ୍ୟ ରହିବ। ବିଶେଷକରି ଯେଉଁ ରାଜ୍ୟଗୁଡ଼ିକରେ ହକି ଲୋକପ୍ରିୟତା ଅର୍ଜନ କରିନାହିଁ ତା' ଉପରେ ଫୋକସ ରହିବ। ହକିକୁ ବହୁ ଉଚ୍ଚକୁ ନେବା ମୋର ଲକ୍ଷ୍ୟ" ବୋଲି ଦିଲୀପ ପ୍ରକାଶ କରିଛନ୍ତି। ଗତ ଅଗଷ୍ଟରେ ହକି ଇଣ୍ଡିଆ ଏହାର ନିର୍ବାଚନ ପରିଚାଳନା ପାଇଁ ଅଜୟ ନାୟକଙ୍କୁ ରିଟର୍ନିଂ ଅଫିସର ଭାବେ ନିଯୁକ୍ତ କରିଥିଲା। ଅଜୟ ହେଉଛନ୍ତି ବିହାର ସରକାରଙ୍କ ପୂର୍ବତନ ଚିଫ୍ ଇଲେକ୍ଟୋରାଲ ଅଫିସର। ଏ.କେ. ମଜୁମ୍‌ଦାରଙ୍କୁ ସହକାରୀ ରିଟର୍ନିଂ ଅଫିସର ଭାବେ ନିଯୁକ୍ତ କରାଯାଇଥିଲା।

### ୩୦ ଜିଲାର ଯୋଜନା ...

ନୟାଗଡ଼, ବିଧାୟକ ଶାରଦା ନାୟକଙ୍କୁ ସୁନ୍ଦରଗଡ଼ ଜିଲାର ଯୋଜନା କମିଟି ଅଧ୍ୟକ୍ଷ ଭାବେ ଦାୟିତ୍ୱ ମିଳିଛି। ଏମାନଙ୍କ ମଧ୍ୟରୁ ମନୋହର ରନ୍ଧାରୀ ଏବଂ ରାଜେନ୍ଦ୍ର ସାହୁଙ୍କୁ ନୂତନ କରି ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ସେହିପରି ୧୯ ଜଣ ମନ୍ତ୍ରୀଙ୍କୁ ମଧ୍ୟ ଜିଲା ଯୋଜନା କମିଟି ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି। ଅଶୋକ ଚନ୍ଦ୍ର ପଣ୍ଡାଙ୍କୁ ଅନୁଗୋଳ, ରାଜେନ୍ଦ୍ର ଢୋଲକିଆଙ୍କୁ ଦେବଗଡ଼, ବାସନ୍ତୀ ହେମ୍ବ୍ରମଙ୍କୁ ଢେଙ୍କାନାଳ, ଜଗନ୍ନାଥ ସାରକାଙ୍କୁ ଗଜପତି, ପ୍ରଫୁଲ୍ଲ ମଲ୍ଲିକଙ୍କୁ ଗଞ୍ଜାମ, ପ୍ରମିଳା ମଲ୍ଲିକଙ୍କୁ ଜଗତ୍‌ସିଂହପୁର, ସମୀର ରଞ୍ଜନ ଦାସଙ୍କୁ ଯାଜପୁର, ପ୍ରୀତିରଞ୍ଜନ ଘଡ଼େଇଙ୍କୁ ଝାରସୁଗୁଡ଼ା, ନବ ଦାସଙ୍କୁ କଳାହାଣ୍ଡି, ଶ୍ରୀକାନ୍ତ ସାହୁଙ୍କୁ କନ୍ଧମାଳ, ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ କେନ୍ଦ୍ରାପଡ଼ା, ତୁଷାରକାନ୍ତି ବେହେରାଙ୍କୁ ମାଲକାନାଗିରି, ଅଶ୍ୱିନୀ ପାତ୍ରଙ୍କୁ ମୟୂରଭଞ୍ଜ, ଟୁକୁନି ସାହୁଙ୍କୁ ନୂଆପଡ଼ା, ନିରଞ୍ଜନ ପୂଜାରୀଙ୍କୁ ପୁରୀ, ଅତନୁ ସବ୍ୟସଚୀ ନାଏକଙ୍କୁ ରାୟଗଡ଼ା, ପ୍ରତାପ କେଶରୀ ଦେବଙ୍କୁ ସମ୍ବଲପୁର ଜିଲା ଯୋଜନା କମିଟି ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ପୂର୍ବାହ୍ନରେ କୌଣସି ବନ୍ଧୁ ସ୍ୱତଃପ୍ରବୃତ୍ତ ଭାବରେ ସାହାଯ୍ୟ କରିବାକୁ ଆଗେଇ ଆସିବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସହ ସହମତିରେ କାର୍ଯ୍ୟକଲେ ସଫଳତା ପାଇବେ। ପରିବାରରେ ସନ୍ତାନଙ୍କ କୃତି ଓ କୃତିତ୍ୱରେ ଖୁସି ହୋଇପାରନ୍ତି। ଅଫିସ୍‌ରେ ସ୍ଥଗିତ କାମ ପାଇଁ ଅନ୍ୟକୁ କିମ୍ବା ନିଜ ଘର ଲୋକଙ୍କୁ କୈଫିୟତ୍ ଦେବାକୁ ପଡ଼ିପାରେ।

**ବୃଷ** ମାନସିକ ଅସ୍ଥିରତାକୁ ବୃଦ୍ଧି କରିବାରେ ବନ୍ଧୁଙ୍କ ପରୋକ୍ଷ କାର୍ଯ୍ୟାବଳୀ ଅନନ୍ୟ କାରଣ ହୋଇପାରେ। ସନ୍ତାନଙ୍କ ସମସ୍ୟା ସମାଧାନ ଓ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ । ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ପ୍ରସ୍ତୁତିପର୍ବ ଜୋର୍‌ଦାର କରିପାରନ୍ତି। କୌଣସି ଆତ୍ମୀୟଙ୍କ ଅସହଯୋଗ ଓ ପରୋକ୍ଷ ସମାଲୋଚନାରେ କ୍ଷୁବ୍ଧ ହେବେ ।

**ମିଥୁନ** ବନ୍ଧୁଙ୍କ ପରାମର୍ଶରେ ନୂତନ କାମ ଆରମ୍ଭ ଲାଗି ଚେଷ୍ଟା କରିପାରନ୍ତି। ପାରିବାରିକ କ୍ଷେତ୍ରରେ କୌଣସି ସମସ୍ୟାକୁ ସହଜରେ ସମାଧାନ କରିବାରେ ସଫଳ ହେବେ। ଉପସ୍ଥିତ ସମସ୍ୟା ସମାଧାନ କ୍ଷେତ୍ରରେ ଉପରିସ୍ଥଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଆଜି ଅପରାହ୍ନରେ ଭ୍ରମଣ ସୁଯୋଗ ଲାଭ କରିବେ।

**କର୍କଟ** କର୍ମକ୍ଷେତ୍ରରେ ସମସ୍ତ ପ୍ରକାର ସୁବିଧା ଥିଲେ ମଧ୍ୟ କେତେକ କାମ ଅଧୁରା ରହିଯିବ। ବ୍ୟବସାୟ,ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବାରେ ବନ୍ଧୁ ସାହାଯ୍ୟ କରିବେ। ନିଜର ଚତୁଃପାର୍ଶ୍ୱରେ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ସାମୟିକ ମନ ହାଲୁକା ହୋଇଯିବ ।

**ସିଂହ** ଯେତେ ପ୍ରକାର ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ଅନ୍ୟମାନଙ୍କୁ ତାହା ସାଧାରଣ ମନେ ହେବ, ଫଳରେ ପାରିବାରିକ ସ୍ଥିରତା ହଠାତ୍ ଆସି ନ ପାରେ। ସଭାସମିତିରେ ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଏକାନ୍ତବୋଧ ହ୍ରାସ ପାଇବ। କର୍ମକ୍ଷେତ୍ରରେ ସରକାରୀ ସ୍ତରରୁ ସମ୍ମାନିତ ହେବେ।

**କନ୍ୟା** ଆଜି ସାମାଜିକ ସ୍ତରରେ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଜମିଜମା, ଗୃହସୀମା, କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ସମସ୍ତ ପ୍ରକାରର ସୁବିଧାଥିଲେ ମଧ୍ୟ ବହୁ କଷ୍ଟରେ କାର୍ଯ୍ୟସିଦ୍ଧି ଘଟିବ।

**ତୁଳା** ସମସ୍ୟା ଭାରାକ୍ରାନ୍ତ ହୋଇ ମନଟା ଭଲ ଲାଗିବ ନାହିଁ। ପିଲାଙ୍କ ଆଚରଣରେ ପରିବର୍ତ୍ତନ ଆସିପାରେ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ,ନଚେତ୍ ଅଯଥା କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ବ୍ୟବସାୟ ଓ ପରିବହନରେ, କଳା ସାହିତ୍ୟ ଓ ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ ।

**ବିଛା** ବନ୍ଧୁମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ ଓ ଲକ୍ଷ୍ୟ ପୂରଣ କରିପାରିବେ । ଆଜିର ଯାତ୍ରା ସମୟରେ, ବନ୍ଧୁ ମିଳନରେ, ଆଲୋଚନା କିମ୍ବା ସଭା ସମିତିରେ ଆଗ୍ରହୀ ହୋଇପାରନ୍ତି । ମାଲିମକଦ୍ଦମାରେ ବିଜୟ ପ୍ରାପ୍ତିର ଆଶା କରିବେ। ପାରିବାରିକ ସମସ୍ୟା ସୁଧାରିବା କ୍ଷେତ୍ରରେ ସହଯୋଗର ଅଭାବ ରହିବ ନାହିଁ।

**ଧନୁ** ଆଜି କୌଶଳ ପ୍ରୟୋଗ କରି, ବନ୍ଧୁଙ୍କୁ ମନାଇ, ଅର୍ଥ ପ୍ରଲୋଭନ ମାଧ୍ୟମରେ କାମ ହାସଲ କରିବେ। ବିବାଦୀୟ ଘଟଣା ସକାଶେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହେବେ । ବନ୍ଧୁ ଓ ପରିଜନଙ୍କ ସହ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବାର ସମ୍ଭାବନା ରହିଛି ।

**ମକର** କାର୍ଯ୍ୟହାନି କାରଣରୁ ମାନସିକ ଦୁଶ୍ଚିନ୍ତା ଯୋଗୁ ରକ୍ତଚାପ ମଧ୍ୟ ବଢ଼ିପାରେ। ଅଭାବ ଲାଗି ରହିଥିଲେ ମଧ୍ୟ ଧାର କରଜ କରି କାମ ତୁଲାଇ ନେବେ। ଈର୍ଷାପରାୟଣ ମନୋଭାବ ନେଇ ନିକଟ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। ପରିବାର ଓ ପରିବହନ ତଥା ବ୍ୟବସାୟିକ ଦିଗରୁ ଲାଭବାନ ହେବେ।

**କୁମ୍ଭ** କାମ ହାସଲରେ ବନ୍ଧୁଙ୍କ ବାଚନିକ ସାହାଯ୍ୟ ସହାୟକ ହୋଇପାରେ। ପାରିବାରିକ କ୍ଷେତ୍ରରେ କାହାର ଛୋଟ କଥାକୁ ଧରି ବସନ୍ତୁ ନାହିଁ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, କଚେରି ମାମଲା, ପରିବହନ ଦିଗରୁ ଲାଭବାନ୍ ହେବେ। କର୍ମକ୍ଷେତ୍ରରେ ଦୃଢ଼ ପଦକ୍ଷେପ ଗ୍ରହଣ କରି କାମ ହାସଲ କରିବେ।

**ମୀନ** ସକାଳୁ ଶୁଭ ଖବର ପାଇ ମନ ଖୁସି ହୋଇଯିବ। ନିଜ ଲୋକଙ୍କ ଚାଲିଚଳନ ଓ ଆଚାର ବ୍ୟବହାରକୁ ନାପସନ୍ଦ କରିପାରନ୍ତି। ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି, ଯାହାକି ଆପଣଙ୍କ ସକାଶେ କିଛି ଅସୁବିଧା ସୃଷ୍ଟି ହୋଇପାରେ। ଆଲୋଚନା ପରିସରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।


# classifieds Everyday
0674-2580101, 2549302

**real estate**

**SALE**

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

M Planets - 7008550473. Contact for Simplex/ Duplex/Apartment Construction and interior design (Modular Kitchen/TV Unit/Wardrobe). D-1605

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-1367

ଭୁବନେଶ୍ୱରରେ ପ୍ଲଟ୍ କିଣନ୍ତୁ। Patrapada 1900/-, Gangapada-850/-, Sundarpada-399/-. 9439493164. D-74123

**Clean ପ୍ଲଟ୍ immediate registration price double ଦୁଇ ବର୍ଷ ଭିତରେ, high potential roads, ଗଙ୍ଗପଡ଼ା, ପଟିଆ ପରି ବଢ଼ିଚାଲିଛି। sqft. 1050/-. Contact- 9040045759.** D-74121

**ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରି ହେବ । Mob.- 9827119799** D-1580

**Bhubaneswar Khorda near 100ft. road available ଘରବାଡ଼ି ଜମି immediate registration, possession book @ 3lacs. 9078263828.** D-1520

**ORERA Approved 2/3 BHK flat for sale at Jharpada and Hanspal Chhak NH side. Contact: 7978209277.** 1539

**Readymade 2/3 BHK flat sale at Acharyavihar. Contact: 7978209277.** D-1537

**Layout approval (30'road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/-ରେ କିଣନ୍ତୁ। OD GROUP. 9437033320.** D-74112

ଭୁବନେଶ୍ୱର GITA/ Gandhi College/ Cultural University ପାଖରେ 30' road ଥାଇ sqft. 650/- plot କିଣନ୍ତୁ। 9348767829. D-74117

**Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ । 7008297827, 9692999455.** D-74105

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-1368

**construction**

Do you want to construct buildings on your own plot. Contact: 7008268129, 9439143273. D-71352

**Make your dream home with quality construction in affordable price as your choice. For plan approval, structure, Krishna Contech- 8249485093, 9438315332.** D-73295

**to-let**

Available 380sqft. house for Office/ Coaching Centre at Sahidnagar near Kalinga Sales. Contact: 9337623112. D-1607

Well furnished 3 BHK Apartment with wardrobes in 3 bed room, 6 fans, chimeny fitted kitchen at Dumduma Housing Board, Phase-VI, 804 available for rent. Contact: Madhusmita Pati, (M)- 9556344469. D-1586

**healthcare**

Ashirvaad Saloon and SPA getgood massage for your health tha best therapy. 7077181074. D-73973

Newly opened full body massage center by expert therapist. 7381172169. D-73648

**Relax, Refresh your body, Mind at Saikrupa Spa with best therapies. 8984068077.** D-1543

Newly open Spa positively health benefit with expert. Contact: 7749976301. D-73873

Hearbal full body relax massage by trend ledy therapist. 6371676208. D-73644

**One hour any therapy by expert therapist @999 only. 9078484455.** D-73645

Only professional massage and steam bath, Trupti Spa - 9337337007, 9861550765. D-1577

**education**

Medical Exam. Registration- BAMS/ BHMS/ BUMS/ BDS/ BPT/ ANM/ GNM/ D.Pharma/ Dental Hygiene/ DHMS/ DAMS/ DUMS. W.A- 9064681304. D-1600

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**business**

Housing, Mortgage, Topup and Four Wheeler loan From Nationalised Bank. 8249291173. D-70291

**AFFIDAVIT**

I, Prafulla Kumar Dash, aged 75 Years, son of Late Padma Lochan Dash, resident of Lane No-11, Chaman Vihar, Niranjanpur, Majra, Dehradun, Uttarakhand-248171 and presently residing at Flat no.- A/304, Vaishnavi Apartment, Patia, Nandan Kanan road, Bhubaneswar, Dist:Khurda, Odisha sworn affidavit on dated 20.09.2022 before THE EXECUTIVE MAGISTRATE, BHUBANESWAR, that the maiden name of my wife was "Swarna Rath" D/o- Bhaskar Rath subsequent to her marriage with me, she changed her surname from "Rath" to "Dash". That, my deceased wife's name is recorded as "Swarna Rath" in Lease deed for House executed by Orissa State Housing Board (OSHB) in Lease Deed No-3093/1999 dated 04.07.1999 in respect of House No.G/L-3 at V.S.S. Nagar, Ph-II, Bhubaneswar. That, my wife's surname is mentioned as "Swarna Dash" in her Aadhaar card XXXXXXXX3925, PAN Card No- ALHPR4456R and Legal Heir Certificate. That, both "Swarna Dash" and "Swarna Rath" are the name of one and the same person i.e. of my Wife. That, the correctly and acceptable name of my wife is Swarna Dash. That, this declaration is required to produced before the authority of Orissa State Housing Board (OSHB) for reference in application for the change of the name of allottee in name of her Legal heirs and for other future references. D-1612

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୧,୯୩,୯୧,୦୫୫ | ୬୫,୩୭,୨୦୧ | ୫୯,୯୨,୪୫,୩୨୩ |
| ଭାରତ | ୪,୪୫,୫୮,୪୨୫ | ୫,୨୮,୪୪୯ | ୪,୩୯,୮୪,୬୯୫ |
| ଓଡ଼ିଶା | ୧୩,୩୨,୫୩୩ | ୯୧୮୬(+୫୩) | ୧୩,୨୧,୮୫୭ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ମୁଖ୍ୟମନ୍ତ୍ରୀଙ୍କ ସମ୍ପତ୍ତି କମିଛି

## ■ ମନ୍ତ୍ରୀ ନବ ଦାସଙ୍କର ୭୫ ବ୍ୟବସାୟିକ ଗାଡ଼ି
## ■ ୪ ମନ୍ତ୍ରୀଙ୍କର ୪ ଚକିଆ ଯାନ ନାହିଁ

ଭୁବନେଶ୍ୱର,୨୩।୯(ବ୍ୟୁରୋ)

୨୦୨୧ ଡିସେମ୍ବର ସୁଦ୍ଧା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ମୂଲ୍ୟ ୬୪.୯୭ କୋଟି ଟଙ୍କା। ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ନିଜର ସମ୍ପତ୍ତି ତାଲିକାକୁ ସାର୍ବଜନୀନ କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ସମ୍ପତ୍ତି ତାଲିକାରେ ଉଲ୍ଲେଖ କରିଛନ୍ତି ଯେ ଭୁବନେଶ୍ୱର, ନୂଆଦିଲ୍ଲୀ, ହିଞ୍ଜିଳିକାଟୁ ଏବଂ ପଦ୍ମପୁରରେ ୬ଟି ବ୍ୟାଙ୍କ ଆକାଉଣ୍ଟ ରହିଛି। ୨୦୨୧ ଡିସେମ୍ବର ୩୧ ସୁଦ୍ଧା ନବୀନଙ୍କର ମୋଟ ସମ୍ପତ୍ତି ମୂଲ୍ୟ ୬୪ କୋଟି ୯୭ ଲକ୍ଷ ୮୯ ହଜାର ୨୨୦ ଟଙ୍କା । ୨୦୨୦ ତୁଳନାରେ ତାଙ୍କ ସମ୍ପତ୍ତିର ମୂଲ୍ୟ ୩୦ ହଜାର ୫୪୩ ଟଙ୍କା କମିଛି। ୨୦୨୦ରେ ତାଙ୍କ ସମ୍ପତ୍ତିର ମୂଲ୍ୟ ୬୪,୯୮,୧୯୭,୬୩ ଥିବା ବେଳେ ଅସ୍ଥାବର ସମ୍ପତ୍ତି ମୂଲ୍ୟ ୬୩,୬୪,୦୭,୨୬୧ ଓ ସ୍ଥାବର ସମ୍ପତ୍ତି ମୂଲ୍ୟ ୧,୩୪,୦୪,୫୦୩। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ୱେବ୍‌ସାଇଟରେ ଅପ୍‌ଲୋଡ କରାଯାଇଥିବା ସମ୍ପତ୍ତି ତାଲିକାରେ ଦର୍ଶାଯାଇଛି ଯେ ନବୀନଙ୍କର ବିଭିନ୍ନ ବ୍ୟାଙ୍କରେ ୯୧.୪୧ ଲକ୍ଷ ଟଙ୍କା ଥିବା ବେଳେ ୩.୪୫ ଲକ୍ଷ ଟଙ୍କାର ସୁନାଗହଣ ଏବଂ ୬,୪୩୪ ଟଙ୍କାର ଆମ୍ବାସାଡାର କାର ରହିଛି। ଏସବୁକୁ ମିଶାଇଲେ ମୋଟ ୧୨,୦୯,୨୫,୦୩୧ ଟଙ୍କା ଏବଂ ୫୨,୮୮,୬୪,୧୯୦ ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି। ମୁଖ୍ୟମନ୍ତ୍ରୀଙ୍କର ନବୀନ ନିବାସରେ ଏକତୃତୀୟାଂଶ ଅଂଶଧନ ରହିଛି, ଯାହାର ଆନୁମାନିକ ମୂଲ୍ୟ ୯,୫୨,୪୬,୧୯୦ ଟଙ୍କା। ନୂଆଦିଲ୍ଲୀସ୍ଥିତ ଏପିଜେ ଅବଦୁଲ କଲାମ ରୋଡ୍ ନିକଟରେ ଥିବା ସମ୍ପତ୍ତିରେ ନବୀନଙ୍କର ୫୦% ଅଂଶଧନ ରହିଛି, ଯାହାର ଆନୁମାନିକ ମୂଲ୍ୟ ୪୩,୩୬, ୧୮, ୦୦୦ ଟଙ୍କା ହେବ। ଏହି ଉଭୟ ସ୍ଥାବର ସମ୍ପତ୍ତି ସେ ବଂଶାନୁକ୍ରମ ସୂତ୍ରରେ ପାଇଥିବା ଉଲ୍ଲେଖ କରିଛନ୍ତି।

ସେହିପରି ସାମାଜିକ କଲ୍ୟାଣ ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ତାଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ମୂଲ୍ୟ ୬.୪୯ କୋଟି ଟଙ୍କା ଦର୍ଶାଇଥିବାବେଳେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ତାଙ୍କ ସ୍ତ୍ରୀଙ୍କ ନାମରେ ୭୫ଟି ଗାଡ଼ି ଥିବା ସମ୍ପତ୍ତି ତାଲିକାରେ ଉଲ୍ଲେଖ କରିଛନ୍ତି। ସେସବୁ ଗାଡ଼ି ବ୍ୟବସାୟରେ ନିୟୋଜିତ ହୋଇଛି। ସେଥିରୁ ୨୦୨୧ରେ ୧୮ଟି ଗାଡ଼ି କିଣାଯାଇଛି ବୋଲି ସେ ଦର୍ଶାଇଛନ୍ତି। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ମନ୍ତ୍ରୀ ରୀତା ସାହୁ, ପ୍ରଫୁଲ୍ଲ ମଲ୍ଲିକ, ଅଶ୍ୱିନୀ ପାତ୍ର ସେମାନଙ୍କ ନାମରେ କୌଣସି ୪ ଚକିଆ ଯାନ ନ ଥିବା ସମ୍ପତ୍ତି ତାଲିକାରେ ଦର୍ଶାଇଛନ୍ତି। କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ତାଙ୍କ ନାମରେ କୌଣସି ଘର ନାହିଁ ଏବଂ ତାଙ୍କର ୨ ହଜାର ଟଙ୍କା ମୂଲ୍ୟର ଏକ ଦୁଇଚକିଆ ଯାନ ରହିଥିବା ଉଲ୍ଲେଖ କରିଛନ୍ତି।

# ଆଜି ଭୁବନେଶ୍ୱର କ୍ଲବ୍ ନିର୍ବାଚନ

ଭୁବନେଶ୍ୱର,୨୩।୯(ବ୍ୟୁରୋ)


ଅସିତ୍ ତ୍ରିପାଠୀ


ସତ୍ୟପ୍ରକାଶ ନନ୍ଦ

ହାଇ ପ୍ରୋଫାଇଲ୍ ଭୁବନେଶ୍ୱର କ୍ଲବ୍‌ର ନିର୍ବାଚନ ଶନିବାର ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟତଃ ବର୍ତ୍ତମାନର ସଭାପତି ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ଓ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ୍ ତ୍ରିପାଠୀ ଏବଂ ପୂର୍ବତନ ଉନ୍ନୟନ କମିଶନର ତଥା ଓଇଆର୍‌ସି ଅଧ୍ୟକ୍ଷ ସତ୍ୟପ୍ରକାଶ ନନ୍ଦଙ୍କ ମଧ୍ୟରେ ସଭାପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଅସିତ୍‌ଙ୍କ ଟିମ୍‌ରୁ ଉପସଭାପତି ପଦ ପାଇଁ ମହେନ୍ଦ୍ର ଗୁପ୍ତା, ସମ୍ପାଦକ ପାଇଁ ଦିଲୀପ ରାଉତରାୟ, ଯୁଗ୍ମ ସଚିବ ପାଇଁ ଅଶୋକ ମିଶ୍ର, କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଭାବେ ଟି.କେ. ଦାସ, ପି. ଜେ. ପଟ୍ଟନାୟକ, ପି. ନାଥ୍, ଡ. ପି.ଭି. ମୋହନ, ପି. କେ. ମହାନ୍ତି ଏବଂ ଡ. ଦେବବ୍ରତ ବିଶ୍ୱାଳ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ସତ୍ୟପ୍ରକାଶଙ୍କ ଟିମ୍‌ରେ ଉପସଭାପତି ପ୍ରାର୍ଥୀ ଭାବେ ତାପେସ ରାୟ, ସମ୍ପାଦକ ପଦବୀ ପାଇଁ ମାନସ ରଞ୍ଜନ ଦାସ, ଯୁଗ୍ମ ସଚିବ ପଦ ପାଇଁ ଜ୍ୟୋତିର୍ମୟ ମହାନ୍ତି ନିର୍ବାଚନ ଲଢୁଛନ୍ତି। ଏଥିସହିତ ଏହି ଟିମ୍‌ରେ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ପାଇଁ ଅଚିନ୍ତ୍ୟ ବିକାଶ ମହାନ୍ତି, ଦେଓଶଙ୍କର ତ୍ରିପାଠୀ, ପ୍ରାର୍ଥସାରଥି ପାଣିଗ୍ରାହୀ, ରମେଶଚନ୍ଦ୍ର ଦାସ ଏବଂ ଜୟନ୍ତ କୁମାର ହୋତା ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

ସତ୍ୟପ୍ରକାଶଙ୍କ ଟିମ୍‌ର ସ୍ଲୋଗାନ 'ଆସ କ୍ଲବ୍‌କୁ ବଞ୍ଚାଇବା' ରହିଛି। ଏଥିସହିତ ପରିବର୍ତ୍ତନ ପାଇଁ ଭୋଟ୍ ଦିଅନ୍ତୁ ଓ କ୍ଲବ୍‌ର ଗୌରବ ଅକ୍ଷୁର୍ଣ୍ଣ ରହୁ ବୋଲି କହି ସେମାନେ ଭୋଟ ନିଜ ସପକ୍ଷରେ ମାଗୁଛନ୍ତି। ଅନ୍ୟପକ୍ଷରେ ଅସିତ୍‌ଙ୍କ ଟିମ୍‌ର ଟ୍ରାନ୍ସଫର୍ମେଶନ ବା ରୂପାନ୍ତରୀକରଣକୁ ଜାରି ରଖିବା ସ୍ଲୋଗାନ ରହିଛି। ଏହାକୁ ଆଧାର କରି ସେମାନେ ଭୋଟ ଭିକ୍ଷା କରୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ବର୍ଷ କ୍ଲବ୍ ନିର୍ବାଚନରେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକଙ୍କୁ ହରାଇ ଅସିତ୍ ସଭାପତି ହୋଇଥିଲେ।

# ୧୨ ବର୍ଷ ପରେ ସ୍ୱାମୀ ଜାଣିଲେ ସ୍ତ୍ରୀ ମୁସଲମାନ





**ଲକ୍ଷ୍ନୌ, ୨୩।୯:** ଉତ୍ତର ପ୍ରଦେଶ ଶହନୱାଜପୁରର ଜଗବୀର କୋରିଙ୍କ ସ୍ତ୍ରୀ ପୂଜା ମୁସଲମାନ ବୋଲି ବାହାଘରର ୧୨ ବର୍ଷ ପରେ ସେ ଜାଣିବାକୁ ପାଇଛନ୍ତି। ସ୍ତ୍ରୀଙ୍କ ପ୍ରକୃତ ନାମ ହସିନା ବନୋ। ସ୍ତ୍ରୀ ଓ ଶ୍ୱଶୁରଘର ଲୋକେ ତାଙ୍କୁ ଧର୍ମ ପରିବର୍ତ୍ତନ ପାଇଁ ଧମକାଉଥିବା ନେଇ ଜଗବୀର ଥାନାରେ ଅଭିଯୋଗ କରିଛନ୍ତି। କିଛିବର୍ଷ ପୂର୍ବେ ହସିନା କେତେଜଣ ପିଲାଙ୍କୁ ଇସ୍‌ଲାମ ପାଠ ପଢ଼ାଉଥିବା ସ୍ୱାମୀ ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ସ୍ତ୍ରୀଙ୍କୁ ପଚାରିବାରୁ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା ଓ ହସିନା ଘରଛାଡ଼ି ତାଙ୍କ ବାପ ଘରକୁ ଚାଲିଯାଇଥିଲେ। କିଛିଦିନ ପରେ ହସିନା ପୁଣି ଜଗବୀରଙ୍କ ପାଖକୁ ଫେରିଥିଲେ। ଜଗବୀରଙ୍କୁ ଧର୍ମ ପରିବର୍ତ୍ତନ କରିବା ପାଇଁ ସ୍ଥାନୀୟ ଗୁଣ୍ଡା ନସୀର ତାଙ୍କ ମୁଣ୍ଡ କାଟି ଦେବା ପାଇଁ ଧମକ ଦେଉଥିଲେ। ଅଭିଯୋଗ ପରେ ସ୍ଥାନୀୟ ପୋଲିସ ନସୀରଙ୍କୁ ଗିରଫ କରିଛି। ୧୨ ବର୍ଷ ପୂର୍ବେ ଏକ ରେଳ ଷ୍ଟେଶନ୍‌ରେ ହସିନାଙ୍କ ସହ ଜଗବୀରଙ୍କ ଭେଟ ହୋଇଥିଲା। ହସିନା ଜଣେ ଅସହାୟ ବୋଲି କହିବା ପରେ ଜଗବୀର ତାଙ୍କୁ କୋର୍ଟରେ ବିବାହ କରିଥିଲେ। ସେମାନଙ୍କର ଦୁଇଟି ସନ୍ତାନ ଅଛନ୍ତି।




# ହାତୀ ଆକ୍ରମଣରେ ୨ ବଳଦ ମୃତ



**ଛେଣ୍ଡିପଦା,୨୩।୯(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ନୂଆଗାଁ ପଞ୍ଚାୟତ ପାର୍କ ନିକଟରେ ଏକ ଦନ୍ତାହାତୀ ଆକ୍ରମଣରେ ନୂଆଗାଁ ଗ୍ରାମର ଚାଷୀ ସୁବାସ ସାହୁଙ୍କ ୨ଟି ବଳଦର ମୃତ୍ୟୁ ହୋଇଛି। ଚାଷୀ ଗିରିଧାରୀ ସେଠୀଙ୍କ ଗୋଟିଏ ବଳଦ କ୍ଷତାକ୍ତ ହୋଇଛି। ପ୍ରକାଶ ଯେ, ଗୁରୁବାର ବିଳମ୍ବିତ ରାତିରେ ଏକ ଦନ୍ତାହାତୀ ଖାଦ୍ୟ ଅନ୍ୱେଷଣରେ ନୂଆଗାଁ ଗ୍ରାମ ଭିତରକୁ ପଶି ଆସିଥିବାବେଳେ ପଞ୍ଚାୟତ ପାର୍କ ନିକଟରେ ଥିବା ସୁବାସ ସାହୁଙ୍କ ଗୁହାଳରେ ପଶି ବନ୍ଧା ହୋଇଥିବା ୨ଟି ବଳଦକୁ ମାରି ଦେଇଥିଲା। ବଳଦର ରଡି ଶୁଣି ଲୋକେ ପାଟି କରିବାରୁ ହାତୀଟି ଜଙ୍ଗଲ ଆଡକୁ ପଳାଇ ଯାଉଥିବା ବେଳେ ଗିରିଧାରୀ ସେଠୀଙ୍କ ଗୋଟିଏ ବଳଦକୁ ଆକ୍ରମଣ କରିଥିଲା। ଉକ୍ତ ହାତୀ ନୂଆଗାଁ କଣଲୋଇ ଅଞ୍ଚଳରେ ବାରମ୍ବାର ଧନ ଜୀବନ ନଷ୍ଟ କରୁଥିବାରୁ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଛି। ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଲୋକମାଙ୍କୁ ବୁଝାଶୁଝା କରୁଥିବା ବେଳେ ଗ୍ରାମବାସୀ କ୍ଷତିପୂରଣ ସହ ହାତୀକୁ ଅନ୍ୟତ୍ର ଘଉଡାଇବା ପାଇଁ ଦାବି କରିଛନ୍ତି।

# ୩୪ ଏକର ଜାଗାରେ ହେବ ବାଲିଯାତ୍ରା

କଟକ ଅଫିସ,୨୩।୯

କଟକ ବାଲିଯାତ୍ରା ପଡ଼ିଆକୁ ଲାଗି ପୋତା ଯାଇଥିବା ମହାନଦୀ ଶଯ୍ୟାରେ ବାଲିଯାତ୍ରା ଅଞ୍ଚଳର ସମ୍ପ୍ରସାରଣ ପାଇଁ ହୋଇଥିବା ଆବେଦନ ଉପରେ ରୋକ୍ ଲଗାଇଛନ୍ତି ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)। ଜିଲା ପ୍ରଶାସନ ପକ୍ଷରୁ ୮୫ ଏକର ଜମିରେ ବାଲିଯାତ୍ରା କରାଯିବାକୁ ଅନୁମତି ମଗାଯାଇଥିବାବେଳେ କେବଳ ୩୪ ଏକର ଜାଗାରେ ବାଲିଯାତ୍ରା କରାଯିବାକୁ ଏନ୍‌ଜିଟି ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ନୈରାଶ୍ୟଭାବ ସୃଷ୍ଟି ହୋଇଥିବାବେଳେ ଜିଲା ପ୍ରଶାସନ ବି ଦ୍ୱନ୍ଦ୍ୱରେ ପଡିଯାଇଛି।

ଏନ୍‌ଜିଟି ତାଙ୍କ ରାୟରେ ଦର୍ଶାଇଛନ୍ତି, ୩୪ ଏକର ଜାଗାରେ ବାଲିଯାତ୍ରା ହେବ। ବାଲିଯାତ୍ରା ଆୟୋଜନବେଳେ ସ୍ୱଚ୍ଛତା ଅବଲମ୍ବନ, ପରିମଳ ବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟରକ୍ଷା ଦିଗରେ ସମସ୍ତ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯିବ। ପଡ଼ିଆରେ କୌଣସି ସ୍ଥାୟୀ ବା ଅସ୍ଥାୟୀ ନିର୍ମାଣ ହେବ ନାହିଁ। ମହାନଦୀ ପଠା ପୋତାଯିବା ପରେ ସୃଷ୍ଟି ହୋଇଥିବା ମୋଟ୍ ୪୨୬ ଏକର ଜମିରେ କୌଣସି କଂକ୍ରିଟ ନିର୍ମାଣ ହେବ ନାହିଁ । ଏହାର ଦୁଇ ତୃତୀୟାଂଶ ଜମିରେ ଘଞ୍ଚ ଜଙ୍ଗଲ ସୃଷ୍ଟି କରାଯିବା ସହ ଏକ ତୃତୀୟାଂଶ ଜମିରେ ପାର୍କ, ଖେଳପଡ଼ିଆ କରାଯାଇପାରିବ। ଏଠାରେ କୌଣସି ବ୍ୟବସାୟିକ କାର୍ଯ୍ୟକୁ ଅନୁମତି ଦିଆଯିବ ନାହିଁ ବୋଲି ଏନ୍‌ଜିଟି ରାୟରେ ସ୍ପଷ୍ଟ କରିଛନ୍ତି। ନଦୀପଠା ପୋତାଯିବା ଫଳରେ ଉପରମୁଣ୍ଡରେ ଥିବା ୩୮ଟି ଗ୍ରାମକୁ ବନ୍ୟା ବିପଦ ରହିଥିବା କାରଣରୁ ସରକାର ଏ ଦିଗରେ ଆଶୁ ପଦକ୍ଷେପ ନେବେ। ପୋତା ଯାଇଥିବା ୪୨୬ ଏକର ଜାଗାରୁ ବାଲି କାଢ଼ି ପୂର୍ବ ଅବସ୍ଥାକୁ ଫେରାଇ ଆଣିବାକୁ ଏନ୍‌ଜିଟିଙ୍କ ୭ ଜଣିଆ କମିଟି ଦେଇଥିବା ରିପୋର୍ଟ ଉପରେ ଆଡ୍‌ଭୋକେଟ ଜେନେରାଲ ଅଶୋକ ପରିଜା ଏହା ସମ୍ଭବ ନୁହେଁ ବୋଲି ମତ ରଖିଥିଲେ। ଫଳରେ ଏନ୍‌ଜିଟି ଏଥିରେ ଏକମତ ହୋଇଥିଲେ। ହେଲେ ସମ୍ପୃକ୍ତ ଅଞ୍ଚଳ ବନ୍ୟାଞ୍ଚଳ ଜୋନ୍‌ରେ ଆସୁଥିବାରୁ ସରକାର କରିବାକୁ ଥିବା ନିର୍ମାଣ ସମ୍ପର୍କିତ ମାଷ୍ଟର ପ୍ଲାନ ଗ୍ରହଣୀୟ ନୁହେଁ ବୋଲି ଏନ୍‌ଜିଟି କହିଥିଲେ।

## ସରସ ସୁନ୍ଦର ହେବ ବାଲିଯାତ୍ରା



" ଏନ୍‌ଜିଟି ଦେଇଥିବା ରାୟ ଦ୍ୱାରା ବାଲିଯାତ୍ରା ଉପରେ କୌଣସି ରୋକ୍ ଲାଗିନାହିଁ। ବାଲିଯାତ୍ରାକୁ ସରସ ସୁନ୍ଦର ଭାବେ କରିବା ପାଇଁ ଆମ ପାଖରେ କୌଣସି ଅସୁବିଧା ନାହିଁ। ଏନ୍‌ଜିଟି ଏକ ତୃତୀୟାଂଶ ଜମିରେ ଖେଳପଡ଼ିଆ, ପାର୍କ ଆଦି କରିବାକୁ ଅନୁମତି ଦେଇଛନ୍ତି। କଟକ ସହର ପାଇଁ ଏକ ଖୋଲା ଜାଗା ମିଳିବ। ସହରର ଏକ ସବୁଜ ବଳୟ ସୃଷ୍ଟି ହେବ। ତେଣୁ ପରିବେଶକୁ ସୁରକ୍ଷିତ ରଖି ସହରବାସୀଙ୍କ ପାଇଁ କାମ କରିବାର ଏ ଗୋଟେ ସୁଯୋଗ ଆସିଛି ।

**- ଭବାନୀ ଶଙ୍କର ଚୟନୀ, ଜିଲାପାଳ, କଟକ**

## ଜମିର କିସମ ବଦଳିବ ନାହିଁ



" ବାଲିଯାତ୍ରା ନିକଟ ମହାନଦୀ ପଠାକୁ ପୋତି ଜିଲା ପ୍ରଶାସନ ଇଡ୍‌କୋକୁ ହସ୍ତାନ୍ତର କରିଥିଲେ। ତାହା ଫସର ଫାଟିଯାଇଛି। ଏହି ଜମିର କିସମ ବଦଳି ପାରିବ ନାହିଁ ବୋଲି ଏନ୍‌ଜିଟି ପକ୍ଷରୁ କୁହାଯାଇଛି। ଇଡ୍‌କୋ ମାଧ୍ୟମରେ ଉକ୍ତ ଜମି ବିଲ୍ଡରମାନଙ୍କୁ ଦିଆଯିବା ଯୋଜନା ଫେଲ୍ ମାରିଛି। ପୁରୁଣା ସ୍ଥିତି ରହିବା ପାଇଁ ଆମର ଆବେଦନ ଥିଲା। ବାଲି କଢ଼ାଯାଇପାରିବ ନାହିଁ ବୋଲି ରାଜ୍ୟ ସରକାର ଜଣାଇବା ପରେ ସବୁଜ ବଳୟ ସୃଷ୍ଟି ପାଇଁ ଏନ୍‌ଜିଟିଙ୍କ ନିର୍ଦ୍ଦେଶ ରହିଛି। କେବଳ ୩୪ ଏକର ଜମିରେ ବାଲିଯାତ୍ରା ହେବାକୁ ଏନ୍‌ଜିଟିଙ୍କ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ଏଥିରେ କଟକିଆଙ୍କର ବିଜୟ ହୋଇଛି ।

**- ପ୍ରଦୀପ ପଟ୍ଟନାୟକ, ଆଡ୍‌ଭୋକେଟ**




# ବିଧାୟକ ମୋକିମଙ୍କ ଆବେଦନ ଖାରଜ

**ବାରବାଟୀ-କଟକ ନିର୍ବାଚନ ମାମଲା**



**ଅକ୍ଟୋବର ୧୪ରେ ହେବ ଇସ୍ୟୁଫ୍ରେମ**

କଟକ ଅଫିସ,୨୩।୯

ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମଙ୍କ ପକ୍ଷରୁ ନିର୍ବାଚନୀ ମାମଲା ରଦ୍ଦ ନିମନ୍ତେ ହୋଇଥିବା ଆବେଦନକୁ ହାଇକୋର୍ଟ ଶୁକ୍ରବାର ଖାରଜ କରିଛନ୍ତି। ଏଥିସହ ଆସନ୍ତା ଅକ୍ଟୋବର ୧୪ରେ ନିର୍ବାଚନୀ ମାମଲାର ଇସ୍ୟୁଫ୍ରେମ୍ କରାଯିବାକୁ ବିଚାରପତି ଏସ୍. କେ. ସାହୁଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବିଧାୟକ ମୋକିମ୍‌ଙ୍କୁ ସାକ୍ଷ୍ୟ ତାଲିକା ଓ ଦସ୍ତାବିଜ୍ ତାଲିକା ଦାଖଲ କରିବା ନିମନ୍ତେ ଅଦାଲତଙ୍କ ନିର୍ଦ୍ଦେଶ ରହିଛି। ମାମଲାର ବିବରଣୀରୁ ପ୍ରକାଶ, ବାରବାଟୀ-କଟକ ବିଧାନସଭା ନିର୍ବାଚନୀ ମଣ୍ଡଳୀର ବିଜୟୀ ପ୍ରାର୍ଥୀ ତଥା କଂଗ୍ରେସ ବିଧାୟକ ମହମ୍ମଦ ମୋକିମ୍‌ଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ନିମନ୍ତେ ପରାଜିତ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟଙ୍କ ପକ୍ଷରୁ ହାଇକୋର୍ଟରେ ଏକ ମାମଲା ରୁଜୁ କରାଯାଇଛି। ବିଧାୟକ ମୋକିମ ସତ୍ୟପାଠରେ ଅନେକ ତଥ୍ୟ ଲୁଚାଇଥିବା, ତାଙ୍କ ନାମରେ ଥିବା ଆପରାଧିକ ମାମଲା ଏବଂ ତାଙ୍କର ସମ୍ପତ୍ତି ସମ୍ପର୍କରେ ସେ ରିଟର୍ନିଂ ଅଫିସରଙ୍କ ନିକଟରେ ମିଥ୍ୟା ଓ ଅସମ୍ପୂର୍ଣ୍ଣ ତଥ୍ୟ ଦାଖଲ କରିଥିବାରୁ ତାଙ୍କ ନିର୍ବାଚନକୁ ଖାରଜ କରାଯାଉ ବୋଲି ଦେବାଶିଷ ନିବେଦନ କରିଥିଲେ। ପରବର୍ତ୍ତୀ ସମୟରେ ଏହି ମାମଲାକୁ ଖାରଜ କରିବା ନିମନ୍ତେ ବିଧାୟକ ମୋକିମ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ମୋକିମଙ୍କ ଦ୍ୱାରା ଆଗତ ମାମଲାର ଗତ ୯ ତାରିଖ ଶୁଣାଣିରେ ଦେବାଶିଷ ସାମନ୍ତରାୟ ହାଇକୋର୍ଟରେ ଜବାବ ରଖିଥିଲେ। ସେହିପରି ବିଧାୟକ ମୋକିମ୍‌ଙ୍କ ପ୍ରାର୍ଥିପତ୍ର, ମନୋନୟନ ପତ୍ର, ଅନ୍ୟାନ୍ୟ ଆନୁଷଙ୍ଗିକ କାଗଜପତ୍ର ଦାଖଲ କରିବାକୁ ହାଇକୋର୍ଟ କଟକ ଜିଲାପାଳଙ୍କୁ ଆଦେଶ ଦେଇଥିଲେ। ବିଧାୟକ ମୋକିମ୍‌ଙ୍କ ପକ୍ଷରୁ ଆଇନଜୀବୀ ବିଦ୍ୟାଧର ମିଶ୍ର ଓ ତରଣୀକାନ୍ତ ବିଶ୍ୱାଳ ମାମଲା ପରିଚାଳନା କରୁଛନ୍ତି।



> ଆମେ ନିଜକୁ ଭାଗ୍ୟବାନ ମନେକରିବା ଉଚିତ। କାରଣ, ଭଗବାନ ଆମକୁ ସବଳ ବାହୁ ଯୁଗଳ ଦେଇଛନ୍ତି। ଏବଂ ତାହାରି ବଳରେ ଆମେ ଯାହା କିଛି ସୁନ୍ଦର, ମଙ୍ଗଳମୟ ଓ ସତ୍ୟ- ସେସବୁକୁ ଧ୍ୱଂସ ବା ବିପଦ ମୁଖରୁ ରକ୍ଷା କରିବାକୁ ସମର୍ଥ ହେବା। -ଶ୍ରୀମା



# ଭାକେନ୍ସି ବଢ଼ିଛି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେନ୍ଦ୍ର ଲୋକସେବା ଆୟୋଗ (ୟୁପିଏସ୍‌ସି) ଚଳିତ ବର୍ଷ ସିଭିଲ ସର୍ଭିସ ପରୀକ୍ଷା (ସିଏସ୍‌ଇ)ରେ ୧,୦୦୦ରୁ ଅଧିକ ଭାକେନ୍ସି (ଖାଲିଥିବା ଚାକିରି ବା ପଦବୀ ସଂଖ୍ୟା) ଲାଗି ଅଧିସୂଚନା ଜାରି କରିଛି। ଏକ ଦଶନ୍ଧି ଧରି ସିଏସ୍‌ଇରେ ରହିଆସିଥିବା କମ୍ ଭାକେନ୍ସିକୁ ଲକ୍ଷ୍ୟ କରିବା ପରେ ୟୁପିଏସ୍‌ସି ଉକ୍ତ ପଦକ୍ଷେପ ନେଇଛି। ନୂଆ କରି ସୃଷ୍ଟି କରାଯାଇଥିବା ଇଣ୍ଡିଆନ୍ ରେଲୱେ ମ୍ୟାନେଜମେଣ୍ଟ ସର୍ଭିସ (ଆଇଆର୍‌ଏମ୍‌ଏସ୍)ର ପଦବୀଗୁଡ଼ିକର ନିଯୁକ୍ତି ୟୁପିଏସ୍‌ସି ମାଧ୍ୟମରେ ହେବାକୁ ଥିବାରୁ ଖାଲି ପଦବୀ ସଂଖ୍ୟା ବୃଦ୍ଧି କରାଯାଇଥିବା କେତେଜଣ ପର୍ଯ୍ୟବେକ୍ଷକ ବିଚାର କରୁଛନ୍ତି। ସିଏସ୍‌ଇର ୮୬୧ ଭାକେନ୍ସି ପରିବର୍ତ୍ତେ ୟୁପିଏସ୍‌ସି ଦ୍ୱାରା ଜାରି ଏବକାର ନିଯୁକ୍ତି ଚିଠି ୧,୦୧୧ ପଦବୀରେ ନିଯୁକ୍ତି ପାଇଁ ବିଜ୍ଞାପନ ଦେଇଛି। ଆଇଆର୍‌ଏମ୍‌ଏସ୍ ଏବେ କେନ୍ଦ୍ର ସିଭିଲ୍ ସର୍ଭିସ କ୍ୟାଡର୍ ଗ୍ରୁପ୍-ଏର ଏକ ଅଂଶ ବିଶେଷ ହୋଇଯାଇଛି, ପାଖାପାଖି ୧୫୦ ଅଧିକାରୀ ସର୍ଭିସରେ ନିଯୁକ୍ତି ପାଇବେ। ନିକଟରେ ସରକାର ମେଟ୍ରୋ, ସଂଯୋଗୀକରଣ ଯୋଜନା ଏବଂ ବୁଲେଟ୍ ଟ୍ରେନ ପ୍ରୋଜେକ୍ଟକୁ ଦୃଷ୍ଟିରେ ରଖି ଏକ ନୂଆ ଏବଂ ପୃଥକ ଆଇଆର୍‌ଏମ୍‌ଏସ୍ କ୍ୟାଡର ସୃଷ୍ଟି କରିଥିଲେ। ପ୍ରଶାସନିକ ସଂସ୍କାର ଏବଂ ସାଧାରଣ ଅଭିଯୋଗ ବିଭାଗ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂଙ୍କ ଅନୁଯାୟୀ, ବର୍ଷ ଆରମ୍ଭରୁ ଆଇଏଏସ୍‌ରେ ୧,୪୭୨ ଏବଂ ଆଇପିଏସ୍‌ରେ ୮୬୪ ଭାକେନ୍ସି ଥିଲା। ପ୍ରତ୍ୟେକ ବର୍ଷ ଆଇଏଏସ୍ ର୍ୟାଙ୍କର ୧୫୦-୨୦୦ ଏବଂ ଆଇପିଏସ୍‌ରେ ପାଖାପାଖି ୨୫୦ ଖାଲିଥିବା ପଦବୀ ନିଆଯାଉଥିବା ଆମକୁ କୁହାଯାଉଛି। କିନ୍ତୁ ସର୍ଭିସରେ ଯୋଗ ଦେଉଥିବା ପ୍ରାର୍ଥୀମାନଙ୍କ ନିଯୁକ୍ତି ତାଲିକାକୁ ଦେଖିଲେ ଅସଙ୍ଗତି ଥିବା ମନେହୁଏ। ଖାଲି ରହିଥିବା ସମୁଦାୟ ପଦବୀ ସଂଖ୍ୟାର ସାମଗ୍ରିକ ହ୍ରାସ କରି , ଅର୍ଥାତ୍ ଅଧିକ ସଂଖ୍ୟାରେ ନିଯୁକ୍ତି ଦେଇ କୌଣସି ପ୍ରକାରେ ସରକାର ଏବେ ସମସ୍ୟା ସମାଧାନ କରିବାକୁ ଚାହୁଁଛନ୍ତି। ତେବେ ରେଲୱେରେ ନୂଆ ପଦବୀ ଯୋଗ ହେବା ଦ୍ୱାରା ଭାକେନ୍ସିରେ ସାମାନ୍ୟ ବୃଦ୍ଧି ଘଟିଲେ ବି ତାହା ପର୍ଯ୍ୟାପ୍ତ ନୁହେଁ।

### ବଡ଼ ଅଦଳବଦଳ

ଗୁଜରାଟ ସରକାର ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ଏଡିଜିପି) ଆର୍.ବି. ବ୍ରହ୍ମଭଟ୍ଟଙ୍କ ସମେତ ୨୦ ଆଇପିଏସ୍ ଅଧିକାରୀଙ୍କୁ ବଦଳି କରିଛନ୍ତି। ୧୯୯୫ ବ୍ୟାଚ୍ ଗୁଜରାଟ କ୍ୟାଡର ଅଧିକାରୀଙ୍କୁ ରାଜ୍ୟ ସିଆଇଡି (କ୍ରାଇମ୍ ଆଣ୍ଡ୍ ରେଲୱେ)ର ନୂଆ ଏଡିଜିପି ଭାବେ ନିଯୁକ୍ତ କରାଯାଇ ଡିଜିପି ଆଶିଷ ଭାଟିଆଙ୍କୁ ସିଆଇଡିର ଅତିରିକ୍ତ ଦାୟିତ୍ୱରୁ ମୁକ୍ତ କରାଯାଇଛି। ୨୦୧୧ ବ୍ୟାଚର ଆଇପିଏସ୍ ଅଧିକାରୀ ଆର୍.ଟି. ସୁସରାଙ୍କୁ ସୁରଟ ସହରର ଜୋନ୍-୧ ପାଇଁ ଡେପୁଟି କମିଶନର ଅଫ୍ ପୋଲିସ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ୨୦୧୩ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଉଷା ରାଡାଙ୍କୁ ସୁରଟ ଜୋନ୍-୩ର ଡିସିପି ଭାବେ ନିଯୁକ୍ତ କରାଯାଇଛି। ଆନନ୍ଦ ଜିଲା ଏସ୍‌ପି ଅଜିତ ରାଜିଆନଙ୍କୁ ଅହମ୍ମଦାବାଦରେ ସାଇବର କ୍ରାଇମ ଡିସିପି ଭାବେ ଅବସ୍ଥାପିତ କରାଯାଇଛି ଓ ତାଙ୍କ ସ୍ଥାନରେ ରାଜକୋଟ ଜୋନ୍-୧ର ଏବେ ଡିସିପି ଭାବେ କାର୍ଯ୍ୟରତ ତଥା ୨୦୧୬ ବ୍ୟାଚ୍ ଆଇପିଏସ୍ ଅଧିକାରୀ ପ୍ରବୀଣ କୁମାର ନିଯୁକ୍ତ ହୋଇଛନ୍ତି। ଲମ୍ବା ସମୟ ଧରି ଚାଲି ଆସିଥିବା ଗୁଜରାଟ ସରକାରଙ୍କ ପକ୍ଷରେ ବିଧାନସଭା ନିର୍ବାଚନର ଖୁବ୍ ପାଖାପାଖିରେ ଏଭଳି ହଠାତ୍ ଓ ତ୍ୱରିତ ପଦକ୍ଷେପ ଏକ ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଛି। ସରକାର ଏବେ ଚିନ୍ତିତ ହୋଇ ଏହା କରିଛନ୍ତି କିମ୍ବା ପୂର୍ବରୁ ଏହା କରିବାର ଥିଲା ତାହା ଜଣାନାହିଁ। ହେଲେ ନିର୍ବାଚନର ଦୁଇମାସ ପୂର୍ବରୁ ଏଭଳି ବଡ଼ ଅଦଳବଦଳ କରି ନିର୍ବାଚନକୁ ସାମ୍ନା କରିବା ଆଗରୁ ଭୂପେନ୍ଦ୍ରଭାଇ ପଟେଲ ସରକାର ଏବେ ପ୍ରଶାସନରେ ଥିବା ପ୍ରଭେଦ ଦୂର କରିବା ସହ ଏହାକୁ ମଜଭୁତ କରିବାକୁ ଆଗେଇଛନ୍ତି।

### ସମସ୍ୟାରେ ବନ ବିଭାଗ

ବର୍ତ୍ତମାନ ଚିତା ଫେରିବାକୁ ନେଇ ଦେଶ ଓ ମିଡିଆ ଉତ୍ସବ ମନାଉଥିବାବେଳେ ତାମିଲନାଡୁ ଏଥିରୁ ଦୂରେଇ ରହିଛି। ଏଠାରେ ରାଜ୍ୟ ପରିବେଶ ଓ ଜଙ୍ଗଲ ବିଭାଗ ଆଭ୍ୟନ୍ତରୀଣ ସମସ୍ୟାଗୁଡ଼ିକ ସହ ସଂଗ୍ରାମ କରୁଛି। ସୂତ୍ରରୁ ଜଣାପଡ଼ିଛି, ଅଧିକାରୀ କିମ୍ବା ଜ୍ଞାନ ଅଭାବ ରାଜ୍ୟ ବନ ବିଭାଗର ସମସ୍ୟା ନୁହେଁ, ବରଂ ସମସ୍ୟା ରହିଛି ପ୍ରଶାସନିକ ବିଳମ୍ବରେ। ଅଗସ୍ତ୍ୟାମଲାଇକୁ ଏକ ହାତୀ ଅଭୟାରଣ୍ୟ ଭାବେ ଘୋଷଣା କରି ବନ ବିଭାଗ ପୁରସ୍କାର ପାଇଥିବାବେଳେ ବୃତ୍ତିଗତ ପ୍ରଶିକ୍ଷଣ, ଗବେଷଣା ଏବଂ ପଦବୀଗୁଡ଼ିକରେ ସୁଧାର ଆଣିବାର ଅଭାବ ହିଁ ଏହାର ପ୍ରଶଂସନୀୟ ସଂରକ୍ଷଣ ପଦକ୍ଷେପଗୁଡ଼ିକୁ ପ୍ରଭାବିତ କରିବା ଆରମ୍ଭ କରୁଛି। ସମସ୍ୟାଗୁଡ଼ିକ ମଧ୍ୟରେ ରହିଛି ଶିକାର କାର୍ଯ୍ୟକଳାପ ବିରୋଧରେ କାର୍ଯ୍ୟ କରୁଥିବା ଅସ୍ଥାୟୀ କର୍ମଚାରୀଙ୍କୁ ଦରମା ଦିଆ ନ ଯିବା ଏବଂ ବିଭାଗର ଉପର ସ୍ତର ପଦବୀଗୁଡ଼ିକ ପୂରଣରେ ବିଳମ୍ବ ହେବା। ଯଦିଓ ବନ ବିଭାଗ ସଚିବ ସୁପ୍ରିୟା ସାହୁ ଦାବି କରନ୍ତି ଯେ, ଏହିସବୁ ସମସ୍ୟା ସମାଧାନ କରାଯାଉଛି, ତଥାପି ଏହାର ବିଳମ୍ବ ଉପରେ କେହି ବି ସ୍ପଷ୍ଟ ପ୍ରତିକ୍ରିୟା ପ୍ରକାଶ କରୁନାହାନ୍ତି। ଅନେକ ମାସ ହେଲା ଅସ୍ଥାୟୀ କର୍ମଚାରୀମାନେ ଦରମା ପାଇ ନ ଥିବାବେଳେ କେତେଜଣଙ୍କୁ ଛାଡ଼ି ଚାଲିଯିବା ଲାଗି କୁହାଯାଇଛି। ଏପରି କି ଦୁଇ ଦଶନ୍ଧି ଧରି ବିଭାଗରେ କାର୍ଯ୍ୟରତ ଜୀବବିଜ୍ଞାନୀମାନଙ୍କୁ ପଦୋନ୍ନତି ଦିଆଯାଇନାହିଁ କି ବନ ବିଭାଗ ନିର୍ଦ୍ଧାରିତ ବେତନ ମାନରେ ଜୀବବିଜ୍ଞାନୀଙ୍କୁ ନିଯୁକ୍ତି ଦେଇନାହିଁ । କେତେଜଣ ଅଧିକାରୀ କହନ୍ତି, ୟୁପିଏସ୍ ଏବଂ ଆଇଏଏସ୍ ଅଧିକାରୀଙ୍କ ଦାୟିତ୍ୱରେ ଥିବା ଅନ୍ୟ ବିଭାଗଗୁଡ଼ିକ ତୁଳନାରେ ଉକ୍ତ ବିଭାଗକୁ ସବୁବେଳେ କମ୍ ଗୁରୁତ୍ୱ ଦିଆଯାଇଛି। ସ୍ପଷ୍ଟତଃ, ୧୯୯୦ ବ୍ୟାଚ୍ ଆଇଏଫ୍‌ଏସ୍ ଅଧିକାରୀମାନେ ଏବେ ସୁଦ୍ଧା ସେମାନଙ୍କ କ୍ୟାଡରରେ ଉନ୍ନତି ଆଣିବାକୁ ଚେଷ୍ଟା କରୁଛନ୍ତି। ଉକ୍ତ ସମସ୍ୟାଗୁଡ଼ିକ ଉପରେ ଡିଏମ୍‌କେ ସରକାରଙ୍କ ଦୃଷ୍ଟିପଡ଼ିବା ଦରକାର।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | | | | 4 |
| | | | | | | 6 | 3 | |
| | | 6 | 8 | 4 | | | | |
| | | | | | 4 | | 6 | 7 |
| | | | | 3 | 6 | | | |
| | | | | | 9 | 3 | | 2 |
| | | 7 | | | 3 | | 8 | |
| 8 | | 9 | | | | 7 | | |
| 2 | | | 1 | | | | 4 | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 7 | 4 | 6 | 5 | 3 | 2 | 8 |
| 6 | 8 | 2 | 3 | 1 | 9 | 7 | 4 | 5 |
| 5 | 3 | 4 | 2 | 8 | 7 | 9 | 1 | 6 |
| 7 | 1 | 9 | 8 | 5 | 6 | 4 | 3 | 2 |
| 4 | 6 | 8 | 7 | 3 | 2 | 5 | 9 | 1 |
| 3 | 2 | 5 | 1 | 9 | 4 | 6 | 8 | 7 |
| 8 | 7 | 1 | 6 | 4 | 3 | 2 | 5 | 9 |
| 2 | 5 | 3 | 9 | 7 | 1 | 8 | 6 | 4 |
| 9 | 4 | 6 | 5 | 2 | 8 | 1 | 7 | 3 |

ଗତକାଲିର ଉତ୍ତର

# ଅପରାଧ ପୃଷ୍ଠଭୂମି ଓ ଲୋକପ୍ରତିନିଧି



ନିରଞ୍ଜନ ସାହୁ

କିଛିଦିନ ତଳେ ସିଙ୍ଗାପୁରର ରାଷ୍ଟ୍ରପତି ତାଙ୍କ ଦେଶର ପାର୍ଲାମେଣ୍ଟରେ ଗୋଟିଏ ପ୍ରସଙ୍ଗରେ ଭାଷଣ ଦେଲାବେଳେ କହିଥିଲେ ଯେ ଭାରତର ପାର୍ଲାମେଣ୍ଟରେ ଅଧା ପାଖାପାଖି ସଦସ୍ୟ ହେଉଛନ୍ତି ଦାଗୀ। ଏହା ଉପରେ ଭାରତ ସରକାର କୁଆଡ଼େ କଡ଼ା ଆପତ୍ତି ଜାହିର କରି ସିଙ୍ଗାପୁରର ରାଷ୍ଟ୍ରଦୂତଙ୍କୁ ସମନ କରି ତାଙ୍କର ମତାମତ ଜଣାଇ ଦେଇଛନ୍ତି। ଅନ୍ୟ ଦେଶର ପାର୍ଲାମେଣ୍ଟରେ ଆମ ଦେଶ ସମ୍ପର୍କରେ ଏତାଦୃଶ ମତାମତ ଅବଶ୍ୟ ଅନୁଚିତ। ଆମର ବୈଦେଶିକ ସୂତ୍ରରୁ କୁହାଯାଉଛି ଯେ ଭାରତ କିଛି ଶତ୍ରୁଭାବାପନ୍ନ ଦେଶର ୱେବ୍‌ସାଇଟ୍‌ଗୁଡ଼ିକୁ ବେଆଇନ ଘୋଷଣା କରିବାରୁ ସିଙ୍ଗାପୁରର ଏକ କମ୍ପାନୀ ବିପୁଳ କ୍ଷତିର ସମ୍ମୁଖୀନ ହୋଇଛି ଏବଂ ସେଇ ଦେଶର ପ୍ରଧାନମନ୍ତ୍ରୀଙ୍କ ଏପରି ଟିପ୍ପଣୀ ତା'ର ଏକ ସ୍ୱାଭାବିକ ପ୍ରତିଫଳନ।

ମାତ୍ର ଆଜିର ଆଲୋଚନା ସେ ସମ୍ପର୍କରେ ନୁହେଁ ବରଂ ମୌଳିକ କଥାଟି ଉପରେ ଯେ ଆମ ଦେଶରେ ପାର୍ଲାମେଣ୍ଟ ବା ବିଧାନସଭା/ପରିଷଦକୁ ଯେଉଁମାନେ ନିର୍ବାଚିତ ହୋଇଯାଉଛନ୍ତି ସେମାନଙ୍କ ମଧ୍ୟରୁ ଅନେକଙ୍କ ବିରୋଧରେ ବହୁ ସାଙ୍ଘାତିକ ଅଭିଯୋଗ ରହିଛି। ସିଙ୍ଗାପୁର ପ୍ରଧାନମନ୍ତ୍ରୀଙ୍କ ଉକ୍ତି ବୈଦେଶିକ ସ୍ୱୀକୃତ ନୀତି ଦୃଷ୍ଟିରୁ ଗ୍ରହଣୀୟ ନୁହେଁ ତାହା ସତ, ମାତ୍ର ତାଠାରୁ ଆହୁରି ସତ ହେଉଛି ତାଙ୍କ କଥାର ମଞ୍ଜିଟି। ଅର୍ଥାତ୍ ଯେଉଁମାନେ ଆଇନ ଗଢ଼ିବାକୁ ଲୋକଙ୍କ ଦ୍ୱାରା ନିର୍ବାଚିତ, ସେମାନଙ୍କର ବେଆଇନ କାମରେ ଭାରି ଆଗ୍ରହ।

ଦ୍ୱାପର ଯୁଗରେ ପଦେ ମିଛକୁ କୌଶଳରେ ଯୁଧିଷ୍ଠିର କହିଥିଲେ ବୋଲି (ନରେ ବା କୁଞ୍ଜରେ ଅଶ୍ୱତ୍ଥାମା ହତଃ) ତାଙ୍କୁ ନିରଙ୍କୁଶ ସ୍ୱର୍ଗଯାତ୍ରାର ଅନୁମତି ଦିଆ ନ ଯାଇ ନର୍କ ବାଟ ଦେଇ ନିଆଯାଇଥିଲା ବୋଲି କୁହାଯାଏ। ଯିଏ ଜୀବନ ସାରା କେବଳ ସତ କହିଥିଲେ, ଥରେ ମାତ୍ର ପରିସ୍ଥିତି ଚାପରେ ପଡ଼ି ଅର୍ଦ୍ଧସତ୍ୟର ସାହାରା ନେଇଥିଲେ, ତାଙ୍କୁ ବି ସଜା ଭୋଗିବାକୁ ପଡ଼ିଥିଲା।

ଆମେ ସମସ୍ତେ ଭାଷଣରେ ସତକୁ ସମର୍ଥନ କରନ୍ତି; ମାତ୍ର ବ୍ୟକ୍ତିଗତ ଜୀବନରେ ସତକୁ ଲୁଚେଇବାକୁ ଚାହୁଁ 'କାହିଁକି?' ଯେଉଁ ଲୋକପ୍ରତିନିଧିମାନେ ପ୍ରତିଦ୍ୱନ୍ଦ୍ୱିତା କରନ୍ତି ସେମାନେ କାହିଁକି ଏତେ ଫୌଜଦାରି ମକଦ୍ଦମାରେ ଛନ୍ଦି ହୋଇ ପଡ଼ନ୍ତି? ବିରୋଧୀ ଦଳ ତରଫରୁ କିଛି ଆନ୍ଦୋଳନାତ୍ମକ କାର୍ଯ୍ୟକଳାପ କରାଗଲେ ସରକାରୀ ଦଳ ତରଫରୁ ତାକୁ ବ୍ୟକ୍ତିଗତ ଫୌଜଦାରି ଅପରାଧ ଦର୍ଶାଇ କେସ୍ କରାଯାଏ ବୋଲି ସାଧାରଣତଃ ଅଭିଯୋଗ ହୁଏ। ଏପରି ଗୋଟିଏ ସରକାର ବଦଳିଗଲେ ଅନେକ ସମୟରେ କେସ୍‌ଗୁଡ଼ିକ ପ୍ରତ୍ୟାହାର କରି ନିଆଯାଏ।



ଫୌଜଦାରି ମକଦ୍ଦମାର ଅନେକ ଧାରା, ଉପଧାରା ଥିଲେ ବି ତା' ଭିତରୁ ରେପ୍, ମର୍ଡର, ଆଟେମ୍ପ୍‌ଟ ଟୁ ମର୍ଡର ଆଦି ଧାରାକୁ ଅଧିକ ସମ୍ବେଦନଶୀଳ ବିଚାର କରାଯାଏ। ଯେଉଁମାନେ ଆଇନ ଖିଲାପି, ସେମାନେ କେବେ ବି ଭଲ ଆଇନ କରିବେ ନାହିଁ, ଏହିପରି ଏକ ଧାରଣା ନେଇ ନ୍ୟାୟପାଳିକାମାନେ ଅନେକ ସମୟରେ ଆପରାଧିକ ମାମଲା ଥିବା ପ୍ରାର୍ଥୀଙ୍କ ଉପରେ ସେମାନଙ୍କର ରୋଷ ଜଣେଇଛନ୍ତି। ଏପରି କି ନିର୍ବାଚନ କମିଶନ ତରଫରୁ ସେମାନଙ୍କୁ ଅନ୍ତତଃ କେତେ କେସ୍ ତାଙ୍କ ବିରୋଧରେ ଅଛି, ସେ ବିଷୟରେ ଆଫିଡାଭିଟ୍ ଦେବାପାଇଁ ପ୍ରାର୍ଥୀମାନଙ୍କୁ କୁହାଯାଇଥାଏ। ତା ସତ୍ତ୍ୱେ ଅନେକ ଅପରାଧ ପୃଷ୍ଠଭୂମିର ଲୋକ ଆଜିକାଲି ନିର୍ବାଚନ ରଣାଙ୍ଗନକୁ ପଶି ଆସୁଛନ୍ତି। ଅପରାଧ ପୃଷ୍ଠଭୂମିର ବ୍ୟକ୍ତିମାନଙ୍କ ଦ୍ୱାରା ଲୋକମାନଙ୍କୁ ପ୍ରଭାବିତ କରିବା ସହଜ ହୋଇଥିବାରୁ ଏବଂ ସେମାନେ ସାଧାରଣତଃ ଲୋକମତକୁ ପ୍ରଭାବିତ କରିବା ପାଇଁ ଅର୍ଥବଳ ଓ ବାହୁବଳ ଯୋଗାଡ଼ କରିବାକୁ ଅଧିକ ସମର୍ଥ ଥିବାରୁ - ସେଇମାନେ ହିଁ ସବୁ ରାଜନୈତିକ ଦଳର ପ୍ରଥମ ପସନ୍ଦ ପାଲଟନ୍ତି।

ଚଳିତ ଲୋକ ସଭାରେ ୪୩ ପ୍ରତିଶତରୁ ଅଧିକ ସଦସ୍ୟସଦସ୍ୟାଙ୍କ ନାମରେ ସଙ୍ଗିନ ଅପରାଧମାନ ଥିବାବେଳେ ବର୍ତ୍ତମାନ ରାଜ୍ୟ ସଭାର ସଦସ୍ୟମାନଙ୍କ ଭିତରୁ ୨୪ ପ୍ରତିଶତଙ୍କ ନାମରେ ଫୌଜଦାରି ମାମଲା ରହିଛି। ପ୍ରତି ବିଧାନସଭାରେ ମଧ୍ୟ ଦଳ ନିର୍ବିଶେଷରେ ସଦସ୍ୟମାନଙ୍କ ବିରୋଧରେ ଏହିଭଳି ଆପରାଧିକ ମାମଲା ରହିଛି। କୌଣସି ରାଜନୈତିକ ଦଳ ନାହାନ୍ତି ଯିଏକି ଏଇ କଥାକୁ ଗୁରୁତ୍ୱ ଦେଉଛନ୍ତି। ବରଂ ଅପରାଧ ପୃଷ୍ଠଭୂମିର କୌଣସି ନେତା ନିର୍ବାଚନରେ ଜୟଲାଭ କଲା ପରେ ଲୋକମାନେ ତାଙ୍କର ଅପରାଧ ତାଲିକା ଉପରେ ଆଉ ଆଲୋଚନା କରିବାକୁ ଚାହୁଁନାହାନ୍ତି, ତାହା ହେଲା ବିଶେଷ ବିଡ଼ମ୍ବନା। ଯେନତେନ ପ୍ରକାରେ ନିର୍ବାଚନ ବୈତରଣୀ ପାର ହୋଇଗଲେ ସବୁ କାଳିମା କୁଆଡ଼େ ଧୋଇଯାଉଛି ଆଉ ରହିଯାଉଛି ଗୋଟାଏ ସ୍ୱଚ୍ଛ ଚେହେରା?

ଦାଗୀ ପ୍ରାର୍ଥୀଙ୍କୁ କିପରି ନିର୍ବାଚନରୁ ଦୂରେଇ ରଖାଯିବ ତାହା ଏତେ ସହଜ ବ୍ୟାପାର ନୁହେଁ। ଅଭିଯୋଗ ଆସିଥିବା ଲୋକଟିକୁ ଦୋଷୀ କୁହାଯାଇପାରିବ ନାହିଁ, ଯେପର୍ଯ୍ୟନ୍ତ ନ୍ୟାୟାଳୟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିନାହାନ୍ତି। ନ୍ୟାୟାଳୟରେ ଦୋଷୀ ସାବ୍ୟସ୍ତ ହେବା ଯେପରି ସରଳ ବାକ୍ୟଟିଏ, ସେହିପରି ସରଳ ପ୍ରକ୍ରିୟାଟିଏ ନୁହେଁ କଦାପି। ଗୋଟିଏ କୋର୍ଟରେ ଜଣେ ଦୋଷୀ ସାବ୍ୟସ୍ତ ହେଲେ ତା' ଉପର କୋର୍ଟକୁ ଯାଏ ନିଜକୁ ଦୋଷମୁକ୍ତ କରିବା ପାଇଁ ଆଉ ଏଇ କ୍ରମରେ ଯାଇ ସୁପ୍ରିମକୋର୍ଟରେ କେସ୍ ଫଇସଲା ପର୍ଯ୍ୟନ୍ତ ଯେଉଁ ସମୟ ଲାଗେ ସେତେବେଳ ପର୍ଯ୍ୟନ୍ତ କାହାରି ଧୈର୍ଯ୍ୟ ନ ଥାଏ ଅପେକ୍ଷା କରିବାକୁ। ଏଇ ଗୋଳମାଳିଆ ପରିସ୍ଥିତିରୁ ଭରପୂର ଫାଇଦା ଉଠାନ୍ତି ଆମର ରାଜନୈତିକ ଦଳର ଲୋକମାନେ ଏବଂ ସେମାନଙ୍କ ଦ୍ୱାରା ପ୍ରତିପାଳିତ ଗୋଷ୍ଠୀ।

ତଳ କୋର୍ଟର ରାୟ ଉପର କୋର୍ଟରେ ଷ୍ଟେ ହୋଇଗଲେ ମୁଦାଲା ନିଶରେ ହାତମାରି ବୁଲନ୍ତି। ଉପର କୋର୍ଟରେ ମଧ୍ୟ ଆଇନର ଗଳିକନ୍ଦି ଦେଇ ବର୍ଷ ପରେ ବର୍ଷ ମାମଲା ପଡ଼ିରହେ ଆଇନ ବିଶାରଦଙ୍କ ଜ୍ଞାନଗରିମା ତର୍ଜମା କରୁ କରୁ। ଅନ୍ତତଃ ଉପର କୋର୍ଟ ସାମୟିକ ଆଶ୍ୱସ୍ତି ଦେଇ ପାରନ୍ତି ; ମାତ୍ର ତଳ କୋର୍ଟର ଦଣ୍ଡାଦେଶ ଉପର କୋର୍ଟରେ ନାକଚ ନ ହେଲା ପର୍ଯ୍ୟନ୍ତ ସମ୍ପୃକ୍ତ ମୁଦାଲାଙ୍କୁ ସବୁ ସୁଖ ସୁବିଧାରୁ ବଞ୍ଚିତ କରାଯାଉ। ଅନ୍ତତଃ ସରକାରୀ କର୍ମଚାରୀଙ୍କ ଦୁର୍ନୀତି କ୍ଷେତ୍ରରେ ରାଜ୍ୟ ସରକାର ଏଇ ନୀତି ଆପଣେଇବା ଫଳରେ ଆମ ରାଜ୍ୟରେ ଦୁର୍ନୀତିଖୋର୍‌ଙ୍କ ଉପରେ କିଞ୍ଚିତ୍ ପ୍ରଭାବ ପଡୁଛି। ଜଣେ ସାଧାରଣ ଲୋକଙ୍କୁ ପଚାରିଲେ ସେ ନିଶ୍ଚିତ କହିବେ - ସବୁ ଦାଗୀ ପ୍ରତିଯୋଗୀଙ୍କୁ ନିର୍ବାଚନ ପ୍ରତିଯୋଗିତାରୁ ବାସନ୍ଦ କରାଯାଉ ; ମାତ୍ର ଏଇ କଥାଟି ସାଧାରଣ ଲୋକଙ୍କୁ ଜଳ ଜଳ ସତ ପରି ଦିଶୁଥିଲେ ବି ରାଜନୈତିକ ଲୋକମାନେ ତାହାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହେଁ କାହିଁକି?

ରାଜନୈତିକ ଇଚ୍ଛାଶକ୍ତି ଯଦି ଦେଶର ସକାରାତ୍ମକ ଦିଗରେ ନିୟୋଜିତ ହେବ ତା'ହେଲେ ଦେଶ ଯେଉଁ କ୍ଷିପ୍ର ଗତିରେ ଆଗେଇବ, ତାହା ବହୁ ଗୁଣରେ ପଛେଇବ ନକାରାତ୍ମକ ଚିନ୍ତା ଓ କାର୍ଯ୍ୟକ୍ରମରେ। ପ୍ରତି ରାଜନୈତିକ ଦଳ ତରଫରୁ ନିଷ୍ପତ୍ତି ନେବା ଦରକାର ଯେ ସେମାନେ ନିଜ ଦଳର ବ୍ୟକ୍ତି ହେଲେ ବି କୌଣସି ଅପରାଧରେ ସଂପୃକ୍ତ ବ୍ୟକ୍ତିକୁ ଦଳ ତରଫରୁ ସାହାଯ୍ୟ କରିବେ ନାହିଁ। ଏହା ଅସମ୍ଭବ ଲାଗୁଥାଇପାରେ ; ମାତ୍ର ସେମାନଙ୍କର ସମଷ୍ଟିଗତ ଚେତନାକୁ ଯେ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ - ଯାହାକୁ ସାରା ଦେଶବାସୀ ଅପେକ୍ଷା କରି ଚାହିଁ ରହିଛନ୍ତି!

ମୋ : ୯୪୩୮୪୮୨୯୧୧

# ବିଜ୍ଞାନରେ ମିଛ ମାୟା



ଡ. ନରେନ୍ଦ୍ର ସେଠୀ

ପ୍ରାଚୀନ ଭାରତୀୟ ସନାତନ ଧର୍ମରେ କୁହାଯାଇଛି 'ମିଛ ମାୟାର ସଂସାର, କେହି ନୁହେଁ କାହାର' ବା ସଂସାରରେ ସବୁ ହେଉଛି ଏକ ମାୟା ଓ କ୍ଷଣସ୍ଥାୟୀ। ଆମେ ଏହାକୁ ଏକ ପୁରାତନ ଢଗଢମାଳି କହିପାରୁ ନଚେତ୍ ଜଣେ ପାଗଳ ସନ୍ନ୍ୟାସୀଙ୍କ ସାଧାରଣ ଗୀତ କହିପାରୁ। ମାତ୍ର କଥାଟା ସେଇଆ ନୁହେଁ। ଏହାର ତାତ୍ପର୍ଯ୍ୟ ସେ ମହାନ୍ ସନ୍ନ୍ୟାସୀ ଜଣକ କେମିତି ହଜାର ହଜାର ବର୍ଷ ତଳେ ହୃଦୟଙ୍ଗମ କଲେ ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ। କାରଣ ହେଲା ଆଧୁନିକତମ ଶୃଙ୍ଖଳ ବିଜ୍ଞାନ ତତ୍ତ୍ୱ(String Theory ) ଅନୁସାରେ ଆମେ ଯେତେବେଳେ କୌଣସି ଜିନିଷକୁ ଦେଖୁ ତାହାର ବ୍ୟବହାର ବଦଳିଯାଏ ବା ଏକ ଜିନିଷର ପ୍ରକୃତି ତାକୁ କେହି ଦେଖୁଛି ନା ନାହିଁ ତାହା ଉପରେ ନିର୍ଭର କରେ। ଅନ୍ୟ ଅର୍ଥରେ ବାସ୍ତବିକତା ଏକ ଭ୍ରମ ମାତ୍ର ଓ ଏହା କେବଳ ସତ ଲାଗେ ଆମେ ଯେତେବେଳେ ଏହାକୁ ଦେଖୁ। ଅର୍ଥାତ୍ ଆମ ଦେଖିବା ଓ ନ ଦେଖିବା ଉପରେ ଜିନିଷର ଅବସ୍ଥିତି ନିର୍ଭରକରେ ବା ଆମେ ନ ଦେଖିଲା ସମୟରେ ହୁଏତ ଜିନିଷ ଭଳି କିଛି ବସ୍ତୁ ନ ଥାଏ। ଶୃଙ୍ଖଳ ବିଜ୍ଞାନର ଏହି ତଥ୍ୟ ଅନୁସାରେ ସଂସାରର ସବୁ ଜିନିଷ ମିଛ ବା ମାୟା ସଦୃଶ। ତେଣୁ ଶୃଙ୍ଖଳ ତଥ୍ୟ ଆମକୁ ଏକବିଂଶ ଶତାବ୍ଦୀରେ କହିଲା ଯେ 'ସବୁ ମିଛ ମାୟା' ଯାହା ସେହି ସନ୍ନ୍ୟାସୀ ତାଙ୍କ ଗୀତରେ କହିଯାଇଥିଲେ। ତା'ହେଲେ ଏହି ସଂସାର ଓ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡ କ'ଣ ମିଛ ? ଏହି ବ୍ରହ୍ମାଣ୍ଡର ଏତେଦିନ ତିଷ୍ଠି ରହିବା କ'ଣ ଏକ ଭାଗ୍ୟ ? ବିଜ୍ଞାନ ଅନୁସାରେ ଏହି ବ୍ରହ୍ମାଣ୍ଡର ତିଷ୍ଠିରହିବା ଏକ 'ମିଥ୍ୟା ଶୂନ୍ୟସ୍ଥାନ ଉପବାଦ୍ୟ' (False vacuum theory) ଉପରେ ପର୍ଯ୍ୟବସିତ ଯାହାକୁ ଅଧିକ ଆଲୋଚନା କରିବା ଦ୍ୱାରା ମନରେ କୋକୁଆଭୟ ସୃଷ୍ଟିକରେ।

ବିଜ୍ଞାନର ମୌଳିକ ନିୟମ ଅନୁସାରେ ଏକ ଭୌତିକ ପ୍ରଣାଳୀ ଯେମିତିକି ଆମ ବ୍ରହ୍ମାଣ୍ଡ ନିଜର ବଳକା ଶକ୍ତି କୌଣସି ଉପାୟରେ ତ୍ୟାଗକରି ସବୁବେଳେ ସର୍ବନିମ୍ନ ଶକ୍ତି ସ୍ଥିତିରେ ରହିବାକୁ ଚେଷ୍ଟା କରିଥାଏ। କିନ୍ତୁ ଗତାନୁଗତିକ ଶାସ୍ତ୍ରୀୟ ପଦାର୍ଥ ବିଜ୍ଞାନ ଅନୁସାରେ ଏକ ଭୌତିକ ପ୍ରଣାଳୀ ନିମ୍ନ ଶକ୍ତି ସ୍ଥିତିରେ ପହଞ୍ଚି ସାରିଥିଲେ ମଧ୍ୟ ସେଠାରୁ ଆହୁରି ଏକ ନିମ୍ନତର ଶକ୍ତି ଥିବା ସ୍ଥିତି ସମ୍ଭବ ଓ ଏହା ସେଠାକୁ ଯିବାକୁ ସର୍ବଦା ଚେଷ୍ଟା କରିବ। ଏହାକୁ ଏକ ଉଚ୍ଚ ପାହାଡ଼ ପାଖରେ ଥିବା ଛୋଟ ଉପତ୍ୟକାକୁ ବଲ୍ ଗଡ଼ିଯାଉଥିବା ସଙ୍ଗେ ତୁଳନା କରି ବୁଝାଯାଇପାରେ। ଯଦି ବଲ୍‌ଟି ଛୋଟ ସମତଳ ଉପତ୍ୟକାରୁ ବାହାରକୁ ଯିବ ତା'ହେଲେ ଏହା ପାହାଡ଼ ଠାରୁ ଆହୁରି ଦୂରକୁ ଗଡ଼ିଯିବ। କିନ୍ତୁ ରୋଚକ କଥା ହେଲା ବଲ୍‌କୁ ଉପତ୍ୟକାରୁ ବାହାରିବା ପାଇଁ କୌଣସି ବାଟ ମିଳୁନି। ତେଣୁ ଏହା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସେହି ଉପତ୍ୟକାରେ ରହିବ। ଠିକ୍



ସେମିତି ଆମର ବ୍ରହ୍ମାଣ୍ଡ ଅନିର୍ଦ୍ଦିଷ୍ଟ କାଳ ପାଇଁ ଏମିତି ତିଷ୍ଠି ରହିଛି। ଅର୍ଥାତ୍ ଯେଉଁଦିନ ପାହାଡ଼ ପାଖ ଛୋଟିଆ ଉପତ୍ୟକାରୁ ଆହୁରି ନିମ୍ନ ଇଲାକାକୁ ଯିବାକୁ ବାଟ ମିଳିଯିବ ସେଦିନ ବ୍ରହ୍ମାଣ୍ଡ ବର୍ତ୍ତମାନର ସ୍ଥିତିକୁ ତ୍ୟାଗକରିବ ଓ ଏହାର ଧ୍ୱଂସହେବା ଆରମ୍ଭ ହୋଇଯିବ। ବିଜ୍ଞାନର ଏହି ସଦ୍ୟତମ 'ମିଥ୍ୟା ଶୂନ୍ୟସ୍ଥାନ' ତଥ୍ୟ ନିଶ୍ଚୟ ଭୟାବହ ଓ ମନରେ ଆଶଙ୍କା ତିଆରି କରୁଛି ଏଥିରେ ସନ୍ଦେହ ନାହିଁ। ସେହିପରି ଭୌତିକ ବିଜ୍ଞାନର ଶୃଙ୍ଖଳ ତଥ୍ୟକୁ ଯଦି ବିଚାରକୁ ନିଆଯାଏ ତା'ହେଲେ ମଧ୍ୟ ଏହି ବ୍ରହ୍ମାଣ୍ଡ ଏକ ମିତସ୍ଥାୟୀ ଅବସ୍ଥାରେ ଅଛି ବା ଏହା ଯେଉଁ ଅବସ୍ଥାରେ ଅଛି ତାହା ଏକ ଅସ୍ଥାୟୀ ଅବସ୍ଥା। ଅର୍ଥାତ୍ ବ୍ରହ୍ମାଣ୍ଡ ଯେକୌଣସି ସମୟରେ ଏକ ନିମ୍ନ ସ୍ତରକୁ ଯାଇପାରେ ଓ ଯଦି ଏହା ହୁଏ ଏହା ବିନାଶର କାରଣ ହେବ ଓ ସବୁ ଧ୍ୱଂସପାଇଯିବ। ସତରେ କେଡ଼େ ସାମଞ୍ଜସ୍ୟ ବିଜ୍ଞାନ ଓ ଆଧ୍ୟାତ୍ମର ଏହି ତଥ୍ୟରେ! କିନ୍ତୁ ସୌଭାଗ୍ୟର କଥା ଯେ ଆସନ୍ତା କିଛି କୋଟି ବର୍ଷ ପାଇଁ ଏହି ଅବସ୍ଥା ଆସିବା ସମ୍ଭାବନା ନାହିଁ।

ମଣିଷର ଜୀବନକାଳ ସୀମିତ। ଗ୍ଲୋବାଲ ୱାର୍ମିଂ ଏବଂ ପ୍ରଦୂଷଣଜନିତ ଅନେକ ବିପଦରୁ ମାନବିକତାକୁ ରକ୍ଷା କରିପାରିବା କ୍ଷମତା ବିଜ୍ଞାନ ରଖିଛି। ଏପରିକି ମହାଜାଗତିକ ବିକିରଣ ଭଳି ମାନବ ସଭ୍ୟତାକୁ ସମାପ୍ତ କଲା ପରି ବିପଦକୁ ମଧ୍ୟ ସଫଳତାର ସହିତ ମୁକାବିଲା କରାଯାଇପାରେ ଯଦି ପର୍ଯ୍ୟାପ୍ତ ସମୟ ଦିଆଯାଏ। କିନ୍ତୁ ଅଦୃଶ୍ୟ ଭାବରେ ଆମ ପୃଥିବୀ ସହିତ ସମଗ୍ର ଆକାଶଗଙ୍ଗାକୁ ଧ୍ୱଂସ କଲା ପରି କ୍ଷମତା ରଖିଥିବା ଏକ ପ୍ରଚଣ୍ଡ ମହାଜାଗତିକ ବିକିରଣ ଯଦି ଝଡ଼ ରୂପରେ ମାଡି ଆସେ ତେବେ କ'ଣ ହେବ ? କିଛି ଚିନ୍ତା କରିବାର ନାହିଁ, ସବୁ ମିଛ ମାୟାର ସଂସାର !!! ଅନ୍ୟପକ୍ଷରେ ଯାହା ଆମପାଇଁ କୋଟି କୋଟି ବର୍ଷ ଲାଗୁଛି ତାହା ବ୍ରହ୍ମାଣ୍ଡ ପାଇଁ ଏକ ସ୍ୱଳ୍ପ ସମୟ। ଏହି ବ୍ରହ୍ମାଣ୍ଡ ୧୪ଶହ କୋଟି ବର୍ଷ ପୂର୍ବେ ତିଆରି ହୋଇଥିଲା ଓ ପୃଥିବୀର ସୃଷ୍ଟି ସାଢ଼େ ୪ଶହ କୋଟି ବର୍ଷ ପୂର୍ବରୁ ହୋଇଥିଲା ବୋଲି ବିଜ୍ଞାନ ମତ ଦିଏ। ଏହି ସମୟ ଭିତରେ ଜଣେ ମଣିଷର ଆୟୁ ସ୍ୱଳ୍ପ ଓ ଅସ୍ଥାୟୀ ହୋଇଗଲାଣି। ମାନବ ଇତିହାସର ଏପର୍ଯ୍ୟନ୍ତ ଉଠା ଯାଇଥିବା ସବୁଠୁ କୌତୂହଳ ଫଟୋ ମଧ୍ୟରେ ୧୯୯୦ରେ ନାସାର ଭୟେଜର-୧ ଉପଗ୍ରହ ପୃଥିବୀର ୬୫୦ କୋଟି କିଲୋମିଟର ଉପରେ ଥାଇ ନେଇଥିବା ଫଟୋରେ ପୃଥିବୀ ମହାକାଶରେ ଗ୍ରହ, ଉପଗ୍ରହ, ତାରାପୁଞ୍ଜମାନଙ୍କ ମଧ୍ୟରେ ଭାସୁଥିବା ଏକ ନୀଳବିନ୍ଦୁ ସଦୃଶ ଦେଖାଯାଇଥିଲା। ଏକ ଫଟୋକୁ ଦେଖି ଆମେରିକୀୟ ମହାକାଶ ଚାରିକାର୍ଲ ସାଗାନ ତାଙ୍କ ପୁସ୍ତକ 'Pale Blue Dot' ରେ ଲେଖିଛନ୍ତି, ଆମ ପୃଥିବୀ ସମଗ୍ର ବ୍ରହ୍ମାଣ୍ଡ ଭିତରେ ଏକ ଛୋଟିଆ ଫିକା ନୀଳ ବିନ୍ଦୁ ସଦୃଶ। ଅର୍ଥାତ୍ ଆମର ଅବସ୍ଥିତି, ପ୍ରତିପତ୍ତି ଓ ଗର୍ବ ଅହଂକାର ସବୁ କ୍ଷଣିକ ମାତ୍ର।

ମୋ-୭୦୦୪୦୬୮୧୧୦

## ଏଇ ଭାରତରେ

ପରିବେଶ ପ୍ରଦୂଷଣ ତଥା ବିଶ୍ୱତାପନ ରୋକିବା ଲାଗି ଇଲେକ୍‌ଟ୍ରୋନିକ ଭେହିକିଲ (ଇଭି) ବା ବୈଦ୍ୟୁତିକ ଯାନ ଏବେ ଅପରିହାର୍ଯ୍ୟ। ବିଭିନ୍ନ ମୋଟର କମ୍ପାନୀ ମଧ୍ୟ ଇଭି ନିର୍ମାଣରେ ଲାଗିଯାଇଛନ୍ତି। କିନ୍ତୁ ପୁରୁଣା ପେଟ୍ରୋଲ ଚାଳିତ ଦୁଇ ଚକିଆ ଯାନକୁ ମାତ୍ର ଦୁଇ ଦିନରେ ଇଭିରେ ପରିଣତ କରି ଏକ ଉଦାହରଣ ସୃଷ୍ଟି କରିପାରିଛନ୍ତି ହାଇଦ୍ରାବାଦର ଇଞ୍ଜିନିୟର ମାଜ୍ ଅହମ୍ମଦ ଖାନ୍। ସେ ୨୦୨୧ରେ ଟର୍‌କ୍ୟୁ ଇଲେକ୍‌ଟ୍ରିକ ଷ୍ଟାର୍ଟଅପ ପ୍ରତିଷ୍ଠା କରି ତା'ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ଅହମ୍ମଦଙ୍କ ବୟସ ଏବେ ୨୩। ତେଲଙ୍ଗାନାର ମେଥୋଡିଷ୍ଟ କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍‌ନୋଲୋଜିର ଏବେ ସେ ଶେଷ ବର୍ଷ ମେକାନିକାଲ ଇଞ୍ଜିନିୟରିଂ ଛାତ୍ର। ଅହମ୍ମଦଙ୍କ ଏଭଳି କାର୍ଯ୍ୟ ଦ୍ୱାରା ସ୍କ୍ରାପ ଦେବାକୁ ଯାଉଥିବା ଦୁଇଚକିଆ ଯାନ ଇଭି ହୋଇପାରୁଛି। ସେ ପ୍ରଥମେ ଏକ ପୁରୁଣା ପେଟ୍ରୋଲ ଚାଳିତ ସ୍କୁଟରକୁ ଇଭି କରିଥିଲେ। ପରେ ସେ ୭ଟି ବାଇକ୍‌କୁ ଇଭି କରିସାରିଲେଣି ଓ ତାଙ୍କ ପାଖରେ ଆଉ ୧୫ରୁ ଅଧିକ ଅର୍ଡର ରହିଛି। ୫ରୁ ୭ ଘଣ୍ଟାରେ ଏହା ହୋଇପାରୁଥିବାବେଳେ ଏହାର ପରୀକ୍ଷା ଓ ସୁରକ୍ଷା ଲାଗି ଦୁଇଦିନ ଟେଷ୍ଟ କରାଯାଉଛି। ଏହାର ଦାମ୍ ରଖିଛନ୍ତି ପାଖାପାଖି ୫୦ ହଜାର ଟଙ୍କା। ଏହା ୩ରୁ ୪ ଘଣ୍ଟାରେ ଚାର୍ଜ ହେଉଛି ଓ ଘଣ୍ଟାପ୍ରତି ୪୫ କି.ମି. ବେଗରେ ଏହା ୭୫ କି.ମି ଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ସେପ୍ଟେମ୍ବର ୧୯୯୭

- ଆଲଜେରିଆର ରାଜଧାନୀ ଆଲଜିୟର୍ସର ବାହାକି ଜିଲାର ସହରତଳି ବେଣ୍ଟୋରମି-ବେଣ୍ଟଲା ଅଞ୍ଚଳରେ ଉଗ୍ରପନ୍ଥୀମାନେ ୮୫ ଜଣ ଲୋକଙ୍କ ଗଳା କାଟି ହତ୍ୟା କରିଛନ୍ତି।
- ନେପାଳରେ ତିନି ଦଳୀୟ ମିଳିତ ସରକାରରେ ବିଭାଗ ବିହୀନ ମନ୍ତ୍ରୀ ଥିବା ଗଜେନ୍ଦ୍ର ନାରାୟଣ ସିଂ ଇସ୍ତଫା ଦେଇଛନ୍ତି।
- କାଶ୍ମୀର ଉପତ୍ୟକାରେ ରାତ୍ରିକାଳୀନ କାର୍ଯ୍ୟାନୁଷ୍ଠାନ ବେଳେ ୩ ଯବାନଙ୍କ ସମେତ ୨୮ ଜଣ ନିହତ।

# ପାଠକ ଶ୍ରେଷ୍ଠ ବିଚାରକ

### ବନାନ ତ୍ରୁଟି ପାଇଁ ତାଲିକାଭୁକ୍ତ ହୋଇପାରୁନି ବହୁ ଜାତି

ମହାଶୟ,

କିଛି ଜାତିର ନାମ ଲେଖିଲା ବେଳେ ବନାନରେ ମାତ୍ରାର ବ୍ୟବହାର ଏପଟ ସେପଟ ହୋଇଥିବାରୁ ସେମାନଙ୍କୁ ଅନୁସୂଚିତ ଜାତି ଓ ଜନଜାତି ତାଲିକାରେ ଅନ୍ତର୍ଭୁକ୍ତ କରାଯାଉନି। ବର୍ଷ ବର୍ଷ ଧରି ଏହି ପ୍ରସଙ୍ଗ ଉଠାଯାଉଥିଲେ ବି ସମସ୍ୟାର ସମାଧାନ ହେଉନି। ଫଳରେ ସେହି ଜାତିର ଲୋକମାନେ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। କୌଣସି ଜାତିକୁ ଅନୁସୂଚିତ ଜାତି କିମ୍ବା ଜନଜାତି ବର୍ଗରେ ତାଲିକାଭୁକ୍ତ କରିବା କ୍ଷମତା କେବଳ କେନ୍ଦ୍ର ସରକାରଙ୍କର। ବନାନରେ ମାତ୍ରାର ଏପଟ ସେପଟ ହେବା ଏକ ପ୍ରଶାସନିକ ତ୍ରୁଟି। ଏହାକୁ ସଂଶୋଧନ କରିବେ କି? ରାଜ୍ୟରେ ବସବାସ କରୁଥିବା ଏସ୍‌ସି/ଏସ୍‌ଟି ବ୍ୟକ୍ତିଙ୍କ ପିଲାମାନେ ଜାତି ସାର୍ଟିଫିକେଟ ପାଇବାରୁ ବଞ୍ଚିତ ହୋଇଥିବା ଘଟଣା ସରକାରଙ୍କ ଦୃଷ୍ଟିକୁ ଆସିପାରିନାହିଁ। ୨୦୧୭ରୁ ବିଦ୍ୟାଳୟଗୁଡ଼ିକରେ ଏସ୍‌ସି/ଏସ୍‌ଟି ପିଲାଙ୍କୁ ଜାତି ସାର୍ଟିଫିକେଟ ପ୍ରଦାନ କାର୍ଯ୍ୟ ଚାଲୁ ରହିଛି। ମାହାର (ବାଉଁଶ ଝୁଡ଼ି ତିଆରି କରୁଥିବା ସମ୍ପ୍ରଦାୟ) ଅନୁସୂଚିତ ଜାତି ତାଲିକାରେ କ୍ରମିକ ସଂଖ୍ୟା ୫୯ରେ ସ୍ଥାନିତ ହୋଇଛନ୍ତି। ମେହେନ୍ତର ଜାତିକୁ ଅନୁସୂଚିତ ଜାତି ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କ ପାଖକୁ ପ୍ରସ୍ତାବ ପଠାଯାଇଥିଲା। କିନ୍ତୁ ଏହାକୁ କେନ୍ଦ୍ର ସରକାର ନାକଚ କରିଦେଇଛନ୍ତି। ଲୋହ / ଲୋହାର ସମ୍ପ୍ରଦାୟଙ୍କୁ ଅନୁସୂଚିତ ଜନଜାତି ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ୧୯୮୫ରେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି। ସୂଚନାଥାଉ କି ଅନୁସୂଚିତ ଜାତି ଓ ଜନଜାତି ତାଲିକାରେ କାହାକୁ ଅନ୍ତର୍ଭୁକ୍ତ କରାଯିବ, ସେଥିପାଇଁ ଭାରତ ସରକାରଙ୍କର ଗାଇଡଲାଇନ ରହିଛି। ଏହି ଗାଇଡଲାଇନ ଭିତରେ ବିଭିନ୍ନ ଆବେଦନକୁ ଅନୁଧ୍ୟାନ କରି ଅନୁସୂଚିତ ଜନଜାତି ତାଲିକାରେ ଅନ୍ତର୍ଭୁକ୍ତ ହେବା ପାଇଁ ୧୬୯ଟି ଜାତିର ନାମକୁ କେନ୍ଦ୍ର ସରକାରଙ୍କୁ ସୁପାରିସ କରାଯାଇଛି ଓ ତାହା ବିଚାରାଧୀନ ଅଛି। ରାଜ୍ୟ ସରକାର ଏ ସମ୍ପର୍କରେ ବିଭିନ୍ନ ସମୟରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି ବୋଲି ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ତେବେ ସରକାର ତୁରନ୍ତ ଏ ନେଇ ସବିଶେଷ ସମାଧାନ କରନ୍ତୁ।

- ଡ. ଅରୁନ୍ଧତୀ ଦେବୀ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସଖିରେ ସେହି ମତି
ବରଷା କରେ ରତି
ଧରାରେ ଉପୁଜାଇ ପୁଲକ
ତନୁରେ ତନୁ ମିଶି
ନ ମାନେ ଦିବା ନିଶି
ନ ପଡ଼େ ତିଳେ କାହା ପଲକ।
-(ବର୍ଷାରତି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ବଜ୍ରପାତରେ ବୃଦ୍ଧଙ୍କ ମୃତ୍ୟୁ

ଭଞ୍ଜନଗର,(ଡି.ଏନ.ଏ): ଗଞ୍ଜାମ ଜିଲା ବେଲଗୁଣ୍ଠା ଥାନା ଅନ୍ତର୍ଗତ ନିମପଦର ଗ୍ରାମର ଜଣେ ବ୍ୟକ୍ତିଙ୍କ ଶୁକ୍ରବାର ବଜ୍ରପାତରେ ମୃତ୍ୟୁ ଘଟିଛି। ସେ ହେଲେ ନରହରି ସାହୁ (୫୬)। ନରହରି ଅପରାହ୍ନରେ ଜମିକୁ କାମ କରିବାକୁ ଯାଇଥିବା ବେଳେ ବଜ୍ରପାତର ଶିକାର ହୋଇ ଟଳି ପଡିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଜମିକୁ ଯାଇ ଦେଖିବା ବେଳକୁ ନରହରି ପଡିରହିଥିଲେ। ତାଙ୍କୁ ଉଦ୍ଧାର କରି ଭଞ୍ଜନଗର ହସ୍ପିଟାଲକୁ ନିଆଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ।

# ଭରତିଆ ଟାୱାରରେ ଅଗ୍ନିକାଣ୍ଡ

## ଜଳିଗଲା ଆଲମିରା, କାଠ ସାମଗ୍ରୀ

**କଟକ ଅଫିସ,୨୩।୯**



କଟକ ବାଦାମବାଡ଼ିସ୍ଥିତ ଭରତିଆ ଟାୱାର ୭ ମହଲାର ଏକ ଘରେ ଶୁକ୍ରବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ପ୍ରାୟ ଦେଢ଼ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଜଣାପଡିଛି। ଖବରପାଇ ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ଏକ ବଡ଼ ଧରଣର ବିପଦରୁ ଉକ୍ତ ବ୍ୟବସାୟ ପେଣ୍ଠସ୍ଥଳୀ ରକ୍ଷା ପାଇଯାଇଥିବାରୁ ବ୍ୟବସାୟୀମାନେ ଆଶ୍ୱସ୍ତ ହୋଇଛନ୍ତି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ମିଳିଥିବା ସୂଚନା ଅନୁଯାୟୀ, ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ଉକ୍ତ ଘରେ ନିଆଁ ଲାଗି ଯାଇଥିଲା। କିଛି ସମୟ ମଧ୍ୟରେ ବ୍ୟାପି ଯାଇ ଘରର ଝରକାପଟେ ଜଳୁଥିବା ଦେଖିବାକୁ ମିଳିଥିଲା। ନିଆଁର ପ୍ରକୋପ ଏତେ ଥିଲା କେହି ପାଖକୁ ଯିବାକୁ ସାହସ କରିପାରି ନ ଥିଲେ। ଅଗ୍ନିଶମ ଅଧିକାରୀ ମୀନକେତନ ବେହେରାଙ୍କ ସୂଚନା ଅନୁସାରେ, ଅଗ୍ନିକାଣ୍ଡ ଘଟିଥିବା କୋଠରିରେ କେତେଜଣ ଶ୍ରମିକ ଶ୍ରେଣୀର ଲୋକ ରହୁଥିଲେ। ଅଗ୍ନିକାଣ୍ଡରେ ଏକ ଆଲମିରା, ବାକ୍ସ ଓ କେତେକ କାଠ ସାମଗ୍ରୀ ଜଳିଯାଇଛି।

# ବାଲିମୁଣ୍ଡା ଏୟାରଷ୍ଟ୍ରିପ୍, ଶିଳ୍ପାଞ୍ଚଳ ପାର୍କ ନିର୍ମାଣ କାର୍ଯ୍ୟର ସମୀକ୍ଷା

## ମୁଖ୍ୟ ଶାସନ ସଚିବ, ୫-ଟି ସଚିବଙ୍କ ଧାମରା ଗସ୍ତ

**ଭଦ୍ରକ ଅଫିସ/ଚାନ୍ଦବାଲି, ୨୩।୯(ଡି.ଏନ.ଏ.)**

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ୫-ଟି ସଚିବ ଭି.କେ. ପାଣ୍ଡିଆନ ଶୁକ୍ରବାର ଭଦ୍ରକ ଜିଲା ଗସ୍ତରେ ଆସି ଧାମରାରେ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ଅପରାହ୍ନ ୩ଟା ୨୨ରେ ହେଲିକପ୍ଟର ଯୋଗେ ଆସି ସେମାନେ ଧାମରା ବନ୍ଦରରେ ପହଞ୍ଚିଥିଲେ। ବନ୍ଦର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ ତ୍ରିପାଠୀ ଓ ଭଦ୍ରକ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସେମାନଙ୍କୁ ସ୍ୱାଗତ କରିଥିଲେ। ଏହାପରେ ନିକଟସ୍ଥ ଏକ ହୋଟେଲରେ ପହଞ୍ଚିବା ପରେ ଜାମୁଝାଡ଼ି-ବାସୁଦେବପୁର ରାସ୍ତା ନିର୍ମାଣ କରୁଥିବା ୟୁଏମ୍‌ଏସ୍‌ଏଲ୍ କମ୍ପାନୀ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। କମ୍ପାନୀ ନିର୍ଦ୍ଦେଶକ ଗୌରାଙ୍ଗ ଦେଶାଇ, ସାଧାରଣ ପରିଚାଳକ ଚନ୍ଦ୍ରଶେଖର ପ୍ରସାଦ, ଭୂ-ଅର୍ଜନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ, ଅତିରିକ୍ତ ଜିଲାପାଳ ରାମଦାସ ଗୁଡୁ, ଶାନ୍ତନୁ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଚାନ୍ଦବାଲି ବ୍ଲକର ଜାଗୁଲା ଏବଂ କଇଥଖୋଲା ପଞ୍ଚାୟତରେ ଅଧିଗ୍ରହଣ ହୋଇଥିବା ୭୫୦ ଏକର ପରିମିତ ଜମିରେ ହେବାକୁ ଥିବା ଶିଳ୍ପାଞ୍ଚଳ ପାର୍କର ବ୍ଲୁପ୍ରିଣ୍ଟ ଦେଖାଇଥିଲେ।

ଉକ୍ତ ହୋଟେଲରେ ଭର୍ଚୁଆଲ ମୋଡ୍‌ରେ ଦୁଇ ସଚିବ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ଦେଖିଥିଲେ। ଧାମରା-ବାସୁଦେବପୁର-ଜାମୁଝାଡ଼ି ରାସ୍ତା ନିର୍ମାଣାଧୀନ ଥିବାବେଳେ ଖୁବ୍‌ଶୀଘ୍ର ଏହି କାର୍ଯ୍ୟ ହୋଇପାରିଛି ବୋଲି ରାସ୍ତା ଏବଂ ଗୃହ ନିର୍ମାଣ ବିଭାଗର ଚିଫ୍ କନଷ୍ଟ୍ରକ୍‌ଶନ ଇଞ୍ଜିନିୟର ରଥାଙ୍ଗଧର ରାଉତ, ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ରାମଚନ୍ଦ୍ର ସେଠୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଭାତ କୁମାର ସାହୁ, ସହକାରୀ ଯନ୍ତ୍ରୀ କାର୍ତ୍ତିକେଶ୍ୱର ମହାରଣା ପ୍ରମୁଖ ଅବଗତ କରାଇଥିଲେ। ବାସୁଦେବପୁର ବ୍ଲକ ବାଲିମୁଣ୍ଡାଠାରେ ନିର୍ମାଣାଧୀନ ଏୟାରଷ୍ଟ୍ରିପ୍‌ର ବ୍ଲୁପ୍ରିଣ୍ଟ ସେମାନେ ଦେଖିଥିଲେ। ଏଥିସହ ସେମାନେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟ ଶାସନ ସଚିବ ଏବଂ ୫-ଟି ସଚିବ ଏଠାରେ ସମସ୍ତ କାର୍ଯ୍ୟକ୍ରମ ସାରି ଆରଡ଼ି ଅଭିମୁଖେ ଯାଇଥିଲେ। ସେଠାରେ ଆଖଣ୍ଡଳମଣି ପୀଠର ବିକାଶ ନେଇ ପ୍ରଶାସନିକ ଅଧିକାରୀ ଓ ସେବାୟତମାନଙ୍କ ସହ ଆଲୋଚନା କରିଥିଲେ। ଅପରପକ୍ଷେ ମୁଖ୍ୟ ଶାସନ ସଚିବ ଓ ୫-ଟି ସଚିବଙ୍କ ଗସ୍ତକୁ ଚାନ୍ଦବାଲି କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ସାଧାରଣ ଲୋକଙ୍କ ଅଜାଣତରେ ଏହି ସମସ୍ତ କାର୍ଯ୍ୟ ହେଉଛି ଏବଂ ସ୍ଥାନୀୟ ଜନତା ଏ ବିଷୟରେ କୌଣସି ସୁରାକ୍ ପାଉନାହାନ୍ତି ବୋଲି କଂଗ୍ରେସ ନେତା ଦିଗମ୍ବର ଦାସ ଅଭିଯୋଗ କରିଥିଲେ। ଆଗାମୀ ଦିନରେ ଏହାକୁ ନେଇ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ପ୍ରକାଶ କରିଛନ୍ତି।



ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଏବଂ ୫-ଟି ସଚିବ ଭି.କେ. ପାଣ୍ଡିଆନ ଧାମରାସ୍ଥିତ ଏକ ହୋଟେଲରେ ଭର୍ଚୁଆଲ ମୋଡ୍‌ରେ ପ୍ରକଳ୍ପର ଅଗ୍ରଗତି ଦେଖୁଛନ୍ତି।


सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
cmpdi A Mini Ratna Company
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Limited) (कोल इण्डिया लिमिटेड की एक अनुषंगी कंपनी)
Gondwana Place, Kanke Road, Ranchi-834 031, Jharkhand, INDIA

NOTICE

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. www.coalindia.in/respective Subsidiary Company (CMPDI, www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurment Portal https://eprocure.gov.in In addition, procurement is also done through GeM portal https://gem.gov.in".



U.G.S. MAHAVIDYALAYA, SAKHIGOPAL
QUOTATION CALL NOTICE

Sealed quotations are invited from the authorized dealers/suppliers/manufacturer for supply of Bench-cum-Desk, Podium and Installation & upgradation of Smart Classroom under RUSA. The sealed quotations should reach to the undersigned on or before 30th Sept. 2022. For further details you can visit our website: www.ugscollege.org.

Sd./- Principal



ତହସିଲଦାରଙ୍କ କାର୍ଯ୍ୟାଳୟ
ନନ୍ଦାହାଣ୍ଡି, ଜିଲ୍ଲା- ନବରଙ୍ଗପୁର
ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ

ଏହି ତହସିଲ ଅନ୍ତର୍ଗତ 1 ଗୋଟି ସଇରାତ ଉତ୍ସ (ପଥର ଖାଦାନ)କୁ ପାଞ୍ଚ ବର୍ଷ ନିମନ୍ତେ ଦୀର୍ଘ ମିଆଦୀ ଲିଜ୍ ସୂତ୍ରରେ ଲିଜ୍ ପ୍ରଦାନ କରିବା ନିମନ୍ତେ ଏହି କାର୍ଯ୍ୟାଳୟ ବିଜ୍ଞାପନ ସଂଖ୍ୟା ୨୦୧୫/୨୦୨୨, ତା୨୩.୯.୨୦୨୨ରେ ସର୍ବସାଧାରଣଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଇଅଛି । ଉକ୍ତ ବିଜ୍ଞାପନ ସମ୍ବନ୍ଧୀୟ ସବିଶେଷ ତଥ୍ୟ ନବରଙ୍ଗପୁର ଜିଲ୍ଲା ୱେବ୍‌ସାଇଟ୍ www.nabarangpur.nic.in ରେ ଉପଲବ୍ଧ ଅଛି । ଇଚ୍ଛୁକ ବ୍ୟକ୍ତିବିଶେଷ ଉପରୋକ୍ତ ୱେବ୍‌ସାଇଟ୍‌ରୁ ସମସ୍ତ ତଥ୍ୟ ହାସଲ କରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଦରଖାସ୍ତ କରିପାରିବେ । ସରକାରୀ କାର୍ଯ୍ୟ ଦିବସମାନଙ୍କରେ ଏହି କାର୍ଯ୍ୟାଳୟରୁ ମଧ କାର୍ଯ୍ୟାଳୟ ସମୟ ମଧ୍ୟରେ ଉକ୍ତ ବିଜ୍ଞାପନ ସମ୍ବନ୍ଧୀୟ ସବିଶେଷ ତଥ୍ୟ ହାସଲ କରିପାରିବେ । ନିର୍ଦ୍ଧାରିତ ସମୟ ସୀମା ପରେ କୌଣସି ଦରଖାସ୍ତ ଗ୍ରହଣ ଯୋଗ୍ୟ ହେବ ନାହିଁ । କୌଣସି କାରଣରୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଦରଖାସ୍ତ ପହଞ୍ଚିବାରେ ବିଳମ୍ବ ହେଲେ, ନିମ୍ନସ୍ୱାକ୍ଷରକାରୀ ଦାୟୀ ରହିବେ ନାହିଁ ।

ସ୍ୱା./- ତହସିଲଦାର, ନନ୍ଦାହାଣ୍ଡି



The Odisha Small Industries Corporation Ltd.
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1933 OSIC GST No. 21AAACO2101M1Z1

TENDER CALL NOTICE

Tender Notice No.4194/RE/OSIC Dt.23.09.2022

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of 2 nos. of the work "Development of Smart Park in CDA, Sector-10 over Plot No. OS-1376, Cuttack" and "Development of Smart Park in CDA, Sector-10 over Plot No. OS-1519, Cuttack". Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/ modifications will appear in OSIC Ltd. website www.osicltd.in only

Sd/-
GENERAL MANAGER(O)
OIPR-14073/11/0095/2223



The Odisha Small Industries Corporation Ltd.
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1936 OSIC GST No. 21AAACO2101M1Z1

TENDER CALL NOTICE

Tender Notice No.4196/RE/OSIC Dt.23.09.2022

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of 3 nos. of works i.e. 1) Development of Smart Park in CDA, Sector-09 over Plot No. OS-223, Cuttack. 2) Development of Smart Park in CDA, Sector-09 over Plot No. OS-771, Cuttack. 3) Development of Smart Park in CDA, Sector-09 over Plot No. OS-1394, Cuttack. Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website www.osicltd.in only.

Sd/-
GENERAL MANAGER(O)
OIPR-14073/11/0100/2223


## ବ୍ୟାଗ୍‌ରୁ ମିଳିଲା ନବଜାତ ଶିଶୁର ମୃତଦେହ

**ଭଦ୍ରକ ଅଫିସ, ୨୩।୯**

ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ଶୁକ୍ରବାର ଏକ ବ୍ୟାଗ୍ ଭିତରୁ ନବଜାତ ଶିଶୁର ମୃତଦେହ ମିଳିଛି। ମେଡ଼ିକାଲ କର୍ତ୍ତୃପକ୍ଷଙ୍କଠାରୁ ଖବରପାଇ ଟାଉନ ଥାନା ପୋଲିସ ପହଞ୍ଚି ତଦନ୍ତ କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ରଖାଯାଇଛି। ସୂଚନା ଅନୁଯାୟୀ, ସକାଳେ କର୍ମଚାରୀମାନେ ସଫେଇ କରୁଥିବା ବେଳେ ଚିକିତ୍ସାଳୟର ପଛପଟେ ଏକ ପ୍ଲାଷ୍ଟିକ ବ୍ୟାଗ୍ ଦେଖିବାକୁ ପାଇଥିଲେ। ଉକ୍ତ ବ୍ୟାଗ୍ ଭିତରେ ଏକ ନବଜାତ ଶିଶୁର ମୃତଦେହ ଥିବା ଦେଖି ସେମାନେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ତେବେ ସବୁବେଳେ ଚଳଚଞ୍ଚଳ ରହୁଥିବା ଜିଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁଟିକୁ କିଏ କେଉଁ ପରିସ୍ଥିତିରେ ଏବଂ ଜୀବିତ ନା ମୃତ ଅବସ୍ଥାରେ ପକାଇଛନ୍ତି, ସେନେଇ ପୋଲିସ ତଦନ୍ତ ଜାରି ରଖିଛି।


ପୂର୍ବ ତଟ ରେଳପଥ
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2022-13 ତା.19.09.2022ରିଖ

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥରେ ସମ୍ବଲପୁର ମଣ୍ଡଳର ବରଗଡ଼, କେସିଙ୍ଗା ଏବଂ କଣ୍ଟାବାଞ୍ଜି ଷ୍ଟେସନ ଠାରେ ଏକୀକୃତ ଜରୁରୀକାଳୀନ ପ୍ରତିକ୍ରିୟା ପ୍ରବନ୍ଧନ ପ୍ରଣାଳୀ (Integrated Emergency Response Management System) (ଭିଡ଼ିଓ ନିରୀକ୍ଷଣ ପ୍ରଣାଳୀ) ବ୍ୟବସ୍ଥା ।
ଟେଣ୍ଡର ମୂଲ୍ୟ (ଟଙ୍କାରେ) : 79,41,621.30, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 1,58,800/-
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.11.10.2022 ରିଖ 1100 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ(ସଙ୍କେତ ଏବଂ ଦୂରସଞ୍ଚାର), ସମ୍ବଲପୁର
PR-535/N/22-23



ପୂର୍ବ ତଟ ରେଳପଥ
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCPMGSUBBS2022102 ତା.15.09.2022ରିଖ

କାର୍ଯ୍ୟର ନାମ: ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ (MCL) ର NTPC ଲାଇନ୍‌ର ଲିଙ୍ଗରାଜ SILO କନେକ୍ଟିଭିଟି ଜନିତ ଦୋହରୀକରଣ ସମ୍ବନ୍ଧୀୟ ବିଭିନ୍ନ ସ୍ଥାନଗୁଡ଼ିକ ଠାରେ ସାଧାରଣ ବିଦ୍ୟୁତୀକରଣ କାର୍ଯ୍ୟଗୁଡ଼ିକ ସହିତ ସିଗ୍ନାଲ ଗୁମଟି, ଗେଟ୍ ଲଜ୍ (Gate Lodge), କର୍ମଚାରୀ ବିଶ୍ରାମ ଗୃହ, ଷ୍ଟେସନ ମାଷ୍ଟର (SM's)ଙ୍କ ବିଲ୍ଡିଙ୍ଗ୍ ତଥା କ୍ରିଉ ଏବଂ ଗାର୍ଡ଼ ବିଶ୍ରାମ ପ୍ରକୋଷ୍ଠର ନିର୍ମାଣ ତଥା ଅନ୍ୟ ବିବିଧ କାର୍ଯ୍ୟଗୁଡ଼ିକର ସମ୍ପାଦନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 709.42 ଲକ୍ଷ
EMD (ଟଙ୍କାରେ): 5,04,700/-
କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.07.10.2022 ରିଖ 1200 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର)ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉପର୍ଯ୍ୟୁକ୍ତ ଆକାଙ୍କ୍ଷାଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-106/CF/22-23


# ସ୍ୱାସ୍ଥ୍ୟକେନ୍ଦ୍ରରେ ଆଇନ ଶୃଙ୍ଖଳା ସ୍ଥିତି ବଜାୟ ରଖ

## ସମସ୍ତ ଜିଲାପାଳ, ଏସ୍‌ପିଙ୍କୁ ସ୍ୱାସ୍ଥ୍ୟ ସଚିବଙ୍କ ଚିଠି

- ଚିକିତ୍ସା କେନ୍ଦ୍ରରେ ଲାଗିବ ସିସିଟିଭି, ପାଟ୍ରୋଲିଂ କରିବେ ପୋଲିସ
- ସାଧାରଣ ଲୋକ, ଯାନବାହନର ହେବ କଡ଼ାକଡ଼ି ଯାଞ୍ଚ
- ମିଳିବ ମାତ୍ର ୨ ଭିଜିଟର୍ସ ପାସ୍

**ଭୁବନେଶ୍ୱର,୨୩।୯(ବ୍ୟୁରୋ)**

ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ବିଶୃଙ୍ଖଳା, ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କୁ ରୋଗୀଙ୍କ ସମ୍ପର୍କୀୟ ନିର୍ଯାତନା ଓ ଶାରୀରିକ ଆଘାତ ଦେଉଥିବା ନେଇ ରାଜ୍ୟର ବିଭିନ୍ନ ସ୍ଥାନରୁ ଅଭିଯୋଗ ଆସୁଛି। ଗତ କିଛିଦିନ ମଧ୍ୟରେ ସମ୍ବଲପୁର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀମାନେ ରୋଗୀଙ୍କ ସମ୍ପର୍କୀୟଙ୍କ ଦ୍ୱାରା ଆକ୍ରମଣର ଶିକାର ମଧ ହୋଇଛନ୍ତି। ଏହାକୁ ନେଇ ସ୍ୱାସ୍ଥ୍ୟ ବିଭାଗ ଚିନ୍ତା ପ୍ରକଟ କରିବା ସହ ଏଭଳି ଘଟଣାକୁ କିପରି ଏଡ଼ାଯାଇପାରିବ ସେନେଇ ସବୁ ଜିଲାପାଳ ଏବଂ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛି। ସରକାରୀ ଚିକିତ୍ସାଳୟଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ଏକ ମାର୍ଗଦର୍ଶିକା ବିଭାଗ ପକ୍ଷରୁ ଜାରି କରାଯାଇଛି। ଡାକ୍ତରମାନଙ୍କ ବିରୋଧରେ ଏଭଳି ଆଚରଣକୁ ନେଇ ରାଜ୍ୟ ସରକାର ଶୂନ୍ୟ ସହନଶୀଳତା ନୀତି ଆପଣାଇବେ ବୋଲି ସିଧାସଳଖ ଜଣାଇ ଦେଇଛନ୍ତି। ଏଭଳି ଘଟଣା ବିରୋଧରେ ଉଦାହରଣ ସୃଷ୍ଟି କରିବା ଭଳି ପଦକ୍ଷେପ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ସଚିବ ଶାଳିନୀ ପଣ୍ଡିତ ଶୁକ୍ରବାର ଏନେଇ ସବୁ ଜିଲାପାଳ, ଏସ୍‌ପି, ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଏବଂ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଚିଠି ଲେଖିଛନ୍ତି।

ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି, ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରତି ଆକ୍ରମଣକୁ ନେଇ ରାଜ୍ୟ ସରକାର ଶୂନ୍ୟ ସହନଶୀଳତା ଆଭିମୁଖ୍ୟ ରଖୁଛନ୍ତି। ତଥାପି ଗତ କିଛିଦିନ ଭିତରେ ସେମାନଙ୍କ ଉପରେ ରୋଗୀଙ୍କ ସମ୍ପର୍କୀୟମାନେ ଆକ୍ରମଣ କରିବା ଭଳି ଘଟଣା ଘଟିଗଲାଣି। ଏଭଳି ଘଟଣାକୁ ରୋକିବା ସହ ହସ୍ପିଟାଲଗୁଡ଼ିକରେ ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ଲାଗି ପଦକ୍ଷେପ ନିଆଯିବା ଜରୁରୀ। ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ସିସିଟିଭି କ୍ୟାମେରା ଲଗାଯିବ। ଇନ୍‌ଡୋରର ପ୍ରତ୍ୟେକ ରୋଗୀଙ୍କୁ ମାତ୍ର ଦୁଇଟି ଭ୍ରମଣକାରୀ(ଭିଜିଟର୍ସ) ପାସ୍ ପ୍ରଦାନ କରାଯିବ। ଭ୍ରମଣକାରୀମାନେ କେବଳ ପରିଦର୍ଶନ ପାଇଁ ଉଦ୍ଦିଷ୍ଟ ସମୟରେ ହିଁ ଇନ୍‌ଡୋର ଭିତରକୁ ଯାଇ ରୋଗୀଙ୍କୁ ସାକ୍ଷାତ କରିପାରିବେ। ଦାୟିତ୍ୱରେ ଥିବା ସୁରକ୍ଷା କର୍ମଚାରୀମାନେ ଏହାର ତଦାରଖ କରିବେ। ସମସ୍ତ ନିୟମିତ ଏବଂ ଠିକା କର୍ମଚାରୀଙ୍କୁ ପରିଚୟପତ୍ର ପ୍ରଦାନ କରାଯିବ। ସାଧାରଣ ଲୋକ ଏବଂ ଯାନବାହନକୁ ଚିକିତ୍ସାଳୟ ଭିତରକୁ ପ୍ରବେଶ ପୂର୍ବରୁ କଡ଼ାକଡ଼ି ଯାଞ୍ଚ କରାଯିବ। ଚିକିତ୍ସାଳୟରେ ବିଶୃଙ୍ଖଳା କିମ୍ବା ଭଙ୍ଗାରୁଜା କଲେ କେଉଁ ଦଣ୍ଡ ମିଳିବ ସେନେଇ ଏକ ବୋର୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ ଲଗାଯିବ।

ସେହିପରି ଚିକିତ୍ସାଳୟ ପରିସରରେ ସୁରକ୍ଷା କର୍ମଚାରୀମାନେ ନିୟମିତ ପାଟ୍ରୋଲିଂ କରିବା ସହିତ ଅଯଥାରେ ପାର୍କିଂ ହୋଇଥିବା ଯାନକୁ ବାହାରକରିବା ସହ ଉଠାଦୋକାନକୁ ଉଚ୍ଛେଦ କରାଯିବ। ଅଭିଯୋଗ ଶୁଣାଣି ପାଇଁ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ରହିବ। ଏହାଦ୍ୱାରା ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟଙ୍କ ନିକଟରେ ସାଧାରଣ ଲୋକ ସହଜରେ ନିଜର ଅଭିଯୋଗ ଦାଖଲ କରିପାରିବେ। ଯଦି ଅଭିଯୋଗ ଶୁଣାଣି ବ୍ୟବସ୍ଥା ଠିକ୍ ରହିବ ତେବେ ଚିକିତ୍ସା ଅବହେଳା କିମ୍ବା ଅନ୍ୟାନ୍ୟ ବିଷୟ ନେଇ କେହି ବିଶୃଙ୍ଖଳା ସୃଷ୍ଟି କରିପାରିବେ ନାହିଁ। ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କୁ ଆକ୍ରମଣ ଘଟଣାଗୁଡ଼ିକ ସ୍ଥାନୀୟ ଏସ୍‌ପି ଗୁରୁତର ଭାବେ ନେବା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚିଠିରେ ଉଲ୍ଲେଖ କରାଯାଇଛି।

# ୪୪ ପରିବହନ ସେବା ଅନ୍‌ଲାଇନ ହେଲା

## ଖୁବ୍‌ଶୀଘ୍ର ହେବ ଆଧାର ଲିଙ୍କ୍: ଯୁଗ୍ମ କମିଶନର

**ଭୁବନେଶ୍ୱର, ୨୩।୯(ବ୍ୟୁରୋ)**

ଲୋକମାନଙ୍କୁ ସମସ୍ୟା ମୁକ୍ତ ପରିବହନ ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ୪୪ଟି ନାଗରିକ କୈନ୍ଦ୍ରିକ ସେବାକୁ ଅନ୍‌ଲାଇନ ପଞ୍ଜୀକୃତ କରିଛନ୍ତି। ଏହାଦ୍ୱାରା ଲୋକମାନେ ଏହି ସେବାଗୁଡ଼ିକ ଘରେ ବସି ପାଇପାରିବେ। ଜାତୀୟସ୍ତରରେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଡ୍ରାଇଭିଂ ଲାଇସେନ୍ସ, କଣ୍ଡକ୍ଟର ଲାଇସେନ୍ସ, ଯାନବାହନ ପଞ୍ଜୀକରଣ, ମାଲିକାନା ପରିବର୍ତ୍ତନ ଇତ୍ୟାଦି ୫୮ଟି ପରିବହନ ସେବା ଅନ୍‌ଲାଇନରେ ଯୋଗାଇ ଦେବାକୁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ତନ୍ମଧ୍ୟରୁ '୫-ଟି' ପଦକ୍ଷେପ ଅନ୍ତର୍ଗତ ଅନ୍‌ଲାଇନ ଆବେଦନ ପ୍ରକ୍ରିୟା ମାଧ୍ୟମରେ ଡ୍ରାଇଭିଂ ଲାଇସେନ୍ସ, ଯାନ ପଞ୍ଜୀକରଣ, ଅନୁମତି, ଅଫ୍ ରୋଡ୍ ଆବେଦନ ଏବଂ ଅନ୍ତର୍ଜାତୀୟ ଡ୍ରାଇଭିଂ ଅନୁମତି ସମେତ ରାଜ୍ୟରେ ପରିବହନ ସହ ଜଡ଼ିତ ମୋଟ ୪୪ଟି ନାଗରିକ କୈନ୍ଦ୍ରିକ ସେବା ଅନ୍‌ଲାଇନ କାର୍ଯ୍ୟକାରୀ କରିଛନ୍ତି।

ନୂଆ ଯାନବାହନ ପଞ୍ଜୀକରଣ, ମାଲଗାଡ଼ି ପର୍ମିଟ ଆଦି କାଗଜବିହୀନ ସେବା ଯୋଗାଇବାରେ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ ବୋଲି ପରିବହନ ଯୁଗ୍ମ କମିଶନର ଦୀପ୍ତି ରଞ୍ଜନ ପାତ୍ର (ଟେକ୍ନିକାଲ) କହିଛନ୍ତି। ଓଡ଼ିଶାରେ ମୋଟ ୪୪ଟି ଆର୍‌ଟିଓ ସମ୍ବନ୍ଧୀୟ ସେବା ଅନ୍‌ଲାଇନରେ ହୋଇଛି। ୨ ବର୍ଷ ହେବ ଗାଡ଼ି ପଞ୍ଜୀକରଣ ପ୍ରକ୍ରିୟା କାଗଜବିହୀନ ହୋଇଆସୁଛି। ଅଟୋରିକ୍ସା ନମ୍ବର ଉତ୍ପାଦନ ସହିତ ଡିଜିଟାଲ ସ୍ୱାକ୍ଷର ମାଧ୍ୟମରେ ଡକ୍ୟୁମେଣ୍ଟ ଅପ୍‌ଲୋଡ ସିଷ୍ଟମ୍ ପ୍ରବର୍ତ୍ତନ କରିବାରେ ମଧ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ। ଡ୍ରାଇଭିଂ ଲାଇସେନ୍ସ ଏବଂ ରେଜିଷ୍ଟ୍ରେଶନ ସାର୍ଟିଫିକେଟ୍ (ଆର୍‌ସି) ସମେତ ମୋଟର ଯାନର ଡିଜିଟାଲ ଡକ୍ୟୁମେଣ୍ଟ ପ୍ରଦାନ ଇତ୍ୟାଦି ଅନ୍‌ଲାଇନ ଜରିଆରେ କରାଯାଉଛି। ଉନ୍ନତ ସେବା ବିତରଣକୁ ସୁନିଶ୍ଚିତ କରିବା ଏବଂ ଡିଏଲ୍, ଆର୍‌ସି ଏବଂ ଅନ୍ୟାନ୍ୟ ଯାନବାହନ ସମ୍ବନ୍ଧୀୟ କାଗଜପତ୍ର ପାଇବାରେ ହେଉଥିବା ବିଳମ୍ବକୁ ଦୂର କରିବା ପାଇଁ ୨୦୨୨ ଜାନୁଆରୀ ୧ରୁ ଡିଜିଟାଲ ସ୍ୱାକ୍ଷରିତ ଡକ୍ୟୁମେଣ୍ଟ ଜାରି କରାଯାଇଛି। ଏହି ସେବାଗୁଡ଼ିକୁ ଆଧାର ସହିତ ଯୋଡ଼ିବା ପାଇଁ କାର୍ଯ୍ୟ ଚାଲିଛି ବୋଲି ପାତ୍ର ସୂଚନା ଦେଇଛନ୍ତି। ସିଷ୍ଟମ୍ ଆକ୍ସେସ୍ ହେବା ପରେ ସ୍ୱେଚ୍ଛାକୃତଭିତ୍ତିରେ ଆଧାର ପ୍ରାମାଣିକୀକରଣ ସହାୟତାରେ ଏହି ସେବାଗୁଡ଼ିକ ଉପଲବ୍ଧ ହୋଇପାରିବ।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

Ori-Pipes Pvt. Ltd. at 152, New Industrial Estate, Jagatpur, Cuttack-754021 needs 10 Nos. of Graduates to work as Sales and Marketing Executive in certain districts of Odisha. Only experienced candidates may apply to above address or email at- oripipes@yahoo.co.in within 10 days of this publication.
Contact No. - 9853205500

WANTED
Ladies for Official Work
Fooding,
Accommodation Free+
7500 to 15000/-
Nakhara, Cuttack
7809525452

JOB VACANCY
IMMEDIATE HIRING IN JHARSUGUDA, ANGUL & BARBIL FOR THE POSITION OF HYDRAULIC SERVICE TECHNICIAN.
QUALIFICATION: ITI, DIPLOMA, BE/B.TECH
Interested candidates may send their resume to
sales.se@mencor.in or Whatsapp- 08305110851

JOB VACANCY
CELEX TECHNOLOGIES PVT. LTD. is hiring hardworking and honest people in the following cities: Bhubaneswar, Brahmapur, Cuttack, Sambalpur, Balangir, Jeypore, Jajpur and Rourkela. Candidates should be comfortable in Rotational Shift.
Positions available:
A. Simple Machine Operator | B. Delivery Boy with Two-Wheeler
Walk in interview only in Bhubaneswar city.
Address: Plot No: 137, Chandrasekharpur Near Katos Gym
Monday to Saturday - 10 A.M. to 3 P.M.
Other cities call in number given below:
Contact Person : SAMUEL PRADHAN
Contact number: 9874799124 / 6292266575
Email Id : sailee@celex.co.in

Agi Greenpac Limited, Unit-Agi Glaspac a dominant & fast growing player in Container Glass Industry with a turnover in excess of 1500 Crores requires for its Factories at Hyderabad & Bhongir, Telangana.
Graduate/Diploma Trainee Engineers
Candidates passed BE/B.Tech/Diploma in Mechanical, Electronics and Instrumentation Engineering in first class throughout their academics may apply. Salary for BE/B.Tech is Rs.20000/- per month. Salary for Diploma is Rs.18000/- per month.
ITI FITTERS
Candidates passed ITI in Fitter Trade may apply. Starting Salary is Rs.12000/- pm. After 6 months it revised to Rs.13000/- pm. After one year it is revised to Rs.14000/- pm.
Interested candidates with relevant qualification may mail their Biodata to careers@agi-glaspac.com.

See Career Appointment on every Wednesday & Saturday

REQUIRED
An Electrical Company
Required Female/Male
Accountant. (B.Com and Tally).
Experience-0 to 1 year
At IRC Village,Bhubaneswar
Contact:
6372078728, 9078107373



MCL
ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବ୍‌ସାଇଟ୍ : www.mahanadicoal.in

ରେଫରେନ୍ସ ନଂ.ଏମ୍‌ସିଏଲ୍/ଏସ୍‌ବିପି/ଇଇ/2022/ଆଡ୍‌ଭାଇଜର(କମର୍ସିଆଲ-ପାୱାର)/1646 ତାରିଖ: 17.09.2022

ଏମ୍‌ସିଏଲ୍‌ରେ ଚୁକ୍ତି ଭିତ୍ତିରେ ପୂର୍ଣ୍ଣକାଳୀନ ଉପଦେଷ୍ଟା (କମର୍ସିଆଲ-ପାୱାର)ଙ୍କ ନିଯୋଜନ ସମ୍ବନ୍ଧୀୟ ଅଧିସୂଚନା

ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍, କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ, ତାପଜ ଶକ୍ତି ଉତ୍ପାଦନ ଏବଂ ଅକ୍ଷୟ ଶକ୍ତିର ସୀମାନ୍ତକୁ ନିଜର କାର୍ଯ୍ୟ ବିସ୍ତାର କରୁଛି । ଏମ୍‌ସିଏଲ୍ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାରେ ବସୁନ୍ଧରା କୋଲ୍‌ଫିଲଡ୍‌ସ ଠାରେ ମହାନଦୀ ବେସିନ୍ ପାୱାର୍ ଲିମିଟେଡ୍ ନାମକ 2X800 ମେଗାୱାଟ୍ କ୍ଷମତାବିଶିଷ୍ଟ ଏକ ପିଟ୍ ହେଡ୍ ଥର୍ମାଲ୍ ପ୍ଲାଣ୍ଟ ସ୍ଥାପନ କରିବାର ପ୍ରସ୍ତାବ ରଖିଛି ।
ଏମ୍‌ସିଏଲ୍ ଠିକା ଭିତ୍ତିରେ ପୂର୍ଣ୍ଣକାଳୀନ ଉପଦେଷ୍ଟା (କମର୍ସିଆଲ-ପାୱାର) ଭାବେ ନିଯୋଜିତ ହେବା ପାଇଁ ଇ-8 ଗ୍ରେଡ୍ କିମ୍ବା କେନ୍ଦ୍ର/ରାଜ୍ୟ ସରକାରଙ୍କ ପିଏସ୍‌ୟୁ/ସ୍ୱୟଂଶାସିତ ସଂଗଠନର ସମତୁଲ୍ୟ ପାହ୍ୟାରୁ ଅବସରପ୍ରାପ୍ତ କାର୍ଯ୍ୟନିର୍ବାହୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଛି ।
ଯୋଗ୍ୟତା ମାନଦଣ୍ଡ, ଶିକ୍ଷାଗତ ଯୋଗ୍ୟତା, ଅଭିଜ୍ଞତା, ସମ୍ପାଦନ କରିବାକୁ ଥିବା କାର୍ଯ୍ୟ ଓ ସେବାର ପରିସର ଏବଂ ଦରଖାସ୍ତ ଫର୍ମ www.mahanadicoal.in ୱେବ୍‌ସାଇଟ୍‌ରେ ଶୀର୍ଷକ କ୍ୟାରିୟର୍ସ@ଏମ୍‌ସିଏଲ୍ --> କ୍ୟାରିୟର୍ ନ୍ୟୁଜ୍ --> ରିକ୍ରୁଟମେଣ୍ଟ ଅଧୀନରେ କିମ୍ବା ସିଆଇଏଲ୍ ୱେବ୍‌ସାଇଟ୍ www.coalindia.inରେ ଉପଲବ୍ଧ ଅଛି ।
ଦରଖାସ୍ତ ଫର୍ମ ପ୍ରାପ୍ତିର ଶେଷ ତାରିଖ ହେଉଛି ତା08.10.2022 ଅପରାହ୍ନ 5.00 ଘଟିକା ପର୍ଯ୍ୟନ୍ତ ।
ଦରଖାସ୍ତ ଫର୍ମାଟ୍ ୱେବ୍‌ସାଇଟ୍‌ରୁ ଡାଉନଲୋଡ୍ କରାଯାଇପାରିବ । ଆବେଦନକାରୀଙ୍କ ଦ୍ୱାରା ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତ ସହିତ ସମସ୍ତ ସମ୍ପର୍କିତ ଦସ୍ତାବିଜର ଆଟେଷ୍ଟେଡ୍ ନକଲ ଉପ ମହାପ୍ରବନ୍ଧକ (କାର୍ମିକ/ଅଧିକାରୀ ସ୍ଥାପନା), ମହାନଦୀ କୋଲ୍‌ଫିଲଡ୍‌ସ ଲିଃ, ସ୍ଥାନ/ପୋଷ୍ଟ: ଜାଗୃତି ବିହାର, ବୁର୍ଲା, ଜିଲ୍ଲା: ସମ୍ବଲପୁର-768020, ଓଡ଼ିଶାଙ୍କ ନିକଟକୁ ଇମେଲ୍ ଆଇଡି gm-ee.mcl@coalindia.in ଜରିଆରେ ପଠାଯାଇପାରିବ ।

ସ୍ୱା./-
ଉପ ମହାପ୍ରବନ୍ଧକ (କାର୍ମିକ-ଅଧିକାରୀ ସ୍ଥାପନା)
ଏମ୍‌ସିଏଲ୍ ମୁଖ୍ୟାଳୟ, ଜାଗୃତି ବିହାର, ବୁର୍ଲା, ସମ୍ବଲପୁର
(R-5119)

# ବ୍ୟବସାୟ ସହ ଗ୍ରାହକଙ୍କୁ ମନୋରଞ୍ଜନ

## ଜମୁଛି ଜାତୀୟ ସ୍ତରୀୟ ହସ୍ତତନ୍ତ ମେଳା

- ୧୧ଦିନରେ ୧.୫୦ କୋଟିରୁ ଊର୍ଦ୍ଧ୍ୱ ବେପାର
- ୧୬ ରାଜ୍ୟର ହସ୍ତତନ୍ତ ବସ୍ତ୍ରର ସମ୍ଭାର
- ୨୫ରେ ମୁମ୍ବାଇ ନାଇଟ୍, ୧ରୁ ଦାଣ୍ଡିଆ ନୃତ୍ୟ


ଓଡ଼ିଶାର ଏକ ଷ୍ଟଲ୍‌ରେ ଗ୍ରାହକମାନ କିଣାକିଣି କରୁଛନ୍ତି।

ଭୁବନେଶ୍ୱର,୨୩।୯(ବ୍ୟୁରୋ)

ପ୍ରଦର୍ଶନୀ କିମ୍ବା ମେଳା ପଡ଼ିଲେ ବ୍ୟବସାୟର କଥା ଆସେ। କିଣାକିଣି ସହ ମେଳା ବୁଲାର ମଜା ନେଇଥାନ୍ତି ଲୋକେ। ଏବେ ଏସବୁ ଭିତରେ ଲୋକଙ୍କୁ ମନୋରଞ୍ଜନ ଯୋଗାଉଛି ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ୨୦୨୨। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନ ସଂସ୍ଥା 'ବୟନିକା' ପକ୍ଷରୁ ସ୍ଥାନୀୟ ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ସେପ୍ଟେମ୍ବର ୧୨ରୁ ଆରମ୍ଭ ହୋଇଥିବା ଏହି ମେଳାରେ ଓଡ଼ିଶା ସମେତ ୧୬ ରାଜ୍ୟର ହସ୍ତତନ୍ତ ବସ୍ତ୍ରର ସମ୍ଭାର ଆକର୍ଷଣ ସାଜିଛି। ଏଥିରେ ମୋଟ ୨୧୫ଟି ଷ୍ଟଲ ଖୋଲାଯାଇଥିବାବେଳେ ଏଥିମଧ୍ୟରୁ ୧୧୫ ଷ୍ଟଲ ଓଡ଼ିଶାର ବିଭିନ୍ନ ସଂସ୍ଥା ଓ ସମିତିଗୁଡ଼ିକ ପାଇଁ ଉଦ୍ଦିଷ୍ଟ ରହିଛି। ଅବଶିଷ୍ଟ ୧୦୦ ଷ୍ଟଲ ଅନ୍ୟ ୧୫ ରାଜ୍ୟକୁ ଆବଣ୍ଟିତ କରାଯାଇଛି। ଏହି ମେଳାରେ ଓଡ଼ିଶାର ବାନ୍ଧବସ୍ତ୍ର ସହ ପଶ୍ଚିମବଙ୍ଗର ଜାମଦାନି ଓ ଟାଙ୍ଗାଇଲ୍, ଗୁଜରାଟର ପଟୋଲା, ଲକ୍ଷ୍ନୌର ଚିକେନକାରୀ, ଜମ୍ମୁ ଓ କଶ୍ମୀରର ପଶମିନା ସାଲ୍, ତାମିଲନାଡ୍ରୁର କାଞ୍ଜିବରମ୍ ପାଟଶାଢ଼ି, ଦିଲ୍ଲୀ ଓ ହରିୟାଣାର ଫର୍ନିସିଙ୍ଗ ବସ୍ତ୍ର, ପଞ୍ଜାବର କମ୍ବଳ ଓ କର୍ନାଟକର ସିଲ୍କ ଶାଢ଼ି ଆଦି ହସ୍ତତନ୍ତ ବସ୍ତ୍ର ଗ୍ରାହକଙ୍କ ନିମନ୍ତେ ଉପଲବ୍ଧ ହେଉଛି। ଏଥିସହ ପ୍ରତ୍ୟେକ ସନ୍ଧ୍ୟାରେ ମନୋରଞ୍ଜନ ପାଇଁ ଶୁକ୍ରବାରଠାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଯୁବ ଉଦୀୟମାନ କଣ୍ଠଶିଳ୍ପୀଙ୍କ ସଙ୍ଗୀତରେ ଝୁମି ଉଠିଥିଲା ମେଳା ପରିସର। କଣ୍ଠଶିଳ୍ପୀ ନେହା ନିହାରିକା, ଅଭିଜିତ୍ ପାଢ଼ୀ, ସିଦ୍ଧାନ୍ତ, ବୈଷ୍ଣବୀ ମହାନ୍ତି ପ୍ରମୁଖଙ୍କ ସୁମଧୁର ସଙ୍ଗୀତ ଗ୍ରାହକ ତଥା ଦର୍ଶକଙ୍କ ମନକୁ ବେଶ୍ ହାଲ୍‌କା କରିଦେଇଥିଲା। ଆସନ୍ତା ୨୫ ତାରିଖରେ ମୁମ୍ବାଇ ନାଇଟ୍, ୨୮ରେ ରାଜ୍ୟର କଣ୍ଠଶିଳ୍ପୀଙ୍କ ଦ୍ୱାରା ସଂଗୀତ କାର୍ଯ୍ୟକ୍ରମ, ୩୦ରେ ସଂଗୀତ କାର୍ଯ୍ୟକ୍ରମ ଏବଂ ଅକ୍ଟୋବର ୧ରୁ ୬ ପର୍ଯ୍ୟନ୍ତ ଦାଣ୍ଡିଆ ନୃତ୍ୟ ପରିବେଷଣର କାର୍ଯ୍ୟକ୍ରମ ରହିଛି। ସେହିପରି ଛୋଟପିଲାଙ୍କ ମନୋରଞ୍ଜନ ପାଇଁ ଦୋଳି, ଚକ୍ରି, ମିକିମାଉସ୍ ଇତ୍ୟାଦିର ବ୍ୟବସ୍ଥା କରାଯାଇଛି । ଷ୍ଟଲଗୁଡ଼ିକରେ ବିଭିନ୍ନ ପ୍ରକାରର ବସ୍ତ୍ର ଉପରେ ଆକର୍ଷଣୀୟ ରିହାତିର ବ୍ୟବସ୍ଥା ରହିଛି । ବର୍ଷା ସତ୍ତ୍ୱେ ମେଳାରେ ସେପ୍ଟେମ୍ବର ୨୨ ସୁଦ୍ଧା ୧ କୋଟି ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହୋଇଛି। ଏହି ଜାତୀୟସ୍ତରୀୟ ମେଳା ପ୍ରତ୍ୟହ ପୂର୍ବାହ୍ନ ୧୧ଟା ୩୦ରୁ ରାତି ୯ଟା ୩୦ ପର୍ଯ୍ୟନ୍ତ ଖୋଲା ରହୁଛି। ଏହା ଅକ୍ଟୋବର ୯ ତାରିଖ ପର୍ଯ୍ୟନ୍ତ ଚାଲିବ।


କଣ୍ଠଶିଳ୍ପୀ ନେହା ନିହାରିକା ସଙ୍ଗୀତ ପରିବେଷଣ କରୁଛନ୍ତି।

## ଅବସର ନେଲେ ବିଚାରପତି ଶତ୍ରୁଘ୍ନ ପୂଜାହାରୀ

**କଟକ ଅଫିସ,୨୩।୯:** ଓଡ଼ିଶା ହାଇକୋର୍ଟର ବରିଷ୍ଠ ବିଚାରପତି ଶତ୍ରୁଘ୍ନ ପୂଜାହାରୀ ଶୁକ୍ରବାର କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ଏଥିପାଇଁ ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ବିଚାରପତି ପୂଜାହାରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।



ପୂଜାହାରୀ ସୋନପୁର ଜିଲା ସୁବଳୟା ଗ୍ରାମରେ ୧୯୬୦ ସେପ୍ଟେମ୍ବର ୨୪ରେ ଜନ୍ମଗ୍ରହଣ କରିଥିଲେ। ୧୯୭୮ରେ ହାଇସ୍କୁଲ ପାଠ ଶେଷ କରି ବଲାଙ୍ଗୀରର ରାଜେନ୍ଦ୍ର କଲେଜରୁ ୧୯୮୩ରେ ରାଜନୀତି ବିଜ୍ଞାନ ସମ୍ମାନରେ ଡିଗ୍ରୀ ହାସଲ କରିଥିଲେ। ୧୯୮୬ରେ ସମ୍ବଲପୁରସ୍ଥିତ ଲାଲା ଲଜପତ ରାୟ୍ ଆଇନ ମହାବିଦ୍ୟାଳୟରୁ ସେ ଏଲ୍ଏଲ୍‌ବି ପାସ୍ କରିଥିଲେ। ଏହାପରେ ଜଣେ ଆଇନଜୀବୀ ଭାବେ ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ। ସେ ଓଡ଼ିଶା ସୁପେରିୟର ଜୁଡିସିଆଲ ସର୍ଭିସ ପରୀକ୍ଷାରେ ସଫଳତା ହାସଲ କରି ୨୦୦୩ ଫେବୃୟାରୀ ୭ରେ ବ୍ରହ୍ମପୁରର ଦ୍ୱିତୀୟ ଅତିରିକ୍ତ ଜିଲା ଦୌରା ଜଜ୍ ଭାବେ ଯୋଗଦେଇଥିଲେ। ଏଥିସହ କୋରାପୁଟ, ଗଞ୍ଜାମ, ପୁରୀ, କଟକରେ ଜିଲା ଓ ଦୌରାଜଜ୍, ଓଡ଼ିଶା ସେଲ୍ସ ଟ୍ୟାକ୍ସ ଟ୍ରିବ୍ୟୁନାଲର ଅଧକ୍ଷ, ରାଜ୍ୟ ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ ଓ ରାଜ୍ୟ ଆଇନ ବିଭାଗର ସେ ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରିଥିଲେ। ୨୦୧୩ ନଭେମ୍ବର ୨୯ରେ ଓଡ଼ିଶା ହାଇକୋର୍ଟରେ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ଏଠାରେ ୨୦୧୭ ନଭେମ୍ବର ୨୨ ପର୍ଯ୍ୟନ୍ତ କାର୍ଯ୍ୟ କରିବା ପରେ ମାଡ୍ରାସ ହାଇକୋର୍ଟକୁ ବଦଳି ହୋଇଥିଲେ। ୨୦୧୮ ନଭେମ୍ବର ୧୯ରେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଯୋଗଦେଇଥିଲେ। ଜଣେ ଦକ୍ଷ ବିଚାରପତି ଭାବେ ଜଷ୍ଟିସ ପୂଜାହାରୀ ହାଇକୋର୍ଟରେ ବହୁ ଗୁରୁତ୍ୱପୂର୍ଣ୍ଣ ମାମଲାର ରାୟ ଶୁଣାଇଥିଲେ।

# ଫିଲ୍ମ ହଲ୍ ଆଗରେ ଲାଗିଲା ଧାଡ଼ି

## ଦିନକ ପାଇଁ ଟିକେଟ ମୂଲ୍ୟ ୭୫ ଟଙ୍କା

ଭୁବନେଶ୍ୱର,୨୩।୯(ବ୍ୟୁରୋ)

ଓଡ଼ିଆ ଫିଲ୍ମକୁ ନେଇ ସବୁବେଳେ ଚର୍ଚ୍ଚା ଲାଗି ରହିଛି। ଭଲ ଫିଲ୍ମ ତିଆରି ନ ହେବା, ଓଡ଼ିଆ ଫିଲ୍ମ ଦେଖିବାକୁ ହଲ୍‌ରେ ଦର୍ଶକ ନ ହେବା ପ୍ରସଙ୍ଗକୁ ନେଇ ସୋସିଆଲ ମିଡିଆଠାରୁ ଆରମ୍ଭ କରି ବିଭିନ୍ନ ପ୍ଲାଟ୍‌ଫର୍ମରେ ଅନେକ ତର୍କ ଚାଲୁଛି। ଏଭଳିସ୍ଥିତିରେ ଶୁକ୍ରବାର ଜାତୀୟ ସିନେମା ଦିବସରେ ଦିନକ ପାଇଁ ଫିଲ୍ମ ଟିକେଟ୍ ଦର କମିବା ବିଶେଷକରି ଓଲିଉଡ୍ ପାଇଁ ଏକ ଭିନ୍ନ ରାସ୍ତା ଦେଖାଇଛି। ଭଲ ଫିଲ୍ମ ନ ଥାଇ ବି, ଛୁଟିଦିନ ନ ହୋଇ ମଧ୍ୟ ହଲ୍ ସବୁ ହାଉସ୍ ଫୁଲ୍ ହୋଇଥିବା ଦେଖିବାକୁ ମିଳିଥିଲା। ଟିକେଟ ମୂଲ୍ୟ କମ୍ ରହିଲେ ହିଁ ଫିଲ୍ମ ହଲ୍ ହାଉସ୍‌ଫୁଲ୍ ରହିବ, ଓଲିଉଡ୍ ଭଳି ଦୁର୍ବଳ ଅବସ୍ଥାରେ ଥିବା ଆଉ କେତେକ ଚଳଚ୍ଚିତ୍ର ଶିଳ୍ପ ଆଗକୁ ବଢ଼ି ପାରିବ ବୋଲି ଏହା ପ୍ରମାଣିତ କରିଛି। ଚଳଚ୍ଚିତ୍ର ଶିଳ୍ପ ପ୍ରତି ଦର୍ଶକଙ୍କୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ଜାତୀୟ ସିନେମା ଦିବସରେ କେବଳ ରାଜଧାନୀ ଭୁବନେଶ୍ୱର ନୁହେଁ, ସାରା ଦେଶରେ ଫିଲ୍ମ ଟିକେଟ ମୂଲ୍ୟ ୭୫ଟଙ୍କା କରାଯାଇଥିଲା। ମଲ୍ଟିପ୍ଲେକ୍ସ ଆସୋସିଏଶନ ଅଫ୍ ଇଣ୍ଡିଆ ପକ୍ଷରୁ ଫେଡେରେଶନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି ସହାୟତାରେ ପ୍ରଥମଥର ପାଇଁ ଏହି ପ୍ରୟାସ କରାଯାଇଥିଲା। ଦର୍ଶକଙ୍କ ଉପସ୍ଥିତି ଏଭଳି ପ୍ରୟାସର ସଫଳତା ଆଣିଦେବା ସହ ଏ କଥା ମଧ୍ୟ ଦର୍ଶାଇଛି ଯେ, ଟିକେଟର ଦର ବୃଦ୍ଧି ଦର୍ଶକଙ୍କ ପାଇଁ ବାଧକ ସାଜିଛି। ମଲ୍ଟିପ୍ଲେକ୍ସଗୁଡ଼ିକରେ ଟିକେଟ କାଟି ଜଣେ ଦର୍ଶକ ଫିଲ୍ମ ଦେଖି ୩ଘଣ୍ଟା ମଧ୍ୟରେ ଖାଉଥିବା ଖାଦ୍ୟକୁ ମିଶାଇଲେ ୫୦୦ରୁ ଊର୍ଦ୍ଧ୍ୱ ଖର୍ଚ୍ଚ ହୋଇଯାଉଛି। ସେଥିରେ ପୁଣି ଜିଏସ୍‌ଟି ରହିଛି। ଯଦି ଜଣେ ଦିନ ମଜୁରିଆ କିମ୍ବା ଅଳ୍ପ ପାରିଶ୍ରମିକ ପାଉଥିବା ବ୍ୟକ୍ତି ଫିଲ୍ମ ଦେଖିବାକୁ ଯିବ, ସେ କିଭଳି ଅସୁବିଧା ଭୋଗ କରିବ ତାହା ସେ ହିଁ ଅନୁଭବ କରିବ। କହିବାକୁ ଗଲେ ଟିକେଟର ଦର ହିଁ ଦର୍ଶକଙ୍କୁ ଅନେକ ସମୟରେ ଫିଲ୍ମ ଦେଖିବାରୁ ନିବୃତ୍ତ କରୁଛି। ସାଧାରଣ ଲୋକଟିଏ ଯାଇ ଫିଲ୍ମ ଦେଖିବାକୁ ଆଉ ମନ ବଳାଉନାହିଁ। ମଲ୍ଟିପ୍ଲେକ୍ସ ଆସୋସିଏଶନ ପକ୍ଷରୁ କରାଯାଇଥିବା ଏହି ପ୍ରୟାସ ଗୋଟିଏ ଦିନରେ ସୀମିତ ନ ରହି ଆଗାମୀ ଦିନରେ ଟିକେଟ ଦର ହ୍ରାସ ପାଇଁ ସ୍ଥାୟୀ ବ୍ୟବସ୍ଥା କରାଗଲେ ପ୍ରେକ୍ଷାଳୟରେ ଦର୍ଶକଙ୍କ ଉପସ୍ଥିତି ଅଧିକ ମାତ୍ରାରେ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।



### ଟିକେଟ ମୂଲ୍ୟ ପାଇଁ ପରୋକ୍ଷରେ ସିନେମା ଶିଳ୍ପ କ୍ଷତିଗ୍ରସ୍ତ ହେଉଛି

କୋଭିଡ୍ ପୂର୍ବରୁ ସିଙ୍ଗଲ ସ୍କ୍ରିନ୍‌ରେ ଟିକେଟର ମୂଲ୍ୟ ସମସ୍ତଙ୍କୁ ସୁହାଇବା ଭଳି ଥିଲା। ବର୍ତ୍ତମାନ ସିଙ୍ଗଲ ସ୍କ୍ରିନ୍ ଓ ମଲ୍ଟିପ୍ଲେକ୍ସରେ ଟିକଟର ଦର ବୃଦ୍ଧି ହେବାରେ ଲାଗିଛି। ଆମ ଭଳି ସାଧାରଣ ପରିବାରର ଲୋକଙ୍କ ପାଇଁ ସାଙ୍ଗସାଥୀ ସହ ହେଉ ବା ପରିବାର ସହ ହଲ୍‌ରେ ବସି ଫିଲ୍ମ ଦେଖିବା ବଡ଼ କଷ୍ଟକର। ତେଣୁ ଲୋକେ ହଲ୍‌କୁ ଯିବା କମାଇ ଦେଇଛନ୍ତି। ସିନେମା ଶିଳ୍ପ କ୍ଷତିଗ୍ରସ୍ତ ହେବା ସହ ସିନେମାର ମାନ କମି କମି ଯାଉଛି। ସାଧାରଣ ଦର୍ଶକଙ୍କୁ ଦେଖି ଟିକେଟ ମୂଲ୍ୟ ରଖାଗଲେ ଏ ସ୍ଥିତି ସୁଧୁରିବ।



**–ସୌମ୍ୟା ଗଡ଼ନାୟକ, ସିନେପ୍ରେମୀ**

### ମୂଲ୍ୟ କମାଇଲେ ସମସ୍ତେ ଉପକୃତ ହୁଅନ୍ତେ

ପ୍ରେକ୍ଷାଳୟକୁ ଫୁଲ୍ କରିବାରେ କଲେଜ ଛାତ୍ରୀଛାତ୍ର ବା ଯୁବ ପିଢ଼ି ଏକ ମୁଖ୍ୟ ଅଙ୍ଗ। ଟିକଟ ଦର ବୃଦ୍ଧି ଏମାନଙ୍କୁ ପ୍ରେକ୍ଷାଳୟ ଆସିବାରେ ଏକ ପ୍ରକାର ବାଧକ ସାଜୁଛି। ଅଧିକ ଦରରେ ଅଳ୍ପ କେତେଜଣଙ୍କୁ ନେଇ ପ୍ରେକ୍ଷାଳୟ ଚାଲିବା ଅପେକ୍ଷା ଦର କମାଇ ହାଉସ୍ ଫୁଲ୍ କଲେ ଫିଲ୍ମ ନିର୍ମାତାଙ୍କଠୁ ନେଇ ପ୍ରେକ୍ଷାଳୟ ମାଲିକ ସମସ୍ତେ ଉପକୃତ ହୁଅନ୍ତେ। ବିଶେଷକରି ସାଧାରଣ ଜନତା ମଧ୍ୟ ବାରମ୍ବାର ପ୍ରେକ୍ଷାଳୟକୁ ଆସି ସିନେମା ଦେଖନ୍ତେ।



**–ସ୍ୱସ୍ତିକ ଚୌଧୁରୀ, ନିର୍ଦ୍ଦେଶକ**

### ଏହି ଶିଳ୍ପକୁ କରମୁକ୍ତ କରାଯିବା ଦରକାର

ଆଗରୁ ସପରିବାର ଫିଲ୍ମ ଦେଖିବାକୁ ହଲ୍‌କୁ ଗଲେ ୧୦୦ଟଙ୍କା ଭିତରେ ଖର୍ଚ୍ଚ ହେଉଥିଲା। ଏବେ ଜଣଙ୍କ ପାଇଁ ୨୦୦ରୁ ଅଧିକ ଖର୍ଚ୍ଚ। ଏଥିପାଇଁ ଦର୍ଶକ ହଜାରେ ଥର ଭାବିବ ମୁଁ ଯିବି ନା ନାହିଁ। ୨୦୦୪ରେ ମନୋରଞ୍ଜନ କ୍ଷେତ୍ରକୁ କରମୁକ୍ତ ପାଇଁ ନିଷ୍ପତ୍ତି ହୋଇଥିଲେ ମଧ୍ୟ ଏ ଯାଏ କାର୍ଯ୍ୟକାରୀ ହେଲା ନାହିଁ। ଟିକଟର ଦର ସରଳୀକରଣ କରାଗଲେ ସାଧାରଣ ଜନତା ପ୍ରେକ୍ଷାଳୟ ଆଡ଼କୁ ମନ ବଳାଇବେ।



**–ଦିଲୀପ ହାଲି, ସିନେ ସମୀକ୍ଷକ**

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବଳରାମ


@ ସଂଗ୍ରାମ


@ ସୋମନାଥ


@ ବିକୁ


@ ଅବିନାଶ


@ ଟୁଲରାମ

ପାର୍ବଣ ଋତୁ ଚାଲିଛି। ଏଣୁ ପୂଜା ଆସର ମଧ୍ୟରେ ଅଧିକରୁ ଅଧିକ ସେଲ୍‌ଫି ଉଠାଇ ପଠାନ୍ତୁ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ମୂର୍ତ୍ତି ସମ୍ମୁଖରେ ସେଲ୍‌ଫି ଉଠାଇବା ଅନୁଚିତ।



ହକି ଇଣ୍ଡିଆର ନବ ନିର୍ବାଚିତ ସଭାପତି ଦିଲୀପ ତିର୍କୀଙ୍କୁ ଶୁକ୍ରବାର ପୁରୀ ବେଳାଭୂମିରେ ବାଲୁକା କଳା ମାଧ୍ୟମରେ ଅନ୍ତର୍ଜାତୀୟ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଶୁଭେଚ୍ଛା ଜଣାଉଛନ୍ତି।



ଦେଶର ସମସ୍ତ ଗ୍ରାମୀଣ ବ୍ୟାଙ୍କର ଘରୋଇକରଣ ଯୋଜନାକୁ ବିରୋଧ କରି ଶୁକ୍ରବାର ଭୁବନେଶ୍ୱର ଗଣ୍ଡମୁଣ୍ଡାସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ୍ ସମ୍ମୁଖରେ ଉଭୟ ଓଜିବି ଓ ୟୁଜିବି ବ୍ୟାଙ୍କ୍‌ର କର୍ମଚାରୀମାନେ କାର୍ଯ୍ୟ ବନ୍ଦ କରି ଦିନିକିଆ ଧାରଣାରେ ବସିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୪ ସେପ୍ଟେମ୍ବର ୨୦୨୨



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ସଂଗ୍ରାମୀ ଯୁବ ଛାତ୍ର ସଂଗଠନ ପକ୍ଷରୁ ଆଲୋଚନାଚକ୍ର, ଗୀତ ଗୋବିନ୍ଦର କନଫରେନ୍ସ ହଲ୍, ପୂର୍ବାହ୍ନ ୧୦ଟାରୁ ଆରମ୍ଭ।
- ଏକାଡେମୀ ଅଫ୍ ହସ୍ପିଟାଲ ଆଡମିନିଷ୍ଟ୍ରାଶନ(ଏଏଚ୍ଏ) ପକ୍ଷରୁ ଜାତୀୟ ସମ୍ମିଳନୀ ଏସ୍ଏଏସ୍ଏଚ୍-୨୦୨୨, ଏମ୍ସ ହସ୍ପିଟାଲ, ମଧ୍ୟାହ୍ନ ୧୨ଟା ୧୫।
- ବୋକା କେଫ୍‌ର ସ୍ପେଶାଲ ମିଲ୍‌ଲେଟ ମେନ୍ୟୁ ଉନ୍ମୋଚନ, ବୋକା କେଫ୍, ମାଷ୍ଟରକ୍ୟାଣ୍ଟିନ, ଅପରାହ୍ନ ୪ଟା ୩୦।
- ନୃତ୍ୟ ନାଟ୍ୟବେଦ ପକ୍ଷରୁ ଇକୋହାମ୍, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା।

## ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା

ଭୁବନେଶ୍ୱର,୨୩।୯(ବ୍ୟୁରୋ)- ଚାରୁକଳା ମହାବିଦ୍ୟାଳୟ ପରିସରରେ ଜାତୀୟ ସମବାୟ ସଂଘର ସମବାୟ ଶିକ୍ଷା ପରିଯୋଜନା ଖୋର୍ଦ୍ଧା ଆନୁକୂଲ୍ୟରେ ଶୁକ୍ରବାର ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାର ସମବାୟ ସହଯୋଗରେ ଯୁବ ସହଯୋଗ ବିଷୟରେ ଆଲୋଚନା କରାଯାଇଥିଲା। ପ୍ରତିଯୋଗିତାରେ ଧଉଳି ଚାରୁକଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିବା ସହିତ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୨୭ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସମବାୟ ସହଯୋଗରେ ଯୁବ ସହଯୋଗକୁ ନିଜ ସୃଜନଶୀଳ ଢଙ୍ଗରେ ଚିତ୍ରଣ କରିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ରଞ୍ଜିତ ପାଣି, ଶକ୍ତିରଞ୍ଜନ ବାରିକ, ଗତିକୃଷ୍ଣ ନାୟକ, ପ୍ରଣବ ରଞ୍ଜନ ଚିନ୍ନାରା ଓ ଆର୍ଯ୍ୟାନ ସାମଲ ଆଦି ଶ୍ରେଷ୍ଠ ୫ଜଣଙ୍କୁ ପୁରସ୍କୃତ କରିବା ସହିତ ଲୋକନାଥ ନନ୍ଦଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଖୋର୍ଦ୍ଧାର ପ୍ରକଳ୍ପ ଅଧିକାରୀ ଇନ୍ଦୁରେଖା ପଣ୍ଡା, ମହିଳା ପ୍ରବର୍ତ୍ତିକା ରେଣୁବାଳା ପଣ୍ଡା, ସମବାୟ ଶିକ୍ଷା ପ୍ରଶିକ୍ଷକ ଶୁଭ୍ରାଂଶୁ ବେହେରା, ମହାବିଦ୍ୟାଳୟର ଅଧକ୍ଷ ଚନ୍ଦନ ସାମଲ, ଅଧ୍ୟାପକ ରାମାଶଙ୍କର ସାହୁ, ମାନସରଞ୍ଜନ ନାୟକ ଓ ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

## ୯ ମୋବାଇଲ ଜବତ, ଯୁବକ ଗିରଫ

ଭୁବନେଶ୍ୱର,୨୩।୯(ବ୍ୟୁରୋ): ରାଜଧାନୀର ବିଭିନ୍ନ ସ୍ଥାନରୁ ମୋବାଇଲ ଚୋରି କରି କମ୍ ଦାମରେ ବିକ୍ରି କରୁଥିବା ଜଣେ ଯୁବକଙ୍କୁ ଭରତପୁର ଥାନା ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଜଗନ୍ନାଥ ବିହାର ଅଞ୍ଚଳରେ ରହୁଥିବା ଗଞ୍ଜାମର ସଞ୍ଜୟ ନାଏକ। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ସଞ୍ଜୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତାଙ୍କଠାରୁ ବିଭିନ୍ନ କମ୍ପାନୀର ୯ ମୋବାଇଲ ଫୋନ, ଗୋଟିଏ ବାଇକ୍ ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଦୁର୍ଗାପୂଜାରେ ବାଜା, ସାଉଣ୍ଡ, ଲାଇଟ, ଭସାଣି କଟକଣା

### ଗାଇଡ୍‌ଲାଇନ୍ ଜାରିକଲା କମିଶନରେଟ ପୋଲିସ

- ସାଉଣ୍ଡ ତୀବ୍ରତା ୬୫ ଡେସିବଲ୍‌ରୁ ଅଧିକ ରହିବନି
- ସାଇଲେନ୍ସ ଜୋନ୍, ଜାତୀୟ ରାଜପଥରେ ଗୀତ ବାଜିବା ମନା
- ନିୟମ ଉଲ୍ଲଂଘନ ହେଲେ କାର୍ଯ୍ୟାନୁଷ୍ଠାନ



ଭୁବନେଶ୍ୱର, ୨୩।୯(ବ୍ୟୁରୋ)

ଦୁର୍ଗାପୂଜା, ଭସାଣି ସମୟରେ ଉଚ୍ଚ ଶବ୍ଦ ଯୋଗୁ ଯେପରି ସ୍ମାର୍ଟସିଟିବାସୀଙ୍କ ସ୍ୱାଭାବିକ ଜୀବନଯାତ୍ରା ପ୍ରଭାବିତ ନ ହେବ ଓ ସହରରେ ଟ୍ରାଫିକ୍ ଜାମ୍ ସ୍ଥିତି ନ ଉପୁଜିବ, ସେଥିପାଇଁ କମିଶନରେଟ ପୋଲିସ ଗୁରୁତ୍ୱ ଦେଇଛି। ଏନେଇ ଶୁକ୍ରବାର ଭୁବନେଶ୍ୱର ଡିସିପିଙ୍କ ପକ୍ଷରୁ ଗାଇଡ୍‌ଲାଇନ୍ ଜାରି କରାଯିବା ସହ ସାଉଣ୍ଡ, ଡିଜେ, ଲାଇଟ୍ ଓ ଭସାଣ ଶୋଭାଯାତ୍ରାରେ କିଛି କଟକଣା ମାନିବାକୁ ପୂଜା ଆୟୋଜକଙ୍କୁ ତାଗିଦ୍ କରାଯାଇଛି। ଉକ୍ତ ନିର୍ଦ୍ଦେଶନାମା ଅନୁଯାୟୀ, ପୂଜା ମଣ୍ଡପ ଓ ଭସାଣ ଶୋଭାଯାତ୍ରାରେ ବ୍ୟବହାର ହେବାକୁ ଥିବା ସାଉଣ୍ଡ ବକ୍ସଗୁଡ଼ିକର ଶବ୍ଦର ତୀବ୍ରତା ୬୫ ଡେସିବଲ୍‌ରୁ ଅଧିକ ରହିବ ନାହିଁ। ଭସାଣି ସମୟରେ ପ୍ରତ୍ୟେକ ପୂଜା ମଣ୍ଡପକୁ କେବଳ ଗୋଟିଏ ଲେଖାଏ ବ୍ୟାଣ୍ଡ ଓ ମ୍ୟୁଜିକ୍ ପାର୍ଟି ବ୍ୟବହାର କରିବାକୁ ଅନୁମତି ଦିଆଯିବ। ମ୍ୟୁଜିକ ପାର୍ଟିଗୁଡ଼ିକ ୪ରୁ ୫ଟି ସାଉଣ୍ଡ ବକ୍ସ ବ୍ୟବହାର କରିବେ। ସାଉଣ୍ଡ ଲିମିଟ୍ ସୀମା ନ ଥିବା ଅଡିଓ ସିଷ୍ଟମକୁ ଅନୁମତି ମିଳିବ ନାହିଁ। ଭୁବନେଶ୍ୱର/କଟକ ଡିସିପିଙ୍କ ଅଧୀନରେ ପଞ୍ଜୀକୃତ ହୋଇଥିବା ବ୍ୟାଣ୍ଡ/ଡିଜେ ଓ ମ୍ୟୁଜିକ୍ ପାର୍ଟିଗୁଡ଼ିକକୁ ହିଁ ଚଳିତବର୍ଷ ଦଶହରାରେ ଅନୁମତି ମିଳିବ। ଅନ୍ୟକାହାର ଲାଇସେନ୍ସକୁ ବ୍ୟବହାର କରି କେହି ଗୀତ ବଜାଇ ପାରିବେ ନାହିଁ। ସ୍କୁଲ୍, କଲେଜ, ହସ୍ପିଟାଲ ଓ କୋର୍ଟ ଆଦି ସାଇଲେନ୍ସ ଜୋନ୍ ଅଞ୍ଚଳର ୧୦୦ ମିଟର ପରିଧି ମଧ୍ୟରେ ଗୀତ ବାଜି ପାରିବ ନାହିଁ। ଭସାଣି ଶୋଭାଯାତ୍ରା ପାଇଁ ଦିଆଯାଇଥିବା ସମୟ ଓ ମାର୍ଗକୁ କଡ଼ାକଡ଼ି ଭାବେ ବ୍ୟାଣ୍ଡ/ଡିଜେ ଓ ମ୍ୟୁଜିକ୍‌ପାର୍ଟିମାନେ ମାନିବେ। କୌଣସି ପରିସ୍ଥିତିରେ ଜାତୀୟ ରାଜପଥରେ ଗୀତ ବଜାଇ ପାରିବେ ନାହିଁ କି ଭସାଣି ସମୟରେ ଫୋକସ୍/ଫ୍ଲାସ୍ ଲାଇଟ୍ ବ୍ୟବହାର କରିପାରିବେ ନାହିଁ। ଗୋଟିଏ ମଣ୍ଡପ ୬ରୁ ଅଧିକ ଟ୍ରଲି ବ୍ୟବହାର କରିପାରିବ ନାହିଁ। ତେବେ ଉପରୋକ୍ତ ନିୟମକୁ ଉଲ୍ଲଂଘନ କଲେ ମ୍ୟୁଜିକ୍ ସାମଗ୍ରୀକୁ ଜବତ କରାଯିବ ବୋଲି ସର୍ତ୍ତାବଳୀରେ ଉଲ୍ଲେଖ କରାଯାଇଛି।

# ମଞ୍ଚେଶ୍ୱରରୁ ହାଇଟେକ୍‌କୁ ହେବ ବାଇପାସ୍ ରାସ୍ତା



ଭୁବନେଶ୍ୱର,୨୩।୯(ବ୍ୟୁରୋ)

- କୁଆଖାଇ ନଦୀବନ୍ଧ ରାସ୍ତାରୁ ହଟିଲା ଜବରଦଖଲ
- ନଖରା ମୌଜାରୁ ବେଆଇନ ନିର୍ମାଣ ଭଙ୍ଗାଯାଇଛି

ମଞ୍ଚେଶ୍ୱର ବାମପାର୍ଶ୍ୱ ରାସ୍ତାରୁ ହାଇଟେକ୍ କଲେଜ ରାସ୍ତା ପର୍ଯ୍ୟନ୍ତ ଅତିକ୍ରମ କଲାବେଳେ ବହୁ ଦୁର୍ଘଟଣା ଘଟୁଛି। ଏପରିକି କେତେକ ସମୟରେ ଦୁର୍ଘଟଣାରେ ଲୋକଙ୍କ ଜୀବନ ଯିବା ସହିତ ଅନେକ ଗୁରୁତର ଆହତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି କୁଆଖାଇ ବ୍ରିଜ୍ ତଳେ ବାଇପାସ୍ ରାସ୍ତା ନିର୍ମାଣ ହେବ। ତେଣୁ ବିଡିଏ ପକ୍ଷରୁ ମଞ୍ଚେଶ୍ୱର ନଦୀବନ୍ଧ ରାସ୍ତାରୁ ହାଇଟେକ୍ କଲେଜ ରାସ୍ତାରେ ଥିବା ବେଆଇନ ଜବରଦଖଲକୁ ଉଚ୍ଛେଦ କରାଯାଇଛି। ଶୁକ୍ରବାର ଆର୍ ଆଣ୍ଡ୍ ବି ରିକ୍ୟୁଜିଶନ କ୍ରମେ ବିଡିଏ ଏନଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଉଚ୍ଛେଦ କରାଯାଇଥିଲା। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ କୁଆଖାଇ ବ୍ରିଜ ନିକଟରୁ ଜବରଦଖଲ ଉଚ୍ଛେଦ ହୋଇଛି। ଏଥିରେ ୫ ଛାତଘର, ୪୭ଟି ୧୫୦ଫୁଟ ଲମ୍ବର ପାଚେରି, ୧୩ ଦୋକାନ ଓ ୬ କ୍ୟାବିନ ଭଙ୍ଗାଯାଇଥିଲା। ପ୍ରାୟ ଦେଢ଼ ଏକର ଜମିକୁ ଜବରଦଖଲମୁକ୍ତ କରାଯାଇଛି। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ କମିଶନରେଟ ପୋଲିସ ପକ୍ଷରୁ ଫୋର୍ସ ମୁତୟନ କରାଯାଇଥିଲା। ସେହିପରି ନଖରା ମୌଜା ଅନ୍ତର୍ଗତ ଜଳସମ୍ପଦ ବିଭାଗର ଜମିରେ ହୋଇଥିବା ବେଆଇନ ନିର୍ମାଣକୁ ଭଙ୍ଗାଯାଇଛି। ସରକାରୀ ଜମି ପ୍ଲଟ ନମ୍ବର ୧୨୭୯, ୧୨୮୦/୨୦୧୩, ୧୨୮୧, ୧୨୮୨ରେ ହୋଇଥିବା ଜବରଦଖଲ ଉଚ୍ଛେଦ ହୋଇଛି। ଏଥିରେ ଗୋଟିଏ ବଡ଼ ଫର୍ନିଚର୍ ଦୋକାନ, ୨୧ ହୋଟେଲ, ୫ ଢ଼ାବା, ୩ ଚିକେନ ଦୋକାନ, ୩ ନିର୍ମାଣ ସାମଗ୍ରୀ ଦୋକାନ, ୪ ନିର୍ମାଣାଧୀନ ଘର, ଗୋଟିଏ ଗ୍ୟାରେଜ, ୨ ପାନ ଦୋକାନ, ୬ ଜଳଖିଆ ଦୋକାନ ଏବଂ ୨ କବାଡିଆ ଦୋକାନ ଭଙ୍ଗାଯାଇଛି। ଉଚ୍ଛେଦ ବେଳେ ଏକ ପ୍ଲାଟୁନ ରିଜର୍ଭ ପୋଲିସ ଫୋର୍ସ ଓ ଗୋଟିଏ ସେକ୍ସନ ମହିଳା ଫୋର୍ସ ମୁତୟନ କରାଯାଇଥିଲା। ଉଭୟ ଉଚ୍ଛେଦ ସମୟରେ ବିଡିଏ ଏନଫୋର୍ସମେଣ୍ଟ ଅଫିସର୍ ପ୍ରମୋଦ ପାତ୍ର ଓ ବିଡିଏ ଲିଆସନ ଅଫିସର୍ ଶୁଭ୍ରାଂଶୁ ଶେଖର ମହାନ୍ତି ଉପସ୍ଥିତ ଥିଲେ।



ନୂଆଁଖାଇ ପରିବାର ଓ ଶିବାଂଶୀ ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଶୁକ୍ରବାର ଅନୁଷ୍ଠିତ 'ନୂଆଁଖାଇ ଭେଟଘାଟ'ରେ କଳାକାରମାନେ ଲୋକନୃତ୍ୟ ପରିବେଷଣ କରୁଛନ୍ତି।

# ପଶ୍ଚିମ ଓଡ଼ିଶା ଲୋକନୃତ୍ୟ, ସଙ୍ଗୀତରେ ଝୁମିଲେ ଦର୍ଶକ

### ରାଜଧାନୀରେ ନୂଆଁଖାଇ ଭେଟ୍‌ଘାଟ୍

ଭୁବନେଶ୍ୱର,୨୩।୯(ବ୍ୟୁରୋ)

ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି ସତରେ ଅନନ୍ୟ। ତା'ର ନୃତ୍ୟ, ସଙ୍ଗୀତ ମଧ୍ୟରେ ଭରି ରହିଥାଏ ଅପୂର୍ବ ମାଦକତା। ଯିଏ ଦେଖିବ ମନ ଅଟକିଯିବ। ନିକଟରେ ନୂଆଁଖାଇ ପର୍ବକୁ ଧୁମ୍‌ଧାମ୍‌ରେ ପାଳନ କରାଯାଇଥିଲେ ହେଁ ରାଜଧାନୀର ଶୁକ୍ରବାର ଝଲସି ଉଠିଥିଲା ପଶ୍ଚିମ ଓଡ଼ିଶାର ଝଲକ। ରାଜଧାନୀରେ ଆୟୋଜିତ ହୋଇଥିଲା ନୂଆଁଖାଇ ଭେଟଘାଟ୍। କଳାକାରଙ୍କ ଦ୍ୱାରା ଚିତାକର୍ଷକ କାର୍ଯ୍ୟକ୍ରମ ମାଧ୍ୟମରେ ଦର୍ଶକ ପାଇଥିଲେ ଏକ ଭିନ୍ନ ଅନୁଭୂତି। ଏକତ୍ରିତ ହୋଇଥିବା ଓଡ଼ିଶାର ବିଭିନ୍ନ ସ୍ଥାନର ଲୋକଙ୍କ ମଧ୍ୟରେ ସୃଷ୍ଟି ହୋଇଥିଲା ଭାଇଚାରା। ପରସ୍ପର ମଧ୍ୟରେ କଳା, ସଂସ୍କୃତିର ଆଦାନପ୍ରଦାନ ଅପୂର୍ବ ଆନନ୍ଦ ଦେଇଥିଲା। ପାରମ୍ପରିକ ବାଦ୍ୟର ତାଳେ ତାଳେ ଲୋକ ସଙ୍ଗୀତରେ ପାଦକୁ ପାଦ ମିଳାଇ କଳାକାରଙ୍କ ନୃତ୍ୟରେ ଝୁମିଥିଲେ ଦର୍ଶକ। ଅବସର ଥିଲା ନୂଆଁଖାଇ ପରିବାର ଓ ଶିବାଂଶୀ ଫାଉଣ୍ଡେଶନ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ 'ନୂଆଁଖାଇ ଭେଟଘାଟ'। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ମେୟର ସୁଲୋଚନା ଦାସ, ଓଟିଡିସିର ପୂର୍ବତନ ଅଧକ୍ଷା ଶ୍ରୀମୟୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ମା' ସମଲେଶ୍ୱରୀଙ୍କୁ ଆରାଧନା ଓ ନୂଆଁଖାଇର ପାରମ୍ପରିକ ରୀତିନୀତି ସଂକ୍ରାନ୍ତ ଏକ ଅଡିଓ ଭିଜୁଆଲରୁ ଆରମ୍ଭ ହୋଇଥିଲା ସନ୍ଧ୍ୟାର କାର୍ଯ୍ୟକ୍ରମ। କଳା,ସଂସ୍କୃତି, କ୍ରୀଡ଼ା, ସମାଜସେବା ଓ ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପଶ୍ଚିମଓଡ଼ିଶାର ବ୍ୟକ୍ତିବିଶେଷଙ୍କୁ 'ନୂଆଁଖାଇ ସମ୍ମାନ-୨୦୨୨'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ୩୦୦ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କୁ ସଶକ୍ତୀକରଣ କରିଥିବା ସୁମତି ସା, ଜାତୀୟ ଫୁଟବଲ ଖେଳାଳି ପ୍ୟାରୀ ଖାଖା, ପ୍ରାଧ୍ୟାପିକା କୁନ୍ତିରାଣୀ ପ୍ରଧାନ, ଅଭିନେତ୍ରୀ ଆନିଶା ଶର୍ମା, ବେଟିଖାଇ ବରିହା, ଟଙ୍କିଆ କ୍ଲିନିକ୍ ଡାକ୍ତର ଶଙ୍କର ରାମଚନ୍ଦାନୀ, ରଜତ ପାଣିଗ୍ରାହୀ, ଅଲେଖ ସାହୁ, ସଙ୍ଗୀତଜ୍ଞ ରମେଶ ମହାନନ୍ଦ, ସଙ୍ଗୀତଜ୍ଞ ଅଭିଜିତ୍ ମଜୁମଦାର, ଅଭିନେତା ମନୋଜ ମିଶ୍ର, କୁନା ତ୍ରିପାଠୀ, ଚିନ୍ମୟ ମିଶ୍ର ଓ ପ୍ରଦ୍ୟୁମ୍ନ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ରୁଚି ମସଲାର ପ୍ରତିଷ୍ଠାତା ତଥା ଉଦ୍ୟୋଗୀ ଡ. ଶରତ କୁମାର ସାହୁ, ସୋନପୁରର ପଏଁରୀ ଅନୁଷ୍ଠାନ, କଳାହାଣ୍ଡିର ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ, ବଲାଙ୍ଗୀରର ନବୀନ କୁଅଁର ଆର ସାଥୀ, ମା' ସମଲେଶ୍ୱରୀ ଲୋକ ସଂସ୍କୃତି ଗବେଷଣା କେନ୍ଦ୍ର, ବଲାଙ୍ଗୀରର ଦୁଲଦୁଲି କଳା ପରିଷଦ, ସମ୍ବଲପୁରର ଟ୍ରାଇବାଲ ଆଣ୍ଡ ଫୋକ୍ ଆର୍ଟ ସେଣ୍ଟରକୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସର ମହିଳା ୱିଙ୍ଗ ପକ୍ଷରୁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ମହିଳାଙ୍କୁ 'ଶକ୍ତି' ଆୱାର୍ଡରେ ସମ୍ମାନିତ କରାଯାଇଥିଲା। ସିନେ ପ୍ରଯୋଜକ ସବ୍ୟସାଚୀ ମହାପାତ୍ର, ମହେନ୍ଦ୍ର ବଗେ, ପୁରିନ୍ଦର ନନ୍ଦ, ସାମାଜିକ କର୍ମୀ ପ୍ରବୋଧ ରଥ, ସୁନୀତା ବିଶ୍ୱାଳ, ଡ. ମନୋଜ ଲାଠ୍, ନିଶାନ୍ତ ଦୀକ୍ଷିତ, ପ୍ରଶାନ୍ତ କୁମାର ପଣ୍ଡା, ଆଶିଷ ମିଶ୍ର, ସୁଭାଶିଷ ମିଶ୍ର, ସଞ୍ଜୟ, ସୁଜିତ କୁମାର କରଣଙ୍କ ସମେତ ନୂଆଁଖାଇ ପରିବାରର ସଦସ୍ୟମାନେ ସହଯୋଗ କରିଥିଲେ। ଶିବାଂଶୀ ଫାଉଣ୍ଡେଶନର ଆବାହକ ଇପ୍‌ସିତା, ସୁପ୍ରୀତି ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଜ୍ୟ ସରକାରଙ୍କୁ ସ୍ପଷ୍ଟୀକରଣ ମାଗିଲେ ହାଇକୋର୍ଟ

### ଓଡ଼ିଶା ଧାର୍ମିକ ସ୍ୱାଧୀନତା ଆଇନକୁ ନେଇ ମାମଲା

କଟକ ଅଫିସ,୨୩।୯

ଓଡ଼ିଶା ଧାର୍ମିକ ସ୍ୱାଧୀନତା ଆଇନରେ ଉଲ୍ଲେଖ ଥିବା ଫାଷ୍ଟ କ୍ଲାସ୍ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ସତ୍ୟପାଠ ଦାଖଲ ପ୍ରସଙ୍ଗର ଶୁଣାଣି ହାଇକୋର୍ଟରେ ହୋଇଥିଲା। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ରାଜ୍ୟ ସରକାର ସତ୍ୟପାଠ ମାଧ୍ୟମରେ ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୨ ବା ୨ୟ ସପ୍ତାହ ପୂର୍ବରୁ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି। ଗୀତା ସେଠୀଙ୍କ ଆବେଦନ ଅନୁସାରେ, କୌଣସି ବ୍ୟକ୍ତି ସ୍ୱଇଚ୍ଛାରେ ଧର୍ମ ପରିବର୍ତ୍ତନ କରିବାକୁ ଚାହିଁଲେ ଓଡ଼ିଶା ଧାର୍ମିକ ସ୍ୱାଧୀନତା ଆଇନ-୧୯୮୯ ଅନୁସାରେ ଫାଷ୍ଟ କ୍ଲାସ୍ ମାଜିଷ୍ଟ୍ରେଟଙ୍କ ନିକଟରେ ସତ୍ୟପାଠ ଦାଖଲ କରିବାକୁ ହେବ। ତଦନୁସାରେ ସେ ନିଜ ଧର୍ମ ପରିବର୍ତ୍ତନ ନିମନ୍ତେ କଟକ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ନିକଟରେ ଆବେଦନ କରିଥିବାବେଳେ ସେ ଫାଷ୍ଟ କ୍ଲାସ୍ ମାଜିଷ୍ଟ୍ରେଟ ନୁହନ୍ତି କହି ଗୀତାଙ୍କ ଆବେଦନକୁ ଫେରାଇ ଦେଇଥିଲେ। ତତ୍‌ପରେ ସେ କଟକ ସଦର ଉପଜିଲାପାଳଙ୍କ କାର୍ଯ୍ୟାଳୟର ସତ୍ୟପାଠ କାର୍ଯ୍ୟରେ ନିୟୋଜିତ ୩ ଜଣ ସହକାରୀ ଜିଲାପାଳଙ୍କୁ ଏ ବାବଦରେ ଜଣାଇଥିଲେ ବି ସେମାନେ ଏହି କାର୍ଯ୍ୟ କରିବା ପାଇଁ ଯୋଗ୍ୟ ନୁହନ୍ତି ବୋଲି କହିଥିଲେ। ଫଳରେ ଗୀତା ଗତ ଅଗଷ୍ଟ ୨୩ରେ ଏନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ଖଣ୍ଡପୀଠ ମାମଲାର ଶୁଣାଣିବେଳେ ଆବେଦନକାରୀ ଏଥିନିମନ୍ତେ କାହାକୁ ଆବେଦନ କରିବେ ତାହା ସ୍ପଷ୍ଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଏହି ମାମଲାରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ସଚିବ, କଟକ ଜିଲାପାଳ, କଟକ ସଦର ଉପଜିଲାପାଳଙ୍କୁ ପକ୍ଷଭୁକ୍ତ କରିଛନ୍ତି।



ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସଠାରେ ଶୁକ୍ରବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫେସର ଡ. ଜଗନ୍ନାଥ ପଟ୍ଟନାୟକଙ୍କ ୨୦ତମ ସ୍ମୃତି ସମାରୋହ ଉପଲକ୍ଷେ ତାଙ୍କ ଦ୍ୱାରା ଲିଖିତ ପୁସ୍ତକ 'ରକ୍ତତୀର୍ଥ ଇରମ୍'କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ୬ଜଣଙ୍କୁ ଡକ୍ଟରେଟ, ୨୨ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ



ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଓ ଅନ୍ୟ ଅତିଥିଙ୍କ ସହ ଡକ୍ଟରେଟ ଏବଂ ପଦକ ପାଇଥିବା ଛାତ୍ରୀଛାତ୍ର।

### ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ୯ମ ସମାବର୍ତ୍ତନ ଉତ୍ସବ ପାଳିତ

ବାରଙ୍ଗ,୨୩।୯(ଡି.ଏନ୍.ଏ.)

ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ନବମ ସମାବର୍ତ୍ତନ ଉତ୍ସବ ଶୁକ୍ରବାର କ୍ୟାମ୍ପସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ, ସମ୍ମାନିତ ଅତିଥି ଭାବେ ନ୍ୟୁୟର୍କର ସିଟି ୟୁନିଭର ସିଟି ସଭାପତି ଥୋମାସ ସେକେନ ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ପୂଜାରୀ କହିଥିଲେ, ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଏକ ମାଧ୍ୟମ ଯାହା ଓଡ଼ିଶାର ଉଚ୍ଚ ଶିକ୍ଷାକୁ ଆଗକୁ ନେଇ ଯିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ୫୫୦ ସ୍ନାତକୋତ୍ତର, ୬ଡକ୍ଟରେଟ ସହିତ ମୋଟ ୫୫୬ଜଣ ଛାତ୍ର ଚଳିତବର୍ଷ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟକୁ କୃତିତ୍ୱ ଲାଭ କରିଥିଲେ। ଗିରିଜିଆ ଶଙ୍କର ଦାସ, ବରାଦ ପ୍ରସାଦ ପାଣିଗ୍ରାହୀ, ଦେବାଶିଷ ଦାଶ, ପ୍ରୀତିଧାରା ହୋତା, ସଞ୍ଜୟ ପଟ୍ଟନାୟକ, ସଞ୍ଜୟ ପାରିକଙ୍କୁ ପିଏଚ୍‌ଡି ଉପାଧି ଦିଆଯାଇଛି। ୨୨ଟି ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଏବଂ ବିଶେଷଜ୍ଞତାରେ ସେମାନଙ୍କର ଅତୁଳନୀୟ ଏକାଡେମିକ ପ୍ରଦର୍ଶନ ପାଇଁ ୨୨ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା। ଏ ନେଇ ସ୍ୱର୍ଣ୍ଣପଦକ ବିଜେତା ଅନିକେତ ମହାପାତ୍ର କହିଛନ୍ତି, ମୁଁ ବିଶ୍ୱବିଦ୍ୟାଳୟରେ ତିନି ବର୍ଷର ଅଧ୍ୟୟନରେ ପାଠ୍ୟକ୍ରମରେ ଶିଖାଯାଇଥିବା ଜୀବନ ଶିକ୍ଷା ଏବଂ ଜ୍ଞାନ ପାଇଁ ମୁଁ ଅଶେଷ ଧନ୍ୟବାଦ ଜଣାଉଛି। ପ୍ରଫେସର ରଜିତା କୁଲକର୍ଣ୍ଣି ସମାବେଶକୁ ସ୍ୱାଗତ କରିଥିଲେ। କୁଳପତି ପ୍ରଫେସର ବି.ଆର ଶର୍ମା ବାର୍ଷିକ ବିବୃତି ପାଠ କରିଥିଲେ। ଶେଷରେ କୁଳସଚିବ ପ୍ରଫେସର ସାହୁ ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବରେ ୧୦୦୦ରୁ ଅଧିକ ଛାତ୍ରୀଛାତ୍ର, ଅଭିଭାବକ, ଅଧ୍ୟାପକ ଅଧ୍ୟାପିକା ପ୍ରମୁଖ ଯୋଗଦେଇଥିଲେ।

# ମୋ ବସ୍‌ରୁ ଚୋରି କରୁଥିଲେ ବନ୍‌ଜାରା

### ଯାଜପୁରରୁ ବନ୍‌ଜାରା ଗ୍ୟାଙ୍ଗର ୨ ମୁଖ୍ୟ ଗିରଫ

- ୧୫ ମୋବାଇଲ, ସୁନା କାନଫୁଲ, ସାଢ଼େ ୫ ହଜାର ଟଙ୍କା ଜବତ
- ଗ୍ୟାଙ୍ଗରେ ସାମିଲ ଅଛନ୍ତି ମହିଳା, ଶିଶୁ
- ସତର୍କ ରହିବାକୁ ପରାମର୍ଶ ଦେଲେ ଡିସିପି

ଭୁବନେଶ୍ୱର,୨୩।୯ (ବ୍ୟୁରୋ)

ରାଜଧାନୀରେ ଚଳାଚଳ କରୁଥିବା ମୋ ବସ୍‌ରେ ଚୋରି କରୁଥିଲେ ବନ୍‌ଜାରା। ଭିଡ଼ ଭିତରେ ଆଖି ପିଛୁଳାକେ ଯାତ୍ରୀଙ୍କଠାରୁ ମୋବାଇଲ ଫୋନ୍, ଟଙ୍କା ଆଦି ସାମଗ୍ରୀ ଚୋରି କରି ଚମ୍ପଟ ମାରୁଥିଲେ। ଶେଷରେ ଏହି ବନ୍‌ଜାରା ଗ୍ୟାଙ୍ଗ୍‌ର ଦୁଇ ମୁଖ୍ୟଙ୍କୁ ଯାଜପୁରରୁ ଗିରଫ କରିଛି ଶହୀଦନଗର ଥାନା ପୋଲିସ। ସେମାନେ ହେଲେ ଯାଜପୁର ଧାନମଣ୍ଡଳ ରେଳ ଷ୍ଟେଶନ ନିକଟରେ ରହୁଥିବା ପଶ୍ଚିମବଙ୍ଗର ସଞ୍ଜୟ ସିଂ ଓ ଯାଜପୁରର ଗଣେଶ ପ୍ରଧାନ। ସେମାନଙ୍କଠାରୁ ୧୫ ମୋବାଇଲ ଫୋନ, ସୁନା କାନଫୁଲ, ସାଢେ ୫ ହଜାର ଟଙ୍କା, ୨ ଲାପଟପ୍, ପର୍ସ ଆଦି ଜବତ କରିଛି। ବୁଧବାର ଜଣେ କ୍ୟାନ୍‌ସର ପୀଡିତଙ୍କଠାରୁ ୧୫ହଜାର ଟଙ୍କା ଚୋରି ଓ ଗୁରୁବାର ଦୁଇ ଛାତ୍ରୀଙ୍କ ମୋବାଇଲ୍ ଫୋନ୍ ଚୋରି ଘଟଣାରେ ଏମାନଙ୍କର ସମ୍ପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଛି। ମାମଲା ନଂ.୪୫୧/୨୦୨୨ରେ ଅଭିଯୁକ୍ତଦ୍ୱୟଙ୍କୁ ପୋଲିସ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ରାକେଟରେ ବହୁ ମହିଳା ଓ କେତେଜଣ ଛୋଟପିଲା ସାମିଲ ଥିବା ଡିସିପି ପ୍ରତୀକ ସିଂ କହିଛନ୍ତି। ଏମାନେ ସାଧାରଣତଃ ପରିତ୍ୟକ୍ତ ଘରେ, ରାସ୍ତା କଡ, ଷ୍ଟେଶନ ଆଦିରେ ରହିଥାନ୍ତି। ତେଣୁ ସେମାନଙ୍କୁ ଚିହ୍ନଟ କରାଯାଇ ଖୁବ୍‌ଶୀଘ୍ର ଧରାଯିବାକୁ ଉଦ୍ୟମ ଜାରି ରହିଛି। ଏମାନେ ଗ୍ୟାଙ୍ଗ ବା ଏକାଠି ହୋଇ ବସ୍‌ରେ ପଶି ଭିଡ଼ ସୃଷ୍ଟି କରିବା ପରେ ପ୍ୟାଣ୍ଟ ପଛ ପକେଟ, ବ୍ୟାଗ ପଛ



ପଟେ ଥିବା ଜିନିଷ ଆଦିକୁ ଅତି ଚତୁରତାର ସହ ଚୋରି କରିଥାନ୍ତି। ଏଥିସହ ଏହି ଗ୍ୟାଙ୍ଗର ସଦସ୍ୟମାନେ ପାଣି ପିଇବା କିମ୍ବା ଭିକ ମାଗିବା ବାହାନା କରି ଦିନରେ ଖୋଲା ଥିବା ଘର ଭିତରୁ ଚୋରି କରି ଫେରାର ହୋଇଯାଇଥାନ୍ତି। ଆଗକୁ ଦୁର୍ଗା ପୂଜା ଆସୁଥିବାରୁ ଏହି ଗ୍ୟାଙ୍ଗ ଅଧିକ ସକ୍ରିୟ ରହିବ। ତେଣୁ ଚୋରି କିମ୍ବା ଲୁଟ୍‌ରୁ ବର୍ତ୍ତିବା ଲାଗି ସତର୍କ ରହିବାକୁ ଡିସିପି ସିଂ ଅପିଲ କରିଛନ୍ତି। ମୋ ବସ୍‌ରେ ଯାତ୍ରା କଲାବେଳେ ଯଦି କୌଣସି ସନ୍ଦେହଜନକ ବ୍ୟକ୍ତି, ମହିଳା କିମ୍ବା ଛୋଟ ପିଲା ନଜରକୁ ଆସନ୍ତି, ସଙ୍ଗେ ସଙ୍ଗେ ପୋଲିସକୁ ଖବର ଦିଅନ୍ତୁ। ଘର ଖୋଲା ରଖନ୍ତୁ ନାହିଁ। କମିଶନରେଟ ପୋଲିସ ଏହା ଉପରେ ନଜର ରଖିବା ସହ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିବା ସେ କହିଛନ୍ତି।

### ଧାନମଣ୍ଡଳ ଷ୍ଟେଶନ ନିକଟରେ ରହିଛି ଆଡ୍ଡାସ୍ଥଳ

ଯାଜପୁର ଜିଲା ଧାନମଣ୍ଡଳ ରେଲୱେ ଷ୍ଟେଶନ ନିକଟରେ ଥିବା ଏକ ଭଙ୍ଗା ଘରେ ଗ୍ୟାଙ୍ଗ୍‌ର ଆଡ୍ଡାସ୍ଥଳ ରହିଛି। ମୁଖ୍ୟ ଅଭିଯୁକ୍ତଦ୍ୱୟ କେଳା ଓ ବନ୍‌ଜାରା ଶ୍ରେଣୀର ପୁରୁଷ, ମହିଳା ଓ ଶିଶୁଙ୍କୁ ଗ୍ୟାଙ୍ଗ୍‌ରେ ସାମିଲ କରି ଚୋରି ଏବଂ ଲୁଟ୍ କରିବାକୁ ଶିଖାଇଥାନ୍ତି। ପରେ ବସ୍ ଭଡ଼ା ଦେଇ କଟକ ଓ ଭୁବନେଶ୍ୱରକୁ ପଠାଇଥାନ୍ତି। ସେମାନେ ଦଳଦଳ ହୋଇ ବୁଲି ବୁଲି ଭିକ ମାଗିବା ସହ ବସ୍ ଓ ବିଭିନ୍ନ ସ୍ଥାନରେ ଚୋରି, ଲୁଟ୍ ଆଦି ଅପରାଧ ଘଟାଇଥାନ୍ତି। ବିଶେଷକରି ଭୁବନେଶ୍ୱରରୁ କଟକ ଚଳାଚଳ କରୁଥିବା ମୋ ବସ୍‌ରେ ଭିଡ଼ ହେଉଥିବାରୁ ଯାତ୍ରୀଙ୍କ ପକେଟ ଓ ବ୍ୟାଗ୍‌ରୁ ଟଙ୍କା, ମୋବାଇଲ୍ ଆଦି ଚୋରି କରିବା କଟକ ପଳାଇଥାନ୍ତି। ପୁଣି ସେଠାରୁ ଘରୋଇ ବସରେ ଯାଜପୁର ଯାଇଥାନ୍ତି ବୋଲି ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୪ ସେପ୍ଟେମ୍ବର ୨୦୨୨



## କ୍ୟାବିନ୍‌ରେ ଲାଗିଲା ନିଆଁ

ଭୁବନେଶ୍ୱର,(ବ୍ୟୁରୋ): ଆଚାର୍ଯ୍ୟ ବିହାରରେ ଥିବା ଏକ କ୍ୟାବିନରେ ଶୁକ୍ରବାର ରାତି ପ୍ରାୟ ୧୨ଟା ସମୟରେ ନିଆଁ ଲାଗିଯାଇଛି। ଖବରପାଇ ଅଗ୍ନିଶମ ବାହିନୀ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲାଗିବାର କୌଣସି କାରଣ ଜଣାପଡ଼ି ନ ଥିବାବେଳେ କ୍ୟାବିନଟି ଅଧିକାଂଶ ଜଳି ନଷ୍ଟ ହୋଇଯାଇଛି। ଏଥିରେ କେହି ଆହତ ମଧ ହୋଇ ନାହାନ୍ତି। ପରେ ସ୍ଥାନୀୟ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବାଲିଅନ୍ତା,୨୩।୯(ଡି.ଏନ୍.ଏ.)- ବାଲିଅନ୍ତା ଥାନା ଅଧୀନ ବେଣୁପୁର ଗ୍ରାମରେ ଶୁକ୍ରବାର ଜଣେ ଯୁବକଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଉକ୍ତ ଗ୍ରାମର ମାନସ ରଞ୍ଜନ ଓଝା(୨୯)। ଏ ନେଇ ପୋଲିସ ଏକ ମାମଲା(ନଂ.୧୯/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ପୂର୍ବାହ୍ନରେ ମାନସ ଘରେ ଏକା ଥିବାବେଳେ ପରିବାର ଲୋକେ କୌଣସି କାର୍ଯ୍ୟର ବାହାରକୁ ଯାଇଥିଲେ। ପରିବାର ସଦସ୍ୟ ଫେରି କବାଟ ବାଡ଼େଇବାରେ ମାନସ ଶୁଣି ନ ଥିଲେ। ଦୀର୍ଘସମୟ ପର୍ଯ୍ୟନ୍ତ ମାନସ କବାଟ ନ ଖୋଲିବାରୁ ସନ୍ଦେହରେ ପଡ଼ୋଶୀ ଓ ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି କବାଟ ଖୋଲିବାରୁ ଘରେ ଲାଗିଥିବା ଏକ ପଙ୍ଖାରେ ମାନସ ଝୁଲୁଥିବା ଦେଖିଥିଲେ। ତାଙ୍କୁ ଓହ୍ଲାଇ ହସ୍ପିଟାଲ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିବାରୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ପ୍ରକାଶଥାଉ କି, ମାନସ ରାଜ୍ୟ ବାହାରେ ରହି ଇଞ୍ଜିନିୟର ଚାକିରି କରୁଥିଲେ। କରୋନା ଯୋଗୁ ସେ ଚାକିରି ଛାଡ଼ି ଘରକୁ ଚାଲିଆସିଥିଲେ। ହେଲେ କୌଣସି କାରଣକୁ ନେଇ ସେ ସବୁବେଳେ ଅବସାଦରେ ରହୁଥିଲେ।

### ବିପିୟୁଟି ଛାତ୍ରସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର,୨୩।୯(ବ୍ୟୁରୋ)- ଓଡ଼ିଶା ବିପିୟୁଟି ଛାତ୍ରସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡେମୀଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ସମସ୍ତ ଇଞ୍ଜିନିୟରିଂ କଲେଜର ଛାତ୍ର ପ୍ରତିନିଧି ଏହି ବୈଠକରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ତଥା ବିପିୟୁଟି ଛାତ୍ରନେତା ପାର୍ଥସାରଥି ମୁଦୁଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଇଞ୍ଜିନିୟରମାନେ କେବଳ ଓଡ଼ିଶାର ନୁହଁନ୍ତି, ସେମାନେ ସାରା ବିଶ୍ୱର ବିଶ୍ୱକର୍ମା ଭଳି ଦେଶ ଓ ବିଶ୍ୱର ବିକାଶ ଦିଗରେ କାର୍ଯ୍ୟ କରି ଆସୁଛନ୍ତି। ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ବିପିୟୁଟି ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେବା ସହ ବୈଷୟିକ ଶିକ୍ଷା, ସୂଚନା ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଆଗ୍ରହ ସୃଷ୍ଟି କରିବା ପାଇଁ ଉତ୍ସାହ ଯୋଗାଉଛନ୍ତି ବୋଲି ମୁଦୁଲି କହିଥିଲେ। ବିପିୟୁଟି ଛାତ୍ରସଂଘର ପୂର୍ବତନ ସଭାପତି ତଥା ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଶକ୍ତି ପ୍ରସାଦ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକାରିଣୀ ବୈଠକରେ ଇଂ ଜଗମୋହନ ବଳିଆସିଂ, ଇଂ ସଂସଦ କୁମାର ନାୟକ, ଆଲୋକ ଜେନା, ରୋଜାଲିନ ନାୟକ, ସୁନିଲ ମହାପାତ୍ର, ଅକ୍ଷୟ ମଲ୍ଲିକ ପ୍ରମୁଖ ବିପିୟୁଟି ଛାତ୍ରୀଛାତ୍ରମାନଙ୍କୁ ବୈଷୟିକ ଶିକ୍ଷା କ୍ଷେତ୍ରରେ ପ୍ରୋତ୍ସାହନ ଦେଇଥିଲେ। ଏହି ଅବସରରେ ଓଡ଼ିଶା ବିପିୟୁଟି ଛାତ୍ରସଂଘ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଜିଆଇଟି ଇଞ୍ଜିନିୟରିଂ କଲେଜର ଛାତ୍ରନେତା କ୍ଷିତୀଶ ଚନ୍ଦ୍ର ବାରିକ ସଭାପତି, ଗୀତମ ଇଞ୍ଜିନିୟରିଂ କଲେଜର ଛାତ୍ରନେତା ମିଲନ ରାଉତରାୟ କାର୍ଯ୍ୟକାରୀ ସଭାପତି, ଗାନ୍ଧୀ ଇଞ୍ଜିନିୟରିଂ କଲେଜର ଛାତ୍ରନେତା ସ୍ୱାଗତ କର ସାଧାରଣ ସମ୍ପାଦକ ଏବଂ ଗିଫ୍ଟ ଇଞ୍ଜିନିୟରିଂ କଲେଜର ଛାତ୍ରନେତା ରୂପମ ଦାସ ଉପସଭାପତି ଭାବେ ମନୋନୀତ ହୋଇଥିବା ବେଳେ ବିଭିନ୍ନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା।

# ୧୦ ନଂ. ଡ୍ରେନ୍‌ର ପ୍ରାକୃତିକ ପୁନଃବିକାଶ ହେବ

**ପ୍ରକଳ୍ପ ଦାୟିତ୍ୱରେ ୧୬ ମିଶନ ଶକ୍ତି ଗୋଷ୍ଠୀ**

- ସରିଲା ପ୍ରଶିକ୍ଷଣ କାର୍ଯ୍ୟକ୍ରମ
- ଖର୍ଚ୍ଚ ହେବ ୧.୮୫ କୋଟି
- ଭୂପୃଷ୍ଠ ଜଳ ଉତ୍ସ ସୃଷ୍ଟି ଲକ୍ଷ୍ୟ

ଭୁବନେଶ୍ୱର, ୨୩।୯ (ବ୍ୟୁରୋ)



କାର୍ଯ୍ୟକ୍ରମରେ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଜି. ମାତିଭାତନନ୍, ମେୟର, ବିଏମ୍‌ସି କମିଶନର ଓ ଅନ୍ୟମାନେ।

ସହର ମଧ୍ୟରେ ତଥା ପରିପାର୍ଶ୍ୱରେ ଅବସ୍ଥିତ ଜଳାଶୟଗୁଡିକ ଆମ ଜୈବ ପରିମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ଭୂପୃଷ୍ଠ ଜଳ ଉତ୍ସର ଭୂମିକା ତୁଲାଇଥାନ୍ତି। ତେଣୁ ଏସବୁର ଦୀର୍ଘସ୍ଥାୟୀ ପ୍ରାକୃତିକ ପୁନଃବିକାଶ ନିମନ୍ତେ ଓଡ଼ିଶା ସରକାରଙ୍କ ପକ୍ଷରୁ ଉଦ୍ୟମ କରାଯାଇଛି। ଏହି ପଦକ୍ଷେପର ପ୍ରାରମ୍ଭିକ ପର୍ଯ୍ୟାୟରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ୱାର୍ଡ ନଂ.୩୬ ଅନ୍ତର୍ଗତ ନିକୋ ପାର୍କ ସଂଲଗ୍ନ ହ୍ରଦ ତଥା ଡ୍ରେନ୍ ନଂ.୧୦ର ପୁନରୁଦ୍ଧାର ତଥା ନବୀକରଣ ପାଇଁ ୧ କୋଟି ୮୫ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି। ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ 'ମୁକ୍ତା' ଜରିଆରେ ଏହି କାର୍ଯ୍ୟ ୱାର୍ଡ ନଂ.୨୮, ୩୫ ଓ ୩୬ର ୧୬ଟି ମିଶନ୍ ଶକ୍ତି ଗୋଷ୍ଠୀ ଦ୍ୱାରା କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥା ସଭାଗୃହରେ ଏକ ପ୍ରଶିକ୍ଷଣ କର୍ମଶାଳା ଆୟୋଜନ କରାଯାଇଥିଲା। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଜି. ମାତିଭାତନନ୍ ଯୋଗଦେଇ କହିଲେ, ଖୁବ୍‌ଶୀଘ୍ର ଏହି ପଦକ୍ଷେପ ରାଜ୍ୟର ଅନ୍ୟାନ୍ୟ ମହାନଗର ଓ ସହରକୁ ସଂପ୍ରସାରିତ ହେବ। ଜାଗା ମିଶନ୍, ଶୌଚାଳୟ ବର୍ଜ୍ୟ ପରିଚାଳନା ଓ ମୁକ୍ତା ଆଦି ଯୋଜନା ଗୋଷ୍ଠୀ ଦ୍ୱାରା ସଂଚାଳିତ ହେଉଛି। ଏ କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ଜଳାଶୟ ପୁନରୁଦ୍ଧାର ଓ ନବୀକରଣ ପ୍ରକଳ୍ପ ଏକ ବିଶ୍ୱସ୍ତରୀୟ ପଦକ୍ଷେପର ମାନ୍ୟତା ପାଇବ ବୋଲି ଆଶା ପ୍ରକାଶ କରିଥିଲେ। ମେୟର ସୁଲୋଚନା ଦାସ କହିଲେ, ସାମ୍ପ୍ରତିକ ଉନ୍ନୟନମୂଳକ ଯୋଜନାର ରୂପାୟନରେ ମିଶନ୍ ଶକ୍ତି ଗୋଷ୍ଠୀ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛନ୍ତି। ତେଣୁ ଏହି ଗୋଷ୍ଠୀଙ୍କୁ ବିଏମ୍‌ସି ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଏହି ଅଭିନବ ପ୍ରକଳ୍ପ ନିର୍ମାଣ ଦ୍ୱାରା ବିଏମ୍‌ସି ଅନ୍ୟାନ୍ୟ ପୌର ସଂସ୍ଥାଗୁଡ଼ିକ ପାଇଁ ଦୃଷ୍ଟାନ୍ତ ସୃଷ୍ଟି କରିବ ବୋଲି ମତ ଦେଇଥିଲେ। କର୍ମଶାଳା ପ୍ରାରମ୍ଭରେ ବିଭାଗୀୟ ଯୁଗ୍ମ ଶାସନ ସଚିବ ତଥା ସୁଡ଼ାର ପ୍ରକଳ୍ପ ନିର୍ଦ୍ଦେଶକ ଶାରଦା ପ୍ରସାଦ ପଣ୍ଡା ସ୍ୱାଗତ ଭାଷଣ ଦେଇ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୭ଶହ କୋଟି ଟଙ୍କା ବ୍ୟୟବରାଦରେ ସହରାଞ୍ଚଳ ବିକାଶ ସହିତ ମହିଳା ସଶକ୍ତୀକରଣ ଓ ଗୋଷ୍ଠୀ ସହଭାଗିତାର ଲକ୍ଷ୍ୟ ପୂରଣ ହୋଇପାରିବ କହିଥିଲେ। ଡେପୁଟି ମେୟର ମଞ୍ଜୁଲତା କହଁର, ଚୟନ କରାଯାଇଥିବା ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ସମ୍ପୃକ୍ତ ୱାର୍ଡ ସମୂହର କର୍ପୋରେଟର, ବିଏମ୍‌ସିର ନୋଡାଲ ଯନ୍ତ୍ରୀ, ଗୋଷ୍ଠୀ ସଂଗଠକ, କ୍ଷେତ୍ରୀୟ ଗୋଷ୍ଠୀ ସଂଗଠକ, ୱାର୍ଡ ଅଫିସର ତଥା ସମ୍ପୃକ୍ତ ଅଞ୍ଚଳର ସିଟି ମିଶନ୍ ମ୍ୟାନେଜର ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ଏଥିନିମନ୍ତେ ଜ୍ଞାନ ଆହରଣ ଉଦ୍ଦେଶ୍ୟରେ ବିଏମ୍‌ସି ମେୟର, କମିଶନର, କର୍ପୋରେଟର ତଥା ବିଭାଗୀୟ ଯନ୍ତ୍ରୀମାନେ ବେଙ୍ଗାଲୁରୁକୁ ଶିକ୍ଷା ପରିଭ୍ରମଣରେ ଯାଇଥିଲେ।

## ଭୁବନେଶ୍ୱରକୁ ୧ ନଂ. ସ୍ମାର୍ଟସିଟି କରିବାକୁ ଆହ୍ୱାନ

**ବିଏମ୍‌ସିର ପବ୍ଲିକ୍ ଇଣ୍ଟରଫେସ୍**

ଭୁବନେଶ୍ୱର, ୨୩।୯ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)କୁ ସରସ ସୁନ୍ଦର ଓ ଚିତାକର୍ଷକ କରିବା ସହ ବିଶ୍ୱର ଏକ ନମ୍ବର ସ୍ମାର୍ଟସିଟିରେ ପରିଣତ କରିବା ପାଇଁ ମେୟର ସୁଲୋଚନା ଦାସ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ଶୁକ୍ରବାର ବିଏମ୍‌ସି କାର୍ଯ୍ୟାଳୟରେ ଆୟୋଜିତ ଦୁଇଟି ଇଣ୍ଟରଫେସ୍ କାର୍ଯ୍ୟକ୍ରମରେ ଅଧକ୍ଷତା କରି ଏଥିପାଇଁ ସହରବାସୀଙ୍କ ସହଯୋଗ କାମନା କରିଛନ୍ତି। ସମସ୍ତଙ୍କ ସହଯୋଗରେ ଭୁବନେଶ୍ୱର ସହରକୁ କିପରି ସ୍ୱଚ୍ଛ, ସୁନ୍ଦର ଓ ସବୁଜ ରଖିବା ସହ ଦେଶର ଏକ ନମ୍ବର ସ୍ମାର୍ଟସିଟିରେ ପରିଣତ କରାଯାଇପାରିବ ସେ ସମ୍ପର୍କରେ ୩୫ ଓ ୩୬ ନମ୍ବର ୱାର୍ଡର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଲୋକପ୍ରତିନିଧି, ବିଭିନ୍ନ ସଂଗଠନର କର୍ମକର୍ତ୍ତା, ୩୫ ନମ୍ବର ୱାର୍ଡର ରଞ୍ଜୁଲତା ରାୟ ଓ ୩୬ନଂ ୱାର୍ଡ କର୍ପୋରେଟର ଅଲିଅଳି ମଲ୍ଲିକଙ୍କ ମତାମତ ନିଆଯାଇଥିଲା। ଉପସ୍ଥିତ ଲୋକେ ସେମାନଙ୍କ ବିଭିନ୍ନ ଅସୁବିଧା ସମ୍ପର୍କରେ ଦର୍ଶାଇଥିଲେ। ଏହାପରେ ସମସ୍ୟା ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ମେୟର। ଏହି ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ବିନୟ କୁମାର ଦାଶଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ୱାର୍ଡ ଅଫିସର ପ୍ରମୁଖ ଉପସ୍ଥିତ ଥିଲେ।

## ନନ୍ଦନକାନନ ଠିକାଦାର ଡାଳ କାଟି ନେବାକୁ ବିରୋଧ

**ଭୁଲ୍ ମାଗିବା ପରେ ଛାଡ଼ିଲେ ଗ୍ରାମବାସୀ**

ବାରଙ୍ଗ,୨୩।୯(ଡି.ଏନ୍.ଏ.)

ନରାଜ ଷ୍ଟେଶନ ନିକଟରେ ଥିବା ନରାଜ ଗ୍ରାମର ଏକ ବରଗଛ ଡାଳକୁ ନନ୍ଦନକାନନର ଜଣେ ଠିକାଦାର କାଟି ନେଉଥିବାବେଳେ ଗ୍ରାମବାସୀ ବିରୋଧ କରିଛନ୍ତି। ଏହି ଡାଳ ନନ୍ଦନକାନନକୁ ହାତୀ ଓ ହରିଣ ଜାତୀୟ ପ୍ରାଣୀଙ୍କ ଖାଇବା ପାଇଁ ନିଆଯାଉଥିଲା। ନନ୍ଦନକାନନକୁ ବରଡାଳ ଯୋଗାଇବାକୁ ଥିବା ଟେଣ୍ଡର ନେଇଥିବା ଉକ୍ତ ଠିକାଦାର ଆଣୁଥିବାବେଳେ ଖବରପାଇ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ବରଡାଳ ବୋଝେଇ ୪୦୭ଗାଡ଼ିକୁ ରୋକିଥିଲେ। ଗାଡ଼ିଚାଳକ ଓ ଗାଡ଼ିରେ ଥିବା ୨ଜଣ ଡାଳ କଟାଳି ଭୁଲ ସ୍ୱୀକାର କରିବା ସହ ଏହି ଜାଗାରୁ ଆଉ ଡାଳ କାଟିବାକୁ ନ ଆସିବାର ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଗାଡିକୁ ଛାଡ଼ିଥିଲେ। ପ୍ରକାଶ ଯେ, ନନ୍ଦନକାନନରେ ଥିବା ହାତୀ ଓ ହରିଣ ଜାତୀୟ ପ୍ରାଣୀଙ୍କ ଖାଇବା ପାଇଁ ବରଡାଳ ଯୋଗାଇ ଦେବାକୁ ଜଣେ ଠିକାଦାର ଟେଣ୍ଡର ନେଇଛନ୍ତି। ସେ ତାଙ୍କର ନିଜ ଦାୟିତ୍ୱରେ ନନ୍ଦନକାନନକୁ ବରଡାଳ ଯୋଗଇ ଦେବାକୁ ଚୁକ୍ତି ମଧ କରିଛନ୍ତି। ସେ ଅନୁଯାୟୀ, ଶୁକ୍ରବାର ଠିକାଦାର କେତେଜଣ କର୍ମଚାରୀଙ୍କୁ ବରଡାଳ ଆଣିବା ପାଇଁ ନରାଜ ଗାଁମୁଣ୍ଡକୁ ପଠାଇଥିଲା। କର୍ମଚାରୀମାନେ ଓଆର୍ ୦୨-ବିକ୍ୟୁ- ୪୧୧୧ନଂ. ୪୦୭ ଗାଡ଼ିକୁ ନେଇଯାଇଥିଲେ। କର୍ମଚାରୀମାନେ କେହି ନ ଥିବାର ସୁଯୋଗରେ ଏକ ବରଗଛର ଡାଳକୁ କାଟି ଗାଡିରେ ରଖୁଥିଲେ। ଏହି ସମୟରେ ଗ୍ରାମବାସୀ ଖବରପାଇ ସେଠାରେ ପହଞ୍ଚି କର୍ମଚାରୀଙ୍କ ଏହି କାମକୁ ବିରୋଧ କରିଥିଲେ। ଆମେ ଯେଉଁ ଗଛକୁ ପୂଜା କରୁଛୁ, ତୁମେ କାହାକୁ ନ ଜଣାଇ କାହିଁକି ଡାଳ କାଟିଲ ବୋଲି ବିଭିନ୍ନ ପ୍ରଶ୍ନମାନ ପଚାରିଥିଲେ। ଶେଷରେ ଗାଡି ସହ କର୍ମଚାରୀଙ୍କୁ ଗୋଡିସାହି ଫାଣ୍ଡିକୁ ହସ୍ତାନ୍ତର କରିବାକୁ ନିଷ୍ପତ୍ତି ନେବାପରେ ଗାଡ଼ିଚାଳକ ସହ ୨ କର୍ମଚାରୀ ଗ୍ରାମବାସୀଙ୍କୁ ଭୁଲ ମାଗିବା ସହ ଏଠାରୁ ଡାଳ ନେବେନି ବୋଲି କହିବାରୁ ଛାଡିଥିଲେ।



ହାଇକୋର୍ଟକୁ ରାଜଧାନୀ ଭୁବନେଶ୍ୱରକୁ ସ୍ଥାନାନ୍ତର ଦାବିରେ ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ଶୁକ୍ରବାର ଦିନିକିଆ କାର୍ଯ୍ୟ ବନ୍ଦ ଆନ୍ଦୋଳନ।

## ସହରାଞ୍ଚଳ ସ୍ୱାସ୍ଥ୍ୟ, ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର, ୨୩।୯ (ବ୍ୟୁରୋ)




ସହରାଞ୍ଚଳ ଓ ସହରତଳି ଅଞ୍ଚଳ ନାଗରିକଙ୍କୁ ବ୍ୟାପକ ଭାବେ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଅର୍ବାନ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଶୁଭାରମ୍ଭ ହୋଇଯାଇଛି। ଶୁକ୍ରବାର ସ୍ଥାନୀୟ ଭିଏସ୍‌ଏସ୍ ନଗରରେ ଥିବା ଏହି କେନ୍ଦ୍ରକୁ ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ବିଏମସି କମିଶନର ବିଜୟ ଅମୃତା କୁଲାଙ୍ଗେ, ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଆର୍ତ୍ତବନ୍ଧୁ ନାୟକ, ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ଡେପୁଟି କମିଶନର (ପରିମଳ) ଶୁଭେନ୍ଦୁ କୁମାର ସାହୁ, ଜୋନାଲ ଡେପୁଟି କମିଶନର ପୁରନ୍ଦର ନନ୍ଦ, ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅନ୍ତର୍ଯାମୀ ମିଶ୍ର, ସ୍ୱାସ୍ଥ୍ୟ ଓ ପରିମଳ ଷ୍ଟାଣ୍ଡିଂ କମିଟି ସଭାପତି ବିରଞ୍ଚି ନାରାୟଣ ମହାସୁପକାର, ସ୍ଥାନୀୟ କର୍ପୋରେଟର ପ୍ରବାସିନୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ୧୫ରୁ ୨୦ ହଜାର ଜନବସତି ଥିବା ଛୋଟଛୋଟ ସହରାଞ୍ଚଳ ବସ୍ତି ଓ ଅଣ-ବସ୍ତିବାସିନ୍ଦାଙ୍କୁ ଏହି କେନ୍ଦ୍ର ମାଧମରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ। ଅର୍ବାନ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ସ୍ୱାସ୍ଥ୍ୟସେବା ଅବ୍ୟାହତ ରଖିବା ସହ ଉନ୍ନତମାନର ସେବା ଯୋଗାଇ ଦେବା ପାଇଁ ଉପର ଓ ତଳ ଉଭୟ ସ୍ତରରେ ସମନ୍ୱୟ ରକ୍ଷା କରିବ। ଫଳରେ ଗରିବ ଲୋକେ ଅଯଥା ଖର୍ଚ୍ଚାନ୍ତରୁ ରକ୍ଷା ପାଇବା ସହ ହାତ ପାହାନ୍ତାରେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରିବେ। ଆଗାମୀ ୫ ବର୍ଷ ମଧ୍ୟରେ ଅର୍ଥାତ ୨୦୨୧-୨୬ ସୁଦ୍ଧା ରାଜ୍ୟରେ ମୋଟ ୧୮୫ଟି ଅର୍ବାନ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ପ୍ରସ୍ତାବ ରହିଛି। ନିୟମ ଅନୁଯାୟୀ, ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ୧୮ଟି ଅର୍ବାନ ସ୍ୱାସ୍ଥ୍ୟ ଓ କଲ୍ୟାଣକେନ୍ଦ୍ର ପ୍ରତିଷ୍ଠା କରାଯିବାକୁ ଆକ୍ସନ ପ୍ଲାନ ପ୍ରସ୍ତୁତ ହୋଇଛି। ଏହି କେନ୍ଦ୍ରଗୁଡିକରେ ସାଧାରଣତଃ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ।

### ସେବାୟତଙ୍କୁ ମାଡ଼ ମାରିବା ପାଇଁ ଗୋଡ଼ାଇଲେ ଯୁବକ

ପୁରୁଣା ଭୁବନେଶ୍ୱର,୨୩।୯(ଡି.ଏନ୍.ଏ.)

ଶ୍ରୀଲିଙ୍ଗରାଜ ମନ୍ଦିରରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ଯୁବକ ଠାକୁରଙ୍କୁ ଦର୍ଶନ ନ କରିପାରିବାରୁ ସେବାୟତଙ୍କୁ ମାଡ଼ ମାରିବା ପାଇଁ ଗୋଡ଼ାଉଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ, ସମ୍ପୃକ୍ତ ଯୁବକ ଜଣଙ୍କ ଠାକୁରଙ୍କୁ ଦର୍ଶନ ପାଇଁ ଆସିଥିବା ବେଳେ ମନ୍ଦିରରେ ସାହାଣମେଲା ଦର୍ଶନ ପରେ ବନ୍ଦ ରହିଥିଲା। ତେଣୁ ସେବାୟତମାନେ ଉକ୍ତ ଯୁବକଙ୍କୁ ବାରଣ କରିଥିଲେ। ଏଥିରେ ଯୁବକ ଜଣଙ୍କ ଉତକ୍ଷିପ୍ତ ହୋଇ ସେବାୟତଙ୍କୁ ମାଡ଼ ମାରିବାକୁ ଗୋଡ଼ାଇଥିଲେ। ଖବରପାଇ ଲିଙ୍ଗରାଜ ଥାନା ପୋଲିସ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ କାବୁ କରିଥିଲା। ଏନେଇ ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର କୁହନ୍ତି, ଯୁବକ ଜଣଙ୍କ ମାନସିକ ବିକାରଗ୍ରସ୍ତ ଥିବାବେଳେ ଔଷଧ ସେବନ କରନ୍ତି ବୋଲି ପରିବାର ଲୋକେ କହିଛନ୍ତି। ଏନେଇ କୌଣସି ମାମଲା ରୁଜୁ ହୋଇ ନାହିଁ। ସମ୍ପୃକ୍ତ ଯୁବକଙ୍କୁ ପରିବାର ଲୋକଙ୍କ ଜିମା ଦିଆଯାଇଛି।

## ଗ୍ୟାସ ନିଆଁରେ ଜାଳି ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ

- ପୋଡ଼ି ହୋଇ ଦମ୍ପତି ଗୁରୁତର
- ଅଲଗା ରହିବା ପାଇଁ ପୋଲିସ କରିଥିଲା ସମାଧାନ

ଭୁବନେଶ୍ୱର,୨୩।୯ (ବ୍ୟୁରୋ)

ଗ୍ୟାସ୍ ସିଲିଣ୍ଡର ଖୋଲି ସ୍ତ୍ରୀକୁ ପୋଡ଼ି ମାରିବାକୁ ଉଦ୍ୟମ ବେଳେ ଉଭୟ ସ୍ୱାମୀ ଓ ସ୍ତ୍ରୀ ଗୁରୁତର ଆହତ ହୋଇଛନ୍ତି। ଏଭଳି ଘଟଣା ଭରତପୁର ଥାନା ଅନ୍ତର୍ଗତ ବରମୁଣ୍ଡା ଜଗନ୍ନାଥ ବିହାରରେ ଦେଖିବାକୁ ମିଳିଛି । ଆହତ ସ୍ୱାମୀ ଓ ସ୍ତ୍ରୀ ହେଲେ କୁଳମଣି ସାହୁ ଓ ପ୍ରଭାତୀ ପାଇକରାୟ । ଉଭୟଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ପୋଲିସ ସୂଚନା ଅନୁସାରେ, କୁଳମଣି ପ୍ରତିଦିନ ମଦ୍ୟପାନ କରି ଘରକୁ ଆସି ସ୍ତ୍ରୀ ସହ ପାଟିତୁଣ୍ଡ କରି ମାରଧର କରନ୍ତି। ଗତ ୩ ମାସ ତଳେ ଉଭୟଙ୍କ ମଧ୍ୟରେ ମାରପିଟ ହୋଇ କଥା ଥାନାକୁ ଯିବାରୁ ଆପୋସ ସମାଧାନ ହୋଇଥିଲା। ବାରମ୍ବାର ଏଭଳି ଘଟଣା ହେଉଥିବାରୁ ପ୍ରଭାତୀ ସ୍ୱାମୀଙ୍କ ପାଖରେ ରହିବାକୁ ଚାହୁଁନ ଥିଲେ। ଗୁରୁବାର ସନ୍ଧ୍ୟାରେ ମଧ କୁଳମଣି ମଦ୍ୟପାନ କରି ଘରେ ସ୍ତ୍ରୀକୁ ମାରଧର କରିଥିଲେ। ଏହା ମଧ ଭରତପୁର ଥାନାକୁ ଯିବାରୁ କେହି କାହା ପାଖରେ ରହିବେ ନାହିଁ ବୋଲି କଥା ହୋଇ ଉଭୟ ଘରକୁ ଫେରିଥିଲେ। କିନ୍ତୁ କୁଳମଣିଙ୍କ ମନରେ ରାଗ ଥିବାରୁ ଘରକୁ ଫେରିବା ପରେ ପ୍ରତିଶୋଧ ପରାୟଣ ହୋଇପଡ଼ିଥିଲେ। ପ୍ରଭାତୀ ଘରେ ଥିବାବେଳେ ନିଆଁ ଲଗାଇ ମାରିବାକୁ ଚେଷ୍ଟା କରି କୁଳମଣି ରୋଷେଇ ଘରେ ଥିବା ଗ୍ୟାସ୍ ସିଲିଣ୍ଡର ଖୋଲି ଦେଇଥିଲେ। ପ୍ରଭାତୀ ରୋଷେଇ ଘରକୁ ଯିବାବେଳେ କୁଳମଣି ଦିଆସିଲ ଲଗାଇଦେଥିଲେ। ନିଆଁ ବ୍ୟାପିଯିବାରୁ ଉଭୟ ସ୍ୱାମୀ ସ୍ତ୍ରୀ ପୋଡି ହୋଇ ଗୁରୁତର ହୋଇଥିଲେ। ଘର ପାଖରେ ପ୍ରଭାତୀଙ୍କ ଭଉଣୀ ଭିଣେଇ ରହୁଥିବାରୁ ଚିତ୍କାର ଶୁଣି ଦୌଡ଼ି ଆସିଥିଲେ। ୨ ଜଣଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତରେ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲେ। ଖବରପାଇ ଭରତପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଅନ୍ୟପଟେ ପ୍ରଭାତୀ ଓ କୁଳମଣି ପରିବାର ପକ୍ଷରୁ ଏ ନେଇ କୌଣସି ଅଭିଯୋଗ ହୋଇ ନାହିଁ।

## ଏସି ନ ଚାଲିବାରୁ ଶୋ' ବନ୍ଦ, ଫିଲ୍ମ ହଲ୍‌ରେ ଉତ୍ତେଜନା

ଭୁବନେଶ୍ୱର,୨୩।୯ (ବ୍ୟୁରୋ)



ରସୁଲଗଡ ଏସ୍‌ପ୍ଲାନେଡ୍ ମଲ୍‌ରେ ଥିବା ସିନେପଲିସ ମଲ୍ଟିପ୍ଲେକ୍ସ ସିନେମା ହଲ୍‌ରେ ଶୁକ୍ରବାର ରାତିରେ ଇଂଲିଶ ସିନେମା 'ଏଭ୍ରିଥିଙ୍ଗ୍ ଏଭ୍ରି ହୋୟାର ଅଲ୍ ଆଟ୍ ୱନ୍ସ' ଶୋ ଦେଖିବାକୁ ଲୋକଙ୍କ ଭିଡ଼ ଲାଗିଥିଲା। ହେଲେ ଶୋ ଆରମ୍ଭ ହେବା ପୂର୍ବରୁ ଉକ୍ତ ହଲର ଏସି ଅଚଳ ହୋଇଯାଇଥିଲା। ଫଳରେ ସିନେମା ହଲ୍ କର୍ତ୍ତୃପକ୍ଷ ୧୧ଟା ୫ରେ ହେବାକୁ ଥିବା ଶୋ'କୁ ବନ୍ଦ କରିବାକୁ କହିଥିଲେ। ଏହା ଶୁଣି ଦୂରରୁ ଆସିଥିବା ଦର୍ଶକମାନେ ହୋହଲ୍ଲା କରିଥିଲେ। ଏପରିକି ଟଙ୍କା ଫେରାଇବାକୁ ନେଇ ସିନେମା ହଲ୍ କର୍ତ୍ତୃପକ୍ଷ ଓ ଦର୍ଶକଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ଏସି ନ ଠିକ୍ ହେବା ପର୍ଯ୍ୟନ୍ତ ଶୋ' ଚଲାଇ ହେବ ନାହିଁ ବୋଲି କର୍ତ୍ତୃପକ୍ଷ କହିଥିଲେ। ହେଲେ ଦର୍ଶକମାନେ ଜିଦ ଧରିବାରୁ କର୍ତ୍ତୃପକ୍ଷ ୪୫ ମିନିଟରୁ ୧ ଘଣ୍ଟା ଅଧିକ ସମୟ ଲାଗିବ ବୋଲି କହିବାରୁ ଉତ୍ତେଜନା ବଢ଼ି ଯାଇଥିଲା। ଖବର ଲେଖାହେବା ପର୍ଯ୍ୟନ୍ତ ରାତି ପ୍ରାୟ ୧୨ବେଳକୁ ଦର୍ଶକମାନେ ଶୋ ଦେଖିବା ଲାଗି ଅପେକ୍ଷା କରି ରହିଥିବାବେଳେ ଚାପା ଉତ୍ତେଜନା ଲାଗି ରହିଥିଲା।

## ଦୀର୍ଘମିଆଦୀ ମତ୍ସ୍ୟଚାଷ ପାଇଁ ଜଳଜୈବ ପରିବେଶ ଜରୁରୀ

**ଦୀର୍ଘମିଆଦୀ ଜଳଜୀବ ପାଳନ ସମ୍ପର୍କିତ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ**

ପିପିଲି,୨୩।୯(ସ୍ୱ.ପ୍ର.)


ସମ୍ମିଳନୀରେ ଅତିଥିମାନେ ଏକ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

କେନ୍ଦ୍ରୀୟ ମଧୁରଜଳ ଜୀବପାଳନ ସଂସ୍ଥା(ସିଫା) ଓ ଆସୋସିଏଶନ୍ ଅଫ୍ ଆକ୍ୱାକଲ୍ଚରିଷ୍ଟର ମିଳିତ ସହଯୋଗରେ ହିନ୍ଦୀ ଭାଷାରେ ଆତ୍ମନିର୍ଭର ଭାରତ ପାଇଁ ଦୀର୍ଘମିଆଦୀ ଜଳଜୀବ ପାଳନ ସମ୍ପର୍କିତ ଏକ ଜାତୀୟ ସମ୍ମିଳନୀ ଶୁକ୍ରବାର ସିଫା ସମ୍ମିଳନୀ କକ୍ଷରେ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାୟୀ ଜଳଜୀବ ପାଳନ ପ୍ରଣାଳୀ, ମତ୍ସ୍ୟ ପୋଷଣ, ମତ୍ସ୍ୟ ଅନୁବଂଶୀକ ଓ ସୂକ୍ଷ୍ମଜୀବାଣୁ ଏବଂ ଜୀବପ୍ରକ୍ରିୟାର ଔଦ୍ୟୋଗିକ ପ୍ରୟୋଗ, ମତ୍ସ୍ୟ ସ୍ୱାସ୍ଥ୍ୟ ପରିଚାଳନା, ସାମାଜିକ ଅର୍ଥନୈତିକ ଓ ଜୀବିକା ନିର୍ବାହ ବିଷୟବସ୍ତୁ ଉପରେ ଆଲୋଚନା ହେବାକୁ ଥିବା ଏହି ସମ୍ମିଳନୀ ଦୁଇଦିନ ଧରିଚାଲିବ। ଭାରତୀୟ କୃଷି ଗବେଷଣା ପରିଷଦର ଉପମହାନିର୍ଦ୍ଦେଶକ ଡ. ଜେ. କେ. ଜେନା ଏହାକୁ ଉଦ୍‌ଘାଟନ କରି ଭାରତୀୟ ଗ୍ରାମୀଣ ଅର୍ଥନୀତି ଓ କୃଷିକ୍ଷେତ୍ରରେ ମାଛଚାଷର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ମାଛ ଉତ୍ପାଦନ କ୍ଷେତ୍ରରେ ଆଭ୍ୟନ୍ତରୀଣ ମତ୍ସ୍ୟ ଚାଷର ଶତକଡ଼ା ୬୫ଭାଗ ଅବଦାନ ରହିଥିବାରୁ ସମାଜର ସମସ୍ତ ଶ୍ରେଣୀର ଉପଭୋକ୍ତାଙ୍କୁ ଗୁଣାତ୍ମକ ମାଛ ଉତ୍ପାଦନ କରି ଯୋଗାଇଦେବାକୁ ସେ ବୈଜ୍ଞାନିକମାନଙ୍କୁ ଆହ୍ୱାନ କରିଥିଲେ। ଦୀର୍ଘମିଆଦୀ ମତ୍ସ୍ୟଚାଷ ପାଇଁ ଜଳଜୈବ ପରିବେଶ ଓ ସେଥିରେ ବାସ କରୁଥିବା ଜୀବଗୁଡ଼ିକର ସ୍ୱାସ୍ଥ୍ୟକୁ ଠିକ୍ ବଜାୟ ରଖିବା ଉଚିତ ବୋଲି ଡ. ଜେନା କହିଥିଲେ।

ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପି. କେ. ରାଉଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ଗବେଷଣାର ମୂଲ୍ୟ ଓ ଟିମ୍ ସ୍ପିରିଟ ଉପରେ ଗୁରୁତ୍ୱାରୋପ କରିବା ସହିତ ଆକାଂକ୍ଷିତ ଫଳାଫଳ ହାସଲ ପାଇଁ ବିଭିନ୍ନ ସଂଗଠନର ସହଯୋଗ ଓ ବିକାଶମୂଳକ ପଦକ୍ଷେପର ଆବଶ୍ୟକ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥିଭାବେ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ସହ ମହାନିର୍ଦ୍ଦେଶକ ଡ.ବି. ପି. ମହାନ୍ତି ଯୋଗଦେଇ କହିଥିଲେ, ଦେଶରେ ଅଧିକ ଜଳଜୀବ ପାଳନକାରୀଙ୍କ ପାଖରେ ପହଞ୍ଚିବା ପାଇଁ ହିନ୍ଦୀ ଭାଷାରେ ଏକ କୃଷକ ଅନୁକୂଳ ପତ୍ରିକା ପ୍ରକାଶ ପାଇବା ଉଚିତ। ସିଫା ନିର୍ଦ୍ଦେଶକ ଡ.ସରୋଜ ସ୍ୱାଇଁ, ଡ.ବସନ୍ତ ଦାସ ଯୋଗଦେଇଥିଲେ। ଅତିଥିମାନେ ସମ୍ମିଳନୀର ପୁସ୍ତିକା ଉନ୍ମୋଚନ କରିଥିଲେ। ଆସୋସିଏଶନ୍ ଅଫ୍ ଆକ୍ୱାକଲ୍ଚରିଷ୍ଟର ସଚିବ ଡ.ଶୈଳେସ ସୌରଭ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶିବାଜୀ ପାର୍କରେ ଦଶହରା ରାଲି କରିବେ ଉଦ୍ଧବ ଶିବସେନା

## ହାଇକୋର୍ଟରୁ ମିଳିଲା ଅନୁମତି

ମୁମ୍ବାଇ,୨୩।୯

ମୁମ୍ବାଇର ଶିବାଜୀ ପାର୍କରେ ଅକ୍ଟୋବର ୫ରେ ଦଶହରା ରାଲି ଆୟୋଜନ କରିବା ଲାଗି ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ଶିବସେନାକୁ ବମ୍ବେ ହାଇକୋର୍ଟ ଶୁକ୍ରବାର ଅନୁମତି ପ୍ରଦାନ କରିଛନ୍ତି। ଅଦାଲତ ମ୍ୟୁନିସିପାଲ କାଉନସିଲ୍‌ର ନିର୍ଦ୍ଦେଶନାମାକୁ ଖାରଜ କରିଦେଇଛନ୍ତି। ବୃହନ୍ମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ (ବିଏମ୍‌ସି) ଆବେଦନକାରୀ ପିଟିଶନ ଉପରେ ନିଷ୍ପତ୍ତି ନେବାବେଳେ କ୍ଷମତାର ଦୁରୁପଯୋଗ କରିଥିବା ହାଇକୋର୍ଟ ଟିପ୍ପଣୀ ଦେଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶନାମା ସହ ପୁନର୍ବାର ବିଏମ୍‌ସିରେ ଆବେଦନ କରି ଅନୁମତି ନେବା ଲାଗି ଉଦ୍ଧବ ଗୋଷ୍ଠୀଙ୍କୁ କୁହାଯାଇଛି। ଶିବାଜୀ ପାର୍କରେ ବାର୍ଷିକ ଦଶହରା ରାଲି ଆୟୋଜନ ଲାଗି ଅନୁମତି ନିମନ୍ତେ ବିଏମ୍‌ସିକୁ ନିର୍ଦ୍ଦେଶ ଦେବା ପାଇଁ ଉଦ୍ଧବଙ୍କ ନେତୃତ୍ୱାଧୀନ ଶିବସେନା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା।



ବମ୍ବେ ହାଇକୋର୍ଟଙ୍କ ଅନୁମତି ପରେ ଖୁସି ମନାଉଛନ୍ତି ଉଦ୍ଧବଙ୍କ ଶିବସେନା କର୍ମୀ।

# ରାଜସ୍ଥାନ ମୁଖ୍ୟମନ୍ତ୍ରୀଙ୍କ ସମ୍ପର୍କରେ ନିଷ୍ପତ୍ତି ନେବେ ସୋନିଆ

ଜୟପୁର,୨୩।୯

ରାଜସ୍ଥାନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଅଶୋକ ଗେହଲଟ ଦଳର ଅଧ୍ୟକ୍ଷ ପଦ ଲାଗି ହେବାକୁ ଥିବା ନିର୍ବାଚନ ନିମନ୍ତେ ନାମାଙ୍କନପତ୍ର ଦାଖଲ କରିବେ। କେରଳରେ ଦଳର ନେତା ରାହୁଲ ଗାନ୍ଧୀଙ୍କୁ ଭେଟିବା ପରେ ଶୁକ୍ରବାର ଗେହଲଟ ଏହା କହିଛନ୍ତି। କିଏ ରାଜସ୍ଥାନର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ, ସେ ସମ୍ପର୍କରେ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏବଂ ରାଜ୍ୟ ଦାୟିତ୍ୱରେ ଥିବା ସାଧାରଣ ସମ୍ପାଦକ ଅଜୟ ମାକେନ ନିଷ୍ପତ୍ତି ନେବେ ବୋଲି ଗେହଲଟ ସୂଚନା ଦେଇଛନ୍ତି। ରାହୁଲଙ୍କୁ ଅଧ୍ୟକ୍ଷ କରାଇବା ଲାଗି ବିଭିନ୍ନ ରାଜ୍ୟ କଂଗ୍ରେସ କମିଟି ପ୍ରସ୍ତାବ ଗୃହୀତ କରାଇଛନ୍ତି। ଗେହଲଟ ତାଙ୍କୁ ଭେଟି ନିଷ୍ପତ୍ତି ବଦଳାଇବା ଲାଗି ଅନୁରୋଧ କରିଥିଲେ। ତେବେ ଗାନ୍ଧୀ ପରିବାରରୁ କେହି ଅଧ୍ୟକ୍ଷ ହେବେ ନାହିଁ, ଏହା ଚୂଡ଼ାନ୍ତ ନିଷ୍ପତ୍ତି ବୋଲି ରାହୁଲ ସ୍ପଷ୍ଟ କରିଦେଇଥିବା ଗେହଲଟ ଗଣମାଧ୍ୟମକୁ କହିଛନ୍ତି।

ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବା ସମ୍ପର୍କିତ ପ୍ରଶ୍ନରେ ଗେହଲଟ୍ କହିଥିଲେ, ଯିଏ କଂଗ୍ରେସ ଅଧ୍ୟକ୍ଷ ହେବେ ଏବଂ ଆଜି ପର୍ଯ୍ୟନ୍ତ ଯେଉଁମାନେ ଅଧ୍ୟକ୍ଷ ହୋଇଛନ୍ତି, ସେମାନେ ମୁଖ୍ୟମନ୍ତ୍ରୀ ପଦରେ ରହିନାହାନ୍ତି। ଯଦି ତାଙ୍କୁ ଦଳ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବାର ସୁଯୋଗ ମିଳେ, ତେବେ ସେ କେବଳ ସେହି ପଦବୀ ପାଇଁ କାର୍ଯ୍ୟ କରିବେ। ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କିଏ ହେବେ, ସେନେଇ ସୋନିଆ ଗାନ୍ଧୀ ଓ ମାକେନ ଏକତ୍ର ନିଷ୍ପତ୍ତି ନେବେ ବୋଲି ଗେହଲଟ ସୂଚନା ଦେଇଛନ୍ତି। ସେହିପରି ଅନ୍ୟତମ ମୁଖ୍ୟମନ୍ତ୍ରୀ ଦାବିଦାର ସଚିନ ପାଇଲଟଙ୍କୁ ପରବର୍ତ୍ତୀ ନିଷ୍ପତ୍ତି ପର୍ଯ୍ୟନ୍ତ ଜୟପୁରରେ ରହିବା ଏବଂ ବିଧାୟକମାନଙ୍କୁ ଭେଟିବା ଲାଗି ଦଳ ହାଇକମାଣ୍ଡ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। କେରଳରେ ରାହୁଲଙ୍କ ସହ ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହେବା ପରେ ସଚିନ ଶୁକ୍ରବାର ଜୟପୁର ଫେରି ନିଷ୍ପତ୍ତିକୁ ଅପେକ୍ଷା କରିଥିବା ଜଣାପଡ଼ିଛି। ତାଙ୍କ ବ୍ୟତୀତ ସି.ପି. ଜୋଷୀ ଏବ ବି.ଡି. କାଲ୍ଲା ମଧ୍ୟ ମୁଖ୍ୟମନ୍ତ୍ରୀ ହେବା ଲାଗି ଲବି ଚଲାଇଥିବା କୁହାଯାଉଛି।



ସୋନିଆ ଗାନ୍ଧୀ

# ଦଳ ଛାଡ଼ିଲେ ଭାଜପା ବିଧାୟକ

ଅଗରତାଲା,୨୩।୯: ତ୍ରିପୁରାରେ ଭାଜପାକୁ ଏକ ଝଟ୍‌କା ଲାଗିଛି। ରାଜ୍ୟର କାର୍ବୁକ ବିଧାନସଭାର ବିଧାୟକ ବୁର୍ବା ମୋହନ ଦଳରୁ ଇସ୍ତଫା ଦେଇଛନ୍ତି। ସେ ଟିପ୍ରା ମୋଥା ପାର୍ଟିରେ ଯୋଗଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଶୁକ୍ରବାର ବୁର୍ବା ମୋହନ ତ୍ରିପୁରା ବିଧାନସଭା ସଦସ୍ୟ ପଦରୁ ମଧ୍ୟ ଇସ୍ତଫା ଦେଇଛନ୍ତି। ସୂଚନାଯୋଗ୍ୟ, ବିଧାୟକ ବୁର୍ବା ତାଙ୍କ ଇସ୍ତଫା ପତ୍ରରେ ବିଧାନସଭା ସଦସ୍ୟତା ଛାଡିବା ପାଇଁ ବ୍ୟକ୍ତିଗତ କାରଣ ଦର୍ଶାଇଛନ୍ତି। ଅନ୍ୟପଟେ ବିଧାନସଭା ବାଚସ୍ପତି ରତନ ଚକ୍ରବର୍ତ୍ତୀ କହିଛନ୍ତି, ଶୁକ୍ରବାର ବିଧାୟକ ବୁର୍ବା ତାଙ୍କୁ ଭେଟିଥିଲେ। ଏଥିସହ ବ୍ୟକ୍ତିଗତ କାରଣ ଦର୍ଶାଇ ତାଙ୍କ ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି ବୋଲି ବାଚସ୍ପତି କହିଛନ୍ତି। ଏହି ସମୟରେ ତାଙ୍କ ସହ ଟିପ୍ରା ମୋଥା ପାର୍ଟିର ଅଧ୍ୟକ୍ଷ ପ୍ରଦୋତ କିଶୋର ମାଣିକିଆ ଦେବବର୍ମା ସାମିଲ ଥିଲେ।

# ଭାରତ ଯୋଡ଼ୋ ଯାତ୍ରା ଆୟୋଜକଙ୍କୁ ଭର୍ତ୍ସନା

କୋଚି,୨୩।୯(ପି.ଟି.): କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା ପାଇଁ ଜାତୀୟ ରାଜପଥ ସମେତ ବିଭିନ୍ନ ରାସ୍ତା ପାର୍ଶ୍ୱରେ ଫ୍ଲେକ୍ସ ବୋର୍ଡ ଓ ବ୍ୟାନର ଲଗାଯାଇଥିବାରୁ ଏହାର ଆୟୋଜକଙ୍କୁ କେରଳ ହାଇକୋର୍ଟ ଭର୍ତ୍ସନା କରିଛନ୍ତି। ପୋଲିସ ସମେତ ବିଭିନ୍ନ ସରକାରୀ ବିଭାଗ ଏଥିପ୍ରତି ଆଖିବୁଜି ଦେଇଥିବା ହାଇକୋର୍ଟ କହିଛନ୍ତି। ଅଦାଲତ ଓ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶନାମାକୁ ଜନସାଧାରଣ ଏବଂ ବିଭିନ୍ନ ସଂସ୍ଥା ଆଦୌ ସମ୍ମାନ ନ ଜଣାଇବା ଦୁଃଖଦାୟକ ବୋଲି ଜଷ୍ଟିସ୍ ଦେବନ ରାମଚନ୍ଦ୍ରନ କହିଛନ୍ତି। ଭାରତ ଯୋଡ଼ୋ ଯାତ୍ରା ଆୟୋଜକ ବେଆଇନ ଭାବେ ରାସ୍ତାସାରା ବିରାଟ ବୋର୍ଡ, ବ୍ୟାନର ଏବଂ ପତାକା ଲଗାଯାଇଥିବା ଆମିକସ୍ କ୍ୟୁରି ହରିଶ ବାସୁଦେବନ ଫଟୋ ସହ ରିପୋର୍ଟ ଦାଖଲ କରିଥିଲେ। ଏହାର ଜରୁରି ଶୁଣାଣି ବେଳେ ହାଇକୋର୍ଟ ଉପରୋକ୍ତ ମତ ଦେଇଛନ୍ତି। ଏଥିସହିତ ସ୍ୱାୟତ୍ତ ଶାସନ ବିଭାଗର ପ୍ରମୁଖ ସଚିବ ଏବଂ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ତୁରନ୍ତ ଜବାବ ଦାଖଲ କରିବା ଲାଗି ଉଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।




# ନୀତୀଶ ବିଶ୍ୱାସଘାତ କରିଛନ୍ତି: ଶାହା

ପୂର୍ଣ୍ଣିଆ,୨୩।୯

ପ୍ରଧାନମନ୍ତ୍ରୀ ହେବାକୁ ଚାହୁଁଥିବା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଆର୍‌ଜେଡି ଏବଂ କଂଗ୍ରେସ ସହ ହାତ ମିଳାଇବା ପାଇଁ ଭାଜପାକୁ ପଛରୁ ଛୁରିକାଘାତ କରିଛନ୍ତି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଶୁକ୍ରବାର କହିଛନ୍ତି। ବିହାରରେ ଭାଜପା ପୂର୍ଣ୍ଣ ସଂଖ୍ୟାଗରିଷ୍ଠତାର ସହ ସରକାର ଗଢ଼ିବ ବୋଲି ଏଠାକୁ ଦୁଇଦିନିଆ ଗସ୍ତରେ ଆସିଥିବା ଶାହା କହିଛନ୍ତି। ନୀତୀଶଙ୍କର ପୂର୍ବ ନୀତି ଆଦର୍ଶ ଆଉ ନାହିଁ। ସେ ଜାତିଭିତ୍ତିକ ରାଜନୀତି ପାଇଁ ସମାଜବାଦକୁ ଜଳାଞ୍ଜଳି ଦେଇଛନ୍ତି। ନିଜ ଚୌକି ସୁରକ୍ଷିତ ରଖିବା ତାଙ୍କର ଏକମାତ୍ର ନୀତି ହୋଇଛି। ୨୦୨୪ ଲୋକ ସଭା ନିର୍ବାଚନରେ ଜନସାଧାରଣ ମହାଗଠବନ୍ଧନକୁ ବିହାରରୁ ମୂଳପୋଛ କରିଦେବେ। ୨୦୨୫ ବିଧାନସଭା ନିର୍ବାଚନରେ ଭାଜପା ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ସହ ସେଠାରେ ସରକାର ଗଢ଼ିବ ବୋଲି ପୂର୍ଣ୍ଣିଆରେ ଭାଜପା ରାଲିକୁ ସମ୍ବୋଧିତ କରି ଶାହା କହିଛନ୍ତି। ବରିଷ୍ଠ ଭାଜପା ନେତା ବିହାରର ଦଳୀୟ ଏମ୍‌ପି, ବିଧାୟକ ଓ ଅନ୍ୟ ନେତାମାନଙ୍କ ସହ ଏକାଧିକ ବୈଠକ କରିଥିଲେ। ନୀତୀଶ ଭାଜପା ସହ ସମ୍ପର୍କ ଛିନ୍ନ କରି ମହାଗଠବନ୍ଧନ ସରକାର ଗଢ଼ିବା ପରେ ଏହା ଶାହାଙ୍କର ପ୍ରଥମ ବିହାର ଗସ୍ତ।



ଅମିତ୍ ଶାହା

# ୨୫ ହଜାର କାର୍ଯ୍ୟକର୍ତ୍ତାଙ୍କୁ ସମ୍ବୋଧିତ କରିବେ ନଡ୍ଡା

ଭୁବନେଶ୍ୱର,୨୩।୯(ବ୍ୟୁରୋ)

■ ନଡ୍ଡାଙ୍କ ଗସ୍ତ ସଫଳ କରିବାକୁ ଭାଜପାର ଘନ ଘନ ବୈଠକ

■ ଦାୟିତ୍ୱ ନେଇଥିବା ନେତାଙ୍କୁ ଚାଲିଛି ହିସାବ ମଗା

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡାଙ୍କ ଓଡ଼ିଶା ଆଗମନ ନେଇ ଦଳୀୟ କାର୍ଯ୍ୟାଳୟ କିଛିଦିନ ହେଲା ଚଳଚଞ୍ଚଳ ହୋଇ ଉଠିଛି। ନଡ୍ଡାଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଦଳର ଏବେ ଘନ ଘନ ବୈଠକ ଅନୁଷ୍ଠିତ ହେଉଛି। ତେବେ ଶୁକ୍ରବାର ଭାଜପା କ୍ଷେତ୍ର ପ୍ରଭାରୀ ସୁନୀଲ ବଂଶଲ ଦ୍ୱିପ୍ରହର ସମୟରେ ଓଡ଼ିଶା ଗସ୍ତରେ ଆସି ପହଞ୍ଚିଛନ୍ତି। ତେବେ ନଡ୍ଡାଙ୍କ ଏହା ପ୍ରଥମ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ଥିବାବେଳେ ବଂଶଲ ମଧ୍ୟ ନୂଆକରି କିଛିଦିନ ହେଲା ଦାୟିତ୍ୱ ସମ୍ଭାଳିଛନ୍ତି। ତେଣୁ ରାଷ୍ଟ୍ରୀୟ ସଭାପତିଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ କିପରି ସଫଳ ହେବ ସେନେଇ ଚାଲିଛି ମାନସମନ୍ଥନ। ଓଡ଼ିଶାର ଯେଉଁ ନେତାମାନେ ଯାହାକିଛି ଦାୟିତ୍ୱ ନେଇଛନ୍ତି ସେମାନଙ୍କ ସହ ତନ୍ନତନ୍ନ କରି ବଂଶଲ ଆଲୋଚନା ଚଲାଇଥିବା ଜଣାପଡିଛି।

ତେବେ ନଡ୍ଡା ଓଡ଼ିଶାରେ ପହଞ୍ଚିବାପରେ ୨୯ ତାରିଖରେ ହିଁ ଜନତା ମଇଦାନଠାରେ ୨୫ ହଜାର କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେବ। ତେବେ କାର୍ଯ୍ୟକର୍ତ୍ତାମାନେ କିପରି ଆସି ଏଠାରେ ପହଞ୍ଚିବେ ସେନେଇ ପ୍ରସ୍ତୁତି ଚାଲିଛି। ଏହି ସଭାକୁ ଶକ୍ତି କେନ୍ଦ୍ର ବୋଲି କୁହାଯାଉଛି। ସେହି କାର୍ଯ୍ୟକ୍ରମ ଶେଷ କରିବା ପରେ ଦଳୀୟ ବିଧାୟକ ଏବଂ ଏମ୍‌ପିମାନଙ୍କ ସହିତ ସେ ଆଲୋଚନା କରିବେ। ଏହାପରେ ସେହିଦିନ ସନ୍ଧ୍ୟାରେ ପୁରୀ ଗସ୍ତରେ ବାହାରିବେ। ପୁରୀରେ ରାତ୍ରିଯାପନ କରିବା ପରେ ୩୦ ତାରିଖ ସକାଳୁ ଜଗନ୍ନାଥଙ୍କ ଦର୍ଶନ ସାରି ସିଧା ଓଲଟପୁର ଠାରେ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯିବେ। ସେଠାରୁ ଫେରିବା ପରେ କେତେଜଣ କାର୍ଯ୍ୟକର୍ତ୍ତା ଏବଂ ନେତାଙ୍କୁ ନେଇ ଆଉ ଏକ ବୈଠକ କରିବେ। ଏହାପରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରିବେ। ଶେଷରେ ଏକ ବୁଥ୍‌କୁ ଯାଇ ଜଣେ କାର୍ଯ୍ୟକର୍ତ୍ତାଙ୍କ ଘରେ ଭୋଜନ କରି ସେହିଦିନ ହିଁ ନଡ୍ଡା ଦିଲ୍ଲୀ ଫେରିଯିବା କାର୍ଯ୍ୟକ୍ରମ ରହିଛି। ଏହିସବୁ କାର୍ଯ୍ୟକ୍ରମ କିପରି ସଫଳ ହେବ ତାକୁ ନେଇ ବଂଶଲ ଘନ ଘନ ବୈଠକ ଚଳାଇଛନ୍ତି। ଅନ୍ୟପଟେ ନଡ୍ଡାଙ୍କୁ ବିମାନବନ୍ଦରଠାରୁ ସ୍ୱାଗତ କରିବା ଲାଗି ଏକ ବିଶାଳ ରାଲିର ଆୟୋଜନ ମଧ୍ୟ କରାଯାଉଛି।


## ନିର୍ବାଚନ ଅଧିକାରୀ, ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ, ଆସିକା

### ନିର୍ବାଚନ କାର୍ଯ୍ୟସୂଚୀର ବିଜ୍ଞାପନ

ପତ୍ର ସଂଖ୍ୟା–୦୬ ତା.୨୩.୦୯.୨୦୨୨

ଓଡ଼ିଶା ସମବାୟ ସମିତି (କମିଟିର ନିର୍ବାଚନ) ନିୟମାବଳୀ, ୧୯୯୨ର ନିୟମ (୫) ଅନୁଯାୟୀ ଏବଂ ରାଜ୍ୟ ସମବାୟ ନିର୍ବାଚନ କମିଶନଙ୍କ ବିଜ୍ଞପ୍ତି ନଂ.୨୫୭୩ SCEC/Election–II 4/2022 ତା.୧୨.୦୮.୨୦୨୨ ରିଖରେ ପ୍ରଦତ୍ତ କ୍ଷମତା ବଳରେ ଆମ୍ଭେ ଶ୍ରୀ ସଞ୍ଜୟ କୁମାର ସାମନ୍ତରା, ତହସିଲଦାର, ଆସିକା ତଥା ନିର୍ବାଚନ ଅଧିକାରୀ, ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ଆସିକାର ସମସ୍ତ ସଭ୍ୟ/ସଭ୍ୟାମାନଙ୍କର ଅବଗତି ନିମନ୍ତେ ଅନୁସୂଚୀ (କ) ପ୍ରକାରେ ନିର୍ବାଚନ କାର୍ଯ୍ୟକ୍ରମ ପ୍ରକାଶ କରୁଅଛୁ । ଉକ୍ତ ବ୍ୟାଙ୍କର ପରିଚାଳନା ପରିଷଦ ଗଠନ ନିମନ୍ତେ ୧୫ଟି ନିର୍ବାଚନ ମଣ୍ଡଳୀରୁ ଜଣେ ଲେଖାଏଁ ସଭ୍ୟ/ସଭ୍ୟାଙ୍କ ନିର୍ବାଚନ ଅନୁସୂଚୀ (ଖ) ପ୍ରକାରେ ଅନୁଷ୍ଠିତ ହେବ ।

ଅନୁସୂଚୀ–(କ)

| କ୍ର.ନଂ. | କାର୍ଯ୍ୟସୂଚୀ | ତାରିଖ | ସମୟ | ସ୍ଥାନ |
|---|---|---|---|---|
| ୧ | ପ୍ରାଥମିକ ଭୋଟର ତାଲିକା ପ୍ରକାଶନ (ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ପାଇଁ ସ୍ୱତନ୍ତ୍ର ଭାବରେ) । | ୨୬.୦୯.୨୦୨୨ ଠାରୁ ୨୯.୦୯.୨୦୨୨ | ପୂର୍ବାହ୍ନ ୧୧ ଘଟିକା | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ଏବଂ ସମସ୍ତ ଶାଖା କାର୍ଯ୍ୟାଳୟର ନୋଟିସ ବୋର୍ଡରେ |
| ୨ | ପ୍ରାଥମିକ ଭୋଟର ତାଲିକା ଉପରେ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ ଦାଖଲ । | ୩୦.୦୯.୨୦୨୨ | ପୂର୍ବାହ୍ନ ୧୧ ଘଟିକାଠାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟଠାରେ |
| ୩ | ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ପ୍ରାପ୍ତ ଅଭିଯୋଗର ଶୁଣାଣି ଓ ନିଷ୍ପତ୍ତି । | ୦୩.୧୦.୨୦୨୨ | ପୂର୍ବାହ୍ନ ୧୧ ଘଟିକାଠାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟଠାରେ |
| ୪ | ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ । | ୦୫.୧୦.୨୦୨୨ | ପୂର୍ବାହ୍ନ ୧୧ ଘଟିକାରେ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ନୋଟିସ ବୋର୍ଡରେ |
| ୫ | ନିର୍ବାଚନ ଅଧିକାରୀଙ୍କ ନିକଟରେ ନିର୍ଦ୍ଧାରିତ ଫିସ୍ ଓ ଅମାନତ ସହ ମନୋନୟନ ପତ୍ର ଦାଖଲ । | ୦୮.୧୦.୨୦୨୨ | ପୂର୍ବାହ୍ନ ୧୧ ଘଟିକାଠାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟଠାରେ |
| ୬ | ମନୋନୟନ ପତ୍ରର ତାଲିକା ପ୍ରକାଶନ । | ୦୮.୧୦.୨୦୨୨ | ଅପରାହ୍ନ ୫ ଘଟିକାରେ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ନୋଟିସ ବୋର୍ଡରେ |
| ୭ | ମନୋନୟନ ପତ୍ର ଯାଞ୍ଚ ଓ ଏହା ଉପରେ (ଉପଯୁକ୍ତ ପ୍ରମାଣ ପତ୍ର ସହ) ଲିଖିତ ଅଭିଯୋଗ ଗ୍ରହଣ । | ୧୦.୧୦.୨୦୨୨ | ପୂର୍ବାହ୍ନ ୧୧ ଘଟିକାଠାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟଠାରେ |
| ୮ | ଅଭିଯୋଗ ଉପରେ ନିର୍ବାଚନ ଅଧିକାରୀଙ୍କ ଶୁଣାଣି । | ୧୧.୧୦.୨୦୨୨ | ପୂର୍ବାହ୍ନ ୧୧ ଘଟିକାଠାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟଠାରେ |
| ୯ | ଅଭିଯୋଗ ଖଣ୍ଡନ ଉପରେ ଶୁଣାଣି ଓ ନିର୍ବାଚନ ଅଧିକାରୀଙ୍କ ନିଷ୍ପତ୍ତି । | ୧୨.୧୦.୨୦୨୨ | ପୂର୍ବାହ୍ନ ୧୧ ଘଟିକାଠାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟଠାରେ |
| ୧୦ | ସଠିକ ପ୍ରାର୍ଥୀ ତାଲିକା ପ୍ରକାଶନ । | ୧୩.୧୦.୨୦୨୨ | ପୂର୍ବାହ୍ନ ୧୧ ଘଟିକାରେ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ନୋଟିସ ବୋର୍ଡରେ |
| ୧୧ | ମନୋନୟନ ପତ୍ର ପ୍ରତ୍ୟାହାର | ୧୪.୧୦.୨୦୨୨ | ପୂର୍ବାହ୍ନ ୧୧ ଘଟିକାଠାରୁ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟଠାରେ |
| ୧୨ | ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ସଂକେତ ସହ ପ୍ରକାଶନ । | ୧୫.୧୦.୨୦୨୨ | ପୂର୍ବାହ୍ନ ୧୧ ଘଟିକାରେ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ନୋଟିସ ବୋର୍ଡରେ |
| ୧୩ | ଆବଶ୍ୟକ ସ୍ଥଳେ ଭୋଟ ଗ୍ରହଣ । | ୩୦.୧୦.୨୦୨୨ | ପୂର୍ବାହ୍ନ ୭ ଘଟିକାଠାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ | ହରିହର ହାଇସ୍କୁଲ, ଆସିକାଠାରେ |
| ୧୪ | ଭୋଟ ଗଣତି ଓ ଫଳାଫଳ ଘୋଷଣା | ୩୦.୧୦.୨୦୨୨ | ଅପରାହ୍ନ ୪ ଘଟିକା ପରେ | ହରିହର ହାଇସ୍କୁଲ, ଆସିକାଠାରେ |

ଅନୁସୂଚୀ–(ଖ)

ପ୍ରତ୍ୟେକ ନିର୍ବାଚନମଣ୍ଡଳୀରୁ ଜଣେ ଲେଖାଏଁ ପ୍ରାର୍ଥୀ କମିଟିକୁ ନିର୍ବାଚିତ ହେବେ ।

| ନିର୍ବାଚନମଣ୍ଡଳୀର ସଂଖ୍ୟା | କେଉଁ ବର୍ଗ ପାଇଁ ଉଦ୍ଦିଷ୍ଟ |
|---|---|
| ୧ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) (WOMEN) |
| ୨ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୩ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୪ | ଅଣ ସଂରକ୍ଷିତ (unreserved) |
| ୫ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୬ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୭ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୮ | ଅନୁସୂଚିତ ଜାତି (Scheduled Caste) |
| ୯ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୧୦ | ମହିଳା (WOMEN) |
| ୧୧ | ଅଣ ସଂରକ୍ଷିତ (unreserved) |
| ୧୨ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) (WOMEN) |
| ୧୩ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୧୪ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୧୫ | ଅନ୍ୟାନ୍ୟ ପଛୁଆ ବର୍ଗ /ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |

ବି.ଦ୍ର.(୧) ଚୂଡ଼ାନ୍ତ ଭୋଟର ତାଲିକାର କପି ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟରୁ ପ୍ରାଧିକୃତ ଅଧିକାରୀଙ୍କଠାରୁ ନିର୍ଦ୍ଧାରିତ ମୂଲ୍ୟରେ ସଭ୍ୟ/ ସଭ୍ୟାମାନେ କିଣିପାରିବେ ।
(୨) ଇଚ୍ଛୁକ ପ୍ରାର୍ଥୀମାନେ ଦରଖାସ୍ତ ସହ ଟ.୧୦/– ବ୍ୟାଙ୍କର ମୁଖ୍ୟ ଶାଖାରେ ଦାଖଲ କରି ବ୍ୟାଙ୍କର ଏଷ୍ଟାବ୍ଲିଶମେଣ୍ଟ ବିଭାଗରୁ ମନୋନୟନ ପତ୍ର କ୍ରୟ କରିପାରିବେ ।
(୩) ସଂରକ୍ଷିତ ବର୍ଗ ନିମନ୍ତେ ଇଚ୍ଛୁକ ପ୍ରାର୍ଥୀମାନେ ନିର୍ବାଚନ ଫିସ୍ ବାବଦକୁ ଟ.୧୨୦/– ଓ ଅମାନତ ବାବଦକୁ ଟ.୨୪୦/– ଟଙ୍କା ଏବଂ ଅଣ ସଂରକ୍ଷିତ ବର୍ଗ ନିମନ୍ତେ ଇଚ୍ଛୁକ ପ୍ରାର୍ଥୀ ନିର୍ବାଚନ ଫିସ୍ ବାବଦକୁ ଟ. ୬୦୦/– ଓ ଅମାନତ ବାବଦକୁ ଟ.୧୨୦୦/– ପ୍ରାଧିକୃତ ଅଧିକାରୀଙ୍କ ନିକଟରେ ଦାଖଲ କରି ଉକ୍ତ ରସିଦକୁ ମନୋନୟନ ପତ୍ର ସହ ଦାଖଲ କରିବେ (ମନୋନୟନ ପତ୍ର କ୍ରୟ ରସିଦ ଏଥିସହିତ ସଂଲଗ୍ନ କରାଯିବ) ।
(୪) ଭୋଟରମାନେ ଭୋଟଦାନ ସମୟରେ ଫଟୋ ଥିବା ପରିଚୟ ପତ୍ର ଯଥା କିଷାନ କ୍ରେଡିଟ୍ କାର୍ଡ, ଫଟୋ ପରିଚୟ ପତ୍ର, ଆଧାର କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ପେନସନ ବହି କିମ୍ବା କେନ୍ଦ୍ର/ରାଜ୍ୟ ସରକାରଙ୍କ ପ୍ରଦତ୍ତ ଯେକୌଣସି ଫଟୋ ଥିବା ପରିଚୟ ପତ୍ର ଇତ୍ୟାଦି ଆଣିବେ ।
(୫) କୌଣସି ସମିତିର ନାମ ଘୋଷଣା ପତ୍ର ମାଧ୍ୟମରେ ପ୍ରତିନିଧିତ୍ୱ କରୁଥିଲେ, କେବଳ ଗୋଟିଏ ସମିତି ପାଇଁ ନିର୍ବାଚନରେ ପ୍ରତିନିଧିତ୍ୱ କରିପାରିବେ, ତେଣୁ ସେ ଉକ୍ତ ସମିତିର ନାମ ଘୋଷଣା ପତ୍ର ମାଧ୍ୟମରେ ପ୍ରାଥମିକ ଭୋଟର ତାଲିକା ଉପରେ ଆପତ୍ତି ଅଭିଯୋଗ ସମୟରେ ଜଣାଇବେ, ନଚେତ ନିର୍ବାଚନ ଅଧିକାରୀ ଆଇନ ଅନୁସାରେ ନିଷ୍ପତ୍ତି ଗ୍ରହଣ କରିବେ ।

ସ୍ୱା/–(ଶ୍ରୀ ସଂଜୟ କୁମାର ସାମନ୍ତରା)
ତହସିଲଦାର, ଆସିକା
ନିର୍ବାଚନ ଅଧିକାରୀ, ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ଆସିକା



## ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ
## ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ., ବ୍ରହ୍ମପୁର, ଗଞ୍ଜାମ

ନୋଟିସ୍ ସଂଖ୍ୟା: ୧୫୧୦/୨୦୨୨–୨୩ ତା: ୨୩।୦୯।୨୦୨୨

### ନିର୍ବାଚନ କାର୍ଯ୍ୟସୂଚୀର ବିଜ୍ଞାପନ

ଓଡ଼ିଶା ସମବାୟ ସମିତି ଆଇନ୍ ୧୯୬୨, ଓଡ଼ିଶା ସମବାୟ ସମିତି (ପରିଚାଳନା ପରିଷଦ ନିର୍ବାଚନ) ନିୟମାବଳୀ ୧୯୯୨ର ନିୟମ ୫ ଅନୁଯାୟୀ, ରାଜ୍ୟ ସମବାୟ ନିର୍ବାଚନ ଆୟୋଗଙ୍କ ଆଦେଶନାମା ୨୫୭୩, ତା୧୨।୦୮।୨୦୨୨ ଅନୁସାରେ ଆମ୍ଭଠାରେ ନ୍ୟସ୍ତ ହୋଇଥିବା କ୍ଷମତା ଅନୁଯାୟୀ ଆମେ ଶ୍ରୀ ପର୍ଶୁରାମ ପାତ୍ର (ଓ.ସି.ଏସ୍), ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ, ବ୍ରହ୍ମପୁର ମଣ୍ଡଳ ତଥା ନିର୍ବାଚନ ଅଧିକାରୀ, ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ., ବ୍ରହ୍ମପୁର। ଏତଦ୍ୱାରା ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ., ବ୍ରହ୍ମପୁରର ସମସ୍ତ ସଭ୍ୟ/ସଭ୍ୟାଙ୍କ ଅବଗତି ନିମନ୍ତେ ଅନୁସୂଚୀ(କ) ପ୍ରକାରେ ନିର୍ବାଚନ କାର୍ଯ୍ୟକ୍ରମ ପ୍ରକାଶ କରୁଅଛୁ। ଉକ୍ତ ବ୍ୟାଙ୍କର ପରିଚାଳନା ପରିଷଦ ଗଠନ ନିମନ୍ତେ ୧୫ (ପନ୍ଦର) ଗୋଟି ନିର୍ବାଚନ ମଣ୍ଡଳୀରୁ ଜଣେ ଲେଖାଏଁ ସଭ୍ୟ/ସଭ୍ୟା ନିର୍ବାଚନ ଅନୁସୂଚୀ (ଖ) ପ୍ରକାରେ ଅନୁଷ୍ଠିତ ହେବ।

ଅନୁସୂଚୀ (କ)

| କ୍ର.ନଂ. | କାର୍ଯ୍ୟସୂଚୀ | ତାରିଖ | ସମୟ | ସ୍ଥାନ |
|---|---|---|---|---|
| ୧ | ପ୍ରାଥମିକ ଭୋଟର ତାଲିକା ପ୍ରକାଶନ | ୨୬।୦୯।୨୦୨୨ରିଖ ଠାରୁ ୨୯।୦୯।୨୦୨୨ | ପୂର୍ବାହ୍ନ ୧୧ ଘଟିକାଠାରୁ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ଓ ସମସ୍ତ ଶାଖା କାର୍ଯ୍ୟାଳୟର ନୋଟିସ ବୋର୍ଡ଼ରେ |
| ୨ | ପ୍ରାଥମିକ ଭୋଟର ତାଲିକା ଉପରେ ନିର୍ବାଚନ ଅଧିକାରୀଙ୍କ ନିକଟରେ ପ୍ରମାଣ ସହ ଲିଖିତ ଅଭିଯୋଗ ଦାଖଲ | ୩୦।୦୯।୨୦୨୨ | ପୂର୍ବାହ୍ନ ୧୧ ଘଟିକାଠାରୁ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟଠାରେ |
| ୩ | ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଅଭିଯୋଗ ଶୁଣାଣି ଓ ନିଷ୍ପତ୍ତି | ୦୩।୧୦।୨୦୨୨ | ପୂର୍ବାହ୍ନ ୧୧ ଘଟିକାଠାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟଠାରେ |
| ୪ | ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ | ୦୫।୧୦।୨୦୨୨ | ପୂର୍ବାହ୍ନ ୧୧ ଘଟିକାରେ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ଼ରେ |
| ୫ | ନିର୍ବାଚନ ଅଧିକାରୀଙ୍କ ନିକଟରେ ନିର୍ଦ୍ଧାରିତ ଫିସ୍ ଅମାନତ ସହ ମନୋନୟନ ପତ୍ର ଦାଖଲ | ୦୮।୧୦।୨୦୨୨ | ପୂର୍ବାହ୍ନ ୧୧ ଘଟିକାଠାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟରେ |
| ୬ | ମନୋନୟନ ପତ୍ରର ତାଲିକା ପ୍ରକାଶନ | ୦୮।୧୦।୨୦୨୨ | ଅପରାହ୍ନ ୫ ଘଟିକାରେ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ଼ରେ |
| ୭ | ମନୋନୟନ ପତ୍ର ଯାଞ୍ଚ ଓ ଏହା ଉପରେ ଉପଯୁକ୍ତ ପ୍ରମାଣ ସହ ଲିଖିତ ଅଭିଯୋଗ ଗ୍ରହଣ | ୧୦।୧୦।୨୦୨୨ | ପୂର୍ବାହ୍ନ ୧୧ ଘଟିକାଠାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟଠାରେ |
| ୮ | ଅଭିଯୋଗ ଉପରେ ନିର୍ବାଚନ ଅଧିକାରୀଙ୍କ ଶୁଣାଣି | ୧୧।୧୦।୨୦୨୨ | ପୂର୍ବାହ୍ନ ୧୧ ଘଟିକାଠାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟଠାରେ |
| ୯ | ଅଭିଯୋଗ ଖଣ୍ଡନ ଉପରେ ଶୁଣାଣି ଓ ନିର୍ବାଚନ ଅଧିକାରୀଙ୍କ ନିଷ୍ପତ୍ତି | ୧୨।୧୦।୨୦୨୨ | ପୂର୍ବାହ୍ନ ୧୧ ଘଟିକାଠାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟଠାରେ |
| ୧୦ | ସଠିକ୍ ପ୍ରାର୍ଥୀ ତାଲିକା ପ୍ରକାଶନ (ଚିହ୍ନ ସହିତ) | ୧୩।୧୦।୨୦୨୨ | ଅପରାହ୍ନ ୫ ଘଟିକାରେ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ଼ରେ |
| ୧୧ | ମନୋନୟନ ପତ୍ର ପ୍ରତ୍ୟାହାର | ୧୪।୧୦।୨୦୨୨ | ପୂର୍ବାହ୍ନ ୧୦ ଘଟିକାଠାରୁ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟରେ |
| ୧୨ | ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ସଙ୍କେତ ସହ ପ୍ରକାଶନ | ୧୫।୧୦।୨୦୨୨ | ଅପରାହ୍ନ ୧ ଘଟିକାରେ | ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ଼ରେ |
| ୧୩ | ଆବଶ୍ୟକସ୍ଥଳେ ଭୋଟ ଗ୍ରହଣ | ୩୦।୧୦।୨୦୨୨ | ପୂର୍ବାହ୍ନ ୭ଘଟିକାଠାରୁ ଅପରାହ୍ନ ୪ଘଟିକା ପର୍ଯ୍ୟନ୍ତ | ନିମ୍ନ ପ୍ରଦତ୍ତ ଭୋଟ ଗ୍ରହଣ କେନ୍ଦ୍ରଠାରେ |
| ୧୪ | ଭୋଟ ଗଣତି ଓ ଫଳାଫଳ ଘୋଷଣା | ୩୦।୧୦।୨୦୨୨ | ଭୋଟ ଗ୍ରହଣ ପରେ | ଭୋଟ ଗ୍ରହଣ କେନ୍ଦ୍ରଠାରେ |

ଭୋଟ ଗ୍ରହଣ କେନ୍ଦ୍ରମାନଙ୍କର ବିବରଣୀ

| କ୍ର.ନଂ. | ନିର୍ବାଚନ ମଣ୍ଡଳୀ ସଂଖ୍ୟା | ଭୋଟର ତାଲିକା | ଭୋଟ ଗ୍ରହଣ କେନ୍ଦ୍ର |
|---|---|---|---|
| ୧ | ୧୦ଠାରୁ ୧୨ ପର୍ଯ୍ୟନ୍ତ | ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ., ବ୍ରହ୍ମପୁର ସହ ସହ–ବନ୍ଧିତ ଗଞ୍ଜାମ ଜିଲ୍ଲାର ସମସ୍ତ ପ୍ରାଥମିକ ସମବାୟ ସମିତିର ନିର୍ବାଚିତ ପ୍ରତିନିଧି | ସିଟି ହାଇସ୍କୁଲ, ବ୍ରହ୍ମପୁର, ଗଞ୍ଜାମ |
| ୨ | ୧୩ଠାରୁ ୧୫ ପର୍ଯ୍ୟନ୍ତ | ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ., ବ୍ରହ୍ମପୁର ସହ ସହ–ବନ୍ଧିତ ଗଜପତି ଜିଲ୍ଲାର ସମସ୍ତ ପ୍ରାଥମିକ ସମବାୟ ସମିତିର ନିର୍ବାଚିତ ପ୍ରତିନିଧି | ଏମ.ଆର୍. ବାଳକ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି |

ଅନୁସୂଚୀ (ଖ)

ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରୁ ଜଣେ ଲେଖାଏଁ ପ୍ରାର୍ଥୀ/ପ୍ରାର୍ଥିନୀ କମିଟିକୁ ନିର୍ବାଚିତ ହେବେ

| ନିର୍ବାଚନ ମଣ୍ଡଳୀ ସଂଖ୍ୟା | କେଉଁ ବର୍ଗ ପାଇଁ ଉଦ୍ଦିଷ୍ଟ |
|---|---|
| ୧ | ଅଣସଂରକ୍ଷିତ (Unreserved) |
| ୨ | ଅନ୍ୟାନ୍ୟ ପଛୁଆବର୍ଗ/ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୩ | ମହିଳା (Women) |
| ୪ | ଅନୁସୂଚିତ (Scheduled Caste) |
| ୫ | ଅନ୍ୟାନ୍ୟ ପଛୁଆବର୍ଗ/ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୬ | ଅଣସଂରକ୍ଷିତ (Unreserved) |
| ୭ | ଅନ୍ୟାନ୍ୟ ପଛୁଆବର୍ଗ/ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) (Women) |
| ୮ | ଅନ୍ୟାନ୍ୟ ପଛୁଆବର୍ଗ/ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୯ | ଅନ୍ୟାନ୍ୟ ପଛୁଆବର୍ଗ/ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) (Women) |
| ୧୦ | ଅନ୍ୟାନ୍ୟ ପଛୁଆବର୍ଗ/ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୧୧ | ଅନ୍ୟାନ୍ୟ ପଛୁଆବର୍ଗ/ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୧୨ | ଅନ୍ୟାନ୍ୟ ପଛୁଆବର୍ଗ/ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୧୩ | ଅଣସଂରକ୍ଷିତ (Unreserved) |
| ୧୪ | ଅନ୍ୟାନ୍ୟ ପଛୁଆବର୍ଗ/ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |
| ୧୫ | ଅନ୍ୟାନ୍ୟ ପଛୁଆବର୍ଗ/ତଥା ସାମାଜିକ ଓ ଶିକ୍ଷା ଅନଗ୍ରସର ଶ୍ରେଣୀ (OBC/SEBC) |

ବି.ଦ୍ର.: (୧) ଚୂଡ଼ାନ୍ତ ଭୋଟର ତାଲିକାର କପି ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟରୁ ପ୍ରାଧିକୃତ ଅଧିକାରୀଙ୍କଠାରୁ ନିର୍ଦ୍ଧାରିତ ମୂଲ୍ୟରେ ସଭ୍ୟ/ସଭ୍ୟାମାନେ କିଣି ପାରିବେ।
(୨) ଇଚ୍ଛୁକ ପ୍ରାର୍ଥୀମାନେ ଦରଖାସ୍ତ ସହ ଟ.୧୦/– ବ୍ୟାଙ୍କର ମୁଖ୍ୟ ଶାଖା କାର୍ଯ୍ୟାଳୟରେ ଦାଖଲ କରି ବ୍ୟାଙ୍କର ଏଷ୍ଟାବ୍ଲିଶମେଣ୍ଟ ବିଭାଗରୁ ମନୋନୟନ ପତ୍ର କ୍ରୟ କରିପାରିବେ।
(୩) ସଂରକ୍ଷିତ ବର୍ଗ ନିମନ୍ତେ ଇଚ୍ଛୁକ ପ୍ରାର୍ଥୀମାନେ ନିର୍ବାଚନ ଫିସ୍ ବାବଦକୁ ଟ.୧୨୦/– ଓ ଅମାନତ ବାବଦକୁ ଟ.୨୪୦/– ଓ ଅଣସଂରକ୍ଷିତ ବର୍ଗ ନିମନ୍ତେ ଇଚ୍ଛୁକ ପ୍ରାର୍ଥୀ ନିର୍ବାଚନ ଫିସ୍ ବାବଦକୁ ଟ.୬୦୦/– ଓ ଅମାନତ ବାବଦକୁ ଟ.୧୨୦୦/– ପ୍ରାଧିକୃତ ଅଧିକାରୀଙ୍କ ନିକଟରେ ଦାଖଲ କରି ଉକ୍ତ ରସିଦକୁ ମନୋନୟନ ପତ୍ର ସହ ଦାଖଲ କରିବେ। (ମନୋନୟନ ପତ୍ର କ୍ରୟ ରସିଦ ଏଥି ସହିତ ସଂଲଗ୍ନ କରାଯିବ)।
(୪) ଭୋଟରମାନେ ଭୋଟଦାନ ସମୟରେ ଫଟୋ ଥିବା ପରିଚୟ ପତ୍ର ଯଥା: କିଷାନ କ୍ରେଡିଟ କାର୍ଡ଼, ଫଟୋ ପରିଚୟ ପତ୍ର, ଆଧାର କାର୍ଡ଼, ଡ୍ରାଇଭିଂ ଲାଇସେନ୍ସ, ପେନସନ ବହି କିମ୍ବା କେନ୍ଦ୍ର/ରାଜ୍ୟ ସରକାରଙ୍କର ପ୍ରଦତ୍ତ ଯେ କୌଣସି ଫଟୋ ଥିବା ପରିଚୟ ପତ୍ର ଇତ୍ୟାଦି ଆଣିବେ।
(୫) କୌଣସି ବ୍ୟକ୍ତି ଏକାଧିକ ସମିତିରେ ପ୍ରତିନିଧିତ୍ୱ କରୁଥିଲେ, କେବଳ ଗୋଟିଏ ସମିତି ପାଇଁ ନିର୍ବାଚନରେ ପ୍ରତିନିଧିତ୍ୱ କରିପାରିବେ, ତେଣୁ ସେ ଉକ୍ତ ସମିତିର ନାମ ଘୋଷଣା ପତ୍ର ମାଧ୍ୟମରେ ପ୍ରାଥମିକ ଭୋଟର ତାଲିକା ଉପରେ ଆପତ୍ତି ଅଭିଯୋଗ ସମୟରେ ଜଣାଇବେ, ନଚେତ ନିର୍ବାଚନ ଅଧିକାରୀ ଆଇନ ଅନୁସାରେ ନିଷ୍ପତ୍ତି ଗ୍ରହଣ କରିବେ।

ସ୍ୱା./– ଶ୍ରୀ ପର୍ଶୁରାମ ପାତ୍ର
ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ, ବ୍ରହ୍ମପୁର ମଣ୍ଡଳ
ତଥା ନିର୍ବାଚନ ଅଧିକାରୀ
ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ.



## SHOPPING
## INVITATION FOR BIDS (IFB)

**PP No. NHP-2022-2023 - OD - 169033**
**BID Reference No. NHP/ODGW/2022-23/WQLE/31-P5R**
**Dated: 22nd Sep. 2022**

No. A-529: The Chief Engineer & Director, GWD and Nodal Officer, NHP -Odisha invites tenders through e-Procurement platform online from eligible bidders for the work: **"Supply, Testing and Commissioning of Water Quality Lab Equipment under National Hydrology Project, Odisha" - Package - 5**. Bidding documents are available online on **www.tendersodisha.gov.in** which is free of cost. Bidders are advised to participate in the bidding process as per instructions given in bidding document.

| | | | |
|---|---|---|---|
| 1 | Start date of availability of Bid document (for downloading from e-procurement portal) | : | 26.09.2022 11.00 hrs. |
| 2 | Last date of availability of Bid document (for downloading from e-Procurement portal) | : | 10.10.2022 14.00 hrs. |
| 3 | Start Date of e-Bid Submission | : | 26.09.2022 11.30 hrs. |
| 4 | Last date of e-Bid submission | : | 10.10.2022 14.00 hrs. |
| 5 | Time & date of opening of bids in the portal | : | 10.10.2022 15.00 hrs. |

Further details can be seen from e-Procurement portal **https://tendersodisha.gov.in**.

**Sd./- Chief Engineer & Director, GWD and Nodal Officer, NHP - Odisha**

**OIPR-32407/11/0018/2223**



## GOVT. OF ODISHA
## OFFICE OF THE ENGINEER-IN-CHIEF
## WATER RESOURCES, ODISHA, BHUBANESWAR

**'e' Procurement Notice No. CEMKS 02 of 2022-23**
**Bid Identification No. CEMKS PRD ISS 01 of 2022-23**
**Tel. No.: 0674-2390185, e-mail: celmbbbsr@yahoo.co.in**

No. A-525: Online tenders are invited from the prospective bidders for Construction of **"In-stream Storage Structures across river Daya near Village Basantapur, District: Khurda, Odisha"** across river Daya of State of Odisha on EPC Contract.

| Name of Work | Class/EMD/Tender Fee/ Period of Completion |
|---|---|
| Construction of In-stream Storage Structures across river Daya near Villae: Basantapur, District: Khurda, Odisha across Daya river of State of Odisha including hydro-mechanical works, power connectivity works, road connectivity, staff quarters including survey, investigation, planning, design and estimate of all components with operation and maintenance of the project for a period of five years or five flood seasons whichever is more after successful commissioning of the project. | (1) Class - Super Class or equivalent Bidders. (2) EMD - Only the Bid Security Declaration to be furnished instead of EMD/ Bid Security. (3) Tender Fee - Rs.10,000/- to be transferred online (Non-refundable). (4) Period of Completion - 30 (Thirty) calendar months including rainy season |

| | | |
|---|---|---|
| A. | Period of Availability of Bidding Document | Dt.30.09.2022, 10.00 A.M. to Dt.14.11.2022 upto 5.00 P.M. |
| B. | Time and Date for Pre-bid Conference | Dt.15.10.2022 at 11.00 A.M. Procurement Cell of Chief Engineer & BM, MKS, Ground Floor, Room No. 103, O/o. Engineer-in-Chief, Water Resources, Secha Sadan, Bhubaneswar |
| C. | Last Date and Time for receipt of Bids | Dt.14.11.2022 upto 5.00 P.M. |
| D. | Place of Sale, Receipt of Bids | Online through e-procurement |
| E. | Time and Date of Opening of Technical Bid | Dt.15.11.2022 at 11.00 A.M. |
| F. | Place of Opening of Bids | Procurement Cell of Chief Engineer & BM, MKS, Ground Floor, Room No. 103, O/o. Engineer-in-Chief, Water Resources, Secha Sadan, Bhubaneswar |

Further details can be seen from the e-procurement portal **"https://tendersodisha.gov.in"**. Any addendum/corrigendum/cancellation to the above notice will be published in the Govt. website **www.tendersodisha.gov.in**.

**Sd./- Chief Engineer & Basin Manager**
**Mahanadi Kathajodi System, Bhubaneswar**

**OIPR-32252/11/0004/2223**

## ସଂକ୍ଷେପରେ

### ପୂଜାଛୁଟି ପରେ ଅନୁଚ୍ଛେଦ ୩୭୦ ଶୁଣାଣି

**ନୂଆଦିଲ୍ଲୀ,୨୩।୯:** ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଲାଗି କେନ୍ଦ୍ରର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଦାଏର ଏକାଧିକ ପିଟିଶନ୍‌ର ଶୁଣାଣି ପୂଜା ଛୁଟି ପରେ ହେବ। ଉକ୍ତ ପିଟିଶନଗୁଡ଼ିକୁ ଦଶହରା ଛୁଟି ପରେ ଶୁଣାଣି କରିବା ଲାଗି ତାଲିକାଭୁକ୍ତ କରାଯାଇଥିବା ସୁପ୍ରିମକୋର୍ଟ ଶୁକ୍ରବାର କହିଛନ୍ତି। ଗ୍ରୀଷ୍ମାବକାଶ ପରେ ପିଟିଶନଗୁଡ଼ିକର ଶୁଣାଣି ପାଇଁ ତାଲିକାଭୁକ୍ତ ହେବ ବୋଲି କୁହାଯାଇଥିବାବେଳେ ଏପର୍ଯ୍ୟନ୍ତ ହୋଇ ନ ଥିବା ଜଣେ ଆବେଦନକାରୀଙ୍କ ଓକିଲ ସିଜେଆଇ ୟୁ.ୟୁ. ଲଳିତଙ୍କ ଖଣ୍ଡପୀଠଙ୍କୁ ଜଣାଇଥିଲେ। ପୂର୍ବରୁ ୫ ଜଣିଆ ପୀଠରେ ଥିବା ଜଷ୍ଟିସ ଏନ୍.ଭି. ରମନା ଏବଂ ଜଷ୍ଟିସ୍ ଆର୍. ସୁଭାଷ ରେଡ୍ଡୀ ଅବସର ନେଇସାରିଥିବାରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ବିରୋଧରେ ପିଟିଶନଗୁଡ଼ିକର ଶୁଣାଣି ଲାଗି ନୂଆ ୫ ଜଣିଆ ପୀଠ ଗଠନ କରାଯିବ।

### ଲୁଟ୍‌ବେଳେ ଧରାପଡ଼ିଲେ ଜଣେ

**ଅନୁଗୋଳ ଅଫିସ, ୨୩।୯:** ଅନୁଗୋଳ ଜିଲା ତାଳଚେର ଥାନା ବେଲପଡ଼ା ନିକଟରେ ବନ୍ଧୁକ ଦେଖାଇ ଲୁଟ୍ ସମୟରେ ଜଣେ ଅଭିଯୁକ୍ତଙ୍କୁ ଧରି ସ୍ଥାନୀୟ ଲୋକେ ପୋଲିସ ଜିମା ଦେଇଛନ୍ତି। ଲୁଟ୍‌ର ଶିକାର ହୋଇଥିବା ଗୋଡ଼ିବନ୍ଧ ଅଞ୍ଚଳର ବିଶ୍ୱନାଥ ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୭୦୩/୨୨ରେ ମାମଲା ରୁଜୁ କରି ଅଭିଯୁକ୍ତ ବବୁଲୁ ନାଏକଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ପୋଲିସ କହିଛି, ବିଶ୍ୱନାଥଙ୍କୁ ବନ୍ଧୁକ ଦେଖାଇ ଦୁର୍ବୃତ୍ତମାନେ ୨ ହଜାର ଟଙ୍କା ଲୁଟପାଟ କରିଥିଲେ। ତାଙ୍କ ପାଟିଶୁଣି ସ୍ଥାନୀୟ ଲୋକେ ଗୋଡ଼ାଇ ଜଣଙ୍କୁ ମାଡ଼ି ବସିଥିଲେ। ଅନ୍ୟମାନେ ଫେରାର ହୋଇଯାଇଥିଲେ।

### ବାଇକ୍ ଦୁର୍ଘଟଣାରେ ୨ ମୃତ, ଜଣେ ଗୁରୁତର

**କେନ୍ଦ୍ରାପଡ଼ା ଅଫିସ/ ରାଜକନିକା, ୨୩।୯(ଡି.ଏନ.ଏ.):** କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ସିହୋପଡ଼ା ରାସ୍ତାର ଚଢେଇଖିଆ ପୋଲ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଏକ ବାଇକ୍ ଦୁର୍ଘଟଣା ଘଟିଥିଲା। ଏଥିରେ ୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ପେଗରପଡା ଗ୍ରାମର କିଶୋର ପଣ୍ଡାଙ୍କ ଏକମାତ୍ର ପୁଅ କୌଶିକ (୨୨)ଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ୫ ମାସ ପୂର୍ବରୁ ବିବାହ କରିଥିବା ଦାମ ସାହୁଙ୍କ ଏକମାତ୍ର ପୁଅ ଦୋଲଗୋବିନ୍ଦ (୨୭)ଙ୍କ ବିଳମ୍ବିତ ରାତିରେ କଟକଠାରେ ମୃତ୍ୟୁ ହୋଇଥିଲା। ପେଗରପଡା ଗାଁର ସୌଭାଗ୍ୟ ସାହୁ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ ମେଡିକାଲକୁ ପଠାଯାଇଛି। ପୋଲିସ ସୂଚନା ଅନୁଯାୟୀ, ସୌଭାଗ୍ୟ ଓ ଗ୍ରାମର ଦୋଲଗୋବିନ୍ଦ ସାହୁ, କୌଶିକ ପଣ୍ଡା ଗୋଟିଏ ବାଇକ୍‌ରେ ଘରକୁ ରାତିରେ ଫେରୁଥିଲେ। କୌଣସି କାରଣରୁ ନିକଟସ୍ଥ ଏକ ଗଛରେ ବାଡେଇ ହୋଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସୌଭଗ୍ୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଇଥିଲେ। ଦୁର୍ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ ହୋଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ୨ ମୃତଦେହ ଜବତ

**ବଇଣ୍ଡା,୨୩।୯(ଡି.ଏନ.ଏ.):** ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପୋଲିସ ଶୁକ୍ରବାର ଭିନ୍ନ ଭିନ୍ନ ସ୍ଥାନରୁ ୨ଟି ମୃତଦେହ ଜବତ କରିଛି। ପୋଲିସ କହିଛି, ଠାକୁରଗଡ଼ ଥାନା ମହାଧରପୁର ଗ୍ରାମ ପୋଖରୀରୁ କିଶୋରନଗର ଥାନା ବାଟିମୁଣ୍ଡା ଗ୍ରାମର ସିପୁନ ନାୟକଙ୍କ ମୃତଦେହ ଜବତ କରାଯାଇଛି। ସିପୁନ ୨୧ ତାରିଖରେ ଆଠମଲ୍ଲିକ ଅଞ୍ଚଳକୁ ଆସି ଘରକୁ ଫେରି ନ ଥିଲେ। ପୋଖରୀରେ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ପୋଲିସକୁ ସୂଚନା ଦେଇଥିଲେ। ଆଇଆଇସି ପୀତାମ୍ବର ମଲ୍ଲିକ ପହଞ୍ଚି ମୃତଦେହ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛନ୍ତି। ଏ ନେଇ ନମ୍ବର ୨୦/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସେହିପରି ଚିନ୍ତାମଣୀପୁର ଗ୍ରାମର ଏକ ମହୁଲ ଗଛରୁ ଝୁଲନ୍ତା ଅବସ୍ଥାରେ ସେହି ଗ୍ରାମର ବୈରାଗୀ ମାଝିଙ୍କ ମୃତଦେହ ଜବତ କରାଯାଇଛି। ପାରିବାରିକ କଳହକୁ ନେଇ ବୈରାଗୀ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଏ ନେଇ ନଂ. ୨୧/୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ଅନୁଗୋଳ ଅଫିସ, ୨୩।୯:** ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ୨୦୧୫ ମାର୍ଚ୍ଚ ୨୦ରେ ଘଟିଥିବା ଏକ ହତ୍ୟା ମାମଲାର ବିଚାର କରି ଜିଲା ଓ ଦୌରାଜଜ୍ ପ୍ରଣବ କୁମାର ପାତ୍ର ମୁଖ୍ୟ ଅଭିଯୁକ୍ତ ଶ୍ରୀପତି ପ୍ରଧାନଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ଆଜୀବନ କାରଦଣ୍ଡାଦେଶ ଦିଆଯାଇଥିବାବେଳେ ଅନ୍ୟ ଅଭିଯୁକ୍ତ ତଥା ମୃତକଙ୍କ ଦାଦା ସୁଧାକର ପ୍ରଧାନ, ଖୁଡ଼ୀ ଲୀଳାବତୀ ପ୍ରଧାନ ଏବଂ ଭାଉଜ ଚୁନି ପ୍ରଧାନଙ୍କୁ ୩ ମାସ ଜେଲ୍ ଦଣ୍ଡ ଶୁଣାଇଛନ୍ତି। ୧୪ ସାକ୍ଷୀଙ୍କ ବୟାନ ଭିତ୍ତିରେ ଅଦାଲତ ରାୟ ଦେଇଛନ୍ତି।

# ଓଡ଼ିଶା ହୋମ୍ସର ନିର୍ଦ୍ଦେଶକଙ୍କ ନାଁରେ ଲୁକ୍‌ଆଉଟ୍ ସର୍କୁଲାର୍

**ଫ୍ଲାଟ୍ ଦେବା ନାଁରେ ୨୦ କୋଟିରୁ ଊର୍ଦ୍ଧ୍ୱ ଠକେଇ ମାମଲା**

- ଅଗଷ୍ଟ ୨୪ରୁ ଗିରଫ ହୋଇ ଜେଲରେ ଅଛନ୍ତି ଏମ୍‌ଡି
- ମନୋଜଙ୍କ ସହ ଆଉ ଜଣେ ନିର୍ଦ୍ଦେଶକ ମଧ୍ୟ ଫେରାର ଅଛନ୍ତି
- ମୋବାଇଲ ନମ୍ବର ଜାରି, ସୂଚନାଦାତାଙ୍କୁ ମିଳିବ ପୁରସ୍କାର

ଭୁବନେଶ୍ୱର ୨୩।୯(ବ୍ୟୁରୋ)

ଫ୍ଲାଟ୍ ଦେବା ଆଳରେ ଓଡ଼ିଶା ହୋମ୍ସ ଆଣ୍ଡ୍ କମର୍ସିଆଲ୍ ପ୍ରାଇଭେଟ୍ ଲିମିଟେଡ୍ ଏକାଧିକ ଲୋକଙ୍କଠାରୁ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ତଦନ୍ତକୁ ଜୋରଦାର କରିଛି। ଫେରାର ଥିବା ସଂସ୍ଥାର ଅନ୍ୟତମ ନିର୍ଦ୍ଦେଶକ ମନୋଜ କୁମାର ପଣ୍ଡାଙ୍କ ନାଁରେ ଲୁକ୍‌ଆଉଟ୍ ସର୍କୁଲାର ଜାରି ହୋଇଛି। ଇଓଡବ୍ଲ୍ୟୁର ଅନୁରୋଧକ୍ରମେ କେନ୍ଦ୍ର ସରକାରଙ୍କ ବ୍ୟୁରୋ ଅଫ୍ ଇମିଗ୍ରେଶନ୍ (ବିଓଆଇ) ତାଙ୍କ ବିରୋଧରେ ଲୁକ୍‌ଆଉଟ୍ ସର୍କୁଲାର ଜାରି କରି ଦେଶର ସମସ୍ତ ଏୟାରପୋର୍ଟ ଓ ସି ବିଚ୍ ସମେତ ଅନ୍ୟାନ୍ୟ ଚେକ୍ ପୋଷ୍ଟରେ ଆଲର୍ଟ କରିଛି। ଏଥିସହ ଅଭିଯୁକ୍ତ ମନୋଜଙ୍କ ଉପରେ ନଜର ରଖିବାକୁ ଲ' ଏନ୍‌ଫୋର୍ସମେଣ୍ଟ ଏଜେନ୍ସି ଓ ପୋଲିସକୁ କୁହାଯିବା ସହ ବିଦେଶୀ ଲ' ଏନ୍‌ଫୋର୍ସମେଣ୍ଟ ଏଜେନ୍ସିଗୁଡ଼ିକ ସହ ଯୋଗାଯୋଗ ମଧ୍ୟ କରାଯାଉଛି। ଏହି


ମନୋଜ କୁମାର ପଣ୍ଡା

ମାମଲାରେ ପୂର୍ବରୁ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଅରବିନ୍ଦ ସାମନ୍ତରା ଗତ ଅଗଷ୍ଟ ୨୪ରୁ ଗିରଫ ହୋଇ ଜେଲରେ ଅଛନ୍ତି। ଗିରଫଦାରି ଭୟରେ ମନୋଜଙ୍କ ସହ ଅନ୍ୟତମ ନିର୍ଦ୍ଦେଶକ ସରୋଜ ପଣ୍ଡା ମଧ୍ୟ ଫେରାର ଅଛନ୍ତି। ତେଣୁ ଉଭୟଙ୍କ ବିଷୟରେ ସୂଚନା ଦେବାକୁ ଇଓଡବ୍ଲ୍ୟୁ ଶୁକ୍ରବାର ଏକ ମୋବାଇଲ ନଂ. ୮୮୯୫୩୦୧୫୩୯ ଜାରି କରିବା ସହ ପୁରସ୍କାର ଘୋଷଣା କରିଛି। ସୂଚନାଦାତାଙ୍କ ପରିଚୟ ଗୋପନ ରଖାଯିବ ବୋଲି ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, ରଞ୍ଜନ କୁମାର ମହାପାତ୍ର ଭୁବନେଶ୍ୱର କଳିଙ୍ଗ ଷ୍ଟୁଡିଓ ନିକଟ ସାମପୁର ମୌଜାରେ ୬୫ ଲକ୍ଷ ଟଙ୍କା ମୂଲ୍ୟର ଏକ ୩ ବିଏଚ୍‌କେ ଫ୍ଲାଟ୍ କିଣିବାକୁ ଓଡ଼ିଶା ହୋମ୍ସ ଆଣ୍ଡ୍ କମର୍ସିଆଲ୍ ପ୍ରାଇଭେଟ୍ ଲିମିଟେଡର 'ଗଣପତି ହୋମ୍ସ' ପ୍ରକଳ୍ପରେ ବୁକ୍ କରିଥିଲେ। ୨୦୧୬ ଜାନୁୟାରୀ ୨୨ରେ ଏନେଇ ଏକ ଚୁକ୍ତିନାମା ହୋଇଥିଲା। ୨୦୧୮ ଜୁନ୍ ଶେଷ ସୁଦ୍ଧା ଫ୍ଲାଟ୍ ହସ୍ତାନ୍ତର ହେବାର ଥିଲା। କିନ୍ତୁ ନିର୍ଦ୍ଧାରିତ ସମୟରେ ସଂସ୍ଥା କୌଣସି ଫ୍ଲାଟ ଦେଇ ନ ଥିଲା। ଏପରିକି ଟଙ୍କା ଫେରସ୍ତ କରି ନ ଥିଲେ କି ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଓ ନିର୍ଦ୍ଦେଶକମାନେ ଧରାଛୁଆଁ ଦେଇ ନ ଥିଲେ। ଠକେଇର ଶିକାର ହେବା ଜାଣି ରଞ୍ଜନ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ଗତ ଅଗଷ୍ଟ ୨୩ରେ ଏକ ମାମଲା (ନଂ.୧୪/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଜଣାପଡ଼ିଥିଲା, ୨୦୧୩ରୁ ୨୦୧୬ ମଧ୍ୟରେ ଅଭିଯୁକ୍ତମାନେ ବିଭିନ୍ନ ପ୍ରକଳ୍ପରେ ଫ୍ଲାଟ ଯୋଗାଇଦେବାକୁ ଆପରାଧିକ ଯୋଜନା କରିଥିଲେ। ସେମାନେ ୪୨ ଜଣଙ୍କଠାରୁ ପ୍ରାୟ ୨୦ କୋଟି ଟଙ୍କା ଠକିଥିବା ଜଣାପଡ଼ିଥିଲା। ଏମାନଙ୍କ ବ୍ୟତୀତ ଆହୁରି ଅନେକଙ୍କଠାରୁ ଅଭିଯୁକ୍ତମାନେ ଫ୍ଲାଟ୍ ଦେବା ଆଳରେ ବହୁ ଟଙ୍କା ଠକେଇ କରିଥିବା ଇଓଡବ୍ଲ୍ୟୁ ସୂଚନା ଦେଇଛି।

# ସରକାରୀ ଖାତାକୁ ଫେରିବ ୪୪ ଲକ୍ଷ

- ଭାପୁର ବ୍ଲକରେ ଦୁର୍ନୀତିଗ୍ରସ୍ତ ବିଡିଓଙ୍କ ସହ ୯ କର୍ମଚାରୀ ଗଣିବେ ତଣ୍ଡ
- ୩ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହୋଇଥିଲା ଫଲ୍‌ସ ବିଲ୍

ଭାପୁର, ୨୩।୯ (ଡି.ଏନ.ଏ.)

ନୟାଗଡ଼ ଜିଲା ଭାପୁର ବ୍ଲକରେ ବିନା କାମରେ କୋଟି କୋଟି ଟଙ୍କାର ଫଲ୍‌ସ ବିଲ୍ ହୋଇଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ମୁଖ୍ୟତଃ ବ୍ଲକର ବାଉଁଶବାଟି, ବାଘୁଆପଲ୍ଲୀ ଓ କେନ୍ଦୁପଲ୍ଲୀ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) କାମରେ ଏହି ଫଲ୍‌ସ ବିଲ୍ ହୋଇଥିଲା। ସ୍ଥିତି ଏମିତି ହୋଇଥିଲା ଯେ, ସାଧାରଣଜନତାଙ୍କଠାରୁ ଆରମ୍ଭ କରି ଜନପ୍ରତିନିଧି ମଧ୍ୟ ଆନ୍ଦୋଳନ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ ବିଭାଗୀୟ ତଦନ୍ତ କରାଯିବାରେ ଦୁର୍ନୀତି ସମ୍ପର୍କରେ ଜଣାପଡିଥିଲା। ପରେ ଏଥିରେ ବିଡିଓଙ୍କ ସହ ସମ୍ପୃକ୍ତ ଥିବା ୯ କର୍ମଚାରୀଙ୍କଠାରୁ ୪୪ ଲକ୍ଷ ୬୭ ହଜାର ୪୬୧ ଟଙ୍କା ଭରଣା କରାଯିବାକୁ ଜିଲାପାଳ ପୋମା ଟୁଡୁ ଗତ ୮ ତାରିଖରେ ଚିଠି ନଂ. ୨୯୨୫/୮।୯।୨୨ରେ ନିର୍ଦ୍ଦେଶ ଦେଇଥିଲେ। ଚିଠି ଆହୁରି ମଧ୍ୟ ଉଲ୍ଲେଖ ରହିଛି, ଏମାନଙ୍କ ନାଁରେ ଫତେଗଡ ଥାନାରେ ଅଭିଯୋଗ କରାଯିବ। ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ମଧ୍ୟରେ ଅଛନ୍ତି ସେତେବେଳର ବିଡିଓ ସତ୍ୟସୁନ୍ଦର ରାଉତ, ସହକାରୀ ନିର୍ବାହୀ ଯନ୍ତ୍ରୀ ବୃନ୍ଦାବନ ବରିହା, ମୁଖ୍ୟ କିରାଣି ଜଗଦୀଶ ଚନ୍ଦ୍ର ସେଠୀ, ଯନ୍ତ୍ରୀ ଅର୍ଦ୍ଧେନ୍ଦୁ ଶେଖର ଷଡଙ୍ଗୀ, ଏସିପି ଦେବେନ୍ଦ୍ର କୁମାର ନାୟକ, ଏପିଓ ଅରୁଣ କୁମାର ଚିନ୍ନାରା, ଜିଆରଏସ୍ ପ୍ରତିମା ସାହୁ, ଗାଁ ସାଥୀ ଗୋପୀନାଥ ଖୁଣ୍ଟିଆ ଓ ଅଖିଳ କୁମାର ମଲ୍ଲ। ସେହିପରି ଚିଠି ନଂ.୨୯୩୫/୮।୯।୨୨ରେ ଜିଆରଏସ୍ ସାହୁଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି।


ଜିଲା ପରିଷଦ, ନୟାଗଡ
ZILLA PARISHAD, NAYAGARH
Tel.No Off. 06753-291104
E-Mail- ori-dnayagarh@nic.in

No 2925 //Date 08.09.2022

To
The Block Development Officer, Bhapur.

Sub: Recovery of misappropriation of funds for negligence in Govt. duties and false billing under MGNREGS in Baunsabati, Baghuapalli & Kendupalli GP of Bhapur Block.

Ref: Letter No-7185/dt.22.04.2022, Letter No-9752/dt.27.05.2022 & Letter No-15402/dt.08.08.2022 of PR & DW Deptt., Govt. of Odisha.

Sir,

With reference to the above caption subject, I am to say that, basing on the extract copy of the Order passed by the undersigned and copy of the Joint Enquiry Report regarding material payments under MGNREGS Scheme of Baunsabati, Baghuapalli & Kendupalli GP of Bhapur Block there was a huge loss to Govt. exchequer owing to irregularities in execution of Projects leading to misappropriation of funds.

Hence, you are requested to take immediate necessary action as per the Order passed by the undersigned against the erring officials of Bhapur Block as stated below who were involved in the misappropriation of funds to the tune of Rs.44,64,461/- (Rupees Forty Four Lakh Sixty Four Thousand Four Hundred Sixty One) only in order to comply Point No-10 and the said amount has to be recovered from the erring officials as per the law and submit one copy of Action Taken Report (ATR) to this office for onward transmission to Govt. in PR & DW Dept., Odisha Bhubaneswar.

| SL No | Name of the Erring Officials | Designation | Recovery Amount (In Rs.) Baunsabati | Baghuapalli | Kendupalli | Total |
|---|---|---|---|---|---|---|
| 1 | Smt. Pratima Sahoo | GRS | Rs.518921.00 | 0.00 | 0.00 | Rs.518921.00 |
| 2 | Sri Ardhendu Sekhar Sarangi | Ex-JE | Rs.518921.00 | Rs.122129.00 | Rs.51090.00 | Rs.692130.00 |
| 3 | Sri Brundaban Bariha | Ex-AEE(I/C) | Rs.518921.00 | Rs.122139.00 | Rs.51090.00 | Rs.692150.00 |
| 4 | Sri Arun Kumar Chinara | APO | Rs.518921.00 | Rs.122139.00 | 0.00 | Rs.641060.00 |
| 5 | Sri Debendra Kumar Nayak | ACP | Rs.518921.00 | Rs.122139.00 | 0.00 | Rs.641060.00 |
| 6 | Sri Jagdish Chandra Sethi | Ex-HC | Rs.518921.00 | Rs.122139.00 | 0.00 | Rs.641060.00 |
| 7 | Sri Satya Sundar Rout, OAS | Ex-BDO | Rs.518921.00 | Rs.122139.00 | 0.00 | Rs.641060.00 |
| | Total | | Rs.3632447.00 | Rs.732834.00 | Rs.102180.00 | Rs.4467461.00 |

Enclosure: As above.

Yours faithfully
Collector-cum-CEO
Zilla Parishad, Nayagarh

Cont...

ଜିଲାପାଳ କରିଥିବା ଚିଠି।

# କେନ୍ଦ୍ର, ରାଜ୍ୟ ସରକାର ଜନବିରୋଧୀ: ଶରତ

**ସୁନ୍ଦରଗଡ଼ ଜିଲା କଂଗ୍ରେସର କର୍ମୀ ସମ୍ମିଳନୀ ଓ ସମ୍ବର୍ଦ୍ଧନା ସଭା**

ସୁନ୍ଦରଗଡ଼,୨୩।୯ (ଡି.ଏନ୍.ଏ.)

ଦେଶ ସ୍ୱାଧୀନତା ଆନ୍ଦୋଳନଠାରୁ ଆରମ୍ଭ କରି ପରବର୍ତ୍ତୀ ସମୟରେ କଂଗ୍ରେସ ଦଳ ଗରିବ, ଖଟିଖିଆ ଓ ସାଧାରଣ ଜନତାଙ୍କ ସ୍ୱାର୍ଥକୁ ସବୁବେଳେ ଗୁରୁତ୍ୱ ଦେଇଆସିଛି। ହେଲେ ବର୍ତ୍ତମାନର କ୍ଷମତାସୀନ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଜନବିରୋଧୀ। ଶ୍ରମିକ, ଦିନମଜୁରିଆ, ଖଟିଖିଆ ଆଦିବାସୀମାନେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ କାର୍ଯ୍ୟରେ ଅତିଷ୍ଠ ହେଲେଣି। ଆଗାମୀ ଦିନରେ ଜନବିରୋଧୀ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଜନସାଧାରଣ ଉଚିତ ଜବାବ ଦେବେ ବୋଲି ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକ ଶୁକ୍ରବାର ସୁନ୍ଦରଗଡ଼ ଜିଲା କଂଗ୍ରେସ କମିଟିର କର୍ମୀ ସମ୍ମିଳନୀ ଓ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ନିଯୁକ୍ତି କ୍ଷେତ୍ରରେ ଉଭୟ ସରକାର ଯୁବବର୍ଗଙ୍କୁ ପ୍ରତାରିତ କରିଛନ୍ତି। ଆଗାମୀ ୨୦୨୪ ନିର୍ବାଚନ ପାଇଁ କଂଗ୍ରେସ ଦଳ ଏବେଠୁ ତାର ରୋଡମ୍ୟାପ୍ ପ୍ରସ୍ତୁତ କରୁଛି। ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବାଚସ୍ପତି କିଶୋର ପଟେଲ କଂଗ୍ରେସ ଶାସନ ଅମଳରେ ବିଭିନ୍ନ ବିକାଶମୂଳକ



ସୁନ୍ଦରଗଡ଼ରେ କଂଗ୍ରେସ କର୍ମୀ ସମ୍ମିଳନୀରେ ପିସିସି ସଭାପତି ଶରତ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

କାର୍ଯ୍ୟ ହୋଇଥିବା କହିଥିଲେ। ଜିଲା କଂଗ୍ରେସ କମିଟି ସଭାପତି ବେଣୁମାଧବ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ନିମାଇଁ ଚରଣ ନାଏକ, ପିସିସି ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ, ରାଜଗାଙ୍ଗପୁର ବିଧାୟକ ଡ. ସିଏସ ରାଜେନ୍ ଏକ୍କା, ପ୍ରଦେଶ ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କା, ସାଧାରଣ ସମ୍ପାଦକ ତଥା ସୁନ୍ଦରଗଡ଼ ଜିଲା ପର୍ଯ୍ୟବେକ୍ଷକ ତ୍ରିଲୋଚନ ପାଣିଗ୍ରାହୀ, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ସୁନ୍ୟାନୀ, ନାରୀ ନେତ୍ରୀ ଅମିତା ବିଶ୍ୱାଳ ପ୍ରମୁଖ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ସୁନ୍ଦରଗଡ଼ରେ ପହଞ୍ଚିବା ପରେ ପିସିସି ସଭାପତିଙ୍କୁ ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇ ଏକ ବାଇକ୍ ରାଲିରେ ସିଭିକ ସେଣ୍ଟର ପର୍ଯ୍ୟନ୍ତ ପାଛୋଟି ଅଣାଯାଇଥିଲା।

# ମହାନଦୀ ମୁହାଣରେ ବୁଡ଼ିଲା ମାଛଧରା ଡଙ୍ଗା

**୫ ମତ୍ସ୍ୟଜୀବୀ ଉଦ୍ଧାର**

ପାରାଦୀପ,୨୩।୯(ସ୍ୱ.ପ୍ର.)

ପାରାଦୀପ ମାଛଧରା ବନ୍ଦର ସଂଲଗ୍ନ ମହାନଦୀ ମୁହାଣରେ ଶୁକ୍ରବାର ମଧ୍ୟାହ୍ନରେ ଏକ ମାଛଧରା ଡଙ୍ଗା ବୁଡ଼ିଯାଇଛି। ଏଥିରେ ଥିବା ୫ ମତ୍ସ୍ୟଜୀବୀ ନିଜ ଉଦ୍ୟମରେ ପହଁରି କିଛି ସମୟ ନିଜକୁ ସୁରକ୍ଷିତ ରଖିଥିଲେ। ପଛରେ ଆସୁଥିବା ଆଉ ଏକ ଡଙ୍ଗା ସେମାନଙ୍କୁ ଉଦ୍ଧାର କରିଛି। ପରେ ସେମାନଙ୍କୁ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେମାନେ ଘରକୁ ଫେରିଛନ୍ତି। ସମସ୍ତ ମତ୍ସ୍ୟଜୀବୀ ଓ ବୁଡ଼ିଯାଇଥିବା ଡଙ୍ଗା ଅସ୍ତରଙ୍ଗ ଅଞ୍ଚଳର ବୋଲି ଜଣାପଡ଼ିଛି। ମାତ୍ର ସେମାନଙ୍କ ପରିଚୟ ମିଳିପାରିନାହିଁ। ଡଙ୍ଗା ବୁଡ଼ିବା ଯୋଗୁ ସେଥିରେ ଥିବା ଜାଲ, ମାଛ ସହ ଅନ୍ୟାନ୍ୟ ସାମଗ୍ରୀ ପାଣିରେ ନଷ୍ଟ ହୋଇଯାଇଛି। ଖବର ପାଇ ମେରାଇନ ପୋଲିସ, ମତ୍ସ୍ୟ ବିଭାଗ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ମତ୍ସ୍ୟଜୀବୀ ଉଦ୍ଧାର ହୋଇଯାଇଥିବାରୁ ସେମାନେ ଆଶ୍ୱସ୍ତ ହୋଇଛନ୍ତି।

ମତ୍ସ୍ୟଜୀବୀମାନେ ମାଛଧରି ପାରାଦୀପ ଆସୁଥିବା ବେଳେ ସମୁଦ୍ରରେ କରେଣ୍ଟ (ଅନ୍ତଃସ୍ରୋତ) ଯୋଗୁ ଡଙ୍ଗା ବୁଡ଼ିଯାଇଥିଲା। ସମ୍ପ୍ରତି ଲଘୁଚାପ ପ୍ରଭାବ ଯୋଗୁ ସମୁଦ୍ର ଅଶାନ୍ତ ରହିଛି। ଏଥିଯୋଗୁ ଏପରି ଦୁର୍ଘଟଣା ହୋଇଥାଇପାରେ ବୋଲି ମତ୍ସ୍ୟ ଅଧିକାରୀ ମନୋରଞ୍ଜନ ମହାପାତ୍ର ଆଶଙ୍କାବ୍ୟକ୍ତ କରିଛନ୍ତି। ଏହି ଉଦ୍ଧାର କାର୍ଯ୍ୟବେଳେ ଅନ୍ୟ ଦୁଇଟି ଡଙ୍ଗା ମଧ୍ୟ ସେହି କରେଣ୍ଟ ପ୍ରଭାବରେ ଆସିଥିଲା। ଦୀର୍ଘ ସମୟ ଧରି ସଂଘର୍ଷ ପରେ କୂଳକୁ ଫେରିଛି। ସୂଚନାଯୋଗ୍ୟ, ମହାନଦୀ ମୁହାଣରେ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଛି।


ରାସ୍ତା ମରାମତି କରୁଛନ୍ତି ଦିବ୍ୟାଙ୍ଗ ଗଣେଶ ନାଏକ।

# ଇଚ୍ଛାଶକ୍ତି ଆଗରେ ହାର ମାନିଛି ଅକ୍ଷମତା

**ରାସ୍ତା ମରାମତି କଲେ ଦିବ୍ୟାଙ୍ଗ**

ଭବାନୀପାଟଣା,୨୩।୯(ସ୍ୱ.ପ୍ର.)

ଦୃଢ଼ ଇଚ୍ଛାଶକ୍ତି ଆଗରେ ହାର ମାନିଛି ଶାରୀରିକ ଅକ୍ଷମତା। ଦୁଇଟି ଗୋଡ଼ ପୋଲିଓରେ ଆକ୍ରାନ୍ତ ହୋଇ ଅଚଳ, ତଥାପି ଗୁରୁଣ୍ଡି ଗୁରୁଣ୍ଡି ହାତରେ ଫାଉଡା ଧରି ରାସ୍ତା ମରାମତି କରୁଛନ୍ତି ଦିବ୍ୟାଙ୍ଗ। ଟ୍ରାଇସାଇକେଲକୁ ସାଇଡ କରି କେତେବେଳେ ଫାଉଡାରେ ମାଟି କାଟୁଛନ୍ତି ତ ଆଉ କେତେବେଳେ ହାତରେ ମାଟି ସାଉଁଟି ରାସ୍ତାର ଗାତ ପୋତୁଛନ୍ତି। ଏହାର ଭିଡିଓ ଭାଇରାଲ ହେବା ପରେ ସେ ପ୍ରଶଂସା ସାଉଣ୍ଟୁଛନ୍ତି। କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଡୁମେରଗୁଡ଼ା ପଞ୍ଚାୟତ ଜୋରପଡା ଗାଁର ଗଣେଶ ନାଏକ ଜନ୍ମରୁ ପୋଲିଓ ଆକ୍ରାନ୍ତ। ତାଙ୍କର ଦୁଇଟି ଗୋଡ଼ ଅଚଳ, ଠିଆ ହେବା ବି ତାଙ୍କ ପାଇଁ ସମ୍ଭବ ନୁହେଁ। କିନ୍ତୁ ସେ ଅନ୍ୟ ଉପରେ ନିର୍ଭର ନ କରି ସ୍ୱାଭିମାନ ସହ ନିଜେ ପରିବା ବ୍ୟବସାୟ କରି ପରିବାର ଗୁଜରାଣ ମେଣ୍ଟାଉଛନ୍ତି। ଅନ୍ୟଠାରୁ ଅର୍ଡର ନେଇ ତାଙ୍କ ତିନିଚକିଆ ଟ୍ରାଇସାଇକେଲରେ ଘରକୁ ଘର ଯାଇ ପନିପରିବା ହୋମ ଡେଲିଭରି କରୁଛନ୍ତି। ହେଲେ ଯାତାୟାତ ବେଳେ ବିଭିନ୍ନ ସମୟରେ ତାଙ୍କ ପାଇଁ ବାଟ ହୁଡ଼ିଥାଏ ଗାଁର ଶୋଚନୀୟ ରାସ୍ତା। ଖାଲଖମାରେ ଭରା ଜୋରପଡ଼ାଠାରୁ କେରମୁଣ୍ଡା ରାସ୍ତାରେ ଯିବା ଆସିବା ବେଳେ ଅନେକଥର ଟ୍ରାଇସାଇକେଲରୁ ପଡ଼ି ଖଣ୍ଡିଆଖାବରା ହୋଇଛନ୍ତି। ଏହି ସମୟରେ ତାଙ୍କ ପନିପରିବା ବି ରାସ୍ତାରେ ପଡି ନଷ୍ଟ ହୋଇଥାଏ। ଗୁରୁବାର ଉକ୍ତ ରାସ୍ତାରେ ସେ ଯାଉଥିବାବେଳେ ପୁଣି ଟ୍ରାଇସାଇକେଲରୁ ପଡି ଖଣ୍ଡିଆଖାବରା ହୋଇଥିଲେ। ପରେ ସେ କାହାକୁ ଅପେକ୍ଷା ନ କରି ଟ୍ରାଇସାଇକେଲକୁ ରାସ୍ତା କଡ଼ରେ ରଖି ନିଜେ ରାସ୍ତା ମରାମତି କରୁଥିବା ଭିଡିଓ ଭାଇରାଲ ହୋଇଛି।

# ଦାନରେ ହିଁ ପ୍ରକୃତ ଆନନ୍ଦ

**ଭାରତର ସର୍ବବୃହତ୍ 'ଦାନ ଉତ୍ସବ'ରେ ସାମିଲ ରାଜଧାନୀର ଅନେକ ପ୍ରତିଷ୍ଠିତ ସଂସ୍ଥା**

ଭୁବନେଶ୍ୱର ୨୩।୯(ବ୍ୟୁରୋ)

ଆଜିଠୁ ୨ ସପ୍ତାହ ପରେ ଚଳିତ ପାର୍ବଣ ଋତୁରେ ଦେଶ ପାଳିବ ଆଉ ଏକ ଉତ୍ସବ। ୨୦୦୯ ମସିହାରେ ପ୍ରଥମ ଥର ପାଳନ କରାଯାଇଥିବା ଏହି ଉତ୍ସବ ଭାରତର ସର୍ବବୃହତ୍ ଦାନ ଉତ୍ସବ ରୂପେ ପରିଚିତି ଲାଭ କରିଥିଲା। ପୂର୍ବରୁ ଏହା 'ଜଏ ଅଫ୍ ଗିଭିଙ୍ଗ ଉଇକ୍' ନାମରେ ବିଦିତ ଥିଲା। ପ୍ରତିବର୍ଷ ଅକ୍ଟୋବର ୨ରୁ ଏହାକୁ ପାଳନ କରିଆସୁଥିବା ଲକ୍ଷାଧିକ ଲୋକ ଉକ୍ତ ଉତ୍ସବକୁ ଦୁର୍ଗାପୂଜା, ଗଣେଶପୂଜା, ଦୀପାବଳି, ଇଦ୍ ଭଳି ଆଡ଼ମ୍ବର ସହକାରେ ମନାଇବା ପାଇଁ ଉତ୍ସୁକତାର ସହ ଅପେକ୍ଷା କରିଥା'ନ୍ତି।

ଓଡ଼ିଶା ସମେତ ସାରା ଦେଶରେ ଅନେକ ଲକ୍ଷ ଲୋକ ଏହି ଅବସରରେ ଦାନ କରନ୍ତି। ବଡ଼ ବଡ଼ କମ୍ପାନୀର ସିଇଓଙ୍କଠାରୁ ଆରମ୍ଭ କରି ସେଲିବ୍ରିଟି, ଚୌକିଦାରଙ୍କଠୁ ନେଇ ରୋଷେୟାଙ୍କ ପର୍ଯ୍ୟନ୍ତ ପୁରପଲ୍ଲୀରେ ଦାନ କରିବା ବିଚାରଧାରାକୁ ଉତ୍ସାହିତ କରି ଆସିଛନ୍ତି। ସାଧାରଣ ବ୍ୟକ୍ତିବିଶେଷ ଓ ପରିବାରଠୁ ନେଇ ବିଭିନ୍ନ ସମୁଦାୟ, ସଂଘ, ଏନ୍‌ଜିଓ, ଶିଳ୍ପ ସଂସ୍ଥାଗୁଡ଼ିକ ପକ୍ଷରୁ ଛୋଟବଡ଼ ଦାନକୁ ପ୍ରାଧାନ୍ୟ ଦିଆଯାଇଥାଏ। ମୋଟାମୋଟି ଭାବେ ଦେଖିଲେ ଏହି ପର୍ବ ଲକ୍ଷାଧିକ ଲୋକଙ୍କୁ ଦାତା ପାଲଟିବା ପାଇଁ ପ୍ରେରିତ କରିଛି। ବିଶେଷକରି ଅନେକ ଅଭିନବ ଉପାୟରେ ଦାନ କରିବାର ପରମ୍ପରାକୁ ଆଗକୁ ବଢ଼ାଇଛି। ଏହି ଉତ୍ସବକୁ ପାଣ୍ଠି ସଂଗ୍ରହ, ସାମଗ୍ରୀ ପ୍ରେରଣ, ସେବା ପ୍ରଦାନ ଏପରିକି ଦୟାଭାବ ପ୍ରଦର୍ଶନର ପ୍ରତୀକ ବିବେଚନା କରାଯାଉଛି। ଏହାକୁ ଯେ କେହି ନିଜ ପସନ୍ଦ ଓ ସୁବିଧା ଅନୁଯାୟୀ ପାଳନ କରିପାରିବେ। ଜଣେ ଶିଶୁ ଅନ୍ୟ ଜଣେ ଅଭାବୀ ବାଳିକା କିମ୍ବା ବାଳକଙ୍କୁ ଚକୋଲେଟ୍ ଦେଇପାରିବେ। ସେହିପରି ଜଣେ ପିଅନ ନିଜ ଘରେ ପ୍ରସ୍ତୁତ ଖାଦ୍ୟ ତାଙ୍କ ଅଧିକାରୀଙ୍କୁ ଦେଇପାରିବେ, ଯାହାଙ୍କର ରୋଷେଇ ବ୍ୟବସ୍ଥା ନ ଥିବ।



ସେଲିବ୍ରିଟିମାନଙ୍କ ସାମଗ୍ରୀ ଓ ସେବା ନିଲାମୀ ମଧ୍ୟ ଏହି ଉତ୍ସବ ପାଇଁ ବେଶ୍ ସହାୟକ ହୋଇଛି। ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ପ୍ରିୟ ଆଭୂଷଣ, ବିଗ୍ ବି ଅମିତାଭ ବଚ୍ଚନଙ୍କ ସହ ଭୋଜନ ଓ ତାଙ୍କ କାହାଣୀ ଶୁଣିବା ଏବଂ ସଚିନ ତେନ୍ଦୁଲକର୍‌ଙ୍କ କ୍ୟାମ୍ପରେ କ୍ରିକେଟ କୋଚିଂ ନେବା ଏହି ଅଭ୍ୟାସର ପର୍ଯ୍ୟାୟଭୁକ୍ତ। ଏଥିରୁ ମିଳୁଥିବା ସମସ୍ତ ଅର୍ଥରାଶି ସେଲିବ୍ରିଟିମାନଙ୍କ ଦ୍ୱାରା ସମର୍ଥିତ ଦାତବ୍ୟ ଅନୁଷ୍ଠାନଗୁଡ଼ିକୁ ଯାଇଥାଏ। ୨୦୧୩ରେ ରାଜଧାନୀ ଭୁବନେଶ୍ୱରର ଟ୍ରାଇଡେଣ୍ଟ, ମେଫେୟାର, କ୍ରାଉନ, ମେରିଅନ୍, ଏଚ୍‌ଏଚ୍‌ଆଇ ଏବଂ ସ୍ୱସ୍ତି ଭଳି ବଡ଼ ହୋଟେଲଗୁଡ଼ିକ ମିଳିତ ଭାବେ ସର୍ବୋତ୍ତମ ବ୍ୟଞ୍ଜନ ଅଫରରେ ପ୍ରଦାନ କରିଥାନ୍ତି। ସମସ୍ତ ଟିକେଟ ବିକ୍ରିରୁ ସଂଗୃହୀତ ଟଙ୍କା, କେତେକ ବଛାବଛା ବେସରକାରୀ ସଂଗଠନ(ଏନ୍‌ଜିଓ)କୁ ଦିଆଯାଇଥାଏ। ସେହି ଏନ୍‌ଜିଓଗୁଡ଼ିକ ଅଭାବୀ ଲୋକଙ୍କୁ ବିଭିନ୍ନ ପ୍ରକାର ସାମଗ୍ରୀ ପ୍ରଦାନରେ ଏହି ଅର୍ଥକୁ ବିନିଯୋଗ କରିଥାନ୍ତି। 'ଗୁଞ୍ଜ' ପକ୍ଷରୁ ଚାଲିଥିବା ବହି, ପୋଷାକ, ଖେଳଣା ଆଦି ସାମଗ୍ରୀ ସଂଗ୍ରହର ଜାତୀୟ ଅଭିଯାନରେ ଓଡ଼ିଶାର ବକୁଳ ଫାଉଣ୍ଡେଶନ୍ ପ୍ରଥମଥର ପାଇଁ ସାମିଲ ହୋଇଛି। ଏହି ସଂସ୍ଥା ଆପାର୍ଟମେଣ୍ଟ, ସ୍କୁଲ, କଲେଜ, ପବ୍ଲିକ କଲେକ୍ସନ ସେଣ୍ଟରଗୁଡ଼ିକରୁ ୨୦ରୁ ଊର୍ଦ୍ଧ୍ୱ ମିନି ଟ୍ରକ୍‌ରେ ପରିବହନ କରିହେବା ଭଳି ସାମଗ୍ରୀ ସଂଗ୍ରହ କରିଛି। ଏହା ବ୍ୟତୀତ ବକୁଳ ପକ୍ଷରୁ ପୁସ୍ତକ ସଂଗ୍ରହ ଅଭିଯାନ ମଧ୍ୟ କରାଯାଉଛି। ଇଣ୍ଟର ସ୍କୁଲ ବୁକ୍ ବକେଟ୍ ଚ୍ୟାଲେଞ୍ଜ ଓ ଉଇସ୍ ଟ୍ରିକ୍ ଜରିଆରେ ପାଣ୍ଠି ସଂଗ୍ରହ ଏହାର ଉଲ୍ଲେଖନୀୟ ଅଭିଯାନ, ଯହିଁରେ ଏକ ନୂଆ ଲାଇବ୍ରେରି ପ୍ରତିଷ୍ଠା ଉଦ୍ୟମ ଆରମ୍ଭ ହୋଇଛି। ଜଣେ ବ୍ୟକ୍ତି ଚାହିଁଲେ ୧୦୦ରୁ ୧୦୦୦ଟଙ୍କା ପର୍ଯ୍ୟନ୍ତ ସହଯୋଗ କରିପାରିବେ। ଅନେକ ସ୍କୁଲ ଆଉ କିଛି ପାଦ ଆଗେଇ ଥିବାବେଳେ ଛାତ୍ରୀଛାତ୍ରମାନେ ଗ୍ରାମାଞ୍ଚଳର ବିଦ୍ୟାର୍ଥୀଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରିଛନ୍ତି। ଭୁବନେଶ୍ୱର ଉପକଣ୍ଠ ଏକ ଆଦିବାସୀ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ପିଲାମାନେ ଏପରି ଅନେକ ଉପହାର ଦେଇଛନ୍ତି। ତେବେ ଏହି ଦାନ ଉତ୍ସବ ସହରାଞ୍ଚଳର ଧନୀ କିମ୍ବା ମଧ୍ୟବିତ୍ତଙ୍କ ମଧ୍ୟରେ ସୀମିତ ହୋଇ ରହିନାହିଁ। ୨୦୧୨ରେ ଭୁବନେଶ୍ୱର ଅଟୋ ମହାସଂଘ ଏଥିରେ ଉତ୍ସାହିତ ହୋଇ ବସ୍ତିଗୁଡ଼ିକର ୮୦ଜଣ ବରିଷ୍ଠ ତଥା ଦୁସ୍ଥ ନାଗରିକଙ୍କୁ ପୁରୀ ନେଇ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରାଇଥିଲା। କଟକର ବଡ଼ମ୍ବା ତହସିଲ ବଡ଼ବାର ସିଂ ଗ୍ରାମର ୧୦୦ପରିବାର ଏହାକୁ ସେମାନଙ୍କ ଏକ ସବୁଠୁ ମହତ୍ତ୍ୱପୂର୍ଣ୍ଣ ପାର୍ବଣର ମାନ୍ୟତା ଦେଇଛନ୍ତି। ବିଗତ ୭ବର୍ଷ ମଧ୍ୟରେ ଏହା ହେଉଛି ଭାରତର ସର୍ବବୃହତ୍ ସମୁଦାୟ ପାର୍ବଣ। ପ୍ରତ୍ୟେକ ଗ୍ରାମବାସୀ କିଛି ନା କିଛି ଦାନ କରିବା ସହ ଏକ ବଡ଼ ସେବା ମହୋତ୍ସବର ଆୟୋଜନ କରିଥାନ୍ତି। ଏହି ଅବସରରେ ଜୋତା, ପୋଷାକ, ପିଲାଙ୍କ ପାଠପଢ଼ା ସାମଗ୍ରୀ, ସ୍ନାକ୍ସ, ଔଷଧ ଆଦି ପାଇଁ ସ୍ୱତନ୍ତ୍ର ଷ୍ଟଲ ଖୋଲାଯାଇଥାଏ। ଆଖପାଖ ଅଞ୍ଚଳର ଲୋକେ ସେଠାରୁ ନିଜର ଆବଶ୍ୟକତା ଅନୁଯାୟୀ ମାଗଣାରେ ବିଭିନ୍ନ ଜିନିଷପତ୍ର ନେଇଥାନ୍ତି। ବଡ଼ବାର ସିଂ ଗ୍ରାମ ଦାନ ଉତ୍ସବକୁ ଯେପରି ପାଳନ କରୁଛି ଦିନେ ସମଗ୍ର ଭାରତବର୍ଷ ସେଥିରୁ ଅନୁପ୍ରାଣିତ ହୋଇ ଏହି ପାର୍ବଣରେ ସାମିଲ ହେବ ବୋଲି ଆଶା କରାଯାଉଛି।

## ରୁଷିଆ ଠାରୁ ତେଲ କିଣି ନ ପାରେ ଭାରତ

**ନୂଆଦିଲ୍ଲୀ:** ରୁଷିଆଠାରୁ ଆଉ ଅଶୋଧିତ ତେଲ କିଣି ନ ପାରେ ଭାରତ। କାରଣ ତେଲ କିଣିବା ପାଇଁ ପରିବହନ ଖର୍ଚ୍ଚ ଅଧିକ ହେଉଛି। ଏଥିପାଇଁ ସେପ୍ଟେମ୍ବର ଶେଷ ସୁଦ୍ଧା ଭାରତୀୟ ରିଫାଇନର୍ସ କମ୍ପାନୀଗୁଡ଼ିକ ରୁଷିଆଠାରୁ ତେଲ କିଣିବା ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିବା ସୂଚନା ମିଳୁଛି। ସେହିଭଳି ରୁଷିଆ ପରିବର୍ତ୍ତେ ଆଫ୍ରିକା ଏବଂ ମଧ୍ୟପ୍ରାଚ୍ୟ ରାଷ୍ଟ୍ରଗୁଡ଼ିକରୁ ତେଲ କିଣିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିବା ଶିଳ୍ପ ସୂତ୍ରରୁ ସୂଚନା ମିଳିଛି। ପରିବହନରେ ସମସ୍ୟା ଯୋଗୁ ସାଧାରଣ ଭାରତ ରୁଷିଆଠାରୁ ବହୁତ କମ୍ ତେଲ ଆମଦାନୀ କରିଥାଏ।

# ୫ ଲକ୍ଷ କୋଟି ଟଙ୍କା ହରାଇଲେ ନିବେଶକ

- ଖସିଲା ଶେୟାର ବଜାର
- ସେନ୍‌ସେକ୍ସ ୧୦୨୧ ପଏଣ୍ଟ
- ୧୭,୩୦୦ ଅଙ୍କରେ ନିଫ୍ଟି

**ନୂଆଦିଲ୍ଲୀ,୨୩।୯**



ବର୍ତ୍ତମାନ ବିଶ୍ୱ ବଜାରରେ ମାନ୍ଦାବସ୍ଥା ସୃଷ୍ଟି ହୋଇଛି। ଏପରିକି କିଛି ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଯୋଗୁ ଅର୍ଥନୈତିକ ବଜାରରେ ମଧ୍ୟ ଅସ୍ଥିରତା ଦେଖାଦେଇଛି। ଫଳରେ ଭାରତୀୟ ଶେୟାର ବଜାରରେ ମଧ୍ୟ ତା'ର ପ୍ରଭାବ ଗତ କିଛିଦିନ ହେବ ଦେଖିବାକୁ ମିଳୁଛି। ବିଶେଷକରି ଦଲାଲ ଷ୍ଟ୍ରିଟ୍‌ରେ ଏହାର ପ୍ରଭାବ ଯୋଗୁ କ୍ରମାଗତ ୩ଦିନ ଲାଗି ଶେୟାର ବଜାର ହ୍ରାସ ପାଇଚାଲିଛି। ବିଶେଷକରି ଆମେରିକାର ସେଣ୍ଟ୍ରାଲ ବ୍ୟାଙ୍କ ଫେଡେରାଲ ରିଜର୍ଭ (ଫେଡ୍ ରିଜର୍ଭ ) ଦ୍ୱାରା ସୁଧ ହାର ବୃଦ୍ଧି କରାଯିବା ପରେ ଭାରତୀୟ ବଜାର ପୁଣି ଥରେ ନିବେଶକଙ୍କ ଭରସା ହରାଇଛି ବୋଲି ଆଶଙ୍କା କରାଯାଉଛି। ଶୁକ୍ରବାର ସପ୍ତାହର ଶେଷ କାର୍ଯ୍ୟ ଦିବସରେ ଭାରତୀୟ ଶେୟାର ବଜାରରେ ଏକ ବଡ଼ ଧରଣର ହ୍ରାସ ଘଟିଛି। ଏହି କାରଣରୁ ନିବେଶକଙ୍କୁ ପ୍ରାୟ ୫ଲକ୍ଷ କୋଟି ଟଙ୍କା (୪,୯୦,୧୬୨.୫୫ କୋଟି) ର କ୍ଷତି ହୋଇଛି। ଅପରପକ୍ଷରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୦୨୦.୮୦ ପଏଣ୍ଟ ବା ୧.୭୩% ହ୍ରାସ ସହ ୫୮,୦୯୮.୯୨ ଅଙ୍କରେ ବନ୍ଦ ହୋଇଛି। ବିଏସ୍‌ଇର କାରବାର ସମୟରେ ଶେୟାର ୧,୧୩୭୭.୭୭ ଅଙ୍କ ତଳକୁ ଖସି ଆସିଥିଲା। ଗୋଟିଏ ସମୟରେ ଏହା ୫୮ ହଜାର ଅଙ୍କରୁ ମଧ୍ୟ ତଳକୁ ଖସି ଆସିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ନିଫ୍ଟି-୫୦ରେ ମଧ୍ୟ ୩୦୨.୪୫ ପଏଣ୍ଟ ବା ୧.୭୨% ହ୍ରାସ ଘଟି ୧୭,୩୨୭.୩୫ ଅଙ୍କରେ କାରବାର ବନ୍ଦ କରିଥିଲା। ଉଲ୍ଲେଖଯୋଗ୍ୟ, ବିଏସ୍‌ଇ ମାର୍କେଟ କ୍ୟାପିଟାଲରେ ଶୁକ୍ରବାର ନିବେଶକଙ୍କ ୫ ଲକ୍ଷ କୋଟି ଟଙ୍କାରୁ ଅଧିକ କ୍ଷତି ହୋଇଛି। ଅପରପକ୍ଷରେ ବଜାର କାରବାର ଶେଷରେ ବଜାର ପୁଞ୍ଜି ୨,୭୬,୬୪,୫୬୬.୭୯ କୋଟି ଟଙ୍କା ରହିଥିଲା। ଗୋଟିଏ ଦିନ ପୂର୍ବେ ଏହା ୨,୮୧,୧୭,୬୫୭.୫୭ କୋଟି ଟଙ୍କା ରହିଥିଲା।

ଉଲ୍ଲେଖଯୋଗ୍ୟ, ଶେୟାର ବଜାର ହ୍ରାସ ପଛରେ ଅନେକ କାରଣ ରହିଛି। ତେବେ ସବୁଠୁ ବଡ କାରଣ ହେଉଛି ଆମେରିକା ଫେଡ୍ ରିଜର୍ଭ ବ୍ୟାଙ୍କର ସୁଧ ହାର ବୃଦ୍ଧି। ଏପରିକି ୟୁଏସ୍ ଫେଡ୍ ରିଜର୍ଭ ସୁଧ ହାରରେ ୭୫ ବେସିସ୍ ପଏଣ୍ଟର ବୃଦ୍ଧି କରିଥିଲା। ଏହି ବୃଦ୍ଧି ପରେ ୟୁଏସ୍‌ର ୧୦ବର୍ଷୀୟ ବଣ୍ଡ ୟିଲ୍ଡରେ ବୃଦ୍ଧି ହୋଇଛି। ସେହିପରି ଡଲାର ସୂଚକାଙ୍କ ମଜଭୁତ ହୋଇଛି। ଏହି କାରଣରୁ ବିଦେଶୀ ନିବେଶକ ଭାରତୀୟ ବଜାରରୁ ଟଙ୍କା ବାହାରକରି ଭଲ ଆୟ ଦେବାକୁ ଥିବା ବଜାରରେ ନିବେଶ କରିବାକୁ ବିଚାର କରୁଛନ୍ତି। ଅନ୍ୟପଟେ ସୁଧ ହାରରେ ବୃଦ୍ଧି ଯୋଗୁ ନିବେଶକଙ୍କ ମଧ୍ୟରେ ମନ୍ଦାବସ୍ଥାର ଭୟ ରହିଛି। ଏଭଳି କିଛି କାରଣରୁ ଅନେକ ଘରୋଇ ନିବେଶକ ନିଜ ଶେୟାର ଠିକ୍ ସମୟରେ ବିକ୍ରି କରୁଛନ୍ତି। ଏହା ପୂର୍ବରୁ ଆସନ୍ତା ସପ୍ତାହରେ ଆର୍‌ବିଆଇ ଦ୍ୱାରା ପୁଣି ଥରେ ସୁଧ ହାର ବଢ଼ାଇବା ନେଇ ଅନୁମାନ କରାଯାଉଛି। ଏଭଳି ସ୍ଥିତିରେ ନିବେଶକଙ୍କ ଚିନ୍ତା ଅଧିକ ବଢାଇଛି ବୋଲି କୁହାଯାଉଛି।

## ହ୍ରାସ ପାଉଛି ବିଦେଶୀ ମୁଦ୍ରା ଭଣ୍ଡାର

**ନୂଆଦିଲ୍ଲୀ,୨୩।୯**

ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ଲଗାତର ୭ମ ସପ୍ତାହରେ ହ୍ରାସ ଘଟିଛି। ଆର୍‌ବିଆଇର ସଦ୍ୟ ତଥ୍ୟ ଅନୁସାରେ ସେପ୍ଟେମ୍ବର ୧୬ ରେ ଶେଷ ହୋଇଥିବା ସପ୍ତାହରେ ବିଦେଶୀ ମୁଦ୍ରା ଭଣ୍ଡାରରେ ହ୍ରାସ ଘଟି ୫୪୫.୬୫୨ ବିଲିୟନ ଡାଲରରେ ପହଞ୍ଚିଛି। ଗତ ସପ୍ତାହରେ ବିଦେଶୀ ମୁଦ୍ରା ଭଣ୍ଡାର ୫୫୦.୮୭୧ ବିଲିୟନ ଡଲାର ଥିଲା। ସେହିଭଳି ଗତ ୨ ବର୍ଷ ମଧ୍ୟରେ ଏହା ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଅପରପକ୍ଷରେ ଡଲାର ତୁଳନାରେ ଭାରତୀୟ ଟଙ୍କା ପ୍ରଥମ ଥର ୮୧ର ସ୍ତର ପାରକରିଛି। ଶୁକ୍ରବାର କାରବାର ସମୟରେ ଟଙ୍କା ଦୁର୍ବଳ ହୋଇ ୮୧.୨୩ ସ୍ତରରେ ପହଞ୍ଚିଥିଲା। ତେବେ କାରବାର ବନ୍ଦ ହେବା ସମୟରେ ଏଥିରେ ଅଳ୍ପ ସୁଧାର ଆସିଥିଲା। ଏହାପରେ ୧୯ ପଇସା ହ୍ରାସ ହୋଇ ଡଲାର ପିଛା ୮୦.୯୮ ଟଙ୍କାରେ ବନ୍ଦ ହୋଇଥିଲା। ବିଶ୍ୱର ୬ଟି ମୁଖ୍ୟ ମୁଦ୍ରା ତୁଳନାରେ ଡଲାରର ମଜଭୁତି ଆକଳନ କରୁଥିବା ଡଲାର ସୂଚକାଙ୍କ ୦.୭୨% ବଢ଼ି ୧୧୨.୧୫ରେ ପହଞ୍ଚିଥିଲା। ଆମେରିକାର ଫେଡେରାଲ ରିଜର୍ଭ ଲଗାତର ତୃତୀୟଥର ସୁଧ ହାରରେ ୭୫ ବେସିସ୍ ପଏଣ୍ଟ ବଢ଼ାଇବା କାରଣରୁ ଡଲାର ସ୍ଥିତି ମଜଭୁତ ହୋଇ ରହିଛି।

# ଫ୍ୟାଶନିଷ୍ଟାର ୨ଦିନିଆ ପ୍ରଦର୍ଶନୀର ଶୁଭାରମ୍ଭ



**ଭୁବନେଶ୍ୱର, ୨୩।୯**

ଦେଶର ପ୍ରମୁଖ ଘରୋଇ ପ୍ରଦର୍ଶନୀକାରୀ ସଂସ୍ଥା 'ଫ୍ୟାଶନିଷ୍ଟା' ପକ୍ଷରୁ ୨ଦିନିଆ ସ୍ୱତନ୍ତ୍ର ପ୍ରଦର୍ଶନୀ ଉତ୍ସବର ଆୟୋଜନ କରାଯାଇଛି। ଶୁକ୍ରବାରଠାରୁ ସ୍ଥାନୀୟ ଜୟଦେବ ବିହାରସ୍ଥିତ ହୋଟେଲ ପାଲ୍ ହାଇଟ୍‌ସଠାରେ ଏହାର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ରାଜ୍ୟ ସଭା ସଦସ୍ୟା ସୁଲତା ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମେୟର ସୁଲୋଚନା ଦାସ, ମୋନାଲିସା ବଳ, ସନ୍ଧ୍ୟା ପଟ୍ଟନାୟକ, ଜୟଶ୍ରୀ ମହାନ୍ତି, ଶ୍ରୀମୟୀ ମିଶ୍ର, ଡ. ରୋଜାଲିନ୍ ପାଟଶାଣୀ ମିଶ୍ର, ଡ. ଚିହ୍ନୀମିକା ଖଟୁଆ, ସୁକ୍ରିତି ପଟ୍ଟନାୟକ, ପ୍ରୀତି ପଲ୍ଲବୀ ପଟ୍ଟନାୟକ, ମୁନ୍‌ମୁନ୍ ସିଂହ, ପ୍ରସନ୍ନା ପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉକ୍ତ ପ୍ରଦର୍ଶନୀ ସମ୍ପର୍କରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ଫ୍ୟାଶନିଷ୍ଟା ପ୍ରଦର୍ଶନୀର ଏମ୍‌ଡି ତଥା ଅଭିନେତା ପୱନ ଶଙ୍କର ଅତିଥିମାନଙ୍କୁ ଉତ୍ତରୀୟ ପ୍ରଦାନ ସହ ସମ୍ମାନିତ କରିଥିଲେ। ଏଠାରେ ପୋଷାକ, ଅଳଙ୍କାର, ଆସେସୋରି, ବିୟୁଟି ପ୍ରଡକ୍ଟ, କସ୍‌ମେଟିକ୍ସ, ଫ୍ରାଗ୍ରାନ୍ସ, ମେନ୍‌ସୱେୟାର, ହୋମ୍ ଡେକୋର୍, ଗିଫ୍ଟ, ମେନ୍‌ସ ୱେୟାର ଆଦି ପ୍ରଦର୍ଶନୀ ସହ ବିକ୍ରୟ ପାଇଁ ମଧ୍ୟ ଉପଲବ୍ଧ ରହିଛି। ସେହିଭଳି ମୁମ୍ବାଇ, ଦିଲ୍ଲୀ, କୋଲକାତା, ଜୟପୁର, ହିମାଚଳ, ଲକ୍ଷ୍ନୌ, ଭୋପାଳ, ବେଙ୍ଗାଲୁରୁ, ରାୟପୁର, ସୁରଟ ଓ ଭୁବନେଶ୍ୱର ଭଳି ବିବିଧ ସହରରୁ ଫ୍ୟାଶନ ଓ ଲାଇଫ୍‌ଷ୍ଟାଇଲ୍ ବ୍ରାଣ୍ଡଗୁଡ଼ିକ ଉକ୍ତ ସ୍ୱତନ୍ତ୍ର ପ୍ରଦର୍ଶନୀରେ ସାମିଲ ହୋଇଛନ୍ତି।

ଫ୍ୟାଶନିଷ୍ଟା କିଛି ନୂତନ ଓ ପ୍ରଶଂସିତ ଉତ୍ସାହୀ ଡିଜାଇନରଙ୍କ ଏକ ସ୍ୱତନ୍ତ୍ର ଗୋଷ୍ଠୀ ସୃଷ୍ଟି ସହ ଦେଶବ୍ୟାପୀ ଚୟନ କରାଯାଇଛି। ଉକ୍ତ ଡିଜାଇନରମାନେ ସେପ୍ଟେମ୍ବର ୨୩ ଓ ୨୪ ତାରିଖ (ଶୁକ୍ରବାର ଓ ଶନିବାର) ୧୧ଟାରୁ ରାତି ୯ଟା ପର୍ଯ୍ୟନ୍ତ ଭୁବନେଶ୍ୱର ହୋଟେଲ ପାଲ୍ ହାଇଟ୍‌ସଠାରେ ସୁଲଭ ମୂଲ୍ୟରେ ନୂଆ ଡିଜାଇନଗୁଡିକର ସର୍ବୋତ୍ତମ ଋତୁକାଳୀନ ସମ୍ମିଶ୍ରଣ ନେଇ ଆସୁଛନ୍ତି। ଏଠାରେ ପରିଦର୍ଶକଙ୍କ ପାଇଁ ସମସ୍ତ କୋଭିଡ୍ ସୁରକ୍ଷା ପାଳନ କରାଯାଉଛି। ଉଲ୍ଲେଖଯୋଗ୍ୟ, ୨୦୦୮ରୁ ଫ୍ୟାଶନପ୍ରେମୀଙ୍କୁ ସେବା ପ୍ରଦାନ କରୁଥିବା ଫ୍ୟାଶନିଷ୍ଟା ବର୍ତ୍ତମାନ ସୁଦ୍ଧା ୪୦ଟି ଭାରତୀୟ ସହରରେ ୩୬୦ରୁ ଅଧିକ ପ୍ରଦର୍ଶନୀ କରିସାରିଛି।

# ଆଦାନୀ ଧନୀ ଏନ୍‌ଆର୍‌ଆଇ



ବିନୋଦ ଶାନ୍ତିଲାଲ୍ ଆଦାନୀ

**ନୂଆଦିଲ୍ଲୀ, ୨୩।୯**

ବିଶ୍ୱର ତୃତୀୟ ସର୍ବାଧିକ ଧନୀ ଶିଳ୍ପପତି ଗୌତମ ଆଦାନୀଙ୍କ ବଡ଼ଭାଇ ବିନୋଦ ଶାନ୍ତିଲାଲ୍ ଆଦାନୀ ସବୁଠୁ ଧନୀ ପ୍ରବାସୀ ଭାରତୀୟ (ଏନ୍‌ଆର୍‌ଆଇ) ପରିଚୟ ହାସଲ କରିଛନ୍ତି। ଦୁବାଇରେ ରହୁଥିବା ବିନୋଦଙ୍କର ସିଙ୍ଗାପୁର, ଦୁବାଇ ଓ ଜାକର୍ତ୍ତାରେ ବ୍ୟବସାୟ ରହିଛି। ଗତ ୫ ବର୍ଷ ମଧ୍ୟରେ ତାଙ୍କ ସମ୍ପତ୍ତି ୮୫୦ ପ୍ରତିଶତ ବଢ଼ିଥିବା ଆଇଆଇଏଫ୍‌ଏଲ୍ ୱେଲ୍‌ଥ ହୁରୁନ୍ ଇଣ୍ଡିଆ ରିଚ୍ ଲିଷ୍ଟ ୨୦୨୨ରୁ ଜଣାପଡ଼ିଛି। ମୋଟ ୧.୬୯ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ସହ ବିନୋଦ ଭାରତର ଷଷ୍ଠ ଧନୀ ବ୍ୟକ୍ତି। ୧.୬୫ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ସହ ହିନ୍ଦୁଜା ଭ୍ରାତା ଦ୍ୱିତୀୟ ଧନୀ ଏନ୍‌ଆର୍‌ଆଇ। ଚଳିତ ବର୍ଷ ଧନୀ ଭାରତୀୟଙ୍କ ତାଲିକାରେ ୯୪ ଏନ୍‌ଆର୍‌ଆଇ ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରୁ ୪୮ ଜଣ ଆମେରିକାରେ ରହୁଛନ୍ତି। ବିନୋଦ ଆଦାନୀ ୧୯୭୬ରେ ମୁମ୍ବାଇରେ ଟେକ୍ସଟାଇଲ ବ୍ୟବସାୟ ଆରମ୍ଭ କରିଥିଲେ। ପରେ ସେ ସିଙ୍ଗାପୁରକୁ ବ୍ୟବସାୟ ସମ୍ପ୍ରସାରଣ କରିଥିଲେ ଏବଂ ୧୯୯୪ରେ ଦୁବାଇ ଯାଇ ମଧ୍ୟପ୍ରାଚ୍ୟରେ ବ୍ୟବସାୟ ପ୍ରତିଷ୍ଠାନ ଖୋଲିଥିଲେ। ଗତବର୍ଷ ସେ ତାଙ୍କ ସମ୍ପତ୍ତିରେ ୩୭,୪୦୦ କୋଟି ଟଙ୍କା ଯୋଡ଼ିଛନ୍ତି, ଅର୍ଥାତ୍ ଗତବର୍ଷ ତାଙ୍କର ଦୈନିକ ରୋଜଗାର ହାରାହାରି ୧୦୨ କୋଟି ଟଙ୍କା ରହିଛି।

# ନୂଆ ଟିଭିଏସ୍ ଜୁପିଟର କ୍ଲାସିକ୍ ଉନ୍ମୋଚିତ

**ନୂଆଦିଲ୍ଲୀ,୨୩।୯**



ଦେଶର ପ୍ରମୁଖ ୨ ଓ ୩ ଚକିଆ ଯାନ ନିର୍ମାତା ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ନୂଆ ଟିଭିଏସ୍ ଜୁପିଟର କ୍ଲାସିକ୍‌ର ଉନ୍ମୋଚନ କରାଯାଇଛି। ଏ ସମ୍ପର୍କରେ ଟିଭିଏସ୍ ମୋଟର କମ୍ପାନୀର ବରିଷ୍ଠ ଉପସଭାପତି (ମାର୍କେଟିଂ) ଅନିରୁଦ୍ଧ ହାଲ୍‌ଦାର କହିଛନ୍ତି, ନୂଆ ଟିଭିଏସ୍ ଜୁପିଟର କ୍ଲାସିକ୍ ପ୍ରିମିୟମ କ୍ଲାସିକ୍‌କୁ ସମସାମୟିକ କରିପାରିଛି। ବିଶେଷକରି ଏହା ଉପରେ ନିୟୁତାଧିକ ଗ୍ରାହକ ପ୍ରକଟ କରିଥିବା ଅତୁଳନୀୟ ଭରସା ଓ ଭଲ ପାଇବା ଯୋଗୁ ଏଭଳି ଏକ ଲକ୍ଷ୍ୟ ହାସଲ ହୋଇପାରିଛି। ଟିଭିଏସ୍ ଜୁପିଟର କ୍ଲାସିକ୍ ସହ ଆମେ ଟିଭିଏସ୍ ଜୁପିଟରର ବ୍ରାଣ୍ଡ ପ୍ରତିଶ୍ରୁତି ଜ୍ୟାଦା କା ଫାୟଦାକୁ ନିରନ୍ତର ଭାବେ ପ୍ରଦାନ କରିବାର ପ୍ରତିଶ୍ରୁତିକୁ ଦୋହରାଉଛୁ। ଅପରପକ୍ଷରେ ଟିଭିଏସ୍ ଜୁପିଟର ଦ୍ରୁତତମ ୫ନିୟୁତ ଗାଡ଼ି ବିକ୍ରି ମାଇଲଖୁଣ୍ଟ ହାସଲ କରିଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ଏକ ଉତ୍ସବ ସଂସ୍କରଣ (ସେଲିବ୍ରେଟୋରି ଏଡିସନ୍)ର ଶୁଭାରମ୍ଭ କରାଯାଇଛି। ବିଶେଷକରି ଏଥିରେ ହ୍ୟାଣ୍ଡେଲ୍ ବାର୍ ସହ ହୀରା ଭଳି କଟାହୋଇଥିବା ଆଲୟ ହ୍ୱିଲ୍ ଓ ଗାଢ଼ ଧୂସର ରଙ୍ଗର ଇନର ପ୍ୟାନେଲ ମଧ୍ୟ ରହିଛି। ସେହିଭଳି ମିରର ହାଇଲାଇଟ୍‌ରେ କଳା ଥିମ୍, ଫେଣ୍ଡର ଗାର୍ନିସ୍, ଟିଣ୍ଟେଡ୍ ଭାଇଜର ଏବଂ ୩ଡି କଳା ରଙ୍ଗର ପ୍ରିମିୟମ୍ ଲୋଗୋ ସହ ପ୍ରିମିୟମ ସିଟର ବ୍ୟବହାର କରାଯାଇଛି। ଏହାର ଡେକାଲ୍ ଅସିମ କ୍ଲାସିକ୍‌ର ରୋମାଞ୍ଚ ପ୍ରଦାନ କରୁଛି। ଏହି ଭାରିଆଣ୍ଟ ୨ଟି ସ୍ୱତନ୍ତ୍ର ରଙ୍ଗ ଯଥା ମିଷ୍ଟିକ୍ ଗ୍ରେ ଓ ରେଗାଲ୍ ପର୍ପଲରେ ଉପଲବ୍ଧ ରହିଛି। ଜ୍ୟାଦା କା ଫାୟଦାର ଦର୍ଶନ ଅନୁସାରେ ଏହି ଭାରିଆଣ୍ଟରେ ରହିଛି ଡିସ୍କ ବ୍ରେକ୍ ଓ ଇଞ୍ଜିନ୍ କିଲ୍ ସ୍ୱିଚ୍ ଭଳି ଅଧିକ ସୁରକ୍ଷା ବ୍ୟବସ୍ଥା ଏବଂ ଅଧିକ ସୁବିଧା ଲାଗି ଅଲ୍-ଇନ୍-ୱାନ୍ ଲକ୍, ୟୁଏସ୍‌ବି ଚାର୍ଜର ଓ ପିଲିଅନ୍ ବ୍ୟାକ୍ ରେଷ୍ଟ ଏବଂ ନୂଆ ସ୍ପିଡୋମିଟର ଟାଏଲ୍ ଆର୍ଟ, ଲୋ ଫ୍ରିକ୍ସନ୍ ୧୧୦ ସିସି ଇଞ୍ଜିନ ଯାହା ଶକ୍ତି, ଉତ୍କୃଷ୍ଟ ତ୍ୱରଣ ଏବଂ ଶ୍ରେଷ୍ଠ ମାନର ଇନ୍ଧନ ମିତବ୍ୟୟିତା ପ୍ରଦାନ କରୁଛି। ଏହାର (ଟିଭିଏସ୍ ଜୁପିଟର କ୍ଲାସିକ୍) ଡିସ୍କ ବ୍ରେକ୍ ଭାରିଆଣ୍ଟ ମୂଲ୍ୟ (ଏକ୍ସ ଶୋ'ରୁମ୍, ଦିଲ୍ଲୀ) ୮୫,୮୬୬ ଟଙ୍କା ରହିଛି।

# ଷ୍ଟାର୍ କିରଣରେ ପ୍ରସାରଣ ହେବ ମହାବାହୁ ଚଳଚ୍ଚିତ୍ର

**ଭୁବନେଶ୍ୱର,୨୩।୯**




ରାଜ୍ୟର ପ୍ରମୁଖ ଓଡ଼ିଆ ମନୋରଞ୍ଜନ ଚ୍ୟାନେଲ ଷ୍ଟାର କିରଣରେ ଆସନ୍ତା ରବିବାର ସୁପରହିଟ୍ ଓଡ଼ିଆ ଚଳଚ୍ଚିତ୍ର 'ମହାବାହୁ'ର ପ୍ରସାରଣ ହେବ। ଉକ୍ତ ଚ୍ୟାନେଲ୍ ପ୍ରତି ସପ୍ତାହ ଶେଷ(ରବିବାର)ରେ ଦର୍ଶକମାନଙ୍କୁ ନୂଆ ଚଳଚ୍ଚିତ୍ର ଭେଟି ଦେଉଛି। ଫଳରେ ସାରା ପରିବାର ରବିବାର ଏକତ୍ରିତ ହୋଇପାରୁଛନ୍ତି। ଉକ୍ତ ଚଳଚ୍ଚିତ୍ରରେ ନାୟକ ଭୂମିକାରେ ଆକାଶଦାସ ନାୟକ ଏବଂ ନାୟିକା ଭୂମିକାରେ ପୁନମ ମିଶ୍ର ଅଭିନୟ କରିଛନ୍ତି। ଏହା ଏକ ପାରିବାରିକ ଏବଂ ମନୋରଞ୍ଜନ ଭିତ୍ତିକ ଚଳଚ୍ଚିତ୍ର। ମହାବାହୁ ଚଳଚ୍ଚିତ୍ର ହେଉଛି ଏକ ପ୍ରତିକୂଳ ପରିସ୍ଥିତିରେ ଅବିଶ୍ୱାସରେ ବିଶ୍ୱାସର ବିରୋଧରେ ଆଭ୍ୟନ୍ତରୀଣ ଯୁଦ୍ଧର କାହାଣୀ। ଉକ୍ତ ଚଳଚ୍ଚିତ୍ରରେ ଶୁଭମ୍ ଚରିତ୍ରରେ ଆକାଶ ସୁନ୍ଦର ଅଭିନୟ ସାଙ୍ଗକୁ ଜଣେ ସଫଳ ଶିଳ୍ପପତିର ଭୂମିକାରେ ଅଭିନୟ କରିଛନ୍ତି। ଏପରିକି ଯେତେବେଳେ ହଠାତ୍ ଶୁଭମ୍ ତାଙ୍କ ମସ୍ତିଷ୍କରେ ହୋଇଥିବା ଏକ ଟ୍ୟୁମର ବିଷୟରେ ଜାଣିବାକୁ ପାଆନ୍ତି ସେତେବେଳେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଦେଖି ସେ ପ୍ରଭୁ ଜଗନ୍ନାଥଙ୍କ ଉପରୁ ସମସ୍ତ ବିଶ୍ୱାସ ହରାଇ ବସନ୍ତି। ଏହା ପରେ ଶ୍ରୀଜଗନ୍ନାଥଙ୍କ ଉପରେ ତାଙ୍କର ହଜିଯାଇଥିବା ବିଶ୍ୱାସ କିପରି ପୁନଃ ସ୍ଥାପିତ ହେଉଛି, ତାହା ଉକ୍ତ ଚଳଚ୍ଚିତ୍ର ମାଧ୍ୟମରେ ଦର୍ଶକମାନଙ୍କୁ ସୁନ୍ଦର ଭାବରେ ପରିବେଷଣ କରାଯାଉଛି।

# ଆଇସିଆଇସିଆଇ ବ୍ୟାଙ୍କ୍‌ର 'ଫେଷ୍ଟିଭ୍ ବୋନାଞ୍ଜା'

**ନୂଆଦିଲ୍ଲୀ,୨୩।୯**




ଚଳିତ ବର୍ଷର ପାର୍ବଣରତୁକୁ ନଜରରେ ରଖି ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଫେଷ୍ଟିଭ୍ ବୋନାଞ୍ଜା ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ବ୍ୟାଙ୍କର ଗ୍ରାହକମାନଙ୍କ ପାଇଁ ବ୍ୟାପକ ପ୍ରକାର ଅଫର ସହ ରିହାତି ଓ ୨୫ହଜାର ଟଙ୍କାର କ୍ୟାଶବ୍ୟାକ୍ ସୁବିଧାକୁ ମଧ୍ୟ ବ୍ୟାଙ୍କର ଡେବିଟ୍ କାର୍ଡ, କ୍ରେଡିଟ୍ କାର୍ଡ, ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍, କଞ୍ଜ୍ୟୁମର ଫାଇନାନ୍ସ ଓ କାର୍ଡଲେସ୍ ଇଏମ୍‌ଆଇକୁ ବ୍ୟବହାର କରି ଉପଭୋଗ କରିପାରିବେ। ଏପରିକି ବ୍ୟାଙ୍କର ଡେବିଟ୍ କାର୍ଡ ଓ କ୍ରେଡିଟ୍ କାର୍ଡକୁ ବ୍ୟବହାରକରି ଇଏମ୍‌ଆଇ ଜରିଆରେ ମଧ୍ୟ ଗ୍ରାହକମାନେ ଉପରୋକ୍ତ ଅଫରଗୁଡ଼ିକୁ ହାସଲ କରିପାରିବେ। ଏ ସମ୍ପର୍କରେ ଆଇସିଆଇସିଆଇ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରାକେଶ ଝା କହିଛନ୍ତି, ଆମ ଗ୍ରାହକମାନଙ୍କ ପାଇଁ ଫେଷ୍ଟିଭ୍ ବୋନାଞ୍ଜା ଅଫର ଆରମ୍ଭ କରାଯାଇଥିବା ବିଷୟରେ ଘୋଷଣାକରି ଆମେ ଅତ୍ୟନ୍ତ ଉଲ୍ଲସିତ ଅଛୁ। ଯେଉଁଥିରେ କିଣାକିଣି ଓ ବ୍ୟୟ ଉପରେ ବ୍ୟାପକ ଅଫର,ରିହାତି ଓ କ୍ୟାଶ୍‌ବ୍ୟାକ୍ ସୁବିଧା ରହିଛି। ସେହିଭଳି ବିଭିନ୍ନ ପ୍ରକାର ଉତ୍ପାଦ ଓ ସେବା ଉପରେ ଆକର୍ଷଣୀୟ ଅଫର ପ୍ରଦାନ କରିବା ଲାଗି ଆମେ ଅଗ୍ରଣୀ ବ୍ରାଣ୍ଡ ଓ ଇ-କମର୍ସ ପ୍ଲାଟ୍‌ଫର୍ମଗୁଡ଼ିକ ସହ ସହଯୋଗିତା ମଧ୍ୟ ସ୍ଥାପନ କରିଛୁ। ଆଇସିଆଇସିଆଇ ବ୍ୟାଙ୍କର ଡେବିଟ୍-କ୍ରେଡିଟ୍ କାର୍ଡ, ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ଓ କଞ୍ଜ୍ୟୁମର ଫାଇନାନ୍ସକୁ ବ୍ୟବହାରକରି ଗ୍ରାହକମାନେ ଉକ୍ତ ଅଫରର ସୁବିଧା ହାସଲ କରିପାରିବେ। ତା' ସହ ପସନ୍ଦର ଗାଜେଟ୍,ହୋମ୍ ଆପ୍ଲାଏନ୍‌ସେସ୍ ଓ ଅନ୍ୟାନ୍ୟ ଜିନିଷ କିଣିବା ଲାଗି ନୋ କଷ୍ଟ ଇଏମ୍‌ଆଇଠାରୁ ଫାଇନାନ୍ସ ପର୍ଯ୍ୟନ୍ତ ଏବଂ ଆମର ବ୍ୟାଙ୍କିଙ୍ଗ୍ ସମାଧାନଗୁଡ଼ିକ ଯଥା ଗୃହ ଋଣ, ବାଲାନ୍ସ ଟ୍ରାନ୍ସଫର୍, ସମ୍ପତ୍ତି ବଦଳରେ ଋଣ, ବ୍ୟକ୍ତିଗତ ଋଣ, ଗାଡ଼ି ଋଣ ଓ ଦୁଇଚକିଆ ଋଣ, କାର୍ଡଲେସ୍ ଇଏମ୍‌ଆଇ ଆଦି ଉପରେ ଆମେ ଉତ୍ସବ ଲାଭ ଉପସ୍ଥାପନ କରିଛୁ। ଆମେ ଆଶା କରୁଛୁ ଯେ ଏହି ଅଫରଗୁଡ଼ିକ ଗ୍ରାହକମାନଙ୍କୁ ଅଧିକ ଖୁସି ଓ ଉତ୍ସାହ ପ୍ରଦାନ କରିବ।

ସେହିପରି ପ୍ରମୁଖ ଅନ୍‌ଲାଇନ ଶପିଙ୍ଗ୍ ସାଇଟ୍‌ରେ ଶପିଙ୍ଗ୍ କଲେ ଗ୍ରାହକମାନେ ୧୦% ରିହାତି ପାଇବେ। ଏପରିକି ଇଲେକ୍ଟ୍ରୋନିକ୍ସ ଓ ଗାଜେଟ୍ ଶପିଙ୍ଗ୍ ଉପରେ ୧୦% ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ସୁବିଧା ରହିଛି।




**ଧନ କୁବେର ଫାଇନାନ୍ସ**

30000 ରୁ 50 ଲକ୍ଷ ପର୍ଯ୍ୟନ୍ତ ଋଣ । ପ୍ରପର୍ଟି, ପର୍ସନାଲ, ଏଜୁକେଶନ, ଉଦ୍ୟୋଗ, ଗୃହ ଋଣ, ଇଟାଭାଟି ଋଣ, 36 ଘଣ୍ଟାରେ 2% ସୁଧ 50% ରିହାତି (ସିବିଲ ଖରାପ ଥିବା ବ୍ୟକ୍ତି ମଧ୍ୟ ଋଣ ପାଆନ୍ତୁ)

**9457203304**

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସିବିଓଆଇ ପକ୍ଷରୁ ଋଣ ଶିବିର

**ଭୁବନେଶ୍ୱର,୨୩।୯:** ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସିବିଓଆଇ) ପକ୍ଷରୁ ନିକଟରେ ଉଭୟ କଟକ ଓ ଭୁବନେଶ୍ୱରରେ ୨ଟି ମେଗା କ୍ଲଷ୍ଟର ଋଣ ଶିବିରର ଆୟୋଜନ କରାଯାଇଥିଲା। ଏହି ଅବସରରେ ସିବିଓଆଇର କୋଲକାତାସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ମୁଖ୍ୟ ଅଜୟ କୁମାର ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର କ୍ଷେତ୍ରୀୟ ମୁଖ୍ୟ ଅନାଦି ବିଶ୍ୱାସଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ଉକ୍ତ ଶିବିର ଜରିଆରେ ବ୍ୟାଙ୍କର ଗ୍ରାହକମାନଙ୍କୁ ୧୦୦ କୋଟି ଟଙ୍କାର ଋଣ ମଞ୍ଜୁର ପତ୍ର ସହ ୪୦ କୋଟି ଟଙ୍କାର ଋଣ ବଣ୍ଟନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସିଂ ଗ୍ରାହକମାନଙ୍କ ସହ ଭାବାନୁପ୍ରଦାନ କରିବା ସହ ସେମାନଙ୍କୁ ଉତ୍ତମ ଗ୍ରାହକ ସେବା ଯୋଗାଇଦେବା ନିମନ୍ତେ ସୁନିଶ୍ଚିତ କରିଥିଲେ। ସେହିଭଳି ଅଜୟ ବ୍ୟାଙ୍କର ସମସ୍ତ ଶାଖାର ଶାଖା ମୁଖ୍ୟମାନଙ୍କ ସହ ଆଲୋଚନା କରିଥିଲେ। ଏପରିକି ପ୍ରତି ଅଭାବୀ ଗ୍ରାହକଙ୍କ ପାଖରେ ପହଞ୍ଚି ସେମାନଙ୍କର ଆର୍ଥିକ ପରିସ୍ଥିତିରେ ସୁଧାର ଆଣିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ମଧ୍ୟ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଅଜୟ କୁମାର ସିଂ ନିକଟରେ କଟକ ଓ ଭୁବନେଶ୍ୱର ପରିଦର୍ଶନରେ ଆସିଥିଲେ।



# ରିଟେଲ ବ୍ୟବସାୟରେ ଓଲାମ୍ ଏଗ୍ରିର ପ୍ରବେଶ




**ଭୁବନେଶ୍ୱର,୨୩।୯**

ଦେଶର ପ୍ରମୁଖ ଚାଉଳ ଉତ୍ପାଦନକାରୀ କମ୍ପାନୀ ଓଲାମ୍ ଏଗ୍ରି ପକ୍ଷରୁ ଓଡ଼ିଶା ବଜାରରେ ଦୀର୍ଘଦିନରୁ ସ୍ଥାପନ କରାଯାଇଥିବା ଉପସ୍ଥିତି ଅନୁସାରେ କମ୍ପାନୀ ଖୁଚୁରା ବଜାରରେ ମଧ୍ୟ ପ୍ରବେଶ କରଛି। ଏହାର ଦୀର୍ଘସ୍ଥାୟୀ ହିଭେନ୍‌ସ ହାର୍ଭେଷ୍ଟ ଓ ଟ୍ରୁ ଆର୍ଥ ବ୍ରାଣ୍ଡକୁ ଉପଭୋକ୍ତା ମିତବ୍ୟୟୀ ପ୍ୟାକେଜିଂରେ ଉପସ୍ଥାପନ କରି ବାସ୍‌ମତି ଚାଉଳ ରିଟେଲ ବ୍ୟବସାୟ କ୍ଷେତ୍ରରେ ପ୍ରବେଶ କରିଥିବା ବେଳେ ଓଡ଼ିଶା ଏହା ପାଇଁ ହେଉଛି ଅନ୍ୟତମ ପ୍ରମୁଖ ବଜାର ଭାବେ ଉଭା ହୋଇଛି। ଅପରପକ୍ଷରେ ୨୦୨୨ ମଧ୍ୟଭାଗରୁ କମ୍ପାନୀ ରାଜ୍ୟର ପ୍ରମୁଖ ସହର ଯଥା ବାଲେଶ୍ୱର, ଭୁବନେଶ୍ୱର, ବ୍ରହ୍ମପୁର, କଟକ ଆଦିର ଏଚ୍ ଆଣ୍ଡ ବି ଶିଳ୍ପକୁ ବାସ୍‌ମତି ଚାଉଳ ଯୋଗାଉଛି। ଏହାର ବିରିଆନି ଚାଉଳ ଗୁଣାତ୍ମକ ମାନ, ସ୍ୱାଦ ଓ ବିଭିନ୍ନ ପ୍ରକାର ମସଲାକୁ ଗ୍ରହଣ କରିବାର ଦକ୍ଷତା ପାଇଁ ପରିଚିତ। ବିଶେଷକରି ଉପଭୋକ୍ତାଙ୍କ ପାଇଁ ଏବେ ଉପଲବ୍ଧ ହୋଇଥିବା ବେଳେ ସର୍ବାଧିକ ମୁଣ୍ଡ ପିଛା ଚାଉଳ ଉପଯୋଗିତାର ରାଜ୍ୟ ଭାବେ (ଏନ୍‌ଏସ୍‌ଏସ୍‌ଓ ତଥ୍ୟ ଅନୁସାରେ) ପରିଗଣିତ ଓଡ଼ିଶାର ଚାଉଳ ଚାହିଦାକୁ ପୂରଣ କରିବା ଲାଗି ଓଲାମ୍ ଏଗ୍ରି ନିଜର ସ୍ଥିତିକୁ ସୁଦୃଢ଼ କରିଛି।

ଏ ସମ୍ପର୍କରେ ଓଲାମ୍ ଏଗ୍ରି ଇଣ୍ଡିଆର ଉପସଭାପତି (ଚାଉଳ ଓ ଶସ୍ୟ) ନୀତିନ ଗୁପ୍ତା କହିଛନ୍ତି, ଚାଉଳ ପ୍ରତି ସାଧାରଣରେ ସମସ୍ତଙ୍କର ଦୁର୍ବଳତା ରହିଥାଏ ଏବଂ ବାସ୍‌ମତି ଚାଉଳ ପ୍ରତି ଓଡ଼ିଶାର ଭଲ ପାଇବା ବେଶ୍ ଚମତ୍କାର ରହିଛି। ରାଜ୍ୟରେ ଆମର କିଛି ଉତ୍କୃଷ୍ଟ ଖାଦ୍ୟ ବିଶେଷଜ୍ଞ ଓ ଭୋଜନ ଉପଲବ୍ଧି ରହିଛି। ସେହିଭଳି ଏହାର ନୂଆ ଉପଭୋକ୍ତା ପ୍ୟାକେଜିଂ ସହ ହିଭେନ୍‌ସ ହାର୍ଭେଷ୍ଟ ୧୦କେଜି, ୨୫ କେଜି ଓ ୩୦ କେଜି ପ୍ୟାକ୍‌ରେ ବିକ୍ରି ହେଉଛି ଏବଂ ଟ୍ରୁ ଆର୍ଥ ୧କେଜି ଓ ୫ କେଜି ପ୍ୟାକ୍‌ରେ ସାରା ଓଡ଼ିଶାର ବଜାରରେ ଉପଲବ୍ଧ ହୋଇଛି। ସାରା ଭୁବନେଶ୍ୱରର ଖାଦ୍ୟ ଆତିଥେୟତା କ୍ଷେତ୍ରର ପ୍ରମୁଖ ବ୍ୟକ୍ତିବିଶେଷ ଓ ପେସାଦାର ବିରିୟାନ ସେଫ୍‌ମାନଙ୍କୁ ଏକତ୍ରିତ କରି ଏହି ଉତ୍ପାଦଗୁଡ଼ିକର ପ୍ରଚାର କରିବା ଲାଗି ଓଲାମ୍ ଏଗ୍ରି ପକ୍ଷରୁ ବଡ଼ ଧରଣର ହୋରେକୋ (ହୋଟେଲ-ରେସ୍ତୋରାଁ-କ୍ୟାଟରିଂ) କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ଅବସରରେ ଯୋଗ ଦେଇଥିବା ଅଧିକାରୀଙ୍କ ଗହଣରେ ବାସ୍‌ମତି ବ୍ୟବସାୟ ମୁଖ୍ୟ ସଞ୍ଜୟ ବାସିତ୍, ନ୍ୟାଶନାଲ ସେଲ୍ ଓ ଡିଷ୍ଟ୍ରିବ୍ୟୁଶନ ମୁଖ୍ୟ କୁମାର ବିଶାଳ ସିଂ ଏବଂ ମାର୍କେଟିଂ ମ୍ୟାନେଜର ଜ୍ୟୋତ୍ସ୍ନା ଠାକୁର ପ୍ରମୁଖ ଉପସ୍ଥିତ ରହିଛନ୍ତି।

**ମନେ ପଡ଼ନ୍ତି**

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ଇଂ.ଫକୀର ମୋହନ ସାହୁ**

ଆବିର୍ଭାବ: ୦୧।୦୬।୧୯୩୮
ତିରୋଧାନ: ୧୮।୦୯।୨୦୧୭

ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଅଛୁ।

**-:ଶୋକସନ୍ତପ୍ତ:-**

ପରିବାରବର୍ଗ ଓ ଆତ୍ମୀୟସ୍ୱଜନ, ପୁତ୍ର: ସିନୁ (ଶ୍ରୀନିବାସ ସାହୁ)

ଧ-୧୮୨୫୪

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ପ୍ରଶାନ୍ତ କୁମାର ସାମନ୍ତରାୟ**

ପ୍ଲଟ ନଂ.- ୧୨୦, ବାପୁଜୀନଗର, ଭୁବନେଶ୍ୱର
ଆବିର୍ଭାବ: ୨୮।୧୧।୧୯୪୯
ତିରୋଧାନ: ୨୫।୦୯।୨୦୧୪

ତୁମର ସ୍ନେହ, ଆଦର୍ଶ ଓ ତ୍ୟାଗ ଆମ୍ଭମାନଙ୍କ ପାଇଁ ନିରନ୍ତର ପଥପ୍ରଦର୍ଶକ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ତୁମର ଅମରାତ୍ମା ଶାନ୍ତି ଲାଭ କରୁ ଏହା ହିଁ ଆମର ପ୍ରାର୍ଥନା।

ଶୋକସନ୍ତପ୍ତ: ସ୍ତ୍ରୀ- ସ୍ନେହପ୍ରଭା, ଝିଅ- ସୁଲକ୍ଷଣା, ଜ୍ୱାଇଁ- ବିଶ୍ୱଜିତ, ବଡ଼ପୁଅ- ଉତ୍ତମ, ସାନପୁଅ- ଉଜ୍ଜ୍ୱଳ, ସାନବୋହୂ- ଶ୍ରଦ୍ଧା, ନାତି- ଅଙ୍କିତ, ନାତୁଣୀ- ଆଦିଶ୍ରୀ, ପିହୂ।

ଧ-୧୬୧୦

# ଜୁନିୟର ହକି, ଏଚ୍‌ଆଇଏଲ୍ ଉପରେ ଫୋକସ



ନବନିର୍ବାଚିତ ଭୋଲା ନାଥ ସିଂ, ଦିଲୀପ ତିର୍କୀ ଓ ସେକର ଜେ. ମନୋହରନ।

**ଭୁବନେଶ୍ୱର, ୨୩।୯ (ତପନ ସ୍ୱାଇଁ)**

ନିଜ ହକି ଷ୍ଟିକ୍ ମାଧ୍ୟମରେ ଓଡ଼ିଶାକୁ ପୂର୍ବରୁ ଅନେକ ଥର ଗର୍ବିତ କରିଥିବା ଅଲିମ୍ପିଆନ ଦିଲୀପ ତିର୍କୀ ଏବେ କ୍ୟାରିୟରରେ ଏକ ନୂଆ ଫର୍ଦ୍ଦ ଯୋଡ଼ି ଗୌରବ ଆଣିଛନ୍ତି। ପ୍ରଥମ ଓଡ଼ିଆ ଭାବେ ହକି ଇଣ୍ଡିଆର ସଭାପତି ହୋଇଛନ୍ତି ପଦ୍ମଶ୍ରୀ ଦିଲୀପ। ନିଜ ସଫଳତାରେ ସ୍ୱାଭାବିକ ଭାବେ ଗର୍ବ ଅନୁଭବ କରୁଛନ୍ତି ଏହି ପୂର୍ବତନ ଭାରତୀୟ ଅଧିନାୟକ। ଓଡ଼ିଶା ସରକାର କ୍ରମାଗତ ଭାବେ କ୍ରୀଡ଼ାକୁ ଗୁରୁତ୍ୱ ଦେଇ ଆସୁଛନ୍ତି। ଓଡ଼ିଶା ଏବେ ଭାରତୀୟ ହକି ଦଳର ପ୍ରାୟୋଜକ। ହକି ବ୍ୟତୀତ ଅନ୍ୟ କ୍ରୀଡ଼ାଗୁଡ଼ିକୁ ମଧ୍ୟ ରାଜ୍ୟ ସରକାର ପ୍ରୋତ୍ସାହନ ଦେଇ ଆସୁଛନ୍ତି। ଏହାର ପ୍ରଭାବ ଅନ୍ୟ ରାଜ୍ୟଗୁଡ଼ିକ ଉପରେ ପଡ଼ିଛି। ଫଳସ୍ୱରୂପ ଓଡ଼ିଶାର ଜଣେ ବ୍ୟକ୍ତି ହକିଇଣ୍ଡିଆର ସର୍ବୋଚ୍ଚ ପଦ ଅଳଙ୍କୃତ କରିବା ସମ୍ଭବ ହୋଇପାରିଛି ବୋଲି ଧରିତ୍ରୀ ସହ କଥା ହେବାବେଳେ ନିଜ ପ୍ରଥମ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ଦିଲୀପ। ‘‘ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅଶେଷ ଧନ୍ୟବାଦ। ତାଙ୍କ ଦୂରଦୃଷ୍ଟି ଯୋଗୁ ରାଜ୍ୟରେ ଏବେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ଉପଲବ୍ଧ ହେବା ସହ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ମିଳୁଛି। ଏଥିରେ ଅନ୍ୟ ରାଜ୍ୟଗୁଡ଼ିକ ପ୍ରଭାବିତ ହୋଇଛନ୍ତି ବୋଲି ମୋର ଅନୁଭବ ହେଉଛି। ମୋ ବିପକ୍ଷରେ ଲଢ଼ିବାକୁ ପ୍ରାର୍ଥୀପତ୍ର ଦାଖଲ କରି ଶେଷରେ ପ୍ରତ୍ୟାହାର କରିଥିବା ଉତ୍ତର ପ୍ରଦେଶର ରାକେଶ କାଟ୍ୟାଲ ଓ ଝାଡ଼ଖଣ୍ଡର ଭୋଲା ନାଥ ସିଂଙ୍କୁ ମଧ୍ୟ ଧନ୍ୟବାଦ ଜଣାଇବାକୁ ଚାହିଁବି। କେବଳ ସେତିକି ନୁହେଁ, ଦେଶର ସମସ୍ତ ହକି ଆସୋସିଏଶନ ସେମାନଙ୍କର ସମର୍ଥନ ଦେବାରୁ ମୁଁ ନିର୍ବିବାଦରେ ସଭାପତି ହୋଇପାରିଛି। ତେଣୁ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହୋଇଥିବା ସବୁ ଆସୋସିଏଶନ ସଦସ୍ୟଙ୍କୁ ଅଶେଷ ଧନ୍ୟବାଦ। ଏବେ ମୋ ଉପରେ ଗୁରୁଦାୟିତ୍ୱ’’ ବୋଲି ଦିଲୀପ ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ‘‘ଖେଳାଳି ହୁଅନ୍ତୁ କି ପ୍ରଶାସକ ସେମାନଙ୍କ ପାଇଁ ସବୁବେଳେ ନୂଆ ଚ୍ୟାଲେଞ୍ଜ ଆସିଥାଏ। ତେଣୁ ଏହା ମୋ ପାଇଁ ଏକ ନୂଆ ଚ୍ୟାଲେଞ୍ଜ। ହକିରେ ଉତ୍‌ଥାନ ପତନ ଲାଗି ରହିଥାଏ। ଆମେ ଖେଳିବା ବେଳେ କେତେବେଳେ ଶୀର୍ଷସ୍ତରକୁ ଛୁଇଁଥିଲୁ ତ ଆଉ କେତେବେଳେ ଯନ୍ତ୍ରଣା ଅନୁଭବ କରିଥିଲୁ। ସେ ସବୁ ଅନୁଭୂତିକୁ ନେଇ ଜଣେ ପ୍ରଶାସକ ଭାବେ ମୁଁ ଆଗକୁ ବଢ଼ିବି। ହକିକୁ ଏକ ଭିନ୍ନ ସୋପାନକୁ ନେବା ମୋର ମୁଖ୍ୟ ଲକ୍ଷ୍ୟ ରହିବ। ନିର୍ବାଚିତ ସମସ୍ତ ସଦସ୍ୟଙ୍କୁ ନେଇ ଆଗକୁ ବଢ଼ିବାକୁ ଚେଷ୍ଟା କରିବି। ଜୁନିୟର ଖେଳାଳିଙ୍କ ପାଇଁ ସ୍ୱତନ୍ତ୍ର ଟ୍ରେନିଂ ପ୍ରୋଗ୍ରାମର ଆବଶ୍ୟକ ଅଛି। ବିଶେଷକରି ଡ୍ରାଗ୍ ଫ୍ଲିକର ଓ ଗୋଲକିପରଙ୍କ କ୍ଷେତ୍ରରେ ଏହା ବେଶି ପ୍ରଯୁଜ୍ୟ। ଫିଟ୍‌ନେସ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ପୁନଃ ପ୍ରଚଳନ ମଧ୍ୟ ଯୋଜନା ରହିଛି। ଆମେ ଗତ ଅଲିମ୍ପିକ୍ସ ହକିରେ ପୁରୁଷ ବିଭାଗରେ ବ୍ରୋଞ୍ଜ ପଦକ ପାଇଥିବାବେଳେ ମହିଳାରେ ୪ର୍ଥ ସ୍ଥାନ ଅଧିକାର କରିଥିଲୁ। ଆଗାମୀ ଦିନରେ କିପରି ଆହୁରି ଭଲ ଫଳ ମିଳିପାରିବ ତା’ ଉପରେ ଧ୍ୟାନ ଦିଆଯିବ’’ ବୋଲି ଦିଲୀପ ପ୍ରକାଶ କରିଛନ୍ତି।

### ହକି ଇଣ୍ଡିଆର ପ୍ରଥମ ଖେଳାଳି ସଭାପତି

ହକି ଇଣ୍ଡିଆର ସଭାପତି ନିର୍ବାଚିତ ହେବାରେ ଦିଲୀପ ତିର୍କୀ ପ୍ରଥମ ଖେଳାଳି। ପୂର୍ବରୁ କୌଣସି ଖେଳାଳି କେବେହେଲେ ସଭାପତି ହୋଇ ନ ଥିଲେ। ନିକଟରେ ପୂର୍ବତନ ଖେଳାଳି କଲ୍ୟାଣ ଚୌବେ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ)ର ସଭାପତି ହୋଇଥିଲେ। ସୌରଭ ଗାଙ୍ଗୁଲି ବର୍ତ୍ତମାନ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ସଭାପତି ଅଛନ୍ତି। ପୂର୍ବତନ ଖେଳାଳି ଆଡିଲ ସୁମାରିୱାଲା ମଧ୍ୟ ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫଆଇ)ର ସଭାପତି ଅଛନ୍ତି।

# ଟିକେଟ ବିକ୍ରି ଆରମ୍ଭ, ବାରବାଟୀରେ ଫାଇନାଲ



ବାରବାଟୀ ଷ୍ଟାଡିୟମ ନିକଟସ୍ଥ କାଉଣ୍ଟରରେ ଟିକେଟ ବିକ୍ରି।

### ଲିଜେଣ୍ଡ୍ସ ଲିଗ୍ କ୍ରିକେଟ

**କଟକ ଅଫିସ, ୨୩।୯:** ବାରବାଟୀରେ ଖେଳାଯିବାକୁ ଥିବା ଲିଜେଣ୍ଡ୍ସ ଲିଗ୍ କ୍ରିକେଟ (ଏଲଏଲସି) ଟୁର୍ନାମେଣ୍ଟର ମ୍ୟାଚ୍ ନିମନ୍ତେ ଅଫଲାଇନ୍‌ରେ ଟିକେଟ ବିକ୍ରି ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ବାରବାଟୀ ଷ୍ଟାଡିୟମ ପରିସର ବାହାରେ ୪ଟି କାଉଣ୍ଟରରେ ଟିକେଟ ବିକ୍ରି କରାଯାଉଛି। ପ୍ରଥମ ଦିନରେ ବିକ୍ରି ହୋଇଛି ୯୯ଟି ଟିକଟ। ୨୬ ତାରିଖରେ ଖେଳାଯିବାକୁ ଥିବା ମଣିପାଲ ଟାଇଗର୍ସ-ଭିଲୱାରା କିଙ୍ଗ୍ସ ବିପକ୍ଷ ପ୍ରଥମ ମ୍ୟାଚ୍ ନିମନ୍ତେ ୩୪ଟି ଟିକେଟ ବିକ୍ରି ହୋଇଛି। ୨୭ ତାରିଖରେ ଖେଳାଯିବାକୁ ଥିବା ଗୁଜରାଟ ଜାଏଣ୍ଟ୍ସ-ଭିଲୱାରା କିଙ୍ଗ୍ସ ବିପକ୍ଷ ମ୍ୟାଚ୍ ନିମନ୍ତେ ୬୫ଟି ଟିକେଟ ବିକ୍ରି ହୋଇଛି ବୋଲି ଏଲଏଲସିର ଜନୈକ ଅଧିକାରୀ ସୂଚନା ଦେଇଛନ୍ତି। ଶନିବାର ଓ ରବିବାର ମଧ୍ୟ କାଉଣ୍ଟର ଖୋଲାରହିବ। ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଟିକେଟ ବିକ୍ରି କରାଯିବ ବୋଲି ସେ କହିଛନ୍ତି। ୨୫ ତାରିଖରେ ଉଭୟ ଦଳ ଆସି ଭୁବନେଶ୍ୱରରେ ପହଞ୍ଚିବେ। ଏଣୁ ଅଭ୍ୟାସ ସେସନ ରଖାଯାଇନାହିଁ। ସେହିପରି ୨୭ ତାରିଖରେ ଖେଳାଯିବାକୁ ଥିବା ଗୁଜୁରାଟ ଜଏଣ୍ଟ୍ସ-ଭିଲୱାରା କିଙ୍ଗସ ବିପକ୍ଷ ମ୍ୟାଚ୍ ପୂର୍ବରୁ ମଧ୍ୟ କୌଣସି ଦଳ ଅଭ୍ୟାସ କରିବାକୁ ଆସିବେ ନାହିଁ। ୨୯ ତାରିଖରେ ଇଣ୍ଡିଆ କ୍ୟାପିଟାଲ୍ସ-ମଣିପାଲ ଟାଇଗର୍ସ ବିପକ୍ଷ ମ୍ୟାଚ୍ ଖେଳାଯିବ। ଏହି ଦୁଇ ଦଳ ୨୮ ତାରିଖରେ ଅଭ୍ୟାସ କରିବେ। ପ୍ରତ୍ୟେକ ମ୍ୟାଚ୍ ସନ୍ଧ୍ୟା ୭.୩୦ରେ ଆରମ୍ଭ ହେବ।

ଅକ୍ଟୋବର ୫ରେ ଲିଗ୍‌ର ଫାଇନାଲ କଟକ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ ବୋଲି ଟୁର୍ନାମେଣ୍ଟର ଆୟୋଜକ ଶୁକ୍ରବାର ଘୋଷଣା କରିଛନ୍ତି। ଲିଗ୍ ପ୍ରତି ଖେଳପ୍ରେମୀଙ୍କ ଆଗ୍ରହ ପରିଲକ୍ଷିତ ହେଉଥିବା ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଷ୍ଟାଡିୟମରେ ହେଉ ଅବା ଟିଭି ରେଟିଂରେ ଗତ ସିଜନ ତୁଳନାରେ ଏଥର ଦର୍ଶକଙ୍କ ସଂଖ୍ୟା ୫ ଗୁଣା ଅଧିକ ଥିବା ଦେଖାଯାଇଛି ବୋଲି ଲିଜେଣ୍ଡ୍ସ ଲିଗ୍‌ର ସହପ୍ରତିଷ୍ଠାତା ତଥା ସିଇଓ ରମଣ ରାହେଜା ପ୍ରକାଶ କରିଛନ୍ତି। ଭାରତରେ ଆଇପିଏଲ୍ ପରେ ଏହି ଟି୨୦ ଲିଗ୍‌କୁ ଅଧିକ ଲୋକ ଦେଖୁଛନ୍ତି। ଆମ ଡିଜିଟାଲ ଫୁଟ୍‌ପ୍ରିଣ୍ଟ ୬ଶହ ନିୟୁତ ଅତିକ୍ରମ କରିସାରିଛି ବୋଲି ସେ କହିଛନ୍ତି।

## ‘ଭାରତରେ ଭଲିବଲର ଭବିଷ୍ୟତ ଉଜ୍ଜ୍ୱଳ’



ନେଦରଲାଣ୍ଡରେ ଏଫ୍‌ଆଇଭିବିର ବିଶ୍ୱ କଂଗ୍ରେସରେ ଅଚ୍ୟୁତ ସାମନ୍ତ।

**ଭୁବନେଶ୍ୱର, ୨୩।୯ (କ୍ରୀଡ଼ା ପ୍ରତିନିଧି)**

ଭାରତରେ ଭଲିବଲର ବିକାଶ ଆଶା ଉଜ୍ଜ୍ୱଳ ବୋଲି ଭାରତୀୟ ଭଲିବଲ୍ ସଂଘର ସଭାପତି ଅଚ୍ୟୁତ ସାମନ୍ତ କହିଛନ୍ତି। ନେଦରଲାଣ୍ଡରେ ଶୁକ୍ରବାର ଆରମ୍ଭ ହୋଇଥିବା ଅନ୍ତର୍ଜାତୀୟ ଭଲବଲ୍ ସଂଘ (ଏଫ୍‌ଆଇଭିବି)ର ୩୮ତମ ବିଶ୍ୱ କଂଗ୍ରେସରେ ଯୋଗଦେଇ ଭାରତ ବିଶେଷ କରି ଓଡ଼ିଶାରେ କିଭଳି ଭଲିବଲ୍ ଅଧିକ ପ୍ରସାର ଲାଭ କରିବ ସେ ନେଇ ଅଚ୍ୟୁତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱର ବିଭିନ୍ନ ସଦସ୍ୟ ରାଷ୍ଟ୍ରରୁ ଆସିଥିବା ୨୨୨ ଭଲିବଲ୍ ସଂଘ ଓ କନ୍‌ଫେଡେରେଶନ ସଭାପତି ଯୋଗଦେଇଛନ୍ତି। ସେପ୍ଟେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି କଂଗ୍ରେସରେ ଭଲିବଲର ବିକାଶ ନେଇ ବ୍ୟାପକ ଆଲୋଚନା ହେବ। ଏହି ଅବସରରେ ଅଚ୍ୟୁତ ଏଫ୍‌ଆଇଭିବି ସହଯୋଗରେ କିଟ୍ ଓ କିସ୍‌ରେ ଏକ ଜାତୀୟ ଭଲିବଲ୍ ଆକାଡେମୀ ଓ କିସ୍‌କୁ ଏଫ୍‌ଆଇଭିବି ଭଲିବଲ୍ ଫର ସ୍କୁଲରେ ଭାରତୀୟ ନୋଡାଲ୍ ସେଣ୍ଟର କରିବା ପାଇଁ ସେ ପ୍ରସ୍ତାବ ଦେଇଥିଲେ। ଏହା ସହ ଏଫଆଇଭିବିର ପରବର୍ତ୍ତୀ ବିଶ୍ୱ କଂଗ୍ରେସ ଭୁବନେଶ୍ୱରରେ ଆୟୋଜନ ପାଇଁ ଅଚ୍ୟୁତ ଏଫଆଇଭିବିକୁ ଅନୁରୋଧ କରିଥିଲେ। ଏହା ବ୍ୟତୀତ ଭଲିବଲ୍ କୋଚ ଓ ଟେକ୍ନିକାଲ୍ ଅଫିସରଙ୍କୁ ରିଫ୍ରେସର କୋର୍ସ ପ୍ରଦାନ କରିବା ପାଇଁ ଭୁବନେଶ୍ୱରରେ ଏଫ୍‌ଆଇଭିବିର ଏକ ଆଞ୍ଚଳିକ ବିକାଶ କେନ୍ଦ୍ର ସ୍ଥାପନା ନିମନ୍ତେ ସେ ଦାବି ଉପସ୍ଥାପନ କରିଥିଲେ। ଏହି ଅବସରରେ ଅଚ୍ୟୁତ ଅନ୍ତର୍ଜାତୀୟ ଭଲିବଲ୍ ସଂଘର ସଭାପତି ଆରି ଗ୍ରାକା, ଏଫ୍‌ଆଇଭିବିର ଜେନେରାଲ୍ ଡାଇରେକ୍ଟର ଫାବିଓ ଆଜେଭେଦୋଙ୍କ ସମେତ ବିଶ୍ୱର ବିଭିନ୍ନ ସଦସ୍ୟ ରାଷ୍ଟ୍ରରୁ ଆସିଥିବା ୨୨୨ ଭଲିବଲ୍ ସଂଘ ଓ ଫେଡେରେସନର ସଭାପତିଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ।

## ଦିଲୀପଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

**ଭୁବନେଶ୍ୱର, ୨୩।୯ (କ୍ରୀଡ଼ା ପ୍ରତିନିଧି):** ହକି ଇଣ୍ଡିଆର ନବନିର୍ବାଚିତ ସଭାପତି ଦିଲୀପ ତିର୍କୀଙ୍କ ନିକଟକୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି। ଦିଲୀପଙ୍କୁ ଅଭିନନ୍ଦନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ତାଙ୍କ ନେତୃତ୍ୱରେ ଭାରତୀୟ ହକି ଉଚ୍ଚ ସୋପାନକୁ ଯିବ ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ମଧ୍ୟ ଦିଲୀପଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଶା ପାଇଁ ଗର୍ବର ମୁହୂର୍ତ୍ତ ବୋଲି ଟୁଇଟ୍ କରିଛନ୍ତି ରାଜ୍ୟ କ୍ରୀଡ଼ା ସଚିବ ତଥା କମିଶନର ଆର. ଭିନିଲ କ୍ରିଷ୍ଣା। ତାଙ୍କ ନେତୃତ୍ୱରେ ଦେଶରେ ହକିର ବିକାଶ ଘଟିବ ବୋଲି ଭିନିଲ ଆଶାପ୍ରକାଶ କରିଛନ୍ତି। ଦିଲୀପଙ୍କ ସମେତ ମହାସଚିବ ନିର୍ବାଚିତ ହୋଇଥିବା ଭୋଲାନାଥ ସିଂ ଓ କୋଷାଧ୍ୟକ୍ଷ ସେକର ଜେ. ମନୋହରନଙ୍କୁ ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ଅଭିନନ୍ଦନ ଜଣାଇଛି। ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଥିବାରୁ ଏବେ ଗଣତାନ୍ତ୍ରିକ ଭାବେ କାର୍ଯ୍ୟ ପରିଚାଳିତ ହେବ। ନିର୍ବାଚନ ପ୍ରକ୍ରିୟାକୁ ସଫଳତାର ସହ ସମ୍ପନ୍ନ କରାଇଥିବାରୁ ଏଫ୍‌ଆଇଏଚ୍ କମିଟି ଅଫ୍ ଆଡ୍‌ମିନିଷ୍ଟ୍ରେଟର୍ସ (ସିଓଏ)ର ୩ ସଦସ୍ୟ ଜଷ୍ଟିସ ଅନିଲ ଆର. ଡାଭେ, ଏସ୍.ୱାଇ. କୁରେଶି ଓ ଜାଫର ଇକବାଲଙ୍କୁ ପ୍ରଶଂସା କରିଛି।

# ସିରିଜ ବରାବର କଲା ଭାରତ

**ନାଗପୁର, ୨୩।୯**

ଅକ୍ଷର ପଟେଲଙ୍କ ଯାଦୁକରୀ ସ୍ପିନ୍ ଓ ଅଧିନାୟକ ରୋହିତ ଶର୍ମାଙ୍କ ଦୃଢ଼ ବ୍ୟାଟିଂ ବଳରେ ଭାରତ ଶୁକ୍ରବାର ଅନୁଷ୍ଠିତ ଟି୨୦ ସିରିଜ୍‌ର ଦ୍ୱିତୀୟ ମ୍ୟାଚରେ ଅଷ୍ଟ୍ରେଲିଆକୁ ୬ ଉଇକେଟରେ ପରାସ୍ତ କରିଛି। ବର୍ଷା ଯୋଗୁ ମ୍ୟାଚକୁ ୮ ଓଭର ବିଶିଷ୍ଟ କରାଯାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୮ ଓଭରରେ ୫ ଉଇକେଟ ହରାଇ ୯୦ ରନ କରିଥିବାବେଳେ ଭାରତ ୭.୨ ଓଭରରେ ୪ ଉଇକେଟ ହରାଇ ୯୨ ରନ ସଂଗ୍ରହ କରି ନେଇଥିଲା। ରୋହିତ ୨୦ଟି ବଲ୍‌ର ସମ୍ମୁଖୀନ ହୋଇ ୪ଟି ଲେଖାଏ ଚୌକା ଓ ଛକା ସହାୟତାରେ ୪୬ ରନକରି ଅପରାଜିତ ରହିଥିଲେ। ଦୀନେଶ କାର୍ତ୍ତିକ ମାତ୍ର ୨ଟି ବଲ୍ ଖେଳିଥିଲେ ହେଁ ଗୋଟିଏ ଲେଖାଏ ଚୌକା ଓ ଛକା ମାରି ସଫଳ ଫିନିଶର ସାବ୍ୟସ୍ତ ହୋଇଥିଲେ।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ରୋହିତ ଶର୍ମା।

ବର୍ଷା ଯୋଗୁ ମ୍ୟାଚ ପାଖାପାଖି ୨ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ଟସ୍ ଜିତି ଭାରତ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଏହି ମ୍ୟାଚରେ ଭାରତ ୨ଟି ପରିବର୍ତ୍ତନ କରି ଖେଳିଥିଲା। ଉମେଶ ଯାଦବଙ୍କ ସ୍ଥାନରେ ଯଶପ୍ରୀତ୍ ବୁମ୍‌ରା ଓ ଭୁବନେଶ୍ୱର କୁମାରଙ୍କ ସ୍ଥାନରେ ରିଷଭ ପନ୍ତଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ମାଥ୍ୟୁ ୱାଡେ ୨୦ ବଲ୍‌ରେ ୪ ଚୌକା, ୩ ଛକା ସହାୟତାରେ ସର୍ବାଧିକ ୪୩ ରନକରି ଅପରାଜିତ ରହିଥିଲେ। ଅଧିନାୟକ ଆରୋନ ଫିଞ୍ଚ୍ ୧୫ ବଲ୍‌ରୁ ୩୧ (୪ ଚୌକା, ୧ ଛକା) ରନର ଯୋଗଦାନ ଦେଇଥିଲେ। ଭାରତ ପକ୍ଷରୁ ସବୁଠାରୁ ସଫଳ ବୋଲର ଭାବେ ଅକ୍ଷର ପଟେଲ ୨ ଓଭରରେ ୧୩ ରନ ଦେଇ ୨ଟି ଉଇକେଟ ନେଇଥିଲେ। ଯଶପ୍ରୀତ୍ ବୁମ୍‌ରା ୨୩ ରନରେ ଗୋଟିଏ ଉଇକେଟ ପାଇଥିଲେ। ହର୍ଷଲ ପଟେଲ ୨ଓଭରରେ ୩୨ ରନ ବ୍ୟୟ କରି ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ୯୧ ରନର ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ଭାରତ ଜୋଶ୍ ହାଜେଲ୍‌ଉଡ୍‌ଙ୍କ ପ୍ରଥମ ଓଭରରୁ ୨୦ ରନ ସଂଗ୍ରହ କରି ଆଭିମୁଖ୍ୟ ସ୍ପଷ୍ଟ କରିଥିଲା। ୫ମ ଓଭରରେ ଭାରତକୁ ଡବଲ୍ ଝଟ୍‌କା ଦେଇଥିଲେ ଆଡାମ ଜାମ୍ପା। ମାତ୍ର ତାହାର ବିଶେଷ ପ୍ରଭାବ ପଡ଼ି ନ ଥିଲା।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ୮ ଓଭରରେ ୯୦/୫ (ମାଥ୍ୟୁ ୱାଡେ-୪୩*, ଆରୋନ ଫିଞ୍ଚ୍-୩୧, ଅକ୍ଷର ପଟେଲ-୨/୧୩, ଯଶପ୍ରୀତ୍ ବୁମ୍‌ରା-୧/୨୩)। ଭାରତ ୭.୨ ଓଭରରେ ୯୨/୪ (ରୋହିତ ଶର୍ମା-୪୬*, ଆଡାମ ଜାମ୍ପା-୩/୧୬, ପ୍ୟାଟ୍ କୁମିନ୍ସ-୧/୨୩)।

## ୧୯ବର୍ଷରୁ କମ୍ ଓଡ଼ିଶା ମହିଳା କ୍ରିକେଟ ଦଳ ଘୋଷିତ

**ଭୁବନେଶ୍ୱର, ୨୩।୯ (ସ୍ପୋର୍ଟ୍ସ ବ୍ୟୁରୋ):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ୧୯ ବର୍ଷରୁ କମ୍ ମହିଳା କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଶୁକ୍ରବାର ୧୫ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଓଡ଼ିଶା ଦଳ: ତନ୍ମୟୀ ବେହେରା (ଅଧିନାୟିକା), ଆଲିପ୍ସା ବିଶ୍ୱାଳ (ଉପଅଧିନାୟିକା), ପୂଜାରାଣୀ ଦାସ, ସୁଚିସ୍ମିତା ପଣ୍ଡା, ଅଙ୍କିତା ଗିରି, ଅପର୍ଣ୍ଣା ରାଣୀ ସାହୁ, ଅନନ୍ୟା ମିଶ୍ର, ମିତାଲୀ ଶର୍ମା, ପୂଜା ଯାଦବ, ଜ୍ୟୋତି. କେ. ପ୍ରସାଦ, ଭବାନୀ ଧଣ୍ଡା, ଏସ୍.ବି. ଲରେନ୍ସ, ଲକ୍ଷ୍ମୀ ସିଂ, ରୋଶନୀ ବଗର୍ତ୍ତୀ ଓ ଦିବ୍ୟା ରାଉତରାୟ।

# ଜୟସ୍ୱାଲଙ୍କ ଅପରାଜିତ ଦ୍ୱିଶତକ

**କୋଏମ୍ବାଟୁର୍, ୨୩।୯ (ପି.ଟି.)**

ଯୁବ ଓପନର ଯଶସ୍ୱୀ ଜୟସ୍ୱାଲଙ୍କ ଦ୍ୱିଶତକ ସହାୟତାରେ ପଶ୍ଚିମାଞ୍ଚଳ ଏଠାରେ ଚାଲିଥିବା ଦକ୍ଷିଣାଞ୍ଚଳ ବିପକ୍ଷ ଦୁଲୀପ ଟ୍ରଫି କ୍ରିକେଟ ଫାଇନାଲରେ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଛି। ପ୍ରଥମ ଇନିଂସରେ ୫୭ ରନରେ ପଛୁଆ ରହିଥିବା ପଶ୍ଚିମାଞ୍ଚଳ ଶୁକ୍ରବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୩ ଉଇକେଟରେ ୩୭୬ ରନ କରିଛି। ଜୟସ୍ୱାଲ ୨୪୪ ବଲ୍‌ର ସାମ୍ନା କରି ୨୦୯ ରନ କରି ଅପରାଜିତ ରହିଛନ୍ତି। ସେ ୨୩ ଚୌକା ଓ ୩ ଛକା ମାରିଛନ୍ତି। ପଶ୍ଚିମାଞ୍ଚଳ ବର୍ତ୍ତମାନ ୩୧୯ ରନ ଅଗ୍ରଣୀ ଲାଭ କରିଛି। ଦଳ ଯଦି ଚତୁର୍ଥ ଦିବସ ମଧ୍ୟାହ୍ନ ଭୋଜନ ବେଳକୁ ଏହାର ଦ୍ୱିତୀୟ ଇନିଂସ ଘୋଷଣା କରିବ ତେବେ ଆଉ ୫ଟି ପୂରା ସେସନ ଖେଳ ବାକି ରହିବ। ଏହି ସମୟ ଭିତରେ ବିପକ୍ଷ ଦଳକୁ ଅଲଆଉଟ କରି ମ୍ୟାଚ ଜିତିବା ଲାଗି ଚେଷ୍ଟା କରିବ ପଶ୍ଚିମାଞ୍ଚଳ। ଅନ୍ୟପକ୍ଷରେ ଦକ୍ଷିଣାଞ୍ଚଳ କ୍ରିଜ୍‌ରେ ମହଜୁଦ ରହି ମ୍ୟାଚକୁ ଡ୍ର ରଖିବାକୁ ଉଦ୍ୟମ କରିବ। କିନ୍ତୁ ଏହା ସହଜ ମନେହେଉ ନାହିଁ। କିନ୍ତୁ ଯଦି ମ୍ୟାଚ ଡ୍ର ରୁହେ ତେବେ ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ବିଜୟୀ ଘୋଷିତ ହେବ। ଜୟସ୍ୱାଲ ତୃତୀୟ ଉଇକେଟରେ ଶ୍ରେୟାସ ଆୟାର (୭୧)ଙ୍କ ସହ ୧୬୯ରନର ପାର୍ଟନରଶିପ୍ କରିଥିବା ବେଳେ ସର୍ଫରାଜ ଖାନ୍ (୩୦ ବ୍ୟାଟିଂ)ଙ୍କ ସହ ଅନ୍ୟ ଏକ ଅପରାଜିତ ୫୮ରନର ପାର୍ଟନରଶିପ୍ କରିଛନ୍ତି। ଶୁକ୍ରବାର ସକାଳେ ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୧୮/୭ରୁ ଖେଳ ଆରମ୍ଭ କରିଥିବା ଦକ୍ଷିଣାଞ୍ଚଳ ମାତ୍ର ୯ ରନ ଯୋଗ କରି ୩୨୭ରନରେ ଅଲଆଉଟ ହୋଇଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ପଶ୍ଚିମାଞ୍ଚଳ: ୨୭୦ ଓ ୩୭୬/୩ (ଯଶସ୍ୱୀ ଜୟସ୍ୱାଲ-୨୦୯ ବ୍ୟାଟିଂ, ଶ୍ରେୟାସ ଆୟାର-୭୧; ଆର୍. ସାଇ କିଶୋର-୨/୧୦୦, କେ. ଗୋଥାମ-୧/୧୩୯)। ଦକ୍ଷିଣାଞ୍ଚଳ: ୩୨୭ (ବାବା ଇନ୍ଦ୍ରଜିତ-୧୧୮; ଜୟଦେବ ଉନାଡ୍‌କଟ୍-୪/୫୨)।

## ରାଜ୍ୟ ଜୁନିୟର ହକି: ସୁନ୍ଦରଗଡ଼ ଚାମ୍ପିୟନ



ଜୁନିୟର ହକି ଚାମ୍ପିୟନ ସୁନ୍ଦରଗଡ଼ ଦଳ ।

**ଭୁବନେଶ୍ୱର, ୨୩।୯ (କ୍ରୀଡ଼ା ପ୍ରତିନିଧି)**

ହକି ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟ ଜୁନିୟର ହକିରେ ସୁନ୍ଦରଗଡ଼ ଚାମ୍ପିୟନ ହୋଇଛି। ଶୁକ୍ରବାର କିଟ୍ ଷ୍ଟାଡିୟମରେ ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲରେ ସୁନ୍ଦରଗଡ଼ ୧-୦ ଗୋଲରେ ଦେବଗଡ଼କୁ ପରାସ୍ତ କରିଛି। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ କିଟ୍/କିସ୍ ୪-୦ ଗୋଲରେ ସମ୍ବଲପୁରକୁ ହରାଇ ବ୍ରୋଞ୍ଜ ପଦକ ହାସଲ କରିଛି। ସୁନ୍ଦରଗଡ଼ର ମିଲାନ ଭୂୟାଁ ଶ୍ରେଷ୍ଠ ଗୋଲକିପର, ଦେବଗଡ଼ର ସଲିମ କୁଲା ଶ୍ରେଷ୍ଠ ଡିଫେଣ୍ଡର, ଅସିତ ଲାକ୍ରା ଶ୍ରେଷ୍ଠ ମିଡ୍ ଫିଲ୍ଡର, ଅମିତ ଡୁଙ୍ଗଡୁଙ୍ଗ ଶ୍ରେଷ୍ଠ ଫରୱାର୍ଡ ଏବଂ ସମ୍ବଲପୁରର ପ୍ରେମଚାନ୍ଦ ହୋରୋ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପାଇଛନ୍ତି। ଅଲିମ୍ପିଆନ ଲାଜରୁସ ବାର୍ଲା, ଲିଲିମା ମିଞ୍ଜ, ସୁନୀତା ଲାକ୍ରା, କ୍ରୀଡ଼ା ବିଭାଗର ଅଧିକାରୀ ସିଦ୍ଧାର୍ଥ ଶଙ୍କର ସାହୁ, ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା, କିଟ୍ ଓ କିସ୍‌ର କ୍ରୀଡ଼ା ମହାସଚିବ ଗଗନେନ୍ଦୁ ଦାଶ ପ୍ରମୁଖ ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଯୋଗ ଦେଇଥିଲେ।

## ଏରିଗାଇସି ସେମିରେ

**ନ୍ୟୁୟର୍କ, ୨୩।୯ (ପି.ଟି.):** ଭାରତୀୟ ଗ୍ରାଣ୍ଡମାଷ୍ଟର ଅର୍ଜୁନ ଏରିଗାଇସି କ୍ୱାର୍ଟରଫାଇନାଲରେ ନିଜ ଦେଶର ସ୍ୱଳ୍ପ ବୟସ୍କ କ୍ରିଷ୍ଟୋଫର ୟୋଙ୍କୁ ପରାସ୍ତ କରି ଜୁଲିଅସ ବାଏର୍ ଜେନେରେଶନ କପ୍ ଅନ୍‌ଲାଇନ୍ ରାପିଡ୍ ଚେସ୍ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଭାରତର ଅନ୍ୟ ଜଣେ ଖେଳାଳି ଆର୍. ପ୍ରଜ୍ଞାନନ୍ଦ ୧-୩ରେ ଜର୍ମାନୀର ଭିନ୍‌ସେଣ୍ଟ କିମରଙ୍କଠାରୁ ହାରିଯାଇଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକାର ଲେଭନ ଆରୋନିଆନଙ୍କ ବିପକ୍ଷରେ ବିଜୟ ହାସଲ କରିଥିବା ବିଶ୍ୱ ଚାମ୍ପିୟନ ମାଗ୍ନସ କାର୍ଲସେନ୍ ବର୍ତ୍ତମାନ ୧୭ ବର୍ଷୀୟ କିମର୍‌ଙ୍କୁ ଭେଟିବାକୁ ଥିବା ବେଳେ ଅନ୍ୟ ସେମିଫାଇନାଲରେ ଏରିଗାଇସି ଭିଏତ୍‌ନାମର ଲିମ୍ କ୍ୱାଙ୍ଗ୍ ଲି’ଙ୍କ ସହ ମୁକାବିଲା କରିବେ। ୧୯ ବର୍ଷୀୟ ଏରିଗାଇସି ଓ ୧୫ ବର୍ଷୀୟ ୟୋଙ୍କ ମଧ୍ୟରେ ଅନୁଷ୍ଠିତ ୪ରାପିଡ୍ ଗେମ୍ ୨-୨ରେ ଅମୀମାଂସିତ ରହିଥିଲା। ବ୍ଲିଜ୍ ଟାଇବ୍ରେକ୍‌ରେ ପ୍ରଥମ ଗେମ୍ ବିଜୟ ହାସଲ କରିବା ସହ ଦ୍ୱିତୀୟ ଗେମ୍ ଡ୍ର ରଖି ସେମି ଫାଇନାଲକୁ ଉନ୍ନୀତ ହୋଇଥିଲେ।



ଦୁଲୀପ ଟ୍ରଫି ଫାଇନାଲ

ଯଶସ୍ୱୀ ଜୟସ୍ୱାଲ

# ଲକ୍ଷ୍ମୀପ୍ରସାଦ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ରେଫରି



ପ୍ରତିଯୋଗିତା ପରିଚାଳନା ଅବସରରେ ଲକ୍ଷ୍ମୀପ୍ରସାଦ ନାୟକ।

**ଭୁବନେଶ୍ୱର ୨୩।୯:** ଚଳିତ ମାସ ୧୬ରୁ୧୮ ତିନି ଦିନ ଧରି ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ୧୦ତମ ଜାତୀୟ ବ୍ଲାକ ବେଲ୍ଟ ଟାଏକୋଣ୍ଡୋ ଆଇଟିଏଫ୍ ଫିଜିକାଲ ଆଣ୍ଡ୍ ଟେକ୍ନିକାଲ ଫିଟନେସ ସେମିନାର ଏବଂ ପ୍ରଥମ ଚାମ୍ପିୟନ ପ୍ରୋ-ଲିଗ୍ ଗୋଆର ମିରାମାର ବିଚ୍ ଓ କମ୍ପାଲା ଇନ୍‌ଡୋର ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାଣ୍ଡମାଷ୍ଟର ଡ. ରାଜେନ୍ଦ୍ରନ୍ ବାଲାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଷୟିକ ସୂଚକାଙ୍କରେ ୭୪ କୋଚ୍‌ଙ୍କ ମଧ୍ୟରେ ଅଗ୍ରଣୀ ହୋଇ ଓଡ଼ିଶାର ଥାର୍ଡ ଡାନ ବ୍ଲାକ ବେଲ୍ଟ ଲକ୍ଷ୍ମୀପ୍ରସାଦ ନାୟକ ଜାତୀୟ ଓ ୨୦୨୩ ସେପ୍ଟେମ୍ବରରେ ଦିଲ୍ଲୀରେ ଆୟୋଜିତ ହେଉଥିବା ବିଶ୍ୱ ଚାମ୍ପିୟନଶିପ୍ ପାଇଁ ରେଫରି ମନୋନୀତ ହୋଇଛନ୍ତି।

ଅପରପକ୍ଷେ, ପ୍ରଥମ ପ୍ରୋ-ଲିଗ୍‌ରେ ୧୫ଟି ରାଜ୍ୟର ୧୬୬ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ଓଡ଼ିଶା କୋଚ୍ ଲକ୍ଷ୍ମୀ ପ୍ରସାଦ ନାୟକଙ୍କ ନେତୃତ୍ୱରେ କଳିଙ୍ଗ ଯୋଦ୍ଧା ଟାଏକୋଣ୍ଡୋ ଏକାଡେମୀରେ

**ଆଇଟିଏଫ୍ ଟାଏକୋଣ୍ଡୋ**

ପ୍ରଶିକ୍ଷିତ ୨ ଜଣ ପ୍ରତିଯୋଗୀ ଯଥାକ୍ରମେ ବ୍ୟକ୍ତିଗତ ସ୍ୱାଇରିଙ୍ଗ ପୁରୁଷ ଭେଟେରାନ ବିଭାଗରେ ଦେବାଶିଷ ବାରିକ ରୌପ୍ୟ ଓ ବାଳକ ବିଭାଗରେ ସ୍ମୃତି ସାଗର ଜେନା ବ୍ରୋଞ୍ଜ ପଦକ ଅର୍ଜନ କରିଥିଲେ। ଓଡ଼ିଶାର ଏହି ସାମଗ୍ରିକ ସଫଳତା ଓ କୃତିତ୍ୱ ପାଇଁ ପ୍ରତିଯୋଗୀମାନଙ୍କୁ ସେଣ୍ଟ ଜାଭିୟର୍ସ ଇଣ୍ଟରନ୍ୟାଶନାଲ ସ୍କୁଲ ସମୂହର ଅଧ୍ୟକ୍ଷ ତଥା ସଭାପତି ଡ. ବଦ୍ରିନାଥ ପଟ୍ଟନାୟକ, ରୋଟାରିଆନ ଶୁଭକାନ୍ତ ସାମନ୍ତସିଂହାର, କଳିଙ୍ଗ ଯୋଦ୍ଧା ଫାଉଣ୍ଡେଶନ ଟ୍ରଷ୍ଟର ଟ୍ରଷ୍ଟି ପ୍ରିୟବ୍ରତ ପାଢୀ, ପ୍ରଶାନ୍ତ କୁମାର ସାହୁ ଶୁଭେଚ୍ଛା ଜଣାଇଛନ୍ତି।

# ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଆରମ୍ଭ

ଭୁବନେଶ୍ୱର, ୨୩।୯
(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ପକ୍ଷରୁ ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ସବ୍‌ଜୁନିୟର ବାଳକ ୫୩ କେଜି ବିଭାଗରେ ଅନୀଲ ନାୟକ (ସୁନ୍ଦରଗଡ଼) ସ୍ୱର୍ଣ୍ଣ, ସୁଦର୍ଶନ ମଣ୍ଡଳ (ଖୋର୍ଦ୍ଧା) ରୌପ୍ୟ ଏବଂ ବାଦଲ ବଳିୟାର ସିଂ (ଖୋର୍ଦ୍ଧା) ବ୍ରୋଞ୍ଜ ଜିତିଛନ୍ତି। ସେହିପରି ୫୩କେଜି ଜୁନିୟର ବାଳକ ବିଭାଗରେ ବୈଭବେଶ୍ୱର ସାହୁ (କଟକ) ସ୍ୱର୍ଣ୍ଣ, ରିଙ୍କୁ ମହାନ୍ତ (ମୟୂରଭଞ୍ଜ) ରୌପ୍ୟ ଓ ଅମ୍ରିତାଂଶୁ ସାହୁ (କଟକ) ବ୍ରୋଞ୍ଜ ପାଇଛନ୍ତି। ଅନ୍ୟପକ୍ଷରେ୫୩କେଜି ସବ୍ ଜୁନିୟର ବାଳକ ବେଞ୍ଚପ୍ରେସ୍‌ରେ ଖୋର୍ଦ୍ଧାର ସୁଦର୍ଶନ ମଣ୍ଡଳ ସ୍ୱର୍ଣ୍ଣ ଏବଂ ବାଦଲ ବଳିୟାର ସିଂ ରୌପ୍ୟ ଜିତିଛନ୍ତି। ଜୁନିୟର ବାଳକ ୫୩କେଜି ବେଞ୍ଚ ପ୍ରେସ୍‌ରେ ଅମ୍ରିତାଂଶୁ ସାହୁ ସ୍ୱର୍ଣ୍ଣ ଏବଂ ୱାସିମ ଆକ୍ରମ (ଖୋର୍ଦ୍ଧା) ରୌପ୍ୟ ପାଇଛନ୍ତି। ପ୍ରତିଯୋଗିତାକୁ ଇଂ ଚିତ୍ତରଞ୍ଜନ ସ୍ୱାଇଁ, କୃଷ୍ଣଚନ୍ଦ୍ର ସାହୁ, ପ୍ରଦୀପ ପାତ୍ର, ସମରେନ୍ଦ୍ର ରାଉତରାୟ, ଚିତ୍ତରଞ୍ଜନ ମିଶ୍ର. ଗଙ୍ଗାଧର ବିଶୋଇ, କିର୍ତ୍ତନ ବେହେରା, ରମେଶ ବିଡ଼ିକା, ବି.ପି. ବେହେରା, ଶକ୍ତିରଞ୍ଜନ ବାରିକ, ରାକେଶ ଶତପଥୀ, ଗୌରି ମହାନ୍ତି ଓ ତନୟା ପଣ୍ଡା ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।



ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଭାଗ ନେଇଥିବା ଜଣେ ପ୍ରତିଯୋଗୀ ଭାର ଟେକୁଛନ୍ତି।

# ନେମା ସାରା କିସ୍‌ପୋଟା ଚାମ୍ପିୟନ

ଭୁବନେଶ୍ୱର, ୨୩।୯
(କ୍ରୀଡ଼ା ପ୍ରତିନିଧି)

ଆସାମର ଜୋରହାଟ୍ ଟେନିସ କ୍ଲବରେ ଅନୁଷ୍ଠିତ ଏଆଇଟିଏ ସୁପର ସିରିଜ ଟେନିସ ଟୁର୍ନାମେଣ୍ଟର ୧୬ ବର୍ଷରୁ କମ୍ ସିଙ୍ଗଲ୍ସରେ ଚାମ୍ପିୟନ ହୋଇଛନ୍ତି ଓଡ଼ିଶାର ନେମା ସାରା କିସପୋଟା। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ସେ ଦ୍ୱିତୀୟ ସିଡ୍ ଆସାମୀ ତାନିଆ କୁମାରୀଙ୍କୁ

**ଏଆଇଟିଏ ସୁପର ସିରିଜ**

୬-୧, ୬-୨ ସେଟ୍‌ରେ ପରାସ୍ତ କରିଥିଲେ। ପୂର୍ବରୁ ସେମିଫାଇନାଲରେ ସେ ଟପ୍‌ସିଡ୍ ପଶ୍ଚିମବଙ୍ଗର ରିତୁଜା ସାହାଙ୍କୁ ୬-୦, ୬-୩ ସେଟ୍‌ରେ ହରାଇ ଦେଇଥିଲେ। ଟାଇଟଲ ବିଜୟୀ ହେବା ଫଳରେ ନେମା ୫୦ ଏଆଇଟିଏ ର୍ୟାଙ୍କିଙ୍ଗ୍ ପଏଣ୍ଟ ହାସଲ କରିଛନ୍ତି।




# କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ଭାରତୀୟ ମହିଳା ଦଳ

ଲଣ୍ଡନ, ୨୩।୯ (ପି.ଟି.)

ଶନିବାର ଲର୍ଡ୍ସଠାରେ ଭାରତ ଓ ଇଂଲଣ୍ଡ ମହିଳା କ୍ରିକେଟ ଦଳ ମଧ୍ୟରେ ତୃତୀୟ ତଥା ଅନ୍ତିମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ଖେଳାଯିବ। ଇଂଲଣ୍ଡ ମାଟିରେ ସିରିଜରେ କ୍ଲିନ ସୁଇପ୍ କରି ଇତିହାସ ସୃଷ୍ଟି କରିବା ସହ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ମହିଳା ଫାଷ୍ଟ ବୋଲର ଝୁଲଣ ଗୋସ୍ୱାମୀଙ୍କୁ ଅନ୍ତର୍ଜାତୀୟ କ୍ରିକେଟରୁ ଫେୟାରୱେଲକୁ ଅଧିକ ସ୍ମରଣୀୟ କରିବା ଲକ୍ଷ୍ୟ ନେଇ ଖେଳିବ ଭାରତ। କ୍ରିକେଟର ମକ୍କା ବୋଲି କୁହାଯାଉଥିବା ଲର୍ଡ୍ସ ଗ୍ରାଉଣ୍ଡରେ ମ୍ୟାଚ ଖେଳିବା ଲାଗି ଜଣେ କ୍ରିକେଟର ପାଇଁ ଏକ ବଡ଼ ସ୍ୱପ୍ନ ଥାଏ। ଏହି ଗ୍ରାଉଣ୍ଡରେ ଏକ ଶତକ କିମ୍ବା ୫ ଉଇକେଟ ସଫଳତା ହାସଲ କରିବା ଏକ ସମ୍ମାନର କଥା। ମାତ୍ର ଜଣେ କ୍ୟାରିୟରର ଫେୟାରୱେଲ ମ୍ୟାଚ ଏହି ପଡ଼ିଆରେ ଖେଳିବା ଭିନ୍ନ କଥା। ସୁନୀଲ ଗାଭାସ୍କର ଯଦିଓ ତାଙ୍କର ଅନ୍ତିମ ପ୍ରଥମଶ୍ରେଣୀ ମ୍ୟାଚ ଖେଳିଛନ୍ତି, ସେ ଏହି ସୁଯୋଗ ପାଇନାହାନ୍ତି। କ୍ୟାରିୟରର ଅନ୍ତିମ ଖେଳ ଦିବସରେ ମର୍ଯ୍ୟାଦାପୂର୍ଣ୍ଣ ଲଙ୍ଗରୁମ୍‌ରୁ ଶିଡ଼ିରୁ ପଡ଼ିଆକୁ ଓହ୍ଲାଇବା ସୁଯୋଗ ଏପରି କି ସଚିନ ତେନ୍ଦୁଲକର ହୁଅନ୍ତୁ କିମ୍ବା ବ୍ରାଏନ ଲାରା ଅବା ଗ୍ଲେନ୍ ମ୍ୟାକ୍‌ଗ୍ରାଙ୍କ କ୍ଷେତ୍ରରେ ଜୁଟି ନାହିଁ। ଝୁଲଣଙ୍କ ୨୦ ବର୍ଷ ଧରି ସାଥି ଖେଳାଳି ରହିଥିବା ମିଥାଲି ରାଜ ଏକ କ୍ରିକେଟ ପଡ଼ିଆରେ ଅବସର ନେଇ ନ ଥିଲେ। ଘଟଣାକ୍ରମେ ହେଉ ଅବା ଭାଗ୍ୟ ଯୋଗୁ ହେଉ ଲର୍ଡ୍ସରେ ଝୁଲଣ ବିଦାୟୀ ମ୍ୟାଚ ଖେଳିବାକୁ ଯାଉଛନ୍ତି। ଭାରତ ସିରିଜରେ ୨-୦ରେ ଆଗୁଆ ରହିଛି। ଶନିବାର ତୃତୀୟ ଦିନିକିଆରେ ବିଜୟ ସହ ଭାରତୀୟ କ୍ରିକେଟର ଅନ୍ୟତମ 'ପୋଷ୍ଟର ଗର୍ଲ'ଙ୍କୁ ସ୍ମରଣୀୟ ବିଦାୟୀ ଦେବାକୁ ଆପ୍ରାଣ ଉଦ୍ୟମ କରିବ ହରମନପ୍ରୀତଙ୍କ ନେତୃତ୍ୱାଧୀନ ଦଳ। ଅନ୍ତର୍ଜାତୀୟ ଟି୨୦ ସିରିଜରେ ପରାଜିତ ହେବା ପରେ ଇଂଲଣ୍ଡ ବିପକ୍ଷ ଦୁଇଟି ଅନ୍ତର୍ଜାତୀୟ ଦିନିକିଆରେ ଭାରତ ପ୍ରଭାବୀ ପ୍ରଦର୍ଶନ କରିଛି। ଏହି ଦୁଇଟି ମ୍ୟାଚରେ ବିଜୟ ଲକ୍ଷ୍ୟ ଚେଜ୍ ହେଉ ଅବା ଟାର୍ଗେଟ ସେଟିଂ ବେଳେ ପ୍ରାଧାନ୍ୟ ବିସ୍ତାର କରି ଖେଳିଛି ଭାରତ। ହରମନପ୍ରୀତ୍ ଫର୍ମରେ ଅଛନ୍ତି। ସେ ପ୍ରଥମ ମ୍ୟାଚରେ ୭୪ ଏବଂ ଦ୍ୱିତୀୟ ମ୍ୟାଚରେ ୧୪୩ ରନ କରି ଅପରାଜିତ ରହିଥିଲେ। ଟୁର୍‌ରେ ଶେଫାଳୀ ବର୍ମାଙ୍କ ପ୍ରଦର୍ଶନ ଦଳ ପାଇଁ ଚିନ୍ତାର ବିଷୟ ହୋଇଛି। ହାର୍ଲିନ ଦେଓଲ ନିଜକୁ ନିର୍ଭରଯୋଗ୍ୟ ମିଡିଲ ଅର୍ଡର ବ୍ୟାଟର ଭାବେ ପ୍ରତିଷ୍ଠା କରିପାରିଛନ୍ତି। କିନ୍ତୁ ଗୋସ୍ୱାମୀଙ୍କ ଅବସର ପରେ ମେଘନା ସିଂ, ରେଣୁକା ଠାକୁର ଓ ପୂଜା ବସ୍ତ୍ରକାରଙ୍କୁ ନେଇ ଭାରତୀୟ ପେସ୍ ବାହିନୀର ଆକ୍ରମଣ କ୍ଷମତାକୁ ଅଧିକ ଶାଣିତ କରିବାକୁ ପଡ଼ିବ।

# ଦବଙ୍ଗ ଦିଲ୍ଲୀ-ୟୁ ମୁମ୍ବା ଉଦ୍‌ଘାଟନୀ ମୁକାବିଲା

ନୂଆଦିଲ୍ଲୀ, ୨୩।୯ (ପି.ଟି.)

**ପ୍ରୋ-କବାଡ଼ି ଲିଗ୍**

ପ୍ରୋ-କବାଡ଼ି ଲିଗ୍ ସିଜନ-୯ ଆସନ୍ତା ଅକ୍ଟୋବର ୭ରୁ ଆରମ୍ଭ ହେବ। ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ ବେଙ୍ଗାଲୁରୁରେ ଦବଙ୍ଗ ଦିଲ୍ଲୀ କେସି ଓ ୟୁ ମୁମ୍ବା ମଧ୍ୟରେ ହେବ। ପ୍ରଥମ ଦିବସରେ ଆଉ ଦୁଇଟି ମ୍ୟାଚ ମଧ୍ୟ ଖେଳାଯିବ। ତନ୍ମଧ୍ୟରୁ ଗୋଟିଏ ବେଙ୍ଗାଲୁରୁ ବୁଲ୍ସ ଓ ତେଲୁଗୁ ଟାଇଟନ୍ସ ଏବଂ ଅନ୍ୟଟି ଜୟପୁର ପିଙ୍କ୍ ପାନ୍ଥର୍ସ ଓ ୟୁପି ଯୋଦ୍ଧାସ୍ ମଧ୍ୟରେ ଖେଳାଯିବ। ଗୁରୁବାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ତଦନୁସାରେ ଟୁର୍ନାମେଣ୍ଟ ବେଙ୍ଗାଲୁରୁର ଶ୍ରୀକାନ୍ତିରାଭା ଇନ୍‌ଡୋର ଷ୍ଟାଡିୟମରେ ଆରମ୍ଭ ହେବ। ପରବର୍ତ୍ତୀ ପର୍ଯ୍ୟାୟ ଅକ୍ଟୋବର ୨୭ରୁ ବାଲେୱାଡିସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ବାଲେୱାଡି, ପୁଣେଠାରେ ହେବ। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟସୂଚୀ ଅକ୍ଟୋବର ଶେଷରେ ପ୍ରକାଶ ପାଇବ। ଏହା ପ୍ରତିଯୋଗିତାରେ ଭାଗ ନେଉଥିବା ୧୨ଟି ଦଳକୁ ସେମାନଙ୍କ ରଣକୌଶଳ ପ୍ରସ୍ତୁତ କରିବା କ୍ଷେତ୍ରରେ ସହାୟକ ହେବ। ପ୍ରଥମ ପର୍ଯ୍ୟାୟ କାର୍ଯ୍ୟସୂଚୀ ଅନୁସାରେ ହରିୟାଣା ଷ୍ଟିଲର୍ସ ଅକ୍ଟୋବର ୮ରେ ବେଙ୍ଗାଲୁରୁସ୍ଥିତ ଶ୍ରୀକାନ୍ତିରାଭା ଷ୍ଟାଡିୟମରେ ବେଙ୍ଗଲ ୱାରିୟର୍ସ ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ।

**ଫୁର୍‌ସତ୍**

# ଅଙ୍ଗ ହରାଇଥିବା ବ୍ୟକ୍ତିଙ୍କ ପାଇଁ ଇସ୍ରୋର ସ୍ମାର୍ଟ ଲିମ୍ବ୍



**ନୂଆଦିଲ୍ଲୀ:** ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଅଙ୍ଗ ହରାଇଥିବା ବ୍ୟକ୍ତିଙ୍କ ପାଇଁ ସ୍ମାର୍ଟ ଲିମ୍ବ (ଗୋଡ଼, ହାତ) ତିଆରି କରିଛି। ସ୍ମାର୍ଟ ତଥା ଉନ୍ନତ ଜ୍ଞାନକୌଶଳରେ ତିଆରି ହୋଇଥିବା ଗୋଡ଼, ହାତ ସାହାଯ୍ୟରେ ଅଙ୍ଗ ହରାଇଥିବା ବ୍ୟକ୍ତି ଅତି ସହଜରେ ଚାଲିପାରିବେ ଓ ଅନ୍ୟ କାମ ମଧ୍ୟ କରିପାରିବେ। ତେବେ ସ୍ପେସ୍ ଟେକ୍ନୋଲୋଜିକୁ ବ୍ୟବହାର କରି ଏହି ସ୍ମାର୍ଟ ଲିମ୍ବ ତିଆରି କରାଯାଇଛି। ଖୁବ୍‌ଶୀଘ୍ର ଏହା ବଜାରରେ ଉପଲବ୍ଧ ହେବାକୁ ଥିବାବେଳେ ଏହାର ମୂଲ୍ୟ ମଧ୍ୟ କମ୍ ରହିବ ବୋଲି କୁହାଯାଉଛି। ସ୍ମାର୍ଟ ଲିମ୍ବର ନାମ ମାଇକ୍ରୋ ପ୍ରୋସେସର କଣ୍ଟ୍ରୋଲ୍ଡ ନିଜ୍ (ଏମ୍‌ପିକେଏସ୍) ରଖାଯାଇଛି। ମାଇକ୍ରୋପ୍ରୋସେସରର୍ ଥିବା ଏହି ସ୍ମାର୍ଟ ଲିମ୍ବ ପ୍ରକୃତିକ ଗୋଡ଼ ଅନୁସାରେ ବହୁତ ଆଡଭାନ୍ସ। ଅର୍ଥାତ୍ ସ୍ମାର୍ଟ ଲିମ୍ବ ଜରିଆରେ ଅଙ୍ଗ ହରାଇଥିବା ବ୍ୟକ୍ତି ସେ ସବୁ କାମ କରିପାରିବେ, ଯାହା କରିବା ଅସମ୍ଭବ ଥିଲା। ଏହାର ଓଜନ ୧.୬ କେ.ଜି ରହିଛି। ଏ ନେଇ ବିଶେଷଜ୍ଞଙ୍କ ସ୍ୱଳ୍ପ ତର୍ଜମା ବାକି ରହିଥିବା ଇସ୍ରୋ ପକ୍ଷରୁ କୁହାଯାଇଛି। ଦିବ୍ୟାଙ୍ଗ ତଥା ଅଙ୍ଗ ହରାଇଥିବା ବ୍ୟକ୍ତି ଏହି ଉନ୍ନତମାନର ଲିମ୍ବ ଜରିଆରେ ଅତି କମ୍ ସପୋର୍ଟରେ ଏକାଥରକେ ୧୦୦ ମିଟର ଚାଲହେବ। ବିକ୍ରମ ସାରାଭାଇ ସ୍ପେସ୍ ସେଣ୍ଟର, ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଫର ଲୋକମୋଟର ଡିଜାବିଲିଟିଜ୍, ପିଟି. ଦୀନଦୟାଲ ଉପାଧ୍ୟାୟ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଏବଂ ଆର୍ଟିଫିସିଆଲ ଲିମ୍ବ ମାନୁଫାକ୍ଚରିଙ୍ଗ୍ କର୍ପୋରେଶନ୍ ଅଫ୍ ଇଣ୍ଡିଆ ପକ୍ଷରୁ ମିଳିତ ଭାବେ ଏହି ସ୍ମାର୍ଟ ଲିମ୍ବ ତିଆରି କରାଯାଇଛି। ମାଇକ୍ରୋ ପ୍ରୋସେସର ହାଇଡ୍ରାଉଲିକ୍ ଡାମ୍ପର,ଲୋଡ୍ ଆଣ୍ଡ ନି ଆଙ୍ଗେଲ୍ ସେନ୍‌ଶର, କମ୍ପୋଜିଟ୍ ନି କେସ୍, ଲି-ଆଇଅନ ବ୍ୟାଟେରି, ଇଲେକ୍ଟ୍ରିକାଲ ହାରନେଶ୍ ଏବଂ ଇଣ୍ଟରଫେସ୍ ଏଲିମେଣ୍ଟ ବ୍ୟବହାର କରି ଏହି ସ୍ମାର୍ଟ ଲିମ୍ବକୁ ତିଆରି କରାଯାଇଛି। ସଫ୍ଟୱେର ଜରିଆରେ ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତି ଆବଶ୍ୟକତା ଅନୁସାରେ ସେଟିଙ୍ଗ୍ କରିପାରିବେ । ଏହି ସ୍ମାର୍ଟ ଲିମ୍ବର ବଜାର ମୂଲ୍ୟ ୪ରୁ ୫ ଲକ୍ଷ ରହିବ। ବର୍ତ୍ତମାନ ସମୟରେ ଅଙ୍ଗ ହରାଇଥିବା ଅବା ଦିବ୍ୟାଙ୍ଗ ବ୍ୟକ୍ତି ଯେଉଁ ପ୍ରୋସ୍ଥେଟିକ୍ ଲିମ୍ବ ବ୍ୟବହାର କରୁଛନ୍ତି ତାହାର ମୂଲ୍ୟ ୧୦ରୁ ୬୦ ଲକ୍ଷ ଟଙ୍କା ରହିଛି।

# ସତ ହେଲା ସନାୟାଙ୍କ ସ୍ୱପ୍ନ

ମୁମ୍ବାଇ

ହିନ୍ଦୀ ଫିଲ୍ମ ଜଗତରେ ଏଣ୍ଟ୍ରି କରିବାକୁ ଯାଉଛନ୍ତି ବଲିଉଡ୍ ଅଭିନେତା ସଞ୍ଜୟ କପୁରଙ୍କ ଝିଅ ସନାୟା କପୁର। ଫିଲ୍ମ 'ବେଧଡ଼କ' ଜରିଆରେ ସନାୟା ବଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି। ପିଲାବେଳର ସ୍ୱପ୍ନ ସତ ହେବାକୁ ଯାଉଥିବା ସନାୟା ଏକ ସାକ୍ଷାତ୍‌କାରରେ କହିଛନ୍ତି। ଛୋଟବେଲୁ ବଡ଼ ପରଦାରେ କାମ କରିବା ପାଇଁ ସେ ଆଗ୍ରହୀ ଥିବା କହିଛନ୍ତି। ନିଜକୁ ବଡ଼ ପରଦାରେ ଦେଖିବା ପାଇଁ ସେ ଉତ୍କଣ୍ଠାର ସହ ଅପେକ୍ଷା କରିଥିବା କହିଛନ୍ତି। ବେଧଡ଼କ ପାଇଁ ସନାୟା ନିଜକୁ ପ୍ରସ୍ତୁତ କରୁଥିବାବେଳେ ଏ ନେଇ ତାଙ୍କୁ ଖୁବ୍ ପରିଶ୍ରମ କରିବାକୁ ପଡୁଥିବା ସେ ପ୍ରକାଶ କରିଛନ୍ତି। ଶଶାଙ୍କ ଖଇତାନ ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି।



# ଫେରିବ ନିଜାମଙ୍କ ଖଣ୍ଡା

**ହାଇଦ୍ରାବାଦ:** ଚତୁର୍ଦ୍ଦଶ ଶତାବ୍ଦୀରେ ହାଇଦ୍ରାବାଦ ନିଜାମ ଧରୁଥିବା ଏକ ସର୍ପାକୃତିର ପାରମ୍ପରିକ ଖଡ୍ଗ ଭାରତକୁ ଫେରିବ। ବିଂଶ ଶତାବ୍ଦୀରେ ଏହି ଖଣ୍ଡାକୁ ଜଣେ ବ୍ରିଟିଶ ଜେନେରାଲଙ୍କୁ ବିକ୍ରି କରିଦିଆଯାଇଥିଲା। ସ୍କଟଲାଣ୍ଡର ଗ୍ଲାସ୍‌ଗୋ ମ୍ୟୁଜିୟମଗୁଡ଼ିକୁ ପରିଚାଳନା କରୁଥିବା ଗ୍ଲାସ୍‌ଗୋ ଲାଇଫ୍ ପକ୍ଷରୁ ଭାରତକୁ ହସ୍ତାନ୍ତର କରାଯିବାକୁ ଥିବା ୭ ବିରଳ ସାମଗ୍ରୀ ମଧ୍ୟରୁ ନିଜାମ୍‌ଙ୍କ ଖଣ୍ଡା ଅନ୍ୟତମ। ଖଣ୍ଡା ଫେରସ୍ତ ପାଇଁ ମ୍ୟୁଜିୟମ କର୍ତ୍ତୃପକ୍ଷ ଓ ଭାରତୀୟ ଉଚ୍ଚାୟୁକ୍ତଙ୍କ ମଧ୍ୟରେ ନିକଟରେ ଚୁକ୍ତି ସ୍ୱାକ୍ଷର ହୋଇଥିବାବେଳେ ତାହା ନିର୍ଦ୍ଦିଷ୍ଟ ଭାବେ କେବେ ଫେରିବ ଜଣାପଡ଼ିନାହିଁ।

ଏହି ସାମଗ୍ରୀଗୁଡ଼ିକ ଚୋରି ହୋଇଥିବା ନେଇ ପୂର୍ବରୁ ଦର୍ଶାଯାଇଥିଲା। ତେବେ ମହାରାଜା କିଷନ ପ୍ରସାଦ ଖଣ୍ଡାକୁ ବିକ୍ରି କରିଦେଇଥିବା ନେଇ ହସ୍ତାନ୍ତରଣ ସମ୍ପର୍କିତ ଦସ୍ତାବିଜରେ ଉଲ୍ଲେଖ କରାଯାଇଛି। ଗ୍ଲାସ୍‌ଗୋ ଲାଇଫ୍ କମ୍ୟୁନିକେଶନ୍ସ ଅଫିସର ଜୋନାଥନ୍ ରେଇଲି କହିଛନ୍ତି, ଏହି ଖଣ୍ଡାକୁ ୧୯୦୫ ମସିହାରେ ଜେନେରାଲ ସାର୍ ଆର୍କିବଲ୍ଡ ହଣ୍ଟର ବମ୍ବେ କମାଣ୍ଡର ଇନ୍-ଚିଫ୍ ଥିବାବେଳେ ମହାରାଜା ତଥା ହାଇଦ୍ରାବାଦ ପ୍ରଧାନମନ୍ତ୍ରୀ ସାର୍ କିଷନ ପ୍ରସାଦ ବାହାଦୂର ୟାମିନ୍‌ଙ୍କଠାରୁ କିଣିଥିଲେ। ହଣ୍ଟରଙ୍କ ପୁତୁରା ୧୯୭୮ରେ ଏହାକୁ ଗ୍ଲାସ୍‌ଗୋ ଲାଇଫ୍ ମ୍ୟୁଜିୟମ୍‌କୁ ଦାନ କରିଥିଲେ।



# ହେଡ୍‌ସ୍କାର୍ଫ ନ ପିନ୍ଧିବାରୁ ସାକ୍ଷାତ୍‌କାର ଦେଲେନି ରାଷ୍ଟ୍ରପତି

ନ୍ୟୁୟର୍କ

ସାକ୍ଷାତ୍‌କାରରେ ଆଙ୍କରଙ୍କୁ ହେଡ୍‌ସ୍କାର୍ଫ ନ ପିନ୍ଧିବାରୁ ଇରାନ୍ ରାଷ୍ଟ୍ରପତି ଇବ୍ରାହିମ୍ ରଇସି ସାକ୍ଷାତ୍‌କାର ଦେବାକୁ ମନା କରିଦେଇଛନ୍ତି। ନ୍ୟୁୟର୍କରେ ସିଏନ୍‌ଏନ୍ ଟିଭି ଚ୍ୟାନେଲ୍ ପକ୍ଷରୁ ଇବ୍ରାହିମ୍‌ଙ୍କ ଏକ ସାକ୍ଷାତ୍‌କାର ନିଆଯିବାକୁ ଥିଲା। ଏଥିପାଇଁ ଉପସ୍ଥାପିକାଙ୍କୁ ୪୦ ମିନିଟ ପର୍ଯ୍ୟନ୍ତ ଅପେକ୍ଷା ମଧ୍ୟ କରିବାକୁ ପଡ଼ିଥିଲା। ଇବ୍ରାହିମ୍‌ଙ୍କ ସହଯୋଗୀ ସିଏନ୍‌ଏନ୍ ଆଙ୍କର କ୍ରିଷ୍ଟିଆନ୍ ଆମାନପୋରଙ୍କୁ ହେଡ୍‌ସ୍କାର୍ଫ ପିନ୍ଧିବା ନେଇ ପରାମର୍ଶ ଦେଇଥିଲେ। କ୍ରିଷ୍ଟିଆନ୍ କିନ୍ତୁ ଅଗ୍ରାହ୍ୟ କରି କହିଥିଲେ, ଆମେ ନ୍ୟୁୟର୍କରେ ରହୁଛୁ। ଏଠାରେ ହେଡ୍‌ସ୍କାର୍ଫକୁ ନେଇ କୌଣସି ପରମ୍ପରା କିମ୍ବା ନିୟମ ଲାଗୁ କରାଯାଇନାହିଁ। ଇରାନ୍‌ର ପୂର୍ବତନ ରାଷ୍ଟ୍ରପତିଙ୍କ ସାକ୍ଷାତ୍‌କାର ପୂର୍ବରୁ ମୁଁ ନେଇଥିବାବେଳେ ସେମାନେ ହେଡ୍ ସ୍କାର୍ଫ କିମ୍ବା ହିଜାବ୍ ପିନ୍ଧିବା ପାଇଁ କହି ନ ଥାନ୍ତି। ସେହି ସବୁ ଇଣ୍ଟରଭ୍ୟୁ ଇରାନ୍ ବାହାରେ ନିଆଯାଇଥିଲା। ଜାତିସଂଘ ମହାସଭାରେ ଯୋଗଦେବା ଅବସରରେ ଇରାନ୍ ରାଷ୍ଟ୍ରପତି ଜାତିସଂଘ ସାଧାରଣସଭାରେ ଯୋଗ ଦେବା ପାଇଁ ନ୍ୟୁୟର୍କ ଆସିଥିଲେ। ନ୍ୟୁୟର୍କରେ ତାଙ୍କ ଉପସ୍ଥିତି କାରଣରୁ ସିଏନ୍‌ଏନ୍ ପକ୍ଷରୁ ଏହି ସାକ୍ଷାତ୍‌କାରର ଆୟୋଜନ କରାଯାଇଥିଲା। ମାହସା ଆମିନିଙ୍କ ହାଜତ ମୃତ୍ୟୁ ପରେ ଇରାନ୍‌ରେ ତୀବ୍ର ପ୍ରତିବାଦ ଦେଖିବାକୁ ମିଳିଛି। ମହିଳାମାନେ ହିଜାବ ପୋଡ଼ିବା ସହ ରାସ୍ତାକୁ ଓହ୍ଲାଇ ପ୍ରତିବାଦ ଆରମ୍ଭ କରିଛନ୍ତି। ପ୍ରତିବାଦ ଏକ ଜନଆନ୍ଦୋଳନର ରୂପ ନେଇଛି। ପୋଲିସ ସ୍ଥିରତାର ସହ ଆମିନିଙ୍କ ମୃତ୍ୟୁର ତଦନ୍ତ ଚଳାଇଥିବା ଇବ୍ରାହିମ୍ କହିଛନ୍ତି। ପ୍ରତିବାଦରେ ଆନ୍ଦୋଳନକାରୀ ଓ ସୁରକ୍ଷାକର୍ମୀ ମୁହାଁମୁହିଁ ହେବା କାରଣରୁ ଏକାଧିକ ନାଗରିକଙ୍କ ମୃତ୍ୟୁ ହୋଇଛି। ତେବେ ସେମାନଙ୍କ ମୃତ୍ୟୁର ତଦନ୍ତ କରାଯିବ ବୋଲି ନ୍ୟୁୟର୍କରେ ହୋଇଥିବା ଏକ ଖବରଦାତା ସମ୍ମିଳନୀରେ ରାଷ୍ଟ୍ରପତି ଇବ୍ରାହିମ୍ ପ୍ରକାଶ କରିଛନ୍ତି।


ଇବ୍ରାହିମ୍ ରଇସି


କ୍ରିଷ୍ଟିଆନ୍ ଆମାନପୋର

# ବୁକର ବିଜୟିନୀ ହିଲାରି ମାଣ୍ଟେଲ୍‌ଙ୍କ ବିୟୋଗ

**ଇଂଲଣ୍ଡ:** ବୁକର୍ ପୁରସ୍କାର ବିଜୟିନୀ ହିଲାରି ମାଣ୍ଟେଲ୍‌ଙ୍କ ବିୟୋଗ ଗୁରୁବାର ଇଂଲଣ୍ଡରେ ଥିବା ତାଙ୍କ ବାସଭବନରେ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୭୦ ବର୍ଷ ହୋଇଥିଲା। ବହୁଲୋକପ୍ରୀୟ ପୁସ୍ତକ 'ଓଲ୍‌ଫ ହଲ୍'ର ଲେଖିକା ହେଉଛନ୍ତି ହିଲାରି। ଉଚ୍ଚକୋଟିର ଲେଖନୀ ପାଇଁ ସେ ଦୁଇଥର ବୁକର ପୁରସ୍କରରେ ପୁରସ୍କୃତ ହୋଇଛନ୍ତି। ଓଲ୍‌ଫ ହଲ୍ ପାଇଁ ତାଙ୍କୁ ୨୦୦୯ରେ ଏବଂ ୨୦୧୨ରେ ଫଲୋ-ଅପ୍ ବ୍ରିଙ୍ଗ୍ ଅପ୍ ପାଇଁ ମଧ୍ୟ ତାଙ୍କୁ ବୁକର ସମ୍ମାନରେ ସମ୍ମାନିତ କରାଯାଇଥିଲା। 'ଓଲ୍‌ଫ ହଲ୍' ଉପନ୍ୟାସର ନିଷ୍କର୍ଷକୁ ସେ 'ଦ ମିରର୍ ଆଣ୍ଡ୍ ଲାଇଟ୍'ରେ ଲେଖିଥିଲେ, ଯାହା ୨୦୨୦ରେ ପ୍ରକାଶଲାଭ କରିଥିଲା। ବୁକର ପ୍ରାଇଜ୍ ପାଇଁ ଏହି ପୁସ୍ତକ ମନୋନୀତ କରାଯାଇଥିବାବେଳେ ପରବର୍ତ୍ତୀ ସମୟରେ 'ଦ ମିରର ଆଣ୍ଡ ଲାଇଟ୍'କୁ ୱାଲଟର ସ୍କଟ୍ ପ୍ରାଇଜ୍ ପ୍ରଦାନ କରାଯାଇଥିଲା।



# ନିଷିଦ୍ଧ ଧର୍ମ

**ଗଳ୍ପ**

**ଅପରାଜିତା ବେସନ**



ଗୋଟେ ଭାରାକ୍ରାନ୍ତ ମନ ନେଇ ନୂଆ ସ୍କୁଲର ପାହାଚ ଚଢ଼ୁଥିଲେ ସହକାରୀ ଶିକ୍ଷକ ବିଜୟ କୁମାର। ଆଜି ଏଠି ତାଙ୍କର ପ୍ରଥମ ଦିନ। ସ୍କୁଲର ପରିବେଶ, ପିଲାଙ୍କ କୋଳାହଳ, ସହକର୍ମୀଙ୍କ ଉତ୍ସୁକ ଆଖିର ପ୍ରଶ୍ନିଳ ଚାହାଣି କୋଉଥିକୁ ବି ଧ୍ୟାନ ନାହିଁ ତାଙ୍କର। ମନେପଡୁଛି ଆସିଲାବେଳେ ପତ୍ନୀ ମାଧୁରୀ ଦେଇଥିବା ଉପଦେଶ- ଦେଖ ଆଜିଠାରୁ ତୁମକୁ ଧର୍ମ, କର୍ତ୍ତବ୍ୟ, ଆଦର୍ଶ ସବୁ ଭୁଲିବାକୁ ପଡ଼ିବ। କେବଳ ଠିକ୍ ସମୟରେ ସ୍କୁଲରେ ପହଞ୍ଚିବା, ଠିକ୍ ସମୟରେ ବାହାରିବା ତଥା ନିଜ ପିରିୟଡ଼ରେ ପାଠ ପଢ଼େଇ କୋର୍ସତକ ଠିକ୍ ସମୟରେ ସାରିବା। କୋଉ ପିଲା ପଢ଼ିଲା ନ ପଢ଼ିଲା, ଖାଇକି ଆସିଛି କି ନାହିଁ, ପାଠପଢ଼ାରେ ଅସୁବିଧା ହେଉଛି କି ଇତ୍ୟାଦି ବୁଝିବା ଦରକାର ନାହିଁ। ଘରର ଆର୍ଥିକ ପରିସ୍ଥିତି ବୁଝି ସାହାଯ୍ୟ କରିବା ଏମିତିକି ଆଖିଆଗରେ ଦୁଷ୍ଟାମି କରୁଥିଲେ ବି ଆକଟ କରିବା ଦରକାର ନାହିଁ। ଗୋଟେ ମାନସିକ ଦ୍ୱନ୍ଦ୍ୱ ଆଉ ଜୀବନର ତିକ୍ତ ଅନୁଭୂତିକୁ ନେଇ ସେ ଅନ୍ୟମନସ୍କ ହୋଇ ପଡୁଥିବାବେଳେ ପ୍ରାର୍ଥନା ଘଣ୍ଟାର ଶବ୍ଦରେ ପ୍ରକୃତିସ୍ଥ ହେଲେ ବିଜୟ। କିଛି ସହକର୍ମୀ ଡାକିଲେ ଆସନ୍ତୁ ସାର୍ ପଡ଼ିଆକୁ, ପ୍ରାର୍ଥନା ଆରମ୍ଭ ହେବ। ଅଗତ୍ୟା ଯନ୍ତ୍ରଚାଳିତ ପରି ଯିବାକୁ ପଡ଼ିଲା। ହଠାତ୍ ତାଙ୍କର ନଜର ପଡ଼ିଲା ଅଳ୍ପଦୂରରେ ଥିବା ଗୋଟେ କ୍ଲାସ୍‌ରୁମ୍‌ରେ ଦୁଇଜଣ ପୁଅ ଝିଅ ପ୍ରାର୍ଥନା ସମୟରେ ସମସ୍ତଙ୍କ ନଜର ଆଢୁଆଳରେ ଗପସପରେ ମାତିଛନ୍ତି। ଇଚ୍ଛା ହେଉଥିଲା ତାଙ୍କୁ ଯାଇ ତାଗିଦା କରିବାକୁ, କିନ୍ତୁ ସେ ଏମିତି ଏକ ଅଦେଖା ଅସହାୟତାର ଶୃଙ୍ଖଳରେ ବନ୍ଦୀ, ଯାହାକୁ ଛିଣ୍ଡେଇବା ତାଙ୍କ ସାଧ ବାହାରେ। ବର୍ଷକ ତଳର ଏମିତି ଏକ ଘଟଣା ତାଙ୍କ ଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିଲା, ଯାହା ମନେପଡ଼ିଲେ ଏବେ ବି ତାଙ୍କ ଆଖି କୋଣରେ ଲୁହ ଜକେଇ ଆସେ।

ମଧୁପଡ଼ା ହାଇସ୍କୁଲରେ ତାଙ୍କ ଶିକ୍ଷକ ଜୀବନର ଶୁଭାରମ୍ଭ କରିଥିଲେ ବିଜୟ କୁମାର। ସୁନ୍ଦର ଗ୍ରାମ୍ୟ ପରିବେଶ ମଧ୍ୟରେ ସ୍କୁଲ୍‌ଟି ଛିଡ଼ା ହୋଇଛି। କେତେ ବଡ଼ବଡ଼ ଡାକ୍ତର, ଇଞ୍ଜିନିୟର, ପଦସ୍ଥ ଅଫିସର, କବି, ଲେଖକ, ବୁଦ୍ଧିଜୀବୀମାନଙ୍କୁ ଗଢ଼ିଛି ଏହି ସ୍କୁଲ୍। ଏମିତି ଏକ ସ୍କୁଲ୍‌ରେ ଶିକ୍ଷକ ଜୀବନ ଆରମ୍ଭ କରିବା ସୌଭାଗ୍ୟର କଥା ବୋଲି ଭାବୁଥିଲେ ବିଜୟ। ଆଗେ ସରକାରୀ ସ୍କୁଲ୍‌ରେ ଧନୀ-ଗରିବ, ଶିକ୍ଷିତ-ଅର୍ଦ୍ଧଶିକ୍ଷିତ ସବୁ ଘରର ପିଲା ପାଠ ପଢୁଥିଲେ। ଏବେ ଧନୀ ଓ ଶିକ୍ଷିତ ଘରର ପିଲା ଇଂଲିଶ୍ ମିଡିୟମ କିମ୍ବା ଘରୋଇ ଓଡ଼ିଆ ସ୍କୁଲ୍‌ରେ ପଢ଼ିଲେଣି। ସରକାରୀ ସ୍କୁଲ୍‌ରେ ପଢୁଥିବା ଅଧିକାଂଶ ପିଲା ଗରିବ ପରିବାରରୁ ଆସିଥା'ନ୍ତି, ଯାହାଙ୍କ ମା'ବାପା ଦୁଇବେଳା ଖାଇବା ଯୋଗାଡ଼ କରିବା ପାଇଁ ସଂଘର୍ଷରେ ଲିପ୍ତ। ପାଠ କଥା ବୁଝିବା ପାଇଁ ସେମାନଙ୍କ ପାଖରେ ନା ଥାଏ ସମୟ ନା ଯୋଗ୍ୟତା। ମଧ୍ୟାହ୍ନଭୋଜନର ଆକର୍ଷଣରେ ସ୍କୁଲ୍‌ରେ କିଛି ଉପସ୍ଥାନ ବଢ଼ିଯାଏ ଯାହା।

ପିଲାମାନଙ୍କୁ ପଢ଼େଇବା ବ୍ୟତୀତ ସବୁ ପିଲାଙ୍କ ସୁବିଧା ଅସୁବିଧା ବି ସେ ବୁଝୁଥିଲେ। ଆର୍ଥିକ ପରିସ୍ଥିତି ଭଲ ନ ଥିବା ପିଲାଙ୍କୁ ଖାତାପତ୍ର ଯୋଗେଇଦେବା, ପରୀକ୍ଷା ପ୍ରସ୍ତୁତି ପାଇଁ ଟେଷ୍ଟପେପର କିଣିଦେବା, ଟ୍ୟୁସନର ବ୍ୟବସ୍ଥା କରିଦେବା, ଖାଇକି ଆସି ନଥିଲେ ନିଜ ହାତରୁ ପଇସା ଖର୍ଚ୍ଚ କରି ଜଳଖିଆ ଖୁଏଇବାରେ ସେ ଆନନ୍ଦ ଅନୁଭବ କରନ୍ତି। ଶିକ୍ଷକର ଏତେ ସବୁ ସ୍ନେହ ଶ୍ରଦ୍ଧା ତ୍ୟାଗର ମୂଲ୍ୟ ଆଜିକାଲି କିଏ ବୁଝେ ସାର୍? ସହକର୍ମୀ ଅନୁପମ ସାର୍‌ଙ୍କ ପ୍ରଶ୍ନର ଉତ୍ତରରେ ବିଜୟ ହସିହସି କୁହନ୍ତି ସ୍କୁଲ୍ ପରିସରରେ ଥିବା ପର୍ଯ୍ୟନ୍ତ ମୁଁ କେବଳ ଜଣେ ଶିକ୍ଷକ ନୁହେଁ, ଜଣେ ଅଭିଭାବକ ମଧ୍ୟ। ସ୍କୁଲ୍‌ର ପ୍ରତ୍ୟେକଟି ପିଲା କେବଳ ମୋର ଛାତ୍ରୀଛାତ୍ର ନୁହନ୍ତି, ମୋର ସନ୍ତାନତୁଲ୍ୟ। ତେଣୁ ପ୍ରଥମେ ମୁଁ ତାଙ୍କ ପେଟ ବୁଝେ, ତା'ପରେ ପାଠ। ଶିକ୍ଷକତା କେବଳ ଜଣେ ଶିକ୍ଷକର ବୃତ୍ତି ବା ପେସା ନୁହେଁ, ଏହା ଏକ ସାଧନା। ଜଣେ ଶିକ୍ଷକକୁ ସୂର୍ଯ୍ୟ ପରି ଜଳିବାକୁ ପଡ଼େ ଉଭୟ ଉତ୍ତାପ ଆଉ ଆଲୋକ ଦେବାପାଇଁ। ଉତ୍ତାପ ଅର୍ଥାତ ଅନୁଶାସନ, ଯାହା ପିଲାଙ୍କୁ ଶୃଙ୍ଖଳିତ, ସଂସ୍କାରଯୁକ୍ତ କରେ। ଆଉ ଆଲୋକ ଯାହା ଅଜ୍ଞାନର ଅନ୍ଧକାରରୁ ମୁକ୍ତି ଦିଏ। ସହକର୍ମୀ ଅନୁପମ କିନ୍ତୁ ସହମତ ହୋଇ ପାରନ୍ତି ନାହିଁ ବିଜୟଙ୍କ କଥାରେ। ସେ କୁହନ୍ତି, ସେ ଯୁଗ ଆଉ ନାହିଁ ସାର୍। ସରକାରୀ ନୀତିନିୟମ ଭିତରେ ରହି ଶିକ୍ଷକର ଧର୍ମ ଆଜି ନିଷିଦ୍ଧ ଧର୍ମ ହୋଇଯାଇଛି। ଦଣ୍ଡମୁକ୍ତ ପରିସର ସାଙ୍ଗକୁ ପରୀକ୍ଷା ବ୍ୟବସ୍ଥା ନାହିଁ, ଫେଲ ହେବାର ଭୟ ନାହିଁ, ତାଗିଦା କଲେ ପିଲା ଟୋଲ ଫ୍ରି ନମ୍ବରରେ କମ୍ପ୍ଲେନ କରିଦେଉଛନ୍ତି। ଆଉ ତା'ପରେ ସରକାରଙ୍କ ଛାଟ ନିରୀହ ଶିକ୍ଷକ ଉପରେ ପଡୁଛି, ଗାଁ ରାଜନୀତିର ପଶାପାଲିରେ ବଳି ପଡୁଛି ଶିକ୍ଷକର ଆଦର୍ଶ।

ସେଦିନ ଏମିତି ଏକ ପ୍ରାର୍ଥନା ସମୟ ଥାଏ। ବିଜୟଙ୍କ ଆଖିରେ ପଡ଼େ ଦୁଇଜଣ ପୁଅ ଝିଅ ପ୍ରାର୍ଥନା କ୍ଲାସ୍‌ରେ ଯୋଗ ନ ଦେଇ ସମସ୍ତଙ୍କ ଅଗୋଚରରେ ଗପ କରୁଛନ୍ତି। ପ୍ରାର୍ଥନା ମଝିରୁ ଯାଇ ଦୁହିଁଙ୍କୁ ତାଗିଦା କରିଥିଲେ ଏମିତି ଆଉ ଦିନେ ନ କରିବା ପାଇଁ। କିନ୍ତୁ ସେ ପିଲା ଦୁଇଜଣ ଯେମିତି କାହା କଥା ଶୁଣିବାକୁ ପ୍ରସ୍ତୁତ ନ ଥିଲେ। ଲଗାତାର ତିନିଦିନ ତାଗିଦା କଲାପରେ ମଧ୍ୟ ଘଟଣାର ପୁନରାବୃତ୍ତି ଚାଲିଥାଏ। ପ୍ରଧାନ ଶିକ୍ଷକଙ୍କ ନଜରକୁ କଥାଟି ଆଣିବା ଉଚିତ ମନେକଲେ ସେ, କିନ୍ତୁ ପ୍ରଧାନ ଶିକ୍ଷକଙ୍କ ବେପରୁଆ ମନୋଭାବ ତାଙ୍କୁ କଷ୍ଟ ଦେଲା, ଯେତେବେଳେ ସେ କହିଲେ ଛାଡ଼ନ୍ତୁ ସାର୍ ଏମାନଙ୍କୁ କହି କ'ଣ ଲାଭ ଅଛି! ଏମାନେ ସୁଧୁରିବେ ନାହିଁ। ଓଲଟା ଯିଏ ତାଗିଦା କରିବ ତାକୁ ଗାଁ ପିଲାଙ୍କୁ ଲଗେଇ ରାସ୍ତାଘାଟରେ ହଇରାଣ କରିବେ, ଖରାପ ଭାଷାରେ ଗାଳି କରିବେ। ଆଉଥରେ ଏମିତି ଦେଖିଲେ ତାଙ୍କ ମା'ବାପାଙ୍କୁ ଜଣେଇ ଦେଲେ ଆମ କର୍ତ୍ତବ୍ୟ ସରିଲା। ତା' ପରଦିନ ସମାନ ଘଟଣା ପାଇଁ ସେ ନିଜକୁ କଣ୍ଟ୍ରୋଲ କରିପାରିଲେ ନାହିଁ। ରାଗରେ ପୁଅ ଝିଅ ଦୁଇ ଜଣଙ୍କୁ ଗୋଟିଏ ଗୋଟିଏ ଚାପୁଡ଼ା କଷିଦେଲେ। ପ୍ରଧାନ ଶିକ୍ଷକଙ୍କ ପରାମର୍ଶ ଅନୁସାରେ ସେ ପୁଅ ଝିଅ ଦୁଇଜଣଙ୍କ ଅଭିଭାବକମାନଙ୍କୁ ସ୍କୁଲ୍‌କୁ ଡକେଇ ଘଟଣା ସମ୍ପର୍କରେ ଅବଗତ କରାଇଲେ। ବାସ୍, ସେଇଠାରୁ ଆରମ୍ଭ ହୋଲା ଏମିତି ଏକ ସ୍ଥିତି, ଯାହାର କଳ୍ପନା ସେ ସ୍ୱପ୍ନରେ ସୁଦ୍ଧା କରି ନ ଥିଲେ। କିଛି ସହକର୍ମୀ ବିଜୟଙ୍କ ଛାତ୍ରମହଲରେ ଥିବା ଲୋକପ୍ରିୟତା ପାଇଁ ଈର୍ଷାନ୍ୱିତ ଥିଲେ। ସେମାନେ କେବଳ ବିଜୟଙ୍କୁ ଦୋଷାରୋପ କରି ନ ଥିଲେ, ବରଂ ତାଙ୍କ ଅଜାଣତରେ ଗାଆଁର କିଛି କୁଜିନେତା ଓ ଝିଅର ବାପା ଯିଏ କି ଜଣେ ପୂର୍ବତନ ସରପଞ୍ଚଙ୍କ ସମ୍ପର୍କୀୟ, ତାଙ୍କୁ ମତେଇ ବିଜୟ ସାର୍‌ଙ୍କ ନାଁରେ ଉପରିସ୍ଥ ଅଫିସରଙ୍କ ପାଖରେ ଲିଖିତ ଅଭିଯୋଗ କଲେ। ପିଲାଙ୍କ ମଙ୍ଗଳ ପାଇଁ ମା'ବାପା କ'ଣ ତାଗିଦା କରନ୍ତି ନାହିଁ, ମାଡ଼ଗାଳି ଦିଅନ୍ତି ନାହିଁ? ଛାତ୍ର ଜୀବନରେ ସିଏ ବି ବହୁତ ମାଡ଼ ଖାଇଛନ୍ତି ଶିକ୍ଷକଙ୍କଠାରୁ। ମାଡ଼ ଭୟ ତାଙ୍କୁ ଶୃଙ୍ଖଳିତ କରିଛି, ପାଠମନସ୍କ କରିଛି, ଏ କଥା କ'ଣ ଅସ୍ୱୀକାର କରିହେବ? ସାମାନ୍ୟ ଏକ ତାଗିଦାଭରା ଚାପୁଡ଼ା ଆଜି ଅଭିଯୋଗର ଲମ୍ବା ଫର୍ଦ୍ଦ ପାଲଟିଯାଇଛି ତାଙ୍କ ବିରୁଦ୍ଧରେ। ଶିକ୍ଷକଙ୍କ ବିରୁଦ୍ଧରେ ଛୋଟରୁ ଛୋଟ ଅଭିଯୋଗ ଡିଇଓ, ବିଇଓ ଅଫିସର ତଳିଆ କର୍ମଚାରୀଙ୍କଠାରୁ ଆରମ୍ଭ କରି ଉପରିସ୍ଥ ଅଫିସରଙ୍କଯାଏ ଗୋଟେ ଗୋଟେ ସୁବର୍ଣ୍ଣ ସୁଯୋଗ। ପ୍ରଥମେ ସସ୍ପେଣ୍ଡ କରିଦିଅ ଓ ପରେ ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ, ଚାକିରିରେ ପୁନଃ ସ୍ଥାପିତ ହେବା ପାଇଁ ଏମିତି ଭାବରେ ଆର୍ଥିକ ଶୋଷଣ କରନ୍ତି ଯେ, ବିଚାରା ଶିକ୍ଷକଟି ବୁଝିପାରେନି କ'ଣ ଭୁଲ କରିଛି ସେ!

ସସ୍ପେନ୍‌ସନ୍ ଚିଠି ପାଇବା ପରେ ବହୁତ ଭାଙ୍ଗି ପଡ଼ିଥିଲେ ବିଜୟ। ତାଙ୍କର ସ୍ନେହ ଶ୍ରଦ୍ଧା, ଆଦର୍ଶ କର୍ତ୍ତବ୍ୟ ସବୁକୁ ଗୋଟିଏ ମୁହୂର୍ତ୍ତରେ ତୁଚ୍ଛ କରି ଦିଆଯାଇଥିଲା। ମଧୁପଡ଼ା ସ୍କୁଲ୍‌ଠାରୁ ଆହୁରି ଅଧିକ ସାତ କିଲୋମିଟର ଦୂର ସ୍କୁଲ୍‌ରେ ରିପୋର୍ଟିଂ କରିବାକୁ ସରକାରୀ ଆଦେଶପ୍ରାପ୍ତ ହୋଇଥିଲେ ସେ। ଦୀର୍ଘ ନଅ ମାସ ନିଜ ପ୍ରିୟ ସ୍କୁଲ୍‌ଠାରୁ ଦୂର ଅନ୍ୟ ଏକ ସ୍ଥାନରେ ଦଣ୍ଡବିଧାନ ସ୍ୱରୂପ କେବଳ ରିପୋର୍ଟିଂ କରିବା, ଶିକ୍ଷାଦାନଠାରୁ ଦୂରେଇ ରହିବା ତଥା ଅଧା ଦରମାରେ ପରିବାର ଚଳେଇବା ପରି ମାନସିକ କଷ୍ଟ ତାଙ୍କୁ ମଝିରେ ମଝିରେ ଦୁର୍ବଳ କରି ଦେଉଥିଲା। ବୋଝ ଉପରେ କୋରଡ଼ା ମାଡ଼ ପରି ଉଚ୍ଚ ଅଧିକାରୀଙ୍କ ଧମକ ତଥା ଆର୍ଥିକ ଶୋଷଣରେ ସେ ଭାଙ୍ଗିପଡୁଥିଲେ ଭିତରେ ଭିତରେ। କାଚ ଆଇନା ପରି ଭାଙ୍ଗି ଟୁକୁଡ଼ା ଟୁକୁଡ଼ା ହୋଇ ଯାଉଥିଲା ତାଙ୍କ ହୃଦୟ କ୍ଷୋଭରେ। ଏତେ ଦୁଃଖ ଭିତରେ କିଛି ସାନ୍ତ୍ୱନା ବି ଥିଲା ତାଙ୍କ ପାଇଁ। ତାଙ୍କୁ ଶ୍ରଦ୍ଧା ଓ ସମ୍ମାନ କରୁଥିବା କିଛି ସହକର୍ମୀ ତାଙ୍କୁ ରୀତିମତ ଫୋନ୍ କରି ମାନସିକ ସାହସ ଯୋଗାଉଥିଲେ। ଅନେକ ଛାତ୍ରୀଛାତ୍ର ଓ ତାଙ୍କ ଅଭିଭାବକ ମଧ୍ୟ ତାଙ୍କ ସପକ୍ଷରେ ଧାରଣା ଦେବା ପାଇଁ ବିଜୟଙ୍କ ଅନୁମତି ଲୋଡ଼ିଥିଲେ। କିନ୍ତୁ ଏହା ଦ୍ୱାରା ସେ ଉପରିସ୍ଥ ଅଫିସରଙ୍କର ଅଧିକ ରୋଷର ଶିକାର ହେବା ଆଶଙ୍କା ଥିବାରୁ ଅନୁମତି ଦେଇ ନ ଥିଲେ। ନଅ ମାସ ପରେ ଲକ୍ଷେ ଟଙ୍କା ପାଖାପାଖି ଖର୍ଚ୍ଚ କରିସାରିବା ପରେ ସେ ଚାକିରିରେ ପୁନଃ ସ୍ଥାପିତ ହୋଇଥିଲେ ଏକ ନୂଆ ସ୍କୁଲ୍‌ରେ। ମଝିରେ ଆଉ ଏକ ଘଟଣା ତାଙ୍କୁ ବହୁତ ଦୁଃଖ ଦେଇଥିଲା, ଯେତେବେଳେ ସେ ଜାଣିବାକୁ ପାଇଲେ ଯେ ଯେଉଁ ଦୁଇଜଣ ପୁଅ ଝିଅଙ୍କୁ ସେ ତାଗିଦା କରିଥିବାର ଦଣ୍ଡ ଭୋଗୁଥିଲେ, ସେ ଦୁଇଜଣ ଘର ଛାଡ଼ି ଫେରାର ହୋଇଯାଇଥିଲେ। କିଛିଦିନ ପରେ ପୁଅଟି ଝିଅକୁ ଛାଡ଼ି ଦେଇ ଗାଁକୁ ଏକା ଚାଲି ଆସିଲା ପରେ ଦୁଇ ପରିବାର ମଧ୍ୟରେ ତିକ୍ତତାରୁ ଝିଅର ବାପା ପୁଅ ଉପରେ ଅପହରଣ ଆରୋପ ଲଗେଇଥିଲେ। ପରିଣତି ସ୍ୱରୂପ ପୁଅଟି ଏବେ ବାଳ କାରାଗାରରେ ଏବଂ ଝିଅଟି ଏକ ଶର୍ଟ ଷ୍ଟେ ହୋମରେ ରହୁଛି କୁଆଁରୀ ମାତୃତ୍ୱର ବୋଝ ମୁଣ୍ଡେଇ।

ଆଜି ନୂଆ ସ୍କୁଲ୍‌ରେ ସମାନ ଘଟଣାର ପୁନରାବୃତ୍ତି ହେଉଥିଲେ ମଧ୍ୟ ଅତୀତର ତିକ୍ତ ଅନୁଭୂତି ତାଙ୍କୁ ଆଖି ବୁଜି ଚୁପ୍ ରହିବା ପାଇଁ ବାଧ୍ୟ କରୁଥିଲା। ଶିକ୍ଷକର ଧର୍ମ ଆଜି ଏକ ନିଷିଦ୍ଧ ଧର୍ମ, ତା' ଆଦର୍ଶ ଆଜି ଶୃଙ୍ଖଳାବଦ୍ଧ ଆଉ ତା' ସାଧନା ଏକ ମୂଲ୍ୟହୀନ ପରିତ୍ୟକ୍ତ ବସ୍ତୁ। ସରକାରୀ ଆଇନକାନୁନ ଭିତରେ ଜଣେ ଆଦର୍ଶ, କର୍ତ୍ତବ୍ୟପରାୟଣ ଗୁରୁ କ୍ରମଶଃ ପାଲଟିଯାଉଥିଲା ଗୋଟେ ବେତନଭୋଗୀ ଅସହାୟ ଶିକ୍ଷକ।

ମୋ: ୮୦୧୮୫୬୪୯୨୭

## କ ବି ତା

### ପ୍ରେତ ଭୋଜ୍ୟ

**ହରିଶ୍ଚନ୍ଦ୍ର ବେହେରା**

ସେମାନେ ଆସିଲେ
ଯେଝା' କାମସାରି ଚାଲିଗଲେ
ଯିବାବେଳେ କେଇଟା ଫୁଲତୋଡ଼ା କି
ହେନା ଅଥବା ଗେଣ୍ଡୁ ଗଜରା
ଯାହା ଥିଲା ଶେଷତମ ଉପହାର
ନେବାକୁ ଭୁଲିଗଲେ

ମୁରବିପଣ ଜାହିର କରୁଥିବା ବଙ୍କୁଲି ବାଡ଼ିଟି
ରହିଗଲା ନେଇ ପାରିଲେନି
ମଶାଣିରେ ପଡ଼ିପଡ଼ି କିଛି ଶୁଖିଗଲା
କିଛି ବର୍ଷା ସୁଅରେ ଭାସିଗଲା
କିଏ କିଏ କାମ ନ ସାରି
ବାଧ୍ୟ ବାଧକତାରେ ଗଲେ
କୃଷିରଣ ଅବସାଦ ଧର୍ଷଣ ବଳାତ୍କାର
ଦୁର୍ଘଟଣା କରୋନା ଅକାଳ ବଜ୍ରପାତ
ଏମିତି କିଛି ଦୁର୍ବିପାକ ଦୁଷ୍କର୍ମରୁ

କାହା ମୁହଁରେ ନିଆଁ ତ କାହା ମୁହଁରେ ଧୂଳି
କାହା ପାଇଁ ବାଜିଛି ଅହିଅ ତେଣ୍ଟୁରା ତ
କାହାପାଇଁ ଦୁନିଆଯାକର ଗାଳି
ମଶାଣି କୋଳେଇ ନେଇଛି ସମସ୍ତଙ୍କୁ
ମା'ଟିଏ ପରି।

ସେରେ ଚାଉଳ କି ଖଣ୍ଡେ ଗାମୁଛା ପାଇ
ଅଛେଦ୍ୟ ଆତ୍ମାକୁ ଶାନ୍ତ କରେ
ବିଚରା ପୁରୋହିତ
ସ୍ମୃତିକୁ ଜିଆଇ ଆସନ୍ତି
ପିତା ପ୍ରପିତା ମାତା ପ୍ରମାତା
ଚଉଦ ପୁରୁଷ ମଲା ଲୋକ।

ମୁଠେ ପ୍ରେତଭୋଜ୍ୟରେ
କେତେ ମମତା ରଖନ୍ତି
ପ୍ରେତଲୋକର ଅନାତ୍ମୀୟମାନେ
ଶରଧାରେ ଡାକୁ- "ବଡ଼ବଡୁଆ ହୋ ଆସ
କାଉଁରିଆ କାଠିରେ ନିଆଁ ଧରେଇ ଡାକୁଛୁ
ଆଲୁଅରେ ଆସ ଅନ୍ଧାରରେ ଯାଅ
ବେଣା ମୂଳେ ମୂଳେ ଝିଣ୍ଟିକା ଖାଅ
ଗଙ୍ଗା ଯାଅ ଗୋଦାବରୀ ଯାଅ
ବାଇଶି ପାହାଚେ ଗଡ଼ଗଡ଼ଉ ଥାଅ।"

ଅମାବାସ୍ୟାର କିଟିମିଟି ଅନ୍ଧାରରେ ବାରିହୁଏ
ସେମାନଙ୍କ ଭାରି ପାଦଶବ୍ଦ
ଗମ୍ଭୀର ଦିଶେ ବଂଶଯାକର ମୁହଁ
ପ୍ରେତଭୋଜ୍ୟ ବାଢ଼ିଦିଏ ବୋଉ
ପିଠୋଉଖଳି ଷଣ୍ଢର ପେଟକୁ
ତୀରବିଦ୍ଧ କରନ୍ତି ବାପା
ଝରି ଆସୁଥିବା ଗୁଡ଼ ଆଉ
ତାଳ ଖୁଣ୍ଟିଙ୍କର ଭୋଗ
ଖାଆନ୍ତି ପ୍ରେତ ସମେତ ବଂଶଯାକର ଲୋକ।

ତା'ପରେ ପିଠାପଣା ଭୂରିଭୋଜନ
ଗୋଡ଼ ନ ଫାଟୁ, ସାପ ନ କାଟୁ
ଅଧା ପୋଡ଼ା ପୟା କାଠିରେ ଗୋଡ଼ ସେକୁ
ରାତି ନ ପାହୁଣ୍ଟୁ।

ମୋ: ୯୪୩୭୮୧୩୭୦୮

### ପାଣି

**ସୁରେଶ ସାଗର**

ଭାବ ନା!
ତରଳ ଦେହ ବୋଲି
ମେକ୍‌ସି ପରି
ହୁଗୁଳା ମୋ' ଆଲିଙ୍ଗନ;
ମରୁବାଲି ପରି
ନିଃସ୍ୱାଦ ମୋ' ପ୍ରେମ।

ଜାଣ ତ?
ତମକୁ ମୁଁ ଭିଡ଼ିଲି ମାନେ,
ତମେ ଟୁକୁଡ଼ାଏ ବରଫ,
ଫିସ୍‌ଲେଇଲି ମାନେ,
ତମେ ଟେଳାଏ
ଲିଭିଯାଇଥିବା ଅଙ୍ଗାର।

ତମେ ଯୋଉଠି ରହୁଚ
ମୋ' ଅଣୁ ଅଣୁରେ ତମର ଦିଲ୍,
ତମେ ଯୋଉଠି ରହୁଛ
ମୋ' ଆଖିଆଖିରେ
ତମ ନିରୀହ ବ୍ୟାକୁଳତା।

ତମ ଭୋଗିବାର ଅଭିପ୍ରାୟରେ
ମୁଁ ଠାଏ ଠାଏ
ବଗିଚା ହଉଚି, ଫୁଲ ହଉଚି,
କେଉଁଠି ବା ପହ୍ଲାଟିଏ ହୋଇ
ଥଳକି ଥଳକି ବହୁଚି
ଥଳକି ଥଳକି।

ତମେ ଯୋଉଠି
ଯେଉଁ ଆକୃତିରେ ଜନ୍ମୁଚ,
ମୁଁ ସେଇଠି ତମ ଆଦ୍ୟ ବିନ୍ଦୁର
ଜରାୟୁରେ ଅଙ୍କୁରୁଚି
ଆଉ, କ୍ଷେପିଯାଉଛି
ତମ ଜହ୍ନିଲହ ପରି ଆୟୁ।

ତମ ସହ ମୋ'
ସମ୍ପର୍କ ଯେ ଏମିତି
ତମ ସମଗ୍ର ହାଡ଼ ମାଂସକୁ
ତିନ୍ତଉଥିବି ଓ
ଉଛୁଳା ଉଛୁଳା ହୋଇ
ଖେଳୁଥିବି, ନାଡ଼ି ନକ୍ଷତ୍ର ସହ
ପଲକେ ପଲକେ।

- ଜୁନାଗଡ଼, କଳାହାଣ୍ଡି

### ମା'

**ଦୀପ୍ତି ମୁଣ୍ଡ**

ତୋ' ଗଲାପରେ
ନା ବଦଳିଛି ରାସ୍ତା
ନା ତା'ର ଦୈର୍ଘ୍ୟ
ନା ସେଠି ଚାଲୁଥିବା
ପାଦମାନଙ୍କ ଭିଡ଼...
ବଦଳି ଯାଇଛି
କେବଳ ଆମ ଜୀବନ।

ମୋ: ୭୦୦୮୯୯୨୮୧୫

## ପୁସ୍ତକ ପରିଚୟ

### ଚାଲ କୁରୁକ୍ଷେତ୍ର



**କବି:** ବାସୁଦେବ ଦାସ
**ପ୍ରକାଶକ:** ଲେଖାଲେଖି, ଭୁବନେଶ୍ୱର-୧୦
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୦୦/-

ମୋଟ ୩୬ଟି କବିତା ଆଲୋଚ୍ୟ କବିତାଗ୍ରନ୍ଥରେ ସଂଯୋଜିତ। ଗ୍ରନ୍ଥାରମ୍ଭରେ କବି ଲେଖିଛନ୍ତି: 'ଚାଲ କୁରୁକ୍ଷେତ୍ର' ବିଭିନ୍ନ ସମୟର ଅନୁଦାର ଶାସନ ଓ ସମାଜର ଏକ ସବଳିତ ଓ ସଂକଳିତ ମାନଚିତ୍ର। ଉପୋଦ୍‌ଘାତରେ କବି ରମାକାନ୍ତ ଜେନାଙ୍କ ମନ୍ତବ୍ୟ: "ବେସାଲିସ୍ ସଂଗ୍ରାମର ସେ ଏକ ଶାଣିତ ତରବାରି। x x ବୟସର ଶାଗୁଣା, ସମୟର ଯମ ତାଙ୍କୁ ପଥ ଓଗାଳୁଥିଲେ ମଧ୍ୟ ଦୁର୍ବାର ବୀର ବାସୁଦେବ ଯଷ୍ଟି ଖଣ୍ଡେ ଧରି ବ୍ୟାଧି ଓ ବିଧି ବ୍ୟବସ୍ଥା ବିରୋଧରେ ଲଢ଼େଇ କରି ଚାଲିଛନ୍ତି ଏବଂ ଆହ୍ୱାନ ଦେଉଛନ୍ତି- 'ଚାଲ କୁରୁକ୍ଷେତ୍ର' ଦେଖିବା ତୋର କେଡ଼େ ସାହସ!" ବାସୁଦେବଙ୍କ କବିତାରେ ବ୍ୟବହୃତ ଶବ୍ଦ ଏତେ ଧାରୁଆ ଯେ ସାମାନ୍ୟ ଅସତର୍କତାରେ ହାତ କଟିଯିବ। ଯଥା: ୧. "ସନ୍ତ୍ରାସବାଦୀ ଯେତିକି ଶତ୍ରୁ/ ଶିବିର ଭିତରେ ସେବା ଦେଉଥିବା/ ସରକାର ତା'ଠାରୁ ଭୟାନକ।" (ଚାଲ କୁରୁକ୍ଷେତ୍ର- ପୃ:୦୯), ୨. "ଏ ଜାତିର ନବନବ ଚେତନାର/ ଅନେକ ଓଁକାର ଶୁଦ୍ଧ ହେଲାପରେ/ ଟଙ୍କା, ଚାଉଳ, ଭତ୍ତା ଯୋଜନାରେ/ ନିଷ୍ପ୍ରାଣ, ସ୍ୱାଭିମାନ ହରା/ ନବ କଳେବର କାହାର?" ('ସମୁଦ୍ରର ନବକଳେବର'- ପୃ:୪୭)। ଗ୍ରନ୍ଥରେ ସ୍ଥାନିତ 'ବିପ୍ଳବ ଗଡ଼', 'କମ୍ବିଂ ଅପରେସନ', 'ବଇରା ଫେରିବ କେବେ(୧)', 'କୁରୁସଭା(୨)', 'ଅଗ୍ନିଡେଣାର ଫୁଲ', 'ଅସ୍ତାଚଳର ଡାକ', 'କଲମ ଉଠିଛି ମାଟି' ଓ 'ଚାଷୀମୃତ୍ୟୁ ପୁରସ୍କାର' ଆଦି କବିତାରେ ବାସୁଦେବଙ୍କ କବିତ୍ୱର ଉଗ୍ର ଉଷ୍ମାକୁ ଅନୁଭବ କରିହୁଏ। ସଂକଳନଟି ପାଠକୀୟ ଆଦୃତି ଯେ ଅନାୟାସରେ ଲାଭ କରିବ, ଏଥିରେ ସନ୍ଦେହ ନାହିଁ।

### ଯୋଗୀଚରିତ



**କବି:** ଡା. ଦୀନବନ୍ଧୁ ସାହୁ
**ପ୍ରକାଶକ:** ବ୍ଲାକ୍ ଇଗଲ୍ ବୁକ୍ସ, ଡବ୍ଲିନ, ଆମେରିକା
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ. ୨୦୦/-

୫୪ଟି କବିତାରେ ଗୁନ୍ଥା 'ଯୋଗୀଚରିତ'ର ଇତିବୃତ୍ତ ଲେଖିବାକୁ ଯାଇ କବି ଡା. ସାହୁ କହିଛନ୍ତି: "ସଂକଳିତ କବିତାଗୁଡ଼ିକ ମୁଖ୍ୟତଃ ଜୀବନଧର୍ମୀ ଓ ଜୀବନବାଦର ଉଦ୍‌ଘୋଷକ। ଜନ୍ମରୁ ଜୁଇଯାଏ ପ୍ରଲମ୍ବିତ ଜୀବନାବଧିର ଭୁକ୍ତ ଅଭୁକ୍ତ ବିବିଧ ଘଟଣା ପ୍ରବାହର ଦାର୍ଶନିକ ଦୃଷ୍ଟିଭଙ୍ଗୀ ଓ ଆତ୍ମିକ ଅନୁଭବ ହିଁ 'ଯୋଗୀଚରିତ'ର କାବ୍ୟାମୃତ।" ସଂକଳନସ୍ଥ କବିତାଗୁଡ଼ିକର ପ୍ରାୟ ଉଚ୍ଚାରଣ ଅନ୍ତରଙ୍ଗ ଅନୁଭବରେ ଉଦ୍ଦୀପ୍ତ। ଯଥା: ୧. "ତୃଷାର୍ତ୍ତ କେହି ଜଣେ/ ଜହ୍ନରାତିର ଜହର ପିଇ/ ଘର ବିମୁଖା ରଚିଛି ନିଃସଙ୍ଗ ଯାତ୍ରା" ('କବି କି!'- ପୃ: ୧୫), ୨. "ଯାଏଁ/ ବତୁରାଇ ଆସେ/ ସାଉଁଟା ଶବ୍ଦପୁଞ୍ଜାକୁ/ ବାସ୍ତବତାର ଉତ୍ତପ୍ତ ବାରିରେ/ କେହି ତ ହେବ ସଚେତ/ ଆଖି ଖୋଲି ପଢ଼ିବ" ('ମନ୍ତ୍ରାୟନ'- ପୃ: ୬୫)। ଗ୍ରନ୍ଥସ୍ଥ 'ବିଭକ୍ତ ବାଦ୍‌ଶାହା', 'ଭଙ୍ଗା ସିଲଟ', 'ଗ୍ରୀନ୍ ରୁମ୍', 'ସେଇ ବଂଶୀ ଖଣ୍ଡିକ', 'କାରାବାସ', 'ଚାହିଁ ବସିଛି', 'ଘରଗଡ଼ା', 'କବିର ଦମ୍ଭ', 'ଅକବିର କବିତା', 'ମଶାଣି', 'ରୂପଜୀବୀ' ଓ 'କଫିନ୍‌ରେ ତୁ' ଆଦି କବିତା ପଢ଼ିଲେ ମନେହୁଏ, ଯେମିତି ଏସବୁ କବିତା ପ୍ରତିଟି ପାଠକର ଅଲଗା ଅଥଚ ଅଭିନ୍ନ ଛବି, ଯହିଁରେ ରହିଛି ସମକାଳ ଓ ସମୟାନ୍ତରର ଅଭୁଲା ଛବି, ଭାଷା ଓ ଭାବ- ଉଭୟରେ ବହିର ପ୍ରାୟ କବିତା ନିଆରା। ଆଶା କରାଯାଏ ଯେ ବହିଟି ଅନୁରାଗୀ ପାଠକଙ୍କୁ ନାନା ଭାବେ ଉଦ୍‌ବୁଦ୍ଧ କରିବ।

## ଭାବକୁ ନିକଟ

**ମାଧବୀଲତା ଦେଈ**

**ବିଶେଷ ଗଳ୍ପ**

ତିନି ଦିନ ତିନି ରାତି ବିତିଗଲାଣି। ପିଲାଟା ଦେହରେ ଖଇଫୁଟା ତାତି। ପାଟିରେ ପାଣି ଟୋପେ ଦେଉନି। ଜ୍ୱର ପ୍ରକୋପରେ ବାଉଳିଚାଉଳି ହୋଇ କେତେ କ'ଣ କହିଯାଉଛି। ପାଖରେ ପଇସା ନାହିଁ କି ଘରେ ମଣିଷ କେହି ନାହାନ୍ତି। ଏତିକିବେଳକୁ ନିଆଁଲଗା ମେଘଟା ଦାଉ ସାଧୁଛି ଯେ ଘରୁ ବାହାରି ହେଉନାହିଁ। କୁନ୍ତଳାର ହଠାତ୍ ମନେପଡ଼ିଗଲା ଠଣାରେ ଲୁଚେଇ ରଖିଥିବା ଭଙ୍ଗା ଡବାଟି କଥା। ଧାଇଁ ଯାଇ ଉଣ୍ଡାଳି ପକାଇଲା। ଦେଖିଲା ଲୋଚାକୋଚା ହୋଇ ତା' ଭିତରେ ଦଶଟଙ୍କିଆ ନୋଟ ପାଞ୍ଚ ସାତଟି ପଡ଼ିଛି। କୁନି ଝିଅ ମିତାକୁ ପୁଅ ଜିତୁ ପାଖରେ ବସାଇ ଭଙ୍ଗାଛତାଟି ମୁଣ୍ଡରେ ଧରି ଧାଇଁଗଲା ଗାଁ ବଇଦଙ୍କ ପାଖକୁ। ନିଜର ଦୁଃଖ ଜଣାଇ ଔଷଧ କିଛି ଧରି ଆସିଲା। ହେଲେ ପୁଅର ଜ୍ୱର କମିଲା ନାହିଁ।

କ'ଣ କରିବ? ତା' ବାପା ବର୍ଷେ ହେଲାଣି ଦାଦନ ଖଟି ଯାଇଛି ଯେ, ଘରକୁ ପଇସାଟିଏ ପଠଉ ନାହିଁ। ମାଇପିଟା ପର ଘରେ ବାସନ ମାଜି, ବୋଲହାକ କରି ଯାହା ଆଣୁଛି ତିନି ପ୍ରାଣୀ କୁଟୁମ୍ବ ଚଳିବା ବହୁତ କଷ୍ଟ। ରୋଗ ବଇରାଗକୁ ପଇସା କାହିଁ! ଗାଁରେ ଦୁର୍ଗାପୂଜା। ଦେହ ଭଲ ଥିଲେ ତା' ପୁଅଟା ଖୁସିରେ ନାଚୁଥାଆନ୍ତା। ଆଖିରୁ ଲୁହ ଝରିଗଲା କୁନ୍ତଳାର।

ମନେମନେ ସୁମରଣା କଲା ମା' ଦୁର୍ଗାଙ୍କୁ। ତୁ ପରା ମୋ' ପରି ଗୋଟେ ମା'! ମୋ' ପୁଅ କ'ଣ ତୋର ନୁହେଁ! ତାକୁ ରକ୍ଷା କର ଲୋ ମା'। ତୋ ପାଦ ତଳେ ମୁଁ ତାକୁ ସମର୍ପିଦେଲି। ରଖିଲେ ରଖିବୁ, ମାରିଲେ ମାରିବୁ। ମୋର ଆଉ ଉପାୟ ନାହିଁ। କାନ୍ଦିକାନ୍ଦି ପୁଅ ପାଖରେ ଶୋଇଗଲା କୁନ୍ତଳା।

ସପନ ଦେଖିଲା। ତା'କୁ ଯେମିତି ମା' ଦୁର୍ଗା କହୁଛନ୍ତି- "କାନ୍ଦନା କୁନ୍ତଳା, ତୋ ପୁଅ ନିଶ୍ଚୟ ଭଲ ହେଇଯିବ। ହେଲେ ମୋର ଗୋଟିଏ କଥା ରଖିବୁ। ତୋ ବାଡ଼ିପଟ ଯୋରରେ ପଦ୍ମ ଫୁଲ ଫୁଟିଛି। ଦଶହରା ଦିନ ମୋତେ ପଦ୍ମଫୁଲରେ ସୁନ୍ଦର ମାଳଟିଏ କରିଦେବୁ, ହେଲା।" ଏତିକିବେଳେ କୁନ୍ତଳାର ନିଦ ଭାଙ୍ଗିଗଲା। ସପନ କଥା ତା'କୁ ସବୁ ସତ ପରି ଲାଗିଲା। ଚାରିଆଡ଼ ଖୋଜି ପକାଇଲା। କାହିଁ ମା' ତ କେଉଁଠି ନାହାନ୍ତି! ପୁଅ ଦେହରେ ହାତ ବୁଲାଇ ଆଣିଲା। ଆଶ୍ଚର୍ଯ୍ୟ! ପୁଅ ଦେହରେ ଜମା ତାତି ନାହିଁ। ମା' ହାତ ବାଜିଜିତୁ ଉଠିପଡ଼ି ପାଣି ପିଇବାକୁ ମାଗିଲା। କହିଲା- "ମା', ମୋତେ ଭାରି ଭୋକ, କ'ଣ ଖାଇବାକୁ ଦେ।" କୁନ୍ତଳା ସପନ ସତ ହେଲା ଭାବି ଆନନ୍ଦରେ ଗଦ୍‌ଗଦ୍ ହୋଇଗଲା। ପୁଅକୁ ଖାଇବାକୁ ଦେଇ ପାଣି ପିଆଇ ଶୁଆଇଦେଲା।

କୁନ୍ତଳା ଭାବିବାକୁ ଲାଗିଲା। କିଏ କହେ ଠାକୁର ଠାକୁରାଣୀ ନାହାନ୍ତି ବୋଲି! ସେ ତ ଭାବକୁ ନିକଟ, ଅଭାବକୁ ଦୂର। ମୂଳଟି ହେଲା ବିଶ୍ୱାସ। ଆନ୍ତରିକତାର ସହିତ ଦେବଦେବୀଙ୍କ ନିକଟରେ ନିଜକୁ ସମର୍ପିଦେଲେ ସେ ନିଶ୍ଚୟ ଶୁଣନ୍ତି।

ଦଶହରା ଦିନ ବଡ଼ିଭୋରରୁ କୁନ୍ତଳା ଡାଲାଟିଏ ଧରି ଚାଲିଲା ଯୋରକୁ। ଅଣ୍ଟାଏ ପାଣିରେ ପଶି ତୋଳି ଆଣିଲା ସଦ୍ୟ ପ୍ରସ୍ଫୁଟିତ ପଦ୍ମଫୁଲ। ଶହେଆଠ ପଦ୍ମଫୁଲରେ ସୁନ୍ଦର ମାଳଟିଏ ତିଆରି କଲା। ବାଡ଼ିରେ ଥିବା କାକୁଡ଼ି, ପିଜୁଳି, କମଳା ଫଳରୁ ଦି'ପୁଞ୍ଜା ଓ ଫୁଲମାଳଟି ଧରି ଜିତୁ ଓ ମିତାଙ୍କୁ ସାଙ୍ଗରେ ନେଇ ଦୁର୍ଗାମଣ୍ଡପ ତଳେ ଯାଇ ଠିଆ ହେଲା। ମା'ଙ୍କ ମୂର୍ତ୍ତିଙ୍କୁ ଦେଖି ଆନନ୍ଦରେ କାନ୍ଦି ପକାଇଲା କୁନ୍ତଳା। ଫୁଲମାଳ, ଫଳ ସହିତ ଦଶ ଟଙ୍କିଆ ନୋଟଟିଏ ପୁରୋହିତଙ୍କୁ ଦେଇ ମା'ଙ୍କ ଗଳାରେ ଲାଗି କରିଦେବାକୁ କହିଲା।



ଏତିକିବେଳେ ସେଠି ବସିଥିବା ଗାଁ ମୁରବି ନଟ ପ୍ରଧାନ ଗର୍ଜି ଉଠିଲେ। "ତୋର ତ ଭାରି ସାହସ। କେବେଠୁ ଏତେ ବଡ଼ ଲୋକ ହେଲୁଣୁ ମ! ଅଚ୍ଛବ ଜାତିର ମାଇପିଟା ହେଇ ଚାଲି ଆସିଲା ଦୁର୍ଗାପୂଜା କରିବାକୁ। ଏଠୁ ଯାଉଛୁ ନା ଦେଖିବୁ।"

ଭୋ ଭୋ ହୋଇ କାନ୍ଦି ଉଠିଲା କୁନ୍ତଳା। ବଡ଼ ଲୋକକୁ ତ ଉତ୍ତର ନାହିଁ। ପିଲା ଦୁଇଟାଙ୍କୁ ଧରି ଶରବିଦ୍ଧା ହରିଣୀ ପରି ଚାହିଁ ରହିଲା ମା' ଦୁର୍ଗାଙ୍କୁ।

ଏଇ ସମୟରେ ପୁରୋହିତ ମଣ୍ଡପରୁ ତଳକୁ ଓହ୍ଲାଇ ଆସିଲେ। 'ଦେ ମା' ଦେ' ଏତିକି କହି କୁନ୍ତଳା ହାତରୁ ଫୁଲମାଳ ଓ ଫଳ ଡାଲାଟା ଧରି ମଣ୍ଡପ ଉପରକୁ ଉଠିଗଲେ। ଅପେକ୍ଷା ନକରି ମା'ଙ୍କ ଗଳାରେ ଫୁଲମାଳଟି ପିନ୍ଧାଇ ଦେଲେ। ଫଳଗୁଡ଼ିକୁ ପ୍ରସାଦ ଚଢ଼ାଇ କୁନ୍ତଳା ହାତକୁ ବଢ଼ାଇଦେଲେ।

ଆଖି ଲାଲ କରି ଦାନ୍ତ କଡ଼ମଡ଼ କରୁଥିବା ନଟ ପ୍ରଧାନଙ୍କୁ ପୁରୋହିତ ମହାଶୟ ବୁଝାଇଦେଲେ। ଆଜ୍ଞା! ଉଚ୍ଚ ଜାତି, ନୀଚ ଜାତି ହେଉଛି ମଣିଷମାନଙ୍କ ମନର ସଂକୀର୍ଣ୍ଣ ଭାବନା। ଦେବଦେବୀଙ୍କ ପାଖରେ ଉଚ୍ଚ ନୀଚ ନ ଥାଏ। ସେମାନେ ନିର୍ମଳ, ନିଷ୍କପଟ ହୃଦୟ, ସଚ୍ଚୋଟ ଭକ୍ତିରେ ସନ୍ତୁଷ୍ଟ ହୁଅନ୍ତି। ତା' ନ ହୋଇଥିଲେ କ'ଣ ରାମଚନ୍ଦ୍ର ଶବରୀର ଅଇଁଠା କୋଳି ଖାଇଥାନ୍ତେ ନା ଜଗନ୍ନାଥ ଦାସିଆ ବାଉରିର ନଡ଼ିଆ ନେଇଥାନ୍ତେ! ନଟ ପ୍ରଧାନ ଥଣ୍ଡା ହୋଇ ସାରିଥିଲେ।

କୁନ୍ତଳା ମା' ଦୁର୍ଗାଙ୍କୁ, ପୁରୋହିତଙ୍କୁ ଏବଂ ନଟ ପ୍ରଧାନଙ୍କୁ ପ୍ରଣାମ ଜଣାଇ ଦୁଇ ପିଲାଙ୍କୁ ଧରି ଘରକୁ ଫେରିଲା।

ମୋ: ୯୬୯୨୪୮୩୩୭୭

## କାଳକାଳକୁ



**"ମୁଁ କୌଣସି ରୀତିରିୱାଜ୍‌ରେ ବିଶ୍ୱାସ କରେ ନାହିଁ। ମୋକ୍ଷ ନୁହେଁ, ମାଟି ମୋର ପସନ୍ଦ।"**
**- ମହାଦେବୀ ବର୍ମା**

**ମହାଦେବୀ ବର୍ମା**ଙ୍କ ଜନ୍ମ ୨୬ ମାର୍ଚ୍ଚ ୧୯୦୭ରେ ଓ ପରଲୋକ ୧୧ ସେପ୍ଟେମ୍ବର ୧୯୮୭ରେ, ଉତ୍ତର ପ୍ରଦେଶରେ। ଏକାଧାରରେ କବୟିତ୍ରୀ, ପ୍ରାବନ୍ଧିକା ଓ କଥାଶିଳ୍ପୀ ଏହି ଲେଖିକା ହିନ୍ଦୀ ସାହିତ୍ୟର ଅନ୍ୟତମ ପ୍ରମୁଖ ନିର୍ମାତା, 'ଛାୟାବାଦୀ' ଯୁଗର ସଶକ୍ତ ସ୍ତମ୍ଭ। କବି ନିରାଲା ଏକଦା ତାଙ୍କୁ ଉପଲକ୍ଷ୍ୟ କରି କହିଥିଲେ: "ମହାଦେବୀ ହେଉଛନ୍ତି ହିନ୍ଦୀ ସାହିତ୍ୟର ବିଶାଳ ମନ୍ଦିରରେ ସରସ୍ୱତୀ ସଦୃଶା।" ଖଡ଼ିବୋଲି ଭାଷାରେ ରଚିତ ତାଙ୍କ କବିତାରେ ଥାଏ ବହୁ ମୁଲାୟମ ଶବ୍ଦ, ଯାହା ପାଠକଙ୍କୁ ଅଭିଭୂତ କରେ। ହିନ୍ଦୀ ସାହିତ୍ୟକୁ ବଳିଷ୍ଠ ଅବଦାନ ପାଇଁ ତାଙ୍କୁ ମିଳିଛି 'ପଦ୍ମଭୂଷଣ' (୧୯୫୬), 'ପଦ୍ମ ବିଭୂଷଣ' (୧୯୮୮) ଓ 'ଜ୍ଞାନପୀଠ ପୁରସ୍କାର' (୧୯୮୨)।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ୬୮ଶହ ଲିଟର ପୋଚ ନଷ୍ଟ



**ଖୋର୍ଦ୍ଧା ଅଫିସ,୨୩।୯:** ଖୋର୍ଦ୍ଧା ଏବଂ ଏହାର ଆଖପାଖ ଅଞ୍ଚଳରେ ଚୋରା ମଦ କାରବାର ବଢ଼ି ଚାଲିଛି। କେତେଜଣ ମଦ ବ୍ୟବସାୟୀ ଗ୍ରାମାଞ୍ଚଳରେ ଖୁଲମଖୁଲା ଭାବେ ଏହି କାରବାର ଚଳାଉଛନ୍ତି। କୌଣସି ସୂତ୍ରରୁ ଖବରପାଇ ଅବକାରୀ ପୋଲିସ ଏକ ଟିମ୍ ବରପଦା ଗ୍ରାମରେ ଚଢ଼ାଉ କରି ୪୭୫ ଲିଟର ଦେଶୀ ମଦ, ୬୮ଶହ ଲିଟର ପୋଚ ଜବତ ପରେ ଏହାକୁ ନଷ୍ଟ କରି ଦିଆଯାଇଛି। ଜବତ ମଦ ଓ ପୋଚର ଆନୁମାନିକ ମୂଲ୍ୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ତେବେ ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ। ଏହି ଚଢ଼ାଉରେ ଇନିସ୍ପେକ୍ଟର ଭୈରବ ସାହୁ, ରାଜଶେଖର ସ୍ୱାଇଁ, ଏସ୍ଆଇ ମନୋଜ କୁମାର, ରାଜେନ୍ଦ୍ର, ରଞ୍ଜନ ଦାସଙ୍କ ସମେତ ଖୋର୍ଦ୍ଧା ଓ ବେଗୁନିଆ ଅବକାରୀ ଟିମ୍ ସାମିଲ ହୋଇଥିଲେ।

### ୫୦ ଲିଟର ମଦ ଜବତ,୨ ଗିରଫ

ଖୋର୍ଦ୍ଧା ଅଫିସ,୨୩।୯: ଖୋର୍ଦ୍ଧା ଟାଉନ୍ ପୋଲିସ ହଳଦିଆରେ ଚଢ଼ାଉ କରି ୫୦ ଲିଟର ଦେଶୀ ମଦ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଟାଉନ ଥାନା ଅଞ୍ଚଳର ସୁବାସ ଚନ୍ଦ୍ର ଜେନା(୩୫) ଓ ବାଙ୍କୀ ଥାନା ସାମନ୍ତରାପୁରର ଟୁନୁ ବେହେରା(୪୦)। ଅଭିଯୁକ୍ତଦ୍ୱୟ ହଳଦିଆ ବଜାରରେ ବେଆଇନ ଭାବେ ମଦ ବିକ୍ରି କରିଆସୁଥିଲେ। ଶୁକ୍ରବାର ବଜାରରେ ବିକ୍ରି କରୁଥିବା ଖବରପାଇ ପୋଲିସର ଏକ ଟିମ୍ ପହଞ୍ଚି ଉଭୟଙ୍କୁ ମଦ ସହ ଗିରଫ କରିଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁ କରିବା ସହ ଉଭୟଙ୍କୁ କୋର୍ଟଚାଲାଣ କରିଛି।

### ନୂତନ ଅଧକ୍ଷଙ୍କ ଦାୟିତ୍ୱ ଗ୍ରହଣ



**ଜଟଣୀ,୨୩।୯(ଡି.ଏନ୍.ଏ.):** ଜଟଣୀ ମହାବିଦ୍ୟାଳୟର ନୂତନ ଅଧକ୍ଷ ଭାବେ ଡ. ବଂଶୀଧର କର ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗ ଚିଠି ସଂଖ୍ୟା -୩୯୯୬୭/୨୨ ଆଧାରରେ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ତଥା ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ ଅନୁମୋଦନ କରିଛନ୍ତି। ଏଥିପୂର୍ବରୁ ଡ. କର ଜଟଣୀ ମହାବିଦ୍ୟାଳୟ ଇତିହାସ ବିଭାଗର ବରିଷ୍ଠ ବିଭାଗୀୟ ମୁଖ୍ୟ ଭାବେ ଦୀର୍ଘ ୧୩ ବର୍ଷ ଧରି ଶିକ୍ଷାଦାନ କାର୍ଯ୍ୟ କରିଆସୁଥିଲେ। ନୂତନ ଭାବେ ଅଧକ୍ଷ ଦାୟିତ୍ୱ ଗ୍ରହଣ କରିବା ପରେ ସୁସ୍ଥ, ସୁନ୍ଦର ଏବଂ ଶିକ୍ଷଣୀୟ ପରିବେଶ ସୃଷ୍ଟି କରିବା ସହିତ ମହାବିଦ୍ୟାଳୟର ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି କହିଥିଲେ। ଏହି ଅବସରରେ ବିଦାୟୀ ଅଧକ୍ଷ ଡ. ରାଜୀବ କର ନୂତନ ଅଧକ୍ଷଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ସହିତ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧାପିକା ଅଧାପକ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

# ବେଆଇନ ଭାବେ ଚାଲିଛି ନିଶା ନିବାରଣ କେନ୍ଦ୍ର

**ପ୍ରଶାସନ ନିକଟରେ ଖବର ନାହିଁ**
- ରୋଜଗାରର ମାଧ୍ୟମ ସାଜିଛି
- ଜିଲାରେ ୪ଟିକୁ ମିଳିଛି ଅନୁମତି

**ଖୋର୍ଦ୍ଧା ଅଫିସ,୨୩।୯**

ଖୋର୍ଦ୍ଧା ଜିଲାରେ ବହୁ ନିଶା ନିବାରଣ କେନ୍ଦ୍ର ରହିଛି। କେତେକ କେନ୍ଦ୍ରରେ ନିଶାରୁ ମୁକ୍ତି ଦେବା ନାମରେ ଅନ୍ତେବାସୀଙ୍କୁ ନିର୍ଯାତନା ଦିଆଯାଉଛି। ଏଭଳି ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଅନେକ କେନ୍ଦ୍ରର ଗୁମର ଖୋଲିଛି। ଯାଆଁଳାସ୍ଥିତ କେନ୍ଦ୍ରରେ ଅନ୍ତେବାସୀଙ୍କୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ଆସିବା ପରେ ପ୍ରଶାସନ ପକ୍ଷରୁ କେନ୍ଦ୍ରକୁ ବନ୍ଦ କରିଦିଆଯାଇଛି। ତେବେ ବହୁ ଏନ୍‌ଜିଓ ମନଇଚ୍ଛା ନିଶା ନିବାରଣ କେନ୍ଦ୍ର ଖୋଲି ଚାଲିଥିବା ବେଳେ ଏ ସଂକ୍ରାନ୍ତରେ ଜିଲା ପ୍ରଶାସନ ନିକଟରେ ଖବର ନାହିଁ।

ସୂଚନା ଅନୁଯାୟୀ, ନିଶା ନିବାରଣ କେନ୍ଦ୍ର ଖୋଲିବା ସକାଶେ ଏନ୍‌ଜିଓ ସଂସ୍ଥା ଆଇଜିଆର୍ ରେଜିଷ୍ଟ୍ରେଶନ ସହ ନୀତି ଆୟୋଗରେ ପଞ୍ଜୀକରଣ ହୋଇଥିବା ଆବଶ୍ୟକ। ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟ ଅନୁମତି ନେବାକୁ ପଡ଼େ। ଆବଶ୍ୟକ ଡକ୍ୟୁମେଣ୍ଟ ନ ଥିଲେ ନିଶା ନିବାରଣ କେନ୍ଦ୍ର ଖୋଲିବାକୁ ଅନୁମତି ମିଳେ ନାହିଁ। ଏଠାରେ ତାହାର ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ (ଡିଏସ୍ଏସ୍‌ଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ଜିଲା ପ୍ରଶାସନ ପକ୍ଷରୁ କେବଳ ୪ଟି ନିଶା ନିବାରଣ କେନ୍ଦ୍ରକୁ ଅନୁମତି ଦିଆଯାଇଛି। ସେଗୁଡ଼ିକ ହେଲା ଖୋର୍ଦ୍ଧା ଗୋଡ଼ିପୋଖରୀର ବିଶ୍ୱ ଜୀବନ, ତାପଙ୍ଗସ୍ଥିତ ଭୈରବୀ କ୍ଲବ ଏବଂ ଭୁବନେଶ୍ୱର କୋଳଥିଆ ଛକ ଓ ପଳାଶୁଣିସ୍ଥିତ ନିଶା ନିବାରଣ କେନ୍ଦ୍ର। ତେବେ ଏହି ୪ଟି ବ୍ୟତୀତ ବିନା ପଞ୍ଜୀକରଣରେ ବିଭିନ୍ନ ସ୍ଥାନରେ ନିଶା ନିବାରଣ କେନ୍ଦ୍ର ଖୋଲାଯାଇଛି। ତେବେ ଜିଲାରେ କିଭଳି, କାହା ଛତ୍ରଛାୟା ତଳେ, କାହା ପ୍ରୋତ୍ସାହନରେ ଏଭଳି କେନ୍ଦ୍ର ଖୋଲାଯାଇଛି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଇନଜୀବୀ ଶିଶିର ପରିଡ଼ା କହିଛନ୍ତି, ପ୍ରଶାସନ ଶୋଇଥିବାରୁ କେତେଜଣ ଅସାଧୁ ବ୍ୟକ୍ତି ସେବା ଆଳରେ ବ୍ୟବସାୟ ଚଳାଇଛନ୍ତି। ଏହାଦ୍ୱାରା ନିର୍ଦ୍ଦିଷ୍ଟ କେତେଜଣ ବ୍ୟକ୍ତି ଫାଇଦା ହାସଲ କରୁଥିବାବେଳେ ଯୁବପିଢ଼ି ପ୍ରଭାବିତ ହେଉଛନ୍ତି। ତେଣୁ ଏହା ଉପରେ ଅଙ୍କୁଶ ଲାଗିବା ଉଚିତ। ପ୍ରଶାସନ ଏଥିପ୍ରତି ତତ୍ପରତା ଦେଖାଇବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିପରି ନିଶା ନିବାରଣ କେନ୍ଦ୍ରରେ ନିର୍ଯାତନା ଦିଆଯିବା ଘଟଣା ନିନ୍ଦନୀୟ ଏବଂ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ନିୟମିତ ବ୍ୟବଧାନରେ ଯାଞ୍ଚ କରିବା ଆବଶ୍ୟକ ବୋଲି ସାମାଜିକ କର୍ମୀ ଆଦିତ୍ୟ ମହାରଣା କହିଛନ୍ତି। ସାମାଜିକ କର୍ମୀ ଆଶିଷ ବିଭୁରେନ୍ଦ୍ର କହିଛନ୍ତି, ପ୍ରଶାସନର ଦାୟିତ୍ୱହୀନତାର ସୁଯୋଗ ନେଇ କେତେକ ଏନ୍‌ଜିଓ ବ୍ୟବସାୟିକ ମନୋବୃତ୍ତି ରଖି ନିଶା ନିବାରଣ କେନ୍ଦ୍ର ଖୋଲି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି। ବୁଦ୍ଧିଜୀବୀ ନିରଞ୍ଜନ ସାହୁ କହିଛନ୍ତି, ସମାଜକୁ ନିଶା କବଳିତ କରିବାରେ ଲାଗିଛି। ନିଶା ଯେଗୁ ସମାଜରେ କଳୁଷିତ ବାତାବରଣ ସୃଷ୍ଟି ହେବା ସହ ଯୁବସମାଜ ବିପଥଗାମୀ ହେଉଛନ୍ତି। ଏ ନେଇ ସଚେତନତା ଆବଶ୍ୟକ। ଏନେଇ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ କୁମାର ମଲ୍ଲିକ କହିଛନ୍ତି, ଜିଲାରେ ୪ଟି ଏନ୍‌ଜିଓକୁ ନିଶା ନିବାରଣ କେନ୍ଦ୍ର ଖୋଲିବା ଲାଗି ଅନୁମତି ଦିଆଯାଇଛି। ତେବେ ବିନା ଅନୁମତିରେ କେଉଁଠି ନିଶା ନିବାରଣ କେନ୍ଦ୍ର ଚାଲୁଥିବା ନେଇ ଲିଖିତ ଅଭିଯୋଗ ଆସିଲେ, ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଜଟଣୀ: ଅତିଥିଙ୍କ ଗହଣରେ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର।

## ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସମ୍ପଦ କେନ୍ଦ୍ର ପରିଦର୍ଶନ

**ଜଟଣୀ,୨୩।୯(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳର ୯ ନମ୍ବର ୱାର୍ଡସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଶୁକ୍ରବାର ପୌରପରିଷଦ ପକ୍ଷରୁ ନିର୍ମିତ ସମ୍ପଦ କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏଥିରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ର ରହିଥିଲେ। ପୌର ପରିଷଦ ଅଧ୍ୟକ୍ଷ ଅନନ୍ତ ବେହେରା, ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି, ଆଦର୍ଶ ବିଦ୍ୟାଳୟ ପ୍ରିନ୍ସିପାଲ ହରେକୃଷ୍ଣ ମହାପାତ୍ର, ପୌର କର୍ମଚାରୀ, ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ସ୍ୱଚ୍ଛକର୍ମୀ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କୁ ସମ୍ପଦ କେନ୍ଦ୍ର ପରିଚାଳନା ବିଷୟରେ ଜଣାଇବା ସହ ଗୃହରୁ ସଂଗ୍ରହ କରାଯାଉଥିବା ଓଦା ଏବଂ ଶୁଖିଲା ଅଳିଆର ପ୍ରକ୍ରିୟାକରଣ, ବର୍ଜ୍ୟବସ୍ତୁ ପରିଚାଳନା, ମୋ ଖତ ପ୍ରସ୍ତୁତିର ବିବରଣୀ, ସ୍ୱଚ୍ଛ ଭାରତ ଅଭିଯାନ ସମ୍ପର୍କରେ ବୁଝାଯାଇଥିଲା। ସମ୍ପଦ କେନ୍ଦ୍ର ପରିଦର୍ଶନ ପରିପ୍ରେକ୍ଷୀରେ ଏକ ସଭା ସହିତ ସମ୍ପଦ କେନ୍ଦ୍ର ସମ୍ବନ୍ଧୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ବୁଣାକାରଙ୍କ ଦକ୍ଷତା ବିକାଶକୁ ଗୁରୁତ୍ୱ



ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବୁଣାକାର ଓ ଅନ୍ୟମାନେ ।

**ଖୋର୍ଦ୍ଧା ଅଫିସ,୨୩।୯**

ଖୋର୍ଦ୍ଧା ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ଖୋର୍ଦ୍ଧା ହସ୍ତତନ୍ତ ଅଞ୍ଚଳ(ଜୋନ୍)ର ବୁଣାକାରମାନଙ୍କ ପାଇଁ ଏକ ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟୁରିଜମ୍ ଆଣ୍ଡ ଟ୍ରାଭେଲ ମ୍ୟାନେଜ୍‌ମେଣ୍ଟ (ଆଇଆଇଟିଟିଏମ୍) ଭୁବନେଶ୍ୱରଙ୍କ ଦ୍ୱାରା ଆୟୋଜନ କରାଯାଇଥିଲା। ଏହି ତାଲିମ ଶିବିରରେ ଖୋର୍ଦ୍ଧା ଓ ପୁରୀ ଜିଲାର ୩୦ ବୁଣାକାର ଯୋଗଦେଇଥିଲେ। ଏହି ତାଲିମ କାର୍ଯ୍ୟକ୍ରମ ପର୍ଯ୍ୟଟକଙ୍କୁ ଗୁଣାତ୍ମକ ସେବା ପ୍ରଦାନ କରିବାରେ ସହାୟକ ହେବ। ହସ୍ତତନ୍ତ ପୁଞ୍ଜିର ପର୍ଯ୍ୟଟନ ବିକାଶ, ବୁଣାକାର ସମ୍ପ୍ରଦାୟର ଦକ୍ଷତା ବିକାଶ ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ବୁଣାକାରଙ୍କ ଦକ୍ଷତା ବିକାଶ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ରାଜ୍ୟ ହସ୍ତତନ୍ତ ପୁଞ୍ଜି ବିକାଶ ଅନୁଷ୍ଠାନ (ଏସ୍ଏଡିଏଚ୍ଏସି)ର ଉପନିର୍ଦ୍ଦେଶକ ଦିଲୀପ ବାଗ, ଆଇଆଇଟିଟିଏମ୍ ସହକାରୀ ପ୍ରଫେସର ବି.ସ୍ୱଜନ, ଭବତୋଷ ଦେହୁରୀ, ଦେବ ଘଡାଇ, ବୟନ ତତ୍ତ୍ୱାବଧାରକ ରୋଜାଲିନ ଦାସ, ପ୍ରଣତୀ ସାହୁ, ଜ୍ୟୋତିର୍ମୟୀ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଲୋକଙ୍କ ସମସ୍ୟା ବୁଝିଲେ ଏମ୍‌ପି



ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କର୍ମୀଙ୍କ ସହ ପଦଯାତ୍ରାରେ ଯାଉଛନ୍ତି।

**ଟାଙ୍ଗୀ(ଖୋର୍ଦ୍ଧା),୨୩।୯(ଡି.ଏନ୍.ଏ.)**

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଶୁକ୍ରବାର ଟାଙ୍ଗୀ ବ୍ଲକ ଅନ୍ତର୍ଗତ ମଙ୍ଗଳାଯୋଡ଼ି ଓ କାରଟିଆ ସାହିରେ ପଦଯାତ୍ରା କରି ଲୋକଙ୍କ ବିଭିନ୍ନ ସମସ୍ୟା ବୁଝିବା ସହ ଆଲୋଚନା କରିଥିଲେ। ଏମ୍‌ପି ଷଡ଼ଙ୍ଗୀ ଟାଙ୍ଗୀରୁ ଏକ ବାଇକ୍ ଶୋଭାଯାତ୍ରାରେ ଶତାଧିକ କର୍ମୀ ସହ ମଙ୍ଗଳାଯୋଡ଼ି ଅଭିମୁଖେ ଯାତ୍ରା କରିଥିଲେ। ପଦଯାତ୍ରାରେ କେନ୍ଦ୍ର ସରକାରଙ୍କ ଜନହିତକର ବିଭିନ୍ନ ଯୋଜନା ସମ୍ପର୍କରେ କହୁଥିବା ଦେଖିବାକୁ ମିଳିଥିଲା। ଖୋର୍ଦ୍ଧା ଜିଲା ଭାଜପା ସଭାପତି ରଶ୍ମି ରଞ୍ଜନ ମହାପାତ୍ର, ପୂର୍ବତନ ଜିଲା ସଭାପତି ନିକୁଞ୍ଜ କିଶୋର ପଟ୍ଟନାୟକ, ଏମ୍‌ପିଙ୍କ ପ୍ରତିନିଧି ହେମନ୍ତ କୁମାର ବେହେରା, ବିଦ୍ୟୁତ୍ କାଣ୍ଡି, ମହିଳା ନେତ୍ରୀ ସରୋଜିନୀ ପ୍ରଧାନ, ସ୍ୱର୍ଣ୍ଣଲତା ବେହେରା, ମଞ୍ଜୁଲତା ଏହି ପଦଯାତ୍ରାର ନେତୃତ୍ୱ ନେଇଥିଲେ। ଗଙ୍ଗାଧର ବେହେରା ଧନ୍ୟବାଦ ଦେଇଥିଲେ।

# ଗାନ୍ଧୀ ସର୍କିଟ ନିର୍ମାଣ ଦାବି ତେଜିଲା

**ବୋଲଗଡ଼,୨୩।୯(ଡି.ଏନ୍.ଏ.)**

ମହାତ୍ମା ଗାନ୍ଧୀଙ୍କ ସ୍ମୃତିଜଡ଼ିତ ଖୋର୍ଦ୍ଧା ଜିଲା ବୋଲଗଡ଼ଠାରେ ଏକ ଗାନ୍ଧୀ ସର୍କିଟ୍ ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। ଏ ନେଇ ବିଧାୟକ, ମନ୍ତ୍ରୀ ବିଭିନ୍ନ ସମୟରେ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଅଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇନାହିଁ। ଆସନ୍ତା ୨୮ ତାରିଖରେ ବିଧାନସଭା ଏଷ୍ଟିମେଟ୍ କମିଟି ବୋଲଗଡ଼ ଗସ୍ତରେ ଆସୁଥିବାରୁ ପୁଣି ଏହି ଦାବି ଉପସ୍ଥାପନ ଉଦ୍ଦେଶ୍ୟରେ ସ୍ଥାନୀୟ ନନ୍ଦିଘୋଷ ଭବନ ସମ୍ମିଳନୀ କକ୍ଷରେ ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଐତିହାସିକ ରବୀନ୍ଦ୍ର ପରିଡ଼ାଙ୍କ ଆବାହକତ୍ୱରେ ବୋଲଗଡ଼ ନାଗରିକ ସମାଜ ପକ୍ଷରୁ ଆୟୋଜିତ ବୈଠକରେ ଅଞ୍ଚଳର ବିଭିନ୍ନ ବର୍ଗର ଜନସାଧାରଣ ଉପସ୍ଥିତ ଥିଲେ। ସାମାଜିକ କର୍ମୀ କୃଷ୍ଣମୋହନ ପାଲଟାସିଂହ ଅଧ୍ୟକ୍ଷତା କରିଥିଲେ। ଗାନ୍ଧୀ ସର୍କିଟ୍ ନିର୍ମାଣ, ବୋଲଗଡ଼ ଗ୍ରାମ ମଧ୍ୟ ଦେଇ ଯାଇଥିବା ପ୍ରମୁଖ ରାସ୍ତା ମରାମତି, ଷ୍ଟେଶନକୁ ସଂଯୋଗ ରାସ୍ତାର ଉନ୍ନତୀକରଣ, ପ୍ରସ୍ତାବିତ ଜେଏମ୍ଏଫ୍‌ସି କୋର୍ଟ କାର୍ଯ୍ୟକାରୀ, ବୋଲଗଡ଼କୁ ଏନ୍ଏସି ଘୋଷଣା ଓ କାର୍ଯ୍ୟକାରୀ ଏବଂ ମର୍ଦାବାଡ଼ି ବଡ଼ବନ୍ଧ କ୍ଷୁଦ୍ର ଜଳସେଚନ ଓ ଉଠା ଜଳସେଚନର ସମସ୍ୟା ସମାଧାନ ପାଇଁ ଏକ ଚିଠା ପ୍ରସ୍ତାବ ପ୍ରସ୍ତୁତି ହୋଇଛି। ଉକ୍ତ ଚିଠା ପ୍ରସ୍ତାବକୁ ବିଧାନସଭା ଏଷ୍ଟିମେଟ୍ କମିଟିକୁ ପ୍ରଦାନ କରାଯିବାକୁ ବୈଠକରେ ସ୍ଥିର ହୋଇଛି। ବୈଠକରେ ବୋଲଗଡ଼ ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତିସଭ୍ୟା ନିର୍ମଳା ପ୍ରଧାନଙ୍କ ସମେତ ବରିଷ୍ଠ ନାଗରିକ ନବକିଶୋର ପଟ୍ଟନାୟକ, ହରିବନ୍ଧୁ ସାହୁ, ଦିବାକର ପରମଗୁରୁ, ଲଲାଟେନ୍ଦୁ କେଶରୀ ସିଂହ, ବୈକୁଣ୍ଠ ମହାପାତ୍ର, ରାଧାଶ୍ୟାମ ରାୟଗୁରୁ ମହାପାତ୍ର, ଗୁଣନିଧି ହୋତା, ବାସୁଦେବ ପରିଡା, ଲଛମନ ପରିଡା, ଫକୀର ମୋହନ ଫତେସିଂହ, ଦୟାନିଧି ମଙ୍ଗରାଜ ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ୧୯୨୭ ମସିହାରେ ଗାନ୍ଧିଜୀ ଓଡ଼ିଶା ଗସ୍ତରେ ଆସି ବୋଲଗଡ଼ରେ ତିନିଦିନ ଅବସ୍ଥାନ କରିଥିଲେ। ଡିସେମ୍ବର ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ଉକ୍ତ ସମୟରେ ସ୍ଥାନୀୟ ଡାକବଙ୍ଗଳା (ଜିଲା ବୋର୍ଡ ଡାକବଙ୍ଗଳା)ରେ ରହିଥିଲେ। ଲୋକମାନଙ୍କୁ ନିର୍ଭୀକତାର ସହ ସ୍ୱାଧୀନତା ସଂଗ୍ରାମ ଲଢ଼ିବାକୁ ଆହ୍ୱାନ ଦେଇଥିଲେ। ଫଳରେ ପରବର୍ତ୍ତୀ ସମୟରେ ଏଠାକାର ଅନେକ ଲୋକ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରିଥିଲେ। ଗାନ୍ଧିଜୀଙ୍କ ସହିତ ସେତେବେଳର ଜାତୀୟସ୍ତରୀୟ ସଂଗ୍ରାମୀ ମହାଦେବ ଦେଶାଇ, ଡ. କୈଳାସନାଥ କାଟୁଜ୍, ମୀରା ବେନ, ଦୀନବନ୍ଧୁ ଆଣ୍ଡ୍ରୁଜ ପ୍ରମୁଖ ଏଠାରେ ଅବସ୍ଥାନ କରିଥିଲେ। ୨୦୧୯ରେ ଗାନ୍ଧିଜୀଙ୍କ ଜୟନ୍ତୀ ପାଳନ ଅବସରରେ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଗାନ୍ଧିଜୀଙ୍କ ଓଡ଼ିଶା ଗସ୍ତ ସମୟରେ ରହଣି ଓ ଭ୍ରମଣ କରିଥିବା ସ୍ଥାନଗୁଡ଼ିକୁ ଗାନ୍ଧୀ ସର୍କିଟ୍ ଡେଷ୍ଟିନେଶନ ପ୍ରକଳ୍ପ ଭାବେ ମ୍ୟୁଜିୟମ ଲାଇବ୍ରେରି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ ବୋଲି ଘୋଷଣା କରିଥିଲେ। ସେବେଠାରୁ ଏଠାରେ ଗାନ୍ଧୀ ସର୍କିଟ୍ ପାଇଁ ଦାବି ହୋଇଆସୁଛି।

# ଡାକ୍ତରଖାନା ନିର୍ମାଣ ପାଇଁ ଶିଳାନ୍ୟାସ



**ଜଟଣୀ,୨୩।୯(ଡି.ଏନ୍.ଏ.)**

ଡାକ୍ତରଖାନା ନିର୍ମାଣ ପାଇଁ ଶୁକ୍ରବାର ଛଣଘର ପଞ୍ଚାୟତରେ ଶିଳାନ୍ୟାସ କରାଯାଇଛି। ଜଟଣୀ ବ୍ଲକ ଅଧକ୍ଷା ଜୟନ୍ତୀ ଛୋଟରାୟ ଯୋଗଦେଇ ଏହି ଡାକ୍ତରଖାନା ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ୧୨୦୦ ସ୍କୋୟାର ଫୁଟ ଜମିରେ ୨୩ ଲକ୍ଷ ଟଙ୍କା ବ୍ୟୟରେ ଉକ୍ତ ପ୍ରକଳ୍ପ ନିର୍ମାଣ କରାଯିବା ନେଇ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ପଞ୍ଚାୟତବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଏବଂ ସ୍ୱାସ୍ଥ୍ୟ ସେବାର ଭିତ୍ତିଭୂମିକୁ ସୁଦୃଢ଼ କରିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶିଳାନ୍ୟାସ ଅବସରରେ ଛୋଟରାୟ କହିଛନ୍ତି। ଖୋର୍ଦ୍ଧା ଜିଲା ବିଜୁ ଜନତା ଦଳର କୋଷାଧ୍ୟକ୍ଷ ରାଜ କିଶୋର ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ସୁବାସିନୀ ବିଶ୍ୱାଳ, ସମିତି ସଭ୍ୟ ସତ୍ୟଭାମା ରାଉତରାୟ, ପ୍ରିୟ ରଜନ ବେହେରା ପ୍ରମୁଖଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଶ୍ରମିକ କଂଗ୍ରେସର ଖୋର୍ଦ୍ଧାରୋଡ୍ ରେଳ ଷ୍ଟେଶନ ପରିଦର୍ଶନ



**ଜଟଣୀ,୨୩।୯(ଡି.ଏନ୍.ଏ.)**

ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସ ଖୋର୍ଦ୍ଧାରୋଡ୍ ମଣ୍ଡଳ ସଂଯୋଜକ ପ୍ରମୋଦ କୁମାର ସାହାଣୀଙ୍କ ନେତୃତ୍ୱରେ ଶୁକ୍ରବାର କର୍ମୀଚାରୀମାନେ ଖୋର୍ଦ୍ଧାରୋଡ୍ ଷ୍ଟେଶନ ପରିଦର୍ଶନ କରିଛନ୍ତି। ଷ୍ଟେଶନ ପ୍ଲାଟଫର୍ମର ଏକ ସ୍ଥାନରେ ମାଟି ଓ ଅଳିଆ ଗଦାହୋଇଥିବାରୁ ରକ୍ଷଣାବେକ୍ଷଣ ପାଇଁ ନିୟୋଜିତ କର୍ମଚାରୀ କାର୍ଯ୍ୟ ସମ୍ପାଦନା ସମୟରେ ହଇରାଣ ହେଉଥିବା ଅଭିଯୋଗ ହୋଇଆସୁଥିଲା। ଏନେଇ ଷ୍ଟେଶନ ପାଇଁ ନିଯୁକ୍ତ ସାଙ୍ଗଠନିକ ସମ୍ପାଦକ କେ.ଟି ରାଓ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମଣ୍ଡଳ ସଂଯୋଜକ ଫୋନ୍ ମାଧ୍ୟମରେ ବରିଷ୍ଠ ଯନ୍ତ୍ରୀ ଚନ୍ଦ୍ରଭାନୁ ନାୟକଙ୍କୁ ଜଣାଇବା ପରେ ମାଟି ଉଠାଯିବା ସହ କୋଡ଼ିଏ ଦିନ ମଧ୍ୟରେ ଉକ୍ତ ସ୍ଥାନକୁ କଂକ୍ରିଟ ଯୁକ୍ତ କରାଯିବ ବୋଲି ନାୟକ ପ୍ରତିଶ୍ରୁତି ଦେଇଥିଲେ। ଷ୍ଟେଶନ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସଙ୍କୀର୍ଣ୍ଣ ହୋଇଥିବାରୁ ତାହାକୁ ପୁରୁଣା ଷ୍ଟେଶନ ମ୍ୟାନେଜରଙ୍କ କୋଠରୀକୁ ସ୍ଥାନାନ୍ତର ପାଇଁ ଦୀର୍ଘ ଦିନରୁ ଲିଖିତ ଦାବି ହୋଇଥିବା ଶାଖା ସମ୍ପାଦକ ଏଲ.ଡି ମହାନ୍ତି ମଣ୍ଡଳ ସଂଯୋଜକ ସାହାଣୀଙ୍କୁ ଅବଗତ କରାଇଥିଲେ। ପୂର୍ବତଟ ରେଳପଥ କୋଷାଧ୍ୟକ୍ଷ ଆଶୁତୋଷ ମହାନ୍ତି, ସଭାପତି ଶରତ ପଣ୍ଡା, ପ୍ରଫୁଲ୍ଲ ବେହେରା, ସିଓବି ଏମ୍.ଜି.କେ ରାଓ, ସୁବ୍ରତ ପଣ୍ଡା, ଆଶୁତୋଷ ବ୍ରହ୍ମା, ଏମ୍.କେ ସ୍ୱାଇଁ, ପି.ରାଜା ରାଓ, ନରେଶ କୁମାର, ରାକେଶ ଘଡାଇ, ସନ୍ତୋଷ ଖଟେଇଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କର୍ମଚାରୀ ସାମିଲ ଥିଲେ।

# ସଜେଇ ହେଲାଣି ପୂଜାମଣ୍ଡପ

**ଖୋର୍ଦ୍ଧା ଅଫିସ,୨୩।୯**




ଆଉ ଦିନ କେଇଟା ପରେ ଦୁର୍ଗାପୂଜା। ଏଥିପାଇଁ ଖୋର୍ଦ୍ଧା ସମେତ ଆଖପାଖ ଅଞ୍ଚଳର ବିଭିନ୍ନ ପୂଜାମଣ୍ଡପରେ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଗଲାଣି। ସହରର ୫ ମଣ୍ଡପରେ ଦୁର୍ଗା ଏବଂ ୪ଟି ମଣ୍ଡପରେ ପୂଜା ପାଇବେ ହରପାର୍ବତୀ। ମା'ଙ୍କ ପାଇଁ ସୁଦୃଶ୍ୟ ମଣ୍ଡପ ଓ ତୋରଣ କରି ଆଗରେ ରହିବାକୁ ବିଭିନ୍ନ କମିଟି ପକ୍ଷରୁ ଚାଲିଛି ପ୍ରତିଯୋଗିତା। ଏହି କ୍ରମରେ ନୟାଗଡ଼ ରୋଡ୍ ପଲ୍ଟନ ପଡ଼ିଆରେ ଇଗଲ କ୍ଲବ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ତୋରଣ ସହ ମୂର୍ତ୍ତିକାର୍ଯ୍ୟ ଆରମ୍ଭ ହୋଇଯାଇଛି। ୮୦ ଫୁଟ ଉଚ୍ଚ ମହଲ ଆକୃତିର ତୋରଣ ନିର୍ମାଣ ଚାଲିଛି। ଷଷ୍ଠୀରୁ ୧୦ମୀ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଭସାଣି ଉତ୍ସବରେ କ୍ଲବର ସମସ୍ତ ପୁରୁଷ ଓ ମହିଳା ସଦସ୍ୟମାନେ ପଞ୍ଜାବୀ ବେଶଭୂଷା ଧାରଣ କରି ସାମିଲ ହୋଇଥାନ୍ତି। ପଞ୍ଜାବୀ ବାଦ୍ୟଯନ୍ତ୍ରର ତାଳେ ତାଳେ ଭାଙ୍ଗଡ଼ା ନୃତ୍ୟ ପରିବେଷଣ କରି ମା'ଙ୍କୁ ମେଲାଣି ଦେଇଥାନ୍ତି। ଏଥିରେ କ୍ଲବର ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ସଦସ୍ୟ ସାମିଲ ହୋଇଥାନ୍ତି। ଅନ୍ୟତମ ଆକର୍ଷଣ କୁମାରପୂର୍ଣ୍ଣମୀଠାରୁ ୧୭ ତାରିଖ ପର୍ଯ୍ୟନ୍ତ ନୂପୁର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସପ୍ତାହ ବ୍ୟାପୀ ଭଜନ ସନ୍ଧ୍ୟା, ମେଲୋଡି କାର୍ଯ୍ୟକ୍ରମ ରହିଛି। ୧୫ ତାରିଖରେ ବଲିଉଡ୍ ତାରକା ସନମୁଖ୍ ପ୍ରିୟା, ଶଶାଙ୍କ ଶେଖର ଏବଂ ଅର୍ପିତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ୧୭ ତାରିଖରେ ଲଟେରି ଉଠାଣ ହେବ। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ପ୍ରଶାସନ ସହ ସ୍ୱେଚ୍ଛାସେବୀ ନିୟୋଜିତ ହେବେ।



ନିର୍ମାଣ ହେଉଥିବା ତୋରଣ।

" ଇଗଲ କ୍ଲବ ପକ୍ଷରୁ ଦୁର୍ଗାପୂଜା ଆଡ଼ମ୍ବରରେ ପାଳିତ ହୋଇଥାଏ। କରୋନା କଟକଣା ହଟିବା ପରେ ଚଳିତ ବର୍ଷ ପୂଜାକୁ ଅଧିକ ଆକର୍ଷଣୀୟ କରାଯାଇଛି। ସୁଉଚ୍ଚ ତୋରଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ। ବ୍ୟବସ୍ଥିତ ଏବଂ ଶୃଙ୍ଖଳିତ ପୂଜା ଆୟୋଜନ ଉପରେ ଗୁରୁତ୍ୱ ଦିଆଯାଇଛି। ଏ ସମ୍ପର୍କରେ କମିଟି ସଦସ୍ୟଙ୍କୁ ନେଇ ପୂର୍ବରୁ ବୈଠକ ଅନୁଷ୍ଠିତ ହୋଇଥିଲା।

**– ରାଜେନ୍ଦ୍ର ସାହୁ, ବିଧାୟକ ତଥା ପୂଜା କମିଟି ସଭାପତି**

" ଚଳିତବର୍ଷ ଏଠାରେ ଦୁର୍ଗାପୂଜା ୯ମ ବର୍ଷରେ ପହଞ୍ଚିଛି। ବିଧି ମୁତାବକ ମା'ଙ୍କ ପାଖରେ ପୂଜାର୍ଚ୍ଚନା କରାଯିବ। ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନବମୀରେ ୫ହଜାର ଭକ୍ତଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯିବ।

**– ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ, କମିଟି ସଦସ୍ୟ**




୨୩।୯।୨୦୨୨

| | |
|---|---|
| ୪,୧୬,୭୯୭ ଟଙ୍କା | |
| ସୁନା | ୧୬.୮୦୦ ଗ୍ରାମ |
| ରୁପା | ୬୮୯ ଗ୍ରାମ |

# ଶାନ୍ତିଶୃଙ୍ଖଳାରେ ଦୁର୍ଗାପୂଜା ସମ୍ପନ୍ନକୁ ଗୁରୁତ୍ୱ

**ପୁରୀ ଅଫିସ, ୨୩।୯:**

ଶ୍ରୀକ୍ଷେତ୍ରରେ ଚଳିତବର୍ଷ ଦୁର୍ଗାପୂଜା ଓ ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସମର୍ଥ ବର୍ମା ଅଧ୍ୟକ୍ଷତା କରିଥିଲେ। ଦୁର୍ଗାପୂଜା ଶାନ୍ତି ଓ ସଦ୍‌ଭାବନାର ପ୍ରତୀକ ହୋଇଥିବାରୁ ଏହାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଅକ୍ଟୋବର ୧ରେ ଷଷ୍ଠୀ, ୨ରେ ମହାସପ୍ତମୀ, ୩ରେ ମହାଷ୍ଟମୀ, ୪ରେ ନବମୀ, ୫ରେ ଦଶହରା ଓ ୬ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ପୂଜା ଆୟୋଜନ ଲାଗି ପ୍ରତ୍ୟେକ ପୂଜା କମିଟି ଉପଯୁକ୍ତ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନେବା ସହ ଅଗ୍ନି ନିର୍ବାପକ ଓ ସ୍ୱଚ୍ଛତା ବ୍ୟବସ୍ଥା କରିବେ। ରାସ୍ତା ଅବରୋଧ କରିବେ ନାହିଁ। ଭସାଣି ଦିନ ସିଂହଦ୍ୱାର ସମ୍ମୁଖରେ ସମସ୍ତ ମେଢ଼ ଏକତ୍ରିତ ହେବେ। ସେଠାରେ ମେଢ଼ ପ୍ରଦର୍ଶନ ପରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ମେଢ଼ଗୁଡ଼ିକୁ ମଙ୍ଗଳାହାଟସ୍ଥିତ ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯିବ। ବିସର୍ଜନ ସ୍ଥଳରେ ପୌର ପ୍ରଶାସନ ପକ୍ଷରୁ ଆଲୋକ ବ୍ୟବସ୍ଥା, କ୍ରେନ୍ ବ୍ୟବସ୍ଥା, ଆରକ୍ଷୀ ବିଭାଗ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିର୍ବାପକ ଓ କୌଣସି ଦୁର୍ଘଟଣା ପାଇଁ ପଦକ୍ଷେପ ନେବା, ପୂଜା ଓ ଭସାଣି ସମୟରେ ପାନୀୟଜଳ ବ୍ୟବସ୍ଥା, ଆଲୋକ ବ୍ୟବସ୍ଥା ସହ ରାସ୍ତାଘାଟ ମରାମତି ଇତ୍ୟାଦି ସମ୍ପୃକ୍ତ ବିଭାଗଗୁଡ଼ିକ କରିବାକୁ କୁହାଯାଇଛି। ପୂଜା କମିଟିଗୁଡ଼ିକ ଶାନ୍ତିଶୃଙ୍ଖଳା ରକ୍ଷା ଓ ସୁରକ୍ଷା ପାଇଁ ସ୍ୱେଚ୍ଛାସେବୀ ନିୟୋଜନ କରିବା, ସିସିଟିଭି ଲଗାଇବା, ପୂଜା କମିଟିର ସ୍ୱେଚ୍ଛାସେବୀଙ୍କ ଚିହ୍ନଟ ପାଇଁ ପରିଚୟପତ୍ର ବ୍ୟବସ୍ଥା କରିବାକୁ ଅନୁରୋଧ କରାଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଦିଲୀପ କୁମାର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ, ଅତିରିକ୍ତ ଏସ୍‌ପି ମିହିର ପ୍ରସାଦ ମହାନ୍ତି, ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ସିଟି ଡିଏସ୍‌ପି କେ.କେ. ହରିପ୍ରସାଦ, ବିଭିନ୍ନ ବିଭାଗର ଅଧିକାରୀ, ପୂଜା କମିଟିର କର୍ମକର୍ତ୍ତାମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


ପ୍ରସ୍ତୁତି ବୈଠକରେ ଜିଲାପାଳ ସମର୍ଥ ବର୍ମା ଏବଂ ଅନ୍ୟ ଅଧିକାରୀମାନେ।

**୬ରେ ଭସାଣି ଉତ୍ସବ**

- ସିଂହଦ୍ୱାରଠାରୁ ମଙ୍ଗଳାହାଟ ଅସ୍ଥାୟୀ ପୋଖରୀ ଯିବେ ସବୁ ମେଢ଼
- ମଣ୍ଡପରେ ସିସିଟିଭି ଲଗାଇବେ, ସ୍ୱେଚ୍ଛାସେବୀ ନିୟୋଜନ କରିବେ

# ଅଭିଯୁକ୍ତଙ୍କୁ ୧୦ବର୍ଷ କାରାଦଣ୍ଡ, ଲକ୍ଷେ ଜରିମାନା

**ନିମାପଡ଼ା, ୨୩।୯(ଡି.ଏନ୍.ଏ.)**

**ବ୍ରାଉନସୁଗାର ଜବତ ମାମଲା**

ନିମାପଡ଼ା ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ)ଙ୍କ କୋର୍ଟରେ ଶୁକ୍ରବାର ବ୍ରାଉନସୁଗାର ଜବତ ମାମଲାର ରାୟ ପ୍ରକାଶ ପାଇଛି। ଏଡିଜେ ଲୋକନାଥ ସାହୁ ଏହି ମାମଲାର ବିଚାର କରି ଏନ୍‌ଡିପିଏସ୍ ଦଫା ନଂ. ୨୧(ସି)ରେ ଦୋଷୀ ସାବ୍ୟସ୍ତ କରି ଅଭିଯୁକ୍ତ ଚନ୍ଦନପୁର ଥାନା ଅଞ୍ଚଳର ତ୍ରିନାଥ ପ୍ରଧାନଙ୍କୁ ୧୦ବର୍ଷ କାରାଦଣ୍ଡ ଓ ୧ ଲକ୍ଷ ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୨ବର୍ଷ ସଶ୍ରମ କାରାଦଣ୍ଡ ପ୍ରଦାନ କରାଯିବ। ଅନ୍ୟପଟେ ଏହି ମାମଲାରେ ସାକ୍ଷ୍ୟ ପ୍ରମାଣ ଅଭାବରୁ କୋର୍ଟ ଚନ୍ଦନପୁର ଅଞ୍ଚଳର ୨ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଦେଇଛନ୍ତି। ରାୟ ପ୍ରକାଶ ବେଳେ କୋର୍ଟରେ ୩ଜଣ ଅଭିଯୁକ୍ତ ହାଜର ହୋଇଥିଲେ। ରାୟ ପ୍ରକାଶ ପରେ ମୁଖ୍ୟ ଅଭିଯୁକ୍ତଙ୍କୁ ଜେଲ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ୨୦୨୦ ନଭେମ୍ବର ୨୪ରେ ୩ ଜଣ ବ୍ରାଉନସୁଗାର କାରବାର କରୁଥିବା ବେଳେ ଅସ୍ତରଙ୍ଗ ଥାନା ପୋଲିସ ସେମାନଙ୍କୁ ଗିରଫ କରିବା ସହ ୨୬୦ଗ୍ରାମ ବ୍ରାଉନସୁଗାର ଜବତ କରି କୋର୍ଟଚାଲାଣ କରିଥିଲେ। ଏ ନେଇ ମାମଲା(ନଂ.୧୪୨/୨୦) ରୁଜୁ ହୋଇଥିଲା। ପରେ ୩ ଅଭିଯୁକ୍ତ ଜାମିନ ପାଇଥିଲେ। ଏହି ମାମଲାର କୋର୍ଟରେ ବିଚାର ଚାଲିଥିବା ବେଳେ କୋର୍ଟରେ ଟିଆର କେସ ନଂ.୬/୨୧ ଅସ୍ତରଙ୍ଗ ଥାନା କେସ ନଂ.୧୪୨/୨୦ ମାମଲାର ବିଚାର କରି ଏଡିଜେ ଲୋକନାଥ ସାହୁ ରାୟ ଶୁଣାଇଛନ୍ତି। କୋର୍ଟର ଆଡସିନାଲ ପିପି ସୀତାକାନ୍ତ ଦାସ ଏହି ମାମଲା ପରିଚାଳନା କରୁଥିଲେ।

# ଆଜି ପୁରୀରେ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟର ପରାମର୍ଶଦାତା କମିଟି ବୈଠକ

**ପୁରୀ ଅଫିସ, ୨୩।୯:**

ପୁରୀରେ ଶନିବାର କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟର 'ଦଶମ ପରାମର୍ଶଦାତା କମିଟି' ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ରାଷ୍ଟ୍ର ମନ୍ତ୍ରୀ ଡ. ରାଜୀବ ଚନ୍ଦ୍ରଶେଖରଙ୍କ ସମେତ ଦେଶର ବିଭିନ୍ନ ରାଜନୈତିକ ଦଳର ଏମ୍‌ପିମାନେ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ଦକ୍ଷତା ବିକାଶ ଏବଂ ଉଦ୍ୟମିତା କ୍ଷେତ୍ର ସହ ଜଡ଼ିତ ବିଷୟରେ ବିଚାରବିମର୍ଷ କରାଯିବ।

# ପିପିଲି ଆତ୍ମା କମିଟିର ଅଧ୍ୟକ୍ଷ ପ୍ରକାଶ ଧଳ


ସମର୍ଥକ ଓ ଅନ୍ୟମାନଙ୍କ ସହ ପିପିଲି ଆତ୍ମା କମିଟିର ନୂତନ ଅଧ୍ୟକ୍ଷ ପ୍ରକାଶ ଧଳ।

**ପିପିଲି, ୨୩।୯(ସ୍ୱ.ପ୍ର./ଡି.ଏନ୍.ଏ.)**

ପିପିଲି କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର (ଆତ୍ମା) କମିଟିର ଅଧ୍ୟକ୍ଷ ଧରଣୀଧର ସାହୁଙ୍କ କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ ନୂତନ ଅଧ୍ୟକ୍ଷ ଭାବେ ପୂର୍ବତନ ସରପଞ୍ଚ ପ୍ରକାଶ ଧଳଙ୍କୁ ଅଧ୍ୟକ୍ଷ ପଦବୀ ପାଇଁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ଶୁକ୍ରବାର ପିପିଲି ତାରାକାଜସ୍ଥିତ ବ୍ଲକସ୍ତରୀୟ କୃଷି ସୂଚନା ପରାମର୍ଶ କେନ୍ଦ୍ର କାର୍ଯ୍ୟାଳୟ ପରିସରରେ ଆୟୋଜିତ ବୈଠକରେ ପୂର୍ବତନ ଆତ୍ମା କମିଟିର ଅଧ୍ୟକ୍ଷ ଧରଣୀଧର ସାହୁଙ୍କ ସହ ସମସ୍ତ କମିଟି ସଭ୍ୟାସଭ୍ୟଙ୍କ ଉପସ୍ଥିତରେ ଏହା ନିଷ୍ପତ୍ତି କରାଯାଇଛି। ଏହି ବୈଠକ ଧରଣୀଧର ସାହୁଙ୍କ ସଭାପତିତ୍ୱରେ ହୋଇଥିବା ବେଳେ ଏଥିରେ କମିଟିର ସମସ୍ତ ସଭ୍ୟାସଭ୍ୟ ଯୋଗଦେଇ କୃଷି ଉପଦେଷ୍ଟା ମଣ୍ଡଳିର ଅଧ୍ୟକ୍ଷ ପଦ ଚୟନ କରିଛନ୍ତି। ବୈଠକରେ ସର୍ବପ୍ରଥମେ ଧରଣୀଧର ସାହୁ ପୂର୍ବତନ ସରପଞ୍ଚ ପ୍ରକାଶ ଧଳଙ୍କ ନାମ ଅଧ୍ୟକ୍ଷ ପଦ ପାଇଁ ଉପସ୍ଥାପନା କରିଥିବା ବେଳେ ସଦସ୍ୟ ରଶ୍ମିରଞ୍ଜନ ଭଟ୍ଟ ଓ ଲିପିକା ମହାପାତ୍ର ଏହାକୁ ସମର୍ଥନ ଜଣାଇଥିଲେ। ତେବେ ସଭାରେ ସର୍ବସମ୍ମତିକ୍ରମେ ନିର୍ଦ୍ୱନ୍ଦ୍ୱରେ ପ୍ରକାଶ ଧଳ ଅଧ୍ୟକ୍ଷ ପଦ ପାଇଁ ମନୋନୀତ ହୋଇଛନ୍ତି। ବୈଠକରେ ପିପିଲି ବ୍ଲକ ଅଧ୍ୟକ୍ଷା ଦେବସ୍ମିନି ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଏମ୍‌ପି ପ୍ରତିନିଧି ନାରାୟଣ ସ୍ୱାଇଁ, ବିଧାୟକଙ୍କ ପ୍ରତିନିଧି ଆର୍ତ୍ତବନ୍ଧୁ ସାମନ୍ତରାୟ, ଜିଲା ପରିଷଦ ସୁଶାନ୍ତ ମଲ୍ଲିକଙ୍କ ସମେତ ସହକାରୀ କୃଷି ଅଧିକାରୀ ଜୟଲକ୍ଷ୍ମୀ ସାହୁ, ଡା.ଆଲୋକ ମିଶ୍ର, ଶଶାଙ୍କ ଶିଭାଶିଷ ବିଶ୍ୱାଳ, ବିଧୁଭୂଷଣ ହରିଚନ୍ଦନ, ନିରଞ୍ଜନ ମଲ୍ଲିକ, ଉମାକାନ୍ତ ଦଳାଇ, ପୀତାମ୍ବର ବାରିକ, ଆଶୁତୋଷ ଶତପଥୀ, ଆଙ୍କାକ୍ଷା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ହୋଇଥିବା ପିପିଲି ଆତ୍ମା କମିଟିର ଅଧ୍ୟକ୍ଷ ପ୍ରକାଶ ଧଳଙ୍କୁ ସମସ୍ତ କର୍ମକର୍ତ୍ତା ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦିଆଯାଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଆତ୍ମା କମିଟି ଅଧ୍ୟକ୍ଷ ପଦର ଦାୟିତ୍ୱ ନେବା ପରେ ସେ ପିପିଲି ବ୍ଲକ ସମସ୍ତ ଚାଷୀଙ୍କ ସମସ୍ୟା ଉପରେ ତାଙ୍କ ପ୍ରାଥମିକତା ରହିବ ବୋଲି ଧଳ କହିଛନ୍ତି।

## ସଂକ୍ଷେପରେ

### ଫେରାର ଅଭିଯୁକ୍ତ ଗିରଫ

ଡେଲାଙ୍ଗ, ୨୩।୯(ଡି.ଏନ୍.ଏ.)- ଡେଲାଙ୍ଗ ପୋଲିସ ଗତ ମେ ୧୪ରେ ଏକ ଡକାୟତି ଯୋଜନାକୁ ପଣ୍ଡ କରିଥିଲା। ଏହା ସହିତ ୬ ଜଣ ଡକାୟତଙ୍କ ମଧ୍ୟରୁ ୩ ଜଣଙ୍କୁ ଗିରଫ କରି ମାମଲା (ନଂ.୧୨୮/୨୨)ରେ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ଫେରାର ଥିବା ଅଭିଯୁକ୍ତମାନଙ୍କ ମଧ୍ୟରୁ ଆଉ ଜଣକୁ ପୋଲିସ ଶୁକ୍ରବାର ଗିରଫ କରିବାରେ ସକ୍ଷମ ହୋଇଛି। ସେ ହେଲେ ହରିପୁର ଗ୍ରାମର ଦୁର୍ଗାପ୍ରସାଦ ପାତାଳାସିଂହ (୩୯)। ଅଭିଯୁକ୍ତ ଦୁର୍ଗା ଘରେ ଥିବା ଖବରପାଇ ଆଇଆଇସି ଅନିଲ କୁମାର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ପ୍ରଭୁଦତ୍ତ ବିଶ୍ୱାଳ, ଏଏସ୍‌ଆଇ ଗୋପବନ୍ଧୁ ରାଉତ ଓ ସିପାହି ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

### ଏନ୍‌ଏସ୍‌ଏସ୍ ପକ୍ଷରୁ ସଫେଇ

ପୁରୀ ଅଫିସ, ୨୩।୯: ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ ଶୁକ୍ରବାର ମହାବିଦ୍ୟାଳୟ ପରିସର ଓ ଚନ୍ଦ୍ରଶେଖରଙ୍କ ପ୍ରତିମୂର୍ତ୍ତି ସଫେଇ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସେବା ଯୋଜନାର ପୂର୍ବତନ ସ୍ୱେଚ୍ଛାସେବୀ ଓଁ ପ୍ରସାଦ ମହାନ୍ତି, ମହାବିଦ୍ୟାଳୟର ପୂର୍ବତନ ଉପସଭାପତି ବିଶାଲ ମହାନ୍ତି, ସୌମ୍ୟରଞ୍ଜନ ବାରିକ, ସମ୍ବିତ୍ ନାୟକ, ଅଭୟ ପ୍ରଧାନ, ଦେବୀ ପ୍ରସାଦ ଖଟେଇ ପ୍ରମୁଖ ସାମିଲ ଥିଲେ।

### ବିଶ୍ୱକର୍ମା ଭସାଣି ଉତ୍ସବ

ପୁରୀ ଅଫିସ, ୨୩।୯: ବିଶ୍ୱକର୍ମା ଟାକ୍ସି କର୍ମଚାରୀ ସଂଘ ପକ୍ଷରୁ ଶୁକ୍ରବାର ପୁରୀରେ ବିଶ୍ୱକର୍ମା ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭସାଣି ଶୋଭାଯାତ୍ରା ବଡ଼ଦାଣ୍ଡ ସ୍ଥିତ ବଗଲା ଧର୍ମଶାଳା ଛକରୁ ବାହାରି ନଗର ପରିକ୍ରମା କରି ମଙ୍ଗଳଘାଟ ପର୍ଯ୍ୟନ୍ତ ଯାଇଥିଲା। ପୁରୀର ପାରମ୍ପରିକ ନାଗା, ମେଢ଼, ମିଳିତ ଘଣ୍ଟବାଦ୍ୟ ସମେତ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି, ପୂର୍ବତନ ଉପନଗରପାଳ ସବ୍ୟସାଚୀ ମହାପାତ୍ର, ବରିଷ୍ଠ ଖବରଦାତା ଜଗନ୍ନାଥ ବସ୍ତିଆ ଅତିଥି ଭାବେ ଯୋଗଦେଇଥିଲେ। ସଂଘ ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ସାହୁ, ଉପସଭାପତି ଭବାନୀ ଶଙ୍କର ବାରିକ, ସହସମ୍ପାଦକ କାଳୁ ଚରଣ ସେଠୀ, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ପ୍ରଧାନ, ସାଂସ୍କୃତିକ ସମ୍ପାଦକ ଚଣ୍ଡେଶ୍ୱର ପ୍ରଧାନ, କାର୍ଯ୍ୟକାରୀ କମିଟି ସଭ୍ୟ ରବୀନ୍ଦ୍ର କୁମାର ମୁଦୁଲି, ନୀଳକଣ୍ଠ ବେହେରା, ପବିତ୍ର କୁମାର ମାଝି, ନିତ୍ୟାନନ୍ଦ ସାହୁ, ବାନାମ୍ବର ପାଇକରାୟ, ଗଣେଶ ଚନ୍ଦ୍ର ସେଠୀ, ସୁବ୍ରତ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ସିପିଆଇଏମ୍ ନେତା ରେବତୀ ବଲ୍ଲଭ ମହାପାତ୍ରଙ୍କ ସ୍ମୃତିସଭା

ପୁରୀ ଅଫିସ, ୨୩।୯: ବରିଷ୍ଠ ସିପିଆଇଏମ୍ ନେତା ରେବତୀ ବଲ୍ଲଭ ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ସଭା ଗୌଡ଼ବାଡ଼ ସାହିରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁରେନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ। ସିପିଆଇଏମ୍ ନେତା ଶରତ କୁମାର ରାୟଗୁରୁଙ୍କ ସମ୍ପାଦନାରେ ପ୍ରକାଶିତ ସ୍ମରଣିକା 'ବିପ୍ଳବୀ ରେବତୀ ଭାଇନା' ଉନ୍ମୋଚନ କରାଯାଇଥିଲା। ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ, ସିପିଆଇଏମ୍ ନେତା ପୁଷ୍ପା ଦାଶ, ସିପିଆଇ ନେତା ପ୍ରଦୀପ୍ତ ମହାନ୍ତି, ଜଗନ୍ନାଥ ଦେଓ, ବଦ୍ରି ନାରାୟଣ ଦାଶ, ରୁଦ୍ର ନନ୍ଦନ ମିଶ୍ର, ଭୀମସେନ ସ୍ୱାଇଁ, ଚିତ୍ତରଞ୍ଜନ ମହାପାତ୍ର, ଗୋବିନ୍ଦ ନାୟକ, ପଞ୍ଚାନନ ତରେଇ, ପୀତବାସ ବେହେରା, ଭାଗୀରଥି ବେହେରା, ହାରାମଣି ମହାପାତ୍ର, ବିଭୂତି ତ୍ରିପାଠୀ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ମନୋରଞ୍ଜନ ମହାରଣା, ବିଭୂତି ରାଉତରାୟ, ବାହନ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ରେଣୁବାଳା ମଲିକଙ୍କୁ ଆକ୍ରମଣ ଘଟଣାରେ ନ୍ୟାୟ ପ୍ରଦାନ ଦାବିରେ ୟୁନିଭର୍ସାଲ ବୁଦ୍ଧ ଫାଉଣ୍ଡେଶନ ପକ୍ଷରୁ ବଳଙ୍ଗା ଥାନା ଆଗରେ ଧାରଣା।

# ଅଭିଯୁକ୍ତଙ୍କୁ ଗିରଫ, ନ୍ୟାୟ ଦାବିରେ ଥାନା ଆଗରେ ଧାରଣା

**ବଳଙ୍ଗା, ୨୩।୯(ଡି.ଏନ୍.ଏ.)**

ବଳଙ୍ଗା ଥାନା ଅନ୍ତର୍ଗତ ବାଲିପାଟଣା କୋଠସାହି ଗ୍ରାମରେ ହୋଇଥିବା ରେଣୁବାଳା ମଲିକଙ୍କୁ ଆକ୍ରମଣ ଘଟଣାରେ ନ୍ୟାୟ ପ୍ରଦାନ ଦାବିରେ ଶୁକ୍ରବାର ୟୁନିଭର୍ସାଲ ବୁଦ୍ଧ ଫାଉଣ୍ଡେଶନ ତରଫରୁ ଏକ ଶୋଭାଯାତ୍ରା ସହ ଥାନା ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନର ରାଜ୍ୟ ସଭାପତି ପ୍ରଦୀପ କୁମାର ମଲ୍ଲିକଙ୍କ ନେତୃତ୍ୱରେ ବଳଙ୍ଗା ଭାର୍ଗବୀ ନଦୀ ବ୍ରିଜଠାରୁ ଶୋଭାଯାତ୍ରା ବାହାରି ବଳଙ୍ଗା ବଜାର ଦେଇ ଥାନା ସମ୍ମୁଖରେ ପହଞ୍ଚିବା ପରେ ଦୀର୍ଘ ୨ଘଣ୍ଟା କାଳ ଧାରଣା ଦେଇ ପ୍ରତିବାଦ କରିଥିଲେ। ରେଣୁବାଳାଙ୍କ ଘରେ ଜବରଦସ୍ତ ପଶି ତାଙ୍କୁ ଆକ୍ରମଣ କରି ଟଙ୍କା ଲୁଟ କରିଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଦାବି କରିବା ସହ ଥାନା ବିରୋଧୀ ସ୍ଲୋଗାନ ଦେଇଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଥିବା ପିପିଲି ଉପଖଣ୍ଡ ଅଧିକାରୀ ଦେବଦତ୍ତ ବରାଳ ଧାରଣାକାରୀଙ୍କ ସହ ଆଲୋଚନା କରି ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଶୋଭାଯାତ୍ରାରେ କାର୍ଯ୍ୟକାରୀ ସଭାପତି ଦୈତାରି ନାୟକ, ଜିଲା ସଭାପତି ହିମାଂଶୁ କୁମାର ମହାନ୍ତି, ବୁଦ୍ଧ ଅନୁଗାମୀ ଜଗନ୍ନାଥ ବେହେରା, ପ୍ରକାଶ ପ୍ରମୁଖଙ୍କ ସହ ଦଳିତ ମହିଳା ଓ ପୁରୁଷମାନେ ସାମିଲ ହୋଇଥିଲେ। ପ୍ରକାଶ ଯେ, ଗତ ୧ ତାରିଖରେ କୋଠସାହି ଓ ବାଲିଉପର ସାହିର ୫ ଜଣ ବ୍ୟକ୍ତି ରେଣୁବାଳାଙ୍କ ଘରେ ପଶି ତାଙ୍କୁ ମାଡ଼ ମାରିବା ସହ ଜାତିଆଣ ଆକ୍ଷେପ କରି ଟଙ୍କା ଲୁଟି ନେଇଥିଲେ। ଏ ନେଇ ରେଣୁବାଳା ଗତ ୧୭ ତାରିଖରେ ଥାନାରେ ଅଭିଯୋଗ କରିଥିବା ବେଳେ ପୋଲିସ ଅଭିଯୋଗ ଆଧାରରେ ନଂ. ୧୫୩/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ମାଙ୍କଡ଼ା ପଥର ବୋଝେଇ ଟ୍ରାକ୍ଟର ଜବତ, ୨ ଚାଳକ ଗିରଫ

**ଡେଲାଙ୍ଗ, ୨୩।୯(ଡି.ଏନ୍.ଏ.)**

ବେଆଇନ ମାଙ୍କଡ଼ା ପଥର ବୋଝେଇ ଚାଲାଣ ସମୟରେ ଡେଲାଙ୍ଗ ଥାନା ପୋଲିସ ୨ପଥର ବୋଝେଇ ଟ୍ରାକ୍ଟର ଜବତ କରିଛି। ଏହାସହିତ ଗାଡ଼ିର ୨ଜଣ ଚାଳକଙ୍କୁ ଗିରଫ କରି କୋର୍ଟଚାଲଣ କରିଛି। ସେମାନେ ହେଲେ ନୟାଗଡ ନୂଆଗାଁ ଥାନା କୋଶଳଙ୍ଗା ଗ୍ରାମର ଜିତେନ୍ଦ୍ର ଜାନି (୩୧), ପରପଦା ଗ୍ରାମର ସୋମନାଥ ବେହେରା(୨୧)। ଏ ନେଇ ପୋଲିସ ଏକ ମାମଲା(ନଂ.୨୭୧/୨୨) ରୁଜୁ କରି ତଦନ୍ତ ଚଳାଇଛି। ବରପଦା ଛତିସ ଘରିଆ ପଥର ଖଣିରେ ବେଆଇନ ଭାବେ ପଥର ଲୋଡ ହେଉଥିଲା। ବିଶେଷ ସୂତ୍ରରୁ ଖବରପାଇ ପୋଲିସ ପାଟ୍ରୋଲିଂ ଟିମ୍ ଏଏସଆଇ ଗୋପବନ୍ଧୁ ରାଉତ ସଦଳବଳେ ସେଠାରେ ଚଢ଼ାଉ କରିଥିଲେ। ଯାଞ୍ଚବେଳେ କାଗଜପତ୍ର ଦେଖାଇ ନ ପାରିବାରୁ ଗାଡ଼ି ଜବତ କରିବା ସହ ୨ଚାଳକଙ୍କୁ ଗିରଫ କରିଥିଲେ ବୋଲି ଆଇଆଇସି ଅନିଲ କୁମାର ମହାନ୍ତି କହିଛନ୍ତି।

# ନବାଗତ ଛାତ୍ରୀଛାତ୍ରଙ୍କ ସ୍ୱାଗତ ବୈଠକ

**ଡେଲାଙ୍ଗ, ୨୩।୯(ଡି.ଏନ୍.ଏ.)**

ଡେଲାଙ୍ଗ ଯୁକ୍ତ୨ ମହାବିଦ୍ୟାଳୟର ପ୍ରଥମ ବର୍ଷ ପାଇଁ ନାମ ଲେଖାଇଥିବା ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରାଯିବା ସହିତ କଲେଜ ନୀତି, ନିୟମ, ଶୃଙ୍ଖଳା ସମ୍ପର୍କରେ ଅବଗତ କରାଇବା ଲକ୍ଷ୍ୟନେଇ ଶୁକ୍ରବାର ସ୍ୱାଗତ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଶରତ ଚନ୍ଦ୍ର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅଧ୍ୟାପକ ଡ. ଘନଶ୍ୟାମ ସ୍ୱାଇଁ, ଡ.ଶ୍ରଦ୍ଧାଞ୍ଜଳି ମହାନ୍ତି, ସରୋଜ କୁମାର ବଳିୟାରସିଂହ, ସୁକାନ୍ତ କୁମାର ପଣ୍ଡା, ସୁମଞ୍ଜୁଳା ବିଶ୍ୱାଳ, ଅତୁଲ କୁମାର ଦାସ, ଜିତେନ୍ଦ୍ର ମଲ୍ଲିକ, ସୁମନ୍ତ ତରେଇ, ପ୍ରିୟଙ୍କା ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ନିୟମିତ ଉପସ୍ଥାନ, ପରିବେଶ ସୁରକ୍ଷା, ସମୟାନୁବର୍ତ୍ତିତା, ଶୃଙ୍ଖଳାର ସହିତ ଅଧ୍ୟୟନ ପ୍ରଭୃତି ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। କଳା, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷାବିଭାଗର ୨୭୦ ଜଣ ଛାତ୍ରୀଛାତ୍ର ଏହି ବୈଠକରେ ଅଂଶଗ୍ରହଣ କରିଥିଲେ।

# ୭.୪୫ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ: ୩ ଗିରଫ

**ପୁରୀ ଅଫିସ, ୨୩।୯:**

**ଟଙ୍କା, ମୋବାଇଲ, ୨ ବାଇକ୍ ଜବତ**

ବ୍ରାଉନ୍ ସୁଗାର କାରବାର ଅଭିଯୋଗରେ ବାସେଲିସାହି ଥାନା ପୋଲିସ ୩ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ସର୍ବୋଦୟ ନଗର ଅଟାକଳ ଲେନ୍‌ର ଚନ୍ଦନ ଦଳେଇ ଓରଫ ବାପି, ରାମଚଣ୍ଡୀ ସାହି ବାଲିଉପର ଅଞ୍ଚଳର ତୋଫାନ ବେହେରା ଓରଫ ଗେଡ଼ା ଏବଂ ଟାଉନ ଥାନା ଅନ୍ତର୍ଗତ ମାର୍କଣ୍ଡେଶ୍ୱର ସାହି ବାଣୁଆ ଗଳିର ରାକେଶ କୁମାର ନାୟକ ଓରଫ ରାଜା। ଏମାନଙ୍କଠାରୁ ୭.୪୫ ଗ୍ରାମ ବ୍ରାଉନ୍ ସୁଗାର, ନଗଦ ୬୨୦ ଟଙ୍କା, ଦୁଇଟି ମୋବାଇଲ ଫୋନ, ଦୁଇଟି ମନିପର୍ସ, ନମ୍ବର ବିହୀନ ଗୋଟିଏ ବାଇକ୍ ଏବଂ ଏକ ସ୍କୁଟି (ନଂ. ଓଡି ୧୩ ଆର୍ ୩୫୪୭) ଜବତ କରାଯାଇଛି। ଏନେଇ ପୋଲିସ ଏକ କେସ୍ (ନଂ. ୨୨୦/୨୨ ରୁଜୁ କରିଛି। ସୂଚନା ଅନୁଯାୟୀ, ଫ୍ଲୋରିସ୍ ଇଣ୍ଡିଆ ବିଲ୍ଡିଂରେ ୩ଜଣ ବ୍ୟକ୍ତି ବ୍ରାଉନ ସୁଗାର କାରବାର କରୁଥିବା ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରି ଥାନାକୁ ଆଣିଥିଲା।

# ନିର୍ବାଚନ ପାଇଁ ପର୍ଯ୍ୟବେକ୍ଷକଙ୍କୁ ଗୁରୁମନ୍ତ୍ର ଦେଲେ ମନ୍ତ୍ରୀ

**ନିମାପଡ଼ା, ୨୩।୯(ଡି.ଏନ୍.ଏ.)**

**ବିଜେଡିର ପର୍ଯ୍ୟବେକ୍ଷକଙ୍କ ସମାରୋହ**

ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ନିମାପଡ଼ା ନିର୍ବାଚନ ମଣ୍ଡଳୀର ୪୬ଟି ପଞ୍ଚାୟତ ଓ ନିମାପଡ଼ା ଏନ୍‌ଏସିର ପର୍ଯ୍ୟବେକ୍ଷକମାନଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ। ଏହି ନିର୍ବାଚନମଣ୍ଡଳୀର ବିଜୁ ଜନତା ଦଳର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟବେକ୍ଷକ ସମ୍ମିଳନୀ ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ସଭାକକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିଥି ଭାବେ ମନ୍ତ୍ରୀ ଦାଶ, ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ନିମାପଡ଼ା ବ୍ଲକ ବିଜେଡି ସଭାପତି ଅଶୋକ ସାହୁ, ଗୋପ ବ୍ଲକ ସଭାପତି ମଧୁସୂଦନ ପାଇକରାୟ, ନିର୍ବାଚନମଣ୍ଡଳୀର ସମ୍ପାଦକ ରବୀନ୍ଦ୍ର କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଆଗାମୀ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତ, ରଣକୌଶଳ ନିର୍ଦ୍ଧାରଣ କରାଯିବା ସହ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ପ୍ରତ୍ୟେକ ପଞ୍ଚାୟତର ୱାର୍ଡସ୍ତରରୁ ଦଳୀୟ ସଙ୍ଗଠନକୁ ଅଧିକ ମଜଭୁତ କରିବା, ପ୍ରତି ପର୍ଯ୍ୟବେକ୍ଷକଙ୍କୁ ଅଧିକ କ୍ରିୟାଶୀଳ କରାଯିବା ଦିଗରେ ମନ୍ତ୍ରୀ ଦାଶ ବୈଠକରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ନିର୍ବାଚନମଣ୍ଡଳୀର ସବୁ ପର୍ଯ୍ୟବେକ୍ଷକ, ୬ ଜିଲା ପରିଷଦ ଜୋନର ପର୍ଯ୍ୟବେକ୍ଷକ ଯୋଗଦେଇଥିଲେ।



ନିର୍ବାଚନ ମଣ୍ଡଳୀସ୍ତରୀୟ ପର୍ଯ୍ୟବେକ୍ଷକ ବୈଠକରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟମାନେ।

# ବନ୍ୟା ନିୟନ୍ତ୍ରଣ ପାଇଁ ସ୍ଥାୟୀ ପ୍ରତିକାର ହେଉ

**ଗୋପ, ୨୩।୯(ଡି.ଏନ୍.ଏ.)**

ବନ୍ୟା ସମୟରେ ପୁରୀ ଜିଲାର କଣାସ, ଡେଲାଙ୍ଗ, ଗୋପ, ନିମାପଡ଼ା ଅଞ୍ଚଳରେ ଅଧିକ କ୍ଷତି ହୋଇଥାଏ। ବନ୍ୟାଜଳ ପ୍ରାୟତଃ ଧନୁଆ ନଦୀ ଦେଇ ଅଧିକ ଆସୁଥିବାରୁ ଅଧିକ ଗ୍ରାମ ଜଳମଗ୍ନ ହେବା ସହ ଲୋକେ ଦୀର୍ଘଦିନ ପର୍ଯ୍ୟନ୍ତ ଜଳଘେରରେ ରହୁଛନ୍ତି। ତେଣୁ ବନ୍ୟା ସମୟରେ ଧନୁଆ ନଦୀର ସ୍ଥାୟୀ ପ୍ରତିକାର ପାଇଁ ଗୋପ ବ୍ଲକର ବିଭିନ୍ନ ସାମାଜିକ ଅନୁଷ୍ଠାନ, ସଂଘ ଓ ଗ୍ରାମବାସୀ ଦାବି କରିଆସୁଛନ୍ତି। ଏପରିକି ଦୀର୍ଘବର୍ଷ ଧରି ବିଭିନ୍ନ ସମୟରେ ଆନ୍ଦୋଳନ, ବୈଠକ, ପଦଯାତ୍ରା, ଶୋଭାଯାତ୍ରା କରାଯାଉଛି। କିନ୍ତୁ କୌଣସି ପଦକ୍ଷେପ ନିଆଯାଉ ନାହିଁ ବୋଲି ଶୁକ୍ରବାର ଗୋପ ବ୍ଲକସ୍ଥିତ ଗଣେଶ୍ୱରପୁର ପଞ୍ଚାୟତ ନିକଟସ୍ଥ ଗଳଦରୀ ବାତ୍ୟା ଆଶ୍ରୟସ୍ଥଳୀରେ ଆୟୋଜିତ ଧନୁଆ ବନ୍ୟା ନିୟନ୍ତ୍ରଣ କମିଟି ବୈଠକରେ ଯୋଗଦେଇ ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ କହିଛନ୍ତି। ବୈଠକରେ ଧନୁଆ ବନ୍ୟା ନିୟନ୍ତ୍ରଣ କମିଟିର ସଭାପତି ନୃସିଂହଚରଣ ଜେନା ସଭାପତିତ୍ୱ କରିଥିଲେ। କମିଟି ସମ୍ପାଦକ ନରେନ୍ଦ୍ର ଦାଶ, କଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ, ଆଇନଜୀବୀ ସୁଧୀର ମହାନ୍ତି, ରଞ୍ଜିତ ସାହୁ, ଶିକ୍ଷାବିତ ସତ୍ୟପୀର ନାୟକ, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, କରୁଣାକର ସାହୁ, ପ୍ରହ୍ଲାଦ ସ୍ୱାଇଁ ପ୍ରମୁଖ ଯୋଗଦେଇ ଧନୁଆ ବନ୍ୟାର ଦୁଃଖ, ପ୍ରତିକାର କ'ଣ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ।

ପ୍ରତିବର୍ଷ ଧନୁଆ ବନ୍ୟାଜଳରେ ନିମାପଡ଼ା, ଗୋପ, ବାଲିପାଟଣା ବ୍ଲକର ୪୩ଟି ପଞ୍ଚାୟତବାସୀ ଅସୁବିଧା ଭୋଗୁଛନ୍ତି। ୧୯୯୪ରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ, ୧୯୯୬ରେ ଜାନକୀବଲ୍ଲଭ ପଟ୍ଟନାୟକ, ୨୦୦୧ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜସ୍ୱ ମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀଙ୍କ ସହିତ ବିଭିନ୍ନ ସ୍ତରରେ ଏହାର ସ୍ଥାୟୀ ପ୍ରତିକାର ପାଇଁ ଅଭିଯୋଗ କରାଯାଇଆସୁଛି। ହେଲେ କେହି ବି ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ସ୍ଥାୟୀ ପ୍ରତିକାର ନେଇ ଅନେକ ନେତା ବିଭିନ୍ନ ସମୟରେ ଅଞ୍ଚଳକୁ ଯାଇ ଆଲୋଚନା କରି ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ପରେ ସବୁ ପାଣିର ଗାର ସଦୃଶ ବୋଲି ବୈଠକରେ ବିପନ୍ନମାନେ ଅଭିଯୋଗ କରିଛନ୍ତି। ଶେଷରେ ଏହି ସବୁ ଅଞ୍ଚଳର ବନ୍ୟା ପ୍ଳାବିତ ବିପନ୍ନ ବିରାଟ ଆନ୍ଦୋଳନ ଲାଗି ସଜବାଜ ହେବାକୁ ପ୍ରସ୍ତାବ ଦେଇଛନ୍ତି। ଏହି ବୈଠକରେ ୬ଟି ପଞ୍ଚାୟତ ଶତାଧିକ ଲୋକ ଉପସ୍ଥିତ ଥିଲେ।



ବୈଠକରେ ଯୋଗ ଦେଇଥିବା କମିଟିର ସଦସ୍ୟ, ଚାଷୀ ଏବଂ ଅଞ୍ଚଳବାସୀ।

- ଧନୁଆ ବନ୍ୟା ନିୟନ୍ତ୍ରଣ କମିଟିର ବୈଠକ
- ଆନ୍ଦୋଳନକୁ ଓହ୍ଲାଇବେ ଅଞ୍ଚଳବାସୀ

## କଟକରେ କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା

କଟକ ଅଫିସ: ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ନିର୍ଦ୍ଦେଶ ଅନୁଯାୟୀ ଏନ୍ଏସ୍ୟୁଆଇ କଟକ ଜିଲା ପକ୍ଷରୁ ଛାତ୍ର ଯୋଡ଼ୋ ଭାରତ ଯୋଡ଼ୋ ଯାତ୍ରା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ର ନେତାମାନେ ରାଣୀହାଟଠାରୁ କଲେଜଛକ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ। ସେଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରାଯାଇଥିଲା। କଟକ ଜିଲା ଛାତ୍ର କଂଗ୍ରେସ ସଭାପତି ପଜାଶା ପଲଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଶୁତୋଷ ରାଉତ, ସତ୍ୟଜିତ୍ ସେଠୀ, ନରେଶ ବେହେରା, କମଲେନ୍ଦୁ ଆଚାର୍ଯ୍ୟ, ସରୋଜ ଦାସ, ସୁସ୍ମିତା ଜେନା, ମୁକେଶ ଲେଙ୍କାଙ୍କ ସମେତ ବହୁ ଛାତ୍ର ନେତା ସାମିଲ ହୋଇଥିଲେ।

### ସଂକ୍ଷେପରେ

## ଜବରଦଖଲ ଉଚ୍ଛେଦ

ଫୁଲନଖରା, ୨୩।୯(ଡି.ଏନ୍.ଏ.): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ୪ନଂ. ୱାର୍ଡସ୍ଥିତ ଫୁଲନଖରା ଡିଷ୍ଟ୍ରିବ୍ୟୁଟାରୀ କେନାଲ ପାର୍ଶ୍ୱରୁ ଶୁକ୍ରବାର ଜବରଦଖଲ ଉଚ୍ଛେଦ କରାଯାଇଛି। ସେଠାରେ ଥିବା ୫୦ରୁ ଉର୍ଦ୍ଧ୍ୱ ଦୋକାନକୁ ବିଡିଏ ପକ୍ଷରୁ ଭାଙ୍ଗି ଦିଆଯାଇଛି। ବିଡିଏ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ପ୍ରମୋଦ ପାତ୍ର, ଇନ୍ସପେକ୍ଟର ପି.କେ. ଜେନା, କେ.କେ. ରାଉତରାୟ, ନଖରା ଆର୍‌ଆଇ ମଧୁସ୍ମିତା ମହାରଣା, ସୁପର ଭାଇଜର ବସନ୍ତ ବେହେରା, ପାହାଳ ଥାନା ଅଧିକାରୀ ସୁଚିତ୍ରା ପରିଡାଙ୍କ ସମେତ ଏକ ପ୍ଲାଟୁନ ପୋଲିସ ଜବର ଦଖଲ ଉଚ୍ଛେଦବେଳେ ଉପସ୍ଥିତ ଥିଲେ।

## ପୂଜା ପୂର୍ବରୁ ଶେଷ ହେଉ ରାସ୍ତା ମରାମତି

### ଅଧୀକ୍ଷଣ ଯନ୍ତ୍ରୀଙ୍କୁ ସ୍ମାରକପତ୍ର

କଟକ ଅଫିସ, ୨୩।୯: କଟକ ସହରରେ ରାସ୍ତାଘାଟ ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଆଗକୁ ଦଶହରା ଆସୁଥିଲେ ମଧ ସହରର ରାସ୍ତା ମରାମତି କରାଯାଇନାହିଁ ବୋଲି ଆମ କଟକ ସଙ୍ଗଠନ ପକ୍ଷରୁ ଅଭିଯୋଗ ହୋଇଛି। ଏ ନେଇ ୫ ଦଫା ସମ୍ବଳିତ ଏକ ସ୍ମାରକପତ୍ର ସଂଗଠନ ପକ୍ଷରୁ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଶୁକ୍ରବାର ଦିଆଯାଇଛି। ଦୁର୍ଗା ପୂଜାର ଅନ୍ୟୂନ ୫ଦିନ ପୂର୍ବରୁ ରାସ୍ତା ମରାମତି କାର୍ଯ୍ୟ ଶେଷ କରିବା, କଟକ ପୂର୍ତ୍ତ ବିଭାଗ ଡିଭିଜନ-୧ରେ ହୋଇଥିବା ଦୁର୍ନୀତିର ତଦନ୍ତ, ଜାଇକା ଓ ପୂର୍ତ୍ତ ବିଭାଗ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଦାବି କରାଯାଇଛି। ସଙ୍ଗଠନର ସଭାପତି ଅନିଲ କୁମାର ବେଉରାଙ୍କ ନେତୃତ୍ୱରେ ଆଇନଜୀବୀ ସନ୍ତୋଷ ମହାନ୍ତି, ବରିଷ୍ଠ ନାଗରିକ ଅଶ୍ୱିନୀ ମହାରଣା, ମୁଖପାତ୍ର ମାନସ ପରିଡ଼ା, ସମ୍ପାଦକ ସୁକାନ୍ତ ସାହାଣୀ, ଯୁବନେତା ନିରଞ୍ଜନ ଲେଙ୍କା, ସୁବାସ ସବୁଦ୍ଧିରାୟ, କାଉନ୍‌ସିଲର ଦିଲ୍ଲୀପ ଭୂୟାଁ, ଶ୍ରମିକ ନେତା ଲକ୍ଷ୍ମୀଧର ଶରଣ, ଗୋବର୍ଦ୍ଧନ ସାହୁ, ସୁଶୀଲ ମହାନ୍ତି, ଛାତ୍ରନେତା ଜଗନ ସାହୁ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

## ବରିଷ୍ଠ ନାଗରିକଙ୍କ ଶ୍ରାଦ୍ଧୋତ୍ସବ

କଟକ ଅଫିସ, ୨୩।୯: ଅନ୍ଦରପୁର ଦୁଲ୍ଲାଦେଇ ରୋଡ୍ ଅଞ୍ଚଳର ବରିଷ୍ଠ ନାଗରିକ ଶ୍ରୀଧର ଲେଙ୍କାଙ୍କ ପ୍ରଥମ



ଶ୍ରାଦ୍ଧୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନ୍ଦରପୁରସ୍ଥିତ ତାଙ୍କ ବାସଭବନରେ ଆୟୋଜିତ ଉତ୍ସବରେ ଅନ୍ଦରପୁର ପୂଜା କମିଟି ସମ୍ପାଦକ ଧୀରପ୍ରସାଦ ମହାନ୍ତି, ସାହି ମୁରବି ରଜନୀକାନ୍ତ ପରିଜା, ପି.କେ. ଜେନା, ଭାଗ୍ୟଧର ବ୍ରହ୍ମା, ରମେଶ ଜେନା, କର୍ପୋରେଟର ଅରବିନ୍ଦ ଜେନା ପ୍ରମୁଖ ଯୋଗଦେଇ ଲେଙ୍କାଙ୍କ ସ୍ମୃତିଚାରଣ କରିଥିଲେ। ଏଥିରେ ଲେଙ୍କାଙ୍କ ୩ ପୁତ୍ର ସନାତନ, ଅଭିରାମ, ରବିନାରାୟଣ, ପୁତ୍ରବଧୂ, ନାତୁଣୀ ନାତି ପ୍ରମୁଖ ଉପସ୍ଥିତ ଥିଲେ।



ଷୋଳପୂଜା ଅବସରରେ ଶୁକ୍ରବାର ମା' କଟକ ଚଣ୍ଡୀଙ୍କ ଜୟଦୁର୍ଗା ବେଶ।



ଗଡ଼ଚଣ୍ଡୀଙ୍କ ସରସ୍ୱତୀ ବେଶ।



ଝାଞ୍ଜିରୀ ମଙ୍ଗଳାଙ୍କ ବୈଷ୍ଣବୀ ବେଶ।



ବାସନ୍ତୀ ଦୁର୍ଗାଙ୍କ କମଳା ବେଶ।



ପିଠାପୁରସ୍ଥିତ ଧାକୁଲେଇଙ୍କ ସରସ୍ୱତୀ ବେଶ।

## ଏଥର କାର୍ତ୍ତିକ, ଗଣେଶଙ୍କ ପାଇଁ ଚାନ୍ଦି ଅଳଙ୍କାର

**ଆସୁଛନ୍ତି ମା'**

**ଖଟ୍‌ବିନ୍ ସାହି ପୂଜା କମିଟି**

**ବଙ୍ଗୀୟ ରୀତିନୀତିରେ ମା'ଙ୍କର ପୂଜା କରାଯିବ**



କଟକ ଅଫିସ,୨୩।୯

ଶହେ ବର୍ଷରୁ ଉର୍ଦ୍ଧ୍ୱ ପୁରାତନ ପୂଜା କମିଟିଗୁଡିକ ମଧ୍ୟରେ ଖଟ୍‌ବିନ୍ ସାହି ପୂଜା କମିଟି ଅନ୍ୟତମ। ପ୍ରତିବର୍ଷ ଶୃଙ୍ଖଳିତ ଭାବେ ଦୁର୍ଗାପୂଜା ଆୟୋଜନ କରିବାରେ ଏହି ପୂଜା କମିଟିର ସୁନାମ ରହିଛି। ୧୯୨୦ରୁ ଏଠାରେ ପୂଜା ଆରମ୍ଭ ହୋଇଥିଲା। ସାହିର କେତେଜଣ ବାସିନ୍ଦାଙ୍କ ଦ୍ୱାରା ପ୍ରଥମେ ଶିବପାର୍ବତୀଙ୍କ ପ୍ରତିମା ପୂଜା କରାଯାଇଥିଲା। ପ୍ରାୟ ୩୦ବର୍ଷ ଅସ୍ଥାୟୀ ଭାବେ ଚାଳଘରେ ପୂଜା କରାଯିବା ପରେ ୧୯୫୧ରେ ଜଣେ ବଦାନ୍ୟ ବଙ୍ଗୀୟ ବ୍ୟକ୍ତି ଠାକୁର ଘର ନିର୍ମାଣ ପାଇଁ ଜମି ଯୋଗାଇ ଦେଇଥିଲେ। ସେଠାରେ ସ୍ଥାୟୀ ଠାକୁର ଘର ନିର୍ମାଣ କରାଯାଇ ଅନ୍ନପୂର୍ଣ୍ଣାଙ୍କର ପୂଜା କରାଯାଇଥିଲା। ପରେ ୧୯୭୯ରେ କେତେଜଣ ମୁରବି ଅନ୍ନପୂର୍ଣ୍ଣା ପୂଜା ପରିବର୍ତ୍ତେ ଦୁର୍ଗାପୂଜା କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଏହାପରେ ସାହି ବାସିନ୍ଦାଙ୍କ ସର୍ବସମ୍ମତିକ୍ରମେ ବଙ୍ଗୀୟ ରୀତିନୀତିରେ ଦୁର୍ଗାପୂଜା ହୋଇଆସୁଛି। ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ସହ ଜରିମେଢ ନିର୍ମାଣ କରାଯାଉଥିଲା। ୨୦୧୫ରେ ସାହି ବାସିନ୍ଦାଙ୍କ ସାହାଯ୍ୟ ଓ ସହଯୋଗରେ ଚାନ୍ଦିମେଢ ନିର୍ମାଣ କରାଗଲା। ଚଳିତବର୍ଷ ପୂଜାକୁ ଶାନ୍ତିଶୃଙ୍ଖଳାର ସହ କରିବାକୁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ମା' ଦୁର୍ଗା, ସରସ୍ୱତୀ ଓ ଲକ୍ଷ୍ମୀଙ୍କର ଚାନ୍ଦି ଅଳଙ୍କାର ନିର୍ମାଣ କରାଯାଇଥିବାବେଳେ ଚଳିତଥର କାର୍ତ୍ତିକ ଏବଂ ଗଣେଶଙ୍କର ଚାନ୍ଦିର ଆଭୂଷଣ କରିବାକୁ କମିଟି ପକ୍ଷରୁ ସ୍ଥିର ହୋଇଛି। ଏବେ ଏହି କାର୍ଯ୍ୟ ଜାରି ରହିଛି। ଖଟବିନ୍ ସାହି ସମେତ ରୋଭରଷ୍ଟ୍ରିଟ୍‌ଠାରୁ ଶେଖ୍‌ବଜାର ଚଣ୍ଡୀ ମନ୍ଦିର ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାକୁ ଆଲୋକମାଳାରେ ସଜ୍ଜିତ କରାଯିବ। ସାହିର ବିଭିନ୍ନ ସ୍ଥାନରେ ବୃହତ୍ ଲାଇଟ୍ ଗେଟ୍ ଲଗାଯିବ। ବଙ୍ଗୀୟ ରୀତିନୀତି ଅନୁଯାୟୀ ମା'ଙ୍କର ପୂଜା କରାଯିବ। ପ୍ରତିବର୍ଷ ଭଳି ଚଳିତବର୍ଷ ମା'ଙ୍କ ନିକଟରେ ନବମୀରେ ଅନ୍ନଭୋଗ ଓ ଦଶମୀରେ ଦହି ପଖାଳ ଭୋଗ କରାଯିବ। ପୂଜାରେ ମହିଳାମାନେ ସିନ୍ଦୂର ଖେଳିବେ। ଚଳିତବର୍ଷ ଅଷ୍ଟମୀରୁ ଦଶମୀ ପର୍ଯ୍ୟନ୍ତ ଭଜନ ସମାରୋହ ହେବ।



"ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଶାନ୍ତିଶୃଙ୍ଖଳାର ସହିତ ପୂଜା କରାଯିବ। ଏଥିପାଇଁ ପ୍ରଶାସନ ସହଯୋଗ କରିବାକୁ କୁହାଯାଇଛି। ଶାନ୍ତି କମିଟି ଏବଂ ପୂଜା କମିଟି ତରଫରୁ ପୂଜା ପ୍ରସ୍ତୁତି ପାଇଁ ବିଭିନ୍ନ ପର୍ଯ୍ୟାୟରେ ବୈଠକ ମାଧ୍ୟମରେ ଆଲୋଚନା ସରିଛି।

**ଅଜିତ୍ କୁମାର ସିଂ, ସଭାପତି**



"ପୂଜା ପାଇଁ ମୂର୍ତ୍ତି ନିର୍ମାଣ ସହ ଅନ୍ୟାନ୍ୟ ପ୍ରସ୍ତୁତି କାର୍ଯ୍ୟ ଜାରି ରହିଛି। ରାସ୍ତାଘାଟ ଓ ଜଳ ନିଷ୍କାସନ ବ୍ୟବସ୍ଥାକୁ ନେଇ କିଛି ଅସୁବିଧା ରହିଛି। ବର୍ଷାହେଲେ ଠାକୁର ଘର ସମ୍ମୁଖରେ ପାଣି ଜମୁଛି। ପୂଜା ସମୟରେ ଏଠାରେ ଯେମିତି ପାଣି ଜମି ନ ରହିବ ସେଥିପାଇଁ ବ୍ୟବସ୍ଥା କରିବାକୁ ସିଏମ୍‌ସି ଏବଂ ଜିଲା ପ୍ରଶାସନ ସହିତ ଆଲୋଚନା କରାଯାଇଛି।

**ସର୍ବେଶ୍ୱର ବେହେରା, ସମ୍ପାଦକ**

## 'ସୁସ୍ଥ ସମାଜ ଗଠନରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

### ପଦ୍ମିନୀ କେୟାରରେ ପୁଷ୍ଟି ସଚେତନତା କାର୍ଯ୍ୟକ୍ରମ

କଟକ ଅଫିସ, ୨୩।୯

ପଦ୍ମିନୀ କେୟାର ହସ୍ପିଟାଲ ପକ୍ଷରୁ ମହିଳା, ଶିଶୁଙ୍କ ପାଇଁ ଖାଦ୍ୟ ଓ ପୁଷ୍ଟି ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତିପ୍ରକାଶ ପରିଜା ଏହାକୁ ଉଦ୍‌ଘାଟନ କରି କହିଥିଲେ, ସୁସ୍ଥ ସମାଜ ଓ ସୁସ୍ଥ ପରିବାର ଗଠନରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସେମାନେ ସୁଷମ ଖାଦ୍ୟ ଖାଇବା ଦିଗରେ ଯତ୍ନବାନ ହେବା ଜରୁରୀ ବୋଲି ସେ କହିଥିଲେ। ଖାଦ୍ୟ ବିଶେଷଜ୍ଞ ସ୍ୱାତୀ ସ୍ୱାଗତିକା ପ୍ରିୟଦର୍ଶିନୀ ଦାସ ଅଧିକ ପୌଷ୍ଟିକଯୁକ୍ତ ପନିପରିବା ଓ ଖାଦ୍ୟ ଉପକରଣ ପ୍ରଦର୍ଶନ କରି ନର୍ସିଂ ଛାତ୍ରୀଛାତ୍ରଙ୍କୁ ଏ ଦିଗରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଦ୍ୟୁତ୍ କୁମାର ଷଡଙ୍ଗୀ, ସନ୍ଦୀପ ପ୍ରହରାଜ, କୌସ୍ତୁଭ ମୁଖାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।

## 'ମସ୍ତିଷ୍କ ବଦଳରେ ହୃଦୟକୁ ଆଗକୁ ଆଣ'

### ମହାରାଜା ଅଗ୍ରସେନ ଜୟନ୍ତୀ ଉତ୍ସବ

କଟକ ଅଫିସ, ୨୩।୯



ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ସିଏମ୍‌ସି ମେୟର ସୁବାସ ସିଂ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ସହ ଅନ୍ୟମାନେ।

ମନ ଏବଂ ମସ୍ତିଷ୍କ ବିଭ୍ରାନ୍ତିର କାରଣ। ଯେତେବେଳେ ହୃଦୟର କଥା ମଣିଷ ଶୁଣିବ ସେତେବେଳେ ସମାଜରେ ଶାନ୍ତି ଆସିବ। ଅନ୍ୟପକ୍ଷରେ ଯେତେସବୁ ଯୁଦ୍ଧ, ମାନବକୃତ ଘଟଣା ଓ ଦୁର୍ଘଟଣା ଘଟୁଛି ତାହା କେବଳ ମସ୍ତିଷ୍କ ଓ ବୁଦ୍ଧିର କାରବାର। ଏଣୁ ମସ୍ତିଷ୍କ ବଦଳରେ ହୃଦୟକୁ ଆଗକୁ ଆଣିବାକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ମହାରାଜା ଅଗ୍ରସେନ ଜୟନ୍ତୀ ଉତ୍ସବ କଟକ ବିଜୁ ପଟ୍ଟନାୟକ ଛକସ୍ଥିତ ମହାରାଜା ଅଗ୍ରସେନ ଭବନ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଯୋଗଦେଇ କହିଥିଲେ, ମହାରାଜା ଅଗ୍ରସେନ ବଂଶଜ। ସେ ମହାଭାରତ ଯୁଦ୍ଧରେ ଅଂଶଗ୍ରହଣ କରିଥିଲେ। ଯେତେବେଳେ ସେ ଯଜ୍ଞରେ ପଶୁବଳି ଦେବେ ନାହିଁ ବୋଲି କହିଲେ ତାଙ୍କୁ କ୍ଷେତ୍ରୀୟ ବଦଳରେ ବୈଶ୍ୟ ବୋଲି କୁହାଗଲା। ବାଣୀର ମଧୁରତା, ଉଦାରତା ଓ ନମ୍ରତାର ବାର୍ତ୍ତା ସେ ପ୍ରଚାର କରି ଯାଇଛନ୍ତି। ତାହା ଅଗ୍ରୱାଲ ସମାଜ ଭିତରେ ବେଶି ଦେଖିବାକୁ ମିଳେ ବୋଲି ରାଜ୍ୟପାଳ କହିଥିଲେ। ଏହି ଉତ୍ସବରେ ସିଏମ୍‌ସି ମେୟର ସୁବାସ ସିଂ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ମହାରାଜା ଅଗ୍ରସେନ ଭବନର ସଭାପତି ବିଜୟ ଖଣ୍ଡେଲୱାଲ ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ସମ୍ପତ୍ତି ମୋଡ଼ା ଉପସ୍ଥିତ ଥିଲେ।

## ନାବାଳିକାଙ୍କୁ ଚୋରି କରି ୧୦ ହଜାର ଟଙ୍କାରେ ବିକ୍ରି

### ମହିଳା କୋର୍ଟ ଚାଲାଣ

କଟକ ଅଫିସ,୨୩।୯

ନାବାଳିକାଙ୍କୁ ଅପହରଣ କରିନେଇ ୧୦ ହଜାର ଟଙ୍କାରେ ବିକ୍ରି କରିବା ଅଭିଯୋଗରେ କ୍ୟାଣ୍ଟନମେଣ୍ଟ ପୋଲିସ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ଗଡ଼ଗଡେଶ୍ୱର ମନ୍ଦିର ନିକଟରେ ରହୁଥିବା ମୟୂରଭଞ୍ଜ ଜିଲା ଚିନାବାଡ଼ିର କୁନି ମୁଣ୍ଡା। ପୋଲିସ ସୂତ୍ରରୁ ପ୍ରକାଶ, ଜଗତ୍‌ସିଂହପୁର ବାଲିକୁଦା ଅଞ୍ଚଳର ରବୀନ୍ଦ୍ର କୁମାର ସାହୁ ୪ ଦିନ ତଳେ ଗଡ଼ଗଡିଆ ଘାଟର ବାଲିଯାତ୍ରା ପଡିଆରେ ରହୁଥିଲେ। ୨୨ ତାରିଖ ସକାଳେ ସେ ଉଠିବା ପରେ ତାଙ୍କ ଝିଅ ନ ଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ଥାନାରେ ମାମଲା(ନଂ.୧୩୫/୨୨) ରୁଜୁ ହୋଇଥିଲା। ପୋଲିସ ତଦନ୍ତବେଳେ ସମ୍ପୃକ୍ତା ନାବାଳିକାଙ୍କୁ କୁନି ଅପହରଣ କରି ନେଇ କଟକ ସଦର ଥାନା ଅଧୀନ ଶ୍ରୀକୋରୁଆ ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଥିବା ଜାଣିବାକୁ ପାଇଥିଲା। ପରେ ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କ ଘର ଉପରେ ଚଢାଉ କରି ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଏଥିସହ କୁନିଙ୍କୁ ଗିରଫ କରିଥିଲା। ପଚରାଉଚରା ବେଳେ ସେ ନାବାଳିକାଙ୍କୁ ୧୦ ହଜାର ଟଙ୍କାରେ ବିକ୍ରି କରିଥିବା ସ୍ୱୀକାର କରିଥିଲେ।

## ରାଜ୍ୟସ୍ତରୀୟ ଡାକଟିକେଟ ପ୍ରଦର୍ଶନୀ ଉଦ୍‌ଘାଟିତ

କଟକ ଅଫିସ,୨୩।୯

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଭାରତୀୟ ଡାକ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଡାକଟିକେଟ ପ୍ରଦର୍ଶନୀ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ଏହାକୁ ଉଦ୍‌ଘାଟନ କରି ଡାକ ବିଭାଗର ଆଧୁନିକୀକରଣ ଓ ଆଦୃତି ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ସେ କହିଥିଲେ, ବର୍ତ୍ତମାନର ହ୍ୱାଟ୍ସଆପ୍ ଏବଂ ଇ-ମେଲ୍ ଦୁନିଆରେ ଚିଠି ଲେଖା କମିଯାଇଛି। ଏଣୁ ଏହି ଅଭ୍ୟାସକୁ ପୁନଃ ପ୍ରଚଳନ ନିମନ୍ତେ ସେ ଛାତ୍ର ସମାଜକୁ ପ୍ରେରଣା ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ସୁଧାଂଶୁ ମୋହନ ଷଡଙ୍ଗୀ ଯୋଗଦେଇ କହିଥିଲେ, ଡାକ ବିଭାଗର ଆଧୁନିକୀକରଣ ଓ କଟକ ଜିପିଓରୁ ଡ୍ରୋନ୍ ମାଧ୍ୟମରେ ପ୍ରେରିତ ସ୍ୱତନ୍ତ୍ର ଲଫାପାର ଉନ୍ମୋଚନ ଏକ ଯୁଗାନ୍ତକାରୀ ପଦକ୍ଷେପ। ଓଡ଼ିଶା ଡାକ ମଣ୍ଡଳର ମୁଖ୍ୟ ମହାଡାକପାଳ ଶୁଭେନ୍ଦୁ ସ୍ୱାଇଁ ଡାକ ବିଭାଗର ଲୋକପ୍ରିୟତାକୁ ଆଦୃତ କରିବା ପାଇଁ ଆଧୁନିକ ଜ୍ଞାନକୌଶଳରେ କିପରି ଚିଠି ପ୍ରେରଣ କରାଯାଇପାରିବ ଏବଂ ଏ ଦିଗରେ ଜଣେ ବିଶିଷ୍ଟ ଡାକ ସଂଗ୍ରାହକଙ୍କ ପରାମର୍ଶରେ ସଫଳ ରୂପାୟନ ପାଇଁ ଡ୍ରୋନ୍ ମାଧ୍ୟମରେ ଚିଠି ପ୍ରେରଣ କରାଯାଇଥିଲା। ଏହି ଉତ୍ସବରେ ଭାରତର ବିଭିନ୍ନ ପ୍ରାନ୍ତରର ବିଶିଷ୍ଟ ଡାକ ସଂଗ୍ରାହକ, ଡାକ ପରିବାରର ସମସ୍ତ କର୍ମଚାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ ଅଭିଭାବକ ଯୋଗଦେଇଥିଲେ। ଏହି ଅବସରରେ କଟକ ଜିପିଓ ଫିଲାଟେଲିକ ବ୍ୟୁରୋର ହୀରକ ଜୟନ୍ତୀ ଉପଲକ୍ଷେ ସ୍ୱତନ୍ତ୍ର ଲଫାପା, ବିଶ୍ୱବିଦ୍ୟାଳୟ ଉପରେ ଚିତ୍ରିତ ଲଫାପା ତଥା ପୂର୍ବ ଭାରତୀୟ ଡାକ ଟିକେଟ ସଂଗ୍ରାହକ ଆସୋସିଏଶନ୍ ପକ୍ଷରୁ ସ୍ୱତନ୍ତ୍ର ଲଫାପା ଉନ୍ମୋଚିତ ହୋଇଥିଲା। ଡାକ ବିଭାଗର ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ବାରିକ ଧନ୍ୟବାଦ ଦେଇଥିଲେ।




ପ୍ରଦର୍ଶନୀରେ ଅତିଥିମାନେ ଡାକ ଟିକେଟ୍ ଉନ୍ମୋଚନ କରୁଛନ୍ତି।

## ଗଣତାନ୍ତ୍ରିକ ରାଷ୍ଟ୍ରରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ

### ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା

କଟକ ଅଫିସ,୨୩।୯




କଟକ ବାରବାଟୀ ପ୍ୟାଲେସଠାରେ ଅନୁଷ୍ଠିତ କର୍ମଶାଳାରେ ଉପସ୍ଥିତ ଅତିଥିବୃନ୍ଦ।

ଗଣତାନ୍ତ୍ରିକ ରାଷ୍ଟ୍ରରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସରକାରଙ୍କ ଯୋଜନାର ଉଦ୍ଦେଶ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଗଣମାଧ୍ୟମର ଉତ୍ତରଦାୟିତ୍ୱ ବୋଲି ଶୁକ୍ରବାର କଟକ ବାରବାଟୀ ପ୍ୟାଲେସଠାରେ ଅନୁଷ୍ଠିତ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା (ବାର୍ତ୍ତାଳାପ)ରେ ବକ୍ତାମାନେ କହିଛନ୍ତି। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅନ୍ତର୍ଗତ ପ୍ରେସ୍ ଇନ୍‌ଫର୍ମେଶନ ବ୍ୟୁରୋ(ପିଆଇବି) ଭୁବନେଶ୍ୱର ପକ୍ଷରୁ ଆୟୋଜିତ କାର୍ମଶାଳାରେ ମୁଖ୍ୟ ଅତିଥି କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଥିଲେ, ଦୂରଦୃଷ୍ଟିକୁ କାର୍ଯ୍ୟରେ ପରିଣତ ନ କଲେ ଏହା ଦିବାସ୍ୱପ୍ନ ହୋଇ ରହିଯିବ। ତେଣୁ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଯତ୍ନବାନ ହେଲେ ହିଁ ସମାଜର ପରିବର୍ତ୍ତନ ଆସିପାରିବ। ସମ୍ମାନିତ ବକ୍ତା ଭାବେ ଦୈନିକ ଖବରକାଗଜ ସମାଜର ସମ୍ପାଦକ କାନନ ବିହାରୀ ଦାସ ଯୋଗଦେଇ କହିଥିଲେ, ଗଣମାଧ୍ୟମ ସ୍ୱାଧୀନ ହେବା ସହ ଲୋକଙ୍କୁ ଦାୟିତ୍ୱ ସମ୍ପନ୍ନ ଭାବେ ଠିକ୍ ତଥ୍ୟ ପରିବେଷଣ କରିବା ଆବଶ୍ୟକ। ସେହିପରି କଟକ ଜିଲା ପରିଷଦର ସିଡିଓ ଅମର କୁମାର କର କହିଥିଲେ, ସମସ୍ୟା ଲୋକଲୋଚନକୁ ଆଣିବା ଗଣମାଧ୍ୟମର କର୍ତ୍ତବ୍ୟ। ଭୁବନେଶ୍ୱର ପତ୍ର ସୂଚନା କାର୍ଯ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ ଡ. ଗିରିଶ ଚନ୍ଦ୍ର ଦାଶ କହିଥିଲେ, ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ବାର୍ତ୍ତାଳାପର ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମରେ କ୍ରୀଡାବିତ୍ ତଥା ଅଲମ୍ପିୟାନ ଅନୁରାଧା ବିଶ୍ୱାଳ, ସାମ୍ବାଦିକ ତପନ କୁମାର ମିଶ୍ର, ରମଣୀ ରଞ୍ଜନ ଦାସ, କଟକ ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ରାଜେଶ ବେହେରାଙ୍କ ସମେତ ୧୦୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଗଣଯୋଗାଯୋଗ ଅଧିକାରୀ ପ୍ରଦୀପ ଚୌଧୁରୀ ସ୍ୱାଗତ ଭାଷଣ ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବରିଷ୍ଠ ନାଗରିକ ଦିବସ ପାଳନ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା ଅଫିସ,୨୩।୯: ଅକ୍ଟୋବର ପହିଲାରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ହେବ। ଏନେଇ ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅଧକ୍ଷତା କରିଥିଲେ। ଏହି ଦିନ ଜିଲାରେ ଥିବା ୧୭ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କ ଚକ୍ଷୁ, ରକ୍ତଚାପ, ବ୍ଲଡ୍‌ସୁଗାର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଆବଶ୍ୟକ ଅନୁଯାୟୀ ସେମାନଙ୍କୁ ଚଷମା, ଆଶାବାଡ଼ି, ନି-କ୍ୟାପ୍ ପ୍ରଦାନ କରାଯିବ। ଏଥିନିମନ୍ତେ ସମସ୍ତ ବ୍ୟବସ୍ଥା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ ଦିନ ଜୟୀ ରାଜଗୁରୁ ଭବନ(ଟାଉନହଲ୍)ଠାରେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଏଥିରେ କିପରି ଅଧିକରୁ ଅଧିକ ଯୋଗଦେବେ ସେଥିନିମନ୍ତେ ବ୍ୟବସ୍ଥା କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧରେ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଆର୍ତ୍ତବନ୍ଧୁ ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ କୁମାର ମଲ୍ଲିକ, ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଜିଲା ମଙ୍ଗଳ ଅଧିକାରୀ ମନୋଜ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ମୋ ବସ୍‌ରୁ ଚୋରି କରୁଥିଲେ ବନ୍‌ଜାରା
### ଯାଜପୁରରୁ ବନ୍‌ଜାରା ଗ୍ୟାଙ୍ଗ୍‌ର ୨ ମୁଖ୍ୟ ଗିରଫ

ଭୁବନେଶ୍ୱର,୨୩।୯ (ବ୍ୟୁରୋ) : ରାଜଧାନୀରେ ଚଳାଚଳ କରୁଥିବା ମୋ ବସ୍‌ରେ ଚୋରି କରୁଥିଲେ ବନ୍‌ଜାରା। ଭିଡ଼ ଭିତରେ ଆଖି ପିଛୁଳାକେ ଯାତ୍ରୀଙ୍କଠାରୁ ମୋବାଇଲ ଫୋନ୍, ଟଙ୍କା ଆଦି ସାମଗ୍ରୀ ଚୋରି କରିବା ପରେ ସୁଯୋଗ ଦେଖି ଚମ୍ପଟ ମାରୁଥିଲେ। ଶେଷରେ ଏହି ବନ୍‌ଜାରା ଗ୍ୟାଙ୍ଗ୍‌ର ଦୁଇ ମୁଖ୍ୟଙ୍କୁ ଯାଜପୁରରୁ ଗିରଫ କରିଛି ଶହୀଦନଗର ଥାନା ପୋଲିସ। ସେମାନେ ହେଲେ ଯାଜପୁର ଜିଲାରେ ରହୁଥିବା ପଶ୍ଚିମବଙ୍ଗର ସଞ୍ଜୟ ସିଂ ଓ ଯାଜପୁରର ଗଣେଶ ପ୍ରଧାନ। ସେମାନଙ୍କଠାରୁ ବିଭିନ୍ନ କମ୍ପାନୀର ୧୫ ମୋବାଇଲ ଫୋନ, ସୁନା କାନଫୁଲ, ନଗଦ ସାଢେ ୫ ହଜାର ଟଙ୍କା, ୨ ଲାପଟପ୍, ପର୍ସ ଆଦି ଜବତ କରିଛି। ବୁଧବାର ଜଣେ କ୍ୟାନ୍‌ସର ପୀଡିତଙ୍କଠାରୁ ୧୫ହଜାର ଟଙ୍କା ଚୋରି ଓ ଗୁରୁବାର ଦୁଇ ଛାତ୍ରୀଙ୍କ ମୋବାଇଲ୍ ଫୋନ୍ ଚୋରି ଘଟଣାରେ ଏମାନଙ୍କର ସମ୍ପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଛି। ମାମଲା ନଂ.୪୫୧/୨୦୨୨ରେ ଅଭିଯୁକ୍ତଦ୍ୱୟଙ୍କୁ ପୋଲିସ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ରାକେଟରେ ବହୁ ମହିଳା ଓ କେତେଜଣ ଛୋଟପିଲା ସାମିଲ ଥିବା ଡିସିପି ପ୍ରତୀକ ସିଂ କହିଛନ୍ତି।

### ବିପିୟୁଟି ଛାତ୍ରସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର,୨୩।୯(ବ୍ୟୁରୋ): ଓଡ଼ିଶା ବିପିୟୁଟି ଛାତ୍ରସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡେମୀଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ସମସ୍ତ ଇଞ୍ଜିନିୟରିଂ କଲେଜର ଛାତ୍ର ପ୍ରତିନିଧି ଏହି ବୈଠକରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ତଥା ବିପିୟୁଟି ଛାତ୍ରନେତା ପାର୍ଥସାରଥୀ ମୁଦୁଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଇଞ୍ଜିନିୟରମାନେ କେବଳ ଓଡ଼ିଶାର ନୁହଁନ୍ତି, ସେମାନେ ସାରା ବିଶ୍ୱର ବିଶ୍ୱକର୍ମା ଭଳି ଦେଶ ଓ ବିଶ୍ୱର ବିକାଶ ଦିଗରେ କାର୍ଯ୍ୟ କରି ଆସୁଛନ୍ତି। ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ବିପିୟୁଟି ଛାତ୍ରୀଛାତ୍ରୀଙ୍କୁ ପ୍ରେରଣା ଦେବା ସହ ବୈଷୟିକ ଶିକ୍ଷା, ସୂଚନା ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଆଗ୍ରହ ସୃଷ୍ଟି କରିବା ପାଇଁ ଉତ୍ସାହ ଯୋଗାଉଛନ୍ତି ବୋଲି ମୁଦୁଲି କହିଥିଲେ। ବିପିୟୁଟି ଛାତ୍ରସଂଘର ପୂର୍ବତନ ସଭାପତି ଶକ୍ତି ପ୍ରସାଦ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକାରିଣୀ ବୈଠକରେ ଇଂ ଜଗମୋହନ ବଳିଆଳସିଂ, ଇଂ ସଂସଦ ନାୟକ, ଆଲୋକ ଜେନା, ରୋଜାଲିନ ନାୟକ, ସୁନିଲ ମହାପାତ୍ର, ଅକ୍ଷୟ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶା ବିପିୟୁଟି ଛାତ୍ରସଂଘ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। କ୍ଷୀତିଶ ଚନ୍ଦ୍ର ବାରିକ ସଭାପତି, ମିଲନ ରାଉତରାୟ କାର୍ଯ୍ୟକାରୀ ସଭାପତି, ସ୍ୱାଗତ କର ସାଧାରଣ ସମ୍ପାଦକ ଏବଂ ରୂପମ ଦାସ ଉପସଭାପତି ଭାବେ ମନୋନୀତ ହୋଇଥିବା ବେଳେ ବିଭିନ୍ନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା।

# ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହେଉନି

**ଖଣି ମାଫିଆଙ୍କ ସହ ତହସିଲଦାରଙ୍କ ସମ୍ପୃକ୍ତି ଘଟଣା**

- ବଦଳିଗଲେ, ତଦନ୍ତ ହେଲାନି
- ଭିଜିଲାନ୍ସ, ପ୍ରଶାସନ ନିକଟରେ ହୋଇଛି ଅଭିଯୋଗ

ଖୋର୍ଦ୍ଧା ଅଫିସ,୨୩।୯:

ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣରେ ମାଫିଆଙ୍କ ସହ ସମ୍ପୃକ୍ତି ନେଇ କାର୍ଯ୍ୟରୁ ନିଲମ୍ବିତ ହୋଇଥିବା ଜଟଣୀ ତହସିଲର ୪ର୍ଥ କର୍ମଚାରୀ ବିଜୟ କୁମାର ଦାସ ତତ୍କାଳୀନ ତହସିଲଦାର ତପନ ମହାପାତ୍ରଙ୍କ ସମ୍ପୃକ୍ତି ଥିବା ନେଇ ଖୋର୍ଦ୍ଧା ଦୁର୍ନୀତି ନିବାରଣ ସଂସ୍ଥା ଏବଂ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତେବେ ପରବର୍ତ୍ତୀ ସମୟରେ ତହସିଲଦାର ଓ ଜିଲାପାଳ ବଦଳିଗଲେ। ତଦନ୍ତ ନାଲି ଫିତା ତଳେ ଚାପିହୋଇ ରହିଗଲା। ଏପରି କି ଭିଜିଲାନ୍ସ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଗଲାନାହିଁ।

ଅଭିଯୋଗରେ ଦର୍ଶାଯାଇଥିଲା ଯେ, ବିଜୟ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ। ଜଟଣୀ ତହସିଲ ଅଫିସରେ ପ୍ରୋଗ୍ରାମ ସର୍ଭର ଭାବେ କାର୍ଯ୍ୟରତ। ଜଟଣୀ ତହସିଲ ଚିଠି କ୍ରମାଙ୍କ ୯୩୦/୧୫.୩.୨୨ ପ୍ରକାରେ ବେଆଇନ ଭାବେ ଖଣିଜ ସମ୍ପଦ ଚୋରା ଚାଲାଣରେ ସମ୍ପୃକ୍ତି ନେଇ ତହସିଲଦାରଙ୍କ ରିପୋର୍ଟ ଉପରେ ତତ୍କାଳୀନ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କ୍ରମାଙ୍କ ୧୪୩୯/୧୬.୩.୨୨ରେ ଜଟଣୀ ତହସିଲରୁ ନିଲମ୍ବିତ କରିଛନ୍ତି। କୌଣସି ଖଣିଖାଦାନ ଚୋରାଚାଲାଣ ମାଫିଆଙ୍କ ସହ ମୋର କୌଣସି ସମ୍ପୃକ୍ତି ନାହିଁ। ଏଠାରେ କାର୍ଯ୍ୟରତ ତହସିଲଦାର ମହାପାତ୍ର ଜଟଣୀ ତହସିଲର ବିଭିନ୍ନ ମୌଜା ଅନ୍ତର୍ଗତ ଖଣି ଅଞ୍ଚଳରେ ଚାଲିଥିବା ବେଆଇନ ଚାଲାଣକାରୀଙ୍କ ସହ ଜଡ଼ିତ ରହିଛନ୍ତି। ସେମାନଙ୍କଠାରୁ ତହସିଲଦାର ମାସିକିଆ ବଟି ନେଉଛନ୍ତି। ମୋତେ କେବଳ ସେମାନଙ୍କଠାରୁ ଟଙ୍କା ଆଦାୟ କରିବା ପାଇଁ ପଠାଇଥାନ୍ତି। ଏହି କେଳେଙ୍କାରୀରେ ତହସିଲ ଏବଂ ଜଟଣୀ ପୌର ପରିଷଦର କେତେଜଣ କର୍ମଚାରୀଙ୍କ ମଧ ସମ୍ପୃକ୍ତି ରହିଛି। ଏତଦ୍ ବ୍ୟତୀତ ତହସିଲରେ ଜମିଜମା ସଂକ୍ରାନ୍ତୀୟ ଅନେକ ମାମଲା ଫଇସଲା ପାଇଁ ମୋ ଜରିଆରେ ଲକ୍ଷାଧିକ ଟଙ୍କା ନେଇଛନ୍ତି। ପଳାସପୁର ମୌଜା ଓଏଲଆର-୮ଏ-କେସ୍ ନଂ.୫୪୮/୨୧, ୫୫୩/୫୫୪/ ୫୫୫/୫୫୬/ ୫୫୨/୨୦୨୧ ବାବଦ କିସମ ଓ ସ୍ୱତ୍ୱ ପରିବର୍ତ୍ତନ କରିବା ନିମନ୍ତେ ୨ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ କରିଛନ୍ତି। ଖଣି ମାଫିଆଙ୍କ ଗାଡ଼ି ଅଟକାଇ ସେମାନଙ୍କଠାରୁ ଅଧିକ ଟଙ୍କା ଆଦାୟ ଲାଗି ଧମକ ଦିଅନ୍ତି। ଏନେଇ ବାରମ୍ବାର ମନା କରିବାରୁ ମୋତେ ଚାକିରିରୁ ନିଲମ୍ବିତ କରିବା ପାଇଁ ଧମକ ଦିଅନ୍ତି। ଏଥିରେ ଅସହଯୋଗ କରିବାରୁ ଜାତିଆଣ ଆପେକ୍ଷ କରିଥିଲେ ବୋଲି ବିଜୟ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଏଥିସହିତ ସେ ଜିଲା ପ୍ରଶାସନର ମଧ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅଭିଯୋଗ ଉପରେ ଉକ୍ତ ସମୟରେ ତତ୍କାଳୀନ ତହସିଲଦାର ତପନ ମହାପାତ୍ର ଏହି ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ବୋଲି କହିଥିଲେ।



ନିରାକାରପୁର: କ୍ଷେତ୍ରବାସୀ ଡିଏଭି ଗ୍ରାମୀଣ ବିଜ୍ଞାନ ମହାବିଦ୍ୟାଳୟର ସ୍ଥାୟୀ ଜମି ପଟ୍ଟା ପାଇଁ ଶୁକ୍ରବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ସ୍ଥାନୀୟ ବାସିନ୍ଦା।

## ମହାବିଦ୍ୟାଳୟର ସ୍ଥାୟୀ ପଟ୍ଟା ପାଇଁ ବୈଠକ

ନିରାକାରପୁର,୨୩।୯(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ସର୍ବ ପୁରାତନ କ୍ଷେତ୍ରବାସୀ ଡିଏଭି ଗ୍ରାମୀଣ ବିଜ୍ଞାନ ମହାବିଦ୍ୟାଳୟ ୪୨ ଏକର ପରଧି ମଧରେ ରହିଥିଲେ ମଧ ବର୍ତ୍ତମାନ ସୁଦ୍ଧା ଉକ୍ତ ସ୍ଥାନ କଲେଜ ନାମରେ ହୋଇ ପାରିନାହିଁ। ଫଳରେ କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇପାରୁ ନାହିଁ। ଏଥିସହ ୟୁଜିସି ଗ୍ରାଣ୍ଟରୁ ଖର୍ଚ୍ଚ ପାଇଁ ଆସୁଥିବା ଅର୍ଥ ଫେରିଯାଉଛି। କଲେଜର ନିଜସ୍ୱ ଜାଗା ନ ଥିବାରୁ ଏହା ସ୍ୱୟଂଶାସିତ ଭାବେ ପରିଗଣିତ ହୋଇପାରିନାହିଁ। ଏନେଇ ଶୁକ୍ରବାର ନିରାକାରପୁର ଆଞ୍ଚଳିକ କମିଟି ପକ୍ଷରୁ ସ୍ଥାନୀୟ ରାମ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ,୫-ଟି ସଚିବ, ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯିବା ଲାଗି ନିଷ୍ପତ୍ତି ହୋଇଛି।

## ଦୀର୍ଘମିଆଦୀ ମତ୍ସ୍ୟଚାଷ ପାଇଁ ଜଳଜୈବ ପରିବେଶ ଜରୁରୀ



ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

**ଦୀର୍ଘମିଆଦୀ ଜଳଜୀବ ପାଳନ ସମ୍ପର୍କିତ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ**

ପିପିଲି,୨୩।୯(ସ୍ୱ.ପ୍ର.)

କେନ୍ଦ୍ରୀୟ ମଧୁରଜଳ ଜୀବପାଳନ ସଂସ୍ଥା(ସିଫା) ଓ ଆସୋସିଏଶନ୍ ଅଫ୍ ଆକ୍ୱାକଲ୍‌ଚରିଷ୍ଟର ମିଳିତ ସହଯୋଗରେ ହିନ୍ଦୀ ଭାଷାରେ ଆତ୍ମନିର୍ଭର ଭାରତ ପାଇଁ ଦୀର୍ଘମିଆଦୀ ଜଳଜୀବ ପାଳନ ସମ୍ପର୍କିତ ଏକ ଜାତୀୟ ସମ୍ମିଳନୀ ଶୁକ୍ରବାର ସିଫା ସମ୍ମିଳନୀ କକ୍ଷରେ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାୟୀ ଜଳଜୀବ ପାଳନ ପ୍ରଣାଳୀ, ମତ୍ସ୍ୟ ପୋଷଣ, ମତ୍ସ୍ୟ ଅନୁବଂଶୀକ ଓ ସୂକ୍ଷ୍ମଜୀବାଣୁ ଏବଂ ଜୀବପ୍ରକ୍ରିୟାର ଔଦ୍ୟୋଗିକ ପ୍ରୟୋଗ, ମତ୍ସ୍ୟ ସ୍ୱାସ୍ଥ୍ୟ ପରିଚାଳନା, ସାମାଜିକ ଅର୍ଥନୈତିକ ଓ ଜୀବିକା ନିର୍ବାହ ବିଷୟବସ୍ତୁ ଉପରେ ଆଲୋଚିତ ହେବାକୁ ଥିବା ଏହି ସମ୍ମିଳନୀ ଦୁଇଦିନ ଧରିଚାଲିବ। ଭାରତୀୟ କୃଷି ଗବେଷଣା ପରିଷଦର ଉପ ମହାନିର୍ଦ୍ଦେଶକ ଡ. ଜେ. କେ. ଜେନା ଏହାକୁ ଉଦ୍‌ଘାଟନ କରି ଭାରତୀୟ ଗ୍ରାମୀଣ ଅର୍ଥନୀତି ଓ କୃଷିକ୍ଷେତ୍ରରେ ମାଛଚାଷର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ମାଛ ଉତ୍ପାଦନ କ୍ଷେତ୍ରରେ ଆଭ୍ୟନ୍ତରୀଣ ମତ୍ସ୍ୟ ଚାଷର ଶତକଡ଼ା ୬୫ଭାଗ ଅବଦାନ ରହିଥିବାରୁ ସମାଜର ସମସ୍ତ ଶ୍ରେଣୀର ଉପଭୋକ୍ତାଙ୍କୁ ଗୁଣାତ୍ମକ ମାଛ ଉତ୍ପାଦନ କରି ଯୋଗାଇଦେବାକୁ ସେ ବୈଜ୍ଞାନିକମାନଙ୍କୁ ଆହ୍ୱାନ କରିଥିଲେ। ଦୀର୍ଘମିଆଦୀ ମତ୍ସ୍ୟଚାଷ ପାଇଁ ଜଳଜୈବ ପରିବେଶ ଓ ସେଥିରେ ବାସ କରୁଥିବା ଜୀବଗୁଡ଼ିକର ସ୍ୱାସ୍ଥ୍ୟକୁ ଠିକ୍ ବଜାୟ ରଖିବା ଉଚିତ ବୋଲି ଡ. ଜେନା କହିଥିଲେ।

ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପି. କେ. ରାଉଳ ମୁଖ୍ୟ ଅତିଥିଭାବେ ଭାବେ ଯୋଗଦେଇ ଗବେଷଣାର ମୂଲ୍ୟ ଓ ଟିମ୍ ସ୍ପିରିଟ ଉପରେ ଗୁରୁତ୍ୱାରୋପ କରିବା ସହିତ ଆକାଂକ୍ଷିତ ଫଳାଫଳ ହାସଲ ପାଇଁ ବିଭିନ୍ନ ସଂଗଠନର ସହଯୋଗ ଓ ବିକାଶମୂଳକ ପଦକ୍ଷେପର ଆବଶ୍ୟକ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥିଭାବେ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ସହ ମହାନିର୍ଦ୍ଦେଶକ ଡ.ବି. ପି. ମହାନ୍ତି ଯୋଗଦେଇ କହିଥିଲେ, ଦେଶରେ ଅଧିକ ଜଳଜୀବ ପାଳନକାରୀଙ୍କ ପାଖରେ ପହଞ୍ଚିବା ପାଇଁ ହିନ୍ଦୀ ଭାଷାରେ ଏକ କୃଷକ ଅନୁକୂଳ ପତ୍ରିକା ପ୍ରକାଶ ପାଇବା ଉଚିତ। ରଙ୍ଗିନ ମାଛଚାଷ କ୍ଷେତ୍ରରେ ଏକ ମେଗା ଗବେଷଣା ଆରମ୍ଭ କରି ଏହାର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ କୋଲକାତାସ୍ଥିତ ସିଫ୍ରିର ନିର୍ଦ୍ଦେଶକ ତଥା ପିଏଫ୍‌ଜିଏଫ୍, ମୁମ୍ବାଇର ଅଧକ୍ଷ ଡ.ବସନ୍ତ କୁମାର ଦାସ ଯୋଗଦେଇ ଆଭ୍ୟରୀଣ ମତ୍ସ୍ୟଜୀବୀଙ୍କ ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ।

## ଅଭିଯୁକ୍ତଙ୍କୁ ୧୦ବର୍ଷ କାରାଦଣ୍ଡ, ଲକ୍ଷେ ଜରିମାନା

**ବ୍ରାଉନସୁଗାର ଜବତ ମାମଲା**

ନିମାପଡ଼ା,୨୩।୯(ଡି.ଏନ୍.ଏ.)

ନିମାପଡ଼ା ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ)ଙ୍କ କୋର୍ଟରେ ଶୁକ୍ରବାର ବ୍ରାଉନସୁଗାର ଜବତ ମାମଲାର ରାୟ ପ୍ରକାଶ ପାଇଛି। ଏଡିଜେ ଲୋକନାଥ ସାହୁ ଏହି ମାମଲାର ବିଚାର କରି ଏନ୍‌ଡିପିଏସ୍ ଦଫା ନଂ. ୨୧(ସି)ରେ ଦୋଷୀ ସାବ୍ୟସ୍ତ କରି ଅଭିଯକ୍ତ ଚନ୍ଦନପୁର ଥାନା ଅଞ୍ଚଳର ତ୍ରିନାଥ ପ୍ରଧାନଙ୍କୁ ୧୦ବର୍ଷ କାରାଦଣ୍ଡ ଓ ୧ ଲକ୍ଷ ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୨ବର୍ଷ ସଶ୍ରମ କାରାଦଣ୍ଡ ପ୍ରଦାନ କରାଯିବ। ଅନ୍ୟପଟେ ଏହି ମାମଲାରେ ସାକ୍ଷ୍ୟ ପ୍ରମାଣ ଅଭାବରୁ କୋର୍ଟ ଚନ୍ଦନପୁର ଅଞ୍ଚଳର ୨ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଦେଇଛନ୍ତି। ରାୟ ପ୍ରକାଶ ବେଳେ କୋର୍ଟରେ ୩ଜଣ ଅଭିଯୁକ୍ତ ହାଜର ହୋଇଥିଲେ। ରାୟ ପ୍ରକାଶ ପରେ ମୁଖ୍ୟ ଅଭିଯୁକ୍ତଙ୍କୁ ଜେଲ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ୨୦୨୦ ନଭେମ୍ବର ୨୪ରେ ୩ ଜଣ ବ୍ରାଉନସୁଗାର କାରବାର କରୁଥିବା ବେଳେ ଅସ୍ତରଙ୍ଗ ଥାନା ପୋଲିସ ସେମାନଙ୍କୁ ଗିରଫ କରିବା ସହ ୨୬୦ଗ୍ରାମ ବ୍ରାଉନସୁଗାର ଜବତ କରି କୋର୍ଟଚାଲାଣ କରିଥିଲେ। ଏ ନେଇ ମାମଲା(ନଂ.୧୪୨/୨୦) ରୁଜୁ ହୋଇଥିଲା। ପରେ ୩ ଅଭିଯୁକ୍ତ ଜାମିନ ପାଇଥିଲେ। ଏହି ମାମଲାର କୋର୍ଟରେ ବିଚାର ଚାଲିଥିବା ବେଳେ କୋର୍ଟର ଟିଆର କେସ ନଂ.୬/୨୧ ଅସ୍ତରଙ୍ଗ ଥାନା କେସ ନଂ.୧୪୨/୨୦ ମାମଲାର ବିଚାର କରି ଏଡିଜେ ଲୋକନାଥ ସାହୁ ରାୟ ଶୁଣାଇଛନ୍ତି। କୋର୍ଟର ଆଡସିନାଲ ପିପି ସୀତାକାନ୍ତ ଦାସ ଏହି ମାମଲା ପରିଚାଳନା କରୁଥିଲେ।

## ଛତୁଆ ମିଶ୍ରଣ ଦିବସ

କୃଷ୍ଣପ୍ରସାଦ,୨୩।୯(ଡି.ଏନ୍.ଏ.):

ଶିଶୁ, ଗର୍ଭବତୀ ଏବଂ ପ୍ରସୂତିଙ୍କୁ ଉଚ୍ଚ ଗୁଣମାନର ଛତୁଆ ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତା ରକ୍ଷା କରିବା ଲକ୍ଷ୍ୟନେଇ ପ୍ରତି ମାସ ୨୩ ତାରିଖରେ ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଛତୁଆ ମିଶ୍ରଣ ଦିବସ ପାଳନ ହେଉଛି। ଏହି ପରିପ୍ରେକ୍ଷୀରେ କୃଷ୍ଣପ୍ରସାଦ ବ୍ଲକର ସିଡିପିଓ ମନୋରମା ଦେବୀଙ୍କ ତତ୍ତ୍ୱାବଧାନରେ ଏହି ଦିବସ ପାଳିତ ହୋଇଯାଇଛି। ମା' ହରଚଣ୍ଡୀ ସ୍ୱୟଂ ସହାୟକ ଗୋଷ୍ଠୀ ସିଆଣ୍ଡି ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ସଙ୍ଗଠନର ସଦସ୍ୟା ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ। ସଂଘ ସଭାନେତ୍ରୀ ପ୍ରଭାସିନୀ ତରେଇ, ସମ୍ପାଦିକା ସବିତା ପଲାଇଙ୍କ ସମେତ ଅନ୍ୟ ସଦସ୍ୟ ଭଜା ଗହମ ଓ ବୁଟ, ବାଦାମ ଏବଂ ଚିନି ନିର୍ଦ୍ଧାରିତ ଅନୁପାତରେ ମିଶ୍ରଣ କରିଥିଲେ। ସେହିପରି ମୋରଡ଼ା ସ୍ଥିତ ମା'ପାଦୁକାଇ ସ୍ୱୟଂ ସହାୟକ ଗୋଷ୍ଠୀର ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ମିଶ୍ରଣ ପର୍ବ ଆୟୋଜନ ହୋଇଥିଲା। ସଭାନେତ୍ରୀ ଅନ୍ନପୂର୍ଣ୍ଣା ଦାସ, ସମ୍ପାଦିକା ଲକ୍ଷ୍ମୀପ୍ରିୟା ମିସ୍ତ୍ରି ମିଶ୍ରଣ କରିଥିଲେ। ବିଡିଓ ମନୋଜ ନାୟକ, ତତ୍ତ୍ୱଦର୍ଶୀ ସେଠୀ, ମାଗୁଣି ପ୍ରଧାନ, ଦୀପ୍ତିରାଣୀ ଦଣ୍ଡପାଟ, ସାବିତ୍ରୀ ପଶ୍ଚିମକବାଟଙ୍କ ଉପସ୍ଥିତ ଥିଲେ।

## ରାଜ୍ୟ ସରକାରଙ୍କୁ ସ୍ପଷ୍ଟୀକରଣ ମାଗିଲେ ହାଇକୋର୍ଟ

**ଓଡ଼ିଶା ଧାର୍ମିକ ସ୍ୱାଧୀନତା ଆଇନକୁ ନେଇ ମାମଲା**



କଟକ ଅଫିସ,୨୩।୯:

ଓଡ଼ିଶା ଧାର୍ମିକ ସ୍ୱାଧୀନତା ଆଇନରେ ଉଲ୍ଲେଖ ଥିବା ଫାଷ୍ଟ କ୍ଲାସ୍ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ସତ୍ୟପାଠ ଦାଖଲ ପ୍ରସଙ୍ଗର ଶୁଣାଣି ହାଇକୋର୍ଟରେ ହୋଇଥିଲା। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ରାଜ୍ୟ ସରକାର ସତ୍ୟପାଠ ମାଧ୍ୟମରେ ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୨ ବା ୨ୟ ସପ୍ତାହ ପୂର୍ବରୁ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି।

ଗୀତା ସେଠୀଙ୍କ ଆବେଦନ ଅନୁସାରେ, କୌଣସି ବ୍ୟକ୍ତି ସ୍ୱଇଚ୍ଛାରେ ଧର୍ମ ପରିବର୍ତ୍ତନ କରିବାକୁ ଚାହିଁଲେ ଓଡ଼ିଶା ଧାର୍ମିକ ସ୍ୱାଧୀନତା ଆଇନ-୧୯୮୯ ଅନୁସାରେ ଫାଷ୍ଟ କ୍ଲାସ୍ ମାଜିଷ୍ଟ୍ରେଟଙ୍କ ନିକଟରେ ସତ୍ୟପାଠ ଦାଖଲ କରିବାକୁ ହେବ। ତଦନୁସାରେ ସେ ନିଜ ଧର୍ମ ପରିବର୍ତ୍ତନ ନିମନ୍ତେ କଟକ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ନିକଟରେ ଆବେଦନ କରିଥିବାବେଳେ ସେ ଫାଷ୍ଟ କ୍ଲାସ୍ ମାଜିଷ୍ଟ୍ରେଟ ନୁହନ୍ତି କହି ଗୀତାଙ୍କ ଆବେଦନକୁ ଫେରାଇ ଦେଇଥିଲେ। ତତ୍‌ପରେ ସେ କଟକ ସଦର ଉପଜିଲାପାଳଙ୍କ କାର୍ଯ୍ୟାଳୟର ସତ୍ୟପାଠ କାର୍ଯ୍ୟରେ ନିୟୋଜିତ ୩ ଜଣ ସହକାରୀ ଜିଲାପାଳଙ୍କୁ ଏ ବାବଦରେ ଜଣାଇଥିଲେ ବି ସେମାନେ ଏହି କାର୍ଯ୍ୟ କରିବା ପାଇଁ ଯୋଗ୍ୟ ନୁହନ୍ତି ବୋଲି କହିଥିଲେ। ଫଳରେ ଗୀତା ଗତ ଅଗଷ୍ଟ ୨୩ରେ ଏନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ଖଣ୍ଡପୀଠ ମାମଲାର ଶୁଣାଣିବେଳେ ଆବେଦନକାରୀ ଏଥିନିମନ୍ତେ କାହାକୁ ଆବେଦନ କରିବେ ତାହା ସ୍ପଷ୍ଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଏହି ମାମଲାରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ସଚିବ, କଟକ ଜିଲାପାଳ, କଟକ ସଦର ଉପଜିଲାପାଳଙ୍କୁ ପକ୍ଷଭୁକ୍ତ କରିଛନ୍ତି।

## ୭.୪୫ ଗ୍ରାମ ବ୍ରାଉନ୍‌ସୁଗାର ଜବତ: ୩ ଗିରଫ

**ଟଙ୍କା, ମୋବାଇଲ, ୨ ବାଇକ୍ ଜବତ**

ପୁରୀ ଅଫିସ, ୨୩।୯

ବ୍ରାଉନ୍ ସୁଗାର କାରବାର ଅଭିଯୋଗରେ ବାସେଲିସାହି ଥାନା ପୋଲିସ ୩ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ସର୍ବୋଦୟ ନଗର ଅଟାକଳ ଲେନ୍‌ର ଚନ୍ଦନ ଦଳେଇ ଓରଫ ବାପି, ରାମଚଣ୍ଡୀ ସାହି ବାଲିଉପର ଅଞ୍ଚଳର ତୋଫାନ ବେହେରା ଓରଫ ଗେଡ଼ା ଏବଂ ଟାଉନ ଥାନା ଅନ୍ତର୍ଗତ ମାର୍କଣ୍ଡେଶ୍ୱର ସାହି ବାଣୁଆ ଗଳିର ରାକେଶ କୁମାର ନାୟକ ଓରଫ ରାଜା। ଏମାନଙ୍କଠାରୁ ୭.୪୫ ଗ୍ରାମ ବ୍ରାଉନ୍ ସୁଗାର, ନଗଦ ୬୨୦ ଟଙ୍କା, ଦୁଇଟି ମୋବାଇଲ ଫୋନ, ଦୁଇଟି ମନିପର୍ସ, ନମ୍ବର ବିହୀନ ଗୋଟିଏ ବାଇକ୍ ଏବଂ ଏକ ସ୍କୁଟି (ନଂ. ଓଡି ୧୩ ଆର୍ ୩୫୪୭) ଜବତ କରାଯାଇଛି। ଏନେଇ ପୋଲିସ ଏକ କେସ୍ (ନଂ. ୨୨୦/୨୨ ରୁଜୁ କରିଛି। ସୂଚନା ଅନୁଯାୟୀ, ଫ୍ଲୋରିସ୍ ଇଣ୍ଡିଆ ବିଲ୍‌ଡିଂରେ ୩ଜଣ ବ୍ୟକ୍ତି ବ୍ରାଉନ ସୁଗାର କାରବାର କରୁଥିବା ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ସେଠାରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରି ଥାନାକୁ ଆଣିଥିଲା।

## ପ୍ରତିଶ୍ରୁତି ପରେ ବି ସରକାରୀ ଯୋଜନାରୁ ବଞ୍ଚିତ

ବୋଲଗଡ଼,୨୩।୯(ଡି.ଏନ୍.ଏ.):

ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ସାହୁ ଗତ ବର୍ଷ ଅକ୍ଟୋବରରେ ବ୍ଲକରେ ହେଉଥିବା ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେତେବେଳେ ଅସହାୟ ଆଦିବାସୀ ପରିବାର ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ରହୁଥିବା ଗଣମାଧ୍ୟମ ପ୍ରତିନିଧିଙ୍କଠାରୁ ଜାଣିବାକୁ ପାଇଥିଲେ। ବିଧାୟକ ସାହୁ ସେଠାକୁ ଯାଇ ସମ୍ପୃକ୍ତ ପରିବାରକୁ ଭେଟି ସମସ୍ୟା ଶୁଣି ଉକ୍ତ ପରିବାରକୁ ସମସ୍ତ ସରକାରୀ ସହଯୋଗ କରିବାକୁ ସରପଞ୍ଚ ଓ ୱାର୍ଡସଭ୍ୟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଘଟଣାକୁ ଏବେ ବର୍ଷେ ପୂରିଛି। ହେଲେ ବିଧାୟକଙ୍କ ନିର୍ଦ୍ଦେଶ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ସୂଚନା ଥାଉକି, ବଡକୁମ୍ଭାରୀ ପଞ୍ଚାୟତ ଅନ୍ତର୍ଗତ ଖଲିକୋଟ ଆଦିବାସୀ ସାହିରେ ସୁରେନ୍ଦ୍ର ନାୟକ(୫୨) ଅସହାୟ ଅବସ୍ଥାରେ ରହୁଛନ୍ତି। ତାଙ୍କର ୨ ବଖରା ଚାଳଛପର ମାଟି ଘର ଥିବାବେଳେ ଉପରେ ଜରିପାଲ ପକାଇ ରୁହନ୍ତି। ରୋଗଣୀ ମା' ସହ କାନକୁ ଶୁଭୁ ନ ଥିବା ସ୍ତ୍ରୀ ପ୍ରମିଳା(୪୬) ଓ ୧୫ ବର୍ଷୀୟା ଝିଅକୁ ନେଇ ତାଙ୍କ ପରିବାର। ସେ ଖଜୁରି ଝାଡୁ ତିଆରି କରି ଚଳନ୍ତି। ହେଲେ ଏବେ ତାହା ହେଉ ନ ଥିବାରୁ ପରିବାର ଚଳିବା କଷ୍ଟକର ହୋଇପଡିଛି। ୨୦୧୫ରୁ ଆରମ୍ଭ ହୋଇଥିବା ସରକାରୀ ଆବାସ ଯୋଜନାରେ ଘର ଖଣ୍ଡିଏ ଏବଂ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ପାଇଁ ବହୁବାର ବ୍ଲକ ଏବଂ ପଞ୍ଚାୟତ କାର୍ଯ୍ୟାଳୟ ଦୌଡିଛନ୍ତି। ହେଲେ ସମସ୍ତ କାର୍ଯ୍ୟ କେବଳ ପ୍ରତିଶ୍ରୁତିରେ ସୀମିତ ହୋଇ ରହିଯାଇଛି। ଏନେଇ ସୁରେନ୍ଦ୍ର ବିଧାୟକଙ୍କୁ ଅଭିଯୋଗ କରିଥିଲେ। ବିଧାୟକ ସାହୁ ଉକ୍ତ ସମୟର ସରପଞ୍ଚଙ୍କ ପ୍ରତିନିଧି ପ୍ରଫୁଲ୍ଲ ପ୍ରଧାନଙ୍କୁ ତୁରନ୍ତ ସରକାରୀ ଯୋଜନାରେ ଘର ଏବଂ ରାଶନ କାର୍ଡ ବ୍ୟବସ୍ଥା କରିବାକୁ କହିଥିଲେ। ହେଲେ ତାଙ୍କ କଥାକୁ ବର୍ଷେ ପୂରିଥିଲେ ମଧ ପାଣିର ଗାର ହୋଇଥିବା ସୁରେନ୍ଦ୍ର କହିଛନ୍ତି। ଏନେଇ ସରପଞ୍ଚ ପ୍ରଧାନଙ୍କୁ ପଚାରିବାରେ, ସୁରେନ୍ଦ୍ର ପାଇଁ ରାଶନକାର୍ଡର ବ୍ୟବସ୍ଥା କରାଯାଇଛି, ମାତ୍ର ଆବାସ ଯୋଜନାରେ ଘର ଯୋଗାଇବା ପାଇଁ ବର୍ତ୍ତମାନ ସରକାରଙ୍କର କୌଣସି ବ୍ୟବସ୍ଥା ନାହିଁ।

## ହବିଷିଆଳିଙ୍କ ପ୍ରତି ଯତ୍ନବାନ ହେବାକୁ ପରାମର୍ଶ



ବୈଠକରେ ଅତିରିକ୍ତ ଜିଲାପାଳ କୈଳାସ ଚନ୍ଦ୍ର ନାୟକ ଏବଂ ଅନ୍ୟ ଅଧିକାରୀମାନେ।

**ପ୍ରସ୍ତୁତି ସମ୍ପର୍କରେ ପ୍ରଶାସନର ସମୀକ୍ଷା**

- ୪ ସ୍ଥାନରେ ରହିବେ ବ୍ରତଧାରୀ
- ପଞ୍ଜୀକରଣ କଲେଣି ୧୨ଶହରୁ ଊର୍ଦ୍ଧ୍ୱ

ପୁରୀ ଅଫିସ,୨୩।୯

ଅକ୍ଟୋବର ୧୦ରୁ ନଭେମ୍ବର ୮ତାରିଖ ପର୍ଯ୍ୟନ୍ତ ପୁରୀରେ ହବିଷିଆଳିମାନଙ୍କର ରାଇଦାମୋଦର ବ୍ରତ ଅନୁଷ୍ଠିତ ହେବ। ହବିଷିଆଳିଙ୍କ ରହିବା, ଦାରୁଦିଅଁଙ୍କୁ ଦର୍ଶନ ସହ ମହାପ୍ରସାଦ ସେବନ କରିବା, ପ୍ରବଚନ ଓ ଆଧାତ୍ମିକ ଆଲୋଚନା ଶୁଣିବା ନେଇ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଶୁକ୍ରବାର ସ୍ୱତନ୍ତ୍ର ସର୍କିଟ ହାଉସ୍‌ରେ ହବିଷିଆଳିଙ୍କ ଆଗମନ, ରହଣି ଓ ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ କୈଳାସ ଚନ୍ଦ୍ର ନାୟକ ଅଧକ୍ଷତା କରି ଏହି ସୂଚନା ଦେବା ସହ ହବିଷିଆଳିମାନଙ୍କର ଯେପରି କୌଣସି ଅସୁବିଧା ବା ସମସ୍ୟା ନ ହୁଏ ସେଥିପ୍ରତି ଯତ୍ନବାନ ହେବାକୁ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଉପଜିଲାପାଳ ଭବତାରଣ ସାହୁ ବୈଠକ ପରିଚାଳନା କରିବା ସହ ହବିଷିଆଳିଙ୍କ ରହଣି ପାଇଁ ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ଅକ୍ଷୟ ପାତ୍ର ଫାଉଣ୍ଡେଶନ ଓ ମୋଚିସାହିସ୍ଥିତ ପୌର କଲ୍ୟାଣ ମଣ୍ଡପର ବ୍ୟବସ୍ଥା ହୋଇଛି ବୋଲି କହିଥିଲେ। ଇତିମଧରେ ପଞ୍ଜୀକରଣ ଆରମ୍ଭ ହୋଇଛି। ଶୁକ୍ରବାର ସୁଦ୍ଧା ୧୨ଶହରୁ ଊର୍ଦ୍ଧ୍ୱ ନାମ ପଞ୍ଜୀକରଣ କଲେଣି। ସ୍ୱାସ୍ଥ୍ୟ, ପରିମଳ, ପାନୀୟଜଳ, ବିଦ୍ୟୁତ୍ ଯୋଗାଣ, ଆଇନଶୃଙ୍ଖଳା, ୨୪ଘଣ୍ଟିଆ ସୁରକ୍ଷା, ଦର୍ଶନ, ଦର୍ଶନ ସମୟରେ ଟ୍ରାଫିକ ନିୟନ୍ତ୍ରଣ, ସ୍ୱେଚ୍ଛାସେବୀ ନିୟୋଜନ ଇତ୍ୟାଦି ସୁନିୟନ୍ତ୍ରିତ କରାଯିବାର ବ୍ୟବସ୍ଥା ହୋଇଛି। ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ଯେଉଁ ଦାୟିତ୍ୱ ନ୍ୟସ୍ତ କରାଯାଇଛି ତାହାକୁ ନିଷ୍ଠାର ସହ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଅତିରିକ୍ତ ଏସ୍‌ପି ମିହିର ପ୍ରସାଦ ପଣ୍ଡା, ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଡେପୁଟି କଲେକ୍ଟର ଜିତେନ୍ଦ୍ର କୁମାର ପାତ୍ର, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରଶ୍ମିରେଖା ଦାସ ଏବଂ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

## ସଂକ୍ଷେପରେ

### ଦାୟିତ୍ୱ ନେଲେ ନୂତନ ସିଟି ଡିଏସ୍‌ପି କେ.କେ. ହରିପ୍ରସାଦ

**ପୁରୀ ଅଫିସ, ୨୩।୯:** ପୁରୀର ନୂତନ ସିଟି ଡିଏସ୍‌ପି ଭାବେ କେ.କେ. ହରିପ୍ରସାଦ



ଶୁକ୍ରବାର କାର୍ଯ୍ୟରେ ଯୋଗଦେଇଛନ୍ତି। ହରିପ୍ରସାଦଙ୍କୁ ପୂର୍ବତନ ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ କାର୍ଯ୍ୟଭାର ହସ୍ତାନ୍ତର କରିଛନ୍ତି। ହରିପ୍ରସାଦ ୨୦୧୫ ବ୍ୟାଚ୍‌ର ଓପିଏସ୍ ଅଫିସର। ସେ ଏହା ପୂର୍ବରୁ ବାରିପଦା ସଦର ଏସ୍‌ଡିପିଓ ଭାବେ କାର୍ଯ୍ୟ କରୁଥିଲେ। ପୁରୀ ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ସହ ଅପରାଧିକ କାର୍ଯ୍ୟକଳାପ ନିୟନ୍ତ୍ରଣ କରିବା ଦିଗରେ କାର୍ଯ୍ୟ କରିବେ ବୋଲି ହରିପ୍ରସାଦ କହିଛନ୍ତି।

### ବିଜେଡି ଜିଲା ଛାତ୍ର ଉପସଭାପତି ଶ୍ରୀନିବାସ ମିଶ୍ର

**ପୁରୀ ଅଫିସ, ୨୩।୯:** ପୁରୀ ଜିଲା ଛାତ୍ର ବିଜେଡି କର୍ମକର୍ତ୍ତା ତାଲିକା ପ୍ରକାଶ ପାଇଛି।



ଜିଲା ଛାତ୍ର ବିଜେଡି ସଭାପତି ରାଜେଶ ରଥ ଏହି ତାଲିକା ପ୍ରକାଶ କରିଛନ୍ତି। ତାଲିକାରେ ୫ ବରିଷ୍ଠ ଉପସଭାପତି, ୧୦ ଉପସଭାପତି, ୨୨ ସାଧାରଣ ସମ୍ପାଦକ, ୨୬ ସମ୍ପାଦକଙ୍କ ସହ ବ୍ଲକସ୍ତରରେ ଓ ମ୍ୟୁନିସିପାଲିଟି ସ୍ତରରେ ସଭାପତି ଚୟନ କରାଯାଇଛି। ପୁରୀ ମାର୍କଣ୍ଡେଶ୍ୱର ସାହି ମିଶ୍ର ସାହିର ଶ୍ରୀନିବାସ ମିଶ୍ରଙ୍କୁ ଉପସଭାପତି ଭାବେ ଚୟନ କରାଯାଇଛି। ସେ ଦଳର ବରିଷ୍ଠ ନେତା ଓ କର୍ମୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଦଳକୁ ଅଧିକ ସୁଦୃଢ଼ କରିବା ଏବଂ ମୁଖ୍ୟମନ୍ତ୍ରୀଙ୍କ ଜନହିତକର କାର୍ଯ୍ୟକୁ ଛାତ୍ରମାନଙ୍କ ନିକଟରେ ପହଞ୍ଚାଇବା ଲାଗି ସେ କାର୍ଯ୍ୟ କରିବେ ବୋଲି ଶ୍ରୀନିବାସ କହିଛନ୍ତି। ଜଣେ ପ୍ରକୃତ ଛାତ୍ର ନେତା ପାଇଁ କଲେଜ ନିର୍ବାଚନ ଏକମାତ୍ର ପ୍ଲାଟଫର୍ମ ନୁହେଁ। ଛାତ୍ରୀଛାତ୍ରଙ୍କ ଲାଗି ସଂଗ୍ରାମ ଜାରି ରଖିବା ଜଣେ ଛାତ୍ର ନେତାର ପ୍ରକୃତ ପରିଚୟ ବୋଲି ଶ୍ରୀନିବାସ କହିଛନ୍ତି।

### ଛତୁଆ ମିଶ୍ରଣ ଦିବସ

**କୃଷ୍ଣପ୍ରସାଦ, ୨୩।୯(ଡି.ଏନ୍.ଏ.):** କୃଷ୍ଣପ୍ରସାଦ ବ୍ଲକର ସିଡିପିଓ ମନୋରମା ଦେବୀଙ୍କ ତତ୍ତ୍ୱାବଧାନରେ ଏହି ଦିବସ ପାଳିତ ହୋଇଯାଇଛି। ମା' ହରଚଣ୍ଡୀ ସ୍ୱୟଂ ସହାୟକ ଗୋଷ୍ଠୀ ସିଆଣ୍ଡି ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ସଙ୍ଗଠନର ମହିଳାମାନେ ଏହି ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ। ସଙ୍ଘ ସଭାନେତ୍ରୀ ପ୍ରଭାସିନୀ ତରେଇ, ସମ୍ପାଦିକା ସବିତା ପଲାଇଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଭଜା ଗହମ ଓ ବୁଟ, ବାଦାମ ଏବଂ ଚିନି ନିର୍ଦ୍ଧାରିତ ଅନୁପାତରେ ମିଶ୍ରଣ କରିଥିଲେ। ସେହିପରି ମୋରଡ଼ା ସ୍ଥିତ ମା'ପାଦୁକାଇ ସ୍ୱୟଂ ସହାୟକ ଗୋଷ୍ଠୀର ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ଏହି ମିଶ୍ରଣ ପର୍ବ ଆୟୋଜନ ହୋଇଥିଲା। ଗୋଷ୍ଠୀର ସଭାନେତ୍ରୀ ଅନ୍ନପୂର୍ଣ୍ଣା ଦାସ, ସମ୍ପାଦିକା ଲକ୍ଷ୍ମୀପ୍ରିୟା ମିଶ୍ର ସ୍ୱଚ୍ଛତା ଓ ସାମାଜିକ ଦୂରତାକୁ ଗୁରୁତ୍ୱ ଦେଇ ମିଶ୍ରଣ କରିଥିଲେ। ବିଡିଓ ମନୋଜ କୁମାର ନାୟକ, କନିଷ୍ଠ ରାଜସ୍ୱ ସହାୟକ ତତ୍ତ୍ୱଦର୍ଶୀ ସେଠୀ, ସୁପରଭାଇଜର ମାଗୁଣି ପ୍ରଧାନ, ଲିନା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଦୀର୍ଘମିଆଦୀ ମତ୍ସ୍ୟଚାଷ ପାଇଁ ଜୈବ ପରିବେଶ ଜରୁରୀ

**ପିପିଲି, ୨୩।୯(ସ୍ୱ.ପ୍ର.)**

କେନ୍ଦ୍ରୀୟ ମଧୁରଜଳ ଜୀବପାଳନ ସଂସ୍ଥା(ସିଫା) ଓ ଆସୋସିଏଶନ୍ ଅଫ୍ ଆକ୍ୱାକଲ୍ଚରିଷ୍ଟର ମିଳିତ ସହଯୋଗରେ ହିନ୍ଦୀ ଭାଷାରେ ଆତ୍ମନିର୍ଭର ଭାରତ ପାଇଁ ଦୀର୍ଘମିଆଦୀ ଜଳଜୀବ ପାଳନ ସମ୍ପର୍କିତ ଏକ ଜାତୀୟ ସମ୍ମିଳନୀ ଶୁକ୍ରବାର ସିଫା ସମ୍ମିଳନୀ କକ୍ଷରେ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାୟୀ ଜଳଜୀବ ପାଳନ ପ୍ରଣାଳୀ, ମତ୍ସ୍ୟ ପୋଷଣ, ମତ୍ସ୍ୟ ଅନୁବଂଶୀକ ଓ ସୂକ୍ଷ୍ମଜୀବାଣୁ ଏବଂ ଜୀବପ୍ରକ୍ରିୟାର ଔଦ୍ୟୋଗିକ ପ୍ରୟୋଗ, ମତ୍ସ୍ୟ ସ୍ୱାସ୍ଥ୍ୟ ପରିଚାଳନା, ସାମାଜିକ ଅର୍ଥନୈତିକ ଓ ଜୀବିକା ନିର୍ବାହ ବିଷୟବସ୍ତୁ ଉପରେ ଆଲୋଚିତ ହେବାକୁ ଥିବା ଏହି ସମ୍ମିଳନୀ ଦୁଇଦିନ ଧରିଚାଲିବ। ଭାରତୀୟ କୃଷି ଗବେଷଣା ପରିଷଦର ଉପ ମହାନିର୍ଦ୍ଦେଶକ ଡ. ଜେ. କେ. ଜେନା ଏହାକୁ ଉଦ୍‌ଘାଟନ କରି ଭାରତୀୟ ଗ୍ରାମୀଣ ଅର୍ଥନୀତି ଓ କୃଷିକ୍ଷେତ୍ରରେ ମାଛଚାଷର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ମାଛ ଉତ୍ପାଦନ କ୍ଷେତ୍ରରେ ଆଭ୍ୟନ୍ତରୀଣ ମତ୍ସ୍ୟ ଚାଷର ଶତକଡ଼ା ୬୫ଭାଗ ଅବଦାନ ରହିଥିବାରୁ ସମାଜର ସମସ୍ତ ଶ୍ରେଣୀର ଉପଭୋକ୍ତାଙ୍କୁ ଗୁଣାତ୍ମକ ମାଛ ଉତ୍ପାଦନ କରି ଯୋଗାଇଦେବାକୁ ସେ ବୈଜ୍ଞାନିକମାନଙ୍କୁ ଆହ୍ୱାନ କରିଥିଲେ। ଦୀର୍ଘମିଆଦୀ



ଜାତୀୟ ସମ୍ମିଳନୀରେ ଭାରତୀୟ କୃଷି ଗବେଷଣା ପରିଷଦର ଉପମହାନିର୍ଦ୍ଦେଶକ ଡ. ଜେ.କେ. ଜେନା, ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପି.କେ. ରାଉଳ ଏବଂ ଅନ୍ୟ ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

## ଦୀର୍ଘମିଆଦୀ ଜଳଜୀବ ପାଳନ ସମ୍ପର୍କିତ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

ମତ୍ସ୍ୟଚାଷ ପାଇଁ ଜଳଜୈବ ପରିବେଶ ଓ ସେଥିରେ ବାସ କରୁଥିବା ଜୀବଗୁଡ଼ିକର ସ୍ୱାସ୍ଥ୍ୟକୁ ଠିକ୍ ବଜାୟ ରଖିବା ଉଚିତ ବୋଲି ଡ. ଜେନା କହିଥିଲେ।

ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପି. କେ. ରାଉଳ ମୁଖ୍ୟ ଅତିଥିଭାବେ ଭାବେ ଯୋଗଦେଇ ଗବେଷଣାର ମୂଲ୍ୟ ଓ ଟିମ୍ ସ୍ପିରିଟ ଉପରେ ଗୁରୁତ୍ୱାରୋପ କରିବା ସହିତ ଆକାଂକ୍ଷିତ ଫଳାଫଳ ହାସଲ ପାଇଁ ବିଭିନ୍ନ ସଂଗଠନର ସହଯୋଗ ଓ ବିକାଶମୂଳକ ପଦକ୍ଷେପର ଆବଶ୍ୟକ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥିଭାବେ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ସହ ମହାନିର୍ଦ୍ଦେଶକ ଡ.ବି. ପି. ମହାନ୍ତି ଯୋଗଦେଇ କହିଥିଲେ, ଦେଶରେ ଅଧିକ ଜଳଜୀବ ପାଳନକାରୀଙ୍କ ପାଖରେ ପହଞ୍ଚିବା ପାଇଁ ହିନ୍ଦୀ ଭାଷାରେ ଏକ କୃଷକ ଅନୁକୂଳ ପତ୍ରିକା ପ୍ରକାଶ ପାଇବା ଉଚିତ। ରଙ୍ଗିନ ମାଛଚାଷ କ୍ଷେତ୍ରରେ ଏକ ମେଗା ଗବେଷଣା ଆରମ୍ଭ କରି ଏହାର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ କୋଲକାତାସ୍ଥିତ ସିଫ୍ରିର ନିର୍ଦ୍ଦେଶକ ତଥା ପିଏଫ୍‌ଜିଏଫ୍, ମୁମ୍ବାଇର ଅଧ୍ୟକ୍ଷ ଡ.ବସନ୍ତ କୁମାର ଦାସ ଯୋଗଦେଇ ଆଭ୍ୟନ୍ତରୀଣ ମତ୍ସ୍ୟଜୀବୀଙ୍କ ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ସିଫା ନିର୍ଦ୍ଦେଶକ ଡ.ସରୋଜ କୁମାର ସ୍ୱାଇଁ କହିଥିଲେ, ମତ୍ସ୍ୟ ସେତୁ ଆପ୍‌କୁ ବ୍ୟବହାରକରି ଅଗଣିତ ଚାଷୀ ଉପକୃତ ହୋଇପାରୁଛନ୍ତି। ଆସୋସିଏଶନ୍ ଅଫ୍ ଆକ୍ୱାକଲ୍ଚରିଷ୍ଟର ସଚିବ ଡ.ଶୈଳେସ ସୌରଭ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହିଅବସରରେ ଏକ ପୁସ୍ତିକା ଉନ୍ମୋଚିତ ହୋଇଥିଲା।

# ସିଆରସିସିଙ୍କୁ ପ୍ରଧାନଶିକ୍ଷକଙ୍କ ହତ୍ୟା ଧମକ

**ଗୋପ, ୨୩।୯ (ଡି.ଏନ୍.ଏ.)**

- ଅଡିଓ ଭାଇରାଲ
- ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଗୋପ ବ୍ଲକ ଅନ୍ତର୍ଗତ ବନ୍ତଳି ଗ୍ରାମ କ୍ଲଷ୍ଟର ସିଆର୍‌ସିସି (ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ) ହାଡ଼ିବନ୍ଧୁ ମଙ୍ଗରାଜଙ୍କୁ କୁଆଁପଡା ପଞ୍ଚାୟତସ୍ଥିତ ଏକ ସ୍ମାର୍ଟସ୍କୁଲର ପ୍ରଧାନଶିକ୍ଷକ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି। ଏହି ସମୟର ଏକ ଅଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହିଘଟଣାକୁ ନେଇ ବ୍ଲକର ପ୍ରାଥମିକ ଶିକ୍ଷକ ସଂଘ ଓ ସିଆର୍‌ସିସି ସଂଘ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ସିଆର୍‌ସିସି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ ଓ ୫-ଟି ସଚିବଙ୍କୁ ଅଭିଯୋଗ ଜଣାଇବା ସହ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରାଯାଇଛି। ପ୍ରକାଶ ଯେ, ଗତ ବୁଧବାର ସିଆର୍‌ସିସି ମଙ୍ଗରାଜ କୌଣସି ସରକାରୀ କାର୍ଯ୍ୟକୁ ନେଇ ଉକ୍ତ ପ୍ରଧାନଶିକ୍ଷକଙ୍କୁ ଫୋନ କରିଥିଲେ। କିନ୍ତୁ ପ୍ରଧାନଶିକ୍ଷକ ହଠାତ୍ ରାଗି ଯାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ପରେ ଏହି ଟେଲିଫୋନ ବାର୍ତ୍ତା ଆଳାପ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏପରି ଖବର ଜଣାପଡ଼ିବା ପରେ ଶୁକ୍ରବାର ଗୋପ ବ୍ଲକ ସିଆରସିସି ସଂଘ ପକ୍ଷରୁ ଏକ ବୈଠକ ଡକାଯାଇ ଆଲୋଚନା କରାଯିବା ପରେ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରାଯାଇଛି। ଏହି ଅଭିଯୋଗ ସମ୍ପର୍କରେ ସିଆରସିସି ସଂଘ ସଭାପତି ରବୀନ୍ଦ୍ରନାଥ ବାହାନିପତିଙ୍କୁ ପଚାରିବାରେ ଉକ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ ଅଭିଯୋଗ କରାଯାଇଛି। ଶନିବାର ଜିଲା ଓ ରାଜ୍ୟ ସଂଘ ପକ୍ଷରୁ ମଧ୍ୟ ଅନୁରୂପ ଅଭିଯୋଗ କରାଯିବ ବୋଲି କହିଛନ୍ତି।

# ରାଜ୍ୟ ସରକାରଙ୍କୁ ସ୍ପଷ୍ଟୀକରଣ ମାଗିଲେ ହାଇକୋର୍ଟ

**କଟକ ଅଫିସ, ୨୩।୯**

## ଓଡ଼ିଶା ଧାର୍ମିକ ସ୍ୱାଧୀନତା ଆଇନକୁ ନେଇ ମାମଲା

ଓଡ଼ିଶା ଧାର୍ମିକ ସ୍ୱାଧୀନତା ଆଇନରେ ଉଲ୍ଲେଖ ଥିବା ଫାଷ୍ଟ କ୍ଲାସ୍ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ସତ୍ୟପାଠ ଦାଖଲ ପ୍ରସଙ୍ଗର ଶୁଣାଣି ହାଇକୋର୍ଟରେ ହୋଇଥିଲା। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ରାଜ୍ୟ ସରକାର ସତ୍ୟପାଠ ମାଧ୍ୟମରେ ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୨ ବା ୨ୟ ସପ୍ତାହ ପୂର୍ବରୁ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି।

ଗୀତା ସେଠୀଙ୍କ ଆବେଦନ ଅନୁସାରେ, କୌଣସି ବ୍ୟକ୍ତି ସ୍ୱଇଚ୍ଛାରେ ଧର୍ମ ପରିବର୍ତ୍ତନ କରିବାକୁ ଚାହିଁଲେ ଓଡ଼ିଶା ଧାର୍ମିକ ସ୍ୱାଧୀନତା ଆଇନ-୧୯୮୯ ଅନୁସାରେ ଫାଷ୍ଟ କ୍ଲାସ୍ ମାଜିଷ୍ଟ୍ରେଟଙ୍କ ନିକଟରେ ସତ୍ୟପାଠ ଦାଖଲ କରିବାକୁ ହେବ। ତଦନୁସାରେ ସେ ନିଜ ଧର୍ମ ପରିବର୍ତ୍ତନ ନିମନ୍ତେ କଟକ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ନିକଟରେ ଆବେଦନ କରିଥିବାବେଳେ ସେ ଫାଷ୍ଟ କ୍ଲାସ୍ ମାଜିଷ୍ଟ୍ରେଟ ନୁହନ୍ତି କହି ଗୀତାଙ୍କ ଆବେଦନକୁ ଫେରାଇ ଦେଇଥିଲେ। ତତ୍‌ପରେ ସେ କଟକ ସଦର ଉପଜିଲାପାଳଙ୍କ କାର୍ଯ୍ୟାଳୟର ସତ୍ୟପାଠ କାର୍ଯ୍ୟରେ ନିୟୋଜିତ ୩ ଜଣ ସହକାରୀ ଜିଲାପାଳଙ୍କୁ ଏ ବାବଦରେ ଜଣାଇଥିଲେ ବି ସେମାନେ ଏହି କାର୍ଯ୍ୟ କରିବା ପାଇଁ ଯୋଗ୍ୟ ନୁହନ୍ତି ବୋଲି କହିଥିଲେ। ଫଳରେ ଗୀତା ଗତ ଅଗଷ୍ଟ ୨୩ରେ ଏନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ଖଣ୍ଡପୀଠ ମାମଲାର ଶୁଣାଣିବେଳେ ଆବେଦନକାରୀ ଏଥିନିମନ୍ତେ କାହାକୁ ଆବେଦନ କରିବେ ତାହା ସ୍ପଷ୍ଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଏହି ମାମଲାରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ସଚିବ, କଟକ ଜିଲାପାଳ, କଟକ ସଦର ଉପଜିଲାପାଳଙ୍କୁ ପକ୍ଷଭୁକ୍ତ କରିଛନ୍ତି।

# ହବିଷିଆଳିଙ୍କ ପ୍ରତି ଯତ୍ନବାନ ହେବାକୁ ପରାମର୍ଶ



ବୈଠକରେ ଅତିରିକ୍ତ ଜିଲାପାଳ କୈଳାସ ଚନ୍ଦ୍ର ନାୟକ ଓ ଅନ୍ୟ ଅଧିକାରୀମାନେ।

**ପୁରୀ ଅଫିସ, ୨୩।୯**

## ପ୍ରସ୍ତୁତି ସମ୍ପର୍କରେ ପ୍ରଶାସନର ସମୀକ୍ଷା

- ୪ ସ୍ଥାନରେ ରହିବେ ବ୍ରତଧାରୀ
- ପଞ୍ଜୀକରଣ କଲେଣି ୧୨ଶହରୁ ଊର୍ଦ୍ଧ୍ୱ

ଅକ୍ଟୋବର ୧୦ରୁ ନଭେମ୍ବର ୮ତାରିଖ ପର୍ଯ୍ୟନ୍ତ ପୁରୀରେ ହବିଷିଆଳିମାନଙ୍କର ରାଇଦାମୋଦର ବ୍ରତ ଅନୁଷ୍ଠିତ ହେବ। ହବିଷିଆଳିଙ୍କ ରହିବା, ଦାରୁଦିଅଁଙ୍କୁ ଦର୍ଶନ ସହ ମହାପ୍ରସାଦ ସେବନ କରିବା, ପ୍ରବଚନ ଓ ଆଧ୍ୟାତ୍ମିକ ଆଲୋଚନା ଶୁଣିବା ନେଇ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଶୁକ୍ରବାର ସ୍ୱତନ୍ତ୍ର ସର୍କିଟ ହାଉସ୍‌ରେ ହବିଷିଆଳିଙ୍କ ଆଗମନ, ରହଣି ଓ ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ କୈଳାସ ଚନ୍ଦ୍ର ନାୟକ ଅଧ୍ୟକ୍ଷତା କରି ଏହି ସୂଚନା ଦେବା ସହ ହବିଷିଆଳିମାନଙ୍କର ଯେପରି କୌଣସି ଅସୁବିଧା ବା ସମସ୍ୟା ନ ହୁଏ ସେଥିପ୍ରତି ଯତ୍ନବାନ ହେବାକୁ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଉପଜିଲାପାଳ ଭବତାରଣ ସାହୁ ବୈଠକ ପରିଚାଳନା କରିବା ସହ ହବିଷିଆଳିଙ୍କ ରହଣି ପାଇଁ ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ଅକ୍ଷୟ ପାତ୍ର ଫାଉଣ୍ଡେଶନ ଓ ମୋଚିସାହିସ୍ଥିତ ପୌର କଲ୍ୟାଣ ମଣ୍ଡପର ବ୍ୟବସ୍ଥା ହୋଇଛି ବୋଲି କହିଥିଲେ।

ଇତିମଧ୍ୟରେ ପଞ୍ଜୀକରଣ ଆରମ୍ଭ ହୋଇଛି। ଶୁକ୍ରବାର ସୁଦ୍ଧା ୧୨ଶହରୁ ଊର୍ଦ୍ଧ୍ୱ ନାମ ପଞ୍ଜୀକରଣ କଲେଣି। ସ୍ୱାସ୍ଥ୍ୟ, ପରିମଳ, ପାନୀୟଜଳ, ବିଦ୍ୟୁତ୍ ଯୋଗାଣ, ଆଇନଶୃଙ୍ଖଳା, ୨୪ଘଣ୍ଟିଆ ସୁରକ୍ଷା, ଦର୍ଶନ, ଦର୍ଶନ ସମୟରେ ଟ୍ରାଫିକ ନିୟନ୍ତ୍ରଣ, ସ୍ୱେଚ୍ଛାସେବୀ ନିୟୋଜନ ଇତ୍ୟାଦି ସୁନିୟନ୍ତ୍ରିତ କରାଯିବାର ବ୍ୟବସ୍ଥା ହୋଇଛି। ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ଯେଉଁ ଦାୟିତ୍ୱ ନ୍ୟସ୍ତ କରାଯାଇଛି ତାହାକୁ ନିଷ୍ଠାର ସହ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଅତିରିକ୍ତ ଏସ୍‌ପି ମିହିର ପ୍ରସାଦ ପଣ୍ଡା, ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଡେପୁଟି କଲେକ୍ଟର ଜିତେନ୍ଦ୍ର କୁମାର ପାତ୍ର, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରଶ୍ମିରେଖା ଦାସ ଏବଂ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

## ମୋ ବସ୍‌ରୁ ଚୋରି କରୁଥିଲେ ବନ୍‌ଜାରା

**୨ ଗିରଫ :୧୫ ମୋବାଇଲ, ସୁନା କାନଫୁଲ, ସାଢ଼େ ୫ ହଜାର ଟଙ୍କା ଜବତ**

**ଭୁବନେଶ୍ୱର, ୨୩।୯ (ବ୍ୟୁରୋ)**

ରାଜଧାନୀରେ ଚଳାଚଳ କରୁଥିବା ମୋ ବସ୍‌ରେ ଚୋରି କରୁଥିଲେ ବନ୍‌ଜାରା। ଭିଡ଼ ଭିତରେ ଆଖି ପିଛୁଳାକେ ଯାତ୍ରୀଙ୍କଠାରୁ ମୋବାଇଲ ଫୋନ୍, ଟଙ୍କା ଆଦି ସାମଗ୍ରୀ ଚୋରି କରିବା ପରେ ସୁଯୋଗ ଦେଖି ଚମ୍ପଟ ମାରୁଥିଲେ। ଶେଷରେ ଏହି ବନ୍‌ଜାରା ଗ୍ୟାଙ୍ଗ୍‌ର ଦୁଇ ମୁଖ୍ୟଙ୍କୁ ଯାଜପୁରରୁ ଗିରଫ କରିଛି ଶହୀଦନଗର ଥାନା ପୋଲିସ। ସେମାନେ ହେଲେ ଯାଜପୁର ଜିଲାରେ ରହୁଥିବା ପଶ୍ଚିମବଙ୍ଗର ସଞ୍ଜୟ ସିଂ ଓ ଯାଜପୁରର ଗଣେଶ ପ୍ରଧାନ। ସେମାନଙ୍କଠାରୁ ବିଭିନ୍ନ କମ୍ପାନୀର ୧୫ ମୋବାଇଲ ଫୋନ, ସୁନା କାନଫୁଲ, ନଗଦ ସାଢ଼େ ୫ ହଜାର ଟଙ୍କା, ୨ ଲାପଟପ୍, ପର୍ସ ଆଦି ଜବତ କରିଛି। ବୁଧବାର ଜଣେ କ୍ୟାନ୍‌ସର ପୀଡିତଙ୍କଠାରୁ ୧୫ହଜାର ଟଙ୍କା ଚୋରି ଓ ଗୁରୁବାର ଦୁଇ ଛାତ୍ରୀଙ୍କ ମୋବାଇଲ୍ ଫୋନ୍ ଚୋରି ଘଟଣାରେ ଏମାନଙ୍କର ସମ୍ପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଛି। ମାମଲା ନଂ.୪୫୧/୨୦୨୨ରେ ଅଭିଯୁକ୍ତଦ୍ୱୟଙ୍କୁ ପୋଲିସ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ରାକେଟରେ ବହୁ ମହିଳା ଓ କେତେଜଣ ଛୋଟପିଲା ସାମିଲ ଥିବା ଡିସିପି ପ୍ରତୀକ ସିଂ କହିଛନ୍ତି।

# ରାସ୍ତା, କଲଭର୍ଟ, ଆପ୍ରୋଚ ରୋଡ୍ ଭିତ୍ତିପ୍ରସ୍ତର ସ୍ଥାପନ

**ନିମାପଡ଼ା, ୨୩।୯ (ଡି.ଏନ୍.ଏ.)**

ନିମାପଡ଼ା ବ୍ଲକ ଅନ୍ତର୍ଗତ ଭିଲିଗ୍ରାମ ପଞ୍ଚାୟତର ସାହୁପଡ଼ା ଗ୍ରାମରେ ଥିବା କାଦୁଆ ନଦୀ ସେତୁର ଉଭୟ ପାର୍ଶ୍ୱରେ ଆପ୍ରୋଚ ରାସ୍ତା ନିର୍ମାଣ, ରାସ୍ତାର ଉଭୟ ପାର୍ଶ୍ୱରେ ସୁରକ୍ଷା ପ୍ରାଚୀର, ସାହୁପଡ଼ା ଗ୍ରାମ ନିକଟରେ ପକ୍କା ରାସ୍ତା ଓ କଲଭର୍ଟ ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଶୁକ୍ରବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଦ୍ୱାରା ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧୯ଲକ୍ଷ ଟଙ୍କା, ଡ୍ରେନେଜ ବିଭାଗ ପକ୍ଷରୁ ୫ ଲକ୍ଷ ଟଙ୍କା ମୋଟରେ ୨୪ ଲକ୍ଷ ଟଙ୍କା ବ୍ୟୟରେ ଏହି ସବୁ କାର୍ଯ୍ୟ କରାଯିବ ବୋଲି ମନ୍ତ୍ରୀ ଦାଶ ସାହୁପଡ଼ା ଗ୍ରାମରେ ଆୟୋଜିତ ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ସରପଞ୍ଚ ଅରବିନ୍ଦ ମଲ୍ଲିକ, ସମିତିସଭ୍ୟା ଧନୀ ମାଝି, ଯୁବନେତା କୈଳାସ ମହାପାତ୍ର, ଗ୍ରାମ୍ୟ ଉନ୍ନୟନ ଓ ଡ୍ରେନେଜ ବିଭାଗର ପଦସ୍ଥ ଅଧିକାରୀମାନେ ଯୋଗଦେଇଥିଲେ। ଏହି ପକ୍କା ରାସ୍ତା ନିର୍ମାଣ ହେଲେ ନିମାପଡ଼ା ବ୍ଲକର ଭିଲିଗ୍ରାମ, ମିଟେଇପୁର, କଳାପାଞ୍ଚଣ ପଞ୍ଚାୟତର ୩୦ଟି ଗ୍ରାମର ଲୋକେ ଯାତାୟାତରେ ଉପକୃତ ହୋଇପାରିବେ। ଏହି ରାସ୍ତା କଟକ ଜିଲା ନିଆଳି ବ୍ଲକକୁ ସଂଯୋଗ କରୁଛି। ଏହି ଅବସରରେ ଶତାଧିକ ମହିଳା ଓ ବିଜେଡି କର୍ମୀ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ବିପନ୍ନଙ୍କ ଜମାଖାତାକୁ ଗଲା ରିଲିଫ୍ ଅର୍ଥ



ବୈଠକରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟମାନେ।

**ଗୋପ, ୨୩।୯(ଡି.ଏନ୍.ଏ.)**

ରାଜ୍ୟ ସରକାର ପ୍ରତ୍ୟେକ ସମୟରେ ଘଟୁଥିବା ବନ୍ୟା, ବାତ୍ୟାକୁ ନେଇ ସଜାଗ ରହିଛନ୍ତି। କିଭଳି ବିପନ୍ନମାନେ ସରକାରୀ ସହାୟତା ରାଶିରୁ ବଞ୍ଚିତ ହେବେ ନାହିଁ ସେଥିପାଇଁ ମଧ୍ୟ ଦୃଷ୍ଟି ରଖିଛନ୍ତି ବୋଲି ଶୁକ୍ରବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଗୋପ ବ୍ଲକ ପରିସରରେ ଚଳିତ ବନ୍ୟା କ୍ଷତିଗ୍ରସ୍ତ ବିପନ୍ନଙ୍କ ଜମା ଖାତାକୁ ରିଲିଫ ଅର୍ଥ ପଠାଇବା ବେଳେ ଏହି କଥା କହିଛନ୍ତି। ପ୍ରକାଶ ଯେ, ଗତ ଅଗଷ୍ଟ ୧୬ରେ ଗୋପ ବ୍ଲକ ବେଦପୁର ପଞ୍ଚାୟତର ଖଣ୍ଡିଆକୁଦ ନିକଟ କୁଶଭଦ୍ରା ନଦୀରେ ଏକ ୩୦ଫୁଟ ଲମ୍ବର ଘାଇ ସୃଷ୍ଟି ହୋଇଥିଲା। ଅନ୍ୟପଟେ ଧନୁଆ ନଦୀ ବନ୍ୟାଜଳରେ ମଧ୍ୟ ଗୋପ ବ୍ଲକର କେତେକ ପଞ୍ଚାୟତର ଗାଁରେ ବନ୍ୟାଜଳ ପଶିଥିଲା। ଫଳରେ ଦୁଇଟି ନଦୀର ବନ୍ୟାଜଳରେ ଗୋପ ବ୍ଲକ ୧୦ଟି ପଞ୍ଚାୟତର ୪୩ ଗାଁର ୨୮,୮୬୯ ଲୋକ ବନ୍ୟାଜଳ ଘେରରେ ରହିଥିଲେ। ମନ୍ତ୍ରୀ ଦାଶଙ୍କ ନିର୍ଦ୍ଦେଶରେ ତୁରନ୍ତ ବିପନ୍ନଙ୍କୁ ଆବଶ୍ୟକତା ଅନୁସାରେ ଖାଦ୍ୟ ଯୋଗାଇ ଦିଆଯାଇଥିଲା। ପରେ ଏହି ବିପନ୍ନଙ୍କୁ ରାଜ୍ୟ ସରକାର ରିଲିଫ ପାଣ୍ଠିରୁ ସହାୟତା ରାଶି ଖୁବ୍‌ଶୀଘ୍ର ଦିଆଯିବ ବୋଲି ମନ୍ତ୍ରୀ ମଧ୍ୟ ସୂଚନା ଦେଇଥିଲେ। ସେହି ଅନୁସାରେ ରିଲିଫ ପାଣ୍ଠିରୁ ଅର୍ଥ ଆସିବା ପରେ ଶୁକ୍ରବାର ମନ୍ତ୍ରୀ ଦାଶ ଜିଲାର ପ୍ରଥମ ବ୍ଲକ ଭାବେ ଗୋପ ବ୍ଲକ ଡଭାର ପଞ୍ଚାୟତର ବିପନ୍ନ ଲକ୍ଷ୍ମୀପ୍ରିୟା ବେହେରା, ଶିବରାମ ସ୍ୱାଇଁ ଓ ଗଣେଶ୍ୱରପୁର ପଞ୍ଚାୟତ ବୃନ୍ଦାବନ ପ୍ରଧାନ, ଭାଗ୍ୟଲକ୍ଷ୍ମୀ ପ୍ରଧାନ, ସରୋଜିନୀ ପରିଡାଙ୍କ ଜମାଖାତାକୁ ରିଲିଫ କୋଡ ଅନୁଯାୟୀ ବ୍ଲକ ପକ୍ଷରୁ ଅର୍ଥ ପଠାଯାଇଛି। ଗୋପ ବ୍ଲକର ଏହି ସବୁ ବନ୍ୟା ବିପନ୍ନ ପରିବାରରେ ଥିବା ବିପନ୍ନମାନଙ୍କୁ ୪ କୋଟି ୧୮ ଲକ୍ଷ ୨୩ ହଜାର ଟଙ୍କା ବଣ୍ଟନ କରାଯିବ ବୋଲି ବ୍ଲକ ପକ୍ଷରୁ ସୂଚନା ମିଳିଛି।

# ଶାସ୍ତ୍ରୀୟ ପରମ୍ପରା ଅନୁଯାୟୀ ହୁଏ ଗୋଷାଣୀ ଯାତ

**ପୁରୀ ଅଫିସ, ୨୩।୯**

## ଶ୍ରୀକ୍ଷେତ୍ରରେ ନିଆରା ପରମ୍ପରା

- ମୂର୍ତ୍ତି ନିର୍ମାଣରେ ମଗ୍ନ କାରିଗର

ପାର୍ବଣ ପାଇଁ ପୁରୀ ସହର ଉତ୍ସବମୁଖର ହୋଇଉଠିଲାଣି। ମୂଳାଷ୍ଟମୀ ବା ଦ୍ୱିତୀୟା ଓଷା ଠାରୁ ସହରର ବିଭିନ୍ନ ପୀଠରେ ଷୋଳପୂଜା ଆରମ୍ଭ ହୋଇଛି। ନୀତି ନିୟମ ଅନୁଯାୟୀ ବିଭିନ୍ନ ଠାକୁରାଣୀଙ୍କ ପୀଠରେ ପୂଜାର୍ଚ୍ଚନା ଚାଲିଛି। ସେହିପରି ବିଭିନ୍ନ ପୂଜାମଣ୍ଡପରେ ଗୋଷାଣୀ ମୂର୍ତ୍ତି ନିର୍ମାଣ ଜାରି ରହିଛି। ଦୁଇବର୍ଷ ପରେ କରୋନା କଟକଣାମୁକ୍ତ ଦୁର୍ଗାପୂଜା ହେବାକୁ ଯାଉଥିବାରୁ ମୂର୍ତ୍ତି କାରିଗର, ପୂଜା କମିଟି କର୍ମକର୍ତ୍ତା ଓ ସହରବାସୀ ଉତ୍ସାହିତ ଅଛନ୍ତି। ଶ୍ରୀକ୍ଷେତ୍ର ଧିରେ ଧିରେ ଚଳଚଞ୍ଚଳ ହୋଇଉଠୁଛି।

ଶାରଦୀୟ ଦୁର୍ଗାପୂଜା ଅବସରରେ ଶ୍ରୀକ୍ଷେତ୍ରରେ ଗୋଷାଣୀ ପୂଜନର ନିଆରା ପରମ୍ପରା ଦେଖିବାକୁ ମିଳିଥାଏ, ଯାହା ଅନ୍ୟ ସ୍ଥାନରେ ପ୍ରାୟତଃ ନାହିଁ। ସପ୍ତମୀ ତିଥିଠାରୁ ଗୋଷାଣୀ ପୂଜନ ଆରମ୍ଭ ହୋଇଥାଏ। ତେଣୁ ପୁରୀର ପ୍ରମୁଖ ସାତସାହିର ବିଭିନ୍ନ ସ୍ଥାନରେ ଗୋଷାଣୀମାନଙ୍କ ବିଶାଳକାୟ ପ୍ରତିମୂର୍ତ୍ତି ନିର୍ମାଣରେ କାରିଗରମାନେ ଲାଗିପଡ଼ିଛନ୍ତି। ସହରର ବିଭିନ୍ନ ସାହି ପୂଜାମଣ୍ଡପରେ ପ୍ରସ୍ତୁତି ଜୋରଦାର ଚାଲିଛି। ହରଚଣ୍ଡୀ ସାହିର ମା' ବାରବାଟୀଙ୍କୁ ବଡ଼ ଉଭଣୀ ବୋଲି ବିବେଚନା କରାଯାଇଥାଏ। ଜହ୍ନିଖାଇ, ଶୂନ୍ୟ ଗୋଷାଣୀ, ତ୍ରିପୁରା ସୁନ୍ଦରୀ,



ମା' ଜହ୍ନିଖାଇ ଠାକୁରାଣୀଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ଚାଲିଛି।

ବନଦୁର୍ଗା, ଭୋଗଜେଗା, ହାଡ଼ବାଇ, ଗେଲବାଇ, ପଣାପ୍ରିୟା, ଚକ୍ରକୋଟଙ୍କ ସହିତ ଅନ୍ୟ ଗୋଷାଣୀମାନେ ବିଭିନ୍ନ ମଣ୍ଡପରେ ପୂଜା ପାଇବା ସହ ଆଶ୍ୱିନ ଏକାଦଶୀ ତିଥିରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ଦେବୀ ସଭାରେ ଏକତ୍ର ହେବାର ପରମ୍ପରା ରହିଛି। ସେହିପରି ରାମାୟଣର ଅଷ୍ଟବୀର ସହ ସମ୍ପାତ୍ତି ଚଢ଼େଇ, ବୀରର ପ୍ରତୀକ ଭାବେ ନାଗା ଉପାସନା, ଶିବ ପାର୍ବତୀ, ହନୁମାନ, କୈଳାସ ସହ ଦଶାନନ ରାବଣଙ୍କ ମାଟି ନିର୍ମିତ ପ୍ରତିମୂର୍ତ୍ତିର ଉପାସନା ମଧ୍ୟ ଦେଖିବାକୁ ମିଳିଥାଏ। ପରମ୍ପରା ଅନୁଯାୟୀ, ଷଠିଓଷାଠାରୁ କିଳାବାଡ଼ିଆ ହୋଇ ପାରମ୍ପରିକ ଶୈଳୀରେ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ ହୁଏ। ପ୍ରଥମେ କିଳାରେ ଛଣ ଓ କତା ବନ୍ଧା ହୁଏ। ପରେ ଏଥିରେ ପତଳା ମାଟି ଲଗାଯାଇ ମାଠ କରାଯାଏ। ପରେ ମାଟି କନା ପକାଯାଏ। ରଙ୍ଗ ଦିଆଯାଇ ତାଙ୍କୁ ପିନ୍ଧାଇ ସଜାଇବା ସହ ବିଭିନ୍ନ ସାଜ ଲଗାଯାଇଥାଏ। ସପ୍ତମୀ ତିଥି ଠାରୁ ମଣ୍ଡପରେ ପୂଜା ଆରମ୍ଭ ହୋଇଥାଏ। ଅନେକ ଗୋଷାଣୀଙ୍କୁ ବନଦୁର୍ଗା ମନ୍ତ୍ରରେ ଏବଂ ଅନେକଙ୍କୁ ଦୁର୍ଗା ମନ୍ତ୍ରରେ ପୂଜା କରାଯାଇଥାଏ। ଏହି ଗୋଷାଣୀ ପୂଜା ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର କହିଛନ୍ତି, ଶାସ୍ତ୍ରୀୟ ପରମ୍ପରା ଅନୁସାରେ ଶ୍ରୀକ୍ଷେତ୍ରରେ ଗୋଷାଣୀ ଯାତ ଅନୁଷ୍ଠିତ ହୋଇଥାଏ। ଶ୍ରୀକ୍ଷେତ୍ରରେ ଯେଉଁ ଦେବୀଙ୍କ ଯାତ୍ରା ଓ ପୂଜା ଆରାଧନା ହୁଏ, ଅନ୍ୟ କେଉଁ ସ୍ଥାନରେ ତାହାକୁ ଗୋଷାଣୀ ବୋଲି କୁହାଯାଏ ନାହିଁ। ଦେବୀଙ୍କୁ ଗୋଷାଣୀ କହିବାର ତାତ୍ପର୍ଯ୍ୟ ରହିଛି। ପୂଜା ପରେ ଦେବୀଙ୍କୁ ବିସର୍ଜନ କରିବା ପରେ ଆଶ୍ୱିନ ଶୁକ୍ଳ ଏକାଦଶୀ ତିଥିରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ହେଉଥିବା ଦେବୀସଭାକୁ ଅଣାଯାଇଥାଏ। ଯେହେତୁ ବିସର୍ଜିତ ହୋଇଯିବା ପରେ ସଭାକୁ ଆସିଥାନ୍ତି ତେଣୁ ଦେବୀମାନଙ୍କୁ ଗୋଷାଣୀ କହିବା ସହ ଗୋଷାଣୀ ଯାତ ବୋଲି କୁହାଯାଇଥାଏ। ପୁରୀର ସାତ ସାହି ୪୨ କନ୍ଦିରୁ ନିୟମ ଓ ବିଧି ଅନୁସାରେ ଆସିଥାଏ। ସାହିର ଜାଗା ଆଖଡ଼ା ଏଥିରେ ସମ୍ପୃକ୍ତ ରହିଥାନ୍ତି। ପୁରୀରେ ଏହି ସମୟରେ ନାଗା ଉପାସନା ଦେଖିବାକୁ ମିଳିଥାଏ। ନାଗା ବୀର ପୁରୁଷତ୍ୱର ପ୍ରତୀକ ହୋଇଥିବାବେଳେ ନାଗାମାନଙ୍କୁ ବନଦୁର୍ଗା ମନ୍ତ୍ରରେ ପୂଜା କରାଯାଇଥାଏ। ନାଗାମାନଙ୍କୁ ମଧ୍ୟ ପୂଜା ପରେ ବିସର୍ଜିତ କରି ସଭାକୁ ଅଣାଯାଇଥାଏ। ଏହି ଶାରଦୀୟ ଦୁର୍ଗାପୂଜାରେ ରାମାୟଣରେ ବର୍ଣ୍ଣିତ ଅଷ୍ଟବରୀଙ୍କ ମୂର୍ତ୍ତି ସମ୍ପାତ୍ତି ଚଢ଼େଇ ଉପରେ ବସି ପୂଜା ପାଇବା ସହ ସଭାକୁ ଆସିଥାନ୍ତି, ଯାହା ମାର୍କଣ୍ଡେଶ୍ୱର ସାହିର ସାତବଖରା ଜାଗା ପକ୍ଷରୁ ପ୍ରସ୍ତୁତ କରାଯାଇଥାଏ। ଏହି ନିଆରା ପରମ୍ପରା ପୁରୀ ବ୍ୟତୀତ ଅନ୍ୟ କେଉଁଠି ଦେଖିବାକୁ ମିଳି ନ ଥାଏ। ରାମାୟଣର ଚିତ୍ର ତଥା ଐତିହ୍ୟକୁ ନେଇ ଉପାସନା ହେବା ପୁରୀରେ ସ୍ୱତନ୍ତ୍ର। ପ୍ରାଚୀନ କାଳରୁ ପରମ୍ପରା ଅନୁଯାୟୀ ଦେବୀଙ୍କୁ ନିର୍ଦ୍ଦିଷ୍ଟ ଫୁଟ, ଉଚ୍ଚତା ଓ ଆଙ୍ଗୁଠି ମାପ ଅନୁଯାୟୀ ନିର୍ମାଣ କରାଯାଇଆସୁଛି। ତେବେ ଏକାଦଶୀ ତିଥିରେ ସାତସାହିର ଗୋଷାଣୀ ମୂର୍ତ୍ତିମାନଙ୍କର ସିଂହଦ୍ୱାର ସମ୍ମୁଖରେ ସଭା ବା ମିଳନ ହେଉଥିବା ବେଳେ ମା' ବିମଳାଙ୍କ ପ୍ରତିନିଧି ଭାବେ ବିବେଚିତ ମା' କାକୁଡ଼ିଖାଇ ଆସି ନ ଥାନ୍ତି। ଦଶମୀ ବା ଦଶହରା ଦିନ ମା' ନଗର ପରିକ୍ରମା କରି ବିସର୍ଜନ ହୋଇଥାନ୍ତି।

## ଅଣୁ, କ୍ଷୁଦ୍ର, ମଧ୍ୟମ ଶିଳ୍ପ ସମ୍ପର୍କିତ ସଚେତନତା ଶିବିର

ସାଲେପୁର (ଡି.ଏନ୍.ଏ.): ସାଲେପୁର ବ୍ଲକ ବାଲିସାହି ପଞ୍ଚାୟତ ମଣ୍ଡପରେ କଟକ ଜିଲା ଶିଳ୍ପ କେନ୍ଦ୍ର ଏବଂ ଓପିଏମ୍‌ଡିସି (ଓଡ଼ିଶା ପ୍ରୋଜେକ୍ଟ ଆଣ୍ଡ ମାର୍କେଟିଂ ଡେଭଲପମେଣ୍ଟ ସେଣ୍ଟର)ର ମିଳିତ ଆନୁକୂଲ୍ୟରେ ଅଣୁ କ୍ଷୁଦ୍ର ମଧ୍ୟମ ଶିଳ୍ପ ପ୍ରତିଷ୍ଠାନ ପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ କଟକ ଜିଲା ଶିଳ୍ପ କେନ୍ଦ୍ର ଡିଆଇସି, ଆଇପିଓ ରଞ୍ଜିତା ମହାନ୍ତି ଅଧକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ପବିତ୍ର କୁମାର ସାମଲ, ଏବିଭିଓ ଡ. ଚିନ୍ମୟ କୁମାର ଭୂୟାଁ, କୃଷି ଅଧିକାରୀ ସୁଧୀର କୁମାର ବେହେରା, ଓପିଏମ୍‌ଡିସିର ନିର୍ଦ୍ଦେଶକ ରବନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।



# ଉତ୍ତ୍ୟକ୍ତ ଲୋକଙ୍କ କଟକ-ଚାନ୍ଦବାଲି ରାସ୍ତା ଅବରୋଧ

### ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

ନିଶ୍ଚିନ୍ତକୋଇଲି, ୨୩ା୯(ସ୍ୱ.ପ୍ର)

କଟକ-ଚାନ୍ଦବାଲି ରାସ୍ତାର ସୁକରପଡା ବଜାରରେ ଶୁକ୍ରବାର ଏକ ସଡ଼କ ଦୁର୍ଘଟଣା ଘଟି ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମାହାଙ୍ଗା ବ୍ଲକ ଗୋଡରା ପଞ୍ଚାୟତ ଅନ୍ତର୍ଗତ ଆପିଲୋ ଗ୍ରାମର ସୁବାସ ଚନ୍ଦ୍ର ପଣ୍ଡାଙ୍କ ପୁଅ ସଞ୍ଜୟ କୁମାର ପଣ୍ଡା(୨୯)। ଏହାକୁ କେନ୍ଦ୍ର କରି ଉତ୍ତ୍ୟକ୍ତ ଲୋକେ ଦୀର୍ଘ ସମୟ ଧରି କଟକ-ଚାନ୍ଦବାଲି ରାସ୍ତା ଅବରୋଧ କରିଥିଲେ। ସଞ୍ଜୟ କେନ୍ଦ୍ରାପଡାସ୍ଥିତ ଏକ ବାଇକ୍ ଶୋ'ରୁମରେ କାର୍ଯ୍ୟ କରନ୍ତି। ପ୍ରତିଦିନ ଭଳି ସେ ସକାଳେ ଏକ ସ୍କୁଟିରେ କେନ୍ଦ୍ରାପଡା ଅଭିମୁଖେ ଯାଉଥିଲେ। ଏହି ସମୟରେ ସୁକରପଡା ବଜାରରୁ କେନ୍ଦ୍ରାପଡା ଅଭିମୁଖେ ଯାଉଥିବା ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସଞ୍ଜୟଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ବିରୋଧ କରି ସ୍ଥାନୀୟ ଲୋକେ ଦୀର୍ଘ ସମୟ ଧରି କଟକ-ଚାନ୍ଦବାଲି ରାସ୍ତା ଅବରୋଧ କରିଥିଲେ। ଖବରପାଇ ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଚିନ୍ମୟୀ ସାହୁ ଓ ନିଶ୍ଚିନ୍ତକୋଇଲି ତହସିଲଦାର ଦିଲୀପ କୁମାର ନାୟକ ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଏଥିସହ ରେଡକ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏସମ୍ପର୍କରେ ସଞ୍ଜୟଙ୍କ ବଡ଼ଭାଇ ସୁନିଲ କୁମାର ପଣ୍ଡା ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ପକ୍ଷରୁ ମାମଲା (ନଂ. ୧୫୭/୨୨) ରୁଜୁ ହୋଇଛି। ମୃତଦେହ ଜବତ କରି ବ୍ୟବଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଯାଇଥିଲା ଏଥିସହ ଦୁର୍ଘଟଣାଗ୍ରସ୍ତ ଟ୍ରକ ଓ ସ୍କୁଟିକୁ ପୋଲିସ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପୈତୃକ ଗ୍ରାମ ଆପିଲୋକୁ ଅଣାଯାଇ ଶୋକାକୂଳ ପରିବେଶରେ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଛି। ସଞ୍ଜୟଙ୍କ ଅକାଳ ବିୟୋଗରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଓ ଗୋଡରା ସରପଞ୍ଚ ରତ୍ନାକର ସାହୁ ପ୍ରମୁଖ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।



ଉତ୍ତ୍ୟକ୍ତ ଲୋକେ କଟକ-ଚାନ୍ଦବାଲି ରାସ୍ତାରେ ବିକ୍ଷୋଭ କରୁଛନ୍ତି।

## ସଂକ୍ଷେପରେ

### ୨ ମୋବାଇଲ ଜବତ, ଯୁବକ ଗିରଫ

କଟକ ଅଫିସ, ୨୩ା୯: ମୋବାଇଲ ଚୋରି ଅଭିଯୋଗରେ ଚାଉଳିଆଗଞ୍ଜ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଚାଉଳିଆଗଞ୍ଜ ମଙ୍ଗଳାସାହିର ଓମ୍ ପ୍ରକାଶ ପୃଷ୍ଟି। ତାଙ୍କଠାରୁ ଦୁଇଟି ମୋବାଇଲ ଓ ୫ ହଜାର ଟଙ୍କା ଜବତ କରାଯାଇଛି। ଏନେଇ ଅଭିଯୋଗ ହେବା ପରେ ଚାଉଳିଆଗଞ୍ଜ ଥାନାରେ ଏକ ମାମଲା(ନଂ.୩୧୨/୨୨) ରୁଜୁ ହୋଇଛି।

### ଉତ୍ତରାଧିକାରୀ ସଂଶୋଧନ ମଞ୍ଚ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର

କଟକ ସଦର, ୨୩ା୯(ଡି.ଏନ୍.ଏ.): କଟକ ସଦର ତହସିଲ ଅନ୍ତର୍ଗତ ୪୨ ମୌଜା ଉତ୍ତରାଧିକାରୀ ସଂଶୋଧନ ମଞ୍ଚ ପକ୍ଷରୁ ତହସିଲଦାର ମାନସ ରଞ୍ଜନ ଭୋଇଙ୍କୁ ଶୁକ୍ରବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ହେର୍‌ଫେର୍ କରି ଉତ୍ତରାଧିକାରୀ ପ୍ରମାଣପତ୍ର ଜାରି କରାଯାଉଛି। ଯେଉଁଥିରେ ଝିଅ, ବିଧବାଙ୍କ ନାମକୁ ବାଦ୍ ଦିଆଯାଉଛି। ପରେ ମୂଲ୍ୟବାନ ଜମି ବିକ୍ରି କରିବାରେ ଚତୁର ଲୋକମାନେ ସମର୍ଥ ହୋଇପାରୁଛନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏହାକୁ ବନ୍ଦ କରିବା ପାଇଁ ତହସିଲଦାରଙ୍କୁ ନିବେଦନ କରାଯାଇଥିଲା। କଟକ ସଦର ତହସିଲ ଅଧୀନରେ ଥିବା ୨୫ଟି ରାଜସ୍ୱ ସର୍କଲରେ ସ୍ୱଚ୍ଛତା ଆଣିବା ପାଇଁ ଉଦ୍ୟମ କରିବି ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଛନ୍ତି। ମଞ୍ଚର ଆବାହକ ବସନ୍ତ କୁମାର ପଣ୍ଡା, ଭଗବତୀ ପତି, ହୃଷୀକେଷ ଦୀକ୍ଷିତ, ସିପୁନା ବାରିକ, ଦିଲ୍ଲୀପ ପାଣିଗ୍ରାହୀ, ଚିନ୍ମୟ ଦାଶ ପ୍ରମୁଖ ତହସିଲଦାରଙ୍କୁ ଭେଟିଥିଲେ।

### ୧୨ ପଞ୍ଚାୟତର ଏମ୍‌ବିକେ, ସିଆର୍‌ପିଙ୍କୁ ନିଯୁକ୍ତିପତ୍ର

ମାହାଙ୍ଗା, ୨୩ା୯(ସ୍ୱ.ପ୍ର.): ମାହାଙ୍ଗା ବ୍ଲକର ୧୨ଟି ପଞ୍ଚାୟତରେ ଜୀବିକା ମିଶନ ପକ୍ଷରୁ ପଞ୍ଚାୟତସ୍ତରୀୟ ମହାସଂଘର ଏମ୍‌ବିକେ ଓ ଶହେ ଜଣ ସିଆର୍‌ପିଙ୍କୁ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ଦ୍ୱାରା ନିଯୁକ୍ତି ପତ୍ର ବଣ୍ଟନ କରାଯାଇଛି। ଏହି ଅବସରରେ କୁଆଁପାଳସ୍ଥିତ ପ୍ରତିଭା ଭବନ ପରିସରରେ ଆୟୋଜିତ ଉତ୍ସବରେ ବିଡିଓ ନିହାର ରଞ୍ଜନ ମଲିକଙ୍କ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ଜେନା ଯୋଗଦେଇ ନୀବନ ସରକାରଙ୍କ ମିଶନ ଶକ୍ତି ଯୋଜନା ଦ୍ୱାରା ମହିଳାମାନେ ଆଶାତିତ ଭାବରେ ସଫଳତା ପାଇ ନିଜେ ସ୍ୱାବଲମ୍ବୀ ହେବା ସହ ସମାଜକୁ ବିକାଶ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ଦୀପା ମଲିକ, ଉପାଧକ୍ଷ ସତ୍ୟନାରାୟଣ ମହାନ୍ତି, ପୂର୍ବତନ ବ୍ଲକ ଅଧକ୍ଷ ରାଜକିଶୋର ଜେନା, ସିଡିପିଓ ପ୍ରମୋଦିନୀ ଦାସ, ଜିଲା ପରିଷଦ ସଭ୍ୟା ସୁସ୍ମିତା ଦାସ, ଜିଲା ପରିଷଦ ସଭ୍ୟା ରିଆଜୁଲ ହୋଦା, ଜଗବନ୍ଧୁ ସେଠୀ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ମହାସଂଘର ସମ୍ପାଦିକା ସସ୍ମିତା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଦକ୍ଷତା ବିକାଶ ସଂଯୋଜିକା ରୋଜାଲିନ ଦାସ, ପିଏ ବିଶ୍ୱନାଥ ସାହୁ, ମିଶନ ଶକ୍ତି ସଂଯୋଜକ ସୁଶାନ୍ତ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

## ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

ସାଲେପୁର, ୨୩ା୯(ଡି.ଏନ୍.ଏ.)

ସାଲେପୁର ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବିଭିନ୍ନ ଅନିୟମିତତା ହୋଇଥିବା ନେଇ ସିପିଆଇ ପକ୍ଷରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ସାଲେପୁର ବ୍ଲକ୍ ପ୍ରଶାସନ ଶ୍ରମିକମାରଣ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଲେବର ଅଫିସରୁ ଆସୁଥିବା କାଗଜପତ୍ରକୁ ଠିକ୍ ସମୟରେ ଉକ୍ତ କାର୍ଯ୍ୟାଳୟକୁ ପଠାଯାଉ ନାହିଁ। ବ୍ଲକ କର୍ମଚାରୀମାନେ ବିଭିନ୍ନ ସମୟରେ ଶ୍ରମିକ ନେତାଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ଏହି କାର୍ଯ୍ୟାଳୟର କୌଣସି କର୍ମଚାରୀ ଠିକ୍ ସମୟରେ କାର୍ଯ୍ୟାଳୟକୁ ଆସୁନାହାନ୍ତି। ବ୍ଲକରେ ବହୁ କାର୍ଯ୍ୟ ଅତି ନିମ୍ନମାନର ହେଉଛି। ପଦ୍ମପୁର ଉର୍ଦ୍ଧ୍ୱବଜାରଠାରୁ ଜାମା ମସଜିଦ ପର୍ଯ୍ୟନ୍ତ ଏକ ରାସ୍ତା ନିର୍ମାଣ କରାଯାଇଛି। ଏଥିରେ ବହୁ ଅର୍ଥ ବ୍ୟୟ ହୋଇଛି। ମାତ୍ର ରାସ୍ତା ନିର୍ମାଣରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସେହିପରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଅନିୟମିତତା ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ସିପିଆଇ ନେତା ଉଦୟକେଶରୀ ବର୍ମା ଅଭିଯୋଗରେ ଦର୍ଶାଇଛନ୍ତି।

# ୬ଜଣଙ୍କୁ ଡକ୍ଟରେଟ, ୨୨ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ




ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ୯ମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇଥିବା ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

### ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ୯ମ ସମାବର୍ତ୍ତନ ଉତ୍ସବ

ବାରଙ୍ଗ, ୨୩ା୯(ଡି.ଏନ୍.ଏ.)

ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ନବମ ସମାବର୍ତ୍ତନ ଉତ୍ସବ ଶୁକ୍ରବାର କ୍ୟାମ୍ପସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ, ସମ୍ମାନିତ ଅତିଥି ଭାବେ ନ୍ୟୁୟର୍କର ସିଟି ୟୁନିଭର ସିଟି ସଭାପତି ଥୋମାସ ସେକେନ ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ପୂଜାରୀ କହିଥିଲେ, ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଏକ ମାଧ୍ୟମ ଯାହା ଓଡ଼ିଶାର ଉଚ୍ଚ ଶିକ୍ଷାକୁ ଆଗକୁ ନେଇ ଯିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ୫୫୦ ସ୍ନାତକୋତ୍ତର, ୬ଡକ୍ଟରେଟ ସହିତ ମୋଟ ୫୫୬ଜଣ ଛାତ୍ର ଚଳିତବର୍ଷ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟକୁ କୃତିତ୍ୱ ଲାଭ କରିଥିଲେ। ଗିରିଜିଆ ଶଙ୍କର ଦାସ, ବରାଦ ପ୍ରସାଦ ପାଣିଗ୍ରାହୀ, ଦେବାଶିଷ ଦାଶ, ପ୍ରୀତିଧାରା ହୋତା, ସଞ୍ଜୟ ପଟ୍ଟନାୟକ, ସଞ୍ଜୟ ପାରିକଙ୍କୁକ ପିଏଚ୍‌ଡି ଉପାଧି ଦିଆଯାଇଛି। ୨୨ଟି ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଏବଂ ବିଶେଷଜ୍ଞତାରେ ସେମାନଙ୍କର ଅତୁଳନୀୟ ଏକାଡେମିକ ପ୍ରଦର୍ଶନ ପାଇଁ ୨୨ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା। ପ୍ରଫେସର ରଜିତା କୁଲକର୍ଣ୍ଣି ସମାବେଶକୁ ସ୍ୱାଗତ କରିଥିଲେ। କୁଳପତି ପ୍ରଫେସର ବି.ଆର ଶର୍ମା ବାର୍ଷିକ ବିବୃତିପାଠ କରିଥିଲେ। ଶେଷରେ କୁଳସଚିବ ପ୍ରଫେସର ସାହୁ ଧନ୍ୟବାଦ ଦେଇଥିଲେ।

# ରାଜ୍ୟ ସରକାରଙ୍କୁ ସ୍ପଷ୍ଟୀକରଣ ମାଗିଲେ ହାଇକୋର୍ଟ

### ଓଡ଼ିଶା ଧାର୍ମିକ ସ୍ୱାଧୀନତା ଆଇନକୁ ନେଇ ମାମଲା

କଟକ ଅଫିସ, ୨୩ା୯

ଓଡ଼ିଶା ଧାର୍ମିକ ସ୍ୱାଧୀନତା ଆଇନରେ ଉଲ୍ଲେଖ ଥିବା ଫାଷ୍ଟ କ୍ଲାସ୍ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ସତ୍ୟପାଠ ଦାଖଲ ପ୍ରସଙ୍ଗରେ ଶୁଣାଣି ହାଇକୋର୍ଟରେ ହୋଇଥିଲା। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ରାଜ୍ୟ ସରକାର ସତ୍ୟପାଠ ମାଧ୍ୟମରେ ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୨ ବା ୨ୟ ସପ୍ତାହ ପୂର୍ବରୁ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି।

ଗୀତା ସେଠୀଙ୍କ ଆବେଦନ ଅନୁସାରେ, କୌଣସି ବ୍ୟକ୍ତି ସ୍ୱଇଚ୍ଛାରେ ଧର୍ମ ପରିବର୍ତ୍ତନ କରିବାକୁ ଚାହିଁଲେ ଓଡ଼ିଶା ଧାର୍ମିକ ସ୍ୱାଧୀନତା ଆଇନ-୧୯୮୯ ଅନୁସାରେ ଫାଷ୍ଟ କ୍ଲାସ୍ ମାଜିଷ୍ଟ୍ରେଟଙ୍କ ନିକଟରେ ସତ୍ୟପାଠ ଦାଖଲ କରିବାକୁ ହେବ। ତଦନୁସାରେ ସେ ନିଜ ଧର୍ମ ପରିବର୍ତ୍ତନ ନିମନ୍ତେ କଟକ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ନିକଟରେ ଆବେଦନ କରିଥିବାବେଳେ ସେ ଫାଷ୍ଟ କ୍ଲାସ୍ ମାଜିଷ୍ଟ୍ରେଟ ନୁହନ୍ତି କହି ଗୀତାଙ୍କ ଆବେଦନକୁ ଫେରାଇ ଦେଇଥିଲେ। ତତ୍ପରେ ସେ କଟକ ସଦର ଉପଜିଲାପାଳଙ୍କ କାର୍ଯ୍ୟାଳୟର ସତ୍ୟପାଠ କାର୍ଯ୍ୟରେ ନିୟୋଜିତ ୩ ଜଣ ସହକାରୀ ଜିଲାପାଳଙ୍କୁ ଏ ବାବଦରେ ଜଣାଇଥିଲେ ବି ସେମାନେ ଏହି କାର୍ଯ୍ୟ କରିବା ପାଇଁ ଯୋଗ୍ୟ ନୁହନ୍ତି ବୋଲି କହିଥିଲେ। ଫଳରେ ଗୀତା ଗତ ଅଗଷ୍ଟ ୨୩ରେ ଏନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ଖଣ୍ଡପୀଠ ମାମଲାର ଶୁଣାଣିବେଳେ ଆବେଦନକାରୀ ଏଥିନିମନ୍ତେ କାହାକୁ ଆବେଦନ କରିବେ ତାହା ସ୍ପଷ୍ଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଏହି ମାମଲାରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ସଚିବ, କଟକ ଜିଲାପାଳ, କଟକ ସଦର ଉପଜିଲାପାଳଙ୍କୁ ପକ୍ଷଭୁକ୍ତ କରିଛନ୍ତି।

## ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ୯ ଛାତ୍ରୀଛାତ୍ର ସାମିଲ

### ଭାରତୀୟ ଛାତ୍ର ସଂସଦର ଅଧିବେଶନ

କଟକ ଅଫିସ, ୨୩ା୯

ଭାରତୀୟ ଛାତ୍ର ସଂସଦର ଦ୍ୱାଦଶତମ ଅଧିବେଶନ ସେପ୍ଟେମ୍ବର ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ପୁଣେର ଏମ୍‌ଆଇଟି ବିଶ୍ୱଶାନ୍ତି ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏମ୍‌ଆଇଟିର ପ୍ରତିଷ୍ଠାତା ତଥା ସଭାପତି ଡ. ବିଶ୍ୱନାଥ କରାଡ ଓ ତାଙ୍କ ପୁତ୍ର ରାହୁଲ କରାଡଙ୍କ ଉଦ୍ୟମରେ ଏହି ଅଧିବେଶନ ଆୟୋଜିତ ହୋଇଥିଲା। ଏଥିରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ୯ ଜଣ ଛାତ୍ରୀଛାତ୍ର ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିଲେ। ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ରୋଜି ମେହେର ଓ ଡ. ମାଳିନୀପ୍ରଭା ସେଠୀଙ୍କ ସହିତ ଛାତ୍ରୀଛାତ୍ରମାନେ ପୁଣେ ଗସ୍ତ କରିଥିଲେ। ଭାରତରୁ ଆବେଦନ କରିଥିବା ୮ ହଜାର ଛାତ୍ରୀଛାତ୍ରଙ୍କ ମଧ୍ୟରୁ ମାତ୍ର ୩୦ ଜଣ ଏଥିପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଏହି ୩ ଦିନ ମଧ୍ୟରେ ୬ଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ୪ର୍ଥ ଅଧିବେଶନର ପଞ୍ଚମ ବକ୍ତା ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଶୁଭ୍ରାଂଶୁ ଦାଶ ଭାରତୀୟ ଚଳଚ୍ଚିତ୍ରର ପରିବର୍ତ୍ତନ ଧାରା ପ୍ରସଙ୍ଗରେ ଭାଷଣ ଦେଇଥିଲେ। ଏହି ଅଧିବେଶନରେ ମହମ୍ମଦ ହରୁନ ରସିଦଙ୍କ ସହ ଓଡ଼ିଶାରୁ ମୁଖ୍ୟବକ୍ତା ଭାବେ ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି, ନିର୍ଦ୍ଦେଶକ ପ୍ରହ୍ଲାଦ କକ୍କର, ପ୍ରଯୋଜକ ରବି ରାୟ ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟର ଆସ୍ଥା ପଣ୍ଡା, ଆକାଂକ୍ଷା ସାହୁ, ଶ୍ରୁତି ଡାୟାଲ, ସ୍ନେହା ସିଂହ, ଇଂଶିରା କରିମ୍, ଗୁନୁ ପରମାଣିକ, ସ୍ୱସ୍ତିକା ସାହୁ, ମହମ୍ମଦ ଇମତେଶଲ୍ କରିମ୍ ଅଧିବେଶନରେ ଭାଗ ନେଇଥିଲେ।

# ମହିଳା ଫୁଟବଲର ସିଲେକ୍ସନ ଟ୍ରାଏଲ

ଖୁଣ୍ଟୁଣୀ, ୨୩ା୯(ଡି.ଏନ୍.ଏ.)

ଓଡ଼ିଶାରେ ମହିଳା ଫୁଟବଲ ଖେଳର ପ୍ରଚାର ଓ ପ୍ରସାର ପାଇଁ ନିତା ଫୁଟବଲ ଏକାଡେମୀ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ୨୦୨୨/୨୩ ବର୍ଷ ପାଇଁ ୧୫ରୁ ୧୭ ବର୍ଷ ବର୍ଗର ଯୁବତୀମାନଙ୍କୁ ସିଲେକ୍ସନ ଟ୍ରାଏଲରେ ଅଂଶଗ୍ରହଣ କରିବାକୁ କୁହାଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୮୦ଜଣ ଯୁବତୀ ଭାଗ ନେଇଛନ୍ତି। ଏହା ବିଡ଼ାନାସୀ ଖେଳପଡ଼ିଆରେ ଖେଳାଯାଉଛି। ଏହି ୮୦ଜଣ ଖେଳାଳିଙ୍କ ମଧ୍ୟରୁ ୩୦ଜଣଙ୍କୁ ଚୟନ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। କଟକ ଜିଲା କ୍ରୀଡ଼ା ସଂସଦର ସୀକୃତିପ୍ରାପ୍ତ ଏହି ଏକାଡେମୀରେ ଖେଳାଳିମାନଙ୍କୁ ଚୟନ ପରେ ଉନ୍ନତଧରଣର ପ୍ରଶିକ୍ଷଣ ପାଇଁ ଆଠଗଡ଼ର ଖୁଣ୍ଟୁଣିସ୍ଥିତ ରାଧାଦାମୋଦରପୁରରେ ଥିବା ଧବଳେଶ୍ୱର ଇନଷ୍ଟିଚ୍ୟୁଟ ଅଫ୍ ପଲିଟେକ୍ନିକ ଖେଳପଡ଼ିଆରେ ଏହାର ପ୍ରଶିକ୍ଷଣ ଦିଆଯିବ। ଚୟନ ପୂର୍ବରୁ ୮୦ଜଣ ଯୁବତୀଙ୍କୁ ନେଇ ଉକ୍ତ ପଡ଼ିଆରେ ପ୍ରଶିକ୍ଷଣ ହେଉଛି। ଏହି ଖେଳାଳିମାନଙ୍କୁ ଏନ୍‌ଆଇଏସ୍ ଏବଂ ସି ଲାଇସେନ୍ସ ପ୍ରାପ୍ତ କୋଚ ସନମୟ ବାସୁ ପ୍ରଶିକ୍ଷଣ ଦେବେ। ଏଠାରେ ପିଲାମାନଙ୍କର ରହିବା, ଖାଇବା ଓ ପାଠ ପଢିବାର ସମସ୍ତ ଖର୍ଚ୍ଚ ନିତା ଏକାଡେମୀ ବହନ କରିବ। ଏଥିପାଇଁ ଏକାଡେମୀର ସଭାପତି ଭକ୍ତ ବଲ୍ଲଭ ଦାସ, ସମ୍ପାଦକ ଅରୁଣ ପରିଜା, ମହମ୍ମଦ ସହିଦ ଜାବର, ଉପସଭାପତି ଦିଲୀପ ସାହୁ, ମାନସ ରଞ୍ଜନ ସାମଲ, ପ୍ରଭାତ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ୮ ବାଇକ୍ ଜବତ, ୩ ଗିରଫ

କଟକ ଅଫିସ, ୨୩ା୯

ବାଇକ୍ ଲୁଟ୍ ଅଭିଯୋଗରେ କ୍ୟାଣ୍ଟନମେଣ୍ଟ ପୋଲିସ ୩ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବଡ଼ମ୍ବା ଥାନା ଅଧୀନ ଭଙ୍ଗାରିକାର ବଟକୃଷ୍ଣ ନାୟକ, କନକପୁରର ପଞ୍ଚାନନ ବେହେରା ଓ ସେକ୍ ବଜାରର ଉମେଶ ବେହେରା। ସେମାନଙ୍କଠାରୁ ୮ଟି ବାଇକ ଜବତ କରାଯାଇଛି। ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ କାଳିଆପଡାର ମାଧବ ଚନ୍ଦ୍ର ସିଂ କ୍ୟାଣ୍ଟନମେଣ୍ଟ ଥାନା ପିଏଚ୍‌ଡି ଅଫିସ ନିକଟରେ ରହୁଥିଲେ। ଅଗଷ୍ଟ ୧୦ ରାତିରେ ତାଙ୍କ ଘର ସମ୍ମୁଖରୁ ଏକ ସ୍କୁଟି ଚୋରି ହୋଇଥିଲା। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ.୧୨୨/୨୨) ରୁଜୁ କରିଥିଲା।

## ଗ୍ରାମାଞ୍ଚଳରେ ଶିକ୍ଷାର ଭିତ୍ତିଭୂମି ଉନ୍ନତ ପାଇଁ ଆହ୍ୱାନ

### ବିଧାୟକଙ୍କ ୫-ଟି ସ୍କୁଲ ପରିଦର୍ଶନ

ରଘୁନାଥପୁର, ୨୩ା୯(ଡି.ଏନ୍.ଏ.)

ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଦୀପାଞ୍ଚଳରେ ତୃତୀୟ ପର୍ଯ୍ୟାୟରେ ୫-ଟିରେ ଅନ୍ତର୍ଭୁକ୍ତ ହୋଇଥିବା ବିଭିନ୍ନ ସ୍କୁଲ ଶୁକ୍ରବାର କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା ପରିଦର୍ଶନ କରିଛନ୍ତି। ଏହି ଅବସରରେ ମହମ୍ମଦପୁର ଏମ୍‌ବି ହାଇସ୍କୁଲରେ ଆଲମନି ସଭାପତି ସରୋଜ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବିଧାୟକ ବେହେରା ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍ଦେଶ୍ୟ ଓ ଆଗାମୀ ରୂପରେଖ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହାଛଡା ଗ୍ରାମାଞ୍ଚଳରେ ଶିକ୍ଷାର ଭିତ୍ତିଭୂମିକୁ ଉନ୍ନତ ସୋପାନରେ ପହଞ୍ଚାଇବା ନିମନ୍ତେ ଆହ୍ୱାନ କରିଥିଲେ। ସରପଞ୍ଚ ପ୍ରତିଭା ବେହେରା, ପରିଚାଳନା କମିଟି ସଭାପତି ଶତ୍ରୁଘ୍ନ ବାରିକ, ପୂର୍ବତନ ବ୍ଲକ ଅଧକ୍ଷ ନରେନ୍ଦ୍ର ବାରିକ, ନାଏବ ସରପଞ୍ଚ ପଞ୍ଚାନନ ସାହୁ, ରଞ୍ଜନ ବେହେରା, କିଶୋର କୁମାର ସାହୁ, ଏସ.କେ. ଜଲାଲଉଦିନ ଓ ଏସ୍.କେ. ସୋଫିଆନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବାବୁଜଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ସରପଞ୍ଚ ମିଳନ ଭୂୟାଁ ଓ ପ୍ରଧାନ ଶିକ୍ଷକ ଦିବାକର ବରାଳ ଓ ମଣିଜଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ସରପଞ୍ଚ ସନ୍ନ୍ୟାସୀ ମହାନ୍ତିଙ୍କ ପରିଚାଳନାରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ପୁରାତନ ଛାତ୍ର, ଅଭିଭାବକ, ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।



ମହମ୍ମଦପୁର ଏମ୍‌ବି ହାଇସ୍କୁଲରେ ବିଧାୟକ ଚନ୍ଦ୍ରସାରଥି ବେହେରା ଓ ଅନ୍ୟମାନେ।

# ଢୁଲି ଡଙ୍ଗା ବ୍ୟାନ, ଲାଇଫ୍ ଜ୍ୟାକେଟ୍ ବାଧ୍ୟତାମୂଳକ

- ଶ୍ରୀଧବଳେଶ୍ୱରଙ୍କର ପ୍ରସିଦ୍ଧ ବଡ଼ଓଷା, ପଞ୍ଚୁକ ପାଇଁ ପ୍ରସ୍ତୁତି ବୈଠକ
- ନଭେମ୍ବର ୬ରେ ବଡ଼ ଓଷା ନୀତି, ୭ରେ ଗଜ, ତରଣ ଭୋଗ

ଆଠଗଡ, ୨୩ା୯(ସ୍ୱ.ପ୍ର.)

କଟକ ଜିଲା, ଆଠଗଡ ଉପଖଣ୍ଡ ପ୍ରଶାସନ ଓ ଦେବୋତ୍ତର ବିଭାଗ ଆନୁକୂଲ୍ୟରେ ଆଠଗଡ ବ୍ଲକ ମଞ୍ଜେଶରସ୍ଥିତ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ତଥା ପର୍ଯ୍ୟଟନସ୍ଥଳ ଶ୍ରୀ ଶ୍ରୀ ଧବଳେଶ୍ୱର ପୀଠରେ ଶ୍ରୀଜୀଉଙ୍କର କାର୍ତ୍ତିକ ମାସ ବଡଓଷା ଓ ପଞ୍ଚୁକ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆଠଗଡ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଢୁଲି ଡଙ୍ଗା ବ୍ୟାନ କରାଯାଇଥିବା ବେଳେ ଡଙ୍ଗାରେ ଯାତ୍ରା କରୁଥିବା ସମସ୍ତ ଯାତ୍ରୀ ଲାଇଫ୍ ଜ୍ୟାକେଟ୍ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଏଥିସହ ନଭେମ୍ବର ୬ତାରିଖରେ ବଡଓଷା ନୀତି ରାତିରେ ହେବା ସହ ୭ ତାରିଖରେ ଗଜ ଓ ତରଣ ଭୋଗ ଠାକୁରଙ୍କ ପାଖରେ ଲାଗି ହେବ। ଏହି ପରିପ୍ରେକ୍ଷୀରେ ରାଜ୍ୟ ପର୍ଯ୍ୟଟନ ବିଭାଗ ଦ୍ୱାରା ଦୀର୍ଘଦିନ ଧରି ନିର୍ମାଣ ହୋଇ ରହିଥିବା ଯାତ୍ରୀ ଅଭ୍ୟର୍ଥନା କେନ୍ଦ୍ରକୁ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସାଇଁ ବୈଠକରେ ଯୋଗଦେବା ଅସରରେ ଉଦ୍‌ଘାଟନ କରିଥିଲେ। ଦୀର୍ଘ ଦୁଇବର୍ଷ ଧରି କରୋନା କଟକଣା ପାଇଁ ପର୍ଯ୍ୟଟକଙ୍କୁ ପୀଠକୁ ବାରଣ କରାଯାଇଥା। ଚଳିତ ବର୍ଷ ଯାତ୍ରାରେ ବହୁ ଜନସମାଗମ ହେବାର ସମ୍ଭାବନା ରହିଛି। ଏହାକୁ ଲକ୍ଷ୍ୟ କରି ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଚଳିତବର୍ଷ କାର୍ତ୍ତିକ ମାସର ପ୍ରତ୍ୟେକ ସୋମବାର ପ୍ରବଳ ଜନସମାଗମ ହେବ। ଏହାକୁ ଆଖିଆଗରେ ରଖି ଆଠଗଡ ପଟୁ ନୂଆପାଟଣ-କଖଡି, ପୁରୁଣା କଟକ-ସମ୍ବଲପୁର ରାସ୍ତା ଆଦିଠାରୁ ଯାନବାହାନ ନିୟନ୍ତ୍ରଣ କରିବା ସହ ଖୁଲା ପୋଲ ଓ ଡଙ୍ଗା ଘାଟ ଆସିଥିବା ଯାତ୍ରୀମାନଙ୍କୁ ଶୃଙ୍ଖଳିତ ଦର୍ଶନ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ବାରକେଟ ବ୍ୟବସ୍ଥା କରାଯିବ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଖୁଲା ପୋଲର ମରାମତି, ଆଲୋକୀକରଣ କାର୍ଯ୍ୟ କରାଯିବ। କଟକ ମହାନଦୀ ଉତ୍ତର ଜଳସେଚନ ବିଭାଜନ, ଦକ୍ଷିଣ ବିଭାଜନ ପକ୍ଷରୁ ଘାଟରେ ଆବଶ୍ୟକ ଜେଟି ନିର୍ମାଣ ହେବ, ପୀଠକୁ ସଂଯୋଗ କରୁଥିବା ରାସ୍ତାଗୁଡିକ ଦୁର୍ଗା ପୂଜା ପୂର୍ବରୁ ସାରିବା ପାଇଁ ନିଷ୍ପତ୍ତି ନିଆଯାଉଛି। ଯାତ୍ରା ସମୟରେ ପୀଠ, କୁଦରେ ସଚ୍ଛତା, ପରିମଳ, ଜଳଯୋଗାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଚଳିତବର୍ଷ ଖୁଲା ପୋଲରେ ଯାତାୟାତ ପାଇଁ ୫ ଟଙ୍କା ଓ ଡଙ୍ଗା ଦେଇ ଯାତାୟାତ ପାଇଁ ୩୦ ଟଙ୍କା ଶୁଳ୍କ ଧାର୍ଯ୍ୟ କରାଯାଇଥିଲା। ନଭେମ୍ବର ୬ ତାଙ୍କର ତାରିଖ ରବିବାର ମଧ୍ୟ ରାତ୍ରିରେ ଅର୍ଥାତ କାର୍ତ୍ତିକ ମାସ ଶୁକ୍ଳପକ୍ଷ ତ୍ରୟୋଦଶୀ ଓ ଚତୁର୍ଦ୍ଦଶୀର ସନ୍ଧିକ୍ଷଣ ବଡ ଓଷା ଓ ଗଜ ଭୋଗ ଲାଗି ନୀତି ସମ୍ପନ୍ନ ହେବ। ୭ ତାରିଖ ସୋମବାର ଗଜ ଭୋଗ ଓ ତରଣ ହେବ। ଯାତ୍ରା ସମୟରେ ପର୍ଯ୍ୟଟନ ବିଭାଗ ଦ୍ୱାରା କରାଯାଇଥିବା ଆଲୋକୀକରଣ ବବ୍ୟସ୍ଥାକୁ ତୁରନ୍ତ ମରାମତି କରାଯିବା ସହିତ ରାତ୍ରିରେ ଡଙ୍ଗା ଚଳ ପ୍ରଚଳ ବନ୍ଦ ରହିବା ଡଙ୍ଗା, ପାୱାର ବୋଟ ଥିବା ଯାତ୍ରୀଙ୍କୁ ଲାଇଫ ଜ୍ୟାକେଟ ବାଧ୍ୟତାମୂଳକ କରାଯାଇଛି। ଢୁଲି ଡଙ୍ଗା ଦେଖାଗଲେ, ଏହାକୁ ଜବତ କରାଯିବା ସହ ମାଲିକ ଓ ଚାଳକଙ୍କୁ ଗିରଫ କରାଯିବ। ପଞ୍ଚୁକ ସମୟରେ ଅଗ୍ନିଶମ ବିଭାଗ, ଓଡ୍ରାଫ, ଏନ୍‌ଡିଆର୍‌ଏଫ୍ ଆଦି ଉପସ୍ଥିତ ରଗଗଗଗଗଗ ରଙ୍ଗ ଆବଶ୍ୟକ ମରାମତି ପାଇଁ ନିକଟସ୍ଥ କାରାଖାନାମାନଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଯାତ୍ରା ସମୟରେ କଟକ ପଟେ କମିଶନରେଟ ପୋଲିସ ଓ ଆଠଗଡ ପଟେ କଟକ ଗ୍ରାମାଞ୍ଚଳ ପୋଲିସ ପକ୍ଷରୁ ଅଧିକ ପୋଲିସ ମୁତୟନ କରାଯିବ। ଉକ୍ତ ବୈଠକରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସାଇଁ ଙ୍କ ସମେତ କଟକ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଆଠଗଡ ତହସିଲଦାର ପ୍ରିୟବ୍ରତ ଦାସ, ଆଠଗଡ ଚିକିତ୍ସା ଅଧିକାରୀ ବିଜୟ କୁମାର ମିଶ୍ର, କଟକ ଗ୍ରାମାଞ୍ଚଳ ଉପ ଆରକ୍ଷୀ ଅଧକ୍ଷକ ପି. ପଟ୍ଟନାୟକ, ସତ୍ୟବ୍ରତ ଲେଙ୍କା, କଟକ ସହକାରୀ କମିଶନରେଟ ପୋଲିସ କୃଷ୍ଣ ଚନ୍ଦ୍ର ସେଠୀପୀଠ ସଂଲଗ୍ନ ୨ଗ୍ରାମ ପଞ୍ଚାୟତ କଖଡି ଓ ମଞ୍ଜେଶ୍ୱର ସରପଞ୍ଚ କଳ୍ପନା ଛତାର ଓ ପ୍ରିୟବ୍ରତ ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ରଂଜନ ଆଚାର୍ଯ୍ୟ, ଜଳସେଚନ, ପୂର୍ତ୍ତ,ଗ୍ରାମ୍ୟ ଉନ୍ନୟନ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ।




ପ୍ରସ୍ତୁତି ବୈଠକରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।